ମନସ୍ୱୀ ବିକ୍ରମ ଦେବ ବର୍ମା

ଜୀବନୀ, ନନ୍ଦପୁର ଇତିହାସ ଓ ସଂସ୍କୃତି

ଶ୍ରୀ ନରାକାର ମଲ୍ଲିକ

Digitized by PPRACHIN, SOA

ମନସ୍ୱୀ ବିକ୍ରମ ଦେବ ବର୍ମା

(ଜୀବନୀ, ନନ୍ଦପୁର ଇତିହାସ ଓ ସଂସ୍କୃତି)

ଶ୍ରୀ ନିରାକାର ମହାଲିକ

Digitized by PPRACHIN, SOA

ମନସ୍ୱୀ ବିକ୍ରମ ଦେବ ବର୍ମା

(ଜୀବନୀ, ନନ୍ଦପୁର ଇତିହାସ ଓ ସଂସ୍କୃତି)

ଲେଖକ :

ଶ୍ରୀ ନିରାକାର ମହାଲିକ

ସ୍ୱତ୍ୱାଧିକାରିଣୀ : ଶ୍ରୀମତୀ ସୁଷମା ମହାଲିକ

ପ୍ରଥମ ପ୍ରକାଶ :

୨୮ । ୬ । ୨୦୦୦, ବିକ୍ରମ ଦେବଙ୍କ ଜନ୍ମଦିବସ

ପ୍ରଚ୍ଛଦ :

ଶ୍ରୀ ଅନୁପ କୁମାର ମହାଲିକ

ପ୍ରକାଶକ :

ଲିଙ୍କନ ପବ୍ଲିକେଶନ ବିଭାଗ

ଏନ୍-୧/୮୨, ନୂଆପଲ୍ଲୀ

ଭୁବନେଶ୍ୱର-୭୫୧ ୦୧୫

ମୁଦ୍ରଣ :

ନବଜୀବନ ପ୍ରେସ, କଟକ-୨

ମୂଲ୍ୟ : ୬୦ ଟଙ୍କା

ବନ୍ଧାଇ ୭୦ ଟଙ୍କା

MANASWI
VIKRAM DEV VARMA
(JIVANI, NANDAPUR
ITIHAS O' SANSKRUTI)

Writer :

SRI NIRAKAR MAHALIK

© Smt. Susama Mahalik

First Published :

28. 6. 2000 Birthday of
Vikram Dev Varma

Cover Design :

Sri Anup Kumar Mahalik

Published by :

Lincon Publication Division
N1/82, Nayapalli
Bhubaneswar-751 015

Printed at :

The Nabajivan Press
Cuttack-2

Price : **Rs. 60-00**

Bound **Rs. 70-00**

Digitized by PPRACHIN, SOA

ମୁଖବନ୍ଧ

ଓଡ଼ିଶାର ରାଜା ମହାରାଜାଙ୍କ ମଧ୍ୟରେ ଯେଉଁ କେତେ ଜଣ ଆଦର୍ଶ ସ୍ଥାନୀୟ କବି, ଭାବୁକ, ସାହିତ୍ୟାନୁରାଗୀ ଥିଲେ ସେମାନଙ୍କ ମଧ୍ୟରେ ବିକ୍ରମ ଦେବ ବର୍ମା ଅନ୍ୟତମ । ପ୍ରାଚୀନ କବିମାନଙ୍କ ମଧ୍ୟରେ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ଅଭିମନ୍ୟୁ ସାମନ୍ତସିଂହାରଙ୍କ ପରେ ସର୍ବଗୁଣ ବିଶାରଦ କବି ସାହିତ୍ୟାନୁରାଗୀ ବାମଣ୍ଡା ରାଜା ଏବଂ ଜୟପୁର ଅଧୀଶ୍ୱର ମହାରାଜା ବିକ୍ରମ ଦେବ ବର୍ମା ହେଉଛନ୍ତି ଉତ୍କଳର ଅନ୍ୟତମ ଉଜ୍ଜ୍ୱଳ ନକ୍ଷତ୍ର ।

ଓଡ଼ିଶାର ଓଡ଼ିଆ ପୁଅ ହିସାବରେ ଯେଉଁ ଦୁଇଜଣ ମହାରାଜା ତାଙ୍କର ସୀମା ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବଢ଼ାଇ ପାରିଥିଲେ, ସେ ହେଲେ ଗଜପତି ରାଜା କପିଳେନ୍ଦ୍ର ଦେବ ଓ ଅନ୍ୟ ଜଣେ ହେଲେ 'ସାହିତ୍ୟ ସମ୍ରାଟ' ଜୟପୁର ଅଧୀଶ୍ୱର ମହାରାଜା ବିକ୍ରମ ଦେବ ବର୍ମା । ଜଣଙ୍କର ସୀମା ଥିଲା ଭୌଗୋଳିକ ଏବଂ ଅନ୍ୟ ଜଣଙ୍କର ସୀମା ଥିଲା ସାରସ୍ୱତ । ବସ୍ତୁତଃ ବିକ୍ରମ ଦେବ ବର୍ମା ଥିଲେ ଉତ୍କଳର ବିକ୍ରମାଦିତ୍ୟ । ତାଙ୍କର ଯଶ, ଗୁଣ, ପ୍ରତିଭା ଚାରିଆଡ଼େ ବିକୀରିତ ହୋଇଥିଲା । ତେଲୁଗୁ ଭାଷାରେ ତାଙ୍କ ରଚିତ ପୁସ୍ତକ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରେ ବହୁବର୍ଷ ପର୍ଯ୍ୟନ୍ତ ଉପାଧ୍ୟୁତ୍ତର ଶ୍ରେଣୀରେ ପାଠ୍ୟ ପୁସ୍ତକ ରୂପେ ଚଳୁଥିଲା । ସେ ଆନ୍ଧ୍ର ବିଶ୍ୱବିଦ୍ୟାଳୟର ପାଠ୍ୟ ପୁସ୍ତକ ସମିତିର ସଭ୍ୟ ଥିଲେ । କେବଳ ଓଡ଼ିଆ, ତେଲୁଗୁ କିମ୍ବା ଇଂରାଜୀ ଭାଷା ନୁହେଁ, ସେ ସଂସ୍କୃତରେ ମଧ୍ୟ ମହାନ୍ ପଣ୍ଡିତ ଥିଲେ । ତାଙ୍କଦ୍ୱାରା ସଂସ୍କୃତରେ ରଚିତ 'ଜୟପୁର ରାଜବଂଶାବଳୀ' ଆନ୍ଧ୍ର ବିଶ୍ୱବିଦ୍ୟାଳୟର ପାଠ୍ୟ ପୁସ୍ତକ ରୂପେ ଗୃହୀତ ହୋଇଥିଲା ।

ବିକ୍ରମ ଦେବଙ୍କର ସାରସ୍ୱତ ଅବଦାନକୁ ଆନ୍ଧ୍ର, ଉତ୍କଳ ଏବଂ ସର୍ବୋପରି ଭାରତୀୟମାନେ କଦାପି ଭୁଲିପାରିବେ ନାହିଁ । ସେ ଆନ୍ଧ୍ର ବିଶ୍ୱବିଦ୍ୟାଳୟକୁ ବାର୍ଷିକ ଏକ ଲକ୍ଷ ଟଙ୍କା ଅନୁଦାନ ଆକାରରେ ଦେଉଥିଲେ । 'ଚିକିତ୍ସା ବିଜ୍ଞାନ' ଶିକ୍ଷା ପାଇଁ କଟକ ମେଡିକାଲ କଲେଜକୁ ଏକ ଲକ୍ଷ ତିରିଶ ହଜାର ଟଙ୍କା ଓ ପୂର୍ଣ୍ଣଚନ୍ଦ୍ର ଭାଷା-କୋଷର ପ୍ରଣୟନ ପାଇଁ ସାହାଯ୍ୟ ଆକାରରେ ଦଶ ହଜାର ଟଙ୍କା ଦାନ କରିଥିଲେ ।

ସେ ଭାରତୀୟ ଜାତୀୟ କଂଗ୍ରେସର ସଭ୍ୟ ଥିଲେ । ବିଶାଖାପାଟଣା ଓଡ଼ିଆ ସମାଜର ପ୍ରତିଷ୍ଠାତା ଓ ଦେଶମିଶ୍ରଣ ଆନ୍ଦୋଳନର ସେ ଜଣେ ପ୍ରଧାନ ଉଦ୍ୟୋକ୍ତା ଥିଲେ । ଖ୍ରୀ ୧୯୧୪ରେ ସେ ଉତ୍କଳ ସମ୍ମିଳନୀର ସଭାପତି ରୂପେ ନିର୍ବାଚିତ ହୋଇଥିଲେ ।

ବିକ୍ରମ ଦେବ ବର୍ମାଙ୍କ ବିଷୟରେ ଉତ୍କଳର ବ୍ୟାସକବି ଫକୀର ମୋହନ ସେନାପତି 'ଉତ୍କଳ ଭ୍ରମଣ'ରେ ଲେଖିଛନ୍ତି—"ଏହିପରି ଜଣେ ଯେବେ ଆଅନ୍ତେ

Digitized by PPRACHIN, SOA

ଉତ୍ତରରେ, ବୁଲୁଥାନ୍ତି ମୁହିଁ ହାତ ପକାଇ ନଗରେ ।" କବିବର ରାଧାନାଥ ରାୟ କହିଛନ୍ତି, "ବିକ୍ରମ ଦେବ ବର୍ମା ଜଣେ ଅଗାଧ ପାଣ୍ଡିତ୍ୟସମ୍ପନ୍ନ ଏବଂ ବିଧିପ୍ରେରିତ ମହାମାନବ । ସେ କେବଳ ଗୁଣୀ ନୁହନ୍ତି; ଗୁଣର ଉପଯୁକ୍ତ ଗ୍ରାହକ । ବାସ୍ତବରେ ସେଭଳି ବିଦ୍ୱାନ୍, ବହୁଶାସ୍ତ୍ରଦର୍ଶୀ ସାରସ୍ୱତ ସାଧକ ବାମଣ୍ଡା ରାଜା ସାର୍ ବାସୁଦେବ ସୁଢଳଦେବଙ୍କ ବ୍ୟତୀତ ସମଗ୍ର ଉତ୍କଳର ସମସାମୟିକ ରାଜନ୍ୟମଣ୍ଡଳୀ ମଧ୍ୟରେ ବିରଳ ।"

ପ୍ରକୃତରେ ବିକ୍ରମ ଦେବ ବର୍ମା ଜୀବନ ମଞ୍ଚର ବହୁ ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି । ଯଥାର୍ଥରେ ସେ ଜଣେ ସଫଳ ଗୃହସ୍ଥ, ମହାନ୍ ଯୋଗୀ, ବହୁଶାସ୍ତ୍ରଦର୍ଶୀ ପଣ୍ଡିତ, ଜିଜ୍ଞାସୁ ଜ୍ୟୋତିର୍ବିଦ, ସଫଳ ନାଟ୍ୟକାର, ଆଶୀର୍ବାଦପ୍ରାପ୍ତ କବି, ବୈଦ୍ୟ-ଶାସ୍ତ୍ର ବିଶାରଦ, ଐତିହାସିକ, ସମାଜ ସଂଗଠକ ଓ ଦେଶପ୍ରେମୀ ଥିଲେ । ଏକାଧାରରେ ଏତେ ଗୁଣର ଅଧିକାରୀ ମଣିଷଟିଏ ଏ ସଂସାରରେ ଦୁର୍ଲଭ ।

ବିକ୍ରମ ଦେବ ବର୍ମାଙ୍କର ବର୍ଣ୍ଣାଢ୍ୟ ବ୍ୟକ୍ତିତ୍ୱ ବିଷୟରେ ଅନେକ ତଥ୍ୟ ପ୍ରଚ୍ଛନ୍ନ ଭାବରେ ରହିଛି । ଏହାକୁ ଉଦ୍‌ଘାଟନ କରିବା ଦାୟିତ୍ୱ ଓ କର୍ତ୍ତବ୍ୟ ଓଡ଼ିଆପ୍ରେମୀ ଏବଂ ଓଡ଼ିଆ ସାହିତ୍ୟର ଗବେଷକମାନଙ୍କ ଉପରେ ନିର୍ଭର କରେ । ମୁଁ ଯେତିକି ତଥ୍ୟ ଏହି ଅଞ୍ଚଳରୁ ଏବଂ ବିଭିନ୍ନ ପୁସ୍ତକରୁ ସଂଗ୍ରହ କରିଛି, ସେ ସବୁ ଏହି କ୍ଷୁଦ୍ର ପୁସ୍ତକର ପରିସର ମଧ୍ୟରେ ସନ୍ନିବେଶିତ ହୋଇଛି । ଏହା ଗୁଣମୁଗ୍ଧ ପାଠକ ଓ ଗବେଷକମାନଙ୍କୁ କିଛି ପରିମାଣରେ ଆକର୍ଷିତ କରିପାରିଲେ ମୋର ଶ୍ରମ ସାର୍ଥକ ହେବ ।

ଏହି ପୁସ୍ତକ ରଚନା କରିବାରେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ନରସିଂହ ମିଶ୍ର, ଉଦୟ ନାରାୟଣ ପାଢ଼ୀ ଓ ଭଗୀରଥ ନେପାକଙ୍କର ପ୍ରେରଣା ଓ ପାଣ୍ଡୁଲିପି ସଂଶୋଧନ ବିଶେଷ ପ୍ରଣିଧାନଯୋଗ୍ୟ ଏବଂ ସେଥିପାଇଁ ସେମାନଙ୍କ ନିକଟରେ ତଥା ସ୍ୱର୍ଗୀୟ ପାଢ଼ୀ ପୁସ୍ତକଟି ଅମୂଲଚୂଳ ସଂଶୋଧନ କରିଥିବାରୁ ତାଙ୍କ ନିକଟରେ କୃତଜ୍ଞ । ଜୟପୁରର ବିଶିଷ୍ଟ ସମାଜସେବୀ ଶ୍ରୀଯୁକ୍ତ ବାହୁବଳେନ୍ଦ୍ର ଜଗନ୍ନାଥ ରାଜୁଙ୍କ ପ୍ରେରଣା ତଥା ବିଭିନ୍ନ ପୁସ୍ତକ, ପାଣ୍ଡୁଲିପି, ଗୁପ୍ତତଥ୍ୟ ଓ ପ୍ରତିଭାଭିତ୍ତିକ ଫଟୋ ଯୋଗାଇ ଦେବାରୁ ବହିଟିର ଗୁଣାତ୍ମକ ମାନ ବିଶେଷଭାବେ ବୃଦ୍ଧି ପାଇଲା; ସେ ସେଥିପାଇଁ ଧନ୍ୟବାଦର ପାତ୍ର ।

ଜୟପୁର, କୋରାପୁଟ
ତା ୨୮ । ୭ । ୨୦୦୦
ବିକ୍ରମ ଦେବ ବର୍ମାଙ୍କ ଜନ୍ମଦିବସ

ନିରାକାର ମହାଲିକ

Digitized by PPRACHIN, SOA

ସୂଚିପତ୍ର

ମୁଖବନ୍ଧ

ପ୍ରଥମ ପରିଚ୍ଛେଦ ୧–୩

ବିକ୍ରମ ଦେବଙ୍କ ବାଲ୍ୟଜୀବନ—ବିକ୍ରମ ଦେବଙ୍କ ଶିକ୍ଷା

ଦ୍ୱିତୀୟ ପରିଚ୍ଛେଦ ୪–୭

'ମାଡ଼ଗୁଲ'ରେ ବିକ୍ରମ ଦେବ ବର୍ମା — ପୋଷ୍ୟପୁତ୍ର ବିକ୍ରମ ଦେବ — ଅଦାଲତ ମାମଲା — ପୁନଶ୍ଚ ମାଡ଼ଗୁଲ — ବିଲାତରେ ମୋକଦ୍ଦମା — ବିକ୍ରମ ଦେବଙ୍କ ବ୍ରତୋପନୟନ ।

ତୃତୀୟ ପରିଚ୍ଛେଦ ୮–୧୧

ବିକ୍ରମ ଦେବଙ୍କର ବିବାହ — ଜୟପୁରରେ ବିକ୍ରମ ଦେବ — ନବରଙ୍ଗପୁର — ବିବାହ — ବିବାହ ପରେ — ବୃତ୍ତିର ଶେଷ ପରିଣତି ।

ଚତୁର୍ଥ ପରିଚ୍ଛେଦ ୧୨–୧୪

ବିକ୍ରମ ଦେବ ବର୍ମାଙ୍କ ପାରିବାରିକ ଜୀବନ — ଜାମାତା ବିଦ୍ୟାଧର ସିଂହଦେବ ।

ପଞ୍ଚମ ପରିଚ୍ଛେଦ ୧୫–୨୯

କବି ବିକ୍ରମ ଦେବ ବର୍ମା — ଓଡ଼ିଆ ଭାଷାର ପ୍ରଥମ ପୁସ୍ତକ — କୌତୁକ ପ୍ରଶ୍ନର କବି ବିକ୍ରମ ଦେବ ବର୍ମା ।

ଷଷ୍ଠ ପରିଚ୍ଛେଦ ୩୦–୩୨

ଭକ୍ତକବି ବିକ୍ରମ ଦେବ ବର୍ମା ।

ସପ୍ତମ ପରିଚ୍ଛେଦ ୩୩–୫୬

ଉତ୍କଳ ସମ୍ମିଳନୀ ଓ ବିକ୍ରମ ଦେବ ବର୍ମା — ଉତ୍କଳ ସମ୍ମିଳନୀ — ପାରଳାଖେମୁଣ୍ଡିରେ ଅଭ୍ୟର୍ଥନା କମିଟି — ଉତ୍କଳ ସମ୍ମିଳନୀର ଦ୍ୱାଦଶ ଅଧିବେଶନ — ସଭାପତିଙ୍କ ଅଭିଭାଷଣ — ଉତ୍କଳ ସମ୍ମିଳନୀର ଦ୍ୱାଦଶ ଅଧିବେଶନ ।

ଅଷ୍ଟମ ପରିଚ୍ଛେଦ ୫୭–୬୩

ଜ୍ୟୋତିର୍ବିଦ ବିକ୍ରମ ଦେବ ବର୍ମା — ଗ୍ରହଣ ।

Digitized by PPRACHIN, SOA

ନବମ ପରିଚ୍ଛେଦ ୬୪-୬୮
ଚନ୍ଦ୍ରକୁ ବିଶାରଦ ବିକ୍ରମ ଦେବ ବର୍ମା ।

ଦଶମ ପରିଚ୍ଛେଦ ୬୯-୭୮
ଧାର୍ମିକ ବିକ୍ରମ ଦେବ ବର୍ମା ।

ଏକାଦଶ ପରିଚ୍ଛେଦ ୭୯-୮୭
ନାଟ୍ୟକାର ବିକ୍ରମ ଦେବ ବର୍ମା — ଗୁଞ୍ଜ ଚରିତ —
ଶ୍ରୀ ଉତ୍କଳ କୁନ୍ଦମାଳା ନାଟକ — ନାଟ୍ୟକଳା ।

ଦ୍ୱାଦଶ ପରିଚ୍ଛେଦ ୮୮-୯୭
ଗଦ୍ୟ ସାହିତ୍ୟରେ ବିକ୍ରମ ଦେବ ବର୍ମା ।

ତ୍ରୟୋଦଶ ପରିଚ୍ଛେଦ ୯୮-୧୦୭
ସାହିତ୍ୟ ସମ୍ରାଟ ବିକ୍ରମ ଦେବ ବର୍ମା — ସାହିତ୍ୟ ସମ୍ରାଟ
ଉପାଧି — ସାହିତ୍ୟର ଧାରା — (୧)ବର୍ତ୍ତମାନ ଗଳ୍ପ
ଲେଖାର ମୂଳ ନାହିଁ — (୨) କଥା କୁସୁମ — (୩) ଦୁଷ୍ଟ
କାବ୍ୟାନୁବାଦ — (୪) ମୋ କବିତା ।

ଚତୁର୍ଦ୍ଦଶ ପରିଚ୍ଛେଦ ୧୦୮-୧୨୭
ବିଶାଖାପଟ୍ଟଣରେ ବିକ୍ରମ ଦେବ ବର୍ମା — ଓଡ଼ିଆ ସମାଜ —
ଅନାହାରୀ ମାଜିଷ୍ଟ୍ରେଟ — ଜବେଦସ୍ତୁ—ଜବହିଂସା ଜବାଶଣୀ
ସଭ — ବଳି ପ୍ରଥା — ଶିକ୍ଷା — ବିଶାଖାପଟ୍ଟଣରେ
ଅନ୍ୟାନ୍ୟ କାର୍ଯ୍ୟକ୍ରମ — ଫିଲିପ୍-ଡଫ୍ କମିଶନ — ସାରଦା
ଆଇନ — ଶ୍ରମ କମିଶନ — ସାଇମନ କମିଶନ —
ବ୍ରିଟିଶ୍ ସରକାରଙ୍କ ଠାରୁ ସମ୍ମାନ ।

ପଞ୍ଚଦଶ ପରିଚ୍ଛେଦ ୧୨୭-୧୪୨
ନନ୍ଦପୁର ରାଜବଂଶ ।

ଷୋଡ଼ଶ ପରିଚ୍ଛେଦ ୧୪୩-୧୫୩
ଜୟପୁର ମହାରାଜା ବିକ୍ରମ ଦେବ ବର୍ମା — ବଂଶାବଳୀ
— ଅଭିଷେକ ଉତ୍ସବ — ରାଜ୍ୟ ଶାସନ — ସାହିତ୍ୟ
— ପୂର୍ଣ୍ଣଚନ୍ଦ୍ର ଭାଷାକୋଷ — ମହାରାଣୀ ।

ସହାୟକ ଗ୍ରନ୍ଥସୂଚୀ ୧୫୪-୧୫୫

Digitized by PPRACHIN, SOA

ଓଁ

ପ୍ରଥମ ପରିଚ୍ଛେଦ

ବିକ୍ରମଦେବଙ୍କ ବାଲ୍ୟଜୀବନ

ସାହିତ୍ୟସମ୍ରାଟ ବିକ୍ରମଦେବ ବର୍ମା ତତ୍କାଳୀନ ଗଞ୍ଜାମ ଜିଲ୍ଲାର ସିକାକୋଲ ପ୍ରଗଣାସ୍ଥ ପର୍ବତଲପେଟା ଗ୍ରାମରେ ପିତା କୃଷ୍ଣଚନ୍ଦ୍ର ଦେବ ଓ ମାତା ରେଖା ଦେବୀଙ୍କ ଗର୍ଭରୁ ୧୮୬୯ ଖ୍ରୀଷ୍ଟାବ୍ଦ ଜୁନ୍‌ମାସ ୨୮ ତାରିଖ ରବିବାର ରାତ୍ରି ୨ ଘଣ୍ଟା ସମୟରେ ଜନ୍ମଗ୍ରହଣ କରିଥିଲେ ।

ପର୍ବତଲପେଟା ଗ୍ରାମଟି ପୁଣ୍ୟତୋୟା ବଂଶଧାରା ନଦୀ କୂଳରେ ଅବସ୍ଥିତ । ଏହା ଗୋଟିଏ ତେଲୁଗୁ ବ୍ରାହ୍ମଣ ଶାସନ । ପ୍ରାଚୀନ କଳିଙ୍ଗ ରାଜ୍ୟର ରାଜଧାନୀ ମୁଖଲିଙ୍ଗମ୍ ନଗର ଏଠାରୁ ପ୍ରାୟ ଛଅ କିଲୋମିଟର ଦୂରରେ ଅବସ୍ଥିତ । ସେଠାରେ ପୁରାତନ ଉତ୍କଳୀୟ ବ୍ରାହ୍ମଣମାନେ ବାସ କରନ୍ତି । ମୁଖଲିଙ୍ଗମ୍‌ରେ ଥିବା ଶିବ ମନ୍ଦିରରେ ପିତା କୃଷ୍ଣଚନ୍ଦ୍ର ଦେବ ପୁତ୍ରଲାଭାର୍ଥେ ତ୍ରିଶାଖାବିଶିଷ୍ଟ ଏକଲକ୍ଷ ବିଲ୍ୱ ପତ୍ରରେ ଚନ୍ଦନ ଦେଇ ଶିବ ପଞ୍ଚାକ୍ଷର ମନ୍ତ୍ର ଲେଖି ଶିବ ଆରାଧନା କରିଥିଲେ ।

ପର୍ବତଲପେଟା ଗୋଟିଏ କ୍ଷୁଦ୍ର ପଲ୍ଲୀ ଗ୍ରାମ । ତେଲୁଗୁ ଭାଷାରେ ପେଟା ଶବ୍ଦ ସାଧାରଣତଃ 'କ୍ଷୁଦ୍ର ପଲ୍ଲୀ' ବା 'ପଡ଼ା' ଅର୍ଥରେ ବ୍ୟବହୃତ ହୁଏ ; ଯଥା— ଖ୍ରୀଷ୍ଟିଆନ ପେଟା, ପ୍ରସାଦ ରାଓ ପେଟା, ମହାରାଣୀ ପେଟା ପ୍ରଭୃତି । ଏହିପରି ସ୍ଥାନମାନ ଜୟପୁର ଅଞ୍ଚଳରେ ଦେଖାଯାଏ । ସେହିପରି ସିକାକୋଲ ପ୍ରଗଣା ପୂର୍ବେ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ଥିଲା । ଏହା ନାଗାବଳୀ ନଦୀ ତୀରରେ ସିକାକୋଲ ନାମକ ପତ୍ତନ (ପାଟଣା) । ଗଞ୍ଜାମ, ବିଶାଖପାଟଣା, ଗୋଦାବରୀ ଏବଂ କୃଷ୍ଣା ଏହି ଚାରୋଟି ଜିଲ୍ଲା "ଉତ୍ତର ସର୍କାର" ନାମରେ ହାଇଦରାବାଦ୍ ବା ଆଧୁନିକ ହାଇଦ୍ରାବାଦ ନିଜାମଙ୍କ ଶାସନାଧୀନ ଥିଲା । ନିଜାମଙ୍କ ପ୍ରତିନିଧିରୂପେ ଜଣେ ନବାବ ସିକାକୋଲରେ ରହି ଶାସନ କରୁଥିଲେ । ହାଇଦ୍ରାବାଦରୁ ଜଉ ମୁଦରେ ମୁଦ୍ରିତ ହୋଇ ପଠାଯାଉଥିବା ଲଫାପା ଏବଂ ଟଙ୍କା ମୁଣି ସିକାକୋଲରେ ଖୋଲା ଯାଉଥିବାରୁ ଏବଂ ମୁଦ୍ରାକୁ ଉର୍ଦ୍ଦୁରେ 'ସିକ୍କା' କହୁଥିବାରୁ ଯବନମାନେ ଉକ୍ତ ପତ୍ତନକୁ 'ସିକ୍କା ଖୋଲ' ନାମ ଦେଇଥିଲେ । 'ସିକ୍କା ଖୋଲ' କାଳକ୍ରମେ 'ସିକାକୋଲ' ହୋଇଥିବା ସାହିତ୍ୟ ସମ୍ରାଟ ବିକ୍ରମଦେବ ବର୍ମା ନିଜେ ଦର୍ଶାଇଛନ୍ତି । ସିକାକୋଲ ଅପଭ୍ରଂଶ ହୋଇ ସିକାକୋଲ ନାମ ଧାରଣ କରିଛି ।*

---

* ଶ୍ରୀ ବିକ୍ରମଦେବ ରଚନାବଳୀ

Digitized by PPRACHIN, SOA

ଏହି ପର୍ବତଲପେଟା ଗ୍ରାମରେ ଶିଶୁ ବିକ୍ରମଦେବ ବର୍ମା ଦ୍ୱାଦଶବର୍ଷ ବୟସପର ହେବା ପର୍ଯ୍ୟନ୍ତ ଅନ୍ୟାନ୍ୟ ବ୍ରାହ୍ମଣ ଶିଶୁମାନଙ୍କ ସଙ୍ଗେ ଖେଳ କୌତୁକରେ ସମସ୍ତ କଟାଇଲେ । ତାପରେ ତାଙ୍କ ପିତା କୃଷ୍ଣଚନ୍ଦ୍ର ଦେବ ପର୍ବତଲପେଟା ପରିତ୍ୟାଗ କରି ବଂଶଧାରା ନଦୀର ଅପର ପାର୍ଶ୍ୱରେ ଅବସ୍ଥିତ 'ନଗରୀ କଟକ'ରେ ଅବସ୍ଥାନ କଲେ । ନଗରୀ କଟକ ହେଉଛି ପ୍ରାଚୀନ କଳିଙ୍ଗ ନଗର ଗଙ୍ଗବଂଶର ପ୍ରାଚୀନ ରାଜଧାନୀ । * ସେତେବେଳେ ସେ ଅଞ୍ଚଳରେ କୌଣସି ଇଂରାଜୀ ସ୍କୁଲ ନଥିଲା । କେବଳ ଏକମାତ୍ର ନିମ୍ନ ଏଲିମେଣ୍ଟାରୀ ତେଲୁଗୁ ସ୍କୁଲଟିଏ ସେହି ଗ୍ରାମରେ ଥିଲା । ସେଠାରେ ବିକ୍ରମଦେବ ଶିକ୍ଷକ ବୃଚିରାଜୁଙ୍କ ଠାରୁ ତେଲୁଗୁ ଶିକ୍ଷା କରିଥିଲେ; ହେଲେ ଓଡ଼ିଆ ଘରର ପୁଅ ଓଡ଼ିଆ ପଢ଼ିପାରିଲେ ନାହିଁ । ସେତେବେଳେ ଓଡ଼ିଆ ସ୍କୁଲ ସେଠାରେ ନ ଥିଲା । ତାଙ୍କର ପିତାମାତାଙ୍କ ଠାରୁ ଓଡ଼ିଆରେ ପ୍ରାଥମିକ ଶିକ୍ଷା ଲାଭ କରିଥିଲେ ।

ବିକ୍ରମଦେବଙ୍କ ଶିକ୍ଷା :

ଓଡ଼ିଆ ଶିକ୍ଷା ପାଇଁ ନିଜ ଘରେ ପିତାମାତାଙ୍କ ଠାରୁ ଶିକ୍ଷା ଗ୍ରହଣ କଲେ ମଧ୍ୟ ତାହା ଯଥେଷ୍ଟ ହୋଇ ନଥିବାରୁ ତାଙ୍କର ପିତା ବଡ଼ ଚିନ୍ତିତ ଥିଲେ । ତାଙ୍କର ପୁରୋହିତ ଗୋବର୍ଦ୍ଧନ ରଥଙ୍କ ଭାଇ 'ରଘୁନାଥ' ଘରୋଇ ଶିକ୍ଷକରୂପେ ବିକ୍ରମ ଦେବଙ୍କୁ ଓଡ଼ିଆ ଶିକ୍ଷା ଦେବାକୁ ରାଜି ହେଲେ । ତାଙ୍କଠାରୁ ସେ "କମଳଲୋଚନ ଶ୍ରୀହରି"; "କହନ୍ତି ମାଏ ସେ ଶ୍ରୀକୃଷ୍ଣ ଆଗେ", "କେଶବ କୋଇଲି", "କାହ୍ନୁ କୋଇଲି", "ବାରମାସୀ କୋଇଲି", ତାଳପତ୍ର ଲିଖିତ 'ଗୋପୀଭାଷା", "ରାସପଞ୍ଚାଧ୍ୟାୟୀ", "ଦଶମସ୍କନ୍ଧ ଗୋପଲୀଳା" ଓ "ଏକାଦଶସ୍କନ୍ଧ ଭାଗବତ" ପ୍ରଭୃତି ଶିକ୍ଷାକଲେ ।

ତାଙ୍କର ନିଜ ପୁରୋହିତ ଗୋବର୍ଦ୍ଧନ ରଥଙ୍କ ଠାରୁ ସେ ଜ୍ୟୋତିଷଶାସ୍ତ୍ର ଅଧ୍ୟୟନ କରିଥିଲେ । ତାଙ୍କ ପିତା କୃଷ୍ଣଚନ୍ଦ୍ର ଦେବ ଜ୍ୟୋତିଷଶାସ୍ତ୍ରରେ ଅସାଧାରଣ ପଣ୍ଡିତ ଥିଲେ । ସେ ମଧ୍ୟ ପୁତ୍ରକୁ ଜ୍ୟୋତିଷ ବିଦ୍ୟା ଶିକ୍ଷା ଦେଉଥିଲେ । ଏହାପରେ 'ନଗରୀ କଟକ'ରେ ତିନିବର୍ଷ ତେଲୁଗୁ ଶିକ୍ଷା କରିଥିଲେ । ସେଠାରେ ତେଲୁଗୁ ଭାଷା ସହିତ ସେ ସାମାନ୍ୟ ଇଂରାଜୀ ଶିକ୍ଷା ମଧ୍ୟ କରିଥିଲେ । ମାନ୍ଦ୍ରାଜ ଅଞ୍ଚଳରେ ସେତେବେଳେ ଇଂରାଜୀ ଫାଷ୍ଟ ଏବଂ ସେକେଣ୍ଡ ରିଡର ପୁସ୍ତକ ପ୍ରଚଳିତ ଥିଲା । ବିକ୍ରମଦେବ ଉକ୍ତ ପୁସ୍ତକ ଦୁଇଟି ପଢ଼ି ଶେଷ କରିଥିଲେ । ତାଙ୍କର ଅସାଧାରଣ ସ୍ମରଣଶକ୍ତି ଯୋଗୁଁ ଯାହା ପଢ଼ୁଥିଲେ ବା ଶୁଣୁଥିଲେ ତାହା ତାଙ୍କର

* Temples at Mukhalingam—Douglass Barrett Page—8.

Digitized by PPRACHIN, SOA

ସ୍ମୃତିପଟରେ ଲିପିବଦ୍ଧ ହୋଇଯାଉଥିଲା । ସେ ମାତ୍ର ତିନିବର୍ଷ ଶିକ୍ଷାରେ ତେଲୁଗୁ ଭାଷାରେ ବାଲରାମାୟଣର ସଂସ୍କୃତ ଶ୍ଳୋକ, କୃଷ୍ଣଶତକ, ନୀତି ମଞ୍ଜରୀ ଓ ତେଲୁଗୁର ଦ୍ୱିତୀୟ ପାଠ୍ୟପୁସ୍ତକ ପର୍ଯ୍ୟନ୍ତ ଆୟତ୍ତ କରିଥିଲେ । ସଂସ୍କୃତ ଶ୍ଳୋକର ପସ୍ୟାର ସେ ଅଭ୍ୟାସ କରିଥିଲେ । କଥାରେ ଅଛି—"ଯିଏ ପଢ଼ିଥିବ ଅମରକୋଷ ଆଉ ସବୁ ପାଠ ଚୂଲରେ ଖୋସ ।" ବିକ୍ରମଦେବଙ୍କର ଅସାଧାରଣ ଧୀଶକ୍ତି ଯୋଗୁ ସେ ଅମରସିଂହଙ୍କ କୃତ ଅମରକୋଷ ଅଭିଧାନ ଆମୂଳଚୂଳ କଣ୍ଠସ୍ଥ କରିଥିଲେ ।

ବିକ୍ରମଦେବ ବର୍ମା 'ମାଡ଼ଗୁଲ' ରାଜ୍ୟରେ ପୋଷ୍ୟପୁତ୍ର ଥିବା ସମୟରେ ସେ ରାଜ୍ୟ 'କୋର୍ଟ ଅଫ୍ ୱାର୍ଡସ୍' ଅଧୀନରେ ରହିଥିଲା । ନାବାଳକ ରାଜକୁମାର ବିକ୍ରମଦେବ ମିଷ୍ଟର ଜେ. ଏଚ୍. ବାଡ଼ ନାମଧେୟ ଜଣେ ସିଭିଲିଆନଙ୍କ ତତ୍ତ୍ୱାବଧାନରେ ମାଡ଼ଗୁଲରୁ ଆସି ବିଶାଖାପାଟଣାରେ ଅବସ୍ଥାନ କରିଥିଲେ । ତାଙ୍କର ବିଶେଷ ଇଂରାଜୀ ଶିକ୍ଷାପାଇଁ ବୋଡ଼ି ସାହେବଙ୍କୁ ଗୃହ ଶିକ୍ଷକ ରୂପେ ନିଯୁକ୍ତ କରାଯାଇଥିଲା । ତାଙ୍କଠାରୁ ଦେଢ଼ବର୍ଷକାଳ ଶିକ୍ଷାଲାଭ କରି ସେ ଇଂରାଜୀରେ ଦକ୍ଷତା ହାସଲ କରିଥିଲେ । ସେ ନିଜର ଅଧ୍ୟବସାୟ ବଳରେ ଅନ୍ୟର ସାହାଯ୍ୟ ବିନା ସଂସ୍କୃତ ଶିକ୍ଷା କରିଥିଲେ । ଯୁବାବସ୍ଥାରୁ ସେ ଥିଲେ ଓଡ଼ିଆ, ତେଲୁଗୁ, ସଂସ୍କୃତ ଓ ଇଂରାଜୀ ଏହି ଚାରିଗୋଟି ଭାଷାର ଅଧିକାରୀ ।

Digitized by PPRACHIN, SOA

ଦ୍ୱିତୀୟ ପରିଚ୍ଛେଦ

ମାଡ଼ଗୁଲରେ ବିକ୍ରମଦେବ ବର୍ମା

ଅତୀତ କାଳରୁ ସମଜାତି ବା ଗୋଷ୍ଠୀର ଲୋକମାନେ ନଦୀ ଉପତ୍ୟକା କମ୍ବା ପାର୍ବତ୍ୟ ଇଲାକାରେ ବସବାସ କରୁଥିଲେ । ସେମାନଙ୍କୁ ରାଜନୈତିକ ସୀମାରେଖା କୌଣସି ବାଧା ଦେଇ ପାରୁନଥିଲା । ଓଡ଼ିଶାର ମାଛକୁଣ୍ଡ ନଦୀର ଉତ୍ପତ୍ତିସ୍ଥଳ ହେଉଛି ବିଶାଖାପାଟଣା ଜିଲ୍ଲାର ମାଡ଼ଗୋଲ ପର୍ବତ । ଏହି ନଦୀଟି କିଛି ଦୂର ବହିଆସି ଡୁଡୁମାଗେଡ଼ାଠାରୁ ବର୍ତ୍ତମାନ ଅନ୍ଧ୍ର-ଓଡ଼ିଶା ସୀମା ନିର୍ଦ୍ଧାରଣ କରିଛି । ଏହି ମାଡ଼ଗୋଲ ପର୍ବତ ମାଡ଼ଗୁଲ ରାଜ୍ୟରେ ଅବସ୍ଥିତ । ମାଡ଼ଗୁଲ ରାଜ୍ୟ ବହୁକାଳରୁ ନନ୍ଦପୁର ରାଜ୍ୟର ଅଂଶରୂପେ ପରିଗଣିତ ହେଉଥିଲା । ତେଲୁଗୁ ଭାଷାରେ 'ମାଡ଼ଗୁ' ଶବ୍ଦର ଅର୍ଥ ପକ୍‌କାକୋଠା 'ଲ' ବହୁବଚନର ଚିହ୍ନ । ପୂର୍ବେ ସେ ସ୍ଥାନରେ ବହୁତ ପକ୍‌କାକୋଠା ଥିବାରୁ ସ୍ଥାନର ନାମ 'ମାଡ଼ଗୁଲ୍' ହୋଇ-ଥିଲା । ସେହି ମାଡ଼ଗୁଲ୍‌ରୁ ବର୍ତ୍ତମାନ ମାଡ଼ଗୁଲ ହୋଇଅଛି ।

ମାଡ଼ଗୁଲ ବିଶାଖାପାଟଣା ଜିଲ୍ଲାର ଗୋଟିଏ କ୍ଷୁଦ୍ର ଜମିଦାରି । ସେ ସ୍ଥାନକୁ ଯିବାକୁ ହେଲେ ପୋଲଟିଅର ଦେଇ ଅନକାପଲ୍ଲୀ ପର୍ଯ୍ୟନ୍ତ ରେଲ ଯାତ୍ରା କରି ସେଠାରୁ ବସ୍ କମ୍ବା ଟ୍ରେକରରେ ମାଡ଼ଗୁଲକୁ ଯିବାକୁ ହୁଏ । କଥିତ ଅଛି ଯେ ଜୟପୁରର ପ୍ରଥମ ରାଜା ବିନାୟକ ଦେବ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀର ମଧ୍ୟଭାଗରେ ଜାମ୍ମୁ କାଶ୍ମୀର ଅଞ୍ଚଳରୁ ଆସି ନନ୍ଦପୁରର ଶେଷରାଜାଙ୍କ କନ୍ୟାର ପାଣିଗ୍ରହଣ କରିଥିଲେ । ପରେ ନିଜ ଶ୍ୱଶୁରଙ୍କ ଠାରୁ ରାଜ୍ୟ ଗ୍ରହଣ କରି ଶାସନ କାର୍ଯ୍ୟ ଚଳାଇଲେ । ତାଙ୍କ ସଙ୍ଗରେ ତାଙ୍କର ଜଣେ ଭାଇ ଆସିଥିଲେ । ବିନାୟକ ଦେବ ରାଜା ହେଲାପରେ ସେହି ଭାଇଙ୍କୁ ମାଡ଼ଗୁଲର ରାଜା କରିଥିଲେ । ସେ ଗୋଲ ଭୂପତି ଦେବ ନାମ ଧାରଣ କରି ଜୟପୁର ରାଜାଙ୍କ ସାମନ୍ତ ରାଜାରୂପେ ରାଜ୍ୟ ଶାସନ କରୁଥିଲେ ।※

※ The Zamindars of Madgol came to this country along with the founder of Jeypore family (Vinayak Dev) as they were his cousins and he gave them the Madgol estate as a fief with the title "Bhupati" or "Lord of the Earth" ("Aristocracy of India" by A. Vedivelu Vol II Page 196, 197 and 198)

Digitized by PPRACHIN, SOA

ରଘୁନାଥ ଭୂପତି ଦେବଙ୍କର ଶାସନ କାଳ ଥିଲା ଖ୍ରୀ ୧୭୨୧ ଠାରୁ ଖ୍ରୀ ୧୭୭୧ ପର୍ଯ୍ୟନ୍ତ । ସେ ହେଉଛନ୍ତି ମାଡ଼ଗୁଳାର ପ୍ରଥମ ରାଜା । ସେହି ବଂଶର ଚତୁର୍ବିଂଶ ରାଜା ହେଉଛନ୍ତି କୃଷ୍ଣ ଭୂପତି ଦେବ । ସେ ଖ୍ରୀ ୧୮୩୨ ଠାରୁ ଖ୍ରୀ ୧୮୭୫ ପର୍ଯ୍ୟନ୍ତ ରାଜତ୍ୱ କରିଥିଲେ । ସେ ଗୁଣୁପୁର ରାଜବଂଶରୁ ଦୁଇଟି କନ୍ୟା ବିବାହ କରିଥିଲେ । ସେମାନେ ଦୁଇ ଭଉଣୀ । ଜ୍ୟେଷ୍ଠା କନ୍ୟା ପାଟ ମହାରାଣୀଙ୍କ ନାମ ସୀତା ପାଟମହାଦେବୀ ଏବଂ କନିଷ୍ଠା କନ୍ୟା ଦ୍ୱିତୀୟ ରାଣୀଙ୍କ ନାମ ନୀଳମଣୀ ଦେବୀ । ସେମାନେ ବିକ୍ରମଦେବ ବର୍ମାଙ୍କର ପିତା କୃଷ୍ଣଚନ୍ଦ୍ର ଦେବଙ୍କର ମାଉସୀ ଅର୍ଥାତ୍ ବିକ୍ରମଦେବଙ୍କର ପିତାମହୀ ।

ପୋଷ୍ୟପୁତ୍ର ବିକ୍ରମଦେବ :

ମାଡ଼ଗୁଳାର ଚତୁର୍ବିଂଶ ରାଜା କୃଷ୍ଣ ଭୂପତି ଦେବଙ୍କର କୌଣସି ପୁତ୍ର ସନ୍ତାନ ନ ଥିଲେ । ତାଙ୍କର ଦ୍ୱିତୀୟା ରାଣୀ ନୀଳମଣୀ ଦେବୀଙ୍କ ଗର୍ଭରୁ ଅମ୍ବୀଦେବୀ ନାମକ ଏକମାତ୍ର କନ୍ୟା ଜାତ ହୋଇଥିଲେ । ଔରସଜାତ ଉତ୍ତରାଧିକାରୀ ନ ଥିବାରୁ ରାଜା କୃଷ୍ଣ ଭୂପତି ଦେବ ଅତି ଚିନ୍ତାଗ୍ରସ୍ତ ଥିଲେ । ଶେଷରେ ତାଙ୍କ ପାଟମହିଷୀଙ୍କର ପିତୃବଂଶର ସମ୍ପର୍କୀୟ ନାତି ବିକ୍ରମଦେବଙ୍କୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିଥିଲେ ଏବଂ ତାଙ୍କର ମୃତ୍ୟୁ ପରେ ବିକ୍ରମଦେବ ରାଜା ହେବେ ବୋଲି ଇଚ୍ଛାପତ୍ର ଲେଖି ଯାଇଥିଲେ ।

ବିକ୍ରମଦେବ ବର୍ମା ଖ୍ରୀ ୧୮୬୭ରେ ନିଜ ପିତା ମାତାଙ୍କୁ 'ନଗରୀ କଟକ'ରେ ଛାଡ଼ି ମାଡ଼ଗୁଳରେ ଯାଇ ରହିଥିଲେ । ସେତେବେଳକୁ ତାଙ୍କର ବୟସ ମାତ୍ର ଆଠ ବର୍ଷ । ଖ୍ରୀ ୧୮୭୫ ମସିହାରେ କୃଷ୍ଣ ଭୂପତି ଦେବ ସ୍ୱର୍ଗାରୋହଣ କରିଥିବାରୁ ବିକ୍ରମଦେବ ସେଠାରେ ରାଜପୁତ୍ର ପରି ପ୍ରତିପାଳିତ ହେଲେ । ବଡ଼ ରାଣୀ ସୀତା ପାଟମହାଦେବୀ ତାଙ୍କୁ ପୁତ୍ରାଧିକ ସ୍ନେହ କରୁଥିଲେ । ସେଠାରେ ପୋଷ୍ୟପୁତ୍ର ହୋଇ ପ୍ରାୟ ତିନିବର୍ଷ ରହିଲା ପରେ ହଠାତ୍ ତାଙ୍କ ମାତାଙ୍କର ବିୟୋଗ ସମ୍ବାଦ ପାଇ ପିତାଙ୍କ ପାଖକୁ ନଗରୀ କଟକ ଫେରି ଆସିଥିଲେ ।

ଅଦାଲତ ମାମଲା :

ମୃତ୍ୟୁ ପୂର୍ବରୁ ମାଡ଼ଗୁଳର ରାଜା କୃଷ୍ଣ ଭୂପତି ଦେବ ଯେଉଁ ପୋଷ୍ୟପୁତ୍ର ଉଇଲ ଲେଖାଇଥିଲେ, ତାହା ଜାଲ୍ ଏବଂ ଏହା ବିଶ୍ୱାସଯୋଗ୍ୟ ନୁହେଁ ବୋଲି କୃଷ୍ଣ ଭୂପତିଙ୍କ ଦ୍ୱିତୀୟା ରାଣୀ ନୀଳମଣୀ ଦେବୀ ନିମ୍ନ ଅଦାଲତରେ ମକଦ୍ଦମା ରୁଜୁ କଲେ । ଖ୍ରୀ ୧୮୮୧ରେ ନିମ୍ନ ଅଦାଲତ ଦ୍ୱିତୀୟା ରାଣୀଙ୍କ ସପକ୍ଷରେ ପୋଷ୍ୟପୁତ୍ର ଉଇଲ ବିଶ୍ୱାସଯୋଗ୍ୟ ନୁହେଁ ବୋଲି ରାୟ ଦେଲେ । ଫଳରେ ବିକ୍ରମଦେବ ବର୍ମାଙ୍କ ପୋଷ୍ୟପୁତ୍ର ହେବା ରଦ୍ଦ ହେଲା ।

Digitized by PPRACHIN, SOA

ନିମ୍ନ ଅଦାଲତ ରାୟ ବିରୋଧରେ ବିକ୍ରମଦେବଙ୍କର ନିଜ ପିତା କୃଷ୍ଣଚନ୍ଦ୍ର ଦେବ ଖ୍ରୀ ୧୮୮୨ରେ ମାନ୍ଦ୍ରାଜ ହାଇକୋର୍ଟରେ ଅପିଲ୍ କଲେ । ଏହି ଅପିଲରେ କୃଷ୍ଣଚନ୍ଦ୍ର ଦେବ ହେଉଛନ୍ତି ଦ୍ୱିତୀୟ ପ୍ରତିବାଦୀ । ପ୍ରାୟ ଦୁଇବର୍ଷ ପର୍ଯ୍ୟନ୍ତ ମୋକଦ୍ଦମା ଚାଲିଲା । କିନ୍ତୁ ଦୁଃଖର କଥା ଏହି ଯେ, ମୋକଦ୍ଦମାର ରାୟ ବାହାରିବା ପୂର୍ବରୁ ୧୮୮୪ ମସିହାରେ କୃଷ୍ଣଚନ୍ଦ୍ର ଦେବଙ୍କର ମହାପ୍ରୟାଣ ଘଟିଥିଲା । ସେତେବେଳକୁ ବିକ୍ରମଦେବ ବର୍ମାଙ୍କ ବୟସ ମାତ୍ର ପନ୍ଦର ବର୍ଷ । ମାତୃପିତୃହୀନ କିଶୋର ବିକ୍ରମଦେବ ଏହି ନିଦାରୁଣ ଦୁଃଖରେ ଅଭିଭୂତ ହୋଇ ଯାଇଥିଲେ ।

ପୁନଶ୍ଚ ମାଡ଼ଗୁଳ :

ସେହି ୧୮୮୪ ମସିହାରେ ମାନ୍ଦ୍ରାଜ ହାଇକୋର୍ଟରୁ ଅପିଲ ମକଦ୍ଦମାର ରାୟ ବାହାରିଲା । ହାଇକୋର୍ଟ ନିମ୍ନ ଅଦାଲତ ରାୟକୁ ଉପେକ୍ଷା କରି କୃଷ୍ଣଭୂପତିଙ୍କର ଶେଷ ଉଇଲ ବିଶ୍ୱାସଯୋଗ୍ୟ ବୋଲି ରାୟ ଦେଇଥିଲେ । ଫଳରେ ବିକ୍ରମଦେବଙ୍କ ପୋଷ୍ୟପୁତ୍ରତ୍ୱ ବଜାୟ ରହିଲା । ଅମାଅନ୍ଧକାରରେ କ୍ଷୀଣ ଆଲୋକ ବର୍ତ୍ତିକା ପରି ପୁନଶ୍ଚ ବିକ୍ରମଦେବ ବର୍ମା ମାଡ଼ଗୁଳରେ ଯାଇ ରହିଲେ । ସେତେବେଳେ ବିକ୍ରମଦେବ ବର୍ମା ସାବାଳକ ହୋଇ ନ ଥିବାରୁ ହାଇକୋର୍ଟର ଆଦେଶ ଅନୁସାରେ ମାଡ଼ଗୁଳ ରାଜ୍ୟ କୋର୍ଟ ଅଫ୍ ୱାର୍ଡସ ଅଧୀନରେ ରହିଥିଲା । ଖ୍ରୀ. ୧୮୮୫ରେ ନାବାଳକ ବିକ୍ରମଦେବ ବର୍ମା ମିଃ. ଜେ. ଏସ୍ ବାର୍ଡ ନାମକ ଜଣେ ସିଭିଲିଅନଙ୍କ ତତ୍ତ୍ୱାବଧାନରେ ମାଡ଼ଗୁଳରୁ ଆସି ବିଶାଖାପାଟଣାରେ ଅବସ୍ଥାନ କଲେ । ସେହି ସମୟରେ ବିକ୍ରମଦେବ ବୌଡ଼ି ସାହେବଙ୍କ ଠାରୁ ଅଠର ମାସ ପର୍ଯ୍ୟନ୍ତ ଇଂରାଜି ଶିକ୍ଷାଲାଭ କରିଥିଲେ ।

ବିଲାତରେ ମୋକଦ୍ଦମା :

ମାଡ଼ଗୁଳର ରାଜା କୃଷ୍ଣଭୂପତି ଦେବଙ୍କର ଦ୍ୱିତୀୟା ରାଣୀ ନୀଳମଣି ଦେବୀଙ୍କର ଗର୍ଭରୁ ଏକମାତ୍ର କନ୍ୟା ସନ୍ତାନ ଜାତ ହୋଇଥିଲା । ସେହି କନ୍ୟାର ନାମ ଆମ୍ବି ଦେବୀ । ଅମ୍ବି ଦେବୀ ତତ୍କାଳୀନ ରାଜା ତୃତୀୟ ରାମଚନ୍ଦ୍ର ଦେବଙ୍କ ଭାଇ ବିଶ୍ୱମ୍ଭର ଦେବଙ୍କର (ବିକ୍ରମଦେବଙ୍କ ଦାଦା) ପାଣି ଗ୍ରହଣ କରିଥିଲେ । ବିକ୍ରମଦେବ ବର୍ମା ମାଡ଼ଗୁଳର ରାଜା ହୁଅନ୍ତୁ ଏହା ରାମଚନ୍ଦ୍ର ଦେବଙ୍କର ଇଚ୍ଛା ନ ଥିଲା । ଏହି ବୈବାହିକ ସମ୍ବନ୍ଧ ଫଳରେ ରାମଚନ୍ଦ୍ରଦେବ ଏବଂ ନିଜ ଜ୍ୱାଇଁ ବିଶ୍ୱମ୍ଭରଦେବ ନୀଳମଣି ଦେବୀଙ୍କୁ ହାଇକୋର୍ଟରେ ପୋଷ୍ୟପୁତ୍ର ଜାଏମ ରହିବା ବିରୋଧରେ ମକଦ୍ଦମା ଚଳାଇବାକୁ ପ୍ରରୋଚନା ଦେଇଥିଲେ । ଖ୍ରୀ. ୧୮୮୫ରେ କୁପ୍ରରୋଚନାରେ ଉତ୍ସାହିତ ହୋଇ ନୀଳମଣି ଦେବୀ ପୁଣି ପୋଷ୍ୟପୁତ୍ର କାଏମ ବିରୋଧରେ ବିଲାତର ପ୍ରିଭି କାଉନ୍‌ସିଲରେ ଅପିଲ କଲେ । ଏଥିପାଇଁ ଜୟପୁର ରାଜା ରାମଚନ୍ଦ୍ରଦେବ

Digitized by PPRACHIN, SOA

ଆର୍ଥିକ ସାହାଯ୍ୟ ମଧ୍ୟ ଯୋଗାଇ ଦେଉଥିଲେ । ପ୍ରିଭି କାଉନସିଲର ରାୟ ବାହାରିବା ପୂର୍ବରୁ ଖ୍ରୀ. ୧୮୮୫ରେ ନୀଳମଣୀ ଦେବୀ ଇହଧାମ ତ୍ୟାଗ କଲେ ।

ଖ୍ରୀ. ୧୮୮୮ରେ ପ୍ରିଭି କାଉନସିଲର ରାୟ ପ୍ରକାଶିତ ହେଲା । ପ୍ରିଭି କାଉନସିଲ ହାଇକୋର୍ଟ ରାୟକୁ ନାମଞ୍ଜୁର କରି ନିମ୍ନ ଅଦାଲତ ରାୟକୁ କାଏମ ରଖିଥିଲେ । ଫଳରେ ବିକ୍ରମଦେବଙ୍କ ପୋଷ୍ୟପୁତ୍ର ଉଇଲ ନାମଞ୍ଜୁର ହେଲା । ସେ ପୁଣି ନିଜ ବାସସ୍ଥାନ ହରାଇଲେ ।

କୋର୍ଟ ଅଫ୍ ୱାର୍ଡ଼ସ୍ 'ମାଡ଼ଗୁଲ' ରାଜ୍ୟକୁ ପୁଣି ସୀତା ପାଟମହାଦେବୀଙ୍କ ହସ୍ତରେ ଅର୍ପଣ କଲେ । ସେ ମାଡ଼ଗୁଲ ରାଜ୍ୟର ଉତ୍ତରାଧିକାରିଣୀ ରୂପେ ଦକ୍ଷତାର ସହ ରାଜକାର୍ଯ୍ୟ ଚଳାଇଥିଲେ । ୧୯୦୧ ଖ୍ରୀଷ୍ଟାବ୍ଦ ମେ ମାସ ୨୪ ତାରିଖରେ ତାଙ୍କର ମୃତ୍ୟୁ ହେଲା । ମାଡ଼ଗୁଲ ରାଜ୍ୟ ଉତ୍ତରାଧିକାରୀ ଅଭାବରେ ପୁଣି ଅନ୍ଧକାରାଚ୍ଛନ୍ନ ହୋଇ ରହିଗଲା ।

ଜୟପୁର ରାଜଭ୍ରାତା ବିଶ୍ୱମ୍ଭର ଦେବ ହେଉଛନ୍ତି ମାଡ଼ଗୁଲର ଦ୍ୱିତୀୟା ରାଣୀଙ୍କ ସ୍ୱାମୀ । ତାଙ୍କର ଝିଅ ରାଜେନ୍ଦ୍ରମଣୀ ଦେବୀ ଆମ୍ବି ଦେବୀଙ୍କର କନ୍ୟା । ଓଡ଼ିଆ ରାଜବଂଶର କନ୍ୟା ଜୟପୁର ପାଣି ପବନରେ ବଢ଼ିଛନ୍ତି । ସେ ହେଉଛନ୍ତି ବିକ୍ରମଦେବ ବର୍ମାଙ୍କର ଖୁଡ଼ୁତା ଝିଅ ଭଉଣୀ । ଅନ୍ୟ ଉତ୍ତରାଧିକାରୀ ଅଭାବରେ ରାଜେନ୍ଦ୍ରମଣୀ ଦେବୀ ମାଡ଼ଗୁଲ ରାଜ୍ୟର ଉତ୍ତରାଧିକାରିଣୀ ମନୋନୀତ ହେଲେ । ସେ ଜଣେ ତେଜସ୍ୱିନୀ ବୀର ମହିଳା । ସେ ପରବର୍ତ୍ତୀ କାଳରେ ଶୃଙ୍ଖଳାର ସହ ରାଜ୍ୟ ପରିଚାଳନା କରି ତାଙ୍କର ରାଜନୀତି ନିପୁଣତା ଓ ତୀକ୍ଷ୍ଣ ବୁଦ୍ଧିମତ୍ତାର ପରିଚୟ ଦେଇଥିଲେ । ସେ ଥିଲେ ପ୍ରଜାବତ୍ସଳା । ସେ ମାଡ଼ଗୁଲ ରାଜ୍ୟର ସର୍ବବିଧ କଲ୍ୟାଣ ସମ୍ପାଦନ କରି ଯାଇଛନ୍ତି ।

ବିକ୍ରମଦେବଙ୍କ ବ୍ରତୋପନୟନ :

ପ୍ରିଭି କାଉନ୍‌ସିଲର ରାୟ ବାହାରିଲା ପରେ ମାଡ଼ଗୁଲ ରାଜ୍ୟର ସ୍ୱତ୍ୱ ହରାଇ ବିକ୍ରମଦେବ ନିଃସ୍ୱ ହୋଇଗଲେ । ତାଙ୍କ ପିତା ରାଜା ରାମଚନ୍ଦ୍ର ଦେବଙ୍କ ଠାରୁ ପାଞ୍ଚଶହ ଟଙ୍କା ମାସିକ ଭତ୍ତା ପାଉଥିଲେ । ତାଙ୍କ ପିତା କୃଷ୍ଣଚନ୍ଦ୍ରଦେବଙ୍କର ଦେହାନ୍ତ ପରେ ତାହା ମଧ୍ୟ ବନ୍ଦହୋଇ ଯାଇଥିଲା । ଏହି ଆର୍ଥିକ ଅନଟନ ମଧ୍ୟରେ ୧୮୯୬ ଖ୍ରୀଷ୍ଟାବ୍ଦରେ ମାଡ଼ଗୁଲ ରାଜଧାନୀରେ ବିକ୍ରମଦେବ ବର୍ମାଙ୍କର ବ୍ରତୋପନୟନ କାର୍ଯ୍ୟ ସମାହିତ ହୋଇଥିଲା । ଏହି କାର୍ଯ୍ୟ ପାଇଁ ମାଡ଼ଗୁଲ ଷ୍ଟେଟରୁ କିଛି ଆର୍ଥିକ ସାହାଯ୍ୟ ମିଳି ନ ଥିଲେ ମଧ୍ୟ ବ୍ରତୋପନୟନ କାର୍ଯ୍ୟ ଯଥାବିଧି ସମାପନ ହୋଇଥିଲା । ଏହି ଉତ୍ସବର ଯାବତୀୟ ଖର୍ଚ୍ଚ ମାଡ଼ଗୁଲର ଦ୍ୱିତୀୟା ରାଣୀ ନୀଳମଣୀ ଦେବୀଙ୍କର କନ୍ୟା ଆମ୍ବି ଦେବୀ ବହନ କରିଥିଲେ ।

Digitized by PPRACHIN, SOA

ତୃତୀୟ ପରିଚ୍ଛେଦ
ବିକ୍ରମଦେବଙ୍କର ବିବାହ

ଜୟପୁରରେ ବିକ୍ରମଦେବ :

ଜୟପୁରର ରାଜା ତୃତୀୟ ରାମଚନ୍ଦ୍ରଦେବ ଖ୍ରୀ. ୧୮୬୦-୧୮୮୯ ପର୍ଯ୍ୟନ୍ତ ରାଜ୍ୟ ଶାସନ କରୁଥିଲେ । ସେ ଏବଂ ବିକ୍ରମଦେବଙ୍କ ପିତା କୃଷ୍ଣଚନ୍ଦ୍ରଦେବ ହେଉଛନ୍ତି ଦୁଇ ଭାଇ । ଦୁଇ ଭାଇଙ୍କ ମନାନ୍ତର ଫଳରେ କୃଷ୍ଣଚନ୍ଦ୍ର ଜୟପୁର ରାଜ୍ୟ ତ୍ୟାଗ କରିଥିଲେ । ସେତେବେଳେ ତାଙ୍କର ଗୁଣପୁର ଏବଂ ମାଡ଼ଗୁଲରେ ବନ୍ଧୁ-ମାନେ ଥିଲେ । ସେମାନଙ୍କ ସାହାଯ୍ୟରେ ସେ ସିକାକୋଲର ପର୍ଵତଲପେଟା ଠାରେ ରହିଥିଲେ । ଏଠାରେ ବିକ୍ରମଦେବ ବର୍ମା ଜନ୍ମଗ୍ରହଣ କରିଥିଲେ ।

ରାଜା ରାମଚନ୍ଦ୍ରଦେବ ତାଙ୍କର ପୁତ୍ରର ନାମ ବିକ୍ରମଦେବ ଦେବାରୁ ସାହିତ୍ୟ ସମ୍ରାଟ ବିକ୍ରମଦେବ ତାଙ୍କର ନାମରେ ବର୍ମା ସଂଯୋଗ କରି ବିକ୍ରମଦେବ ବର୍ମା ରୂପେ ପରିଚିତ ହେଲେ । ୧୮୮୮ ଖ୍ରୀଷ୍ଟାବ୍ଦରେ ପ୍ରିଭି କାଉନସିଲର ରାୟ ଅନୁସାରେ ବିକ୍ରମଦେବ ବର୍ମା ମାଡ଼ଗୁଲ ରାଣୀଙ୍କ ପୋଷ୍ୟପୁତ୍ରରୁ ବଞ୍ଚିତ ହେବାରୁ ଜ୍ୟେଷ୍ଠପିତା ରାମଚନ୍ଦ୍ରଦେବଙ୍କ ସାହାଯ୍ୟ ଲୋଡ଼ିଲେ । କିନ୍ତୁ ରାମଚନ୍ଦ୍ରଦେବଙ୍କର ଖ୍ରୀ. ୧୮୮୯ରେ ମୃତ୍ୟୁ ହେବାରୁ ସେ କିଛି ସାହାଯ୍ୟ ପାଇ ପାରି ନ ଥିଲେ । ସେତେବେଳକୁ ତାଙ୍କର ପୁତ୍ର ଯୁବରାଜ ବିକ୍ରମଦେବ ନାବାଳକ ଥିବାରୁ ଜୟପୁର ରାଜ୍ୟ କୋର୍ଟ ଅଫ୍ ଓ୍ୟାର୍ଡ଼ସ୍ ଅଧୀନରେ ରହିଥିଲା । ବିକ୍ରମଦେବ ବର୍ମାଙ୍କର ଶୋଚନୀୟ ଅବସ୍ଥା ଦେଖି କୋର୍ଟ ଅଫ୍ ଓ୍ୟାର୍ଡ଼ସ୍ ତାଙ୍କୁ ମାସିକ ୩୫୦ ଟଙ୍କା ବୃତ୍ତି ଦେଲେ । ସେହି ବୃତ୍ତି ପାଇ ବିକ୍ରମଦେବ ବର୍ମା ବିଶାଖାପାଟଣାରେ ଆସି ରହିଥିଲେ । ଖ୍ରୀ. ୧୮୮୯ରେ ସେ ପ୍ରଥମ ଥର ପାଇଁ ତାଙ୍କର ଜ୍ୟେଷ୍ଠମାତାଙ୍କୁ ଦେଖିବା ପାଇଁ ଜୟପୁର ଆସିଥିଲେ ।

ନବରଙ୍ଗପୁର :

ଖ୍ରୀ. ୧୮୬୦ରେ ଦ୍ଵିତୀୟ ରାମଚନ୍ଦ୍ରଦେବ ଜୟପୁରରେ ରାଜତ୍ଵ କରୁଥିବା ସମୟରେ ତାଙ୍କର ପୁତ୍ରଦ୍ଵୟ କୃଷ୍ଣଚନ୍ଦ୍ର ଦେବ ଓ ନରସିଂହ ଦେବଙ୍କୁ ନବରଙ୍ଗପୁର ଓ ଗୁଡ଼ାରୀ ଅଞ୍ଚଳ ଦେଇଥିଲେ । ପରବର୍ତ୍ତୀ କାଳରେ ନରସିଂହ ଦେବଙ୍କ ପୁତ୍ର ଚୈତନ୍ୟଦେବ ସମସ୍ତ ରାଜ୍ୟର ଅଧୀଶ୍ଵର ହେଲେ । ଚୈତନ୍ୟଦେବ ଉତ୍ତମ ଶାସକ ଥିଲେ । ପ୍ରତି ଗ୍ରାମରେ ବଗିଚା ଏବଂ ପୁଷ୍କରଣୀ ବା ବନ୍ଧ ନିର୍ମାଣ କରିଥିଲେ । ଏହିପରି ପାପଡ଼ାହାଣ୍ଡି ଠାରେ ଏକ ପୁଷ୍କରଣୀ ଖୋଳାଉଥିବା ସମୟରେ ସେ ଏକ କଳା

Digitized by PPRACHIN, SOA

ମୁଗୁନି ପଥରର ଲିଙ୍ଗ ପାଇଥିଲେ । ସେ ଲିଙ୍ଗକୁ ସେଠାରେ ଏକ ଶିବ ମନ୍ଦିରରେ ସ୍ଥାପନ କଲେ । ପାପଡ଼ାହାଣ୍ଡି ନବରଙ୍ଗପୁର ଠାରୁ ଭବାନୀପାଟଣା ଯିବା ରାସ୍ତାରେ ପଡ଼େ । ପାପଡ଼ାହାଣ୍ଡିର ପୂର୍ବତନ ନାମ ଥିଲା 'ପିପଲଉଣ୍ଡି' । ଏହି ନାମଟି ନନ୍ଦରାଜା ଭବଦତ୍ତ ବର୍ମନଙ୍କ ପୁତ୍ର ସ୍କନ୍ଦ ବର୍ମନଙ୍କ ପୋଡ଼ାଗଡ଼ ଶିଳା-ଲେଖରୁ ଜଣାପଡ଼େ । ଏହା ପଞ୍ଚମ ଶତାବ୍ଦୀର ଏକ ଶିଳାଲେଖ । *

ଚୈତନ୍ୟ ଦେବଙ୍କର ତିନି ରାଣୀ ଥିଲେ । ୧୮୭୭ ଖ୍ରୀଷ୍ଟାବ୍ଦରେ ତାଙ୍କର ମୃତ୍ୟୁ ପରେ ପାଟରାଣୀ ନିଜ ରାଜ୍ୟ ଶାସନ ଭାର ଗ୍ରହଣ କରିଥିଲେ । ସାନ ରାଣୀଙ୍କର ପୂର୍ବରୁ ମୃତ୍ୟୁ ଘଟିଥିଲା । ଜୟପୁରର ରାଜା ତୃତୀୟ ବିକ୍ରମ ଦେବ କୋର୍ଟ ଅଫ ୱାର୍ଡସ୍ ହସ୍ତରୁ ରାଜ୍ୟ ଫେରି ପାଇଲା ପରେ ନବରଙ୍ଗପୁର ଉପରେ ଆଖିପଡ଼ିଲା । ଖ୍ରୀ. ୧୮୯୬ରେ ରାଣୀ ଦ୍ୱୟଙ୍କୁ ରାଜ୍ୟରୁ ବଞ୍ଚିତ କରି ନବରଙ୍ଗପୁରକୁ ନିଜ ରାଜ୍ୟ ଜୟପୁରରେ ମିଶାଇ ଦେଲେ । ଚୈତନ୍ୟ ଦେବଙ୍କ ରାଣୀମାନେ ଖ୍ରୀ. ୧୯୦୦ରେ ଅଦାଲତରେ ମୋକଦ୍ଦମା କରି ନିଜ ରାଜ୍ୟ ଫେରିପାଇଥିଲେ । ସେହି ଦିନରୁ ତୃତୀୟ ବିକ୍ରମଦେବଙ୍କର ଓ ନବରଙ୍ଗପୁର ରାଣୀମାନଙ୍କ ସଙ୍ଗେ ମନାନ୍ତର ହୋଇଥିଲା । ଇତିମଧ୍ୟରେ ପାଟରାଣୀଙ୍କର ମୃତ୍ୟୁ ହେବାରୁ ମଧ୍ୟମା ରାଣୀ ସୁଲୋଚନା ପାଟମହାଦେବୀ ରୂପେ ରାଜ୍ୟ ଶାସନ କଲେ । ରାଣୀ ସୁଲୋଚନାଙ୍କ ଭାଇଙ୍କର ପୁତ୍ର ପାଟଣା ରାଜ୍ୟର ରାଜଧାନୀ ବଲାଙ୍ଗୀରରେ ରହୁଥିଲେ । ତାଙ୍କର ଏକ ଗୁଣବତୀ ରୂପସୀ କନ୍ୟା ଥିଲା । ରାଣୀ ସୁଲୋଚନା ପୁତୁରାଙ୍କର ଅଲିଅଳି କନ୍ୟାକୁ ବିକ୍ରମଦେବ ବର୍ମାଙ୍କ ସହ ବିବାହ ଦେବାପାଇଁ ମନସ୍ଥ କଲେ ।

ବିବାହ :

ବିକ୍ରମଦେବ ବର୍ମା ମାସିକ ତିନି ଶତ ପଚିଶ ଟଙ୍କା ଭତ୍ତା ପାଇ ବିଶାଖାପାଟଣାରେ ରହୁଥିଲେ । ୧୯୦୬ ଖ୍ରୀଷ୍ଟାବ୍ଦରେ ନବରଙ୍ଗପୁର ରାଣୀଙ୍କଠାରୁ ବିବାହ ପ୍ରସ୍ତାବ ଅସିବା ସମୟରେ ଜୟପୁର ରାଜା ତୃତୀୟ ବିକ୍ରମଦେବଙ୍କ ହସ୍ତକୁ ଜୟପୁର ରାଜ୍ୟର ଶାସନଭାର କୋର୍ଟ ଅଫ ୱାର୍ଡସ୍ ଅଧୀନରୁ ଆସିସାରିଥିଲା । ରାଜା ତୃତୀୟ ବିକ୍ରମଦେବ ପୂର୍ବର ବୈରତା ଦୃଷ୍ଟିରୁ ବିକ୍ରମଦେବ ବର୍ମାଙ୍କର ବିବାହ ସେଠାରେ କରାଇ ଦେବା ପାଇଁ ରାଜି ହେଲେ ନାହିଁ । କୋର୍ଟ ଅଫ ୱାର୍ଡସ୍ ବିକ୍ରମଦେବ ବର୍ମାଙ୍କୁ ଯେଉଁ ଭତ୍ତା ଦେଉଥିଲେ ତାହା ବନ୍ଦ କରିବା ପାଇଁ ଧମକ ଦେଲେ ।

'ବିଧିର ବିଧାନ କେ କରିବ ଆନ ।' ଶତ ବାଧା ବିଘ୍ନ ମଧ୍ୟରେ ଖ୍ରୀ. ୧୯୦୮ ଜ୍ୟେଷ୍ଠ ଶୁକ୍ଳ ଦ୍ୱାଦଶୀରେ ନବରଙ୍ଗପୁର ରାଜପ୍ରାସାଦରେ ବିକ୍ରମଦେବ ବର୍ମାଙ୍କ ସଙ୍ଗେ

---

* Orissa District Gazetteers—Koraput P. 425

Digitized by PPRACHIN, SOA

ରାଣୀ ସୂର୍ଯ୍ୟେଶ୍ୱରନାଙ୍କ ନାତୁଣୀର ବିବାହ କାର୍ଯ୍ୟ ସମ୍ପନ୍ନ ହେଲା । ବିବାହର ସମସ୍ତ ଖର୍ଚ୍ଚ ନବରଙ୍ଗପୁର ରାଜାଙ୍କର ଦ୍ୱିତୀୟା ମହିଷୀ ବହନ କରିଥିଲେ । ବିକ୍ରମଦେବ ବର୍ମା ସସ୍ତ୍ରୀକ ବିଶାଖାପାଟଣା ଯାଇ ବସବାସ କଲେ ।

ବିବାହ ପରେ :

ବିବାହ ଉତ୍ସବ ସୁରୁଖୁରୁରେ ସମ୍ପନ୍ନ ହେବା ଶୁଣି ଜୟପୁରର ରାଜା ଶ୍ରୀକୃଷ୍ଣ ବିକ୍ରମଦେବ ବିକ୍ରମଦେବ ବର୍ମାଙ୍କର ମାସିକ ଭତ୍ତା ବନ୍ଦ କରିଦେଲେ । ପୁନଶ୍ଚ ବିକ୍ରମଦେବ ବର୍ମା ନିଃସ୍ୱ ହୋଇଗଲେ । ନିଃସ୍ୱ ଅବସ୍ଥାରେ ବିଶାଖାପାଟଣାରେ ପରିବାର ନେଇ ଚଳିବା କପରି କଷ୍ଟସାଧ୍ୟ ତାହା ବେଶ୍ ଅନୁମେୟ ।

ଖ୍ରୀ. ୧୯୦୯ରେ ବିକ୍ରମଦେବ ବର୍ମା ଜୟପୁରଠାରେ ଅବସ୍ଥାପିତ ସରକାରୀ ଏଜେଣ୍ଟଙ୍କଠାରେ ଏକ ମୋକଦ୍ଦମା ଦାଏର କରିଥିଲେ । ତୁରନ୍ତ ସରକାରୀ ଏଜେଣ୍ଟ ମୋକଦ୍ଦମା ଫଏସଲା କରି ସେହି ବର୍ଷ ଡିସେମ୍ବର ମାସରେ ୮୦୦ ଟଙ୍କା ଭତ୍ତା ମଞ୍ଜୁର କଲେ । ଏଥିରେ ଜୟପୁର ରାଜା ଶ୍ରୀକୃଷ୍ଣ ବିକ୍ରମ ଦେବ ଏଜେଣ୍ଟଙ୍କ ରାୟ ବିରୋଧରେ ମାନ୍ଦ୍ରାଜ ହାଇକୋର୍ଟରେ ଅପିଲ କଲେ । ସେ ଏ ମୋକଦ୍ଦମାରେ ବହୁତ ଅର୍ଥ ବ୍ୟୟ କରି ପରିଶେଷରେ ପରାଜିତ ହେଲେ । ବିକ୍ରମଦେବ ବର୍ମାଙ୍କର ପୂର୍ବ ଭତ୍ତା କାଏମ ରହିଲା । ଶ୍ରୀକୃଷ୍ଣ ବିକ୍ରମଦେବ ଅନ୍ୟ ଉପାୟ ନ ପାଇ ବିଲାତ ପ୍ରିଭି କାଉନସିଲରେ ହାଇକୋର୍ଟ ରାୟ ବିରୋଧରେ ଅପିଲ କଲେ । ଏଥିରେ ବିକ୍ରମଦେବ ବର୍ମାଙ୍କୁ ପୁଣି ଖର୍ଚ୍ଚାନ୍ତ ହେବାକୁ ପଡ଼ିଲା ।

ବିକ୍ରମଦେବ ବର୍ମା ଖ୍ରୀ. ୧୯୦୮ ଜ୍ୟେଷ୍ଠ ଶୁକ୍ଳ ଦ୍ୱାଦଶୀ ଦିନ ବିବାହ କରିଥିଲେ । ଠିକ୍ ତା'ର ଦୁଇ ବର୍ଷ ପରେ ୧୯୧୦ ମସିହା ଆଷାଢ଼ ଶୁକ୍ଳ ଦ୍ୱାଦଶୀ ଦିନ ବିଶାଖାପାଟଣାଠାରେ ତାଙ୍କର ଏକ କନ୍ୟା ଜାତ ହେଲା । ସେ କନ୍ୟାର ନାମ ରଖିଥିଲେ ମଣି ଦେବୀ । ଏକ ପକ୍ଷରେ ଖର୍ଚ୍ଚାନ୍ତ, ଅନ୍ୟ ପକ୍ଷରେ ଶିଶୁର ଲାଳନ ପାଳନରେ ଖର୍ଚ୍ଚାନ୍ତ ହୋଇ ତାଙ୍କର ଆର୍ଥିକ ମାନଦଣ୍ଡ ଦୋହଲି ଯାଇଥିଲା । ଏହି ଆର୍ଥିକ ସଙ୍କଟ ସମୟରେ ନବରଙ୍ଗପୁରର ଦ୍ୱିତୀୟା ମହିଷୀ ସାମୟିକ ଅର୍ଥ ସାହାଯ୍ୟ ଯୋଗାଇ ଦେଉଥିଲେ । ଏହା ବ୍ୟତୀତ ତାଙ୍କର ମାଡ଼ୁଗୁଲା ରାଜ୍ୟସ୍ଥ କେତେକ ଭୂ-ସମ୍ପତ୍ତିରୁ କର ପାଉଥିଲେ । ଏତିକ ସମ୍ବଳରେ ତାଙ୍କୁ ଚଳିବାକୁ ପଡ଼ୁଥିଲା ।

ବୃତ୍ତିର ଶେଷ ପରିଣତି :

ଜୟପୁର ରାଜା ଶ୍ରୀକୃଷ୍ଣ ବିକ୍ରମଦେବ ବିକ୍ରମଦେବ ବର୍ମାଙ୍କର ବୃତ୍ତି ଉଚ୍ଛେଦ ପାଇଁ ଯେଉଁ ମୋକଦ୍ଦମା ବିଲାତ ପ୍ରିଭି କାଉନସିଲରେ ଚଳାଇଥିଲେ ତାହା ଖ୍ରୀ. ୧୯୦୯ ରୁ ଖ୍ରୀ. ୧୯୨୦ ପର୍ଯ୍ୟନ୍ତ ଗଡ଼ିଥିଲା । ଖ୍ରୀ. ୧୯୨୦ ଜାନୁଆରୀ ମାସରେ ଶ୍ରୀକୃଷ୍ଣ ବିକ୍ରମ ଦେବ ତୀର୍ଥ ପର୍ଯ୍ୟଟନ କରିବାକୁ ଗଲେ । ତୀର୍ଥାଟନ ସମୟରେ ସବିହ

Digitized by PPRACHIN, SOA

ପ୍ରୟାଗଠାରେ ତାଙ୍କର ମହାପ୍ରୟାଣ ଘଟିଥିଲା । ଅନନ୍ତର ପୁତ୍ର ଯୁବରାଜ ଚତୁର୍ଥ
ରାମଚନ୍ଦ୍ର ଦେବ ଜୟପୁର ସିଂହାସନ ଆରୋହଣ କଲେ । ସେ ବିକ୍ରମଦେବ ବର୍ମାଙ୍କୁ
ଅତି ଭଲ ପାଉଥିଲେ ଏବଂ ପିତୃତୁଲ୍ୟ ଭକ୍ତି କରୁଥିଲେ । ସେ ଜଣେ ଶାନ୍ତିପ୍ରିୟ
ନ୍ୟାୟବନ୍ତ ରାଜପୁରୁଷ । ପିତାଙ୍କ ପରେ ବିଲାତରେ ମୋକଦ୍ଦମା ଚଳାଇବାର
ଆବଶ୍ୟକତା ସେ ଆଉ ଅନୁଭବ କଲେ ନାହିଁ । ତେଣୁ ସେ ବିକ୍ରମଦେବ ବର୍ମାଙ୍କୁ
ଜୟପୁରକୁ ନିମନ୍ତ୍ରଣ କରି ସେହି ମୋକଦ୍ଦମାର ମୀମାଂସା କରିବାକୁ ଅନୁରୋଧ
କଲେ । ତାଙ୍କର ସମ୍ମତି ନେଇ ମୋକଦ୍ଦମା ଉଠାଇ ଆଣାଗଲା । ରାଜା ଚତୁର୍ଥ
ରାମ ଚନ୍ଦ୍ର ଦେବ ତାଙ୍କୁ ଯାବଜ୍ଜୀବନ ମାସିକ ଏକ ସହସ୍ର ମୁଦ୍ରା ଦେବା ପାଇଁ
ସ୍ୱୀକୃତ ହେଲେ । ବିକ୍ରମଦେବ ମୋକଦ୍ଦମା ଜିଣିଥିଲେ ନବରଙ୍ଗପୁର ମାଡ଼ଗୁଲା ଓ
ଗୁଡ଼ାରୀ ଅଞ୍ଚଳର ବହୁତ ଭୂସମ୍ପତ୍ତି ପାଇଥାନ୍ତେ । କିନ୍ତୁ ଦୀର୍ଘ ଦିନର ଶ୍ରମକ୍ଳାନ୍ତ
ମନକୁ ହାଲୁକା କରିବା ପାଇଁ ଏବଂ ଅବଶିଷ୍ଟ ଜୀବନ ଶାନ୍ତିରେ କଟାଇବା ନିମିତ୍ତ
ସେ ସେହି ପ୍ରସ୍ତାବ ଗ୍ରହଣ କଲେ । ତାଙ୍କର ଅବଶିଷ୍ଟ ଜୀବନ ସମାଜ ସେବାରେ
ବ୍ୟୟିତ ହୋଇଥିଲା ।

Digitized by PPRACHIN, SOA

ଚତୁର୍ଥ ପରିଚ୍ଛେଦ

ବିକ୍ରମଦେବ ବର୍ମାଙ୍କ ପାରିବାରିକ ଜୀବନ

ବିକ୍ରମଦେବ ବର୍ମାଙ୍କ ବାଲ୍ୟ ଜୀବନ ପରି ତାଙ୍କର ପାରିବାରିକ ଜୀବନ ସୁଖମୟ ନ ଥିଲା; ତଥାପି ସେ ଦୁଃଖରେ ଭାଙ୍ଗି ପଡ଼ି ନ ଥିଲେ । ସେ କ୍ଷତ୍ରିୟ ପିଲା— କ୍ଷତ୍ରିୟର ଗୁଣ ହେଉଛି ଧୈର୍ଯ୍ୟ ଓ ସାହସ । ତାଙ୍କ ବିଷୟ ଆଲୋଚନା କରି କବିଶେଖର ଚନ୍ଦ୍ରାମଣି ମହାନ୍ତି କହିଛନ୍ତି "ସେ ଯୋଗୀ ଋଷି ପରି ଧୀର, ସ୍ଥିର, ଅଟଳ । ଯେଉଁ ଅବସ୍ଥାରେ ଲୋକେ ହତଜ୍ଞାନ ହୋଇ ଦିନ ପଞ୍ଚାକ୍ଷରୀ ମନ୍ତ୍ର ଜପ କରନ୍ତି, ବିକ୍ରମ ଦେବ ସେହି ଅବସ୍ଥାରେ ମହାବୀର ପରି ବିପଦ ସଙ୍ଗରେ ସମ୍ମୁଖ ସଂଗ୍ରାମରେ ନିଯୁକ୍ତ ହେଲେ । କି ଅଗାଧ ଧୈର୍ଯ୍ୟ କି ଦୁର୍ଦ୍ଦମ୍ୟ ସାହସ, କି ଅସୀମ ବୀରତ୍ୱ ! ତାଙ୍କର ପ୍ରକୃତ କ୍ଷାତ୍ର ତେଜ ଏହିଠାରେ ପ୍ରକାଶ ପାଇଲା । ସହସ୍ର ଶତ୍ରୁଜୟୀ ଜନମୀର ନୁହେଁ; ଅଜେୟ ଶତ୍ରୁ ବିପଦକୁ ବା ନିଜର ଅବାଧ ମନକୁ ଯେ ଜୟ କରିପାରେ ସେହି ଏକା ପ୍ରକୃତ ବୀର, ପ୍ରକୃତ ତେଜସ୍ୱୀ ।" ⁕ ମହତ୍ ଓ ଆଦର୍ଶ ସ୍ଥାନୀୟ ବ୍ୟକ୍ତି-ମାନଙ୍କର ଜୀବନୀ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ ସେମାନେ ଜୀବନର ଅସୀମ ଦୁଃଖ ଯନ୍ତ୍ରଣା ମଧ୍ୟରେ ଅଟଳ ରହି ଗମ୍ଭୀର ଧୈର୍ଯ୍ୟର ସହିତ ଦେଶ ଓ ମାନବ ସମାଜର ପ୍ରଭୂତ ମଙ୍ଗଳ ସାଧନ କରିଯାଇଛନ୍ତି ।

ବିକ୍ରମଦେବ ବର୍ମା ନଅ ବର୍ଷରେ ନିଜର ମା' ଓ ପନ୍ଦର ବର୍ଷରେ ବାପାଙ୍କୁ ହରାଇଥିଲେ । ଆଠ ବର୍ଷ ବୟସରୁ ପୋଷ୍ୟପୁତ୍ର ହୋଇ ମାଡ଼ୁଗୁଳ ଗଲେ । ବାର ବର୍ଷରେ ପୋଷ୍ୟପୁତ୍ର ଉଇଲ ରଦ୍ଦ ହେଲା । ପୁଣି ସେ ନିଜ ପିତାଙ୍କ ନିକଟକୁ ଫେରି ଆସିଲେ ।

ବିକ୍ରମ ଦେବଙ୍କ ଜ୍ୟେଷ୍ଠା ଭଗିନୀ ସୁବର୍ଣ୍ଣ ଦେବୀ ଖ୍ରୀ. ୧୮୮୯ରେ ପାରଳାଖେମୁଣ୍ଡୀର ଗଜପତି ମହାରାଜା ଗୌରଚନ୍ଦ୍ର ଦେବଙ୍କ ପାଣି ଗ୍ରହଣ କରିଥିଲେ । କିନ୍ତୁ ଦୁଃଖର ବିଷୟ ଏହି ଯେ ମାତ୍ର ବର୍ଷକ ପରେ ରାଣୀ ସୁବର୍ଣ୍ଣଦେବୀ ଖ୍ରୀ. ୧୮୯୦ରେ ଆକସ୍ମିକ ଭାବେ ପ୍ରାଣତ୍ୟାଗ କଲେ । ସେହି ମୃତ୍ୟୁର କାରଣ ଆର୍ସେନିକ ବିଷ ପ୍ରୟୋଗ ବୋଲି ଜଣାପଡ଼ିବାରୁ ପାରଳା ରାଜପରିବାରର କେତେ ଜଣ ବ୍ୟକ୍ତି ଦଣ୍ଡିତ ହେଲେ । ପାଞ୍ଚ ବର୍ଷରେ ସ୍ନେହମୟୀ ଜନନୀ, ଦ୍ୱାଦଶ ବର୍ଷରେ

⁕ କର୍ପୂର—ଚନ୍ଦ୍ରାମଣି ମହାନ୍ତି ।

Digitized by PPRACHIN, SOA

ଜ୍ୟେଷ୍ଠା ଭଗିନୀ ଏବଂ ପଞ୍ଚଦଶ ବର୍ଷରେ ପିତାଙ୍କୁ ହରାଇ ବିକ୍ରମଦେବ ମରୁଭୂମିର ପତ୍ରଝଡ଼ା ବୃକ୍ଷ ପରି ରହିଗଲେ । ଏହିପରି ଦୁଃସମୟରେ ମାତୃକୁଳରୁ ପୋଷ୍ୟ ପୁତ୍ର ଉଇଲ ରଦ୍ଦ ଏବଂ ପିତା କୃଷ୍ଣଚନ୍ଦ୍ର ପାଉଥିବା ୩୫୦ ଟଙ୍କା ବୃତ୍ତି ରଦ୍ଦ ଜନିତ ମାନସିକ ଯନ୍ତ୍ରଣା ଅନୁଭବୀ ବ୍ୟକ୍ତିତ ଅନ୍ୟ କେହି ବୁଝିବା ସମ୍ଭବ ନୁହେଁ ।

ପିତାଙ୍କ ମୃତ୍ୟୁ ପରେ ପରେ ମାନ୍ଦ୍ରାଜ ହାଇକୋର୍ଟରୁ ତାଙ୍କର ପୋଷ୍ୟପୁତ୍ରତ୍ୱ କାଏମ ରହିଲା ବୋଲି ରାୟ ବାହାରିଲା ପରେ ପୁନଶ୍ଚ ମାତୃକୁଳରେ ରହିଲେ । ନାବାଳକ ପାଇଁ କୋର୍ଟ ଅଫ ଓ୍ୱାର୍ଡ଼ସ ଅଧୀନରେ ଶିକ୍ଷାଦୀକ୍ଷା ପାଇଁ ସେଠାରେ ଶିକ୍ଷା ଲାଭ କଲେ । କିନ୍ତୁ ପୂର୍ବ ମୋକଦ୍ଦମା ବିରୋଧରେ ବିଲାତରେ ପ୍ରିଭି କାଉନସିଲରେ ଯେଉଁ ଅପିଲ ହୋଇଥିଲା, ସେଥିରେ ଖ୍ରୀ. ୧୮୮୮ରେ ନିମ୍ନ କୋର୍ଟ ରାୟ କାଏମ ରହିବାରୁ ପୁନଶ୍ଚ ବିକ୍ରମ ଦେବ ରାଜ୍ୟ ହରାଇଲେ । ଏହି ଅଭାବ ଅନଟନ ମଧ୍ୟରେ ଖ୍ରୀ. ୧୮୯୨ରେ ତାଙ୍କର ବ୍ରତୋପନୟନ ହୋଇଥିଲା ।

ତାଙ୍କର ଜ୍ୟେଷ୍ଠ ପିତା ରାମଚନ୍ଦ୍ରଦେବଙ୍କ ମୃତ୍ୟୁ ହେବାରୁ ଖ୍ରୀ. ୧୮୮୯ରେ ଜୟପୁର ରାଜ୍ୟ କୋର୍ଟ ଆଫ୍ ଓ୍ୱାର୍ଡ଼ସ ଅଧୀନରେ ରହିଥିଲା ଏବଂ କୋର୍ଟ ଅଫ୍ ଓ୍ୱାର୍ଡ଼ସ୍ ବିକ୍ରମଦେବଙ୍କର ଶୋଚନୀୟ ଅବସ୍ଥା ଦେଖି ୩୫୦ ଟଙ୍କା ଭତ୍ତା ମଞ୍ଜୁର କରିଥିଲା । ସେ ଖ୍ରୀ. ୧୯୦୮ରେ ନବରଙ୍ଗପୁର ରାଣୀଙ୍କର ନାତୁଣୀଙ୍କୁ ବିବାହ କରିବାରୁ ଜୟପୁର ରାଜା ଚତୁର୍ଥ ବିକ୍ରମଦେବଙ୍କ ରୋଷାଗ୍ନି ଯୋଗୁଁ ତାଙ୍କୁ ସେହି ଭତ୍ତା ମଧ୍ୟ ହରାଇବାକୁ ପଡ଼ିଥିଲା । ସେ ଏଥିପାଇଁ ମୋକଦ୍ଦମା କରି ଖର୍ଚ୍ଚାନ୍ତ ହେଲେ । ତାଙ୍କର ଶିକ୍ଷାଦୀକ୍ଷା ଅବସ୍ଥାନ ସମୟରେ ଖ୍ରୀ. ୧୯୧୦ରେ ଏକ କନ୍ୟା ସନ୍ତାନ ଜାତ ହେଲା । ସହର ଜାଗାରେ ରହି କନ୍ୟାର ଲାଳନ ପାଳନ କରି ଚଳିବା ଅତ୍ୟନ୍ତ କଷ୍ଟସାଧ୍ୟ । ବୃତ୍ତି ଉଚ୍ଛେଦ ଯୋଗୁଁ ଖ୍ରୀ. ୧୯୦୯ରୁ ୧୯୨୦ ପର୍ଯ୍ୟନ୍ତ ବିଲାତରେ ପ୍ରିଭି କାଉନସିଲରେ ମୋକଦ୍ଦମା ଖର୍ଚ୍ଚ ତୁଲାଇବା ଆହୁରି କଷ୍ଟକର ଥିଲା ।

ତାଙ୍କର ପରିବାର କହିଲେ ସହଧର୍ମିଣୀ ଏବଂ ଏକମାତ୍ର କନ୍ୟା ମଣି-ଦେବୀ । ମଣିଦେବୀ ଯେପରି ବୁଦ୍ଧିମତୀ ସେହିପରି ଗୁଣବତୀ ମଧ୍ୟ । ବିକ୍ରମଦେବ ତାଙ୍କୁ ଯଥୋଚିତ ଶିକ୍ଷା ଦେଇ ସୁନିପୁଣା କରାଇଥିଲେ । ପୁତ୍ରସନ୍ତାନ ନ ହେବାରୁ ତାଙ୍କର ବନ୍ଧୁ ଓ ହିତାକାଙ୍‌କ୍ଷୀମାନେ ପୁନଶ୍ଚ ବିବାହ କରିବା ପାଇଁ ଅନୁରୋଧ କରିଥିଲେ; ମାତ୍ର ଏକପତ୍ନୀବ୍ରତରେ ସେ ଅଟଳ ରହିଲେ ।

ଜାମାତା ବିଦ୍ୟାଧର ସିଂହଦେବ :

ଖ୍ରୀ. ୧୯୨୫ ଜାନୁଆରି ୨୯ ତାରିଖରେ ବିକ୍ରମଦେବ ବର୍ମା ତାଙ୍କର କନ୍ୟା ମଣିଦେବୀଙ୍କୁ ସିଂହଭୂମି ଜିଲ୍ଲା ଅନ୍ତର୍ଗତ ଇଚ୍ଛାଗଡ଼ ରାଜବଂଶର ସୁରେଶ୍ୱର ସିଂହ-ଦେଓଙ୍କ ଜ୍ୟେଷ୍ଠ ପୁତ୍ର ବିଦ୍ୟାଧର ସିଂହଦେବଙ୍କ ସହିତ ଜୟପୁର ରାଜଭବନରେ

Digitized by PPRACHIN, SOA

ବିବାହ କରାଇଥିଲେ । ଖ୍ରୀ. ୧୯୨୦ଠାରୁ ନିଜର ପୁତୁରା ରାମଚନ୍ଦ୍ର ଦେବଙ୍କ ସଙ୍ଗେ ମୋକଦ୍ଦମା ରଫା କରି ଉତ୍ତମ ସମ୍ପର୍କ ପ୍ରତିଷ୍ଠା କଲେ । ତାଙ୍କର ଜ୍ୱାଇଁ ସେତେବେଳେ କଲିକତା ବିଶ୍ୱବିଦ୍ୟାଳୟରୁ ବି. ଏ., ବି ଏଲ୍. ଉପାଧି ପାଇଥିଲେ । ତାଙ୍କର ପୁତ୍ର ନ ଥିବାରୁ ନିଜ ଜାମାତା ଓ କନ୍ୟାଙ୍କୁ ନିଜ ପାଖରେ ରଖିଥିଲେ । ବିଦ୍ୟାଧର ସିଂହଦେବ ସିଂହଭୂମି ଜିଲ୍ଲା ଟିଡ଼େଇକଲା ରାଜ୍ୟ ଅନ୍ତର୍ଗତ ଇଚ୍ଛାଗଡ଼ରେ ଖ୍ରୀ. ୧୮୯୮ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ଇତିହାସ ଓ ପ୍ରତ୍ନତତ୍ତ୍ୱରେ ଗଭୀର ଦକ୍ଷତା ଥିଲା । ସେ ବିଶାଖାପାଟଣାରେ ଓକିଲାତି ଆରମ୍ଭ କରିଥିଲେ । ଓକିଲାତି ଛାଡ଼ି ଜୟପୁର ରାଜଭବନକୁ ଆସିବା ପରେ ରାଜା ବିକ୍ରମଦେବ ବର୍ମାଙ୍କୁ ରାଜକାର୍ଯ୍ୟ ପରିଚାଳନାରେ ଯଥେଷ୍ଟ ସାହାଯ୍ୟ କରିଥିଲେ । ତତ୍କାଳୀନ ଉତ୍କଳର ଅନ୍ୟତମ ଇଂରାଜୀ ମାସିକ ପତ୍ରିକା 'ବୈତରଣୀ'ର ସେ ସମ୍ପାଦକ ଥିଲେ ।

ବିଦ୍ୟାଧର ସିଂହଦେବ ଅନେକ ଗୁଡ଼ିଏ ଐତିହାସିକ ପ୍ରବନ୍ଧାବଳୀ ଲେଖିଛନ୍ତି ଏବଂ ତତ୍କାଳୀନ ପ୍ରମୁଖ ଐତିହାସିକମାନେ ସେ ପ୍ରବନ୍ଧଗୁଡ଼ିକର ଭୂୟସୀ ପ୍ରଶଂସା କରିଛନ୍ତି । ତାଙ୍କ ଲିଖିତ "ତପୋବନରାଜ୍ୟ", "ପୁରାତନ ଭଞ୍ଜରାଜ୍ୟ", "ପୁରାତନ ଭଞ୍ଜବଂଶୀୟ ରାଜାଗଣ", "ସିଂହଭୂମିର ପ୍ରାଚୀନତ୍ୱ" ଏବଂ "ଲଧ ଓ କର୍ଣ୍ଣସୁବର୍ଣ୍ଣର ଅବସ୍ଥିତି" ପ୍ରଭୃତି ପ୍ରବନ୍ଧଗୁଡ଼ିକ ଅତ୍ୟନ୍ତ ମୂଲ୍ୟବାନ । ତାଙ୍କର "ଫିଉଡେଟରୀ ଷ୍ଟେଟ ଏବଂ ଓଡ଼ିଶା" ନାମକ ତଥ୍ୟପୂର୍ଣ୍ଣ ପ୍ରବନ୍ଧ ଖ୍ରୀ. ୧୯୩୦ରେ କଲିକତାର ଇଂରାଜୀ ମାସିକ ପତ୍ରିକା 'ମଡର୍ଣ୍ଣ ରିଭିଉ"ରେ ପ୍ରକାଶିତ ହୋଇଥିଲା । "ସିଂହଭୂମିର ଲୁପ୍ତ ପୋଡ଼ାହାଟ" ନାମରେ ଅନ୍ୟ ଏକ ପ୍ରବନ୍ଧ ମଧ୍ୟ ଉକ୍ତ ପତ୍ରିକାରେ ପ୍ରକାଶିତ ହୋଇଥିଲା । ବିଲାତର ଗୋଲଟେବୁଲ ବୈଠକରେ ଯୋଗଦେବାପାଇଁ ଯାଇଥିବା ଦେଶୀୟ ରାଜ୍ୟର ରାଜନ୍ୟ ମଣ୍ଡଳୀ ଏହାକୁ ପାଠ କରି ପ୍ରତିକ୍ରିୟା ପ୍ରକାଶ କରିଥିଲେ ।

ବିକ୍ରମଦେବ ବର୍ମାଙ୍କ ପରେ ବିଦ୍ୟାଧର ସିଂହଦେବ ଖ୍ରୀ. ୧୯୩୩ରେ ବିଶ୍ୱନାଥ ଦାଶଙ୍କ ପ୍ରରୋଚନାରେ ବିଶାଖାପାଟଣା ସ୍ଥିତ ଉତ୍କଳ ସମାଜର ସଭାପତି ପଦ ଅଳଙ୍କୃତ କରିଥିଲେ । ତାଙ୍କ ଲିଖିତ ଜୟପୁର ଦେଶମିଶ୍ରଣ ସମ୍ବନ୍ଧୀୟ ମେମୋ-ରେଣ୍ଡମ୍ ଉତ୍କଳର ଏକ ମୂଲ୍ୟବାନ ଦଲିଲ । ଏହି ମେମୋରେଣ୍ଡମଟି କଲିକତାର "ଲଣ୍ଡହୋଲଡରସ୍ ଜର୍ନାଲ" ନାମକ ଇଂରେଜୀ ପତ୍ରିକାରେ ପ୍ରକାଶିତ ହୋଇଥିଲା । ସେ ଖଣ୍ଡିଏ ଇଂରେଜୀ ପୁସ୍ତକ "Jeypore in Vizagapatam" ରଚନା କରିଥିଲେ । ଜୟପୁର, ପାରଳାଖେମୁଣ୍ଡୀ, ସିଂହଭୂମି ପ୍ରଭୃତି ବିଚ୍ଛିନ୍ନାଞ୍ଚଳ ପାଇଁ ତାଙ୍କର ଅବଦାନ କମ୍ ନୁହେଁ ।

ବିଦ୍ୟାଧର ସିଂହଦେବଙ୍କର ଦୁଇ ପୁତ୍ର ଓ ଦୁଇ କନ୍ୟା ଥିଲେ । ନାତି ନାତୁଣୀ ମେଳରେ ବିକ୍ରମଦେବ ନିଜର ଅବସର ସମୟ କଟାଉଥିଲେ ।

Digitized by PPRACHIN, SOA

ପଞ୍ଚମ ପରିଚ୍ଛେଦ

କବି ବିକ୍ରମଦେବ ବର୍ମା

ବିକ୍ରମଦେବ ବର୍ମାଙ୍କର ଜୀବନ ଥିଲା ଅତ୍ୟନ୍ତ ଘଟଣାବହୁଳ । ଏହା ତାଙ୍କର ସାହିତ୍ୟ କୃତି ଓ ବ୍ୟକ୍ତିତ୍ୱ ଗଠନ ଦିଗରେ ସହାୟକ ହୋଇଥିଲା ।

ଆମେ ପୂର୍ବରୁ ଜାଣିଛେ ବିକ୍ରମଦେବ ବର୍ମା ନିଜେ ଘରେ ପଢ଼ି ସଂସ୍କୃତ, ତେଲୁଗୁ, ଓଡ଼ିଆ ଓ ହିନ୍ଦି ସାହିତ୍ୟରେ ଅପୂର୍ବ ପାରଦର୍ଶିତା ଲାଭ କରିଥିଲେ । ନିଜର ଅସାଧାରଣ ସଂସ୍କୃତ ଚର୍ଚ୍ଚାର ପରିସର ମଧ୍ୟରେ ସଂସ୍କୃତ ସାହିତ୍ୟର ରୀତି ଏବଂ ବ୍ୟାକରଣ ଅବଲମ୍ବନରେ ନିଜର କାବ୍ୟ ଓ କବିତାରେ ସରଳ ଓଡ଼ିଆ ଭାଷା ପ୍ରୟୋଗ କଲେ । ସେ ତତ୍କାଳୀନ ସମ୍ବାଦପତ୍ର ନବଭାରତ, ସହକାର, ନବୀନ, ଶିଶିର, ଦୈନିକ ଆଶା, ପ୍ରଦୀପ, ମୁକୁର, ଉତ୍କଳ ସାହିତ୍ୟ, ସମ୍ବଲପୁର ହିତୈଷିଣୀ ପ୍ରଭୃତିର ଜଣେ ମୁଖ୍ୟ ଲେଖକ ଥିଲେ ।

ଓଡ଼ିଆ ଭାଷାର ପ୍ରଥମ ପୁସ୍ତକ

ଓଡ଼ିଆ ଭାଷାରେ ତାଙ୍କର ପ୍ରଥମ ଲେଖା ହେଲା—"ଭଗବଦ୍ଗୀତା ମାହାତ୍ମ୍ୟ ।" ଏହା ନବାକ୍ଷରୀ ବୃତ୍ତରେ ଭଗବଦ୍‌ଗୀତାର ଉତ୍କଳ ପଦ୍ୟାନୁବାଦ । ଏହି ପୁସ୍ତକ ବର୍ତ୍ତମାନ ଦୁଷ୍ପ୍ରାପ୍ୟ । ଓଡ଼ିଆ ଭାଷାରେ ଲେଖା ଆରମ୍ଭ କରିବା ସମୟରେ ପ୍ରଥମେ ଧର୍ମ ସମ୍ବନ୍ଧୀୟ ଲେଖା ଆରମ୍ଭ କରିବା ଉଚିତ ବୋଲି ସେ ଏହା ଆରମ୍ଭ କରିଥିଲେ । ଧର୍ମ ସମ୍ବନ୍ଧୀୟ ଶାନ୍ତରସର କାବ୍ୟ ଦେଖି ଯୁବକବିମାନେ ଏହି ଆଦର୍ଶ ଅନୁକରଣୀୟ ବୋଲି ଉପଲବ୍ଧି କରିଥିଲେ ।

କବି କୈଶୋର ସମୟରେ ଆଦିରସର କବିତା 'ସରସ ଗୀତାବଳୀ' ରଚନା କରି ପ୍ରାଚୀନ କବି ଭଞ୍ଜ ପ୍ରଭୃତିଙ୍କ ପଦାଙ୍କ ଅନୁସରଣ କରିଥିଲେ । ତାଙ୍କ କବିତା ଗୁଡ଼ିକ ମଧୁର ଆଦିରସ ପୂର୍ଣ୍ଣ ।

ଉଦାହରଣ ସ୍ୱରୂପ :—

ସୁକୁମାର ଅପଘନ ନବୀନ ଘନ ସମାନ
କଟି ତଟ ପୀତ ପଟ ସୌଦାମିନୀ ପ୍ରକାର । ୩ ।
ତା'ର ନଶିତ ଈକ୍ଷଣ ବଙ୍କଣକୁ ପକାଇଣ
ବଳେ ଟାଣି ନେଲା ମୋ ମନୋମୀନ ହୃଦର । ୪ ।

Digitized by PPRACHIN, SOA

ଯେ ସର୍ବ ଲୋକଲୋଚନ   କୁମୁଦ ନିଶା ରମଣ
ଯାର ପାଦ-ପଦ୍ମେ ଭାର ଶ୍ରୀ ବନମ କିଙ୍କର । ୫ ।”

ସେହିପରି ସରସ ଗୀତାବଳୀର ଅନ୍ୟ ଏକ ପଦ ହେଉଛି—

“ବିମ୍ବ ସମାଧର ପୀୟୂଷ, ପ୍ରେମାଲିଙ୍ଗନ ।
ଚୁମ୍ବନ ହେମାଙ୍ଗ ସୁରସ, କନ୍ଦର୍ପ ଦାନ ଦେବ ବୋଲି ।
ଆଣିବାକୁ ପେଷିଲି ବାଳୀ । ମୈତଣି ଅକୃତକାର୍ଯ୍ୟ ହେଲି ।
ଦାନୋପାୟରେ ନ ପାଇଲି । ୩ ।

ସରସ ଗୀତର ଆଉ ଏକ ପଦ ହେଲା—

“ତୁମ୍ଭ ପ୍ରେମେ ହୋଇ ଭୋଳ ରାମା ପାଏ ଖେଦ ଶୂଳ (ପଦ)
ଅନ୍ନ ନୀର ନିଦ୍ରା ବାଳା ଛାଡ଼ି ଅତି କ୍ଷୀଣା ହେଲା
ବେଶଭୂଷା ଛାଡ଼ିଦେଲା ବାଞ୍ଛି ତୁମ୍ଭ ଗାଢ଼ କୋଳ । ୧ ।

ଆହେ ଗୋପୀ ଚିତ୍ତ ଚୋର ଚନ୍ଦ୍ର କାନ୍ତେ ମାର ଭାର
ଚନ୍ଦ୍ର ସାକ୍ଷୀ କାଳି ଭୀର ହୋଇଛନ୍ତି ତାର କାଳ । ୨ ।

ବିକ୍ରମେଶ ଚିତ୍ତ କାନ୍ତ ସୃଜନାର ରାଜରାଜ ।
ଦୂର ହେଲା ତାର ଓଜ ଏତେ ଦୁଃଖ ତାକୁ ଦେଲ । ୩ ।

ବାସ୍ତବରେ ସରସ ଗୀତାବଳୀ ରସ ଏବଂ ନିର୍ମଳ କବିତ୍ୱରେ ପରିପୂର୍ଣ୍ଣ । ରୀତି ଯୁଗୀୟ କାବ୍ୟ ଧାରା ତାଙ୍କୁ ବିଶେଷ ପ୍ରଭାବିତ କରିବାରୁ କବିତାରେ ଆଦି ରସର ପ୍ରାବଲ୍ୟ ପରିଲକ୍ଷିତ ହେଲେ ମଧ୍ୟ ବର୍ଣ୍ଣନାରେ ସଂଯତ । ଅଶ୍ଳୀଳତାକୁ ପ୍ରଶ୍ରୟ ଦେଇ ନାହାନ୍ତି । ସରସ ଗୀତରେ ଅନ୍ୟ ଏକ ପଦ ହେଲା—

“ଗେଲେ ନବବାଳୀ ମନ୍ଦେ ମନ୍ଦେ ଚାଲି, ହରେ ମନ ଧୀରଙ୍କର ।
ଧରିରେ ଚପଳା ନିର୍ମିତ ପିତୁଳା
ଧୀରେ କରେ କି ବିହାର । ୨ ।

ଚାହେଁ ନେତ୍ର ଢୋଳା, ଖେଳାଇ ଅବଳା ଚଉଦିଗ ବାରମ୍ବାର
ସୁବିଶଦ ଘନ ନୀଳୋତ୍ପଳ ଗଣ,
ବୃଷ୍ଟି କରେ କି ଅପାର । ୩ ।

ପ୍ରଲମ୍ବ କୁନ୍ତଳ, ଖୋଷାରେ ମଞ୍ଜୁଳ, ବିକଶିତ ମଲ୍ଲୀସର
କାଳିନ୍ଦୀ ମଧ୍ୟରେ ରାଜେ କି ସୁନ୍ଦରେ
ଗଙ୍ଗା ହୋଇ ଧାର ଧାର । ୪ ।”

(ଯିଏ ଦେଖିଲରେ ନୟନ ବେନି ମୋହର)

Digitized by PPRACHIN, SOA

ଖ୍ରୀ. ୧୯୦୮ରେ କବିଙ୍କ ବିବାହ ସମୟର ଉପରୋକ୍ତ ଗୀତରେ କବି ନାୟି-ମାନଙ୍କୁ ରାଧାକୃଷ୍ଣଙ୍କ ପ୍ରେମଲୀଳାରେ ସୀମାବଦ୍ଧ ନ କରି ତା'ର ବିଧାତା ସୃଷ୍ଟ ସୌନ୍ଦର୍ଯ୍ୟକୁ ଭାଷାରେ ଫୁଟାଇ ପାରିଥିଲେ ।

ରସିକ କବି ଏଠାରେ ଉପମା ଛଳରେ ରୀତିଯୁଗୀୟ କାବ୍ୟ ଧାରାରେ ଅନୁପ୍ରାଣିତ ହୋଇଥିଲେ ମଧ୍ୟ ତାଙ୍କର ଲେଖନୀ ସଂଯତ ।

"ବନିତା ବାତାକ, ସ୍ୱାଦୁ ଗୋଟାଯାକ
ହେଲେ ମଧ ସ୍ୱଭାବରେ ।
ତରୁ ବୃନ୍ତମୂଳ ହୋଇ ସୁକୋମଳ
ଅତ୍ୟନ୍ତ ସ୍ୱାଦୁ ଜନକରେ ॥"

କବି ପୁଣି ଉପମାର ପରାକାଷ୍ଠା ଦେଖାଇ କହିଛନ୍ତି—

"କି ଅବା ଶରଦ ଶଶାଙ୍କ କଳା ।
କି ଅବା ସେବତି ଚମ୍ପକ ମାଳା ।
କି ଅବା ବହ୍ନିରେ ତପ୍ତ କାଞ୍ଚନ ।
କି ଅବା ଦାମିନୀ ନୁହେଁ ଏମାନ ।
ମୋର ପୂର୍ବ ତପ । 'ଉଭା ହୋଇଛୁ ଧରି ବାଳାରୂପ ।"

ବିକ୍ରମଦେବ ବର୍ମା—ପ୍ରାଚୀନ କାବ୍ୟାଦର୍ଶ ଓ ଶୈଳୀରେ ସୁନ୍ଦର ଗୀତଟିଏ ରଚନା କରିଛନ୍ତି—

ରସବତୀରେ ! କାଶହାସୀ କର୍ମା ବସୁ ଶ୍ରୀମୁଖଂପୋଛରେ (ପଦ)
ଦୋଷେ ବିନା ଦୋଷେ ମାନ କରି, ବସରୁଦ୍ଧ ପାଣି ଗଣ୍ଡେ ଭରି ।
ବସୁବତୀରେ ରୂପି ସୁନ୍ଦରୀ,
ବସି କାହୁଁ ଉରି ଚେଲ ଗଲ୍ଲଣି ଛନ୍ତରେ । ୧ ।
ମାର ପ୍ରହାରୁଛି ମୋତେ ଶରେ, କରି ନେଜ ପ୍ରଭ ବାଣ ଭାରେ ।
ତୋର ଉରବାସ ଆଢ଼ଣୀରେ ।
ତରେ ରଖି ନାଶ କରେ ମୋହର ଖାତିରେ । ୨ ।
କରି ଉଦେ ହାସ ରଜନୀଶ, ଗୋପ୍ୟ ଦେଇ ଅଧର ପ୍ରୀୟୁଷ
ସ୍ମର କେଳରେ ରସିଣ ନାଶ,
ମୋର କାମ ତମ ତୃଷା ଖେଦ ଝଟତରେ । ୩ ।
କରିଅଛୁ ଯେବେ ଦୋଷ ମୁହିଁ, ବର ବାହୁପାଶେ ବାନ୍ଧ ସହି ।
ଭର ହୃଦୟ କାରାରେ ନେଇ,
କରକ କୁନ୍ତରେ କିବା ଭୂଷ ସ୍ୱଦନ୍ତରେ । ୪ ।

Digitized by PPRACHIN, SOA

ଶ୍ରୀ ବିକ୍ରମଦେବ ଗୁଣ ମିତ, କଲେ ଅନାଦର ଆଉ ଯେତ ।
ଫୁଲ ବାଣେ ଅଙ୍ଗୁ ଲେପ କାନ୍ତ,
ବୋଲି ହକାରିବା ହୋଇବଟି ସୁମତିରେ । ୫ ।

ସେହିପରି ଅନ୍ୟ ଏକ ଗୀତ ହେଲି—
ବାରେ ମୋତେ କରେ କୃପାରେ ହେମ ଦେଖି (ପଦ)
ଚଣ୍ଡ କାମ କାଣ୍ଡ ଦର୍ଣ୍ଡ କରେ ଛାଡ଼ି । ବାରେ ।
ଆନନ୍ଦରେ ମନ୍ଦହାସ ଚନ୍ଦ୍ରିକା କରି ପ୍ରକାଶ ।
ନାଶେ ମଦନ ଅନ୍ଧାର ପ୍ରାଣ ସଖି । ୧ ।
ଦେଇ ଗାଢ଼ ଆଲିଙ୍ଗନ ମୋର ତପ୍ତ ଅପଘନ ।
ବେଗରେ କାକର କରେ ଗୃନ୍ଦ ମୁହିଁ । ୨ ।
ଯାଉଛି ମୋର ଜୀବନ ରକ୍ଷା କରେ ଜୀବଧନ
ଗୃରୁ ବିମ୍ବାଧରୁ ସୁଧାରସ ଦେଇ । ୩ ।
ବିକ୍ରମ ଦେବ ବନ୍ଦିତ ହରି ତନୁଜ ଶପଥ ।
ଆଉ ମୁହିଁ ସମ୍ଭାଳି ପାରିବି ନାହିଁ । ୪ ।"

କବି ବିକ୍ରମଦେବ ବର୍ମାଙ୍କ ୧୮୧୨ ଖ୍ରୀଷ୍ଟାବ୍ଦରେ ମାଡଗୁଳା ରାଜଧାନୀରେ ବ୍ରତୋପନୟନ କାର୍ଯ୍ୟ ସମାହିତ ହୋଇଥିଲା । ସେ ବ୍ରତୋପନୟନର ସମସ୍ତ ଖର୍ଚ୍ଚ ମାଡ଼ଗୁଳାର ଦ୍ୱିତୀୟା ରାଣୀ ନୀଳମଣୀ ଦେବୀଙ୍କ ସୁପୁତ୍ରୀ ଆମ୍ଭୀ ଦେବୀ ବହନ କରିଥିଲେ । ବିକ୍ରମଦେବ ବର୍ମା ଭଗିନୀ ଆମ୍ଭୀ ଦେବୀଙ୍କୁ ଅତ୍ୟଧିକ ଭଲ ପାଉଥିଲେ । ଆମ୍ଭୀ ଦେବୀ ଶ୍ରୀରାଧା କୃଷ୍ଣଙ୍କୁ ନିଜର ଇଷ୍ଟ ଦେବୀ ରୂପେ ପୂଜା କରୁଥିଲେ । କବି ବିକ୍ରମଦେବ କେତେକ କବିତା ନିଜେ ଲେଖି ଆମ୍ଭୀ ଦେବୀଙ୍କ ନାମରେ ଭଣିତା କରିଥିଲେ ।

"ରାସରସବିଳାସ ଧୃତ ହରିତ ବାସ
ସଖି ଗର୍ବ ଖର୍ବ କର ମୁରଲୀଧର । ୪ ।
ନୀପତରୁମୂଳୀସ୍ଥା କେକୀପୁଚ୍ଛ ଚୂଳୀସ୍ଥା
ବ୍ରଜ ବନିତା ପାଳନା ବାସ ଉତ୍କର । ୫ ।
ଶ୍ରୀ ଆମ୍ଭୀ ମହାଦେବୀ ଚିତ୍ତ କଳଜ ରବି
ଶ୍ରୀମତୀ ବଦନ କଞ୍ଜ ମତ୍ତ ଭ୍ରମର । ୬ ।"
ଅନ୍ୟ ଏକ ଗୀତରେ ରାଧାକୃଷ୍ଣଙ୍କ ପ୍ରେମ ଲୀଳା ବର୍ଣ୍ଣନା କରିଛନ୍ତି—
"ସଦା ନୟନେ ନାଚନ୍ତି ନୀପ-ମୂଳୀସ୍ଥା
ପାଟହାର ନୂହେତ ମନ୍ଦୁ ଧେନୁ-ଚକ୍ରସ୍ଥା (ପଦ)

Digitized by PPRACHIN, SOA

ଅଖଣ୍ଡ ସୁଧାକର　　　ଜିଣି ମୁଖ ସୁନ୍ଦର
ମନ୍ଦ ମନ୍ଦରେ ହସିବା ସେ ମୁରଲାସ୍ୟା । ୧ ।

ତାର ବସନ ଭୂଷା　　　ମୋ ହୃଦେ କଲେ ବସା
ରସାଭୂଷା ସତ୍ତା ଧୃତ ଧର ଶାଳୀସ୍ୟା । ୨ ।

ନବୀନ ଜଳଧର　　　ପର ଛବି ସୁନ୍ଦର
ହସେ ହସେ ହସେ ମୋତେ ବାଙ୍କ ଚୂଳାସ୍ୟା । ୩ ।

ହିଭଙ୍ଗି ଠିଆ ଠାଣି　　　ମୋ ଦମ୍ଭ ହଏ ହାଣି
ନ ଜାଣି ଗୃହିଁଲ ଥରେ ଗୁଞ୍ଜ ମାଳାସ୍ୟା । ୪ ।

କି ମନୋହର ସେହୁ　　　ବଚନେ ଲୁହେଁ କହୁ
ଶ୍ରୀ ଆମ୍ଭୀ ମହାଦେବୀଙ୍କ ସେ ସଙ୍ଗାଳୀସ୍ୟା । ୫ ।"

କିଏ ଜାଣିଥିଲା ଆମ୍ଭୀଦେବୀଙ୍କ କନ୍ୟା ରାଜେନ୍ଦ୍ରମଣୀ ଦେବୀ ହିନେ ମାଡ଼ଗୁଲର ରାଜସିଂହାସନରେ ଅଭିଷିକ୍ତ ହେବେ ? ମାଡ଼ଗୁଲର ରାଣୀ ସୀତା ପାଟମହାଦେଈ ଖ୍ରୀ ୧୯୦୧ରେ ମାନବଲୀଳା ସମ୍ବରଣ କରିଲା ପରେ ଅନ୍ୟ ଉତ୍ତରାଧିକାରୀ ଅଭାବରେ ବିକ୍ରମ ଦେବଙ୍କ ଖୁଡ଼ୁତା ଝିଅ ଭଉଣୀ ଓଡ଼ିଆ ରାଜବଂଶର କନ୍ୟା ରାଜେନ୍ଦ୍ରମଣୀ ଦେବୀ ମାଡ଼ଗୁଲ ସିଂହାସନରେ ଅଧିଷ୍ଠିତା ହେଲେ । ସେ ଜୟପୁରରେ ଥିବା ସମୟରେ ତାଙ୍କର ଓଡ଼ିଆ ଭାଷାରେ ଅଗାଧ ଜ୍ଞାନ ଥିଲା । ସେ ଜଣେ ବିଦୁଷୀ ରାଜକନ୍ୟା । ବିକ୍ରମଦେବ ଆମ୍ଭୀଦେବୀ ଓ ତାଙ୍କ ଝିଅ ରାଜେନ୍ଦ୍ରମଣୀଙ୍କୁ ଖୁବ୍ ଭଲ ପାଉଥିଲେ । ସେ ଅନେକ ରଚନା ତାଙ୍କ ନାମରେ ଭଣିତା କରିଛନ୍ତି—

"ନୀଳମଣିକି ବଳି　　　କୋମଳ ତନୁଟିଳି
ହୃଦୟ ଗୁଞ୍ଜ ମାଳ ହସଇ ମନୋହର । ୩ ।

ମାନିନୀ ସମିତର　　　ମାନ କରଣେ ଚୂର
କିବା ମଦନ ବୀର ନବୀନ ଅବତାର । ୪ ।

ରାଜେନ୍ଦ୍ରମଣି ଦେବୀ　　　ଚଉ ଧାରସ ଚବି
ବର୍ଣ୍ଣିବାକୁ ସୁକବି ମନକୁ ଅଗୋଚର । ୫ ।"

ଅନ୍ୟ ଏକ ଗୀତ—ସେହିପରି ଭଣିତା କରିଛନ୍ତି :—

"ଶୁଣରେ ରମଣୀ ମଣି　　　ମୋ ବଚନସ୍ତୁ ବାଣୀକି । ପଦ ।
କେତେ ତପେ ଲଭିଅଛୁ ସେବି ଶୂଳପାଣିକି । ଶୁଣ ।
ଅକାରଣେ ମାନ କରି　　　କାହିଁକି କନକ ଗୋରୀ
ଭୂଷା ତେଜି ବସିଅଛୁ ଅନାଇ ଧରଣୀକି । ୧ ।

Digitized by PPRACHIN, SOA

ତୁମ୍ଭ ଏକା ମୋର ଗତି   ବୋଲି ଆରେ ରସବତୀ
ଜମ୍ଭମ କରିବ ତୁଇଁ ତୋ ପ୍ରେମାଳି ଫଣୀକି । ୨ ।

ପିଇବି ତୋର ଅଧର   ଅମୃତକୁ ସୁମାବର
ନେତ୍ରେ ଦେଖିନାହିଁ ବୋଲି ଇତର ତରୁଣୀକି । ୩ ।

ବହ୍ନେ ପରିରମ୍ଭଣ   କରି ରଖ ମୋର ପ୍ରାଣ
ନ ଦେଇ ମଦନ ଅବାରଣ ବାଣ ଶ୍ରେଣୀକି । ୪ ।

ଶ୍ରୀ ସୁକେଶ୍ରୀମଣି ଦେବୀ   ବଦନୀ ଜୀବ ବାନ୍ଧବୀ
ତୋର ଅନାଦରେ କୃଷ୍ଣ ଲୋପ ହେବ ଏଣିକି । ୫ ।"

ଅନ୍ୟ ଏକ ଗୀତରେ ପୁରୁଷମାନଙ୍କର ପ୍ରୀତିବାଣୀ ସବୁ ନୀରର ଗାର ସଦୃଶ କହି ସୁକେଶ୍ରୀମଣି ଦେବୀଙ୍କ ଭଣିତା କରିଛନ୍ତି :—

(ରାଗିଣୀ ମୁଖାରି । ଆଦିତାଳ ।)

"ପ୍ରାଣ ସଙ୍ଗିନୀ, ଅଣ୍ଟଇ ହୁଅ ତୁ ତୂନି । ପଦ ।
ମୋତେ ରତିପତିକି   ଦେଇ ସେ ପାପିନୀକି
ଆପେ ରସିଲେ ଶ୍ରୀକାନ୍ତ । ୧ ।

ତାଙ୍କଠାରେ ମୋ ମନ   ଲାଗିବାଠାରୁ ଅନ୍ନ,
ପାଣି ବିଷ ହୋଇଲାଣି । ୨ ।
ଶ୍ୟାମ ଆଶାରେ ପ୍ରତି   ରାତି ମୋତେ ସୁମତି
ହେଉଛି ହର ରଜନୀ । ୩ ।

ପୁରୁଷମାନଙ୍କର   ପ୍ରୀତି ବାଣୀ ପ୍ରକର
ନୀରର ଗାର ତରୁଣୀ । ୪ ।

ବିଚ୍ଛେଦ ସବୁକାଳେ   ପାଇବାକୁ ମୋ ଭାଲେ
ଲେଖିଛି ତ ବାଣୀକାନ୍ତ । ୫ ।

ସୁକେଶ୍ରୀମଣି ଦେବୀ   ମାନସ କଞ୍ଜ ରବି
ବେଣୁଧର ଶଠାଗ୍ରଣୀ । ୬ ।"

କବି ବିକ୍ରମ ଦେବ ବର୍ମା ଏକ ମନୋରମ ରଚନା କରି ସୁକେଶ୍ରୀମଣି ମାଣ୍ଡୁଗୁଳର ସାମ୍ରାଜ୍ଞୀ ହେବା ପରେ ଏକ ଧନ୍ଦା ପ୍ରହେଳିକାଧର୍ମୀ କବିତା ଆଷାଢ଼ ଶୁକ୍ଳବାଣୀରେ ଲେଖି ସୁକେଶ୍ରୀମଣି ଦେବୀଙ୍କୁ ଉପହାର ଦେଇଥିଲେ । କବିତାର ଦ୍ୱିତୀୟ ଅଂଶ ତିନୋଟି କ୍ରମରେ 'ସୁକେଶ୍ରୀମଣି' ହେଉଛି :—

Digitized by PPRACHIN, SOA

ବାରିନିଧି ସୁତା ମାନସ ହରି ।
ଗଜେନ୍ଦ୍ର ରକ୍ଷକ ଧୃତ ମନ୍ଦର ।
ଇନ୍ଦ୍ର ପୁର ଆଦି ନ ମାଗେ ହରି ।
କୋମଳ ଚରଣେ କର କିଙ୍କରୀ ।
ମଣିମା ମାଗୁଛି । ଦ୍ୱିତୀୟ ବର୍ଣ୍ଣେ ଯାର ନାମ ଅଛି । ୧ ।

ନାରାୟଣ ବିଷ୍ଣୁ ତ୍ରିଲୋକେଶ୍ୱର ।
କଂଜେକ୍ଷଣ ଶଙ୍ଖରଥାଙ୍ଗଧର ।
ଚନ୍ଦ୍ର ମୁଖ ସେବାରେ ଥିବି ସଦା ।
କମଳା ସଙ୍ଗେ ହୋଇ ଏଥି ବିଦା ।
ମଣିମା ମାଗୁଛି । ଦ୍ୱିତୀୟ ବର୍ଣ୍ଣେ ଯାର ନାମ ଅଛି । ୨ ।

ହେ ରାମ ସୀତା ମୁଖ ପଦ୍ମ ରବି ।
ରାଜେଶ୍ୱର ପାତକ ଗିରି ପବି ।
ଇନ୍ଦ୍ରନୀଳ ଛବି ତୋ ପାଦପଦ୍ମ ।
ନାମ ହୃଦୟେ ସଦା କରୁ ସଦ୍ମ ।
ମଣିମା ମାଗୁଛି । ଦ୍ୱିତୀୟ ବର୍ଣ୍ଣେ ଯାର ନାମ ଅଛି । ୩ ।

ଧରାଧର ଶୌରି କରୁଣାକର ।
ସାଜେଣି ସାଜ ବୃଷଭାନୁ ଜାର ।
ଚାନ୍ଦ୍ର ବୃନ୍ଦାବନ ନିକୁଞ୍ଜେ ନଟ ।
ସମସ୍ତ କହୁଥିବ ଗୋପୀପଠ ।
ମଣିମା ମାଗୁଛି । ଦ୍ୱିତୀୟ ବର୍ଣ୍ଣେ ଯାର ନାମ ଅଛି । ୪ ।

ଶ୍ରୀ ରାସେଶ୍ୱରୀ ରଞ୍ଜନ ଗୋବିନ୍ଦ ।
ଦ୍ୱିଜେନ୍ଦ୍ର ସନ୍ନୁତ ପଦାରବିନ୍ଦ ।
ଇନ୍ଦ୍ର ଆଦିଦେବ ବୃନ୍ଦ ପୂଜିତ ।
ନାମ ଭଜନେ ରହୁ ମୋର ଚିତ୍ତ ।
ମଣିମା ମାଗୁଛି । ଦ୍ୱିତୀୟ ବର୍ଣ୍ଣେ ଯାର ନାମ ଅଛି । ୫ ।

ଏଠାରେ 'ରାଜେନ୍ଦ୍ରମଣି'ଙ୍କୁ ସେ ପ୍ରାଣଦେଇ ଭଲପାଉଥିବା ପରିଲକ୍ଷିତ ହୁଏ । ଏ ରଚନା ତାଙ୍କର ବିବାହ ପୂର୍ବର ରଚନା ।

କବି ନବରଙ୍ଗପୁରର ରାଜା ଚୈତନ୍ୟ ଦେବଙ୍କ ଦ୍ୱିତୀୟା ରାଣୀ ସୁଲୋଚନାଙ୍କ ପ୍ରସ୍ତାବ ଅନୁସାରେ ସୁଲୋଚନାଙ୍କ ଭ୍ରାତୃଷ୍ପୁତ୍ରୀଙ୍କୁ ଖ୍ରୀ. ୧୯୦୮ରେ ବିବାହ କରିଥିଲେ । ସେତେବେଳେ ଜୟପୁର ରାଜା ତୃତୀୟ ବିକ୍ରମଦେବ ଏହି ବିବାହରେ ବିରୋଧ କରି ପୂର୍ବରୁ ମିଳୁଥିବା ତାଙ୍କର ଭତ୍ତା କାଟିଦେଲେ । ଏହା ବିରୋଧରେ

Digitized by PPRACHIN, SOA

ସେ ମୋକଦ୍ଦମା କରିଥିଲେ । ସେ ସେତେବେଳେ ବିଶାଖାପାଟଣାରେ ଅବସ୍ଥାନ କରୁଥିଲେ । ସେ ଗୃହତ୍ୟାଗ କରି ବାହାରକୁ ଯିବାବେଳେ ତାଙ୍କର ଧର୍ମପତ୍ନୀଙ୍କୁ “ମାନ ନ କରିବୁ ଧନ ମାଗୁଣି ଏତିକି” ଶୀର୍ଷକ ଅନ୍ୟ ଏକ ଧନ୍ଦା ପ୍ରହେଳିକା-ଧର୍ମୀ କବିତା ଆଷାଢ଼ ଶୁକ୍ଳ ବାଣୀରେ ରଚନା କରି ଉପହାର ଦେଇଥିଲେ ।

ଭ୍ରମା ରତନ ମେଲାଣିକି କର
ଘନକୁନ୍ତଳା ଯିବ ଦେଶାନ୍ତର
ଜନପତି ଆଜ୍ଞା ଅବଜ୍ଞା ମୁହିଁ
ନ କରିପାରି ଯାଉଅଛୁ ସ୍ୱାମୀ
କରିବିରଗତି । ତବୁକି ଧରୁଛ ଯେନ ବିନତି । ୧ ।

ମାଧବ ସୁତ ବାଧାରୁ ତୋହର
ଆନନ୍ଦ ମୁକୁର ମ୍ଳାନ ନ କର
ତମାମ ଦିନ ବିତି ସଖୀ ସଙ୍ଗେ
ରେ ଗୁଣବନ୍ତି ବଞ୍ଚିଥାଅ ରଙ୍ଗେ
ପୁଣି ଚନ୍ଦ୍ରା ତେଜ । ଦିଏ ହେବି ନିକଟରେ ବେଗବ୍ରଜ । ୨ ।

ମତି ମୋହିନୀ କିସ ଜଣାଇବି
ତୁ କି ନ ଜାଣୁ ମୋ ପ୍ରାଣବାନ୍ଧବୀ
ପ୍ରତି ଚରଣର ଦ୍ୱିତୀୟ ବର୍ଣ୍ଣ
ଯେଉଁ ପାଳି ମୁହିଁ ଯାଆନ୍ତେ ଧନ
ବୋଲି ଏକ ଧୀର । କହିଲି ଧରି ନିଜ ପ୍ରିୟାକର । ୩ ।
(ମାନ ନ କରିବୁ ଧନ ମାଗୁଣି ଏତିକି)

କବିଙ୍କ ବିବାହ ପରେ ପତି ପତ୍ନୀଙ୍କର ମିଳନ ବିଚ୍ଛେଦ ଅଭିମାନରେ ପରିପୂର୍ଣ୍ଣ ରୀତିଯୁଗୀୟ ଭାବଧାରାରେ ଅନୁପ୍ରାଣିତ ଏକ ରସପୂର୍ଣ୍ଣ ଗୀତରେ କବି ‘କାମୋଦୀ । ଆଦିତାଳ’ରେ ଉତ୍କଣ୍ଠା ପ୍ରକାଶ କରିଛନ୍ତି—

“କାହିଁ ପାଇଁ ଏ ରୁଷା ରମଣୀ । ବର ପଟୀର ହାସିନୀ । ପଦ ।

ଅକାରଣେ ତୋର   ମୁଖାମ୍ବୁଜାନ୍ତର
ଅତୁଳ ସୁନ୍ଦର ଝଳା ହେଲା ଦୂର । ୧ ।
ନବୀନ ନଳିନ   ସମାନ ନୟନ
ଯୁଗଳରୁ ବାରି ବହେ ଅନୁକ୍ଷଣ । ୨ ।
ବିକମ ବିନୂତ   ମଦନ ଶପଥ
ନ କର ଗୁପତ । କାରଣ କହତ । ୩ ।”

Digitized by PPRACHIN, SOA

କବି ପୁଷ୍ପ ସମ୍ଭାରର ଏକ ସୁନ୍ଦର କବିତା ଲେଖିଛନ୍ତି—
"ଅତସୀ ଚମ୍ପକ ମାଳତୀବକୁଳସୁ ଜବାମଲ୍ଲିକା କୋରକ ।
ପୁ ଣ୍ଡରୀକ କଞ୍ଜ ମୁକୁଳ ସରସ କୋକନଦ ପୁନ୍ନାଗକ ॥
ସଂଯୁକ୍ତ ବିଚିତ୍ର ବଲ୍ଲରୀ ଧରିରେ ମନ୍ଦେ କରି ବିହରଣ ।
ଯୋଗୀ ବିଯୋଗୀଙ୍କ ନିଶ୍ଚଳ ଚଞ୍ଚଳ ମାନସ କରେ ହରଣ ॥"

କୌତୁକ ପ୍ରଶ୍ନର କବି ବିକ୍ରମ ଦେବବର୍ମା :

କବି ବିକ୍ରମଦେବ ବର୍ମାଙ୍କର କବିତା କୌତୁକ ପ୍ରଶ୍ନ 'ସହକାର' ମାସିକ ପତ୍ରିକାରେ ପ୍ରକାଶିତ ହୋଇଥିଲା । ଏହିପରି କୌତୁକ ପ୍ରଶ୍ନର ସମାଧାନ ଦ୍ୱାରା ମାନବର ଚିନ୍ତା ଶକ୍ତିର ପ୍ରସାରିତ ହୁଏ, ଚିତ୍ତର ଏକାଗ୍ରତା ଓ ଅନୁସନ୍ଧିତ୍ସା ବୃଦ୍ଧି ହୁଏ । ଅନ୍ତର୍ଲିପି ଓ ବହିର୍ଲିପି ପରି ଏହା ପ୍ରାଚୀନ ସାହିତ୍ୟର ଗୋଟିଏ ବିଭାଗ । ପାଲା ଗାୟକମାନେ ଏଭଳି ପ୍ରଶ୍ନର ସମାଧାନ କରି ଦର୍ଶକମାନଙ୍କୁ ମୁଗ୍ଧ କରିଥାନ୍ତି ।

(ଆଷାଢ଼ ଶୁକ୍ଳବାଣୀ)

(୧) "ତିନି ବର୍ଣ୍ଣେ ନାମ ରତିପତିର ।
ସେ ପୁଣି ପ୍ରାର୍ଥୀ ହେବ ଜଳଦର ।
ପ୍ରଥମବର୍ଣ୍ଣ ଲୋପେ ନାଟ୍ୟ ସ୍ଥାନ ।
ଦ୍ୱିତୀୟ ଲୋପେ ସହବାସ ଜାଣ ।
ତୃତୀୟ ଲୋପରେ
ବଳ ବୋଲି ଅର୍ଥ ରାଜେ ଲୋକରେ ।"
(ଉତ୍ତର—ନିମ୍ନରେ ପ୍ରଦତ୍ତ ହୋଇଛି)

ଆଷାଢ଼ ଶୁକ୍ଳବାଣୀରେ ଏ କୌତୁକ ଉତ୍ତର ପାଲାଗାୟକଙ୍କ ଭାଷାରେ ଏ ପଟରୁ ପଢ଼ିଲେ ଯାହା—ସେ ପଟରୁ ପଢ଼ିଲେ ତାହା ହେବ ।

(୨) "କିଏ ବେନି ଲୋକେ ସୁଖଦାୟକ ।
କିସ ଇହ ପର ଭୋଗ ସାଧକ ।
କିସ ନ ଥିଲେ ବୃଥା ଏ ଜୀବନ ।
କିସ ଅଟଇ ଇନ୍ଦ୍ରିୟ ସଦନ ।
ଉତ୍ତର ବଖାଣ । ତ୍ରିବର୍ଣ୍ଣେ ସବ୍ୟାପସବ୍ୟେ ସମାନ ॥"

(୩) "କିଏ ଦିଅଇ ଶାଶ୍ୱତ ସୁଖକୁ ।
କିଏ ଘାଣ୍ଟି ଚକଟଇ ମନକୁ ।
କିସ ନାରଖାର କରେ ଜରମ ।
କିସ ରମ୍ୟ ହୋଇ ଜନ୍ମାଏ ଭ୍ରମ ।
ଉତ୍ତର ବଖାଣ । ପଞ୍ଚବର୍ଣ୍ଣେ ସବ୍ୟାପସବ୍ୟେ ସମାନ ॥"

Digitized by PPRACHIN, SOA

(୪) "ମର ମର ନାହିଁ ଜଗତେ କଏ ।
ଯାରେ କି କରୁଥିଲେ ରଣେ ଜୟେ ।
କିସ ଚୋଷଇ ସାରଙ୍ଗ ମାନସ ।
ଜନେ ଧର୍ମ ଗ୍ରୁଡ଼ିବା ହେତୁ କିସ ।
ଉତ୍ତର ବଖାଣ । ସପ୍ତବର୍ଣ୍ଣେ ସବ୍ୟାସବ୍ୟେ ସମାନ ॥"

(୫) "କାହିଁକି ପୂଜା ପାଏ କୁଳହୀନ ।
ପୂଜ୍ୟ ତର ହୁଏ ସୁକୁଳ ବନ ।
ମୂର୍ଖଜନ ଲଭେ ଜନ ସମ୍ମାନ ।
ମାନ୍ୟତର ହୋଇ ଗଣେ ବିଦ୍ୱାନ ।
ସେ ହେତୁ ବଖାଣ । ନବବର୍ଣ୍ଣେ ସବ୍ୟାସବ୍ୟେ ସମାନ ॥"

ଉତ୍ତର :—(୧) ସାରଙ୍ଗ

(୨) ନନ୍ଦନ, କନକ, ନୟନ, ଜନକ ବା ନଳିନ ।

(୩) ନନ୍ଦନନ୍ଦନ । ରମାକୁମାର । ରଭସଭର । ନବଯୌବନ ।

(୪) ରମାନନ୍ଦନମାର । ବରଜଲଜରବ । ନବନଳିନବନ ।
ଧସ୍ଥପତ୍ୟପସ୍ଥଧ ।

(୫) ରସାବରଗୌରବସାର ।

କବି ଏହିପରି କୌତୁକ ପ୍ରଶ୍ନ ସଂସ୍କୃତରେ ମଧ୍ୟ ରଚନା କରିଛନ୍ତି । ସେ ସଂସ୍କୃତରେ ବିଶେଷ ଖ୍ୟାତି ଲାଭ କରିଥିବା କଥା ପୂର୍ବରୁ କୁହାଯାଇଛି ।

"କସ୍ମିନ୍ ଦେବେ ଶିବ ସ୍ନେହଃ କିଂ ଜଲଧି ରତ୍ନେଚ୍ଛୁକଃ ।
କୁତ୍ର ଖଣ୍ଡଖଣ୍ଡକୋଦଣ୍ଡଂ ଭୂଷିତଃ କିନ୍ତୁ ଖ୍ୟାପତେ ।
କସ୍ମିନ୍ ଦକ୍ଷୋକୃପଃ ଖ୍ୟାତୋ ଗୋପଂ କିଂ ବକ୍ତି କର୍ଷକଃ ।
ସଂସ୍କୃତୋତ୍କଳଭାଷାଭ୍ୟାମେକମେବୋତ୍ତରଂ ବଦ ॥"

(ଉତ୍ତର—ଧନଦେ, ଜଳଦେ, ପାଳନେ)

କବି 'କଲ୍ୟାଣ ଆହ୍ୱାନ'ରେ ଆଉ ଏକ ରଚନାରେ କହିଛନ୍ତି—

"ପାର୍ବତୀ ମେଦନୀ । ହରପ୍ରିୟା ବହ୍ନି । ଏ ଗୃହ ନାମ ପଞ୍ଚାକ୍ଷରେ ।
କହ ସେ ହେରମ୍ବ, ନାମ ପୁଣି ହେବ
ଧାତା ଆଦ୍ୟ ବର୍ଣ୍ଣ ଲୋପରେ ।
ଏଉଲେ ବେନି ଅକ୍ଷର ଶକ୍ରଧର
ହେବ ତିନି ବର୍ଣ୍ଣ । ଗ୍ରୁଡ଼ିଲେ ମଦନ । ଗୃହବର୍ଣ୍ଣ ସ୍ଥାନେ ଉଦୁର ।"

(ଉତ୍ତର—ଉମାକୁମାର)

Digitized by PPRACHIN, SOA

କବି ଏଠାରେ ତାଙ୍କର କବିତା ଶେଷରେ ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଲେଖିଦେଇଛନ୍ତି :—

"କିସ ତୃଷ୍ଣାକର କିଏ ମକରନ୍ଦ ପାୟୀ ?
ବୃନ୍ଦା କାନନରେ କିସ କରିଲେ କହ୍ନାଇ ?
ଶିଶୁ କି ସଦ୍ମ ଏ ବିଷ ପ୍ରତିପଦ କିସ ?
ଉଲ୍ଲାସ କରଇ କିସ ଦେବତା ମାନସ ?
ସୁଧୀ ସମ୍ବୋଧନାବ୍ୟୟ କିସ କଣଇଲ ?
ସୁତେଶ ଚଉହରି ହେମ ସାରଙ୍ଗ ମାଳା । । ୪ ।"

କବି ଆଉ କେତେକ ପ୍ରଶ୍ନର ସମାଧାନ କରି ନାହାନ୍ତି । ତାହା ଜାଣିବା ଉତ୍ସୁକ ପାଠକମାନଙ୍କୁ ଗୁରୁଙ୍କୁ ପଚାରିବା ପାଇଁ ଉପଦେଶ ଦେଇଛନ୍ତି—

(୧) କାମ ପୁରାଣ ଶ୍ରବଣେ ପବନ୍ଧ । ଦାମ ବଢ଼ାଇଲେ ଆଦର ପାନ୍ଥ ।
ଯମ ନିକଟ ବାସ ନିଗ୍ରପଦ । ଧାମ ଭାଙ୍ଗିଲେ ନରଙ୍କ ସୁଖଦ ।
ମନରେ ବିଚାର । ଜଣା ନ ଗଲେ ଗୁରୁଙ୍କୁ ପଚାର ।

(୨) ବାତ ଆଖି ଜନକର ପରର ।
ଶତରେ ଜର୍ଜ୍ଜର ହୋଇବା ନର ।
ସାତ ରାଜଯୋଗ ସାଧି ନ ପାରି ।
ଗତ ଭର ସଂସାରେ ହୁଏ ଧାରି ।
ତରରେ ଏହାର । ଭାବ ଯେ ଜାଣଇ ସେ ଅଟେ ଧୀର ।।

(୩) ଶ୍ଳୋକ—"ପ୍ରଜାଙ୍କ ସର୍ବଦା ଦୃଶ୍ୟ, କଦାଚ ଦୃଶ୍ୟ ଭୂପର ।
ଅଦୃଶ୍ୟ ସର୍ବ କର୍ତ୍ତାର, ପଣ୍ଡିତେ କହ ତା କିସ ?"

ପ୍ରାଚୀନ ଚନ୍ଦ୍ରାଧାରର କବି ବିକ୍ରମଦେବ ବର୍ମା ଔଚିତ୍ୟହୀନ ନୂତନତା, ଶୃଙ୍ଖଳାହୀନ ଆଧୁନିକତା ସଙ୍ଗେ ନିଜକୁ ଖାପ ଖୁଆଇ ପାରିନାହାନ୍ତି । ତାଙ୍କ ଭାଷାରେ ବର୍ତ୍ତମାନ ସମାଜ ବିପଜ୍ଜନକ ଅବସ୍ଥାରେ ଅଛି । ଏହା ଅତ୍ୟାଧୁନିକତାର ପ୍ରଭାବ—

ବିଚିତ୍ର

ଦମ୍ଭେ ହୋଇଲେ ସମାଲୋଚକ ।
ବାଳକେ ହୋଇଲେ ବଡ଼ ପାଠକ ।
ନୀଚ ଲୋକେ ହେଲେ କୁଳ ନାୟକ ।
ବୁଦ୍ଧିହୀନେ ହେଲେ ଭୂମି ନାୟକ ।
କମଳ ଧାରକ—
ସୃଷ୍ଟି ବର୍ତ୍ତମାନ ବିପଜ୍ଜନକ ।। ୧ ।।

Digitized by PPRACHIN, SOA

ହଳଧରେ ହେଲେ କଲମଧର ।
ବଣୁଆଏ ହେଲେ ପଣ୍ଡିତବର ।
ଅକୁଳୀନ ହେଲେ ପ୍ରଭୁ ପ୍ରବର ।
କୁଳୀନେ ହୋଇଲେ ତାଙ୍କ ଚାକର ।
ଏମାନ ନକର
କଳି ମହିମା ବୋଲି ମନେକର ॥ ୨ ॥

ଆଧୁନିକ ସଭ୍ୟତାରେ କପଟ ଭଣ୍ଡାମି, ଶଠତା ପରିପୂର୍ଣ୍ଣ ସେ ବିଷୟ ଲେଖିବାକୁ ଯାଇ କବି 'ଏବ ଚଳଣି' ଲେଖିଛନ୍ତି—ଏବର ଚଳନରେ ସେ କ୍ଷୁବ୍ଧ ହୋଇ ଦୁଃଖ ପ୍ରକାଶ କରିଛନ୍ତି ।

ଏବ ଚଳଣି

ସଂସ୍କୃତ ଭାଷାନଭିଜ୍ଞ ବେଦାର୍ଥ କହଇ ।
ବ୍ୟାକରଣ ଜ୍ଞାନହୀନ କାବ୍ୟ ବିରଚଇ ॥
ସନ୍ଦର୍ଭ ଜ୍ଞାନ ବିହୀନ ରଚଇ ଚରିତ ।
କିଛି ନ ଜାଣିବା ବ୍ୟକ୍ତି ବୋଲାଏ ପଣ୍ଡିତ ॥
ପର ବନିତା ଲମ୍ପଟୀ ସନ୍ନ୍ୟାସୀ ଶେଖର ।
ପ୍ରାଣୀ ପ୍ରକର ହିଂସକ ବୈଷ୍ଣବ ପ୍ରବର ॥
ସନ୍ଧ୍ୟା ବନ୍ଦନାନଭିଜ୍ଞ ବିପ୍ରକୁଳ ଜ୍ୟେଷ୍ଠ ।
ବ୍ୟାଧ ବ୍ୟାପାର ତତ୍ପର କ୍ଷତ୍ରିକୁଳ ଶ୍ରେଷ୍ଠ ॥
ପରଧନାପହାରକ ବଦାନ୍ୟ ବୋଲାଏ ।
ଜନପ୍ରତାରଣ କରି ସମ୍ମାନକୁ ପାଏ ॥
ରାଗ-ତାଳ-ଜ୍ଞାନହୀନ ପ୍ରଶସ୍ତ ଗାୟକ ।
ଲୋକ ଜ୍ଞାନ ଶୂନ୍ୟ ବ୍ୟକ୍ତି ଦେଶର ନାୟକ ॥
ଅକ୍ଷର ଲେଖକ ଜ୍ଞାତା ସମାଲୋଚକେଶ ।
ଗଣିକା ବିଟ ଅଟଇ ରସିକ ନରେଶ ॥
ଅଭକ୍ଷଭକ୍ଷକ ନର ଅଟେ ଯୋଗୀଶ୍ୱର ।
ବେଶାଡ଼ମ୍ବର ସଂଯୁକ୍ତ ସଦାଚାରବର ॥
ପ୍ରଜାଗଣ ପ୍ରପୀଡ଼କ ଅଟେ ରାଜୋତ୍ତମ ।
ଅସତ୍ୟ ଭାଷୀ ବୋଲାଏ ବିବେକ ସତ୍ତମ ॥
ପରବନିତା ବିମୁଖ ଅଟେ ନପୁଂସକ ।
ସରଳଗାମୀ ବାତୁଳ କି ଅବା ବାଳକ ॥

Digitized by PPRACHIN, SOA

କଳୁଷ କର୍ମନିବୃତ୍ତ ଋଷିଙ୍କ ଅଗ୍ରଣୀ ।
ଜଗଦୀଶ ଭକ୍ତିରତ ମୂଢ଼ ଚୂଡ଼ାମଣି ॥
ଏପରି ମନୁଜପୂର୍ଣ୍ଣ ବର୍ତ୍ତମାନ ଲୋକ ।
ଖରୁକ ହୃଦସ୍ଥଳେ ଜାତ ହୁଏ ଶୋକ ॥

କବିଶେଖର ଚନ୍ଦ୍ରାମଣି ମହାନ୍ତି ଲେଖିଛନ୍ତି ଯେ "ନିଖିଳ ଉତ୍କଳ ସମ୍ମିଳନୀ"ର ଦଶମ ବାର୍ଷିକ ଅଧିବେଶନ ପାରଳାଖେମୁଣ୍ଡିଠାରେ ୧୯୧୪ ଖ୍ରୀଷ୍ଟାବ୍ଦରେ ଅନୁଷ୍ଠିତ ହୋଇଥିଲା । ମହାରାଜା ବିକ୍ରମଦେବ ବର୍ମା ଉକ୍ତ ଅଧିବେଶନରେ ସଭାପତିତ୍ୱ କରିଥିଲେ । ତାର ପରଦିନ ସେଠାରେ ଏକ ବୈଷ୍ଣବ ଧର୍ମ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ବୈଷ୍ଣବ ପ୍ରବର ବର୍ମା ମହୋଦୟ ଧର୍ମଯୋଗ, କର୍ମଯୋଗ, ଜ୍ଞାନଯୋଗ, ଭକ୍ତିଯୋଗ ସମ୍ବନ୍ଧରେ ପ୍ରଗାଢ଼ ପାଣ୍ଡିତ୍ୟ ପୂର୍ଣ୍ଣ, ଭାବପ୍ରାଣ ବକ୍ତୃତା ପ୍ରଦାନ କରି ଶ୍ରୋତୃ ମଣ୍ଡଳୀକୁ ମୁଗ୍ଧ କରି ଦେଇଥିଲେ । ସେହି ସଭାରେ ବିକ୍ରମ ଦେବ ବର୍ମାଙ୍କର ଗୋଟିଏ ସଂସ୍କାର ସଙ୍ଗୀତ ଗାନ କରାଯାଇଥିଲା । ତାହା ଶୁଣି ରକ୍ଷଣଶୀଳ ଦଳ କିଞ୍ଚିତ ବିଚଳିତ ହୋଇ ପଡ଼ିଥିଲେ । କବି, ବିଶ୍ୱରରେ ଓ କର୍ମରେ ଏକ ଆଦର୍ଶର ଉପାସକ ହୋଇଥିବାରୁ ପ୍ରତ୍ୟେକ ପ୍ରକାର ଭଣ୍ଡ ପଣିଆର ଯେ ବିରୋଧୀ । ତାଙ୍କର 'ଭଣ୍ଡଧର୍ମୀ' ବୋଲି ଗୋଟିଏ ପ୍ରବନ୍ଧ ଅଛି । ସାହିତ୍ୟ ବିଭାଗରେ ସେ ବିଷୟରେ ଆଲୋଚିତ ହେବ । ନିମ୍ନୋକ୍ତ ଭିନ୍ନ ସ୍ୱାଦୁର ସଙ୍ଗୀତଟି କବି ବିକ୍ରମଦେବ ବର୍ମାଙ୍କ ବିରଚିତ "ଭକ୍ତିରତ୍ନମାଳା" ନାମକ ପୁସ୍ତକରେ ସ୍ଥାନ ପାଇଛି ।

ନାହିଁ ନାହିଁ ତରେ । ମୁକ୍ତି ଭାବଲେ । ପଦ ।

ପ୍ରାତଃ ସମୟରେ କାକର ପାଣିରେ
ପାଣିକୁଆ ପରି ବୁଡ଼ିଲେ ହେଲେ । ନାହିଁ ··· । ୧ ।
ପାଉଁଶ ଧୂସର ହୋଇ ବୃକ୍ଷଗର
ଖଟରେ ଚର୍ମରେ ଗଡ଼ିଲେ ହେଲେ । ନାହିଁ ··· । ୨ ।
ନାମରେ ଭାଲକୁ ସ୍ତୁପରେ ଦେହକୁ
ମଣ୍ଡି ବାଘ ପରି ଦିଶିଲେ ହେଲେ । ନାହିଁ ··· । ୩ ।
କଣ୍ଠରେ ମୁଣ୍ଡରେ ଦାଢ଼ିକ ଥୋଡ଼ିରେ
ପୋଷି ଭାଲୁପରି ବୁଲିଲେ ହେଲେ । ନାହିଁ ··· । ୪ ।
ଗୋଟି ଗୋଟି ଧରି ମାଳି ଲେଖାକରି
ଗୋ ମୁଖେ ଝୋଲିରେ ଜପିଲେ ହେଲେ । ନାହିଁ ··· । ୫ ।
ହୋଇ ଜ୍ଞାନ ଯୁତ ବିକ୍ରମ ବନ୍ଦିତ
ହରିରେ ଶରଣାପନ୍ନ ନୋହିଲେ । ନାହିଁ ··· । ୬ ।"

Digitized by PPRACHIN, SOA

କବି ବିକ୍ରମ ଦେବବର୍ମା ପ୍ରାତଃକାଳରୁ ଉଠି ବ୍ୟାୟାମ, ପ୍ରାତଃ ସ୍ନାନ, ଜପ, ପୂଜା ପ୍ରଭୃତି ପ୍ରତ୍ୟହ କରୁଥିଲେ । ସେ କହୁଥିଲେ ଶରୀର ଭଲ ନ ରହିଲେ ମନ ଭଲ ରହିବ ନାହିଁ । ସୁସ୍ଥ ଶାରୀରିକତା ଓ ମାନସିକତା ପାଇଁ ନିଶା ନିବାରଣ ଏକାନ୍ତ ଅପରିହାର୍ଯ୍ୟ । ଏହା ତାଙ୍କର ମତ । ନିଶାର କୁପରିଣତି ନେଇ ଲେଖା ଯାଇଥିବା ନିମ୍ନ କବିତାଟି ନିଶ୍ଚିତ ଭାବରେ ଉପଭୋଗ୍ୟ ।

ମଦ ମହୁଲା ମଞ୍ଜିର ମୂଳାଧାରଟି ନିକର

ତାଙ୍କୁ ମୂଢ଼ ମାନି ଗୁଡ଼େ ବୋଲିଛୁ କବି । ପଦ ।

ମଦ ଶିଶି ଥିଲେ କାଖେ ମଦବତୀ ଥିଲେ ପାଖେ

ମଞ୍ଚ ମଣ୍ଡଳରେ ଚକ୍ରବର୍ତ୍ତୀ ହୋଇବ । ୧ ।

କବାବ ମୋ ତୁଣ୍ଡେ ଥିଲେ ସିଗାରେଟ ହାତେ ଥିଲେ

ନିଶ୍ଚୟ ସରଗଭୋଗ ମୁହିଁ ପାଇବ । ୨ ।

ଶିଶି ଗୋଟା ଯାକ ପିଇ ପଡ଼େ ନାହିଁ ଗଡ଼େ ନାହିଁ

ମୋ ସମରେ ବୀର କେହି ବୋଲି ବୋଲିବ । ୩ ।

ଗୋଟିଏ ସୁଗୁଣ ଥିବା ଦୁଷ୍ଟ ବ୍ୟକ୍ତି ସାଧୁ ସନ୍ଥରେ ପରିଣତ ହୋଇପାରିବ ନାହିଁ ବୋଲି ସେ ନିମ୍ନ କବିତାରେ ଦର୍ଶାଇଛନ୍ତି :—

କଣେ ଗଙ୍ଗାଜଳ ସ୍ବର୍ଣ୍ଣେ ପାଣି ଜଳ

ଗଙ୍ଗାଜଳ ହୋଇବ କି ?

କଣେ ପ୍ରସାଦାନ୍ନ ବଣ୍ଟି କଂସେ ଅନ୍ନ

ମହାପ୍ରସାଦ ହେବ କି ?

ଶାଳଗ୍ରାମ ଶିଳା ବାରିକଣା ପ୍ୟାଲା

ପାଣିକି ପୂତ କରେ କି ?

ଗୋଟିଏ ସୁଗୁଣ ଥିଲେ ଦୁଷ୍ଟଜନ

ସାଧୁ ଚରିତ ହୁଏ କି ?"

ତାଙ୍କ ରଚିତ 'ଅଦ୍ଭୁତ ସତ୍ୟ' କବିତାରେ କବି କହିଛନ୍ତି ଧନୀ ପାଖରେ ଯେତେ ଧନ ଥାଉ ପଛକେ ଅଜୀର୍ଣ୍ଣ ହେଲେ ସେ ଆଉ ମିଠାଖାଦ୍ୟ ଖାଇପାରିବ ନାହିଁ ।

ସମୁଦ୍ର ଯାତ୍ରୀ ତୃଷାରେ ହୁଏ ପ୍ରପୀଡ଼ିତ ।
ଅଜୀର୍ଣ୍ଣାକ୍ତ ଧନୀ ମିଷ୍ଟ ଭୋଜନ ରହିତ ॥

ଦୁଷ୍ଟ ରାଜାର ସେବକ-ସତ୍ୟବ୍ରତ ତ୍ୟାଗୀ ।
ଦୁଷ୍ଟା ବନିତାର ପତି ସଦା ଦୁଃଖଭାଗୀ ॥

ମତ୍ସରଯୁକ୍ତ ଜନର ମନ ରଗରଗ ।
ସୁମ ଫଳସ୍ଥାନ ନଖ ହୁଏ ଗତଖଗ ॥

Digitized by PPRACHIN, SOA

ଊଷର କ୍ଷେତ୍ର ହୁଅଇ ସର୍ବ ଶସ୍ୟହୀନ ।
ମହାଧନୀ ହେଲେ ମଧ୍ୟ ଲୋଭୀ ଅତି ଦୀନ ॥
ବଳୀ ମଧ୍ୟ ଧୃତିହୀନ ହୋଇଲେ ଦୁର୍ବଳ ।
ସୁଧୀ ମଧ୍ୟ ଦୁଷ୍ଟ ମୈତ୍ରୀବଶୁଁ ହୁଏ ଖଳ ॥
ହେମ ପଞ୍ଜରସ୍ଥ ଶୁକ ନୀଡ଼କୁ ବାଞ୍ଛଇ ।
ସାଧୁ ମଧ୍ୟସ୍ଥିତ ଶଠ ବାମାକୁ ପାଞ୍ଚଇ ॥
ସିଂହାସନ ସ୍ଥିତ ଶ୍ୱାନ ବ୍ୟଞ୍ଜେ ଖଡଗଦା
ଅନ୍ତଃପୁରସ୍ଥିତା କାନ୍ତା ସଦା ଲୋଡ଼େ ପଦା ॥
ଧନୀ ବନ୍ଧୁ ଧନାର୍ଜ୍ଜନେ ହୁଏ ଛଟପଟ ।
ଦୁର୍ବିଦଗ୍ଧ ହୃଦୟରେ ଗରବ ଉତ୍କଟ ॥
କେବଳ ମଧୁର ଭୋକ୍ତା ବାଞ୍ଛାକରେ ଖଟ ।
ଅଙ୍କ ମନାସେ ବିଙ୍କକୁ କରିବାକୁ ଥଟା ॥
କୁଳଟା ଲକ୍ଷା ଖିଡ ବସ୍ତନା ହୋଇଥାଏ ।
ପ୍ରପଞ୍ଚ ସୁଖ ବିରାଗୀ ନିତ୍ୟ ସୁଖ ପାଏ ॥

Digitized by PPRACHIN, SOA

ଷଷ୍ଠ ପରିଚ୍ଛେଦ

ଭକ୍ତ କବି ବିକ୍ରମଦେବ ବର୍ମା

ଧର୍ମପ୍ରାଣ କବି ବିକ୍ରମଦେବ ବର୍ମା ନବାକ୍ଷରୀ ବୃତ୍ତରେ 'ଭଗବଦ୍‌ଗୀତା ମାହାତ୍ମ୍ୟ' ଲେଖି ଧର୍ମୀୟ ଭାବବୋଧରୁ ନିଜର ଲେଖା ଆରମ୍ଭ କରିଥିଲେ । ଏହା ଥିଲା ଭଗବଦ୍‌ଗୀତାର ଉତ୍କଳ ପଦ୍ୟାନୁବାଦ । ରାଧାକୃଷ୍ଣ ହେଉଛନ୍ତି କବିଙ୍କର ଆରାଧ୍ୟ ଇଷ୍ଟ ଦେବତା । ତେଣୁ ସେ ରାଧାକୃଷ୍ଣ ଲୀଳା କାବ୍ୟ ସଙ୍ଗୀତ ଅଧିକ ରଚନା କରିଛନ୍ତି । ତାଙ୍କର ପଢ଼ା ଅଭ୍ୟାସ ଅତ୍ୟଧିକ । ସେ ଯେତେ ଲେଖନ୍ତି, ତା'ଠାରୁ ଅଧିକ ଅଧ୍ୟୟନ କରନ୍ତି । ବିଶେଷକରି ପ୍ରାଚୀନ କବିମାନଙ୍କର ପୁସ୍ତକ ଆଗ୍ରହ ସହକାରେ ପାଠ କରୁଥିଲେ । କବିସମ୍ରାଟ ଉପେନ୍ଦ୍ର ଭଞ୍ଜ, ଭକ୍ତ କବି ଦୀନକୃଷ୍ଣ, ଗୋପାଳକୃଷ୍ଣ, ଅଭିମନ୍ୟୁ ସାମନ୍ତସିଂହାର, କବିସୂର୍ଯ୍ୟ ବଳଦେବ ରଥଙ୍କ ପ୍ରାଚୀନ ପଦ୍ୟାବଳୀ ପଢ଼ିବାକୁ ସେ ଭଲ ପାଉଥିଲେ । କବୀର, ହରିଦାସ, ତୁଳସୀ ଦାସ ଓ ରାମକୃଷ୍ଣ ପରମହଂସ ପ୍ରଭୃତି ମହାତ୍ମାମାନଙ୍କ ଭଜନ ଓ ଜଣାଣ ପ୍ରଭୃତି ସେ କଣ୍ଠସ୍ଥ କରିଥିଲେ । ଧର୍ମ ବିଷୟରେ ସେ ଲେଖିଛନ୍ତି—

"ଅଦ୍ୱୈତେ ଜ୍ଞାନ ମୈମାଂସେ କର୍ମ ଦ୍ୱୈତେ ଭକ୍ତି ।
ଇସ୍ଲାମରେ ସମର୍ପଣ ବୌଦ୍ଧେ ତ୍ୟାଗାସକ୍ତି ॥
ପବିତ୍ରତା ଜାରଥୁଷ୍ଟ୍ରେ ପ୍ରେମ ଖ୍ରୀଷ୍ଟମତେ ।
ଅହିଂସା ଜୈନେ ସାଧୁତା ଇହୁଦୀଙ୍କ ମତେ ॥
ଏ ମତମାନଙ୍କରେ ଏ ନବକ ପ୍ରଧାନ ।
ସାଧାରଣ ଧର୍ମମାନ ସବୁରେ ସମାନ ॥"

ଭକ୍ତକବି ବିକ୍ରମଦେବ କହିଛନ୍ତି, ଏ ଭବସାଗରକୁ ପାରିହେବାକୁ ହେଲେ ପ୍ରତ୍ୟେକ ବୈଷ୍ଣବ ପାଞ୍ଚଟି କର୍ମ ଅନୁସରଣ କରିବା ଉଚିତ—

ମଥୁରା ବାସ, ସାଧୁସଙ୍ଗ, ନାମ କୀର୍ତ୍ତନ ।
ଭାଗବତ ଶ୍ରବଣ ହରିମୂର୍ତ୍ତି ପୂଜନ ॥
ଏହି କର୍ମ ପଞ୍ଚକ ପ୍ରତ୍ୟେକ ବୈଷ୍ଣବର ।
କର୍ତ୍ତବ୍ୟ ତରିବାକୁ ଭବ ସାଗର ॥

ଭକ୍ତ କବିଙ୍କର ବୟସର ବୃଦ୍ଧି ସଙ୍ଗେ ସଙ୍ଗେ କବିଙ୍କର ମନ ଭଗବତ୍ ଭାବ ପ୍ରତି ଅଧିକରୁ ଅଧିକ ଆକର୍ଷିତ ହେଲା । ଯାହା ଫଳରେ ତାଙ୍କର ସମ୍ପ୍ରଦାୟ ସାହିତ୍ୟ

Digitized by PPRACHIN, SOA

ଆଧ୍ୟାତ୍ମିକ ଓ ନୀତି ଗର୍ଭିତ ହେଲା । ସଂସ୍କୃତ ଶାସ୍ତ୍ରର ଓଡ଼ିଆ ଅନୁବାଦ ତାଙ୍କର ଏକ ବିଶେଷତ୍ୱ । ତାଙ୍କର ଅନୁବାଦ କଳା ଓ ଉପସ୍ଥାପନ ଶୈଳୀ ଏକାନ୍ତ ନିଜସ୍ୱ । ଓଡ଼ିଆ ସାହିତ୍ୟର ଆଦ୍ୟଅନୁବାଦକଙ୍କ ମଧ୍ୟରୁ ସେ ଅନ୍ୟତମ ମହାରଥୀ । କବି ଭାରବିଙ୍କର ଏକ ଶ୍ଳୋକର ଅନୁବାଦ ନିମ୍ନରେ ଦିଆଗଲା ।

ଶ୍ଳୋକ—"ସହସା ବିଦଧୀତନକ୍ରିୟାମବିବେକଃ ପରମାପଦାଂ ପଦଂ ।
ବୃଣତେହି ବିମୃଷ୍ୟକାରିଣଂ ଗୁଣଲୁବ୍ଧାଃସ୍ୱୟମେବସମ୍ପଦଃ ।।

ଅନୁବାଦ—କାର୍ଯ୍ୟକୁ କରିବ ନାହିଁ ସତ୍ୱର ।
ଘୋର ବିପତ୍ତି ଲଭେ ଅଜ୍ଞ ନର ।
ଗୁଣେଲୁବ୍ଧ ସମ୍ପଦ ନିଜେ ତରେ ।
ବିବେକବାନକୁ ବରଣ କରେ ।
ଆହେ ସୁପଣ୍ଡିତ
ଏହା ଭାରବି କବୀଶ କଥିତ ।।"

ଶ୍ଳୋକ—"ଦୁର୍ବଶା ଦୁର୍ଦ୍ଧଶାଚୈବ ମମଭାର୍ଯ୍ୟେ ପତିବ୍ରତେ ।
ଦୁର୍ବଶା ପୁରତୋଯାତି ଦୁର୍ଦ୍ଧଶାମାଂ ନ ମୁଞ୍ଚତି । ୦ ।"

ଅନୁବାଦ—ଦୁର୍ବଶା ମୋର ପ୍ରଥମ କଳତ୍ର ।
ଦୁର୍ଦ୍ଧଶା ଅଟେ ଦ୍ୱିତୀୟ କଳତ୍ର ।
ପ୍ରଥମା ମୋ ଆଗେ ଗମନ କରେ ।
ଦ୍ୱିତୀୟା ମୋତେ ନ ଛାଡ଼େ ପ୍ରେମରେ ।
ହେ ନରପ୍ରବର ।
ଏହି ବ୍ୟବସ୍ଥା ମୋର କୁଟୁମ୍ବର । ୪ ।

ଭକ୍ତକବି ଶ୍ରୀକୃଷ୍ଣ ପଞ୍ଚରତ୍ନ ସ୍ତୋତ୍ରଂ, ଶ୍ରୀରାଧିକାଧବ ପଞ୍ଚରତ୍ନ ସ୍ତୋତ୍ର, ଶ୍ରୀକୃପାମ୍ଭୋଧ୍ୟଷ୍ଟକଂ, ଶ୍ରୀ ସଂହିତାଷ୍ଟକଂ, ଶ୍ରୀହରି କବଚ, ଗୌରୀ ସ୍ତବ, ନବଗ୍ରହ ସଗ୍ରହ ସ୍ତବ, ଶ୍ରୀରାମ ଚରିତ ଗୀତ, ଶ୍ରୀକୃଷ୍ଣ ନକ୍ଷତ୍ରମାଳା, ଶ୍ରୀଧର ନବରତ୍ନମାଳା, ଗୋପାଳ ନବଗ୍ରହମାଳା, ଶ୍ରୀଚୈତନ୍ୟ ଶ୍ରେଷ୍ଠତ୍ୱ, ଶ୍ରୀକେଶବ ଚତୁର୍ଦ୍ଦଶୀ ପ୍ରଭୃତି ଅନେକ ଧର୍ମ ସମ୍ବନ୍ଧୀୟ ଉପାଦେୟ କବିତା ଜଣାଣ ଲେଖି ଯାଇଛନ୍ତି । ତାଙ୍କ କବିତାଗୁଡ଼ିକର ବିଷୟବସ୍ତୁ ଅଧିକାଂଶ ଧର୍ମ, ଦର୍ଶନ ଓ ପୁରାଣ ସମ୍ବନ୍ଧୀୟ । ତାଙ୍କର ସଂସ୍କୃତ ଭାଷାରେ ରଚିତ ସ୍ତୋତ୍ର, ଅଷ୍ଟକ, କବଚ ଓ ବିବିଧ ଶ୍ଳୋକଗୁଡ଼ିକ କବିଙ୍କର ସଂସ୍କୃତ ଭାଷାରେ ଅଗାଧ ପାଣ୍ଡିତ୍ୟର ପ୍ରମାଣ ଦିଏ । ଉଦାହରଣ ସ୍ୱରୂପ ଶ୍ରୀକୃଷ୍ଣ ପଞ୍ଚରତ୍ନ ସ୍ତୋତ୍ର ନିମ୍ନରେ ପ୍ରଦତ୍ତ ହେଲା ।

Digitized by PPRACHIN, SOA

ଶ୍ରୀକୃଷ୍ଣ ପଞ୍ଚରତ୍ନ ସ୍ତୋତ୍ର

ଶ୍ରୀ ଯଶୋଦା ସୁତଂ । ଶଙ୍ଖନୀଳ ଦ୍ୟୁତଂ । ପୂର୍ଣ୍ଣଚନ୍ଦ୍ରାନନଂ ।
ପୁଣ୍ଡ୍ରୀକେକ୍ଷଣଂ । ବଲ୍ଲବୀ ବଲ୍ଲଭଂ । ବେଣୁଗାନ ପ୍ରିୟଂ ।
ରାଧିକା ରଞ୍ଜନଂ କୃଷ୍ଣଚନ୍ଦ୍ରଂ ଭଜେ । ୧ ।

କେଶବଂ ମାଧବଂ । କଂସବଂଶାନ୍ତକଂ । କୋଟି ମାରକୃତଂ ।
କାମପାଳାନୁଜଂ । ଗୋପିକାବ୍ରଜାରୁଣଂ । ଗୋପଗୋପୀଶ୍ୱରଂ ।
ରାଧିକା ରଞ୍ଜନଂ କୃଷ୍ଣଚନ୍ଦ୍ରଂ ଭଜେ । ୨ ।

ମଞ୍ଜୁପାଦାମ୍ବୁଜଂ । ମେରୁଧୀରଂ ହରଂ । ସ୍ୱର୍ଗନାଥାଶ୍ରିତଂ ।
ସର୍ବଦେବେଶ୍ୱରଂ । ଦାସ କଲ୍ପଦ୍ରୁମଂ । ଦାନବାଗ୍ନିଂ ବିଭୁଂ ।
ରାଧିକା ରଞ୍ଜନଂ କୃଷ୍ଣଚନ୍ଦ୍ରଂ ଭଜେ । ୩ ।

ଅଚ୍ୟୁତଂ ଗୋପତଂ । ଯାଦବେନ୍ଦ୍ରଂ ବିଧୁଂ । ପୀତବାସାନ୍ୱିତଂ ।
ପାପତୂଳାନଳଂ । ବିଶ୍ୱସୃଷ୍ଟ୍ୟଦ୍ଭୁତଂ । ବେଦବେଦ୍ୟପରଂ ।
ରାଧିକା ରଞ୍ଜନଂ କୃଷ୍ଣଚନ୍ଦ୍ରଂ ଭଜେ । ୪ ।

ବାମଦେବାର୍ଚ୍ଚିତଂ । ବାଞ୍ଛିତାର୍ଥପଦଂ । ମନ୍ଦହାସାନ୍ୱିତଂ ।
ମୁକ୍ତିଦଂ ସୁନ୍ଦରଂ । ଶ୍ରୀଧରଂ ଭୂଧରଂ । ଶ୍ରୀକରଂ ବିକ୍ରମଂ ।
ରାଧିକା ରଞ୍ଜନଂ କୃଷ୍ଣଚନ୍ଦ୍ରଂ ଭଜେ । ୫ ।

ଇତି ଶ୍ରୀ ମଦ୍ୱିକ୍ରମଦେବ ବର୍ମା ବିରଚିତଂ ଶ୍ରୀକୃଷ୍ଣଚନ୍ଦ୍ର ପଞ୍ଚରତ୍ନସ୍ତୋତ୍ର ସମ୍ପୂର୍ଣ୍ଣ ॥

ଭକ୍ତକବିଙ୍କର ସଂସ୍କୃତ ସ୍ତୋତ୍ର, ଅଷ୍ଟକ ଓ କବଚ ପ୍ରଭୃତିର ଶବ୍ଦ ଯୋଜନା, ସୁଚନ୍ଦିତ ଭାବ ଓ ପଦଲାଳିତ୍ୟ ଅଭିନବ । ତାଙ୍କର ଏକ ସ୍ତୋତ୍ର "କେଶବ ସ୍ତୋତ୍ର" କ ଠାରୁ କ୍ଷ ଯାଏ ଚଉତିଶା ଢଙ୍ଗରେ ସଙ୍କଳିତ । କବିଙ୍କର ସଂସ୍କୃତ ରଚନାଗୁଡ଼ିକରୁ ତାଙ୍କର ସଂସ୍କୃତ ଲେଖାର ସଫଳତା ସ୍ପଷ୍ଟ ପ୍ରତୀୟମାନ ।

Digitized by PPRACHIN, SOA

ସପ୍ତମ ପରିଚ୍ଛେଦ

ଉତ୍କଳ ସମ୍ମିଳନୀ ଓ ବିକ୍ରମଦେବ ବର୍ମା

ଦେଶପ୍ରେମୀ, ଓଡ଼ିଆ ପ୍ରାଣ ଓ କର୍ମଠ ବିକ୍ରମଦେବ ବର୍ମା ଉତ୍କଳ ସମ୍ମିଳନୀର ଜଣେ ପ୍ରଧାନ ପୃଷ୍ଠପୋଷକ । ମାନ୍ଦ୍ରାଜ ପ୍ରଦେଶର ବିଶାଖାପାଟଣା ଜିଲ୍ଲାରେ ବାସ କରୁଥିଲେ ମଧ୍ୟ ସମସ୍ତ ଓଡ଼ିଆ ଅଞ୍ଚଳ କିପରି ଏକ ଶାସନାଧୀନ ହେବ ସେଥିପାଇଁ ସେ ସର୍ବଦା ଚିନ୍ତିତ ଥିଲେ । ସେ କହୁଥିଲେ, "ଓଡ଼ିଆ ରକ୍ତର ସମ୍ପର୍କ ଓ ଆକର୍ଷଣ କଦାପି ଶିଥିଳ ହେବାର ନୁହେଁ । ଯେଉଁମାନଙ୍କର ପ୍ରାଣରେ ଆଶା ଭରସା, ଆଚାର ବ୍ୟବହାର, ସାମାଜିକ ରୀତିନୀତି ବହୁ ଶତାବ୍ଦୀର ଇତିହାସରେ ଦୃଢ଼ ଭାବରେ ଗଠିତ ଓ ଗ୍ରଥିତ ହୋଇ ଆସିଅଛି, ତାହାକୁ ବିଚ୍ଛିନ୍ନ କରିବା ଆଦୌ ସମ୍ଭବ ନୁହେଁ ।" ସେ ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନରେ ବହୁବାର ଯୋଗଦେଇ ସେଥିରେ ଦେଶ ମିଶ୍ରଣର ଅନେକ ପ୍ରସ୍ତାବ ଉପସ୍ଥାପନ କରିଛନ୍ତି । ସେ ବିଶେଷତଃ ଗଞ୍ଜାମ ଓ ଜୟପୁରକୁ ମାନ୍ଦ୍ରାଜଠାରୁ ପୃଥକ କରି ଓଡ଼ିଶା ସଙ୍ଗେ ମିଶାଇବା ପାଇଁ ବହୁତ ଯତ୍ନ କରିଥିଲେ ।

ବିକ୍ରମଦେବ ବର୍ମାଙ୍କ ବିଷୟରେ ଟିପ୍ପଣୀ ଦେବାକୁ ଯାଇଁ ସହକାର ମାସିକ ପତ୍ର ପଞ୍ଚମ ଭାଗ ସମ୍ପାଦକୀୟରେ ଲେଖା ଅଛି, "ନୂତନ ଓଡ଼ିଶା ଅର୍ଥାତ୍ ବିଶାଖାପଟ୍ଟଣା ଜିଲ୍ଲାରେ ଶ୍ରୀଯୁକ୍ତ ବିକ୍ରମଦେବ ବର୍ମା ବାସ କରନ୍ତି । ସେ ସାହିତ୍ୟିକ ଏବଂ ଦେଶହିତୈଷୀ । ଓଡ଼ିଶା ଦେଶ ମିଶ୍ରଣ ସମ୍ପର୍କରେ ସେ ପ୍ରଥମେ କେତେ ଯତ୍ନ କରିଅଛନ୍ତି ଏବଂ ତାଙ୍କର ଏହି ଥରର କାର୍ଯ୍ୟ ମଧ୍ୟ ଅତି ପ୍ରଶଂସନୀୟ ।" ସେ ଜୟପୁର ମହାରାଜାଙ୍କର ପିତୃବ୍ୟ ଅଟନ୍ତି । ଗଞ୍ଜାମ ଓ ଜୟପୁର ଓଡ଼ିଶା ସଙ୍ଗରେ ମିଶାଇବା ବିଷୟରେ ସେ ଓଡ଼ିଆ ଭାଇଙ୍କୁ କହିଥିଲେ, "ଆମ୍ଭେମାନେ ସମସ୍ତେ ଏକ ଶାସନାଧୀନ ନ ହେଲେ ଆମ୍ଭମାନଙ୍କ ସାମାଜିକ, ମାନସିକ, ବୈଜ୍ଞାନିକ ଏବଂ ଆର୍ଥିକ ଉନ୍ନତି କଦାପି ହୋଇ ନ ପାରେ । ସମସ୍ତେ ଧନକୁ ଏବଂ ପରିଶ୍ରମକୁ ଲକ୍ଷ୍ୟ ନ କରି ଅଣ୍ଟାଭିଡ଼ି କାର୍ଯ୍ୟ କରିବା ସମୟ ଉପସ୍ଥିତ ହୋଇଅଛି ।"

କବିଶେଖର ଚିନ୍ତାମଣି ମହାନ୍ତି ଲେଖିଛନ୍ତି, "ବାସ୍ତବରେ ଏ ରୂପ ଜୀବନ୍ତ ଉତ୍ସାହବାଣୀ ଦେଶୋନ୍ନତି ଏବଂ ଆତ୍ମୋନ୍ନତିର ଶୁଭଦୀକ୍ଷା, ଦେଶକୁ ଶୁଣାଇବା ଆନ୍ତରିକ ସ୍ୱଦେଶ ପ୍ରୀତିର ଉଜ୍ଜ୍ୱଳ ନିଦର୍ଶନ । ଦେଶ-କର୍ମୀମାନଙ୍କୁ ଏହିପରି ସଦୁପଦେଶ ଦ୍ୱାରା ଉଦ୍‌ବୁଦ୍ଧ କରିବା ପ୍ରବୀଣମାନଙ୍କର କର୍ତ୍ତବ୍ୟ । ଧର୍ମବୀର

Digitized by PPRACHIN, SOA

ବର୍ମାମହୋଦୟ ନିଜ ପବିତ୍ର କର୍ତ୍ତବ୍ୟ ପ୍ରତି ସର୍ବଦା ଅବହିତ । ଯେ କାର୍ଯ୍ୟ କରେ ଏବଂ ଯେ କାର୍ଯ୍ୟ କରାଏ, ସେ ଦୁହିଁଙ୍କର ମୂଲ୍ୟ ଏକ, ମାତ୍ର ଯେ ନିଜେ କରେ ଏବଂ କରାଏ—ସେ ପୂର୍ଣ୍ଣକର୍ମୀ, ତାହାର କର୍ମ ଦୁଇଗୁଣ ମୂଲ୍ୟବାନ୍ ।” *

ଉତ୍କଳ ସମ୍ମିଳନୀ

ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହୋଇ ନ ଥିଲା । ଗଞ୍ଜାମ, କୋରାପୁଟ (ଜୟପୁର) ଓ କନ୍ଧମାଳ (ଫୁଲବାଣୀ)ର କି.ଉଦୟଗିରି, ବାଲିଗୁଡ଼ା ଅଞ୍ଚଳ ମାନ୍ଦ୍ରାଜ ପ୍ରଦେଶରେ ଥିଲା, ଏବଂ ଆନ୍ଧ୍ର ପ୍ରଦେଶର ସୃଷ୍ଟି ହୋଇ ନ ଥିଲା । କଳାହାଣ୍ଡି, ଖଡ଼ିଆଳ, ପାଟଣା (ବଲାଙ୍ଗୀର), ସମ୍ବଲପୁର ଅଞ୍ଚଳ ମଧ୍ୟ ପ୍ରଦେଶରେ ଏବଂ ଗାଙ୍ଗପୁର (ସୁନ୍ଦରଗଡ଼), ବଣେଇ, ସରାଇକଳା, ଖରସୁଆଁ, ଧଳଭୂମି ପ୍ରଭୃତି ଛୋଟନାଗପୁର (ବିହାର) ଅଞ୍ଚଳରେ; ମେଦିନୀପୁର ଅଞ୍ଚଳ ବଙ୍ଗ ସରକାରଙ୍କ ଅଧୀନରେ ଥିଲା । ଇଂରେଜ ସରକାରଙ୍କର ଶାସନର ସୁବିଧା ପାଇଁ ୧୮୯୯ ମସିହାରେ ପ୍ରଥମେ ମାନ୍ଦ୍ରାଜରୁ କଲିକତା ପର୍ଯ୍ୟନ୍ତ ରେଳ ସଂଯୋଗ ହୋଇଥିଲା ।

ଓଡ଼ିଆ ଭାଷାର ସୁରକ୍ଷା ଏବଂ ଓଡ଼ିଆ ଭାଷାଭାଷୀଙ୍କୁ ଏକ ଶାସନାଧୀନ କରିବା ପାଇଁ ଏକ ସଙ୍ଗଠନ ଗଠନ କରିବା ଏବଂ ସେ ବିଷୟରେ ଆଲୋଚନା କରିବା ପାଇଁ ଖ୍ରୀ. ୧୯୦୧ରେ ଖଲ୍ଲିକୋଟ ରାଜାଙ୍କ ଚିଲିକାକୂଳସ୍ଥ ରମ୍ଭା ବଙ୍ଗଳାରେ ଏକ ବନ୍ଧୁମିଳନର ଆୟୋଜନ କରାଯାଇଥିଲା । ସେଥିରେ ସର୍ବସମ୍ମତ ମତ ପ୍ରକାଶ ପାଇଲା ଯେ ଓଡ଼ିଆ ଭାଷାର ସୁରକ୍ଷା ଓ ଓଡ଼ିଆମାନଙ୍କ ସମସ୍ୟା ସମାଧାନ ପାଇଁ ଏକ ସୁସଙ୍ଗଠିତ ଜାତୀୟ ଅନୁଷ୍ଠାନ ଆବଶ୍ୟକ । ସେହି କାର୍ଯ୍ୟଧାରାରେ ୧୯୦୨ରେ ବ୍ରହ୍ମପୁର ଠାରେ ଗଞ୍ଜାମ ସମ୍ମିଳନୀ ଅନୁଷ୍ଠିତ ହେଲା ।

ଖ୍ରୀ. ୧୯୦୩ରେ ଆନୁଷ୍ଠାନିକ ଭାବରେ ଉତ୍କଳ ସମ୍ମିଳନୀ ଗଠନ କରାଯାଇଥିଲା । ସେହି ବର୍ଷ କଟକ ଠାରେ ଏହାର ପ୍ରଥମ ବାର୍ଷିକ ଅଧିବେଶନ ବସିଥିଲା । ବିକ୍ରମଦେବ ବର୍ମା କଟକ ଠାରେ ଉତ୍କଳ ସମ୍ମିଳନୀରେ ଯୋଗ ଦେଇଥିଲେ । ସେଠାରେ ସେ କହିଥିଲେ, “ମଧ୍ୟ ପ୍ରଦେଶର ଚିଫ୍ କମିଶନର ପଦରେ ପ୍ରତିଷ୍ଠିତ ଥିବା ସମୟରେ ବଙ୍ଗ ଦେଶର ବର୍ତ୍ତମାନ ଛୋଟଲାଟ ମହୋଦୟ ସମ୍ବଲପୁରରେ ଓଡ଼ିଆ ଭାଷାକୁ ଅଦାଲତର ଭାଷାରୂପେ ପୁନଃ ପ୍ରତିଷ୍ଠିତ କରିଥିବା ଯୋଗୁଁ ଏ ସମ୍ମିଳନୀର ଆନ୍ତରିକ ଧନ୍ୟବାଦ ଛୋଟଲାଟଙ୍କ ଅବଗତି ନିମିତ୍ତ ପ୍ରାଇଭେଟ୍ ସେକ୍ରେଟାରୀଙ୍କ ନିକଟକୁ ପ୍ରେରିତ ହେଉ ।”

---

* ଜୟପୁର—କବିଶେଖର ଚିନ୍ତାମଣି ମହାନ୍ତି ।

Digitized by PPRACHIN, SOA

ସେ ତତ୍କାଳୀନ ମାନ୍ଦ୍ରାଜ ପ୍ରଦେଶର ଲୋକ ହୋଇଥିବାରୁ ଓଡ଼ିଆ ଭାଷାଭାଷୀ ଲୋକମାନେ ଅନ୍ୟ ପ୍ରଦେଶରେ ରହି କପରି ମର୍ମନ୍ତୁଦ ଦୁଃଖ କଷ୍ଟ ଭୋଗୁଥିଲେ ସେ ନିଜେ ଅନୁଭବୀ । ତେଣୁ ସେ ଉପରୋକ୍ତ ପ୍ରସ୍ତାବ ଉତ୍ଥାପନ କରି ଆହୁରି କହିଥିଲେ, "ଚିରକାଳରୁ ସ୍ଥାୟୀ ହୋଇଥିବା ଉତ୍କଳ ଭାଷା ସମ୍ବଲପୁର ଅଞ୍ଚଳ ସରକାରୀ ଅଦାଲତମାନଙ୍କରୁ ଉଠି ଯାଇଥିଲା, ଏହା ଆପଣମାନଙ୍କୁ ଅଗୋଚର ନାହିଁ । ଯଦି ସେହିପରି ଘଟିଥାନ୍ତା ନିଶ୍ଚୟ ସେ ପ୍ରଦେଶରେ ଆଉ ଓଡ଼ିଆ ଭାଷା ରହନ୍ତା ନାହିଁ । କାରଣ କେବଳ ସାହିତ୍ୟାନୁରାଗରେ କୌଣସି ଭାଷା ଗଠିତ ହେଉଥିବାର ପ୍ରାୟ ଦେଖାଯାଏ ନାହିଁ । ପ୍ରୟୋଜନ ବିନା ସର୍ବସାଧାରଣ ପଠନ ଶ୍ରମ ସ୍ୱୀକାର କରନ୍ତି ନାହିଁ । ବର୍ତ୍ତମାନ ବିଦ୍ୟାଭିବୃଦ୍ଧି ଏହାର ପରିଚାୟକ ଅଟେ । ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟରେ ଦେଶ ପ୍ରଚଳିତ ଭାଷାମାନ ଅର୍ଥାତ୍ ତେଲୁଗୁ, ଦ୍ରାବିଡ଼, କର୍ଣ୍ଣାଟକ ପ୍ରଭୃତି ଭାଷାମାନ ବ୍ୟବହୃତ ହେଉଥିବାରୁ ସେଠା ଛାତ୍ରମାନେ ଉକ୍ତ ଭାଷାମାନଙ୍କୁ ନ ପଢ଼ିଲେ ଚଳେ ନାହିଁ । ଏହି କାରଣରୁ ସେ ଅଞ୍ଚଳରେ ସେହି ସେହି ଭାଷାମାନଙ୍କର ଉନ୍ନତି ହେଉଅଛି । ଏହି ବିଶ୍ୱବିଦ୍ୟାଳୟରେ ଓଡ଼ିଆ ପ୍ରଭୃତି ଦେଶୀୟ ଭାଷାମାନ ଉଚ୍ଚ ଶ୍ରେଣୀୟ ଛାତ୍ରମାନଙ୍କର ଆବଶ୍ୟକ ହେଉ ନ ଥିବାରୁ ଏଠା ବାଳକମାନେ ଦେଶୀୟ ଭାଷା ପଠନରେ ହେଳା କରୁଅଛନ୍ତି । ଯଦି ଓଡ଼ିଆ ଭାଷା ସମ୍ବଲପୁର କଚେରୀମାନଙ୍କରୁ ଉଠି ଯାଇଥାନ୍ତା, ପଠନ ବିଷୟ ଈଶ୍ୱର ଜାଣନ୍ତି ! ଓଡ଼ିଆ ସମ୍ଭାଷଣ ସୁଦ୍ଧା ଲୋପ ହୋଇଥାଆନ୍ତା । ଏ ଦୀନ ଦୁଃଖୀ ଉତ୍କଳବାସୀଙ୍କ ଠାରେ କୃପାକରି ସମ୍ବଲପୁର ପ୍ରଦେଶରେ ଓଡ଼ିଆକୁ ପୁନଶ୍ଚ ରାଜକୀୟ ଭାଷା ସ୍ୱରୂପ ସଂସ୍ଥାପନ କରିବା ହେତୁ ମାନନୀୟ ଶ୍ରୀ ବଙ୍ଗଳା ଗ୍ରେଟଲଟଙ୍କୁ ଧନ୍ୟବାଦ ଦେବା ନିମିତ୍ତ ଏବଂ ଉକ୍ତ ସମ୍ବାଦ ପ୍ରାଇଭେଟ୍ ସେକ୍ରେଟାରୀଙ୍କ ଦ୍ୱାରା ସେ ମହୋଦୟଙ୍କୁ ଜଣାଇବା ନିମିତ୍ତ ମୁଁ ପ୍ରସ୍ତାବ କରୁଅଛି ।"

ଏହି ସମ୍ମିଳନୀରେ ପ୍ରତିବର୍ଷ ଉତ୍କଳ ସମ୍ମିଳନୀର ବାର୍ଷିକ ଅଧିବେଶନ ପ୍ରାକୃତିକ ଓଡ଼ିଶାର ବିଭିନ୍ନ ସ୍ଥାନରେ କରାଇବା ପାଇଁ ନିଷ୍ପତ୍ତି ନିଆଗଲା । ତଦନୁସାରେ ଦ୍ୱିତୀୟ ଅଧିବେଶନ ଖ୍ରୀ. ୧୯୦୪ରେ କଟକଠାରେ, ତୃତୀୟ ଅଧିବେଶନ ଖ୍ରୀ. ୧୯୦୫ରେ ବାଲେଶ୍ୱରଠାରେ, ଚତୁର୍ଥ ଅଧିବେଶନ ଖ୍ରୀ ୧୯୦୬ରେ ବ୍ରହ୍ମପୁର ଠାରେ, ପଞ୍ଚମ ଅଧିବେଶନ ଖ୍ରୀ ୧୯୦୭ରେ ପୁରୀଠାରେ, ଷଷ୍ଠ ଅଧିବେଶନ ଖ୍ରୀ. ୧୯୦୮ରେ କଟକଠାରେ, ସପ୍ତମ ଅଧିବେଶନ ଖ୍ରୀ. ୧୯୧୦ରେ ପୁଣି କଟକଠାରେ ବସି ଓଡ଼ିଆ ଭାଷାର ସୁରକ୍ଷା, ଓଡ଼ିଆ ଭାଷାରେ ଶିକ୍ଷାଦାନ, ଓଡ଼ିଆ ଭାଷାଭାଷୀଙ୍କୁ ଏକ ଶାସନାଧୀନ କରାଇବା ଇତ୍ୟାଦି ବିଭିନ୍ନ ଦାବୀ ସରକାରଙ୍କ ଠାରେ ଉପସ୍ଥାପନା କରା ଯାଇଥିଲା ।

Digitized by PPRACHIN, SOA

ଉତ୍କଳ ସମ୍ମିଳନୀର ଅଷ୍ଟମ ବାର୍ଷିକ ଅଧିବେଶନ ଖ୍ରୀ. ୧୯୧୨ରେ ବ୍ରହ୍ମପୁର ଠାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ସମ୍ମିଳନୀରେ ବିକ୍ରମଦେବ ବର୍ମା ମୟୂରଭଞ୍ଜ ମହାରାଜା ରାମଚନ୍ଦ୍ର ଦେବଙ୍କର ଅକାଳ ମୃତ୍ୟୁରେ ଏକ ଶୋକ ପ୍ରସ୍ତାବ ଆଗତ କରି କହିଥିଲେ, "ପ୍ରାତଃସ୍ମରଣୀୟ ଓଡ଼ିଶାର ଆଦର୍ଶ ନରପତି ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ଶ୍ରୀ ମୟୂରଭଞ୍ଜାଧୀଶ୍ୱର ଶ୍ରୀ ଶ୍ରୀ ରାମଚନ୍ଦ୍ର ଭଞ୍ଜଦେବଙ୍କର ଅକାଳ ଓ ଆକସ୍ମିକ ବିୟୋଗରେ ଉତ୍କଳୀୟମାନଙ୍କର ଯେ ଭୟାନକ କ୍ଷତି ହୋଇଅଛି, ସେଥିପାଇଁ ଏହି ସମ୍ମିଳନୀ ଗଭୀର ଶୋକ ପ୍ରକାଶ କରୁଛି ।"

ସେ ତାଙ୍କର ଗୁଣାବଳୀ ବର୍ଣ୍ଣନା କରିବାକୁ ଯାଇଁ କହିଥିଲେ, "ମୟୂରଭଞ୍ଜର ସ୍ୱର୍ଗୀୟ ମହାରାଜା ଶ୍ରୀ ଶ୍ରୀ ରାମଚନ୍ଦ୍ରଙ୍କ ଅକାଳ ବିୟୋଗରେ ଉତ୍କଳ ନିଦାରୁଣ ମର୍ମାହତ ହୋଇଅଛି । ମୋ ସଙ୍ଗେ ସ୍ୱର୍ଗୀୟ ମହାରାଜାଙ୍କର ଯେ କେତେଥର ସାକ୍ଷାତ ହୋଇଥିଲା ସେଥିରେ ମୁଁ ବୁଝିପାରିଥିଲି ଯେ, ସେ "ରାମଚନ୍ଦ୍ର" ନାମକୁ ସାର୍ଥକ କରିଥିଲେ । ତାହାଙ୍କ ମୃତ୍ୟୁରେ ଉତ୍କଳର ଯେଉଁ କ୍ଷତି ହେଲା, ତାହା ଶୀଘ୍ର ପୂରଣ ହେବାର ଆଶା ନାହିଁ ।"

ଏହା ପରେ ନବମ ଅଧିବେଶନ ଖ୍ରୀ. ୧୯୧୩ରେ ପୁରୀଠାରେ ଅନୁଷ୍ଠିତ ହୋଇଥିଲା । ସେହି ବର୍ଷ ପାରଳାଖେମୁଣ୍ଡି ରାଜ୍ୟାଧୀଶ୍ୱର ଭାବେ କୃଷ୍ଣଚନ୍ଦ୍ର ଗଜପତି ନିଜର ୨୧ ବର୍ଷ ବୟସ ତଥା ଦ୍ୱାବିଂଶତମ ଜନ୍ମ ଦିବସ ୨୬ ଏପ୍ରିଲ ୧୯୧୩ରେ ଅଭିଷିକ୍ତ ହେଲେ । ସ୍ୱତନ୍ତ୍ରଭାବେ ନିମନ୍ତ୍ରିତ ଅନ୍ୟାନ୍ୟ ରାଜପରିବାରର ବହୁ ବିଶିଷ୍ଟ ବ୍ୟକ୍ତି ଓ ରାଜା ମହାରାଜାମାନେ ଉକ୍ତ ଉତ୍ସବରେ ଯୋଗ ଦେଇଥିଲେ । କୃଷ୍ଣଚନ୍ଦ୍ର ଗଜପତି ରାଜ୍ୟର ଦାୟିତ୍ୱ ଗ୍ରହଣ ପରେ ନିଜର ଅଭିଷେକ ଉତ୍ସବ ଉପଲକ୍ଷେ ୧୫ ମେ ୧୯୧୩ରେ ଉତ୍କଳ ସାହିତ୍ୟ ସମାଜକୁ ପାଞ୍ଚଶହ ମୁଦ୍ରା ଦାନ ସ୍ୱରୂପ ପ୍ରେରଣ କରିଥିଲେ । ପ୍ରାପ୍ତକର୍ତ୍ତା ମଧୁସୂଦନ ଦାସ ଯୁବକ ରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଜାତୀୟତା ଏବଂ ଭାଷା ସାହିତ୍ୟର ଉନ୍ନତିପାଇଁ ସହାୟତାର ଭୂୟସୀ ପ୍ରଶଂସା କରିଥିଲେ । *

ମଧୁସୂଦନ ଦାସ ଓ କୃଷ୍ଣଚନ୍ଦ୍ର ଗଜପତି ଓଡ଼ିଆ ଆନ୍ଦୋଳନର ଅନ୍ୟାନ୍ୟ ନେତାମାନଙ୍କ ସହ ଆଲୋଚନା କରି ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ପାରଳାଖେମୁଣ୍ଡିରେ ଅନୁଷ୍ଠିତ କରାଇବା ପାଇଁ ନିଷ୍ପତ୍ତି ନେଇଥିଲେ । ଏହି ନିଷ୍ପତ୍ତି ଅନୁସାରେ ଉତ୍କଳ ସମ୍ମିଳନୀର ଦଶମ ବାର୍ଷିକ ଅଧିବେଶନ ୨୬ ଓ ୨୭ ତାରିଖ ଡିସେମ୍ବର ୧୯୧୪ରେ ପାରଳାଖେମୁଣ୍ଡି ଠାରେ ବିକ୍ରମଦେବ ବର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ।

---

* ଓଡ଼ିଶାର ଯୁଗପୁରୁଷ କୃଷ୍ଣଚନ୍ଦ୍ର ଗଜପତି— ପଦ୍ମଚରଣ ସାହୁ—ପୃ ୨୬

Digitized by PPRACHIN, SOA

ପାରଳାଖେମୁଣ୍ଡିରେ ଅଭ୍ୟର୍ଥନା କମିଟି :

ଖ୍ରୀ ୧୯୧୪ରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଦଶମ ବାର୍ଷିକ ଅଧିବେଶନ ପାଇଁ ଏକ ଅଭ୍ୟର୍ଥନା ସମିତି ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଅଧ୍ୟକ୍ଷତାରେ ଗଠିତ ହୋଇଥିଲା । ସେଥିରେ ମହାରାଜାଙ୍କ ଦୀକ୍ଷାଗୁରୁ ତଥା ପାରଳାର ରାଧାକାନ୍ତ ମଠ ମହନ୍ତ ରାଧାକାନ୍ତ ଦାସ ଗୋସ୍ୱାମୀ ଅଭ୍ୟର୍ଥନା ସମିତିର ଅଧ୍ୟକ୍ଷ ରୂପେ ଅବସ୍ଥାପିତ ହୋଇଥିଲେ । କଲେଜ ଓ ହାଇସ୍କୁଲର ଛାତ୍ରଛାତ୍ରୀମାନେ ଉତ୍କଳ ମାତାର ଜୟଧ୍ୱନି କରି ବାହାରୁ ଆସୁଥିବା ପ୍ରତିନିଧିମାନଙ୍କୁ ଧର୍ମଶାଳା, ସ୍କୁଲ ଓ କଲେଜ କୋଠା ଓ ଅତିଥିଭବନରେ ନେଇ ରଖାଇବାର ବନ୍ଦୋବସ୍ତ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଟକ ପ୍ରଦର୍ଶନ ଅପର୍ଣ୍ଣା ପରିଚ୍ଛାଙ୍କ ଉପରେ ନ୍ୟସ୍ତ କରାଯାଇଥିଲା । ଅତିଥି ସତ୍କାର ଦାୟିତ୍ୱରେ 'ଉତ୍କଳ ହିତୈଷିଣୀ ସମାଜ'ର ସଭ୍ୟମାନେ ରହିଥିଲେ । ମହାରାଜା ତାଙ୍କର ଇଷ୍ଟେଟ କର୍ମଚାରୀମାନଙ୍କୁ ଅତିଥିମାନଙ୍କର ଖାଦ୍ୟପେୟ, ଦର୍ଶନୀୟ ସ୍ଥାନ ଭ୍ରମଣ ଓ ସଭା ମଣ୍ଡପକୁ ଯିବାପାଇଁ ବନ୍ଦୋବସ୍ତର ଦାୟିତ୍ୱ ଅର୍ପଣ କରିଥିଲେ । ଏଥିରେ ସମଗ୍ର ପ୍ରାକୃତିକ ଓଡ଼ିଶାର ସବୁ ଅଞ୍ଚଳରୁ ପ୍ରତିନିଧିମାନେ ଯୋଗ ଦେଇଥିଲେ ।

ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ :

ଉତ୍କଳ ସମ୍ମିଳନୀର ଦଶମ ବାର୍ଷିକ ଅଧିବେଶନ ଖ୍ରୀ. ୧୯୧୪ରେ ବିକ୍ରମଦେବ ବର୍ମାଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିଲା । କବିବର ରାଧାନାଥ ରାୟଙ୍କ 'ସର୍ବେଷାଂ ନୋ ଜନନୀ ଭାରତ ଧରଣୀ କଲ୍ୟାଣଦେୟମ୍' ଗୀତିକା ବୋଲାଯିବା ପରେ ସମସ୍ତଙ୍କୁ ସ୍ୱାଗତ ସମ୍ଭାଷଣ ପ୍ରଦାନ କରାଯାଇଥିଲା । ସମ୍ମିଳନୀର ପ୍ରାରମ୍ଭରେ ପାରଳାଖେମୁଣ୍ଡିର ମହାରାଜା କୃଷ୍ଣଚନ୍ଦ୍ର ଗଜପତି କହିଲେ ଯେ ଓଡ଼ିଆ ଭାଷାଭାଷୀଙ୍କୁ ଏକ ଶାସନାଧୀନ କରିବାପାଇଁ କେବଳ ଦାବି ନ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାପାଇଁ ପ୍ରସ୍ତାବ ଗୃହୀତ ହେଉ । ଗୋପବନ୍ଧୁ ଦାସ, ଶଶିଭୂଷଣ ରଥ, ଫକୀରମୋହନ ସେନାପତି, ବ୍ରଜସୁନ୍ଦର ଦାସ, ଜଗବନ୍ଧୁ ସିଂହ, ଧର୍ମକୋଟ, ମଞ୍ଜୁଷା ଓ ମଧୁପୁର ରାଜା, ସମ୍ବଲପୁରରୁ ଯୋଗଦେଇଥିବା ରାମନାରାୟଣ ମିଶ୍ର ଏବଂ କୁଳବୃଦ୍ଧ ମଧୁସୂଦନ ଦାସ ତଥା କାର୍ଯ୍ୟକାରୀ ସମିତିର ସମସ୍ତ ସଭ୍ୟ ତଥା ଉପସ୍ଥିତ ସମସ୍ତ ପ୍ରତିନିଧି ସମସ୍ୱରେ ଏହି ପ୍ରସ୍ତାବକୁ ସମର୍ଥନ କରିଥିଲେ ।

ସିଂହଭୂମି, ଜୟପୁର ଏବଂ ଫୁଲଝର ପ୍ରଭୃତି ସ୍ଥାନର କୋର୍ଟ କଚେରୀମାନଙ୍କରେ ଓଡ଼ିଆ ଭାଷାର ପ୍ରଚଳନ, ଓଡ଼ିଆ ଭାଷାଭାଷୀଙ୍କ ପାଇଁ ସ୍ୱତନ୍ତ୍ର ଓଡ଼ିଆ ବିଦ୍ୟାଳୟ, ଓଡ଼ିଆ ଶିକ୍ଷକ ନିଯୁକ୍ତି, ଖୋର୍ଦ୍ଧା ସମ୍ବଲପୁର ରେଳ ରାସ୍ତା ନିର୍ମାଣ, ବିଶାଖାପାଟଣା ଓ ଜୟପୁରକୁ ନେଇ ସ୍ୱତନ୍ତ୍ର ଜିଲ୍ଲା ଗଠନ ପ୍ରସ୍ତାବ ସର୍ବସମ୍ମତି-

Digitized by PPRACHIN, SOA

କ୍ରମେ ଗୃହୀତ ହୋଇଥିଲା । ଏହି ସମ୍ମିଳନୀରେ ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ବ୍ରଜସୁନ୍ଦର ଦାସ ଓ ନାରାୟଣ ବୀରବର ଧୀର ସାମନ୍ତ ପ୍ରଭୃତି ବିଶିଷ୍ଟ ବ୍ୟକ୍ତିମାନେ ଉଦ୍‌ବୋଧନ ଦେଇଥିଲେ ।

ସଭାପତିଙ୍କ ଅଭିଭାଷଣ :

ଶେଷରେ ସଭାପତି ବିକ୍ରମଦେବ ବର୍ମା ତାଙ୍କର ଅଭିଭାଷଣ ପ୍ରଦାନ କରିଥିଲେ । (ତାଙ୍କର ଅଭିଭାଷଣର ଅବିକଳ ନକଲ ନିମ୍ନରେ ଉଦ୍ଧୃତ ହେଲା)

'ସମ୍ମାନାସ୍ପଦ ରାଜନ୍ୟବୃନ୍ଦ, ପ୍ରତିନିଧିବର୍ଗ ଓ ଆଗନ୍ତୁକ ଭାଇମାନେ,

ଉତ୍କଳ ସମ୍ମିଳନୀ ସମଗ୍ର ଓଡ଼ିଶା ଦେଶର ମହୋଚ୍ଚ ଏବଂ ସର୍ବୋତ୍କୃଷ୍ଟ ଜାତୀୟ ଅନୁଷ୍ଠାନ । ତାହାର ସଭାପତି ରୂପେ ଆଜିଯାଏ ଗଣ୍ୟମାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ବରିତ ହୋଇ ଆସି ଅଛନ୍ତି । ବିଗତ ପୂର୍ବ ଅଧିବେଶନରେ ଅମ୍ଭମାନଙ୍କର ଗୌରବର ଆଶ୍ରୟ ସ୍ୱନାମଧନ୍ୟ ମାନ୍ୟବର ମଧୁସୂଦନ ଦାସ, ସି. ଆଇ. ଇ. ସଭାପତିର ଆସନ ଅଳଙ୍କୃତ କରିଥିଲେ । ତାଙ୍କ ପରେ ମୋ ପରି ନଗଣ୍ୟ ବ୍ୟକ୍ତିର ନିର୍ବାଚନ କୌଣସି ଅଂଶରେ ସମ୍ମିଳନୀର ଗୌରବ ଓ ଗରିମା ବୃଦ୍ଧି କରିବ ନାହିଁ । ଅଧିକନ୍ତୁ ସଭାପତିଙ୍କର ଆସନ ତଦ୍ଦ୍ୱାରା ଲୋକ ଦୃଷ୍ଟିରେ ମୂଲ୍ୟହୀନ ଥିବାର ପ୍ରତିପାଦିତ ହେବ ବୋଲି ମୋହର ଆଶଙ୍କା ଜନ୍ମିଅଛି । ଏହି ଆଶଙ୍କା କରି ଏବଂ ନିଜ ଅପାରଗତା ଓ ଅନୁପଯୁକ୍ତତା ସମ୍ବନ୍ଧେ ଅଭିଜ୍ଞାନ ହେବାରୁ ମୁଁ ପ୍ରଥମତଃ ଅଭ୍ୟର୍ଥନା ସମିତିର ସାଗ୍ରହ ପ୍ରାର୍ଥନା ରକ୍ଷା କରିବାକୁ ଅସମ୍ମତ ଥିଲି । ଦେଶର ଅନେକ ଯୋଗ୍ୟତର ଏବଂ ପ୍ରବୀଣ ବ୍ୟକ୍ତି ଥାଉଁ ଥାଉଁ ମତେ କାହିଁକି ନିର୍ବାଚନ କଲେ, ଏହାର କାରଣ ମନମଧ୍ୟରେ ଖୋଜିବାକୁ ବସିଲି, ବୁଝିଲି ଅଭ୍ୟର୍ଥନା ସମିତି ଏ ଗୌରବ ମତେ ଦେଇ ନାହାନ୍ତି । ଯେଉଁ ଓଡ଼ିଆ ଜାତି ଜୟପୁର ଓ ବିଶାଖପଟ୍ଟଣରେ ନିଜର ବ୍ୟକ୍ତିତ୍ୱ, ନିଜର ମାତୃଭାଷା ପର୍ଯ୍ୟନ୍ତ ଭୁଲିଯିବାକୁ କାଳକ୍ରମେ ଏବଂ ଅବସ୍ଥାର ବିପର୍ଯ୍ୟୟରେ ବାଧ୍ୟ ହୋଇଅଛନ୍ତି, ସେମାନଙ୍କ ସଂଜ୍ଞାପ୍ରାପ୍ତି ନିମିତ୍ତ ମାତୃସ୍ତନ୍ୟ ପାନରୁ ବଞ୍ଚିତପ୍ରାୟ ମାତୃଭାଷାର ଅନବରତ ଚର୍ଚ୍ଚାରୁ ବିରତ ମୋ ପରି ତାଙ୍କର ଜଣେ ଦୁର୍ବଳ ପ୍ରତିନିଧିଙ୍କୁ ସଭାପତି ନିର୍ବାଚନ କରିଅଛନ୍ତି । ମତେ ବର୍ତ୍ତମାନ ଆପଣମାନେ ଯେଉଁ ସମ୍ମାନରେ ଗୌରବାନ୍ୱିତ କରିଅଛନ୍ତି, ତାହା ବାସ୍ତବିକ ମୋହର ବ୍ୟକ୍ତିଗତ ଗୌରବ ନୁହେଁ, ଏହା ମନେକରି ଅଭ୍ୟର୍ଥନା ସମିତିର ଆମନ୍ତ୍ରଣ ଗ୍ରହଣ କଲି । ବିଶାଖପଟ୍ଟଣର ଓଡ଼ିଆମାନଙ୍କ ପ୍ରତି ଆପଣଙ୍କ ମମତା ପ୍ରଶଂସନୀୟ । ମୋ ପକ୍ଷରୁ ଏବଂ ଜୟପୁର, ବିଶାଖପଟ୍ଟଣ ଓଡ଼ିଆମାନଙ୍କ ପକ୍ଷରୁ ମୁଁ ଏଥିପାଇଁ ଆପଣମାନଙ୍କୁ ଆନ୍ତରିକ ସହିତ ଧନ୍ୟବାଦ ଦେଉଅଛି । ବିଗତ ବର୍ଷ ସମ୍ମିଳନୀ ସଭାରେ ଡା. ନରସିଂହ ରାଓ ପାଠକ ନାମକ ଜଣେ ବିଶାଖପଟ୍ଟଣର ଓଡ଼ିଆ ସେହି ଅଞ୍ଚଳରେ ଓଡ଼ିଆମାନଙ୍କ ଦୁରବସ୍ଥାର

Digitized by PPRACHIN, SOA

ପରିବର୍ତ୍ତନ ନିମନ୍ତେ ଯେଉଁ କରୁଣ ନିବେଦନ ପ୍ରକାଶ କରିଥିଲେ, ତାହା ଫଳରେ ସମ୍ଭବତଃ ଆଜି ବର୍ଣାଂଶପତ୍ରରେ ଯୋଦ୍ଧାମାନଙ୍କ ପ୍ରତି ଆପଣମାନଙ୍କର ଦୃଷ୍ଟି ପଡ଼ିଅଛି । ମୋହର ନିର୍ବାଚନର ଅନ୍ୟ ଅର୍ଥ, ଅପର କାରଣ ମୁଁ ପାଇପାରୁ ନାହିଁ । ଯାହା ହେଉ ଏହା ଆପଣମାନଙ୍କର ଗଭୀର ହୃଦୟବତ୍ତା ଓ ଉଦାରତାର ପରିଚୟ ଦେଉଅଛି ।

ଯୁଦ୍ଧ :

ସାମ୍ରାଜ୍ୟର ଘୋର ଅସମୟରେ ପୃଥିବୀର ସର୍ବବିଧ୍ୱଂସକାରୀ ବିପ୍ଳବ ଓ ବ୍ୟସ୍ତତା କାଳରେ ଆମ୍ଭମାନଙ୍କର ଏହି ସମ୍ମିଳନୀର ଦଶମ ଅଧିବେଶନ ହେଉଅଛି । ଇଉରୋପର ମହାଯୁଦ୍ଧ ବିଂଶତି ଶତାବ୍ଦୀର ଏକ ବିଶେଷ ଘଟଣା । ପୁନର୍ବାର କୁରୁକ୍ଷେତ୍ରର ଆବିର୍ଭାବ ହୋଇଅଛି । କୁରୁକ୍ଷେତ୍ର ଫ୍ରାନ୍ସ, ବେଲ୍‌ଜିୟମକୁ ସ୍ଥାନାନ୍ତରିତ ହୋଇଅଛି; ମାତ୍ର ଉପସ୍ଥିତ ମହାଯୁଦ୍ଧର କାରଣ ଅନୁସନ୍ଧାନ କଲେ ଜଣାଯାଏ ଯେ, ଜର୍ମାନୀ ନିଜର ଅନ୍ୟାୟ ଲୋଭ ଆଶାରେ ରାଜାମାନଙ୍କର ସ୍ୱାଧୀନତା ନଷ୍ଟ କରି ନିଜ ରାଜ୍ୟବୃଦ୍ଧି ପିପାସା ଚରିତାର୍ଥ କରିବା ଉଦ୍ଦେଶ୍ୟରେ ଏହି ଯୁଦ୍ଧ ଆରମ୍ଭ କରିଅଛି । ଜର୍ମାନୀ କ୍ଷୁଦ୍ର ରାଜ୍ୟସମୂହର ସ୍ୱାଧୀନତା ଓ ଅସ୍ତିତ୍ୱ ପର୍ଯ୍ୟନ୍ତ ଲୋପ କରିବାକୁ ଉଦ୍ୟମ କରିଅଛି । ଆନ୍ତର୍ଜାତୀୟ ପବିତ୍ର ସନ୍ଧି ସର୍ତ୍ତମାନ ଲଙ୍ଘନ କରି ବିଶ୍ୱାସଘାତକତାର ପରାକାଷ୍ଠା ଦେଖାଇଅଛି । ମାନବର ସଭ୍ୟତାକୁ ବହୁଦୂର ଏବଂ ବହୁବର୍ଷ ନିମନ୍ତେ ପଛକୁ ଘଞ୍ଚାଇ ଦେଇଅଛି । ଜଗତର ଶାନ୍ତି ଓ ସଭ୍ୟତା ପଥରେ ମହା ଅନର୍ଥ, ଘୋର ବ୍ୟାଘାତ ଘଟାଇଅଛି । ଜର୍ମାନୀ କେବଳ ଇଂଲଣ୍ଡର ଶତ୍ରୁ ନୁହେଁ, ସେ ଯେଉଁ କାଣ୍ଡସବୁ କରିଅଛି, ଯୁଦ୍ଧରେ ସେ ଯେଉଁ ଅମାନୁଷି ଅତିମାନୁଷି ଦୌରାତ୍ମ୍ୟ ଓ ଦୁର୍ବୃତ୍ତପନ୍ଥା ଅନୁସରଣ କରିଅଛି, ସେଥିରେ ସେ ସମଗ୍ର ମାନବ ଜାତିର ଶତ୍ରୁ ବୋଲି ମୁଁ କହିପାରେ । ଜର୍ମାନୀର ଏଭଳି ଦୌରାତ୍ମ୍ୟପୂର୍ଣ୍ଣ କାର୍ଯ୍ୟରେ ସଭ୍ୟ ଇଂଲଣ୍ଡର କି କର୍ତ୍ତବ୍ୟ ? ସେ ନୀରବ ନିଶ୍ଚଳ ରହିପାରେ କି ? ସେପରି ନୀରବ ରହିଲେ ଜଗତର ଇତିହାସରେ ସଭ୍ୟ ଇଂଲଣ୍ଡର, ଶାନ୍ତିପ୍ରିୟ ଇଂଲଣ୍ଡର, ଇଂରେଜ ଜାତିର ଆଉ ଗୌରବ ରହନ୍ତା କି ? ଯେଉଁ ଜାତି ଚିରକାଳ ନ୍ୟାୟ ଓ ଶାନ୍ତି ନିମନ୍ତେ ଜଗତରେ ସୁପ୍ରସିଦ୍ଧ, ଯେଉଁ ଜାତି ଶିକ୍ଷା ଓ ସଭ୍ୟତାର ପ୍ରସାର ତଥା ପ୍ରଚାର ନିମନ୍ତେ ସର୍ବଦା ତତ୍ପର, ଯେଉଁ ଦେଶରେ ନ୍ୟାୟ ଓ ସତ୍ୟର ଧ୍ୱଜା ନିରନ୍ତର ଉଡ଼ୁଅଛି, ସେହି ଦେଶ ଓ ସେହି ଜାତିକି ଜର୍ମାନୀର ଅନାଚାର ସହ୍ୟ କରିବ ? ସନ୍ଧି ସ୍ଥାପନ ନିମନ୍ତେ ଆମ୍ଭମାନଙ୍କର ସମ୍ରାଟ୍ ପଞ୍ଚମ ଜର୍ଜ ପ୍ରଭୂତ ଯତ୍ନ କରିଥିଲେ; କିନ୍ତୁ ଜର୍ମାନୀର ଦୁରଭିସନ୍ଧି ସପକ୍ଷରେ ସେ ସକଳ ଉଦ୍ୟମ ବୃଥା ହେଲ । ଯେଉଁ ଜର୍ମାନୀ ଏହି ଅଶାନ୍ତିକର ଯୁଦ୍ଧ ନିମନ୍ତେ ବହୁବର୍ଷ ଆଗରୁ ଅତିବିଧ ଯତ୍ନ କରୁଥିଲା, ସେ ଶାନ୍ତିର ପ୍ରସ୍ତାବ ଗ୍ରହଣ କରିବ କାହିଁକି ? ଏପରି ଅବସ୍ଥାରେ ମୂକ

Digitized by PPRACHIN, SOA

ଘୋଷଣା କରିବା ଛଡ଼ା ଇଂଲଣ୍ଡର ଉପାୟାନ୍ତର କଅଣ ? ବେଲଜିୟମର ଧ୍ୱଂସ ସ୍ୱଚକ୍ଷୁରେ ଦେଖି ନୀରବ ହୋଇ ଇଂଲଣ୍ଡ ରହିପାରନ୍ତା କି ? ଚତୁର୍ଦ୍ଦିଗରେ ପରିଖା ସମ ଜଳରାଶିରେ ପରିବେଷ୍ଟିତ ଦ୍ୱୀପ ମଧ୍ୟରେ ଔଦାସୀନ୍ୟରେ ବସି ଆନ୍ତର୍ଜାତୀୟ ନିୟମ ଭଙ୍ଗ ହେବାର ଦେଖିଥିଲେ ଇଂଲଣ୍ଡର ଅହଙ୍କାର, ଇଂରେଜ ଜାତିର ବିଶେଷତ୍ୱ ଆଉ ରହନ୍ତା କେଉଁଠାରେ ?

ମନ୍ତ୍ରୀ ଆସକ୍ୱିଥ ହେଦନ କହିଥିଲେ, ଇଂଲଣ୍ଡ ଏପରି ଭୀରୁ, ନୀରବ, ଉଦାସୀନ ଭାବରେ ରହିବା ଅପେକ୍ଷା ତାହାର ନାମ ଜଗତର ଇତିହାସ ପୃଷ୍ଠାରୁ ଏକାବେଳକେ ଲୋପ ପାଇବା ବରଂ ଶ୍ରେୟସ୍କର ।" ନ୍ୟାୟ, ଧର୍ମ ଓ ଶାନ୍ତି ନିମନ୍ତେ, ସମସ୍ତ ଜଗତର ଉପକାର ନିମନ୍ତେ, ମାନବଜାତିର ସ୍ୱାଧୀନତା ଅକ୍ଷୁଣ୍ଣ, ଅପ୍ରତିହତ ରଖିବା ନିମନ୍ତେ ଇଂଲଣ୍ଡ ଅନ୍ୟ ଉପାୟ ନ ଦେଖି ଅବଶେଷରେ ଯୁଦ୍ଧ ଘୋଷଣା କରିଅଛି । "ଯତୋଧର୍ମ ସ୍ତତୋ ଜୟଃ" ଏହା ନିଶ୍ଚୟ । କିନ୍ତୁ କେବଳ ନୀତିବାକ୍ୟ ଖୋଲିଦେଇ ନୀରବ ରହିଲେ ଆମ୍ଭମାନଙ୍କର ଧର୍ମ ପ୍ରତି, ସତ୍ୟ, ଶୃଙ୍ଖଳା ପ୍ରତି ବିଶେଷ ଆସ୍ଥା ଅଛି ବୋଲି ବୁଝାଯିବ ନାହିଁ । ନ୍ୟାୟପକ୍ଷରେ ଜୟକାମନା ମଧ୍ୟ ଯଥେଷ୍ଟ ନୁହେଁ । ସମାଜରେ ଶାନ୍ତି ସ୍ଥାପନ ନିମନ୍ତେ ଯେ ବ୍ୟାକୁଳ, ତାକୁ ନ୍ୟାୟ ପକ୍ଷରେ ସାହାଯ୍ୟ କରିବାକୁ ହେବ । ଭାରତ ସଦା ଶାନ୍ତି-ପ୍ରିୟ, ଭାରତୀୟମାନେ ସର୍ବଦା ନ୍ୟାୟର ପକ୍ଷପାତୀ । ରାଜଭକ୍ତି ସେମାନଙ୍କ ଅସ୍ଥି ମଜ୍ଜାରେ ଏକୀଭୂତ ହୋଇ ଶତ ଶତ ବର୍ଷ ପର୍ଯ୍ୟନ୍ତ ଅବିଚଳିତ ଭାବରେ ରହିଅଛି; ଅତଏବ ଦେଶର ସକଳ ଶ୍ରେଣୀ, ସକଳ ସମ୍ପ୍ରଦାୟର ଲୋକେ ଯୁଦ୍ଧରେ ଇଂରେଜଙ୍କ ଜୟ କାମନା କରୁଅଛନ୍ତି । ଭାରତର ଯେଉଁ ଆଡ଼କୁ ଚାହଁ ଯୁଦ୍ଧ ନିମନ୍ତେ ଯଥାଶକ୍ତି ସାହାଯ୍ୟ ଦେବାକୁ ସମସ୍ତେ ବ୍ୟାକୁଳ । ସମସ୍ତେ ଏହି ବିଷୟରେ ଏକ ମତ । ଏପରି ମତୈକ୍ୟ, ଏପରି ରାଜଭକ୍ତିର ସରଳ ସ୍ୱାଭାବିକ ଅଭିବ୍ୟକ୍ତି ଅନ୍ୟ କୌଣସି ଘଟଣାରେ ଦେଖାଯାଇଅଛି କି ନା ସନ୍ଦେହ । ଦାନର ପ୍ରତିଦାନ ଅଛି । ଇଂରେଜ ଜାତି ଭାରତର ଏହି ସହାନୁଭୂତି ହୃଦୟଙ୍ଗମ କରିଅଛନ୍ତି ଏବଂ ଗୋରାଙ୍କ ପାର୍ଶ୍ୱରେ କଳା ସିପାହୀ ଏକ ଲକ୍ଷ୍ୟ, ଏକ ସାମ୍ରାଜ୍ୟ ରକ୍ଷା ଚେଷ୍ଟାରେ, ଏକ ପ୍ରବଳ ଚକ୍ରବର୍ତ୍ତୀଙ୍କ ନିମନ୍ତେ ଯୁଦ୍ଧ କରୁ ଅଛନ୍ତି; ଏହାହିଁ ଭାରତର ଗୌରବ ।

ଯୁଦ୍ଧ ଓ ଓଡ଼ିଶା :

ବିଚ୍ଛିନ୍ନ ହୋଇ ଶାସନାଧୀନରେ ରହିଥିବାରୁ ଓଡ଼ିଆମାନଙ୍କର ସମୂହ ଶକ୍ତିର ବିକାଶ ପାଇପାରୁ ନାହିଁ । ଉତ୍କଳ ନାନା କାରଣରୁ ଶିକ୍ଷା ସମ୍ପର୍କରେ ପଛରେ ପଡ଼ିଅଛି । ତାହାର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନୁହେଁ । ତାହାର ପୂର୍ବ ଗୌରବ ନାହିଁ । ପୁରାତନ ଐଶ୍ୱର୍ଯ୍ୟରେ ସେ ଗର୍ବ କରିବାକୁ ଆତୁର ଶିକ୍ଷା କରି ନାହିଁ । ପୂର୍ବ ଯଶ ଆଣିବାକୁ ତାହାର ଉଦ୍ୟମ ନାହିଁ । ନୋହିଲେ କି ଆଜି ଏହି ଯୁଦ୍ଧ ବେଳେ

Digitized by PPRACHIN, SOA

ତାହାର ଇତିହାସପ୍ରସିଦ୍ଧ ପାଇକ ସେନାକୁ ସେ ଯୁଦ୍ଧକୁ ପଠାଇ ନ ଥାନ୍ତା ? ଯେଉଁ କୃଷକସେନା ବଳରେ ଗଙ୍ଗାଠାରୁ ଗୋଦାବରୀ ଯାଏଁ ଉତ୍କଳ ଅଖଣ୍ଡ ରାଜ୍ୟ ସଂସ୍ଥାପନ କରିଥିଲା, ଯେଉଁମାନଙ୍କର ପ୍ରବଳ ସ୍ୱାର୍ଥତ୍ୟାଗ ପ୍ରଭାବରେ ଓଡ଼ିଶା ତିନି ଶତ ବର୍ଷ ପର୍ଯ୍ୟନ୍ତ ମୁସଲମାନ୍ ସେନାଙ୍କ ଆକ୍ରମଣ ପ୍ରତିହତ କରିବାକୁ ସମର୍ଥ ହୋଇଥିଲା ସେମାନେ କାହାନ୍ତି ? ଆଜି ସେହି ସେନାମାନଙ୍କୁ ଉତ୍କଳ ଯୁଦ୍ଧକ୍ଷେତ୍ରକୁ ପଠାଇପାରିଥିଲେ ନିଜକୁ କୃତାର୍ଥ ମଣିଥାନ୍ତା । ସେ ଯାହା ହେଉ ତାହାର ବର୍ତ୍ତମାନ ଅବସ୍ଥାରେ ସେ ଯାହା କରିପାରେ ଉତ୍କଳ ଯୁଦ୍ଧର ସାହାଯ୍ୟାର୍ଥେ ତାହା କରିଅଛି, ଏଥିରେ କୌଣସି ସନ୍ଦେହ ନାହିଁ । ଦେଶର ବିଭିନ୍ନ କେନ୍ଦ୍ରରେ ସଭାସମିତିମାନ ହୋଇଯାଇଅଛି । ଅନ୍ୟାନ୍ୟ ଭାରତୀୟ ଜାତିଙ୍କ ସହ ଓଡ଼ିଆ ଇଂରେଜଙ୍କ ଜୟ କାମନା କରୁଅଛି; କିନ୍ତୁ ଛିନ୍ନବିଚ୍ଛିନ୍ନ ହୋଇ ରହିଥିବାରୁ ଉତ୍କଳର ଅଂଶବିଶେଷର ସହାନୁଭୂତି ଓ ସାହାଯ୍ୟର ଫଳ ପରିସ୍ଫୁଟ ହେଉ ନାହିଁ । ବ୍ରହ୍ମପୁରଠାରେ ଜନକର ସଭାରେ ପ୍ରାୟ ୩୦,୦୦୦ ଟଙ୍କା ସ୍ୱୀକୃତ ହୋଇଅଛି । ଏକା ପାରଳା ରାଜାସାହେବ ଏକ ଲକ୍ଷ ଟଙ୍କା ଦାନ କରିଅଛନ୍ତି । ଜୟପୁର, ଗଞ୍ଜାମ, ଓଡ଼ିଆ, ସିଂହଭୂମ ସକଳ ସ୍ଥାନର କି ରାଜା କି ପ୍ରଜା ଯଥାଶକ୍ତି ଚାନ୍ଦା ଦେଇଅଛନ୍ତି । ଏସବୁ ଦାନର ପରିମାଣ ଭାରତର ଅନ୍ୟାନ୍ୟ ପ୍ରବଳ ଜାତିଙ୍କ ଦାନର ସ୍ରୋତରେ ସମ୍ମିଳିତ ହେବାରୁ ଉତ୍କଳ ତାହାର ବିଶେଷତ୍ୱ ଦେଖାଇବାକୁ ସୁବିଧା ପାଉ ନାହିଁ । ଯାହାହେଉ ମୁଁ ଆଶାକରେ ଯେ ଭାରତର ସମୂହ ରାଜଭକ୍ତି ଓ ସାହାଯ୍ୟ ଭିତରେ ଉତ୍କଳର ଅଂଶ ସରକାର ବାହାଦୁର ସ୍ଥିର କରିନେବେ । ସେ ଅଂଶ ସାମାନ୍ୟ ନୁହେଁ, ଏହା ଅନୁସନ୍ଧାନ କଲେ ସରକାର ବୁଝିପାରିବେ ବୋଲି ମୋର ବିଶ୍ୱାସ; କିନ୍ତୁ ଏ ସବୁ ଅପେକ୍ଷା ଓଡ଼ିଆମାନେ ଏକତ୍ରିତ ହୋଇ ଏକ ସ୍ୱରରେ ଏହି ସମ୍ମିଳନୀ ରୂପ ପବିତ୍ରମଞ୍ଚରୁ ପ୍ରବଳପ୍ରତାପ ସମ୍ରାଟଙ୍କ ପ୍ରତି ଯେଉଁ ରାଜଭକ୍ତି ଦେଖାଇବେ, ତାହା ଅତୁଳନୀୟ । ଏହାହିଁ ଓଡ଼ିଆଙ୍କ ସମୂହ ରାଜଭକ୍ତି ବିକାଶ ବୋଲି ଧରିବାକୁ ହେବ । ଆମ୍ଭେମାନେ ଇଂରେଜଙ୍କ ଜୟ କାମନା କରିବା ଏବଂ ତାଙ୍କ ବିଜୟ ଗୌରବରେ ନିଜକୁ ଗୌରବାନ୍ୱିତ ମନେ କରିବା । ସମ୍ମିଳନୀ ପ୍ରତିବର୍ଷ ହେଉଅଛି; କିନ୍ତୁ ଯୁଦ୍ଧ ଯୋଗୁଁ ଏ ବର୍ଷର ଅଧିବେଶନ ସ୍ଥଗିତ ନ ହେବା ସମୀଚୀନ ହୋଇଅଛି; ଯେହେତୁ ଆମ୍ଭେମାନେ ମିଳିତ ହୋଇ ଏକତ୍ର ରାଜଭକ୍ତି ଦେଖାଇବାକୁ ସମର୍ଥ ହୋଇଥାଉଁ ଏବଂ ସମ୍ମିଳନୀ ନିମନ୍ତେ ପାରଳା ପ୍ରକୃଷ୍ଟ ସ୍ଥାନ । ଯେଉଁ ଓଡ଼ିଆ ରାଜା ଅକାତରରେ ଏକଲକ୍ଷ ଟଙ୍କା ଦାନ କଲେ, ସେହି ରାଜାଙ୍କର ରାଜ୍ୟରେ ହେବା ବଡ଼ ସୁନ୍ଦର ଓ ଉପଯୁକ୍ତ ହୋଇଅଛି । (କରତାଳି)

ଯୁଦ୍ଧ ଏକ ମହାଦୁଃଖର କାରଣ । ରାଜା ଓ ପ୍ରଜା ଉଭୟଙ୍କ ପକ୍ଷରେ ଅଶେଷ କ୍ଷତିକାରକ । ଏହି ସାଧାରଣ କ୍ଷତି ଓ କ୍ଷୋଭର ବିଷୟ ଉଲ୍ଲେଖ କରୁଁ

Digitized by PPRACHIN, SOA

କରୁଁ ଆମ୍ଭମାନଙ୍କର ସେଥିଁ ବିଶେଷ ଦୁଃଖ ଏ ବର୍ଷ ମଧ୍ୟରେ ଦୈବ ଦୁର୍ବିପାକରୁ ସଙ୍ଘଟିତ ହୋଇଅଛି, ତାହା ଉଲ୍ଲେଖ କରିବା ଆବଶ୍ୟକ ମନେ କରେ ।

ସ୍ୱର୍ଗୀୟ ରାଜା ବାସୁଦେବ ରାଜମଣି ଦେବ :

ଦୁଃଖର ବିଷୟ ପ୍ରତି ସମ୍ମିଳନୀ ସଭାର କାର୍ଯ୍ୟାବଳୀ ଭିତରେ ଆମ୍ଭମାନଙ୍କୁ ଗୋଟିଏ ଶୋକ ପ୍ରକାଶ କାର୍ଯ୍ୟକାରଣ ଗୃହୀତ କରିବାକୁ ହେଉଅଛି । ଏଥିରୁ ସ୍ପଷ୍ଟ ଜଣାଯାଉଅଛି ଯେ, ଆମ୍ଭମାନଙ୍କର ମାତୃଭୂମି ଚିର ଦୁଃଖିନୀ । ତା'ର ଶୋକୋ-ଚ୍ଛ୍ୱାସର ବିରାମ ନାହିଁ । ବର୍ଷକୁ ବର୍ଷ ତାହାର କେହି ନା କେହି ଯୋଗ୍ୟ ସନ୍ତାନ ତାକୁ ଛାଡ଼ିଯାଉଅଛନ୍ତି । ସ୍ୱର୍ଗୀୟ ବାସୁଦେବ ରାଜମଣି ରାଜଦେବଙ୍କୁ ହରାଇ କିଏ ବିହ୍ୱଳ ନ ହେବ ? ମଞ୍ଜୁଷାରେ ତାଙ୍କର ସୁଖ୍ୟାତି ସୀମାବଦ୍ଧ ନ ଥିଲା । ରାଜା ବାସୁଦେବ ଜଣେ ନିରଭିମାନ ରାଜପୁରୁଷ ଥିଲେ । କ୍ଷତ୍ରିୟ ଧର୍ମ ତାଙ୍କର ପ୍ରତି କାର୍ଯ୍ୟରେ ପରିଲକ୍ଷିତ ହେଉଥିଲା । ସଂସ୍କୃତ, ତେଲୁଗୁ ଏବଂ ଓଡ଼ିଆ ସାହିତ୍ୟରେ ତାଙ୍କର ବ୍ୟୁତ୍ପତ୍ତି ଥିଲା । ସେ ନିଜେ କୌଣସି ପୁସ୍ତକାଦି ଲେଖିଅଛନ୍ତି କି ନାହିଁ ସନ୍ଦେହ । ଯେ ଖଣ୍ଡିଏ କୋଇଲି ଲେଖିଅଛି ଏହି ଯୁଗରେ ସେ କବି ବୋଲି ମନରେ ଗର୍ବ କରୁଅଛି । ଯେଉଁ ବ୍ୟକ୍ତି ସାହିତ୍ୟ ପତ୍ରିକାରେ ଖଣ୍ଡିଏ ପ୍ରବନ୍ଧ ଲେଖିଅଛି, ସେ ଆଧୁନିକ ଜଗତରେ ସାହିତ୍ୟିକ ଓ ଲେଖକ ବୋଲି ପରିଚିତ । ଏହିପରି ସ୍ଥଳରେ ଯେଉଁ ରାଜା ଏପରି ବାହ୍ୟାଡ଼ମ୍ବରର ଆଶ୍ରୟ କିଛି ହିଁ ଦେଖାଇ ନାହାନ୍ତି ତାଙ୍କୁ ସାହିତ୍ୟିକ ବୋଲି ଧରିବାକୁ ଆଧୁନିକ ଶିକ୍ଷିତ ମଣ୍ଡଳୀ କାହିଁକି ଅଗ୍ରସର ହେବେ ? କିନ୍ତୁ ରାଜା ବାସୁଦେବଙ୍କ ଚରିତ ଯେ ଜାଣିଅଛି ମୁକ୍ତ କଣ୍ଠରେ ସେ ସ୍ୱୀକାର କରିବ ଯେ ସ୍ୱର୍ଗୀୟ ରାଜା ମହୋଦୟଙ୍କ ପକ୍ଷରେ ସାହିତ୍ୟ ଚର୍ଚ୍ଚା ଏକ ପ୍ରକାର ବ୍ୟସନ ହୋଇପଡ଼ିଥିଲା । ସେ ଦିନରେ ପ୍ରାୟ ୫।୦ ଘଣ୍ଟା କାଳ ଗ୍ରନ୍ଥ, ଚୌପଦୀ, କାବ୍ୟ, ନାଟକ, ପଦ୍ୟ ଇତ୍ୟାଦିର ଚର୍ଚ୍ଚା କରୁଥିଲେ । ସାହିତ୍ୟ ପାଇଁ ଆମ୍ଭମାନଙ୍କ ମଧ୍ୟରୁ କେତେ ଜଣ ଦୈନିକରେ ଅଷ୍ଟମାଂଶ ସମୟ ବ୍ୟୟ କରିଥାଉଁ ? ସେ ଜଣେ ଉଚ୍ଚଧରଣର କାବ୍ୟମୀମାଂସକ ଥିଲେ । ଛନ୍ଦ, ବ୍ୟାକରଣ ଓ ଅଳଙ୍କାରରେ ତାଙ୍କର ଜ୍ଞାନ ବଡ଼ ଗଭୀର ଥିଲା । ଗୋଟିଏ ଛନ୍ଦ ବା ପଦ୍ୟ ପାଠହେବା ମାତ୍ରେ ଅନ୍ୟାନ୍ୟ ଭାଷାର ସାହିତ୍ୟ ମଧ୍ୟରେ ଉକ୍ତ ଭାବର କବିତା ସେ ଆବୃତ୍ତି କରି ଏକ ସହିତ ଅନ୍ୟର ଯେ ତୁଳନା କରିପାରୁ ଥିଲେ ତାହା ଅତି ଅଳ୍ପ ବ୍ୟକ୍ତିଙ୍କ ପକ୍ଷରେ ସମ୍ଭବ । ତାଙ୍କ ସ୍ମରଣ ଶକ୍ତିର ପ୍ରଶଂସା କରି ଜଣେ ପଣ୍ଡିତ ଦିନେ କହିଥିଲେ—"ମଞ୍ଜୁଷାର ରାଜା ନିଜେ ଗୋଟିଏ ଜୀବନ୍ତ Encyclopaedia (ବିଶ୍ୱକୋଷ) ।" ଏହିପରି ଜଣେ ବିଶିଷ୍ଟ କୃତୀ ସନ୍ତାନକୁ ହରାଇ ଉତ୍କଳ ମାତାଙ୍କର ବଦନ ଅତି ବିଷଣ୍ଣ, ମଳିନ ହୋଇଅଛି ।

Digitized by PPRACHIN, SOA

ପରିବାରରେ କୌଣସି ଦୁଃଖ ଦୁର୍ବିପାକର ଘଟଣା ଘଟିଲେ ବନ୍ଧୁବାନ୍ଧବମାନେ ସହାନୁଭୂତି ପ୍ରକାଶ କରି ସେହି ଦୁଃଖର ଲାଘବ କରିଥାନ୍ତି । କିନ୍ତୁ ଦୁଃଖର ବିଷୟ ଓଡ଼ିଶାର ଏ ବର୍ଷ ସେ ସୌଭାଗ୍ୟ ମଧ୍ୟ ନାହିଁ । ତାହାର ବନ୍ଧୁବର୍ଗଙ୍କ ଭିତରୁ ଶ୍ରଦ୍ଧେୟ ରେଭେନ୍ସା ସାହେବ ମଧ୍ୟ ଇହ ଜଗତରୁ ଅନ୍ତର୍ହିତ ହୋଇ ଅଛନ୍ତି । ଯେଉଁ ବିଦେଶୀୟମାନେ ଶାସକ ରୂପେ ଆମ୍ଭମାନଙ୍କ ଦେଶକୁ ଆସି ଅଛନ୍ତି, ସେମାନଙ୍କ ମଧ୍ୟରୁ ଉତ୍କଳବନ୍ଧୁ ରେଭେନ୍ସା ସାହେବଙ୍କ ନାମ ଚିରସ୍ମରଣୀୟ । ସେ କୌଣସି ସ୍ଥାନରେ ହେଉ ନା । କାହିଁକି ଯେଉଁ ବ୍ୟକ୍ତି ଓଡ଼ିଆ ଭାଷା ଓ ଓଡ଼ିଆ ଜାତି ପ୍ରତି ସଦୟ ସେ ଆମ୍ଭମାନଙ୍କ ଭକ୍ତି ଓ କୃତଜ୍ଞତାର ପାତ୍ର । ଉତ୍କଳର ଯେ କୌଣସି ଅଂଶରେ ହେଉ, ଯେଉଁମାନେ ଓଡ଼ିଆ ପ୍ରତି ସାଦର ସହାନୁଭୂତି ପ୍ରକାଶ କରୁ ଅଛନ୍ତି ବା କରିଅଛନ୍ତି ସେମାନେ ଓଡ଼ିଆ ଜାତିର ପ୍ରକୃତ ବନ୍ଧୁ । ପୂର୍ବେ ଜନ୍ ବିମ୍ସ ସାହେବ ସାହିତ୍ୟ କ୍ଷେତ୍ରରେ ଓଡ଼ିଆମାନଙ୍କ ପାଇଁ ଯାହା କରିଯାଇଥିଲେ, ଶିକ୍ଷା-ପ୍ରସାର ଓ ଆର୍ଥିକ ଉନ୍ନତି ସମ୍ବନ୍ଧେ ତାହା ରେଭେନ୍ସା ସାହେବ କରିଅଛନ୍ତି । ମହା ଦୁର୍ଭିକ୍ଷ ନଅଙ୍କ ସମୟରେ ରେଭେନ୍ସା ସାହେବ ଓଡ଼ିଶାର କମିଶନର ଥିଲେ । ୧୩ବର୍ଷ କାଳ ସେ କମିଶନର ରୂପେ କାର୍ଯ୍ୟ କରି ଓଡ଼ିଶାର ସକଳ ପ୍ରକାର ଭବିଷ୍ୟତ ଉନ୍ନତିର ମୂଳଭିତ୍ତି ସ୍ଥାପନ କରିଥିଲେ । ତାଙ୍କ ପ୍ରତିଷ୍ଠିତ ରେଭେନ୍ସା କଲେଜ ହେତୁ ଓଡ଼ିଶାରେ ଉଚ୍ଚ ଇଂରେଜୀ ଶିକ୍ଷାର ପ୍ରଚାର । ଯେତେବେଳେ ଓଡ଼ିଆଭାଷା ଉଠିଯାଇ ତାହା ବଦଳରେ ବଙ୍ଗଳା ଭାଷା ପ୍ରଚଳିତ ହେବାର ପ୍ରସ୍ତାବ ହୋଇଥିଲା ରେଭେନ୍ସା ସାହେବ ସେତେବେଳେ ନିର୍ଭୀକ ଭାବରେ ଓଡ଼ିଆ ଭାଷାର ପକ୍ଷ ସମର୍ଥନ କରିଥିଲେ । ତାଙ୍କର ଯତ୍ନାନୁକୂଲ୍ୟରେ ଓଡ଼ିଶାରେ ଆମ୍ଭମାନଙ୍କ ସ୍ୱଭାଷାର ମହତ୍ତ୍ୱ ଓ ଅସ୍ତିତ୍ୱ ରହିଲା । କଟକର ପ୍ରିଣ୍ଟିଂ କମ୍ପାନୀ ଛାପାଖାନା ତାଙ୍କ ସାଧୁ ଉଦ୍ୟମର ଫଳ । କଟକର ବାଳିକା ବିଦ୍ୟାଳୟ ପ୍ରଭୃତି ନାନାବିଧ ଶିକ୍ଷାନୁଷ୍ଠାନ ତାଙ୍କ ଉଦ୍ୟମରେ ପ୍ରତିଷ୍ଠିତ । ସ୍ପଷ୍ଟରେ କହିଲେ, ବର୍ତ୍ତମାନ ଓଡ଼ିଶାର ସକଳ ପ୍ରକାର ଉନ୍ନତି ମୂଳରେ ରେଭେନ୍ସା ସାହେବଙ୍କ ଯତ୍ନ ଓ ଉଦ୍ୟମ ବିଦ୍ୟମାନ । ଓଡ଼ିଆମାନେ ତାଙ୍କ ଭାଷାର ଅସ୍ତିତ୍ୱ ସମ୍ବନ୍ଧେ ରେଭେନ୍ସା ସାହେବ-ଠାରେ ଋଣୀ । ଓଡ଼ିଶା ଛାଡ଼ି ଗଲେ ସୁଦ୍ଧା ଓଡ଼ିଆମାନଙ୍କର ହିତଚିନ୍ତା ତାଙ୍କ ହୃଦୟରେ ଜାଗରୁକ ଥିଲା । ଦୁଇ ତିନି ବର୍ଷ ପୂର୍ବେ ଓଡ଼ିଆଙ୍କ ଶିକ୍ଷୋନ୍ନତି ସମ୍ବନ୍ଧେ ସେ ଏକ ସହସ୍ର ଟଙ୍କା ପଠାଇଦେଇଥିଲେ । ଏ ଶ୍ରେଣୀର 'ମା ବାପ' ଶାସନକର୍ତ୍ତା ଆଜିକାଲି କ୍ୱଚିତ ଦେଖାଯାନ୍ତି । ପ୍ରଜାମାନଙ୍କ ପ୍ରତି ମାୟା ମମତା ପ୍ରକାଶ କରି ତାଙ୍କ ହୃଦୟ କିଣିନେବା ଭଳି ଶାସନ କର୍ମଚାରୀ ଖୋଜି ପାଇବା ସହଜ ନୁହେଁ । ଅନ୍ୟାନ୍ୟ ମହାପୁରୁଷଙ୍କ ପରି ରେଭେନ୍ସା ସାହେବ ନିଜ ସ୍ମୃତି ନିଜେ ଗଢ଼ି ଯାଇ-ଅଛନ୍ତି । କାଳକ୍ରମେ ଉକ୍ତ ସ୍ମୃତିର ଉତ୍ତରୋତ୍ତର ବୃଦ୍ଧି ହେଉଅଛି । ରେଭେନ୍ସା ସାହେବଙ୍କ ସ୍ମୃତି ଓଡ଼ିଆଙ୍କ ହୃଦୟରେ ସଦା ଜାଗରୁକ ଥିବ । ତାଙ୍କ ନିଜକୃତ

Digitized by PPRACHIN, SOA

ସ୍ୱତନ୍ତ୍ରତା ଅପେକ୍ଷା ଓଡ଼ିଆମାନେ ଉନ୍ନତତର ନୂତନର ବ୍ୟବସ୍ଥା କରିବା ସମ୍ବନ୍ଧରେ ନୁହେଁ । ସ୍ୱଚ୍ଛ ଏବଂ ପବିତ୍ର ହୃଦୟର ସରଳ ଭକ୍ତିବ୍ୟଞ୍ଜକ କୌଣସି ଉପାୟରେ ସମ୍ମିଳିତ ସମଗ୍ର ଓଡ଼ିଆ ଜାତି ଏକ ସମୟରେ ତାଙ୍କ ପ୍ରତି ଆନ୍ତରିକ ସ୍ନେହ ଓ କୃତଜ୍ଞତା ଦେଖାଇ ପାରିଲେ ଓଡ଼ିଆମାନେ ନିଜକୁ ଧନ୍ୟ ଓ କୃତାର୍ଥ ମନେ କରନ୍ତେ । ତାହାର ଅଭାବରେ ଆମ୍ଭେମାନେ ବର୍ତ୍ତମାନ ଏହି ସମୂହଭକ୍ତିର ସୂଚନା ଏହି ସମ୍ମିଳନୀରେ ଦେଖାଇବାକୁ ବସିଅଛୁ । ସମ୍ମିଳନୀରେ ରାଜନୈତିକ ଓଡ଼ିଶାର ଜଣେ ବନ୍ଧୁଙ୍କ ବିୟୋଗରେ ଦୁଃଖ ପ୍ରକାଶ କରାହେଉଅଛି । ଏଥିରୁ ସ୍ପଷ୍ଟ ଜଣାହେଉଛି ଯେ, ଓଡ଼ିଆର ଜାତୀୟ ପ୍ରାଣ ଅଖଣ୍ଡ ଓ ଅବିଚ୍ଛିନ୍ନ । ଯେ କୌଣସି ଅଞ୍ଚଳର ସୁଖ ଦୁଃଖରେ ସମଗ୍ର ଓଡ଼ିଆ ଜାତି ସୁଖଦୁଃଖଅନୁଭବ କରୁଅଛି । ଓଡ଼ିଆ ହୃଦୟରେ ଏହି ସ୍ୱାଭାବିକ ଅନୁଭୂତି ବିରୁଦ୍ଧରେ ଶାସନ ଭେଦ ନୀତି ସୃଷ୍ଟ ଅନ୍ତରାୟ ହୋଇ ଛିଡ଼ାହୋଇ ପାରୁ ନାହିଁ । ଏହା ଚିହ୍ନି ରଖିବା ଦରକାର ।

ଭାଷାସୂତ୍ରରେ ଓଡ଼ିଆମାନେ ଏକ ଶାସନାଧୀନରେ ରହିବା ବାଞ୍ଛନୀୟ, ଏହା ସେମାନେ ଅନେକ ଦିନରୁ କହି ଆସୁଅଛନ୍ତି । କୌଣସି କୃତ୍ରିମ ଭିତ୍ତିରେ ଏହି ଭାଷା ମିଳନର ଅନ୍ତରାୟ ହେଲେ ତାହା ସମାଜର ହିତକାରକ ହୁଏ ନାହିଁ । ଏହି କଥା ଅସ୍ମମାନଙ୍କର ମହାଶୟ ବଡ଼ଲାଟ ଲର୍ଡ ହାର୍ଡିଞ୍ଜ ତାହାଙ୍କର ୨୭ ତାରିଖ ଅଗଷ୍ଟ ସନ ୧୯୧୦ର ସୁପ୍ରସିଦ୍ଧ ଉଲ୍ଲେଖରେ ପ୍ରତିପାଦନ କରିଅଛନ୍ତି ।

ଭାଷା, ଜାତି, ପୂର୍ବପରମ୍ପରା ଇତ୍ୟାଦିରେ ଯେଉଁମାନେ ଏକ ଓ ଅବିଚ୍ଛିନ୍ନ, ସେମାନେ ଏକା ପ୍ରାଦେଶିକ ଶାସନାଧୀନ ହୋଇ ରହିବା ବାଞ୍ଛନୀୟ ଏହି ନୀତି ଅସ୍ମମାନଙ୍କର ସଦାଶୟ ବଡ଼ଲାଟ ଲର୍ଡ ହାର୍ଡିଞ୍ଜ ଦେଖାଇଅଛନ୍ତି । ପୁଣି ଏହି ସୂତ୍ରରେ ପ୍ରତ୍ୟେକ ପ୍ରାଦେଶିକ ଶାସନର ସ୍ୱାତନ୍ତ୍ର୍ୟ ସମ୍ପାଦିତ ଓ ସଂରକ୍ଷିତ ହେବାର ସେ ସୂଚନା ଦେଇଅଛନ୍ତି । ବଙ୍ଗାଳୀମାନଙ୍କ ଚିତ୍କାର କିମ୍ବା ରାଜନୈତିକ ଦୁର୍ନୀତିତା ଫଳରେ ବଙ୍ଗର ପୁନର୍ମିଳନ ହୋଇ ନାହିଁ । ତାଙ୍କର ଏହି ସିଦ୍ଧାନ୍ତ ଏକ ଉନ୍ନତ ରାଜନୀତି ଉପରେ ପ୍ରତିଷ୍ଠିତ ବୋଲି ମୋହର ଆନ୍ତରିକ ଧାରଣା । ପ୍ରାଦେଶିକ ଶାସନ ସ୍ୱାତନ୍ତ୍ର୍ୟ ଭାରତବାସୀଙ୍କ ପକ୍ଷେ ପ୍ରଧାନ ଆକାଙ୍‌କ୍ଷାର କଥା । ଲର୍ଡ ହାର୍ଡିଞ୍ଜଙ୍କ ଶାସନରେ ସମସ୍ତ ଘଟଣାବଳୀ ସେହି ଦିଗକୁ କ୍ରମେ ଅଗ୍ରସର ହେଉଅଛି, ଏଥିରେ କୌଣସି ସନ୍ଦେହ ନାହିଁ । ଦିଲ୍ଲୀ ବୋମା ଆଘାତ, କାନପୁର ଗୋଳମାଳ, କୋମାଗାତାମାରୁ ପ୍ରକରଣ, ଦକ୍ଷିଣ ଆଫ୍ରିକାରେ ଭାରତବାସୀଙ୍କ ସମସ୍ୟା ଇତ୍ୟାଦିରେ ଲର୍ଡ ହାର୍ଡିଞ୍ଜ ଯେଉଁ ଉଦାରତା ଉଚ୍ଚ ହୃଦୟବତ୍ତା ଦେଖାଇଅଛନ୍ତି, ତାହା ଭାରତ ଇତିହାସରେ ଚିରସ୍ମରଣୀୟ ହୋଇ ରହିବ । ତାଙ୍କ ଶାସନ କାଳରେ ସେ ଯେଉଁସବୁ ନୀତି ପ୍ରବର୍ତ୍ତନ କରିଅଛନ୍ତି, ଶାସକ ଓ ଶାସିତମାନଙ୍କ ମଧ୍ୟରେ ଯେଉଁ ସହାନୁଭୂତି ସାହଚର୍ଯ୍ୟ ସଂସ୍ଥାପନର ଚେଷ୍ଟା କରିଅଛନ୍ତି ସେ ସବୁର

Digitized by PPRACHIN, SOA

ଫଳ କ୍ରମେ ଭାରତରେ ଫଳିବ ଏବଂ ଦେଶବାସୀମାନେ କ୍ରମେ ଉନ୍ନତ ହେବେ । ସେ ଯେଉଁ ଶାସନ ସଂସ୍କାରର ସୂତ୍ରପାତ କରିଅଛନ୍ତି, ତାହା କାର୍ଯ୍ୟକାରୀ ହେବାପାଇଁ କେତେକ କାଳ ଲାଗିବ । ଅତଏବ ତାଙ୍କର ଶାସନକାଳ ବଢ଼ାଇବା ପାଇଁ କେତେକ ଦିନ ପୂର୍ବେ ଯେଉଁ ଆନ୍ଦୋଳନ ହୋଇଥିଲା ସେଥିରେ ଓଡ଼ିଆମାନଙ୍କର ସମ୍ପୂର୍ଣ୍ଣ ସହାନୁଭୂତି ଅଛି ବୋଲି ମୋହର ବିଶ୍ୱାସ । ଅନ୍ୟାନ୍ୟ ଭାରତୀୟ ଜାତିଙ୍କ ସହି ଓଡ଼ିଆମାନେ ସାଧାରଣ ଭାବରେ ଲର୍ଡ଼ ହାର୍ଡ଼ିଞ୍ଜଙ୍କ ଉଦାର ଶାସନର ସୁଫଳ ଭୋଗ କରୁଅଛନ୍ତି । କେବଳ ସେଥି ନିମନ୍ତେ ନୁହେଁ, ଓଡ଼ିଆମାନେ ଲର୍ଡ଼ ହାର୍ଡ଼ିଞ୍ଜଙ୍କଠାରେ କୃତଜ୍ଞ ରହିବାର ବିଶେଷ କାରଣ ଅଛି । ଏଥିପୂର୍ବେ କୌଣସି ବଡ଼ଲାଟ ଓଡ଼ିଶାର ରାଜଧାନୀରେ ପଦାର୍ପଣ କରି ନ ଥିଲେ । ଲର୍ଡ଼ ହାର୍ଡ଼ିଞ୍ଜଙ୍କ ସମୟରେ ଓଡ଼ିଆମାନେ ତାଙ୍କ ରାଜଧାନୀରେ ପ୍ରବଳ ପ୍ରତାପ ସମ୍ରାଟ୍ ପ୍ରତିନିଧିଙ୍କ ଅଭ୍ୟର୍ଥନା ଓ ଅଭିନନ୍ଦନ କରିବାକୁ ସମର୍ଥ ହୋଇଥିଲେ । ଏହି କାରଣରୁ ଓଡ଼ିଆମାନେ ବଡ଼ଲାଟଙ୍କଠାରେ ଚିରକୃତଜ୍ଞ । ଓଡ଼ିଆମାନେ ଆଶା କରନ୍ତି ଯେ, ବଡ଼ଲାଟ ମହୋଦୟ ତାଙ୍କ ଅଳ୍ପକାଳ ଅବସ୍ଥାନରେ ସୁଦ୍ଧା ଓଡ଼ିଆଙ୍କ ବ୍ୟକ୍ତିତ୍ୱ ଓ ବିଶେଷତ୍ୱ ସମ୍ବନ୍ଧରେ କିଛି ଅନୁଭୂତି ସଂଗ୍ରହ କରିଯାଇଅଛନ୍ତି । କଟକ ନଗର ପ୍ରତି ତାଙ୍କର ଶୁଭାଗମନ ଘଟଣା ଓଡ଼ିଆମାନଙ୍କ ଇତିହାସରେ ଜଡ଼ିତ ରହିବ । ତାଙ୍କ କାର୍ଯ୍ୟକାଳ ବୃଦ୍ଧି ହେବା ନିମନ୍ତେ ଓଡ଼ିଆମାନେ ଉଦ୍‌ବେଗପୂର୍ଣ୍ଣ ପ୍ରାଣରେ ଆଶା କରୁଅଛନ୍ତି । ଦୁଃଖର ବିଷୟ ଏପରି ମହାନ୍ ସଦାଶୟ ବ୍ୟକ୍ତିଙ୍କର କ୍ରମାନ୍ୱୟରେ ଦୁଇଗୋଟି ଶୋକର ଘଟଣା ହୋଇଯାଇଅଛି । ତାଙ୍କ ପତ୍ନୀବିୟୋଗରେ ଯେଉଁ ଦୁଃଖ ହୋଇଥିଲା ତାହା ତାଙ୍କ ପୁତ୍ର ନିହତରେ ଦ୍ୱିଗୁଣିତ ହୋଇଅଛି । ଭଗବାନ୍ ତାଙ୍କ ଶୋକସନ୍ତପ୍ତ ହୃଦୟରେ ଶାନ୍ତିବାରି ସେଚନ କରନ୍ତୁ । ଓଡ଼ିଆମାନେ ତାଙ୍କର ଏହି ଦୁଃଖରେ ଦୁଃଖୀ, ଏହା ଉଲ୍ଲେଖ କରିବା ବାହୁଲ୍ୟ ମାତ୍ର ।

ଦେଶ ମିଶ୍ରଣ :

ଏହା ଲର୍ଡ଼ ହାର୍ଡ଼ିଞ୍ଜଙ୍କ ପରି ଉଦାର ଉନ୍ନତମନା ଶାସନକର୍ତ୍ତାଙ୍କ ସମୟରେ ସମ୍ଭବ ହୋଇପାରେ । ଓଡ଼ିଆମାନଙ୍କ ଅବସ୍ଥା ସେ ଉତ୍ତମ ରୂପେ ହୃଦୟଙ୍ଗମ କଲେ ଏବଂ ଏତାଦୃଶ ଅବସ୍ଥା ପ୍ରଜାଙ୍କ ପକ୍ଷେ ଓ ଶାସନ ପକ୍ଷେ ଶ୍ରେୟସ୍କର ନୁହେଁ ବୋଲି ସେ ଥରେ ଜାଣିପାରିଲେ କୌଣସି ପ୍ରାଦେଶିକ ଶାସନ କର୍ତ୍ତୃପକ୍ଷଙ୍କ ଆପତ୍ତି ଅଥବା ସ୍ୱାର୍ଥପର ଲୋକମାନଙ୍କ ଚିତ୍କାର ପ୍ରତି ଭ୍ରୂକ୍ଷେପ ନ କରି ତାଙ୍କ ପ୍ରବର୍ତ୍ତିତ ଭାଷା ସୂତ୍ରରେ ଭ୍ରାତୃସଂଯୋଗ ନୀତିବିଚ୍ଛିନ୍ନ ଓଡ଼ିଆମାନଙ୍କ ପ୍ରତି ପ୍ରୟୋଗ କରିବେ ବୋଲି ମୋହର ସମ୍ପୂର୍ଣ୍ଣ ବିଶ୍ୱାସ ଅଛି । ଓଡ଼ିଆମାନେ ନିଜ ବ୍ୟକ୍ତିତ୍ୱ ଲୋପର ଆଶଙ୍କା କରୁଥିବାରୁ ସେମାନଙ୍କର ଉକ୍ତ ଆଶଙ୍କା ନିରାକରଣ ନିମନ୍ତେ ସେମାନଙ୍କୁ ବଙ୍ଗଳାରୁ ପୃଥକ୍ ରଖାଯିବା ଆବଶ୍ୟକ ବୋଲି ଗଭର୍ଣ୍ଣମେଣ୍ଟ ତାଙ୍କର ଏକ ଡେସ୍ପାଚରେ

Digitized by PPRACHIN, SOA

ଉଲ୍ଲେଖ କରିଥିଲେ । କେବଳ ବଙ୍ଗଳାରୁ ପୃଥକ୍ ରହିବା ଦ୍ୱାରା ସେମାନଙ୍କ ଆଶଙ୍କା ନିରାକରଣ ହେଲା କି ? ପ୍ରବଳ ଜାତିଙ୍କ ନିଷ୍ପେଷଣ ଓ ନିର୍ଯାତନାରେ, ଅଧିପତ୍ୟ ଓ ଆକ୍ରମଣରେ ଆଜି ଲକ୍ଷ ଲକ୍ଷ ଓଡ଼ିଆଙ୍କ ବ୍ୟକ୍ତିତ୍ୱ ସଂସ୍ଥାପନ ଓ ସଂରକ୍ଷଣ ଆଶା ବହୁ ଦୂରକୁ ଚାଲିଯାଇ ନାହିଁ କି ? ତାଙ୍କର ମାତୃଭାଷା ନାନା ଭାବରେ ବିକୃତ, ଦୂଷିତ ହେଉନ୍ତି ନାହିଁ କି ? ଆକୃତି ପ୍ରକୃତି, ଆଚାର, ବ୍ୟବହାର, ଭାଷା, ଭାବ ଇତ୍ୟାଦି ଉତ୍କଳ ବିଷୟରେ ଭାରତର ଅନ୍ୟାନ୍ୟ ଜାତିଙ୍କଠାରୁ ଓଡ଼ିଆମାନେ ପୃଥକ୍ ବୋଲି ବଡ଼ ବଡ଼ ଶାସନ କର୍ମଚାରୀ ଏବଂ ସମୟ ବିଶେଷରେ ଗଭର୍ଣ୍ଣମେଣ୍ଟ ମଧ୍ୟ ଘୋଷଣା କରି ଆସିଛନ୍ତି । ଓଡ଼ିଆଙ୍କର ଏହି ପାର୍ଥକ୍ୟ ଓ ସ୍ୱାତନ୍ତ୍ର୍ୟ ରକ୍ଷା କରିବା ଗଭର୍ଣ୍ଣମେଣ୍ଟଙ୍କ କର୍ତ୍ତବ୍ୟ ନୁହେଁ କି ? ବଙ୍ଗରୁ ବିଚ୍ଛିନ୍ନ ହେବା ମାତ୍ରକେ ଓଡ଼ିଆମାନଙ୍କର ଏହି ସ୍ୱାତନ୍ତ୍ର୍ୟ ରକ୍ଷା ବିଧାନ ସମ୍ପୂର୍ଣ୍ଣ ହେଲା କି ? ମାନ୍ଦ୍ରାଜ ଅନ୍ତର୍ଗତ ଓଡ଼ିଆ ପ୍ରଦେଶ, କି ଜୟପୁର କି ଗଞ୍ଜାମ ଏହା ପ୍ରାକୃତିକ ଓଡ଼ିଶାର ଏକ ଅବିଚ୍ଛିନ୍ନ ଅଂଶ । ପ୍ରାୟ ସମସ୍ତ ଗଞ୍ଜାମ ଜିଲ୍ଲା ଓ ଜୟପୁର ଓଡ଼ିଆ ରାଜାମାନଙ୍କ ଦ୍ୱାରା ଅଧିକୃତ ଏବଂ ଓଡ଼ିଆ ଲୋକଙ୍କ ଦ୍ୱାରା ଅଧ୍ୟୁଷିତ ହେଲେ ସୁଦ୍ଧା ଦୁଃଖର ବିଷୟ କ୍ଷମତାଶାଳୀ ତେଲିଙ୍ଗମାନଙ୍କ ପ୍ରଭାବରେ ଓଡ଼ିଆ ଶକ୍ତି ଏକାବେଳେ ମ୍ରିୟମାଣ ହୋଇଅଛି । ଓଡ଼ିଆ ଆଜି ମୁଣ୍ଡ ଟେକି ଚାଲିପାରୁ ନାହିଁ । ବିଦ୍ୟାଳୟରେ, ଅଫିସରେ, ରାଜକାର୍ଯ୍ୟରେ ଓଡ଼ିଆ ଏକପ୍ରକାର ବର୍ଜିତ । ଓଡ଼ିଆ ଛାତ୍ର, ନିଜ ଜାତୀୟ ଭାଷା ଅଧ୍ୟୟନ, ଓ ନିଜ ଜାତୀୟ ସାହିତ୍ୟ ଚର୍ଚ୍ଚାରୁ ବଞ୍ଚିତ । ରାଜଦ୍ୱାରରେ ଓଡ଼ିଆ ଅବହେଳିତ ଓ ଅପମାନିତ । ସିଂହଭୂମିର ଅବସ୍ଥା ତଥୈବଚ । ଓଡ଼ିଆ ଦେଶ ଆଜି ଖଣ୍ଡବିଖଣ୍ଡିତ । ଏଥିରେ ଓଡ଼ିଆ କିପରି ତାହାର ପାର୍ଥକ୍ୟ ରଖିପାରିବ ? ପ୍ରାୟ ଦଶବର୍ଷ ହେଲା ଓଡ଼ିଆମାନେ ଏହି ବିଚ୍ଛିନ୍ନ ଉତ୍କଳ ପ୍ରଦେଶର ଏକୀକରଣ ନିମନ୍ତେ ଆନ୍ଦୋଳନ କରି ଆସୁଛନ୍ତି । ସଭା ସମିତି ହୋଇ ଯାଇଅଛି, ନିବେଦନ ଆବେଦନର ବିରାମ ନାହିଁ; କିନ୍ତୁ ଦୁଃଖର ବିଷୟ—ସରକାର ବାହାଦୁର ନିଶ୍ଚଳ ହୋଇ ରହିଅଛନ୍ତି । ସେ ଦିନ ସମ୍ବଲପୁର ମଧ୍ୟପ୍ରଦେଶର ଅନ୍ତର୍ଗତ ଥିବାରୁ ଯେ ଅସହ୍ୟ ଅସୁବିଧା ଭୋଗ କରୁଥିଲା, ତାହା ଆପଣମାନଙ୍କର ସ୍ମୃତିର ଅତୀତ ନୁହେଁ । କେତେକ କାଳଯାଏ ସେମାନେ କିପରି ନିର୍ଯାତନା ଓ ନିଷ୍ପେଷଣ ଭୋଗ କରିଥିଲେ ତାହା ପାସୋରି ହୋଇ ନାହିଁ । ଆଜିଯାଏ ମେଦିନୀପୁର ଅଞ୍ଚଳର ଓଡ଼ିଆମାନେ ବଙ୍ଗଳା ଅକ୍ଷରରେ ଜଗନ୍ନାଥ ଦାସଙ୍କ ଭାଗବତ ଲେଖୁଅଛନ୍ତି । ଉନ୍ନତ ବଙ୍ଗ ସାହିତ୍ୟ ସଂଶ୍ଳିଷ୍ଟ ଥାଇ ମେଦିନୀପୁର ଓଡ଼ିଆଙ୍କର କିଛି ଅଭିବୃଦ୍ଧି ହୋଇ ପାରି ନାହିଁ । ଯେଉଁମାନେ କହନ୍ତି, ଉନ୍ନତତର ଜାତିମାନଙ୍କ ସଂସ୍ରବ ଜାତି ପକ୍ଷରେ ଶ୍ରେୟସ୍କର, ସେମାନେ ଏଥିର କି ଉତ୍ତର ଦେବେ ? ଏହିପରି ଭାବରେ ପ୍ରବଳ ଜାତିଙ୍କର ଆଧିପତ୍ୟରେ ଜୀବନଯାପନ କଲେ ଆତ୍ମବିସ୍ମୃତି ଘଟିବ ନାହିଁ କି ? ଏହି ଆତ୍ମବିସ୍ମୃତିରୂପୀ ରୋଗ ଥରେ ଆକ୍ରମଣ କଲେ ଜାତିର ଆଉ ଗତ୍ୟନ୍ତର ରହିବ ନାହିଁ ।

Digitized by PPRACHIN, SOA

ମେଦନୀପୁରର କାନ୍ଥି ଅଞ୍ଚଳରେ ଓଡ଼ିଆଙ୍କର ଦୁରବସ୍ଥା ଶୀଘ୍ର ନିରାକରଣ ହେବାର ନୁହେଁ । କୌଣସି ବ୍ୟକ୍ତି ବା ସମାଜ ବଳହୀନ ହେଲେ ତାହାର ଆତ୍ମବୋଧ ରହେ ନାହିଁ । ଆଜ ମେଦନୀପୁର ଅଞ୍ଚଳସ୍ଥ ଓଡ଼ିଆମାନେ ନିର୍ବାସିତ ପ୍ରାୟ ଓଡ଼ିଆ ଦେଶର ବାହାରରେ ପଡ଼ିଅଛନ୍ତି । ଶାସନ ସମ୍ପର୍କ ବିଚ୍ଛେଦ ହେବା ସଙ୍ଗେ ସଙ୍ଗେ ଅନ୍ୟ ଓଡ଼ିଆଙ୍କ ସହ ସେମାନଙ୍କ ସମାଜିକ ବନ୍ଧନ ଶିଥିଳ ହୋଇ ଯାଉଅଛି । ସେହି ପ୍ରଦେଶସ୍ଥ ଓଡ଼ିଆଙ୍କର ଉପର ଫଙ୍କାପ୍ରାପ୍ତି ହେବ, ଯେମାନେ ଉପର ନିଜ ଜାତିର ଲୋକଙ୍କୁ ଚିହ୍ନିବେ ଏବଂ ତାଙ୍କ ପିତୃପିତାମହଙ୍କ ପ୍ରତି ଗୌରବରେ ତାଙ୍କ ଇତିହାସରେ ଶ୍ରଦ୍ଧା ପ୍ରକାଶ କରିବେ, ଏହା ସମ୍ମିଳନୀର ଗୋଟିଏ ବିଶିଷ୍ଟ କାର୍ଯ୍ୟ ହେବା ଉଚିତ ବୋଲି ମୁଁ ମନେକରେ । ସେମାନଙ୍କୁ ବୁଝାଇ ଦେବାକୁ ହେବ, ଓଡ଼ିଆ ଜାତିର ଇତିହାସ ଅଛି, ଗୌରବ ଅଛି । ପୁରୀ, କୋଣାର୍କ, ଭୁବନେଶ୍ୱର ଯେଉଁ ଓଡ଼ିଆ ହସ୍ତର ନୈପୁଣ୍ୟ, ବୁଦ୍ଧିର ବିଚକ୍ଷଣତା, ହୃଦୟର ପ୍ରଶସ୍ତତାର ପରିଚୟ ଦେଉଅଛି, ସେ ଓଡ଼ିଆର ଶକ୍ତି, ତାହାର ବ୍ୟକ୍ତିତ୍ୱ ଲୋପ ହେବ ନାହିଁ । ଓଡ଼ିଆ ବୋଲି ପରିଚୟ ଦେବାରେ ସେମାନଙ୍କର ଅପମାନ ଓ ଲଜ୍ଜାର କିଛି କାରଣ ନାହିଁ । ବର୍ତ୍ତମାନ ଓଡ଼ିଆ ପାଲିଙ୍କି ବାହକ ହୋଇପାରେ; କିନ୍ତୁ ତାହାର ପୂର୍ବପୁରୁଷମାନେ ତ ପାଲିଙ୍କି ପରିବର୍ତ୍ତେ ଦେଉଳର ଯେଉଁସବୁ ପ୍ରସ୍ତର ଉତ୍ତୋ-ଳନ କରିପାରିଅଛନ୍ତି, ତାହା ଦେଖି ଆଧୁନିକ ଯୁଗ ମଧ୍ୟ ଆଶ୍ଚର୍ଯ୍ୟରେ ଅବାକ ହେଉଅଛି । ସେହି ଓଡ଼ିଆଙ୍କର ବଂଶଧର ବୋଲି ପରିଚୟ ଦେବାକୁ ଲଜ୍ଜା କାହିଁକି ? ଆମ୍ଭମାନଙ୍କୁ ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରସ୍ଥ ହେବା ସଙ୍ଗେ ସଙ୍ଗେ ଦେଶମିଶ୍ରଣ ସମ୍ବନ୍ଧେ ନ୍ୟାୟସଙ୍ଗତ ଓ ଆଇନାନୁମୋଦିତ ଆନ୍ଦୋଳନ କରିବାକୁ ହେବ । ଯେଉଁମାନେ ବୁଝି ନାହାନ୍ତି ସେମାନଙ୍କୁ ବୁଝାଇବାକୁ ହେବ, ପ୍ରତିଗ୍ରାମରେ ପ୍ରତିସହରରେ ଏହି ଦେଶମିଶ୍ରଣ ଆନ୍ଦୋଳନର ସୂତ୍ରପାତ କରିବାକୁ ହେବ । ଏହି ଆନ୍ଦୋଳନ କେତେକ ଶିକ୍ଷିତ ବ୍ୟକ୍ତିଙ୍କ ମଧ୍ୟରେ ଆବଦ୍ଧ ନାହିଁ, ଏହା ଓଡ଼ିଆର ସରଳ ସ୍ୱାଭାବିକ ଆକାଙ୍କ୍ଷା ଏବଂ ଓଡ଼ିଆର ଘରେ ଘରେ ଦେଶମିଶ୍ରଣ ଆଶା ଉଦ୍ରେକ ହୋଇଅଛି, ଏହି କଥା ସରକାର ଜାଣନ୍ତୁ, ପ୍ରଗ୍ରୃତକ ଯାଇ ଏହି ଆନ୍ଦୋଳନ ଦୃଢ଼ୀଭୂତ କରନ୍ତୁ; ଦେଖିବେ ଲୋକଙ୍କର ପ୍ରାର୍ଥନା ସରକାର ଅଗ୍ରାହ୍ୟ କରିବେ ନାହିଁ । ଯୁକ୍ତି ଅକାଟ୍ୟ ହେଉ ପଛକେ, ତାହାର ପଶ୍ଚାଦ୍ଦେଶରେ ଲୋକସମୂହର ଆର୍ତ୍ତନାଦ ସମର୍ଥନ କରିବାକୁ ନଥିଲେ ଯେ କୌଣସି ବିଷୟ 'ଅବାଞ୍ଛନୀୟ ଓ ଅନାବଶ୍ୟକ' ବୋଲି ସରକାର କହିଦେଇପାରନ୍ତି । ସମ୍ମିଳନୀ ରାଜନୈତିକ ଅନୁଷ୍ଠାନ ନୁହେଁ । ଅତଏବ ଭିନ୍ନ ଭିନ୍ନ ଶାସନରେ ରହିଥିବାରୁ ଓଡ଼ିଆଙ୍କ ଶାସନ ସମ୍ବନ୍ଧୀୟ ଯେ ଅଭାବ ଅଭିଯୋଗ ଅଛି ସେ ସକଳର ଆଲୋଚନା ମୁଁ, ଏଠାରେ କରିବାକୁ ପ୍ରସ୍ତୁତ ନୁହେଁ; କିନ୍ତୁ ସ୍ଥୂଳ ଭାବରେ ଏତିକି ଜଣାଇପାରେ ଯେ, ଶାସନ ସମ୍ପର୍କୀୟ ଅନେକ ତ୍ରୁଟି, ଅନେକ ପ୍ରକାର ଅସନ୍ତୋଷ ଦେଶମିଶ୍ରଣ ହେଲେ ଆଉ ରହିବ ନାହିଁ । ସରକାର ଯାହା

Digitized by PPRACHIN, SOA

କହନ୍ତୁ, ଗଞ୍ଜାମର ତେଲଙ୍ଗା ଭାଇମାନେ ଯାହା କହନ୍ତୁ, ରକ୍ତର ଆକର୍ଷଣ କଦାପି ଶିଥିଳ ହେବାର ନୁହେଁ । ଯେଉଁମାନଙ୍କର ପ୍ରାଣର ଆଶା, ଭରସା, ଆଗ୍ରହ, ବ୍ୟବହାର, ସାମାଜିକ ସ୍ୱାଧୀନତା ବହୁଶତାବ୍ଦୀର ଇତିହାସରେ ଦୃଢ଼ଭାବରେ ଗଠିତ ଓ ଗ୍ରଥିତ ହୋଇଆସିଅଛି, ସେମାନଙ୍କୁ ବିଚ୍ଛିନ୍ନ ରଖିବା ପ୍ରକୃତିର ବିରୁଦ୍ଧାଚରଣ ମାତ୍ର । ଭାରତ ପରି ମହାଦେଶର ପ୍ରାଦେଶିକ ଜାତୀୟ ବ୍ୟକ୍ତିତ୍ୱ ଏକ ଭାଷାଭାଷୀ ଭୂମିଖଣ୍ଡରେ ସୀମାବଦ୍ଧ ନ ହେଲେ ପ୍ରାଦେଶିକ ଜାତୀୟ କଲ୍ୟାଣ ତଥା ଭବିଷ୍ୟତରେ ଭାରତୀୟ ମହାଜାତୀୟତାର ଆଶା ସୁଦୂରପରାହତ । ସରକାର ଯେ ଏହି କଥା ବୁଝି ନାହାନ୍ତି, ତାହା ନୁହେଁ । ଏହି ଉଦ୍ଦେଶ୍ୟରେ ପଣ୍ଡିତ ପ୍ରବର ଗ୍ରିଏରସନ୍ ସାହେବ ଭାରତର ସମସ୍ତ ସ୍ଥାନ ନିଜେ ଦେଖି ଭାଷା ଭିତ୍ତିରେ ପ୍ରାଦେଶିକତା ସ୍ଥିର କରି ଭାରତର ଗୋଟିଏ ନୂତନ ମାନଚିତ୍ର ସୃଷ୍ଟି କରିଅଛନ୍ତି । ଓଡ଼ିଆଭାଷୀ ବୋଲି ଗ୍ରିଏରସନ ସାହେବ ଯେଉଁ ଭୂଭାଗ ନିର୍ଣ୍ଣୟ କରିଅଛନ୍ତି ※ ତାହା ଓଡ଼ିଆଙ୍କର ଅଭିପ୍ରାୟ ସମ୍ପୂର୍ଣ୍ଣ ରୂପେ ସମର୍ଥନ କରୁଅଛି । ଗ୍ରିଏରସନ୍ ମାନଚିତ୍ର ପାଖରେ ପକାଇ ଓଡ଼ିଆଙ୍କ ଆବେଦନ ଆଲୋଚନା କଲେ ସରକାର ଦେଖିବେ ଯେ, ତାଙ୍କ ଦାବୀ କୌଣସି ପ୍ରକାର ଅପ୍ରାକୃତିକ ଓ ଅସମୀଚୀନ ନୁହେଁ । ରାଜା ପ୍ରଜା ସମସ୍ତେ ଏକ ସ୍ୱରରେ ଏହି ମିଳନ ପ୍ରାର୍ଥନା କରିଅଛନ୍ତି । ପାରଳାର ସ୍ୱର୍ଗୀୟ ପଦ୍ମନାଭ ନାରାୟଣ ଦେବ ଏହି ମିଳନ ଆକାଂକ୍ଷା ପୋଷଣ କରିଥିଲେ । ଁ ବଲରାମ ମହାରଣାଙ୍କଠାରୁ ଆରମ୍ଭ କରି ନରସିଂହ ଦାସଙ୍କ ପର୍ଯ୍ୟନ୍ତ ସମସ୍ତେ ଏହି ମିଳନ ପାଇଁ ବ୍ୟାକୁଳ ଥିଲେ । କବି ମଧୁସୂଦନ ଏହି ମିଳନର "ଶୁଭ ଶଙ୍ଖଧ୍ୱନି" ବଜାଇଅଛନ୍ତି । ଚେଷ୍ଟା କଲେ ଏହି ମିଳନ ଯେ ଦିନେ ସମ୍ପୂର୍ଣ୍ଣ ସିଦ୍ଧ ହେବ, ଏଥିରେ ସନ୍ଦେହର କାରଣ କିଛି ନାହିଁ । ନୂତନ ଆଶାରେ ପ୍ରାଣକୁ ଉଜ୍ଜୀବିତ ରଖି କାର୍ଯ୍ୟ କ୍ଷେତ୍ରରେ ପ୍ରବେଶ କରିବାକୁ ହେବ । ସମ୍ବାଦପତ୍ରମାନେ ଏ ବିଷୟରେ ସର୍ବଦା ଆନ୍ଦୋଳନ କରନ୍ତୁ ଏବଂ ଲୋକେ ଏହି ମିଳନ ପାଇଁ ବ୍ୟାକୁଳତା ଦେଖାନ୍ତୁ । କବି ଏହି ମିଳନ କବିତା ଲେଖନ୍ତୁ, ବକ୍ତା ଏହି ମିଳନ ବକ୍ତୃତା ଦିଅନ୍ତୁ, ଦେଖିବେ ଏହି ହୃଦୟର ଆବେଗପୂର୍ଣ୍ଣ ଆକାଂକ୍ଷା ସରକାର ଦିନେ ପୂରଣ କରିବେ ଏବଂ ଭଗବାନ୍ ଆମ୍ଭମାନଙ୍କର ନିଶ୍ଚୟ ସହାୟ ହେବେ ।

କିନ୍ତୁ ନିଜ ଗୋଡ଼ରେ ଛିଡ଼ା ହେବାକୁ ନ ଶିଖିଲେ ବାହାରର ଯେତେ ସାହାଯ୍ୟ ଓ ଅବଲମ୍ବନ ହେଉ ନା କାହିଁକି ତାହା ଦ୍ୱାରା କିଛି ହେବ ନାହିଁ । ସ୍ୱାବଲମ୍ବନଶୀଳ ବ୍ୟକ୍ତିର ନିଜେ ଭଗବାନ ସହାୟ ହୁଅନ୍ତି । ପ୍ରଥମେ କୌଣସି

※ Sir George Grearsonଙ୍କ Linguistic Survey of India Vol I Page 466 ଦ୍ରଷ୍ଟବ୍ୟ

Digitized by PPRACHIN, SOA

ବିଷୟରେ ଯୋଗ୍ୟ ନ ହେଲେ ଅପରର ଦୟାଦାକ୍ଷିଣ୍ୟ, ସାହାଯ୍ୟ ସହାନୁଭୂତି କିଛି କାର୍ଯ୍ୟକାରୀ ହେବ ନାହିଁ । ଅତଏବ ଆମ୍ଭ ଜାତି ଅନ୍ୟାନ୍ୟ ଜାତିଙ୍କ ସମାସନାସୀନ ହେବାକୁ ହେଲେ ପ୍ରଥମତଃ ସେମାନଙ୍କ ପରି ଯୋଗ୍ୟ ହେବାକୁ ହେବ । ଏହି ଯୋଗ୍ୟତା ସମ୍ପାଦନ ପାଇଁ ଯେତେଗୁଡ଼ିଏ ଉପକରଣ ଆବଶ୍ୟକ, ତନ୍ମଧ୍ୟରେ ଶିକ୍ଷା ସର୍ବ ପ୍ରଥମ ଓ ସର୍ବ ପ୍ରଧାନ ।

ଶିକ୍ଷା :

ଶିକ୍ଷାବିହୀନ ହେଲେ ଆମ୍ଭେମାନେ ସଭ୍ୟ ହେବାର ଚେତଶକ୍ତି ଥାଉ କମେ ପଶୁତ୍ୱ ପ୍ରାପ୍ତ ହେବାର ଆଶଙ୍କା ପୂର୍ଣ୍ଣମାତ୍ରାରେ ଅଛି । ଓଡ଼ିଆ ଜାତି ପୂର୍ବକାଳରେ ଶିକ୍ଷାଦୀକ୍ଷାରେ ପ୍ରବୀଣ ଥିଲା । ହୃଦୟକୁ ଉନ୍ନତ କରିବା, ମନୁଷ୍ୟର ଦେବତାସୁଲଭ ଗୁଣ ବିକାଶ କରିବା ଏବଂ ମନକୁ ସଂସ୍କାର କରିବା ଯେ କୌଣସି ଶିକ୍ଷାର ଉଦ୍ଦେଶ୍ୟ । ଯେଉଁ ଭାଷାରେ, ଭାବରେ ଦିଆଯାଉ ଶିକ୍ଷାର ପ୍ରଧାନ ଲକ୍ଷ୍ୟ ମନୁଷ୍ୟତା ପ୍ରାପ୍ତି । ପୁରାକାଳରେ ଓଡ଼ିଆମାନେ ଏହି ମନୁଷ୍ୟତା ପ୍ରାପ୍ତି ନିମନ୍ତେ ଯେ ଶିକ୍ଷିତ ହେଉଥିଲେ, ଏହାର ଭୂରି ଭୂରି ପ୍ରମାଣ ମିଳୁଅଛି । କିନ୍ତୁ ଆଧୁନିକ ଯୁଗରେ ସେମାନଙ୍କ ଶିକ୍ଷାର ଅବସ୍ଥା କିଅଣ ? ସେମାନେ ନବ୍ୟ ଶିକ୍ଷାର ବହୁ ଦୂରରେ ପଡ଼ିଅଛନ୍ତି ଏବଂ ପୁରାତନ ଯାହା କିଛିଏ ଥିଲା, ତାହା ମଧ୍ୟ ଲୋପ ପାଇଅଛି । ଅବଧାନ ଚାହାଲୀ ଦେଖିବାକୁ ନାହିଁ କି ସ୍କୁଲ କଲେଜର ମଧ୍ୟ ଯଥେଷ୍ଟ ଆଭାସ ନାହିଁ । ଏପରି ଜାତିଟା ନ ଘରେ ନ ଘାଟରେ ହୋଇ ପଡ଼ିଅଛି ।

କୌଣସି ଲୋକଙ୍କୁ ସାକ୍ଷର କରିବା ମାତ୍ରେ ତାକୁ ଶିକ୍ଷା ଦିଆଗଲା ବୋଲି କୁହାଯିବ ନାହିଁ । ଭାରତ ବର୍ଷ ଭିତରେ ଓଡ଼ିଶାରେ ଯେତେ ସାକ୍ଷର ବ୍ୟକ୍ତି ଅଛନ୍ତି, ବୋଧହୁଏ ଅନ୍ୟ କୌଣସି ପ୍ରଦେଶରେ ନାହାନ୍ତି । ଏହି କଥା ସରକାର ରିପୋର୍ଟରୁ ମଧ୍ୟ ଜଣାଯାଏ । ଏ ମଧ୍ୟ ଆଧୁନିକ ଶିକ୍ଷା ବିସ୍ତାର ଚେଷ୍ଟାର ଫଳ ବୋଲି ବୋଧ ହୁଏ ନାହିଁ । ଉତ୍କଳରେ ଯେଉଁସବୁ ଅବଧାନ ଚାଟଶାଳୀ ଚୌପାଠୀର ବ୍ୟବସ୍ଥା ଥିଲା ଏବଂ ବର୍ତ୍ତମାନ ଉଠିଯାଇଅଛି, ତା' ଫଳରେ ଦେଶରେ ଅସ୍ପୃଶ୍ୟଜାତିର ଲୋକମାନେ ମଧ୍ୟ ଭାଗବତ ପଢ଼ିବା ଭଳି ସାକ୍ଷର ହୋଇଥିଲେ । କିନ୍ତୁ ବର୍ତ୍ତମାନ ଯେଉଁ ସବୁ ଶିକ୍ଷା ସଂସ୍କାର ପ୍ରବେଶ କଲାଣି ସେଥିରେ ଓଡ଼ିଶାର ଏହି ପୂର୍ବଗୌରବ ଆଉ ଅଧିକ ଦିନ ସକାଶେ ରହିବ କି ନାହିଁ ସନ୍ଦେହର ବିଷୟ । ଅଧିକାଂଶ ସାକ୍ଷର ବୋଲି ଯଦି ଧରିଯାଏ, ଯାହା ହେଲେ ମଧ୍ୟ ଜାତି ଶିକ୍ଷିତ ବୋଲି କୁହାଯିବ ନାହିଁ । ବର୍ତ୍ତମାନ ଆମ୍ଭ ଦେଶରେ ଯେ ଶିକ୍ଷାନୁଷ୍ଠାନର ଅଭାବ ଅଛି, ଏଥିରେ କୌଣସି ଦ୍ୱିରୁକ୍ତି ହୋଇ ନ ପାରେ । ଜୟପୁର ବିଶାଖପଟ୍ଟଣ ଅଞ୍ଚଳ ଓଡ଼ିଆପ୍ରଧାନ ସ୍ଥଳମାନଙ୍କରେ ଓଡ଼ିଆ ପ୍ରାଥମିକ ବିଦ୍ୟାଳୟର ଏକାନ୍ତ ଅଭାବ ପରିଲକ୍ଷିତ ହେଉଅଛି । ସେହିଠାରେ ଓଡ଼ିଆ ପରିବର୍ତ୍ତେ ଓଡ଼ିଆ ବାଳକମାନେ

Digitized by PPRACHIN, SOA

ତେଲୁଗୁ ଶିଖିବାକୁ ବାଧ୍ୟ ହେଉଅଛନ୍ତି । ଏଥି ପ୍ରତି ସରକାର କର୍ମ୍ମଚାରୀ ଲୋକଙ୍କର ଦୃଷ୍ଟି ଅଦ୍ୟାବଧି ପଡ଼ି ନାହିଁ । ପାଦ୍ରି ମିସନାରୀମାନେ ଯାହା କରୁଛନ୍ତି, ତାହା ବାଦ ଦେଲେ ଓଡ଼ିଆ ଶିକ୍ଷା ପ୍ରଚାର ନିମନ୍ତେ ସେହି ଅଞ୍ଚଳରେ କୌଣସି ଉତ୍ସାହ, କୌଣସି ଉଦ୍ୟମ ନାହିଁ । ଏହିପରି ଚତୁର୍ଦ୍ଦିଗରେ ଶିକ୍ଷାର ଅଭାବ ପରିଲକ୍ଷିତ ହେଉଅଛି । ଏପରି ଅବସ୍ଥାରେ କେଉଁ ପ୍ରଣାଳୀର ଶିକ୍ଷା ଦିଆଯିବା ଉଚିତ, ଏହି ବିଷୟର ଆଲୋଚନାରେ ପ୍ରବୃତ୍ତ ହେଲେ କି ଲାଭ ହେବ ? ଶିକ୍ଷା ତ ନାହିଁ, ସେଥିରେ ପ୍ରଣାଳୀ ନିରୂପଣ ପାଇଁ ଏତେ ବ୍ୟାକୁଳତା କାହିଁକି ? ତଥାପି କେବଳ ଶିକ୍ଷାର ପରିମାଣ ପ୍ରତି ଦୃଷ୍ଟି ଦେଲେ ଚଳିବ ନାହିଁ । କ୍ଷୁଧାରେ ପ୍ରପୀଡ଼ିତ ବୋଲି ଯେଉଁ ତେଉଁ ଆହାର ଯୋଗାଇଲେ ଚଳିବ ନାହିଁ । ଖାଦ୍ୟ ଏପରି ହେବା ଉଚିତ, ଯଦ୍ଦ୍ୱାରା ରକ୍ତବୃଦ୍ଧି ହେବ, ଅଙ୍ଗ ସବଳ ଓ ସତେଜ ହେବ । ତାହା ନ ହେଲେ ଅଜୀର୍ଣ୍ଣ ରୋଗରେ ଆକ୍ରାନ୍ତ ହେବା ଅସମ୍ଭବ ନୁହେଁ । ଶିକ୍ଷାର ପ୍ରକୃତି ପ୍ରତି ଦୃଷ୍ଟି ନ ଦେଲେ ତାହା ଅଶିକ୍ଷାଠାରୁ ଭୟଙ୍କର ହୋଇ ଉଠିବ ଏବଂ ଜାତି ମାନସିକ ଅଜୀର୍ଣ୍ଣ ରୋଗରେ ଗ୍ରସ୍ତ ହେବା ବିଚିତ୍ର ନୁହେଁ । ଏହି କଥା ଆମ୍ଭ ଦେଶର ବିଶ୍ୱବିଦ୍ୟାଳୟଠାରୁ ଆରମ୍ଭ କରି ସାଧାରଣ ଗ୍ରାମ୍ୟ ବୋର୍ଡ଼ ପାଠଶାଳା ପର୍ଯ୍ୟନ୍ତ ସକଳ ସ୍ଥାନରେ ପ୍ରଯୁଜ୍ୟ ।

ସବୁ କଥା ପରି ଶିକ୍ଷାର ମଧ୍ୟ ଗୋଟିଏ ଆଦର୍ଶ ରଖିବାକୁ ହେବ । ସେ ଆଦର୍ଶ ଜାତିର ପାରିପାର୍ଶ୍ୱିକ ଅବସ୍ଥା, ଜାତିର ପୂର୍ବପରମ୍ପରାର ଅନୁକୂଳ ହେବା ଆବଶ୍ୟକ । ଏକ କଥାରେ ଆଦର୍ଶ ଏପରି ହେବା ଉଚିତ ଯେ, ତାହା ଗ୍ରହଣ କରି, ତଦ୍ଦ୍ୱାରା ଅନୁପ୍ରାଣିତ ହୋଇ ଜାତି ଉପରକୁ ଉଠିପାରିବ । ବର୍ତ୍ତମାନ ଓଡ଼ିଆଙ୍କର ଭାଗ୍ୟରେ ଦୁଇଗୋଟି ବିଶ୍ୱବିଦ୍ୟାଳୟ ପଡ଼ି ଅଛି । ଆଉ କେତେଦିନ ପରେ ପାଟଣା ବିଶ୍ୱବିଦ୍ୟାଳୟ ମଧ୍ୟ ସଂସ୍ଥାପିତ ହେବ । ଗୋଟିଏ ଜାତି ତିନିଗୋଟି ବିଶ୍ୱ-ବିଦ୍ୟାଳୟରେ ବିଭକ୍ତ ହୋଇ ଶିକ୍ଷିତ ହେଲେ ଜାତିର ଗୋଟିଏ ଆଦର୍ଶ ରହିବ କି ? ଅନ୍ୟ ବିଷୟମାନଙ୍କରେ ଯେପରି, ଶିକ୍ଷାରେ ମଧ୍ୟ ସେପରି ଏକ Common standard ସମାନ ପ୍ରଣାଳୀ ଓ ଆଦର୍ଶ ରହିବା ଆବଶ୍ୟକ । ମାନ୍ଦ୍ରାଜ ଅଞ୍ଚଳରେ ବିଶ୍ୱବିଦ୍ୟାଳୟରେ ସଂସ୍କୃତକୁ ଯେ ସ୍ଥାନ ଦିଆଯାଇଅଛି କଲିକତାରେ ତାହା ନୁହେଁ । ଜଣେ କଟକର ଗ୍ରାଜୁଏଟ ଜଣେ ଗଞ୍ଜାମର ଗ୍ରାଜୁଏଟଙ୍କ ଅପେକ୍ଷା ସଂସ୍କୃତରେ ଅଧିକ ପାରଦର୍ଶୀ ଓ ମାତୃଭାଷାରେ ଅଧିକ ପ୍ରବୀଣ । ଏହିପରି ଯେ ପାର୍ଥକ୍ୟ ଅନ୍ୟାୟ ରହୁନାହିଁ, ଏହା କହିବା ମୋହର ଅଭିପ୍ରେତ ନୁହେଁ । କିନ୍ତୁ ଏକ ଜାତି ନିମନ୍ତେ ଏକ ବିଶ୍ୱବିଦ୍ୟାଳୟ, ଏକ ଆଦର୍ଶ, ଏକ ଶିକ୍ଷାପ୍ରଣାଳୀ ଅଧିକତର ଉପଯୋଗୀ ଓ ସ୍ୱାସ୍ଥ୍ୟକର ବୋଲି ମୋହର ଧାରଣା । କିନ୍ତୁ ଏହା କେତେଦୂର ସମ୍ଭବ ସରକାର ଓ ବ୍ୟକ୍ତିମାନଙ୍କର ଆଲୋଚନାର ବିଷୟ । କେତେ ଦିନ ପୂର୍ବେ ଧଳକୋଟର ମାନ୍ୟବର ରାଜାସାହେବ ସମସ୍ତ ଓଡ଼ିଆଭାଷୀ ପ୍ରଦେଶର ଶିକ୍ଷାନୁଷ୍ଠାନଗୁଡ଼ିକ ଏକ ଶିକ୍ଷାକର୍ତ୍ତୃପକ୍ଷଙ୍କ ଅଧୀନରେ ରହିବା ବାଞ୍ଛନୀୟ

Digitized by PPRACHIN, SOA

ନୋଲ୍ ବ୍ୟବସ୍ଥାପକ ସଭାରେ ଯେଉଁ ପ୍ରସ୍ତାବ ଉତ୍ଥାପନ କରିଥିଲେ, ତାହା ଗୃହୀତ ହେଲେ ଅନେକାଂଶରେ ଶିକ୍ଷାର ଏକ ଆଦର୍ଶ ଓ ସମାନ ହୋଇପାରେ ।

ଶିକ୍ଷାର ଆଦର୍ଶ ସମ୍ବନ୍ଧେ କହୁଁ କହୁଁ ସତ୍ୟବାଦୀର ଆଦର୍ଶ ହାଇସ୍କୁଲ କଥା ମନେ ପଡ଼ିଲା । ସତ୍ୟବାଦୀ ସ୍କୁଲ୍ ମୁଁ ଦେଖି ନାହିଁ; କିନ୍ତୁ ଲୋକମୁଖରେ ଓ ସମ୍ବାଦପତ୍ରାଦି ଦ୍ୱାରା ତାହାର ପରିଚୟ ପାଇପାରିଅଛୁ । ତ୍ୟାଗର ଜ୍ୱଳନ୍ତ ଆଦର୍ଶ ଦେଖାଇ ସତ୍ୟବାଦୀ ସ୍କୁଲର ପ୍ରତିଷ୍ଠାତାମାନେ ଏହି ନୂତନ ସ୍କୁଲ୍ ନୂତନ ଧରଣରେ, ନୂତନ ଆଦର୍ଶରେ ଚଳାଉଅଛନ୍ତି । ଶୁଣିପାରିଅଛୁ, ସେଠାରେ ସେମାନେ 'ମନୁଷ୍ୟ ଗଢ଼ୁଅଛନ୍ତି' । ଶିକ୍ଷକମାନେ ପ୍ରାଚୀନ ପୁରାଣ କଥିତ ଆଚାର୍ଯ୍ୟାଦର କାର୍ଯ୍ୟ କରୁଅଛନ୍ତି । ଶିକ୍ଷକ ଆଚାର୍ଯ୍ୟ ନ ହେଲେ, ଅର୍ଥାତ୍ ଶିକ୍ଷା ଆଚରଣରେ ପରିଣତ ନ ହେଲେ ତାହାର ଫଳ କିଛି ହୁଏ ନାହିଁ । ମନୁଷ୍ୟତା ପ୍ରାପ୍ତି ନିମିତ୍ତ ସେମାନେ ଛାତ୍ରମାନଙ୍କୁ ଯେଉଁ ମାର୍ଗରେ ଚଳାଉଥିବାର ଜଣାଯାଏ, ତାହା ସର୍ବଥା ଅନୁକରଣୀୟ । ଆମ୍ଭମାନଙ୍କ ଦେଶରେ ଏହିପରି ସ୍କୁଲର ସଂଖ୍ୟା, ଏପରି ସ୍ୱାର୍ଥତ୍ୟାଗୀଙ୍କ ସଂଖ୍ୟା ବୃଦ୍ଧି ହେଉ ଏବଂ ସତ୍ୟବାଦୀର ଉଚ୍ଚ ଉଜ୍ଜ୍ୱଳ ଆଦର୍ଶରେ ଦେଶର ଶିକ୍ଷାନୁଷ୍ଠାନ ସକଳ ଗଠିତ ହେଉ, ଏହା ମୋହର ଆନ୍ତରିକ ଇଚ୍ଛା ଏବଂ ଭଗବାନ ଏହି ସ୍କୁଲର ଅନୁଷ୍ଠାତାମାନଙ୍କ କାର୍ଯ୍ୟରେ ସହାୟ ହୁଅନ୍ତୁ, ଏହାହିଁ କାମନା ।

ସିଂହଭୂମ ଅଞ୍ଚଳରେ ଓଡ଼ିଆ ଶିକ୍ଷା ପ୍ରଚାରର ଯେପରି ଅଭାବ ଅଛି ଗଞ୍ଜାମ ବିଶାଖାପାଟଣାରେ ମଧ୍ୟ ତଦ୍ରୂପ । ସିଂହଭୂମରେ ଯେପରି ଓଡ଼ିଆ ଶିକ୍ଷକଙ୍କ ଅଭାବ ଅଛି, ଏହି ଅଞ୍ଚଳରେ ମଧ୍ୟ ସେହିପରି ଅଭାବ ରହିଅଛି । ଏଥିପ୍ରତି ଗଭର୍ଣ୍ଣମେଣ୍ଟଙ୍କ ଶୁଭଦୃଷ୍ଟି ନ ପଡ଼ିଲେ ଓଡ଼ିଆଙ୍କର ଉନ୍ନତି ଆଶା ବିଡ଼ମ୍ବନା ମାତ୍ର । ତେଲୁଗୁମାନେ ଯେତେ ଶିକ୍ଷିତ ହୁଅନ୍ତୁ ସେମାନେ ଓଡ଼ିଆରେ ଶିକ୍ଷା ଦେଇପାରିବେ ନାହିଁ ଏବଂ ଓଡ଼ିଆ ଆଦର୍ଶ, ଓଡ଼ିଆର ବ୍ୟକ୍ତିତ୍ୱ ଓ ବିଶେଷତ୍ୱ ତେଲୁଗୁମାନେ ରକ୍ଷା କରିବେ ବା କିପରି ? ସମ୍ମିଳନୀ ଚେଷ୍ଟା କଲେ କେତେକ ଓଡ଼ିଆ ଶିକ୍ଷକ ଏ ଅଞ୍ଚଳକୁ ଆମଦାନି କରାଇପାରନ୍ତି । ସେଥିପାଇଁ ଓଡ଼ିଆ ସମାଜ ପ୍ରଭୃତି ଉଦ୍ୟମ କରୁଥିବାର ଜଣାଯାଏ । ଅନ୍ୟମାନଙ୍କୁ ସେ କାର୍ଯ୍ୟରେ ସାହାଯ୍ୟ ଦେବାକୁ ହେବ । ରସଲକୋଣ୍ଡାରେ ଓଡ଼ିଆ ହାଇସ୍କୁଲ ପ୍ରତିଷ୍ଠିତ ହୋଇଅଛି । ଏହା ଗଭର୍ଣ୍ଣମେଣ୍ଟଙ୍କ ବିଶେଷ ଅନୁକମ୍ପାର ଫଳ । ସେଥିପାଇଁ ଲର୍ଡ଼ ପେଣ୍ଟଲଣ୍ଡଙ୍କ ଗଭର୍ଣ୍ଣମେଣ୍ଟଙ୍କୁ ଧନ୍ୟବାଦ ଦେଉଅଛି । ପରେ ଓଡ଼ିଆ ଶିକ୍ଷକ ନିଯୋଗ ପ୍ରତି ବିଶେଷ ମନୋଯୋଗ ନ ଦେଲେ ସରକାର ଯେ ଉଦ୍ଦେଶ୍ୟରେ ରସଲକୋଣ୍ଡାଠାରେ ହାଇସ୍କୁଲ ବସାଇ ଅଛନ୍ତି ସେହି ଉଦ୍ଦେଶ୍ୟ ଅପୂର୍ଣ୍ଣ ରହିବ । ଅନ୍ୟତ୍ର ଶିକ୍ଷକାଭାବ ପୂରଣ କରିବା ନିମିତ୍ତ ବ୍ରହ୍ମପୁର ଟ୍ରେନିଂ ସ୍କୁଲ ଉଚ୍ଚ ଗ୍ରେଡ଼ ସ୍କୁଲରେ

Digitized by PPRACHIN, SOA

ପରିଣତ ହୋଇଅଛି । ଏହା ଅବଶ୍ୟ ଆନନ୍ଦର କଥା । ଆଶା କରାଯାଏ, ସରକାର ବାହାଦୂର ଜୟପୁର ପ୍ରତି ଶିକ୍ଷାର ସୁବିଧା କରିଅଛନ୍ତି । ଆମ୍ଭମାନଙ୍କର ସାହିତ୍ୟିକ ଅନୁଷ୍ଠାନ ଗୁଡ଼ିକ ମଧ୍ୟ ତଦ୍ରୂପ କରିବାକୁ ହେବ । ଜ୍ଞାନର ବିଭିନ୍ନ ବିଭାଗରେ ଭିନ୍ନ ଭିନ୍ନ ଧରଣର ପୁସ୍ତକମାନ ପ୍ରକାଶ କରିବାକୁ ହେବ । ପୁରାତନ ସାହିତ୍ୟପ୍ରତି ଲୋକଙ୍କର ଆଗ୍ରହ ଉଦ୍ରେକ କଲେ ଆଧୁନିକ ସାହିତ୍ୟ ଅନୁଶୀଳନରେ ମଣିକାଞ୍ଚନ ସଂଯୋଗରେ ଯତ୍ନ କରିବାକୁ ହେବ । ନୂତନ ଧରଣର ନବଯୁଗର ଉପଯୋଗୀ ରଚନାରେ ୰ ରାଧାନାଥ ଯେଉଁ ମାର୍ଗ ଦେଖାଇଅଛନ୍ତି, ଗଦ୍ୟ ଲେଖାରେ ୰ ମଧୁସୂଦନ ଯେଉଁ ପ୍ରତିପତ୍ତି ସ୍ଥାପନ କରିଅଛନ୍ତି, ନାଟକ ପ୍ରଣୟନରେ ଶ୍ରୀଯୁକ୍ତ ରାମଶଙ୍କର ରାୟ ଯେଉଁ କୃତିତ୍ୱର ପରିଚୟ ଦେଇଅଛନ୍ତି, ଅସ୍ମମାନଙ୍କ ଭକ୍ତିଭାଜନ ଫକୀର ମୋହନ ଉଚ୍ଚ ସାହିତ୍ୟର ଯେଉଁ ମାର୍ଗ ଦର୍ଶାଇଛନ୍ତି ସେ ସମସ୍ତ ଆମ୍ଭ ଓଡ଼ିଆ ଜାତିକୁ ଏକ ପ୍ରକାର ଉଜ୍ଜୀବିତ କରି ରଖିଅଛି । ଓଡ଼ିଆ ଜାତି ବର୍ତ୍ତମାନ ଯୁଗରେ ଏମାନଙ୍କ ଲେଖାରୁ ତାଙ୍କର ମାନସିକ ଖାଦ୍ୟ ସଂଗ୍ରହ କରୁଅଛନ୍ତି । କିନ୍ତୁ ଗୋଟିଏ ପ୍ରକାଣ୍ଡ ଜାତି ନିମନ୍ତେ ଏକ କୋଟିରୁ ଅଧିକ ଓଡ଼ିଆ ଜୀବଙ୍କ ନିମନ୍ତେ ଏହି ଗୁରୁଜନଙ୍କ ଦ୍ୱାରା ବହୁ ଯତ୍ନରେ ସଞ୍ଚିତ ସୁମିଷ୍ଟ ଖାଦ୍ୟ ମଧ୍ୟ ଯଥେଷ୍ଟ ନୁହେଁ । ନାନା ପ୍ରକାର ଗଳ୍ପ, ବିଭିନ୍ନ ପ୍ରକାର ଉପନ୍ୟାସ, କାବ୍ୟ ନାଟକ ଆବଶ୍ୟକ । ବର୍ତ୍ତମାନ ସବୁ ବିଭାଗରେ ଅଭାବ । ଦୁଃଖର ବିଷୟ ଆଜିଯାଏ ଓଡ଼ିଆରେ ଖଣ୍ଡିଏ ଉଚ୍ଚ ଧରଣର ଅଭିଧାନ ସଙ୍କଳିତ ହୋଇ ନାହିଁ । ଏହି ପାରଳାର ପଣ୍ଡିତ ଶ୍ରୀ ଗୋପୀନାଥ ନନ୍ଦ ବହୁ ପରିଶ୍ରମ କରି ଖଣ୍ଡିଏ ଅଭିଧାନ ପ୍ରଣୟନ କରିଅଛନ୍ତି । ତାହା ଅଦ୍ୟାବଧି ପ୍ରକାଶ ହୋଇ ପାରିନାହିଁ । କେବେ ସେ ପ୍ରଭୂତ ଉଦ୍ୟମ କଲେଣି । କେଉଁଥିରେ ନ ପାରି ଉତ୍କଳ ସାହିତ୍ୟ ସମାଜ ହାତରେ ହେ କାର୍ଯ୍ୟଟି ଦେଇଅଛନ୍ତି । ସମାଜର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଅଭିଧାନ ଖଣ୍ଡ ଛାପା ହୋଇ ପାରି ନାହିଁ । ଆଶା କରାଯାଏ, ଆମ୍ଭମାନଙ୍କ ଜୀବନରେ ତାହା ଦେଖିବାକୁ ପାଇବୁଁ । ଆଜିଯାଏ ସାହିତ୍ୟ ସମାଜ କୌଣସି ଗ୍ରନ୍ଥ ପ୍ରକାଶ କରିଥିବାର ମୁଁ ଜାଣି ନାହିଁ । ଅନ୍ତତଃ ଏହି ଅଭିଧାନ ଖଣ୍ଡି ଛପାଇଲେ ସମାଜର ଗୌରବ ବଢ଼ନ୍ତା । ଆନନ୍ଦର ବିଷୟ କେତେକ ରାଜା ଓଡ଼ିଆ ସାହିତ୍ୟ ଚର୍ଚ୍ଚାରେ ମନୋଯୋଗ ଦେଇଥିବାର ଆଭାସ ମିଳିଅଛି । ସେମାନେ ଯେ ଯାହା କ୍ଷେତ୍ରରେ କିଛି ନା କିଛି କରୁଅଛନ୍ତି, ଏହା ଅବଶ୍ୟ ଶୁଭର ଲକ୍ଷଣ ।

କରଣ, କ୍ଷତ୍ରିୟ, ବ୍ରାହ୍ମଣ ଇତ୍ୟାଦି ସମ୍ଭ୍ରାନ୍ତଙ୍କ ଘରେ ସ୍ତ୍ରୀମାନେ ଶିକ୍ଷା ପାଇଥିବାର ଶୁଣାଯାଇଥାଏ; କିନ୍ତୁ ସେମାନଙ୍କର ଅଧିକାଂଶ ସାକ୍ଷର ମାତ୍ର । ଅକ୍ଷର ଚିହ୍ନିବା ମାତ୍ରେ ସେମାନେ ଯେ ଶିକ୍ଷିତାଙ୍କ ମଧ୍ୟରେ ଗଣ୍ୟ ହେବେ, ତାହା ନୁହେଁ । ନାରୀଗଣଙ୍କୁ ଏପରି ଶିକ୍ଷା ଦିଆଯିବା ଉଚିତ, ଯଦ୍ୱାରା ସେମାନେ ନାରୀ-

Digitized by PPRACHIN, SOA

ସୁଲଭ ଦୟା, ପ୍ରୀତି, ମାୟା, ମମତା, ଶୁଶ୍ରୂଷା ଇତ୍ୟାଦି ସଦ୍‌ଗୁଣ ପ୍ରତି ସମଧିକ ଆସ୍ଥାବତୀ ହେବେ ଏବଂ ମାନବ ସମାଜକୁ ସମଧିକ ସୁଖ, ଶାନ୍ତି ଓ ମଙ୍ଗଳ ଆନୟନ କରିବେ । ଆମ୍ଭେମାନେ ସ୍ତ୍ରୀଶିକ୍ଷା ପ୍ରତି ଯେଉଁ ଉଦାସୀନତା ଦେଖାଉଛୁଁ ତାହା ଦେଶ ପକ୍ଷରେ ଘୋର ଅମଙ୍ଗଳର ଲକ୍ଷଣ । ସ୍ତ୍ରୀ ଶିକ୍ଷା ପ୍ରତି ଉଦାସୀନତା ଯେପରି ନିନ୍ଦନୀୟ ଏବଂ କ୍ଷତିକାରକ, ସାହିତ୍ୟ ପ୍ରତି ଆସ୍ଥାବାନ୍ ନ ହେବା ତେତିକି କ୍ଷୋଭର ବିଷୟ । ସୁଖାଦ୍ୟ ଯେପରି ଶରୀରକୁ ସବଳ, ସତେଜ କରେ, ସୁସାହିତ୍ୟ ସେପରି ଜାତିର ମାନସିକ ତେଜ ବିକାଶ କରେ । ଜାତିର ମସ୍ତିଷ୍କ ସତେଜ ନ ରହିଲେ ତାହାର ମଜ୍ଜାଗତ ଶକ୍ତି କ୍ଷୀଣ ହୋଇଯାଏ ଓ ଜାତି କ୍ରମେ ଦୁର୍ବଳ ହୋଇଉଠେ । ସର୍ବତ୍ର ସର୍ବ ସମୟରେ ସାହିତ୍ୟିକମାନେ, କବି ଓ ଜାତିର ନେତା ହୋଇ ଥାଆନ୍ତି । ଅର୍ଥାତ୍ ମନ ଯେପରି ଶରୀରକୁ ଚାଳନ କରେ ପ୍ରତିଭାଶାଳୀ ସାହିତ୍ୟିକମାନେ ସେପରି ଜାତିକୁ ଚାଳନ କରିଥାଆନ୍ତି । ଆମ୍ଭମାନଙ୍କର ଏହି ମାନସିକ ଉନ୍ନତି ପାଇଁ ଜାତୀୟ ସାହିତ୍ୟର ଅଭିବୃଦ୍ଧି ନିମନ୍ତେ ବିଶେଷଭାବରେ ଯତ୍ନ କରିବା ଆବଶ୍ୟକ ମନେକରେ । ଉନ୍ନତ ବଙ୍ଗ ଏ କ୍ଷେତ୍ରରେ ଯାହା କରିଅଛି, ତାହା ଆମ୍ଭମାନଙ୍କର ସର୍ବତୋଭାବେ ଅନୁକରଣୀୟ । କେବଳ ବଙ୍ଗଳାରେ ସାହିତ୍ୟ ପରିଷଦ ଅଛି ବୋଲି ଆମ୍ଭେମାନେ ନାମରେ ମାତ୍ର ସାହିତ୍ୟ ସମାଜମାନ ସ୍ଥାପନ କଲେ ଚଳିବ ନାହିଁ । ଅନ୍ଧ୍ରମାନେ ଏହି କେତେକ ବର୍ଷ ମଧ୍ୟରେ ଯାହା କରୁଅଛନ୍ତି, ବର୍ତ୍ତମାନ ସେମାନଙ୍କର ଏକାଡେମୀ ଓ ସାହିତ୍ୟିକ ସଙ୍ଘମାନେ ତାହା ନିମନ୍ତେ ଏପରି କିଛି ସୁବନ୍ଦୋବସ୍ତ କରିବେ । ଗଞ୍ଜାମ ଓଡ଼ିଆମାନେ ଟିକିଏ ସଂଜ୍ଞାପ୍ରାପ୍ତ ହୋଇଅଛନ୍ତି । ସେମାନେ ନିଜ ଅଭାବ ଅସୁବିଧା କହିବାକୁ ଉଦ୍ୟମ କଲେଣି । କିନ୍ତୁ ଜୟପୁର, ସିଂହଭୂମ ଓଡ଼ିଆଙ୍କର ତାହା ମଧ୍ୟ ନାହିଁ । ଅତଏବ ସରକାର ବାହାଦୂର ଏହି ବିଭାଗମାନଙ୍କ ପ୍ରତି ବିଶେଷ ଦୃଷ୍ଟି ନ ଦେଲେ ଉନ୍ନତି ଅସମ୍ଭବ । ଯେଉଁଠାରେ ବାଳକମାନଙ୍କ ପ୍ରତି ଶିକ୍ଷାର ଏପରି ଅବସ୍ଥା, ସେଠାରେ ସ୍ତ୍ରୀଶିକ୍ଷା ସମ୍ବନ୍ଧେ ବିଶେଷ କହିବା ନିଷ୍ପ୍ରୟୋଜନ । କିନ୍ତୁ ଯେଉଁମାନେ ମନୁଷ୍ୟର ଅର୍ଦ୍ଧାଙ୍ଗସ୍ୱରୂପ ଗୃହୀତ ହୁଅନ୍ତି, ଯେଉଁମାନଙ୍କ ଉପରେ ଆମ୍ଭମାନଙ୍କ ପୁତ୍ରକନ୍ୟାଙ୍କ ଭାବୀ ଜୀବନର ଭାର ରହିଅଛି, ସେମାନେ ପ୍ରକୃତ ମାତା, ପ୍ରକୃତ ଭଗିନୀ ଓ ପ୍ରକୃତ ପତ୍ନୀ ନ ହୋଇ ପାରିଲେ ଦେଶର ଉନ୍ନତି କେଉଁ ଆଡ଼ୁ ହେବ ? ପକ୍ଷୀର ଗୋଟିଏ ଡେଣା ବାନ୍ଧିଦେଇ ତାକୁ ଉଡ଼ିବାକୁ ଦେଲେ ସେ ଉଡ଼ିପାରିବ କି ? ସେହିପରି ଜାତିର ଏତେଗୁଡ଼ିଏ ପ୍ରାଣୀ ଶିକ୍ଷାବିହୀନ ହୋଇ ରହିଲେ ସେହି ଜାତିର ଉନ୍ନତି ଅସମ୍ଭବ । ପୂର୍ବକାଳରେ ହିନ୍ଦୁରମଣୀମାନେ ସୁଶିକ୍ଷିତା ଥିଲେ । ସୀତା, ସାବିତ୍ରୀ, ଦମୟନ୍ତୀ ହିନ୍ଦୁ ଚରିତ୍ରର ଚରମ ଦୃଷ୍ଟାନ୍ତ । ଲୀଳାବତୀଙ୍କ ପରି ବିଦ୍ୟାବତୀଙ୍କୁ ପାଇ ଯେ କୌଣସି ଦେଶ ଗର୍ବ କରିବ । କିନ୍ତୁ ସେସବୁ ପୁରାଣର କଥା ହୋଇଯାଇ ଅଛି । ପ୍ରାଚୀନକାଳର ରମଣୀଗଣଙ୍କ ଚରିତ୍ରର ରମଣୀୟତା ଆଣିବାକୁ ଅନେକ କାଳ ଲାଗିବ । ପୁରାଣ

Digitized by PPRACHIN, SOA

କଥା ଶୁଣନ୍ତୁ, ଓଡ଼ିଶାର କରଣକୁଳମଣ୍ଡନା ମାଧବୀ ଦାସୀଙ୍କ କଥା କିଏ ନ ଜାଣେ ? ଯେଉଁ ମହାତ୍ମା ଚୈତନ୍ୟ ଦେବ ନାରୀମୁଖ ସଂଦର୍ଶନ କରିବେ ନାହିଁ ବୋଲି ପ୍ରତିଜ୍ଞା କରିଥିଲେ, ସେ ମାଧବୀଙ୍କ ଶିକ୍ଷାଦୀକ୍ଷାରେ ମୁଗ୍ଧ ହୋଇ ନିୟମ ଭଙ୍ଗ କରି ତାଙ୍କୁ ଦର୍ଶନ ଦେଇଥିବା ଶୁଣାଯାଏ । ଅଭି ଜଣେ ଏହି ଆଧୁନିକ ଯୁଗରେ ସାହିତ୍ୟ ଚର୍ଚ୍ଚା କରି ସଂସ୍କୃତ ପ୍ରଭୃତିରେ ବିଦୁଷୀର ପରିଚୟ ଦେଉ ଅଛନ୍ତି । ସୁଧାନାମ୍ନୀ ଧର୍ମକୋଟର ଜଣେ ବ୍ରାହ୍ମଣଘରର ବିଧବା । ତାଙ୍କର ସେହି ଶିକ୍ଷାର ଆଶ୍ରୟ ବର୍ତ୍ତମାନ ସ୍ତ୍ରୀସମାଜରେ କାହିଁ ? ସ୍କୁଲମାନ ଯଥେଷ୍ଟ ରୂପରେ ନ ହେଉ ବୋଲିବାକୁ ହେବ । ଭୋଜ ବିକ୍ରମାଦିତ୍ୟଙ୍କଠାରୁ ଆରମ୍ଭ କରି ସୁତ୍ରିଲ, ରାମଚନ୍ଦ୍ର ପର୍ଯ୍ୟନ୍ତ ରାଜାମାନଙ୍କ ଦ୍ୱାରା ଭାରତର ସଂସ୍କୃତ ତଥା ପ୍ରାଦେଶିକ ଭାଷାର ସାହିତ୍ୟ ପରିପୁଷ୍ଟ ହୋଇ ଆସିଥିବାର ଜଣାଯାଏ । ଓଡ଼ିଶାର ନରପତିମାନଙ୍କ ମଧ୍ୟରୁ କେତେକଙ୍କଠାରେ ଏହି ସାହିତ୍ୟ ଅନୁରାଗ ଦେଖାଯାଏ, ଏହା ଅତି ଆନନ୍ଦର କଥା । ରାଜା ଏବଂ ବୃତ୍ତୀଶ୍ୱରମାନେ ନିଜେ ସାହିତ୍ୟଚର୍ଚ୍ଚା କରିବା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଶକ୍ତିଶାଳୀ ସାହିତ୍ୟିକମାନଙ୍କୁ ଆର୍ଥିକ ଓ ଅନ୍ୟାନ୍ୟ ପ୍ରକାରେ ସାହାଯ୍ୟ ଦେଇ ସାହିତ୍ୟ ଚର୍ଚ୍ଚାର କ୍ଷେତ୍ର ବଢ଼ାଇଲେ ଅଧିକର ଭଲ ହୁଅନ୍ତା ।

ସଂସ୍କାର :

ଆଜିକାଲି ଆମ୍ଭମାନଙ୍କ ଦେଶରେ ସଂସ୍କାର କରିବାକୁ କେତେକଙ୍କର ପ୍ରୟାସ ଦେଖାଯାଉଅଛି । କିନ୍ତୁ କାହିଁକି ଯେ ସଂସ୍କାର ଆବଶ୍ୟକ, ତାହା କେହି ସ୍ଥିର କରି ପାରି ଜଣାଯାଏ ନାହିଁ । ଦେଶର ବର୍ତ୍ତମାନ ଅବସ୍ଥାରେ ଆମ୍ଭମାନଙ୍କର ଆଚାର, ବ୍ୟବହାର, ସାମାଜିକ ଗଠନରେ କୌଣସି ପରିବର୍ତ୍ତନ ଘଟାଇବା ସମୀଚୀନ ନୁହେଁ । ବରଂ ପୁରାତନ ପ୍ରତି, ପ୍ରାଚୀନ ସାମାଜିକ ଗଠନ ପ୍ରତି ଲୋକଙ୍କର ଆସ୍ଥା ଓ ଆଗ୍ରହ ବଢ଼ାଇବା ଆବଶ୍ୟକ ବୋଲି ମୁଁ ମନେ କରେ । ଜାତିର ଯାହା ସମ୍ବଳ, ତାହା ଛାଡ଼ି ଦେଇ କେବଳ ଅନୁକରଣରେ ପାଶ୍ଚାତ୍ୟଭାବକ କଲେ କିଛି ଫଳ ହେବ ନାହିଁ । ଏହା ଦ୍ୱାରା ମୁଁ ପ୍ରକାଶ କରୁ ନାହିଁ ଯେ, ଆମ୍ଭ-ମାନଙ୍କ ସମାଜରେ କୌଣସି ତ୍ରୁଟି ବା ଦୋଷ ନାହିଁ । କେଉଁ ସମାଜରେ ବା ତାହା ନାହିଁ ? ଆମ୍ଭମାନଙ୍କ ସମାଜ ପରି ପ୍ରାଚୀନ ସମାଜ ନାନା ଅବସ୍ଥା ଅତିକ୍ରମ କରି ଆସିଥିବାରୁ କାଳକ୍ରମେ ଛିଦ୍ରରେ ସେପରି ଅନେକ ତ୍ରୁଟି ବା କୁସଂସ୍କାର ପ୍ରବେଶ କରିବା ସ୍ୱାଭାବିକ । ସେସବୁର ନିରାକରଣ ସର୍ବଦା ବାଞ୍ଛନୀୟ; କିନ୍ତୁ ତାହା କରିବାବେଳେ "ଶନୈଃ ପନ୍ଥା ଶନୈଃ ପନ୍ଥା ଶନୈଃ ପର୍ବତଲଙ୍ଘନଂ" ନୀତି ଅବଲମ୍ବନ କରିବା ଶ୍ରେୟସ୍କର ।

Digitized by PPRACHIN, SOA

ଉପସଂହାର :

ଏପରି ଦେଶର ଉନ୍ନତି ବିଧାୟକ ଅନ୍ୟାନ୍ୟ ବିଭାଗ ଅର୍ଥାତ୍ କୃଷି, ଶିଳ୍ପ, ବାଣିଜ୍ୟ ସମ୍ବନ୍ଧରେ ପୂର୍ବବର୍ତ୍ତୀ ସମ୍ମିଳନୀର ସଭାପତିମାନେ ବିଶେଷ ଭାବରେ କହିଦେଇ ଯାଇଅଛନ୍ତି । ସେ ସମସ୍ତର ଆମ୍ରେଡ଼ନ ବର୍ତ୍ତମାନ ନିଷ୍ପ୍ରୟୋଜନ । ଗୋଟିଏ ଜାତିକୁ ଉନ୍ନତି ପଥରେ ଅଗ୍ରସର କରାଇବାକୁ ହେଲେ ତାହାର ଏହି ସମସ୍ତ ବିଭାଗର ଉତ୍କର୍ଷ ସମ୍ପାଦନ କରିବାକୁ ହେବ । କିନ୍ତୁ ଏହିସବୁ କାର୍ଯ୍ୟ ବର୍ଷକରେ ବା ଦଶ ବର୍ଷରେ ହେଲା ନାହିଁ ବୋଲି କ୍ଷୋଭ ପ୍ରକାଶ କରି କାର୍ଯ୍ୟ-କ୍ଷେତ୍ରରୁ ନିବୃତ୍ତ ହେଲେ ଚଳିବ ନାହିଁ । ଶତବର୍ଷବ୍ୟାପୀ ଉଦ୍ୟମ, ଆନ୍ଦୋଳନ ଆବଶ୍ୟକ । କଠୋର ସ୍ୱାର୍ଥତ୍ୟାଗ, ପ୍ରତିଭାଶାଳୀମାନଙ୍କର ଶକ୍ତି ଓ ସାମର୍ଥ୍ୟ ବିନିଯୋଗ ଆବଶ୍ୟକ ।

ଉତ୍କଳର ସ୍ଥାନେ ସ୍ଥାନେ କୌଣସି କୌଣସି ବ୍ୟକ୍ତିବିଶେଷଙ୍କ କାର୍ଯ୍ୟରେ ଏହି ଜାତୀୟ କଲ୍ୟାଣ ନିମନ୍ତେ ଯେତେ ସାମାନ୍ୟ ହେଉ ପଛକେ, ଉତ୍ସାହ ଏବଂ ଆତ୍ମୋତ୍ସର୍ଗ ସ୍ପୃହା ଦେଖାଯିବା ବିଶେଷ ଆଶାପ୍ରଦ । ଲୋକଙ୍କ ମଧ୍ୟରେ ସମ୍ମିଳନୀ ଯେ ଏ ପ୍ରବୃତ୍ତି ଜାଗରଣ କରାଇ ନାହିଁ, ଏହା କୁହାଯାଇ ନ ପାରେ । ସମ୍ମିଳନୀ କଣ କାର୍ଯ୍ୟ କଲା ବୋଲି ସମ୍ମିଳନୀ ଅଧିବେଶନରେ ପଚାରିବା କିମ୍ବା ବର୍ଷକ ପରେ ଅନ୍ୟ ଅଧିବେଶନ ସମୟରେ ସେ ସମ୍ବନ୍ଧରେ କେତେଗୁଡ଼ିଏ ନିରାଶାବାଣୀ କହି ବୀତଶ୍ରଦ୍ଧ ହେବା ବିଶ୍ୱାସୀ ମାନବର କର୍ତ୍ତବ୍ୟ ନୁହେଁ ।"

ଓ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ ।

ପାରଳାଖେମୁଣ୍ଡି
୨୭।୦୨।୧୯୧୪

ଶ୍ରୀ ବିକ୍ରମ ଦେବ ବର୍ମା
ସଭାପତି—ଉତ୍କଳ ସମ୍ମିଳନୀ
(ଦଶମ ଅଧିବେଶନ)

ଉତ୍କଳ ସମ୍ମିଳନୀର ଦ୍ୱାଦଶ ଅଧିବେଶନ :

ଖ୍ରୀ.୧୯୧୭ ରେ ବିକ୍ରମଦେବ ବର୍ମା ବାଲେଶ୍ୱରଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ଦ୍ୱାଦଶ ଅଧିବେଶନରେ ଯୋଗ ଦେଇଥିଲେ । ସେଠାରେ ସେ ନିମ୍ନୋକ୍ତ ପ୍ରସ୍ତାବ ଆଗତ କରିଥିଲେ—ବିଶାଖପଟ୍ଟଣା ଜିଲ୍ଲାସ୍ଥିତ କରଣମାନେ ଓଡ଼ିଆ ହୋଇଥିଲେ ସୁଦ୍ଧା ଶିକ୍ଷା ବିଭାଗୀୟ କର୍ତ୍ତୃପକ୍ଷମାନେ ସେମାନଙ୍କୁ ଓଡ଼ିଆ ବୋଲି ଗ୍ରହଣ କରୁ ନ ଥିବା ଅତ୍ୟନ୍ତ ଦୁଃଖଦାୟକ ବିଷୟ ବୋଲି ଏହି ସମ୍ମିଳନୀ ଉପଲବ୍ଧି କରେ ।"

Digitized by PPRACHIN, SOA

ସେ ପୁଣି କହିଥିଲେ, "ଏହି ପ୍ରସ୍ତାବ ଆଗତ କରି ଆପଣମାନେ ବିଶାଖପଟ୍ଟଣ ଓଡ଼ିଆମାନଙ୍କ ପ୍ରତି ସମ୍ପୂର୍ଣ୍ଣ ସହାନୁଭୂତି ଦେଖାଇ ଅଛନ୍ତି, କାରଣ ସେଠାକାର ଭାଇମାନେ ସମ୍ପୂର୍ଣ୍ଣ ଓଡ଼ିଆ । ସେମାନଙ୍କ ମାତୃଭାଷା ଓଡ଼ିଆ ଓ ସେମାନଙ୍କର ଉପାଧି ବେହେରା, ମହାନ୍ତି ଇତ୍ୟାଦି । ଜନ ଗଣନାରେ ସେମାନେ ଓଡ଼ିଆ ବୋଲି ଗୃହୀତ କିନ୍ତୁ ସରକାର ବାହାଦୁର କହନ୍ତି ଯେ, 'ତୁମ୍ଭେମାନେ ଓଡ଼ିଆ ନୁହଁ ।' ଏହାଦ୍ୱାରା ଓଡ଼ିଆ ଜାତିର ଅଶେଷ କ୍ଷତି କରାହେଉଅଛି । ସମ୍ମିଳନୀ ପକ୍ଷରୁ ଗଭର୍ଣ୍ଣମେଣ୍ଟଙ୍କୁ ଅନୁରୋଧ କରାଯାଉ ଯେ ସେମାନଙ୍କୁ ସରକାର ଓଡ଼ିଆ ବୋଲି ଗ୍ରହଣ କରନ୍ତୁ ।"

Digitized by PPRACHIN, SOA

ଅଷ୍ଟମ ପରିଚ୍ଛେଦ

ଜ୍ୟୋତିର୍ବିଦ୍ ବିକ୍ରମଦେବ ବର୍ମା

ବିକ୍ରମଦେବ ବର୍ମା ବାଲ୍ୟ କାଳରୁ ତାଙ୍କର ପୁରୋହିତ ଗୋବର୍ଦ୍ଧନ ରଥଙ୍କଠାରୁ ଜ୍ୟୋତିଷ ଶାସ୍ତ୍ର ଅଧ୍ୟୟନ କରିଥିଲେ । ତାଙ୍କ ପିତା କୃଷ୍ଣଚନ୍ଦ୍ର ଦେବ ଜ୍ୟୋତିଷ ବିଦ୍ୟାରେ ଅସାଧାରଣ ପଣ୍ଡିତ ଥିଲେ । ସେ ଅନ୍ୟ ପାଠ ସହିତ ଜ୍ୟୋତିଷ ବିଦ୍ୟା ସମୟ ସମୟରେ ଶିକ୍ଷା ଦେଉଥିଲେ । ଅସାଧାରଣ ସ୍ମୃତି ଶକ୍ତି ଯୋଗୁଁ ବିକ୍ରମଙ୍କର ଜ୍ୟୋତିଷବିଦ୍ୟା ଏପରି ବିକଶିତ ହୋଇଉଠିଲା ଯେ ସେ ହେଲେ ଜଣେ ଲବ୍ଧ ପ୍ରତିଷ୍ଠିତ ଜ୍ୟୋତିର୍ବିଦ୍ । ବିଶାଖପାଟଣାରେ ଅବସ୍ଥାନ କରୁଥିବା ସମୟରେ ଆନ୍ଧ୍ରର ଜ୍ୟୋତିଷୀମାନେ ଜଟିଳ ଜ୍ୟୋତିଷ ଗଣନାମାନ ତାଙ୍କଠାରୁ କରାଇ ନେଉଥିଲେ । ସେ ଅଞ୍ଚଳର ପାଞ୍ଜିକାରମାନେ ତାଙ୍କ ନିର୍ଦ୍ଦେଶକ୍ରମେ ପାଞ୍ଜି ଗଣନା କରୁଥିଲେ । ତାଙ୍କ ଦ୍ୱାରା ରଚିତ ଜ୍ୟୋତିଷ ଶାସ୍ତ୍ରର ଅନେକ ଶ୍ଳୋକ ତାଙ୍କ ମୁହେଁ ମୁହେଁ ଥିଲା । ନିମ୍ନରେ ତା'ର ଅବିକଳ ନକଲ ଦିଆଗଲା ।

ନବଗ୍ରହ ସଂଗ୍ରହ ସ୍ତବ

"ନମଃ ସୂର୍ଯ୍ୟାୟ ମୂର୍ଦ୍ଧାୟ ନମଃ ଶୀତକରାୟତେ ।
ମଙ୍ଗଳାୟ ନମସ୍ତୁଭ୍ୟଂ ବୁଧାୟ ତେ ନମୋ ନମଃ ।
ଧୀଷଣାୟ ନମସ୍ତୁଭ୍ୟଂ ଶୁକ୍ରାୟ କବୟେ ନମଃ ।
ନମୋଽର୍କଜାୟ ମନ୍ଦାୟ ନମୋ ରାହୁଗ୍ରହାୟତେ ।
ନମୋଽସ୍ତୁ କେତବେ ତୁଭ୍ୟମିତି ସଗ୍ରହସ୍ତବଃ ।
ଦୈନଂଦିନଂ ପଠେଦ୍ୟସ୍ତୁ ଗ୍ରହପ୍ରୀତିକରୋ ଭବେତ୍ ।
ଇତି ଶ୍ରୀ ବିକ୍ରମଦେବ ବିରଚିତୋ ନବଗ୍ରହସଂଗ୍ରହସ୍ତବଃ ସମାପ୍ତଃ ।"

ସେହିପରି--

ଗ୍ରହଧ୍ୟାନ ଶ୍ଳୋକାଃ

ଧ୍ୟାୟାମି ଭାସ୍କରଂ ସୂରଂ ଗ୍ରହନାଥଦିବାକରମ୍ ।
ଭାନୁଂ ବହ୍ନୀ ତନୁଂ ସୂର୍ଯ୍ୟଂ ତପନଂ ପଦ୍ମିନୀବରମ୍ । ୧ ।

ଆତ୍ରେୟଂ ଗୋଦ୍ୱିଜଂ ଚନ୍ଦ୍ରଂ କ୍ଷୀରାମ୍ଭୋନିଧିସମ୍ଭବମ୍ ।
ଓଷଧୀଶଂ ନିଶାନାଥଂ ଧ୍ୟାୟାମି ରୋହିଣୀଧବମ୍ । ୨ ।

Digitized by PPRACHIN, SOA

ଧ୍ୟାୟାମି ମଙ୍ଗଳଂ ଗ୍ରହଂ ରକ୍ତବର୍ଣ୍ଣଂ ଚତୁର୍ଭୁଜମ୍ ।
ଶୂଳାଦ୍ୟାୟୁଧ ସଂଯୁକ୍ତଂ ଭାରଦ୍ୱାଜଂ ଧରାସୁତମ୍ । ୩ ।
ଧ୍ୟାୟାମି ମାନସେନାହଂ ସ୍ୱର୍ଣ୍ଣବର୍ଣ୍ଣାଙ୍ଗକଂ ବୁଧମ୍ ।
ଆତ୍ରେୟଗୋତ୍ର ସଞ୍ଜାତଂ ପଣ୍ଡିତଂ ଚନ୍ଦ୍ରନନ୍ଦନମ୍ । ୪ ।

ଧ୍ୟାୟାମି ମନସା ଜୀବ ବାଚସ୍ପତିଂ ବୃହସ୍ପତିମ୍ ।
ଅଙ୍ଗୀରସ ସୁରଶ୍ରେଷ୍ଠଂ ଧୀଷଣଂ ଗୀଷ୍ପତିଂ ଗୁରୁମ୍ । ୫ ।

ମୁନୀନାଂ ପ୍ରବରଂ ଶୁକ୍ରଂ ରକ୍ଷସାଣାଂ ପୁରୋହିତଂ ।
ଶୁକ୍ଳବର୍ଣ୍ଣଂ ମହାତ୍ମାନଂ ଧ୍ୟାୟାମି ଭାର୍ଗବଂ କବମ୍ । ୬ ।

ଛାୟାପୁତ୍ରଂ ଶନିଂ ସୌରିଂ କୃଷ୍ଣାଙ୍ଗଂ ଗୃଧ୍ରବାହନଂ ।
ନୀଳାମ୍ବରଧରଂ ମନ୍ଦଂ ଧ୍ୟାୟାମି କାଶ୍ୟପାନ୍ୱୟମ୍ । ୭ ।

ଧ୍ୟାୟାମି ତମସ ରାହୁଂ ସୂର୍ଯ୍ୟଚନ୍ଦ୍ରଭୟଙ୍କରମ୍ ।
ଧୂମ୍ର ବର୍ଣ୍ଣଂ କଣାଳାକ୍ଷଂ ସିଂହିକାପ୍ରିୟନନ୍ଦନମ୍ । ୮ ।

ଧ୍ୟାୟାମି ତମସ କେତୁଂ ସୂର୍ଯ୍ୟଚନ୍ଦ୍ର ଭୟପ୍ରଦମ୍ ।
ସିଂହିକାନନ୍ଦନଂ ଛାୟାରୂପଂ କାକୋଦରକୁତମ୍ । ୯ ।

ଜ୍ୟୋତିର୍ବିଦ୍ ଚନ୍ଦମଦେବ ବର୍ମା ସତାଇଶି ଗୋଟି ନକ୍ଷତ୍ରର ବର୍ଣ୍ଣନା କରିଛନ୍ତି—

"ରେବତୀ ଶ୍ରବଣା ମୂଳା ରୋହିଣୀ ଚ୍ଚନୁରାଧିକା
ଅଶ୍ୱିନୀ ମୃଗଶୀର୍ଷାଚ ଧନିଷ୍ଠାରେଶ୍ୱରତ୍ରୟଂ ॥
ହସ୍ତା ଚସା ମଘା ସ୍ୱାତୀ ବିଶାଖେଶସ୍ତୁତାରକାଃ ॥"

ଚନ୍ଦମଦେବ ଅଭୀଷ୍ଟ ଦିନର ନକ୍ଷତ୍ର କିପରି ଜାଣିହେବ ତା'ର ଏକ ସରଳ ନମୁନା ବା ଗାଣିତିକ ସୂତ୍ର ବତାଇ ଅଛନ୍ତି—

'ଶୁକ୍ଳେ ଚୈତ୍ରକୁ ଆଦି କରି ଗଣି
ଗତମାସ ସଂଖ୍ୟା ଦୁଇରେ ଗୁଣି
ତହିଁ ଗତଦିନ ସଂଖ୍ୟା ମିଶାଇ
ଚନ୍ଦାକୁ ପ୍ରାରମ୍ଭି ଗଣନ୍ତେ ଯାଇ ।
ଅଭୀଷ୍ଟ ଦିନର
ନକ୍ଷତ୍ର ପ୍ରାୟଶ ହୁଏ ଗୋଚର । ୦ ।'

ଚନ୍ଦମଦେବ ବର୍ମା ଯେ କେବଳ ଜ୍ୟୋତିର୍ବିଦ୍ ଥିଲେ ତାହା ନୁହେଁ । ସେ ଗଣିତଜ୍ଞ ମଧ୍ୟ ଥିଲେ—ଅଙ୍କରେ ପାଞ୍ଚର କ୍ଷୁଦ୍ରକ ବିଷୟରେ ସେ କହିଛନ୍ତି—

Digitized by PPRACHIN, SOA

"କୌଣସି ଅଙ୍କକୁ ଦ୍ୱିଗୁଣ କର
ଦଶକୁ ମିଶାଇ ଦୁଇରେ ହର
ଲବ୍ଧରୁ ପୂରକ ଅଙ୍କ ଫେଡ଼ିଲେ
ଶେଷ ପାଞ୍ଚମାତ୍ର ହୁଏ ଦେଖିଲେ । ୦ ।"

ଗଣିତଜ୍ଞ ବନ୍ଦମଦେବ ବର୍ମା ସୁନା ଓ ରୂପାକୁ ଦୁଇ ହାତରେ ଧରି ଲୁଚାଇଲେ ମଧ୍ୟ ତାହା ଜାଣି ପାରିବାର ଉପାୟ ଗାଣିତିକ ସୂତ୍ରରେ ବର୍ଣ୍ଣନା କରିଛନ୍ତି ।

ସୁନାରୂପା ବେନି କରପୁଟେ ଘେନି ଥିବା ଜନକୁ କହନ୍ତ ।
କନକ କୁସୁମ ରୂପାକୁ ବିଷମ ସଂଖ୍ୟାରେ କର ଚିହ୍ନିତ । ୧ ।

ଦକ୍ଷିଣ କରସ୍ଥ ପଦାର୍ଥ ଚିହ୍ନିତ ଅଙ୍କକୁ ସମ ସଂଖ୍ୟାରେ ।
ବାମକରଗତ ପଦାର୍ଥ ଚିହ୍ନିତ ଅଙ୍କ ବିଷମ ସଂଖ୍ୟାରେ । ୨ ।

ଗୁଣି ଲବ୍ଧ ଦୁଇ ଯତନେ ମିଶାଇ ହିସାବକୁ ପୁଚ୍ଛ ଜନା ।
ସେ କହିବା ଅଙ୍କ ଯେବେ ବିଷମାଙ୍କ ଦକ୍ଷିଣ ପାଣିରେ ସୁନା । ୩ ।

ଯେବେ ସେ ସମାନ ସଂଖ୍ୟା ସୁଦକ୍ଷିଣ ହସ୍ତରେ ଥାଏ ରଜତ ।
ଦକ୍ଷିଣ କରସ୍ଥ ଦ୍ରବ୍ୟ ବ୍ୟତିରିକ୍ତ ଦ୍ରବ୍ୟ ବାମେ ଥାଏ ସତ । ୪ ।

ଗାଣିତିକ ସୂତ୍ରରେ ନର ନାରୀ ଉତ୍ପତ୍ତିର ସୂତ୍ର ବତାଇଛନ୍ତି—

ପତ୍ରେପଦଷ୍ଟ ଜନନ କାଳ ଦଣ୍ଡ ଲିତା ।
ସପ୍ତାଧିକମରେ ସେହୁ ସବୁ କରି ଲିତା ॥

ସେ ସଂଖ୍ୟାକୁ ଦୁଇଶତ ପଚଶରେ ହରି ।
ଶେଷକୁ ଗ୍ରହଣ କର ଲବ୍ଧ ପରିହରି ॥

ତାହା ପନ୍ଦରରୁ ଊଣା ହେଲେ ସ୍ତ୍ରୀ ନିଦାନ ।
ତିରିଶିରୁ ଊଣା ହେଲେ ନର ବୋଲି ଜାଣ ॥

ପଞ୍ଚାଳିଶୁଁ ଊଣା ହେଲେ ନାରୀର ଉତ୍ପତ୍ତି ।
ଷାଠିଏରୁ ଊଣା ହେଲେ ପୁରୁଷ ସନ୍ତତି ॥

ପଞ୍ଚୋତ୍ତରରୁ ନଉନ ହୋଇଲେ ରମଣୀ ।
ବୋଲି ନିଃସନ୍ଦେହେ କହ ଅହେ ଧୀରମଣି ॥

Digitized by PPRACHIN, SOA

ଅଙ୍କର ଗୋଲକ ଧନ୍ଧା—

ଯେଉଁପଟରୁ ମିଶାଇଲେ ଉତ୍ତର ସମାନ ସଂଖ୍ୟା ହେବ (ବା ୩୪ ହେବ) ଦର୍ଶାଇଛନ୍ତି—

୭	୯	୪	୧୪
୨	୧୬	୫	୧୧
୧୩	୩	୧୦	୮
୧୨	୬	୧୫	୧

"ଗିରବ୍ର୍ହ୍ମାମ୍ବୁଧିର୍ଲୋକଃ
ନେତ୍ରଂ ଭୂପଃ ଶରଃ ଶିବଃ ।
ତ୍ରୟୋଦଶସ୍ତ୍ରୀଦଙ୍ନାଗଃ
ସୂର୍ଯ୍ୟୋଋତୁର୍ତିଥିଃ ଶଶୀ ॥"

(ଅର୍ଥାତ୍ ଗିର-୭ ବ୍ରହ୍ମା-୯ ଅମ୍ବୁଧି-୪ ଲୋକ ବା ୧୪ ଭୁବନ, ନେତ୍ର-୨, ଭୂପ-୧୬, ଶର-୫, ଶିବ-୧୧, ତ୍ରୟୋଦଶ-୧୩, ତ୍ରି-୩, ଦଶ-୧୦, ନାଗ-୮, ସୂର୍ଯ୍ୟ-୧୨, ଋତୁ-୬, ତିଥି-୧୫, ଶଶୀ-୧)

ଜ୍ୟୋତିଷ କବିତା—

"ଅର୍କ ଦଣ୍ଡ ଆନ୍ତର୍ଦ୍ଦଶା ଦିବସର ତିନଦିନ ବସ୍ତ୍ରରେ ।
ଧ୍ରୁବ ତାକୁ ଇଷ୍ଟ ଦଶାଦେ ଗୁଣିଲେ ଲବ୍ଧି ହୁଏ ପ୍ରତ୍ୟନ୍ତର ॥"

* * *

ତାର୍‌ନାଥ ଜଳ ଭାସ୍କର ଅନଳ
ଭୂମୃତ୍ତିକା ଗ୍ରସ୍ତାତମ ।
ଯୋଡ଼ାନ୍ତ ରବିକ ତାରେଶ ଶଶିକ
ଭୂକ୍ଷଗ୍ରହଣେ ନସ୍ତମ ॥
ଉପଞ୍ଚର ସ୍ଥିର ଭୂପ୍ରଷ୍ଠ ବାସର
ରବର ପ୍ରଦକ୍ଷିଣରେ ।
କରଇ ଗ୍ରହଙ୍କ ନକ୍ଷତ୍ର ମାନଙ୍କ
ଉଦୟାସ୍ତ ସନ୍ତମରେ ॥

* * *

ଆର୍ଯ୍ୟଭଟ୍ଟ—

ଶ୍ଳୋ-୧—"ଭପଞ୍ଜରଃ ସ୍ଥିରଃ ଭୂରେ ବାବୃତ୍ୟାବୃତ୍ୟା ପ୍ରାପ୍ତ ଦୈବସିକୌ ।
ଉଦୟାସ୍ତମୟୌ ସମ୍ପାଦୟତି ନକ୍ଷତ୍ରଗ୍ରହାଣାଂ । ୦ ।"

Digitized by PPRACHIN, SOA

ଶ୍ଳୋକ— "ଚନ୍ଦ୍ରୋଜଳ ମର୍କୋଗ୍ନି ମୁଞ୍ଚୁଛାୟାତମସ୍ତକି ।
ଗ୍ରହସ୍ୟତ୍ର ଶଶିସୂର୍ଯ୍ୟଂ ଶଶିନଂ ମହତ୍ତୀଚଭୂଚ୍ଛାୟା । ୦ ।

ଜ୍ୟୋତିର୍ବିଦ୍ ବ୍ରହ୍ମଦେବ ବର୍ମା ସିଦ୍ଧାନ୍ତମାନଙ୍କ ମତ ଉଦ୍ଧାର କରି କହିଛନ୍ତି ଯେ ଗ୍ରହଣଚେୟ୍ୟ ୧୮ ବର୍ଷ ୧୧ ଦିନ ପରେ ପୂର୍ବ ସ୍ଥିତରେ ଦୃଶ୍ୟ ହୁଏ । ଏହି ବିଷୟ୍ରେ ସେ ଏକ ପ୍ରବନ୍ଧ 'ଗ୍ରହଣ' ରଚନା କରିଛନ୍ତି—ତାହା ନିମ୍ନରେ ଅବିକଳ ଉଦ୍ଧୃତ ହେଲା :—

ଗ୍ରହଣ

"ଚନ୍ଦ୍ରର ଏବଂ ସୂର୍ଯ୍ୟର ଗ୍ରହଣ ହେଉଥିବା କଥା ସମସ୍ତେ ଜାଣନ୍ତି । ମାତ୍ର ତାହାର କାରଣ ସମ୍ବନ୍ଧରେ ମତଭେଦ ଅଛି । କେହିମାନଙ୍କ ମତରେ ରାହୁ କମ୍ବା କେତୁଗ୍ରହ ଚନ୍ଦ୍ରଙ୍କୁ କମ୍ବା ସୂର୍ଯ୍ୟଙ୍କୁ ଗ୍ରାସିବା ସମୟ ଗ୍ରହଣ ଅଟେ । ଆଉ କେତେ ଜଣଙ୍କ ମତରେ ଚନ୍ଦ୍ର ପତ୍ନୀ ଏବଂ ସୂର୍ଯ୍ୟ ପତି । ସେ ଦୁହିଁଙ୍କ କଳହ କାଳ ଗ୍ରହଣ ଅଟେ । ଏପରି ମତଭେଦ ବହୁବିଧ ହୋଇଅଛି; ସେସବୁ ଏଠାରେ ଲେଖିବା ଅନାବଶ୍ୟକ । କିନ୍ତୁ ଗ୍ରହଣ ତତ୍ତ୍ୱ ଏହି ଯେ, ଚନ୍ଦ୍ର ସୂର୍ଯ୍ୟଙ୍କ କକ୍ଷାଦ୍ୱୟ ଏକକୁ ଆରେକ ଦୁଇ ସ୍ଥାନରେ ଅତିକ୍ରମ କରେ । ସେ ସ୍ଥାନ ଦ୍ୱୟକୁ ପାତ କହନ୍ତି । ଚନ୍ଦ୍ର କକ୍ଷା ସୂର୍ଯ୍ୟ କକ୍ଷା କିବା କ୍ରାନ୍ତି ମଣ୍ଡଳର ଦକ୍ଷିଣରୁ ଉତ୍ତରକୁ ଯିବାବେଳେ ଘଟିବା ସନ୍ଧି ସ୍ଥାନକୁ ପ୍ରଥମ ପାତ (ରାହୁ) ଏବଂ ଉତ୍ତରରୁ ଦକ୍ଷିଣକୁ ଯିବାବେଳେ ଘଟିବା ସନ୍ଧି ସ୍ଥାନକୁ ଦ୍ୱିତୀୟ ପାତ (କେତୁ) କହନ୍ତି ।

ଚନ୍ଦ୍ର ଏବଂ ସୂର୍ଯ୍ୟ ଏକ ପାତ ସମୀପସ୍ଥ ହୋଇଥିବା ସମୟରେ ଭୂଚନ୍ଦ୍ର ସୂର୍ଯ୍ୟଙ୍କ କେନ୍ଦ୍ର ସ୍ଥିତମ୍ଭ ପ୍ରାୟ ଏକତ୍ରିତ ହୁଏ । ତେବେ ପୂର୍ଣ୍ଣିମା ହେଲେ ଚନ୍ଦ୍ର ଭୂଚ୍ଛାୟାଚ୍ଛାଦିତ ହୋଇ ସୂର୍ଯ୍ୟ ରଶ୍ମିରୁ ବଞ୍ଚିତ ହେବା ଦ୍ୱାରା ଚନ୍ଦ୍ରଗ୍ରହଣ ଘଟେ । ଆଉ ଅମାବାସ୍ୟା ହେଲେ ଭୂମି ଚନ୍ଦ୍ରଚ୍ଛାୟାଚ୍ଛାଦିତା ହୋଇ ସୂର୍ଯ୍ୟରଶ୍ମିରୁ ବଞ୍ଚିତ ହେବା ଦ୍ୱାରା ସୂର୍ଯ୍ୟ ଗ୍ରହଣ ଘଟେ ।

ଚନ୍ଦ୍ର ସୂର୍ଯ୍ୟ କକ୍ଷାଦ୍ୱୟ ଏକତ୍ର ଥିଲେ ପ୍ରତ୍ୟେକ ପୂର୍ଣ୍ଣିମାରେ ଚନ୍ଦ୍ର ଗ୍ରହଣ ହୋଇପାରେ । କିନ୍ତୁ ଚନ୍ଦ୍ର କକ୍ଷା କ୍ରାନ୍ତି ମଣ୍ଡଳରୁ ୫ ଅଂଶ ଓହ୍ଲାଇଥିବାରୁ ସବୁ ପୂର୍ଣ୍ଣିମାରେ ଚନ୍ଦ୍ର ଭୂଚ୍ଛାୟାଗ୍ରସ୍ତ ନୋହି ଅଳ୍ପ ଦୂରରେ କ୍ରାନ୍ତିମଣ୍ଡଳର ଊର୍ଦ୍ଧ୍ୱସ୍ଥିତ କମ୍ବା ଅଧଃସ୍ଥିତ ହେଉଥାଏ । ଅତଏବ ପ୍ରତ୍ୟେକ ପୂର୍ଣ୍ଣିମାରେ ଚନ୍ଦ୍ର ଗ୍ରହଣ ହୁଏ ନାହିଁ । ଜାଣିବା ଉଚିତ ଯେ, ଚନ୍ଦ୍ରପାତ ନିକଟସ୍ଥ ହେବା ସମୟରେ ପୂର୍ଣ୍ଣିମା କମ୍ବା ଅମାବାସ୍ୟା ହେଲେ ମାତ୍ର ଗ୍ରହଣ ସମ୍ଭବେ ।

ପାତଦ୍ୱୟ କ୍ରାନ୍ତିମଣ୍ଡଳର ଏବଂ ଚନ୍ଦ୍ର କକ୍ଷାର ସାମାନ୍ୟ ସ୍ଥାନ ହୋଇଥିବାରୁ ସୂର୍ଯ୍ୟ ଏକ ବର୍ଷରେ ଥରେ ଦୁଇ ପାଖ ଦେଇ ଗମନ କରେ । ସୂର୍ଯ୍ୟ ପ୍ରତ୍ୟେକ ପାତର

Digitized by PPRACHIN, SOA

ନିକଟସ୍ଥ ହେଉଥିବା କାଳରେ ଚନ୍ଦ୍ର ମଧ୍ୟ ପାତ ସମୀପବର୍ତ୍ତୀ ହେଉଥାଏ । ଗଣିତଜ୍ଞ-ମାନେ କହନ୍ତି ଯେ, ୩୭ ଅଂଶ ଭିତରେ ପାତର ଦୁଇପାର୍ଶ୍ୱର କେଉଁ ପାର୍ଶ୍ୱରେ ହେଉ ସୂର୍ଯ୍ୟ ଗ୍ରହଣ ଏବଂ ପାତର ୧୪ ଅଂଶ ଭିତରେ ଚନ୍ଦ୍ର ଗ୍ରହଣ ହୋଇପାରେ । ସୂର୍ଯ୍ୟ ଏକ ଦିନରେ ଏକ ଅଂଶ ପୂର୍ବ ଦିଗକୁ ଗମନ କରୁ ଥିବାରୁ ୩୭ ଅଂଶ ଗମିବାକୁ ୩୭ ଦିନ ଲାଗେ । ଏହି ଛତିଶ ଦିନରେ ଗୋଟିଏ ଅମାବାସ୍ୟା ଥିବା ନିଶ୍ଚୟ । ଦୁଇଟି ଅମାବାସ୍ୟା ସୁଦ୍ଧା ଥାଇପାରେ । ଦୁଇ ଅମାବାସ୍ୟା ମଧ୍ୟରେ ଗୋଟିଏ ପୂର୍ଣ୍ଣିମା ଥିବା ସହଜ । ଅତଏବ ଏକପାତ ନିକଟରେ ତିନୋଟି ଗ୍ରହଣ ହେବା ସମ୍ଭବପର ।

ଚନ୍ଦ୍ରସୂର୍ଯ୍ୟଙ୍କ ଲମ୍ବନ ଏବଂ ବିମ୍ବସ୍ପଷ୍ଟ ବ୍ୟାସ ଦୂରତ୍ୱାନୁସାରେ ପରିବର୍ତ୍ତିତ ହେଉଥିବାରୁ ଉପରେ କଥିତ ନିୟମରେ ପରିବର୍ତ୍ତନ ଘଟେ । ପାତର ଉଭୟ ପାର୍ଶ୍ୱର ପରମାବଧି ୩୭ ଅଂଶରେ ଏବଂ ଅପରାବଧି ୩୧ ଅଂଶରେ ସୂର୍ଯ୍ୟ ଗ୍ରହଣ ଓ ପରମାବଧି ୧୪ ଅଂଶରେ ଏବଂ ଅପରାବଧି ୧୧ ଅଂଶରେ ଚନ୍ଦ୍ରଗ୍ରହଣ ହେଉଥାଏ ।

ପ୍ରତ୍ୟେକ ବର୍ଷରେ ଦୁଇଟି ସୂର୍ଯ୍ୟ ଗ୍ରହଣ ହୋଇ ଭୂଗୋଳର କୌଣସି ଏକ ସ୍ଥଳରେ ଦୃଶ୍ୟ ହୁଏ । କିନ୍ତୁ ଚନ୍ଦ୍ର ଗ୍ରହଣ ବିରଳ ଅଟେ । ଭୂଚ୍ଛାୟାର କେନ୍ଦ୍ର ସୂର୍ଯ୍ୟ କେନ୍ଦ୍ର ପରି ସଦା କ୍ରାନ୍ତିମଣ୍ଡଳରେ ଥାଏ । ସୂର୍ଯ୍ୟଗୋଳ ଭୂଗୋଳଠାରୁ ଅତି ବୃହତ୍ ହୋଇଥିବାରୁ ଭୂଚ୍ଛାୟା ପ୍ରଥମରେ ବିଶାଳ ହୋଇଥିଲେ ହେଁ କ୍ରମରେ ସରୁ ହୋଇ କୋଣାକାରକୁ ଧାରଣ କରେ । ସେ ଛାୟାର ବ୍ୟାସ ଚନ୍ଦ୍ରସ୍ଥିତ ଦୂରବର୍ତ୍ତୀ ଭୂବ୍ୟାସ ଠାରୁ ଅତି କ୍ଷୁଦ୍ର ହୋଇଥାଏ । ସେ ହେତୁରୁ ପୂର୍ଣ୍ଣିମାରେ ଚନ୍ଦ୍ର ପାତର ଅତି ନିକଟସ୍ଥ ନୋହିଲେ ଚନ୍ଦ୍ର ଗ୍ରହଣ ହୁଏ ନାହିଁ । ଅତଏବ ଚନ୍ଦ୍ରଗ୍ରହଣ ସୂର୍ଯ୍ୟ ଗ୍ରହଣଠାରୁ ବିରଳ ଅଟେ । କେଉଁ କେଉଁ ବର୍ଷରେ ଚନ୍ଦ୍ରଗ୍ରହଣ ଆଦୌ ହୁଏ ନାହିଁ ।

ପୂର୍ଣ୍ଣଗ୍ରହଣ, କଙ୍କଣ ଗ୍ରହଣ ଏବଂ ଅଳ୍ପ ଗ୍ରହଣ ବୋଲି ଗ୍ରହଣ ତ୍ରିବିଧ । ଚନ୍ଦ୍ର ସୂର୍ଯ୍ୟଙ୍କ ସ୍ଥାନ ଦ୍ୱୟକୁ ଏବଂ ବିମ୍ବ ବ୍ୟାସର ସ୍ଫୁଟ ପରିମାଣ ଦ୍ୱୟକୁ ଅନୁସରି ଗ୍ରହଣ ସ୍ୱରୂପରେ ଉକ୍ତ ପ୍ରଭେଦ ଘଟେ । ସୂର୍ଯ୍ୟଗ୍ରହଣ ସମୟରେ ଚନ୍ଦ୍ରକେନ୍ଦ୍ର ସୂର୍ଯ୍ୟ କେନ୍ଦ୍ର ସହିତ ଏକତ୍ରିତ ହୋଇ ଚନ୍ଦ୍ରସ୍ପଷ୍ଟ ବ୍ୟାସ ସୂର୍ଯ୍ୟସ୍ପଷ୍ଟ ବ୍ୟାସଠାରୁ ବଡ଼ ହୋଇଥିଲେ ସୂର୍ଯ୍ୟ ସମ୍ପୂର୍ଣ୍ଣରେ ଚନ୍ଦ୍ର ବିମ୍ବାଚ୍ଛାଦିତ ହୁଏ । ତାକୁ ପୂର୍ଣ୍ଣଗ୍ରହଣ କହନ୍ତି । ଚନ୍ଦ୍ର ସୂର୍ଯ୍ୟ କେନ୍ଦ୍ରସ୍ଥ ସରଳରେଖା ନିକଟସ୍ଥିତ ଦର୍ଶକେ ମାତ୍ର ପୂର୍ଣ୍ଣ ଗ୍ରହଣ ଦେଖି ପାରନ୍ତି । ସୂର୍ଯ୍ୟ ଗ୍ରହଣ ସମୟରେ ଚନ୍ଦ୍ର ଭୂମିକୁ ଅତି ଦୂରରେ ଥିଲେ ଚନ୍ଦ୍ର ବିମ୍ବସ୍ପଷ୍ଟ ବ୍ୟାସ ସୂର୍ଯ୍ୟ ସ୍ପଷ୍ଟ ବ୍ୟାସଠାରୁ କ୍ଷୁଦ୍ର ହୋଇଥାଏ । ସେ ହେତୁରୁ ଚନ୍ଦ୍ର ବିମ୍ବ ସୂର୍ଯ୍ୟ ବିମ୍ବକୁ ସମ୍ପୂର୍ଣ୍ଣ ରୂପେ ଆଚ୍ଛାଦି ନ ପାରି ମଧ୍ୟଭାଗକୁ ମାତ୍ର ଆଚ୍ଛାଦୁ ଥିବାରୁ ସୂର୍ଯ୍ୟ ବିମ୍ବ ବର୍ତ୍ତୁଳାକାରରେ ବିରାଜି ଥାଏ । ତାକୁ କଙ୍କଣ ଗ୍ରହଣ କହନ୍ତି । ସୂର୍ଯ୍ୟ ଗ୍ରହଣ

Digitized by PPRACHIN, SOA

ସମୟରେ ଚନ୍ଦ୍ର ଭୂସୂର୍ଯ୍ୟଙ୍କ ସମସ୍ଥିତ ନୋହିଲେ ଚନ୍ଦ୍ର ବିମ୍ବ ସୂର୍ଯ୍ୟ ବିମ୍ବରୁ କେତେକ ଭାଗମାତ୍ର ଆଚ୍ଛାଦନ କରେ । ତାକୁ ଅଳ୍ପ ଗ୍ରହଣ କହନ୍ତି । ଚନ୍ଦ୍ର ଗ୍ରହଣ ସମୟରେ ଭୂଛାୟା ଚନ୍ଦ୍ର ବିମ୍ବକୁ ସମ୍ପୂର୍ଣ୍ଣରୂପେ ଆଚ୍ଛାଦିଲେ ପୂର୍ଣ୍ଣ ଗ୍ରହଣ ଏବଂ ଅଳ୍ପ ପରିମାଣରେ ଆଚ୍ଛାଦିଲେ ଅଳ୍ପ ଗ୍ରହଣ ହୁଏ । ଭୂଛାୟାର ବ୍ୟାସ ଚନ୍ଦ୍ର ବିମ୍ବ ବ୍ୟାସଠାରୁ ସର୍ବଦା ବଡ଼ ହୋଇଥିବାରୁ ଚନ୍ଦ୍ରର କଙ୍କଣ ଗ୍ରହଣ ଅସମ୍ଭବ ।

ଭୂକକ୍ଷା ପରି ଚନ୍ଦ୍ର କକ୍ଷାରେ ମଧ୍ୟ ଅଣ୍ଡାକୃତ ବୃତ୍ତ ହୋଇଥିବାରୁ ଚନ୍ଦ୍ର ଏକ ସମୟରେ ଭୂମିର ନିକଟସ୍ଥ ଏବଂ ଅନ୍ୟ ସମୟରେ ଭୂମିର ଦୂରସ୍ଥ ହେଉଥାଏ । ଗ୍ରହଣ ସମୟରେ ଚନ୍ଦ୍ର ଭୂମିର ନିକଟ ହୋଇଥିଲେ ଗ୍ରହଣ ବେଶିକାଳ ରହେ, ଦୂରସ୍ଥ ହୋଇଥିଲେ ଶୀଘ୍ର ମୋକ୍ଷକୁ ପାଏ ।

ସୂର୍ଯ୍ୟ କିରଣଗଣ ଭୂମ୍ୟାବୃତ୍ତ ବାୟୁ ମଣ୍ଡଳରେ ପ୍ରସରିବା ବେଳେ ଋଜୁ ମାର୍ଗକୁ ଛାଡ଼ି ଭୂଛାୟାରେ ବକ୍ର ଭାବରେ ପ୍ରବିଷ୍ଟ ହେଉଥିବାରୁ ଏବଂ ସେ ତେଜ କେତେକ ପରିମାଣରେ ଚନ୍ଦ୍ର ବିମ୍ବ ଉପରେ ପଡ଼ୁଥିବାରୁ ପୂର୍ଣ୍ଣ ଚନ୍ଦ୍ର ଗ୍ରହଣ ସମୟରେ ମଧ୍ୟ ଭୂଛାୟାଚ୍ଛାଦିତ ଚନ୍ଦ୍ର ବିମ୍ବ କେବଳ ଅଦୃଶ୍ୟ ନ ହୋଇ ଧୂମ୍ରାକାରକୁ ଧାରଣ କରି ଅଦୃଶ୍ୟ ହେଉଥାଏ ।

ସିଦ୍ଧାନ୍ତୀମାନେ କହନ୍ତି ଯେ, "ଗ୍ରହଣଚକ୍ର ୧୮ ବର୍ଷ ୧୧ ଦିନ ପରେ ପୂର୍ବ କ୍ରମରେ ଦୃଶ୍ୟ ହୁଏ ।

Digitized by PPRACHIN, SOA

ନବମ ପରିଚ୍ଛେଦ

ଚିକିତ୍ସା ବିଶାରଦ ବିକ୍ରମଦେବ ବର୍ମା

"ଶରୀରମାଦ୍ୟଂ ଖଲୁ ଧର୍ମ ସାଧନଂ"—ଏହି ନୀତିବାକ୍ୟର ମର୍ଯ୍ୟାଦା ବିକ୍ରମଦେବ ବର୍ମା, ତାଙ୍କର ନିଜ ଜୀବନରେ ଅକ୍ଷରେ ଅକ୍ଷରେ ପାଳନ କରିଥିଲେ । ଶରୀର ସଙ୍ଗେ ମନର ନିବିଡ଼ ସମ୍ପର୍କ । ଶରୀର ଅସୁସ୍ଥ ହେବା ସଙ୍ଗେ ସଙ୍ଗେ ମନ ମଧ୍ୟ ଅସୁସ୍ଥ ହୋଇପଡ଼େ । ମନ ଅସୁସ୍ଥ ହେଲେ କୌଣସି କାର୍ଯ୍ୟରେ ମନ ଲାଗେ ନାହିଁ, ତେଣୁ ପ୍ରତ୍ୟେକ କାର୍ଯ୍ୟରେ ବ୍ୟାଘାତ ଘଟେ । ତେଣୁ ସ୍ୱାସ୍ଥ୍ୟରକ୍ଷାହିଁ ସର୍ବାଦୌ କର୍ତ୍ତବ୍ୟ । ସେ ପଚାଶତ ବୟସରେ ମଧ୍ୟ ପ୍ରତ୍ୟହ ବଡ଼ିଭୋରୁ ଉଠି ବ୍ୟାୟାମ, କସରତ, ପ୍ରାତଃ ସ୍ନାନ, ଜପ ଓ ପୂଜା ପ୍ରଭୃତି କରୁଥିଲେ । ଜନ୍ମର ୨୬ ବା ୩୬ ବର୍ଷରେ ବାମ ଜଙ୍ଘରେ ଗୋଟିଏ ଦୁଷ୍ଟ ବ୍ରଣ ବାହାରି ଗୁରୁତର ପୀଡ଼ା ହୋଇଥିଲା, ତାହା ଛଡ଼ା ତାଙ୍କର ଜୀବଦ୍ଦଶାରେ ସେ ଆଉ କୌଣସି ଗୁରୁତର ରୋଗରେ ପୀଡ଼ିତ ହୋଇ ନାହାନ୍ତି । କଠୋର ସାଧନା ଓ ନିୟମାନୁବର୍ତ୍ତିତା ହିଁ ତାଙ୍କ ଦୀର୍ଘ ଜୀବନ ଲାଭର ମାପକାଠି ।

'ବୈଦ୍ୟନାରାୟଣ ହରିଃ' ଶ୍ଳୋକର ଅର୍ଥ ବହୁତ ଲୋକ ଜାଣି ନାହାନ୍ତି । ଅନେକ ଜାଣିଥିଲେ ମଧ୍ୟ ତା'ର ପ୍ରକୃତ ଅର୍ଥ ଜାଣିନାହାନ୍ତି । କେତେକ ଏହି ଶ୍ଳୋକକୁ ପାଠକରି ବୈଦ୍ୟ ସ୍ୱୟଂ ନାରାୟଣ ବୋଲି କହନ୍ତି । ଆଉ କେତେକ ତା'ର ଅର୍ଥ ନ ଜାଣି ଔଷଧ ସେବନ ସମୟରେ ପଢ଼ନ୍ତି ।

"ଶରୀରେ ଜର୍ଜରୀଭୂତେ ବ୍ୟାଧିଗ୍ରସ୍ତେ କଳେବରେ ।
ଔଷଧଂ ଜାହ୍ନବୀତୋୟଂ ବୈଦ୍ୟୋନାରାୟଣୋ ହରିଃ ॥"

ଚିକିତ୍ସା ଶାସ୍ତ୍ର ବିଶାରଦ ବିକ୍ରମଦେବ ବର୍ମା ତା' ଅର୍ଥର ତାତ୍ପର୍ଯ୍ୟ ବୁଝାଇ କହିଛନ୍ତି ଯେ,—"ଯାହାର ଶରୀର ଜୀର୍ଣ୍ଣଶୀର୍ଣ୍ଣ ହେବା ପରେ ବ୍ୟାଧିଗ୍ରସ୍ତ ହୁଏ, ସେ ଆଉ ଆରୋଗ୍ୟକୁ ଲଭି ପାରେ ନାହିଁ । ତାହାର କର୍ତ୍ତବ୍ୟ କାର୍ଯ୍ୟ ଗଙ୍ଗୋଦକ ପାନ ଏବଂ ନାରାୟଣ ସ୍ମରଣ ମାତ୍ର ।"

ସେହିପରି ତାଙ୍କର ଏକ ଶ୍ଳୋକ

"କୁଷ୍ମାଣ୍ଡଂ ବୃହତୀଂ ପଟୋଳମଥମୂଳଂ ଶ୍ରୀଫଳଂ ନିମ୍ବକଂ ॥
ତାଳଂ ଲାଙ୍ଗଳନଂ ହ୍ୟଲାବୁକଳମୌ ସିମ୍ବୀଂ ତଥା ଧୂର୍ତ୍ତକାଂ ॥"

Digitized by PPRACHIN, SOA

(ଅର୍ଥ—କୁଷ୍ମାଣ୍ଡଂ—ପାଣିକଖାରୁ, ବୃହତ୍ତ—ଶ୍ରେଷ୍ଠ ବାଇଗଣ, ପଟୋଳ—ପୋଟଳ, ମୂଳଂ—ମୂଳା, ଶ୍ରୀଫଳ—ବେଲ, ଜମ୍ବୁକଂ—ଜମ୍ବୁ, ତାଳ, ଲଙ୍ଗଳିନଂ—ନଡ଼ିଆ, ଅଲବୁ—ଲଉ, କଳମ ଶାଗ, ପିମ୍ବୁଂ—ପିମ୍ବୁ, ପୁତକା—ପୋଇ) ।

"ବାର୍ତ୍ତାକୀମଥ ମାଷକଂ ଚ ବନ୍ଧତାଂ ତୈଳାମିଷଂ ବୈଦମାନ୍ତୁ ॥
ପକ୍ଷାଦ୍ୟନ୍ତଗବାସରେଷୁ ବବୁଧୋ ହ୍ୟେତାନ ସମ୍ପୂର୍କୟେତ୍ତୁ ॥"

(ଅର୍ଥ—ବାର୍ତ୍ତାକୀ—ବାଇଗଣ, ମାଷକଂ—ବିରି, ସ୍ତ୍ରୀ ସହବାସ ପକ୍ଷର ଆଦ୍ୟ—ଅନ୍ତଦବସରେ ବର୍ଜନୀୟ ।)

ଅଶୋକା କଢ଼ି ଜପର ସେବନ କଲେ ଶୋକ ନାଶ ହୁଏ ତାହା ବର୍ଣ୍ଣନା କରିଛନ୍ତି—

"ଚୈତ୍ରେ ମାସି ଶୀତେ ପକ୍ଷେ ଘ୍ୟଷ୍ଟମ୍ୟାଂ ଶୁଭ ବାସରେ
ଅଶୋକକଳିକା ଘ୍ୟଷ୍ଟୌ ଯେ ପିବନ୍ତି ପୁନର୍ବସୌ
ଜାନନ୍ତୀକୁପସ୍ୟାତେଷାଂ ଶୋକୋ ନଶ୍ୟତ ନଷ୍ଟସ୍ୟଃ ॥"

ବାହମଦେବ ବର୍ମା ଚକିତ୍ସା ଶାସ୍ତ୍ର ବଷୟରେ ଏକ ସୁନ୍ଦର ପ୍ରବନ୍ଧ ରଚନା କରିଛନ୍ତି । ତା'ର ଅବକଳ ନକଲ ପ୍ରକାଶ କରାଗଲା—

ଚକିତ୍ସା

"କୃପାପାରାବାର ଭଗବାନ ମାନବାଦ ଜନ୍ତୁ ସୃଷ୍ଟି କରି ସେମାନେ ସନ୍ତତ ସୁଖ ଲଭିବା ମାର୍ଗ ମେଲିଅଛି । ତଥାପି ଆମ୍ଭେମାନେ ସ୍ୱକ୍ତ ପ୍ରବର୍ତ୍ତନକୁ ପରିତ୍ୟାଗ କରି ନାନା ରୋଗଗ୍ରସ୍ତ ହୋଇ ସୁଖକୁ ହଜାଇ ଦୁଃଖ ଭାଜନ ହେଉଅଛୁ ।

ରୋଗ ଦ୍ୱିବିଧ । ମାନସିକ ଏବଂ ଶାରୀରିକ । ଚିନ୍ତା କାମ କ୍ରୋଧାଦ ମାନସିକ ରୋଗଚୟ । ଶମ ଶାନ୍ତି ବୈରାଗ୍ୟାଦ ତନ୍ନିବାରକ । କର୍ମଜ, କାଳଜ ଏବଂ ପଦାର୍ଥଜ ନାମରେ ଶାରୀରିକ ରୋଗ ତନ ପ୍ରକାର, ପ୍ରାରବ୍ଧାଦ କର୍ମବଶରୁ ଜନ୍ମିବା ରୋଗ ନଚୟ କର୍ମଜ ଅଟଇ । ତାହା ଅନୁଭୂତ ନୋହିଲେ ଶୁଦ୍ଧେ ନାହିଁ । ଶୀତୋଷ୍ଣାଦ କାଳ ପରିବର୍ତ୍ତନରୁ ଜନ୍ମିବା ରୋଗ ନଚୟ କାଳଜ ଅଟଇ । ତାହା କାଳ ପରିବର୍ତ୍ତନ ବଶରୁ କମ୍ବା ସାମାନ୍ୟ ଚକିତ୍ସା ବଶରୁ ଦୂର ହୁଏ । ଅନିଷ୍ଟକର ହେବା ଆହାର ବହାରାଦ ହେତୁରୁ ଜନ୍ମିବା ରୋଗ ନଚୟ ପଦାର୍ଥଜ ଅଟଇ । ତାହା ଉପଯୁକ୍ତ ଚକିତ୍ସା ଦ୍ୱାରା ମାତ୍ର ନବାରିତ ହୁଏ । ଉପର କଥିତ କାରଣ ସମୂହର କେଉଁ କାରଣରୁ ରୋଗ ଉତ୍ପତ୍ତି ହୁଅଇ, ତଦ୍ ବଷୟ ଦୁରଗମ୍ୟ ହୋଇଥିବାରୁ "ଯାବତ୍କଣ୍ଠଗତଃ ପ୍ରାଣସ୍ତାବତ୍କୁର୍ଯ୍ୟାଚ୍ଚିକିତ୍ସକଂ" ବୋଲି ଜବନ ଥିବାଯାଏ ସକଳ ରୋଗମାନଙ୍କ ଚକିତ୍ସା କରୁଥିବା ଆମ୍ଭ ପୂର୍ବପୁରୁଷମାନେ ଆଦେଶ ଦେଇ ଅଛନ୍ତି ।

Digitized by PPRACHIN, SOA

ଦୀପ ତୈଳବର୍ତ୍ତୀଯୁକ୍ତ ହୋଇଥିଲେ ହେଁ ପବନ ସଞ୍ଚାରଣ ବଶରୁ ସଞ୍ଚଳିତ ହୁଏ । ଅତି ବେଗ ସଞ୍ଚାର ଅଧିକ ହେଲେ, ଦୀପଟି ଲିଭିଯାଏ । ବହୁଥିବା ପବନର ପ୍ରତିବନ୍ଧ ରୂପେ କୌଣସି ଏକ ପଦାର୍ଥକୁ ରଖିଲେ ଦୀପ ସଞ୍ଚଳିତ ହୁଏ ନାହିଁ କିମ୍ବା ନିଭେ ନାହିଁ । ଏଥିରେ ଦୀପକୁ ଜୀବନ ସଦୃଶରେ, ତୈଳବର୍ତ୍ତୀ ଦ୍ରବ୍ୟକୁ ଜନ୍ତୁଙ୍କ ପରମାୟୁ ସଦୃଶରେ ପବନକୁ ରୋଗ ସଦୃଶରେ ଏବଂ ପ୍ରତିବନ୍ଧ ପଦାର୍ଥକୁ ଚିକିତ୍ସା ସଦୃଶରେ ତୁଳନା କରିବାକୁ ହେବ । ରୋଗୋତ୍ପତ୍ତି ହୁଅନ୍ତେ ଚିକିତ୍ସା ନ କଲେ, ବାଧା ସମ୍ଭବଇ । ରୋଗ ପ୍ରବଳଲେ ମରଣ ଘଟଇ । ଅତଏବ ରୋଗୋତ୍ପତ୍ତି ସମୟରେ ଉପଯୁକ୍ତ ଚିକିତ୍ସାକରଣ ଅତ୍ୟାବଶ୍ୟକ ।

କେଉଁ ରୋଗର କିପରି ଚିକିତ୍ସା କରିବା ଉଚିତ, ତଦ୍ ବିଷୟ ଆପଣା ଅନୁଭବ ଜ୍ଞାନବଶରୁ ବିଜ୍ଞମାନେ ଜାଣିପାରି ନରୂପି ଅଛନ୍ତି । ଚିକିତ୍ସା ପଦ୍ଧତି ବହୁବିଧ । ତହିଁରୁ ଏ ଦେଶରେ ବ୍ୟବହୃତ ହେଉଥିବା ମୁଖ୍ୟ ପଦ୍ଧତିମାନଙ୍କରୁ କେତୋଟି ବଖାଣିବା । (୧) ଜଳ ଚିକିତ୍ସା ପଦ୍ଧତି—ଏଥିରେ କଥିତ ହୁଏ ଯେ, ନିୟମାନୁସାରେ ଜଳକୁ ବ୍ୟବହାର କଲେ ସବୁ ରୋଗମାନ ନାଶ ଯାନ୍ତି (୨) ବର୍ଣ୍ଣ ଚିକିତ୍ସା ପଦ୍ଧତି—ଏଥିରେ କଥିତ ହୁଏ ଯେ, ସୂର୍ଯ୍ୟ କିରଣରେ ଥିବାପରି ଜନ୍ତୁ ଶରୀରରେ ସାତୋଟି ବର୍ଣ୍ଣ ବିଦ୍ୟମାନ । ସେ ବର୍ଣ୍ଣମାନଙ୍କର ନ୍ୟୂନତାଧିକ୍ୟ ବଶରୁ ମାତ୍ର ରୋଗମାନଙ୍କ ଉତ୍ପତ୍ତି ହୁଏ, ଏବଂ ସୂର୍ଯ୍ୟକିରଣ ଦ୍ୱାରା ସେ ନ୍ୟୂନତାଧିକ୍ୟ ସମାନ କଲେ ରୋଗମାନ ଉପଶମିତ ହୁଅନ୍ତି । (୩) ବୈଦ୍ୟୁତିକ ଚିକିତ୍ସା ପଦ୍ଧତି —ଏଥିରେ କଥିତ ହୁଏ ଯେ ଯନ୍ତ୍ର ସାହାଯ୍ୟ ଦ୍ୱାରା ବିଦ୍ୟୁତ୍‌ଶକ୍ତିକି ଶରୀରରେ ପ୍ରବେଶ କରାଇଲେ ରୋଗମାନ ଗୁଣ୍ଡି ଯାନ୍ତି । (୪) ହିତ ପଦାର୍ଥ ଚିକିତ୍ସା ପଦ୍ଧତି—ଏଥିରେ କଥିତ ହୁଏ ଯେ ଯେଉଁ ପଦାର୍ଥର ଉପଯୋଗ ବଶରୁ ଯେଉଁ ରୋଗର ପ୍ରାଦୁର୍ଭାବ ହୁଏ, ସେହି ପଦାର୍ଥକୁ ମାତ୍ର ଅଳ୍ପ ପରିମାଣରେ ପ୍ରୟୋଗ କରନ୍ତେ ସେହି ରୋଗ ଦୂର ହୁଏ । (୫) ଅହିତ ପଦାର୍ଥ ଚିକିତ୍ସା—ଏଥିରେ କଥିତ ହୁଏ ଯେ, ଯେଉଁ ପଦାର୍ଥ ଯେଉଁ ରୋଗର ଅହିତକର ଅଟେ; ସେହି ପଦାର୍ଥକୁ ମାତ୍ର ସେହି ରୋଗରେ ପ୍ରୟୋଗ କରନ୍ତେ ଆରୋଗ୍ୟ ଲାଭ ହୁଏ । ଏହି ଅନ୍ୟ ପଦ୍ଧତି ଏ ଦେଶର ଅଧିକତର ପ୍ରଚାର ଲଭିଅଛି । ଏହା ଆୟୁର୍ବେଦୀୟ ପଦ୍ଧତି ୟୁନାନୀ ପଦ୍ଧତି ଏବଂ ଡାକ୍ତରୀ ପଦ୍ଧତି ନାମରେ ତ୍ରିବିଧ । ଜାଣିବାକୁ ହେବ ଯେ ଭାରତବାସୀଙ୍କ ଚିକିତ୍ସା ଆୟୁର୍ବେଦୀୟ ପଦ୍ଧତି, ଯବନମାନଙ୍କ ଚିକିତ୍ସା ୟୁନାନୀ ପଦ୍ଧତି, ଏବଂ ଇଂରେଜମାନଙ୍କ ଚିକିତ୍ସା ଡାକ୍ତରୀ ପଦ୍ଧତି ।

ରୋଗ ନିଦାନ କରଣରେ ଆୟୁର୍ବେଦୀୟ ପଦ୍ଧତି ତୁଲେ ୟୁନାନୀ ପଦ୍ଧତି ପ୍ରାୟ ସମାନ ଅଟେ । କିନ୍ତୁ ଡାକ୍ତରୀ ପଦ୍ଧତି ମାତ୍ର ସମାନ ନୋହିବା ପରି ଦିଶେ । ମାତ୍ର ପର୍ଯ୍ୟାଲୋଚନା କଲେ, ତାହା ଯଥାର୍ଥ ନୁହେଁ । ଆୟୁର୍ବେଦୀୟ ସିଦ୍ଧାନ୍ତ ଏହି ଯେ,

Digitized by PPRACHIN, SOA

ଜନ୍ତୁମାନଙ୍କ ଆରୋଗ୍ୟ ପିତ୍ତ ବାତ କଫ ଧାତୁମାନଙ୍କୁ ଅନୁସରି ଥାଏ । ପିତ୍ତ ବାତ କଫମାନଙ୍କରୁ କୌଣସିଟି ଅଧିକ ହେଲେ ସୁଦ୍ଧା ରୋଗମାନଙ୍କ ଉତ୍ପତ୍ତି ହୁଏ; ଏବଂ ସେ ତିନୋଟିରୁ ଯେଉଁଟି ଉଦ୍ରିକ୍ତ ହେଲେ ହେଁ, ବାକି ଦୁଇଟି ଉଦ୍ରିକ୍ତ ହୋଇ ମରଣକୁ ଘଟାନ୍ତି । ଡାକ୍ତରି ସିଦ୍ଧାନ୍ତ ଏହି ଯେ ଜନ୍ତୁମାନଙ୍କ ଆରୋଗ୍ୟ ମସ୍ତିଷ୍କ ହୃଦୟ ଶ୍ୱାସ କୋଶକୁ ଅନୁସରି ଥାଏ; ସେ ତିନୋଟିରୁ ଯେଉଁଟି ଅଳ୍ପ ଭ୍ରଷ୍ଟ ହେଲେ ସୁଦ୍ଧା ରୋଗୋତ୍ପତ୍ତି ହୁଏ ଏବଂ ସେ ତିନୋଟିରୁ ଯେଉଁଟି ଅତିଭ୍ରଷ୍ଟ ହେଲେ ହେଁ ବାକି ଦୁଇଟି ଅତିଭ୍ରଷ୍ଟ ହୋଇ ମରଣକୁ ଘଟାନ୍ତି । ଉକ୍ତ ସିଦ୍ଧାନ୍ତ ଦ୍ୱୟକୁ ନିମ୍ନୋକ୍ତ ବିଧିରେ ସମାନ କରିବାକୁ ହେବ । ଆୟୁର୍ବେଦ କଥିତ ପିତ୍ତୋଦ୍ରେକ, ଡାକ୍ତରଙ୍କ କଥିତ ମସ୍ତିଷ୍କ ବିଷମତ୍ୱ, ଆୟୁର୍ବେଦ କଥିତ ବାତୋଦ୍ରେକ, ଡାକ୍ତରଙ୍କ କଥିତ ହୃଦୟ ବିଷମତ୍ୱ; ଏବଂ ଆୟୁର୍ବେଦ କଥିତ କଫୋଦ୍ରେକ, ଡାକ୍ତରଙ୍କ କଥିତ ଶ୍ୱାସକୋଶ ବିଷମତ୍ୱ । ତ୍ରିଦୋଷୋଦ୍ରେକରୁ ସମ୍ଭବିବା ସନ୍ନିପାତ ମସ୍ତିଷ୍କ ହୃଦୟ ଶ୍ୱାସକୋଶ ଭ୍ରଷ୍ଟହେବା ଅବସ୍ଥା ମାତ୍ର ।

ଏହାଛଡ଼ା ମଳମୂତ୍ର କୋଶାଦି ସ୍ଥାନମାନଙ୍କରେ କେତେକ ରୋଗମାନ ଜାତ ହୁଅନ୍ତି । ତଥାପି ସେ ରୋଗମାନ ଅଧିକରେ ପ୍ରବଳିଲେ, ମସ୍ତିଷ୍କ ହୃଦୟ ଶ୍ୱାସ କୋଶମାନଙ୍କରୁ ପ୍ରଥମେ ଗୋଟିଏ ପରେ ଅବଶିଷ୍ଟ ଦୁଇଟି ଭ୍ରଷ୍ଟ ହୁଅନ୍ତେ ମରଣ ଘଟଇ । ମସ୍ତିଷ୍କ ପ୍ରଭୃତିମାନଙ୍କରୁ ଯାହା ପ୍ରଥମେ ଭ୍ରଷ୍ଟ ହୁଏ, ତଲ୍ଲକ୍ଷ କରି ସେ ସେ ରୋଗମାନ ପିତ୍ତାଦିରୁ ସମ୍ଭବନ୍ତି ବୋଲି ଆୟୁର୍ବେଦୀୟ ମତ । ଏପରି ବିଚାରିଲେ ଆୟୁର୍ବେଦ କଥିତ ରୋଗ କାରଣମାନଙ୍କରେ ଏବଂ ଡାକ୍ତରଙ୍କ କଥିତ ରୋଗ କାରଣମାନଙ୍କରେ ପ୍ରଭେଦ ନାହିଁ । ଆହୁରି ମଧ୍ୟ ଆଧୁନିକ ଡାକ୍ତରମାନେ ବିବିଧ ରୋଗ କାରଣ ବିବିଧ କୃମି ବୋଲି ନିରୂପଣ କରନ୍ତି । କୃମି ଜନ୍ତୁ ଦେହରେ ପ୍ରବେଶି ପ୍ରବଳିଲେ ରୋଗୋତ୍ପତ୍ତି ହୁଏ ବୋଲି ତାଙ୍କ ସିଦ୍ଧାନ୍ତ । କୃମି ଜନ୍ତୁ ଦେହରେ ପ୍ରବେଶି ମୃତ ନୋହି ବୃଦ୍ଧି ପାଇବା କାରଣ ପିତ୍ତାଦି ଦୋଷମାତ୍ର ବୋଲି ଏବଂ ତଦ୍ଦୋଷ ଶାନ୍ତି ନିମିତ୍ତ ଔଷଧ ସେବନ କରନ୍ତେ ତଦ୍ଦୋଷ ସହିତ କୃମିକୁଳ ନଷ୍ଟ ହୋଇ ଆରୋଗ୍ୟ ଲାଭ ହୁଏ ବୋଲି ଜାଣିଲେ ଆୟୁର୍ବେଦୀୟ ପଦ୍ଧତି ପୃଥକ ନୁହେଁ । ବିଜ୍ଞମାନେ ଭଲେ ଭାବି ଉକ୍ତ ପଦ୍ଧତି ଦ୍ୱୟର ଐକ୍ୟ ଜାଣନ୍ତୁ ।

କୌଣସି ପଦ୍ଧତି ହେଉ ସମଗ୍ରରେ ଜାଣିଥିବା ବୈଦ୍ୟ ଚିକିତ୍ସା କଲେ ରୋଗ ନିବାରିତ ହୁଏ । ଶାସ୍ତ୍ରଜ୍ଞାନହୀନ ବୈଦ୍ୟ ଚିକିତ୍ସା କଲେ, ଥିବା ରୋଗ ଯିବା କଥା ତେଣେ ଥାଉ, ନୂଆ ରୋଗମାନଙ୍କ ଉତ୍ପତ୍ତି ହୁଏ । ଅତଏବ ଜାଣିବା ବୈଦ୍ୟ ଦ୍ୱାରା ମାତ୍ର ଚିକିତ୍ସିତ ହେବା ବିଧେୟ ।

ମରିବା ଠାରୁ ଜାତ ନୋହିବା ପରି କରିବା ସମଞ୍ଜସ । ଅତଏବ ରୋଗ ଜନ୍ମିବା ପରେ ସୁବୈଦ୍ୟକୁ ଆଶ୍ରୟ କରି ଚିକିତ୍ସା ଦ୍ୱାରା ରୋଗ ମୁକ୍ତ ହେବା ଅପେକ୍ଷା ରୋଗ ଆଦୌ ଜାତ ନୋହିବା ପରି କରି ଚଳିବା ଶ୍ରେୟସ୍କର । ସେପରି କରି ଚଳିବା ଉପଯୁକ୍ତ ଆହାର ବିହାରାଦିରୁ ସିଦ୍ଧ ହୁଏ ।

Digitized by PPRACHIN, SOA

ମାନବେ ଉପଯୁକ୍ତାହାର ବହାରାଦିରେ ଅନୁରକ୍ତ ହୋଇ ସ୍ୱାସ୍ଥ୍ୟ ସଂରକ୍ଷଣ ପୂର୍ବକ ଜଗଦୀଶ ପ୍ରସାଦିତ ନିରନ୍ତର ସୁଖକୁ ଲଭନ୍ତୁ । ଇତି ।"

ଚିକିତ୍ସା ବିଶାରଦ ବିକ୍ରମଦେବ ବର୍ମା ତତ୍କାଳୀନ ବିଭିନ୍ନ ଚିକିତ୍ସା ପଦ୍ଧତି ବିଷୟ ବର୍ଣ୍ଣନା କରିବା ସହିତ ରୋଗ ପ୍ରତିଷେଧକ ଚିକିତ୍ସା ଉପରେ ଅଧିକ ଧ୍ୟାନ ଦେବାକୁ କହିଛନ୍ତି ।

ଚଡ଼ୁ :

ସବୁ ଅଞ୍ଚଳରେ ମେଷ ସଂକ୍ରାନ୍ତି ଦିନ ପିଲାମାନଙ୍କୁ ଚଡ଼ୁ କମ୍ବା ଦାଗ ଦିଆଯାଏ ନାହିଁ । ଏହି ଅଞ୍ଚଳରେ (ଜୟପୁରରେ) ଶ୍ରାବଣାମାବାସ୍ୟା ଦିନ ଏବଂ ଅନ୍ୟ ଅଞ୍ଚଳରେ ମକର ସଂକ୍ରାନ୍ତିର ପରଦିନ ସେ କାର୍ଯ୍ୟ କରାଯାଏ ।

'ଚଡ଼ୁ' ବାତ ରୋଗର ନିରୋଧକ, ଏବଂ ନିବାରକ ବୋଲି ଆମ୍ଭ ପୂର୍ବ ପୁରୁଷଙ୍କ ଧାରଣା । ଅତଏବ ପିଲାଙ୍କୁ ଏବଂ ବୃଦ୍ଧମାନଙ୍କୁ ଚଡ଼ୁ ଦିଆଯାଏ । ଇହଲୋକ କାର୍ଯ୍ୟମାନ କ୍ରମରେ ପ୍ରବର୍ତ୍ତିତ ହେବା ନିମିତ୍ତ ଆମ୍ଭ ପ୍ରଥାରେ ପ୍ରାୟଶଃ ପାରଲୌକିକ ବିଷୟ ଆମୁଷ୍ମିକ ବିଷୟ ସହ ସମ୍ପୃକ୍ତ । ଉଦାହରଣ ନିମିତ୍ତ କେତୋଟି ବିଷୟ ଏଠାରେ ଦତ୍ତ :—

ଦେହ ପରିଶ୍ରମ ସାଧନ ନିମିତ୍ତ ବହିର୍ଦେଶ ଗମନ, କଟି ସ୍ନାନ ସାଧନ ନିମିତ୍ତ ଅଘମର୍ଷଣ ସୂକ୍ତାଦି ପଠନ, ଦେହସ୍ଥିତାମାଦି ଦୋଷ ଦୂରୀକରଣ ନିମିତ୍ତ ଏକାଦଶ୍ୟୁପବାସ, ଆମିଷ ଭକ୍ଷଣରେ ପୂଜନ, ଜୁଆଖେଳ ପାଇଁ ଆଶ୍ୱିନ ପୂର୍ଣ୍ଣିମା, ଫଗୁ ଖେଳିବାକୁ ଫାଲଗୁନ ପୂର୍ଣ୍ଣିମା, ଭଙ୍ଗ ଖାଇବାକୁ ମେଷ ସଂକ୍ରାନ୍ତି, ଆନନ୍ଦୋ-ପଲବ୍ଧି ନିମିତ୍ତ ବିବିଧ ଦେବୋତ୍ସବ ଇତ୍ୟାଦି ନିର୍ଦ୍ଧାରିତ । ସେହିପରି ଚଡ଼ୁ ଦେବାକୁ ମଧ୍ୟ ଦିନ ନିରୂପିତ ହୋଇଅଛି ।

ବିକ୍ରମଦେବ ବର୍ମା ଯେଉଁ 'ଚଡ଼ୁ' ବାତରୋଗର ନିରୋଧକ ବୋଲି କହିଛନ୍ତି ତାହା ବର୍ତ୍ତମାନ ଆଧୁନିକ ପଦ୍ଧତିରେ ଆକୁପଞ୍ଚର (Acupuncture) ବୋଲି କୁହାଯାଏ । ଏହି ଆକୁପଞ୍ଚର ପଦ୍ଧତି ପୂର୍ବରୁ ଭାରତ ଓ ଚୀନ ଦେଶରେ ଚଳିଆସୁଥିଲା କିନ୍ତୁ ଚୀନ ଦେଶରେ ଏହି ପଦ୍ଧତିର ସର୍ବାଙ୍ଗୀନ ଉନ୍ନତି ସାଧନ କରି ସୂଚୀ ବା ଆଲପିନ ଫୋଡ଼ି ବିନା ଆନାସ୍ଥେସିଆ ବା ନିଶାରେ ଅପରେସନ କରିପାରୁଛନ୍ତି । ବର୍ତ୍ତମାନ ଏହି ପଦ୍ଧତି ଭାରତରେ ମଧ୍ୟ ଧୀରେ ଧୀରେ ବିକାଶ ଲାଭ କରୁଛି ।

Digitized by PPRACHIN, SOA

ଦଶମ ପରିଚ୍ଛେଦ

ଧାର୍ମିକ ବିକ୍ରମ ଦେବ ବର୍ମା

"ଧର୍ମୋ ରକ୍ଷିତ ଧାର୍ମିକଂ"—ଏହି ମହାବାଣୀର ପ୍ରତିଫଳନ ହିଁ ବିକ୍ରମଦେବ ବର୍ମା । ସେ ପ୍ରତ୍ୟହ ବ୍ୟାୟାମ ପରେ ପ୍ରାତଃ ସ୍ନାନ, ଇଷ୍ଟମନ୍ତ୍ର ଜପ ଓ ପୂଜାର୍ଚ୍ଚନା କରୁଥିଲେ । ତାଙ୍କର ଧର୍ମ ଜୀବନ ଖୁବ୍ ଉନ୍ନତ ଥିଲା । ଧର୍ମ ବିଷୟରେ ସର୍ବଦା ଚିନ୍ତା ଏବଂ ଉପଯୁକ୍ତ ପାତ୍ର ପାଇଲେ ଧର୍ମ ବିଷୟ ଚର୍ଚ୍ଚାରେ ସେ ସମସ୍ତ ଅତିବାହିତ କରୁଥିଲେ ଏବଂ ସବୁ ଧର୍ମକୁ ସମାନ ଆସନ ଦେଉଥିଲେ । ରାମ, କୃଷ୍ଣ, ବୁଦ୍ଧ, ମହାବୀର, ଖ୍ରୀଷ୍ଟ, ଆଲ୍ଲା ଓ ଈଶ୍ୱର ସବୁ ସେହି ପରମ ବ୍ରହ୍ମଙ୍କର ବିଭିନ୍ନ ନାମ । ଯିଏ ଯେଉଁ ମାର୍ଗରେ ଗଲେ ମଧ୍ୟ ସମସ୍ତଙ୍କର ଲକ୍ଷ୍ୟ ଏକ । ସେ କହୁଛନ୍ତି—

"ବେଦ ପୌରୁଷେୟ ଅଟେ ବିଶ୍ୱ ଦୁଃଖମୟ ।
ସବୁ କ୍ଷଣିକ ପ୍ରାନ୍ତରେ ଅଭାବ ନଶ୍ୱସ୍ୱ ।।
କର୍ମ ସନ୍ନ୍ୟାସରେ ଶୂନ୍ୟ ହୁଅଇ ଜନନ ।
ଅହିଂସା ପରମଧର୍ମ ବୋଲେ ବୌଦ୍ଧଜନ ।।"

ବେଦ ପୌରୁଷେୟ ଶୂନ୍ୟ ଅଟଇ ଈଶ୍ୱର ।
ସଦାଚାର ଯୋଗ୍ୟ ଦୁରାଚର ହାନୀକର ।।
ସୃଷ୍ଟି ପୁଣି ଜୀବଗଣ ଅନାଦି ଅନନ୍ତ ।
ଅହିଂସା ପରମ ଧର୍ମ ବୋଲେ ଜୈନମତ ।।"

ସବୁ ଧର୍ମମତ ବିଷୟରେ ତାଙ୍କର ମତ ହେଲା—

"ଅଦ୍ୱୈତେ ଜ୍ଞାନ ମୀମାଂସେ କର୍ମ ଦ୍ୱୈତେ ଭକ୍ତି ।
ଇସ୍ଲାମରେ ସମର୍ପଣ ବୌଦ୍ଧେ ତ୍ୟାଗାସକ୍ତି ।।
ପବିତ୍ରତା ଜରଥୁଷ୍ଟ୍ରେ ପ୍ରେମ ଖ୍ରୀଷ୍ଟମତେ ।
ଅହିଂସା ଜୈନେ ସାଧୁତା ଇହୁଦିଙ୍କ ମତେ ।।
ଏ ମତମାନଙ୍କରେ ଏ ନବ ପ୍ରଧାନ ।
ସାଧାରଣ ଧର୍ମମାନ ସବୁରେ ସମାନ ।।"

Digitized by PPRACHIN, SOA

ବନମଦେବ ବର୍ମା ଅଷ୍ଟାଙ୍ଗ ପ୍ରଣାମର ବିଧି ବର୍ଣ୍ଣନା କରିଛନ୍ତି—

"ଉରରେ ଶିରରେ　　　ଦୃଷ୍ଟିରେ ବାଣୀରେ
ମନରେ ଚରଣ ଦ୍ୱୟେ ।
କରଦ୍ୱୟେ ଭଲେ　　　ଜର୍ଣ୍ଣ ଯୁଗେ କଲେ
ଅଷ୍ଟାଙ୍ଗ ପ୍ରଣାମ ହୁଏ ।"

ସାଧାରଣତଃ ଧାର୍ମିକ ଲୋକ ନିଜର ମରଣ ନିଜେ ଜାଣି ପାରିଥାନ୍ତି । କବି ଗୋଟିଏ ଶ୍ଳୋକର ଅର୍ଥ ପଦ୍ୟ ଆକାରରେ ପ୍ରକାଶ କରିଛନ୍ତି—

"ଦୀପନିର୍ବାଣଗନ୍ଧଞ୍ଚ ସୁହୃଦ୍‌ବାକ୍ୟମରୁନ୍ଧତୀଂ ।
ନ ଜିଘ୍ରନ୍ତି ନ ଶୃଣ୍ୱନ୍ତି ନ ପଶ୍ୟନ୍ତି ଗତାୟୁଷଃ ॥ ୧ ॥

ପଦ୍ୟ— ଦୀପ ଲିଭିବା ଗନ୍ଧ ମିତ୍ରବାକ୍ୟବୃନ୍ଦ ଅରୁନ୍ଧତୀ କି ଯୋଜନ ।
ନ ଶୁଙ୍ଘେ ନ ଶୁଣେ ନ ଦେଖେ ଯତନେ ତାର ନିକଟ ମରଣ ॥ ୨ ॥

କବି ପଞ୍ଚସଖାଙ୍କ ପରି ପିଣ୍ଡରେ ବ୍ରହ୍ମାଣ୍ଡ ଦେଖି ପାରିଥିଲେ ।

"ଜାଣ ପଣ୍ଡିତ ପ୍ରବର । ନରର ମନ୍ଦିର ପରି ଅଟଇ ଶରୀର ॥
ପାଣି ପଦ ସ୍ତମ୍ଭ ମାଂସ କାନ୍ଥ ବସ ଝଲା ।
କଙ୍କାଳ ଭିତ ଚମ ଛଉଣି ମେରୁ ତୁଳି । ୧ ।

ଶିରା ଲଇ ଗଣ୍ଠି ଗଣ୍ଠି ପେଟ ବନ୍ଧା ଘର ।
ଶ୍ୱାସକୋଶାଦି ପୁରୋପକରଣ ପ୍ରକର । ୨ ।

ନବ କମ୍ବା ଦଶ ରନ୍ଧ୍ର ଦୁଆର ଝରକା ।
ହୃଦୟାମ୍ବୁଜ ମୁକୁଳ ଅଟଇ ପୀଠିକ । ୩ ।

ଗୃହ ଭଗ୍ନ ହେଲେ ନର ରହେ ଅନ୍ୟ ଗୃହେ ।
ଦେହ ଭ୍ରଷ୍ଟ ହେଲେ ଜୀବ ରହେ ଅନ୍ୟ ଦେହେ । ୪ ।

ଜୀବ ଭଜିଲେ ବନମ ନୃତ ଗୋବିନ୍ଦଙ୍କୁ ।
ଦେହ ହୀନ ହୋଇଯାଏ ପରମ ପଦକୁ । ୫ ।

'ବେଦ' ପ୍ରଥମେ କିଏ କାହାଠାରୁ ଶିକ୍ଷା କରିଥିଲେ—

"ବ୍ୟାସଠାରୁ ତାଙ୍କ ଶିଷ୍ୟେ ପୈଲ ଋଗ୍‌ବେଦକୁ,
ବୈଶମ୍ପାୟନ ଯଜୁକୁ ଜୈମିନି ସାମକୁ
ସୁମନ୍ତ୍ରାଖ୍ୟ ଅଥର୍ବକୁ ସେ ରୋମ-ହର୍ଷଣ
ଇତିହାସ ପୁରାଣଙ୍କୁ କଲେ ଅଧ୍ୟୟନ । ୦ ।"

Digitized by PPRACHIN, SOA

କବି କନ୍ଦମଟେବ ବର୍ମା ଅଠର ପୁରାଣ ଏକ ପଦ୍ୟରେ ବର୍ଣ୍ଣନା କରିଛନ୍ତି—

"ମତ୍ସ୍ୟ ମାର୍କଣ୍ଡେୟ ଭବିଷ୍ୟ ଶ୍ରୀଭାଗବତ ।
ଅଗ୍ନି ଲିଙ୍ଗ ବ୍ରହ୍ମାଣ୍ଡ ବ୍ରହ୍ମ ବ୍ରହ୍ମବୈବର୍ତ୍ତ ॥
କୂର୍ମ ପଦ୍ମ ବରାହ ବାୟୁ ବିଷ୍ଣୁ ବାମନ—
ଗରୁଡ଼ ନାରଦ ସ୍କନ୍ଦ ଅଠର ପୁରାଣ ॥"

କବିଙ୍କର ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରତତ୍ତ୍ୱ ଅତ୍ୟନ୍ତ ଉପାଦେୟ ଅଟେ—

"ବାସୁଦେବ ମନ୍ତ୍ରରେ ପୂଜିତ ବଳଦେବ ।
ଅନ୍ୟ ନୁହେଁ ସେ ଅଟେ କେବଳ ମହାଦେବ ॥
ସୁଭଦ୍ରା ଭୁବନେଶ୍ୱରୀ ମନ୍ତ୍ରରେ ପୂଜିତା ।
ସାକ୍ଷାତରେ ବ୍ରହ୍ମା ଅଟେ ସେ ନୁହେଁ ବନିତା ॥
ଗୋପାଳାଷ୍ଟାଦଶାକ୍ଷର ମନ୍ତ୍ରରେ ପୂଜିତ ।
ଜଗନ୍ନାଥ ପ୍ରତ୍ୟକ୍ଷରେ ଅଟଇ ଅଚ୍ୟୁତ ॥
ତାଙ୍କ ପଛରେ କ୍ରମରେ ତାହାଙ୍କ ଶକ୍ତିତ୍ରୟ ।
ବିମଳା ସରସ୍ୱତୀ ଲକ୍ଷ୍ମୀ ସ୍ଥିତା ନିଶ୍ଚୟ ॥
ଏଣୁ ତ୍ରିମୂର୍ତ୍ତ୍ୟାତ୍ମିକ ତ୍ରିଶକ୍ତ୍ୟାତ୍ମିକ ହୋଇ ।
ପୁରୀ ବିରାଜଇ କ୍ଷେତ୍ରବର ନାମ ପାଇ ॥
ଏ ତତ୍ତ୍ୱ ନ ଜାଣି ଲୋକେ ଅନେକ ପ୍ରକାରେ ।
କହୁଅଛନ୍ତି ନିଜ ନିଜ ମତାନୁସାରେ ॥"

କବି ଦଶମହାବିଦ୍ୟାଙ୍କୁ ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି—

"କାଳୀ ତଥୈବ ତାରାଚ ଷୋଡ଼ଶୀ ଭୁବନେଶ୍ୱରୀ ।
ଭୈରବୀ ଛିନ୍ନମସ୍ତାଚ ବିଦ୍ୟା ଧୂମାବତୀ ତଥା ॥
ବଗଳା ସିଦ୍ଧ ବିଦ୍ୟାଚ ମାତଙ୍ଗୀ କମଳାତ୍ମିକା ।
ଏତା ଦଶମହାବିଦ୍ୟାଃ ସିଦ୍ଧବିଦ୍ୟାଃ ପ୍ରକୀର୍ତ୍ତିତାଃ ॥"

ଷୋଡ଼ଶ ପୂଜା ବିଷୟରେ କବି ଶ୍ଳୋକ ରଚନା କରିଛନ୍ତି—

ଆବାହନମାସନଂଚ ପାଦ୍ୟମର୍ଘ୍ୟଂ ତଥୈବଚ ।
ଆଚମନୀୟକଂ ସ୍ନାନଂ ବସ୍ତ୍ରେ ଯଜ୍ଞୋପବୀତକଂ ॥
ଅଳଙ୍କାରଶ୍ଚନ୍ଦନଂ ଚ ପୁଷ୍ପାଣି ଧୂପ ଏବଚ ।
ଦୀପୋ ନୈବେଦ୍ୟକଂ ଚୈବ ତାମ୍ବୂଳଂଚ ନମସ୍କୃତିଃ ॥
ଦେବପୂଜୋପଯୁକ୍ତାନି ହ୍ୟୁପଚାରାଣି ଷୋଡ଼ଶ ।

Digitized by PPRACHIN, SOA

ଧାର୍ମିକ ଋଷଭଦେବଙ୍କ ମତରେ ଗଣେଶଙ୍କ ପାଇଁ ଉପରୋକ୍ତ ପୂଜାର ଆବଶ୍ୟକତା ନାହିଁ । କାରଣ ସେ ହେଉଛନ୍ତି ବିଘ୍ନନାୟକ । ତେଣୁ ତାଙ୍କୁ କେବଳ ସମର୍ପଣ କରିବା ଉଚିତ—

"ଭୂନାୟକଙ୍କୁ ଭଜିଲେ ଭୂମି ପ୍ରାପ୍ତ ହୁଏ
ଧନ ନାଥଙ୍କୁ ଭଜିଲେ ଧନ ପ୍ରାପ୍ତ ହୁଏ ।
ତେଣୁ ବିଘ୍ନ ନାୟକଙ୍କୁ ନ ଭଜେଁ ମୁଁ ମାତ୍ର
ସହସ୍ରବାର ନମଇଁ ନତ କରି ଗାତ୍ର । ୦ ।"

ଜଣେ ଭକ୍ତର ଲକ୍ଷଣ ଦର୍ଶାଇବାକୁ ଯାଇଁ କବି କହିଛନ୍ତି—

"ନମ୍ରତା ମୃଦୁତା ନିର୍ଧନତା ସହନ ।
ଅହିଂସା ନିଷ୍କପଟତା ଭକ୍ତଲକ୍ଷଣ ।।"

କଳିଯୁଗରେ 'ହରି' ଶବ୍ଦର ଦୁଇଟି ଅକ୍ଷର ସମସ୍ତ ପାତକ ଦୂର କରିପାରେ—

"ହରି ବୋଲିବା ବର୍ଣ୍ଣ ଦ୍ୱୟ ଯେତେକ ହରିପାରେ ।
ସେତେକ ପାତକ ପ୍ରକର ନାହିଁ ତ ଏ ସଂସାରେ ।।
ସେହି ବର୍ଣ୍ଣଦ୍ୱୟ ସଂଯୁତ ନାମ ଥାନ୍ତେ ଯାହାଙ୍କ ।
ପାତକୀ ଡରଇ ଶମନ ଘୋର ଦଣ୍ଡତଡକ ।।"

କବି ଧର୍ମ ଆଚରଣ ମୋକ୍ଷ ପାଇଁ ବୋଲି କହିଛନ୍ତି—

"ଅର୍ଥ ସଂଗ୍ରହ ଧର୍ମପାଇଁ । ଦାର ଗ୍ରହଣ ପୁତ୍ର ପାଇଁ ।।
ଧର୍ମାଚରଣ ମୋକ୍ଷପାଇଁ । କର୍ମ କରଣ ଜ୍ଞାନ ପାଇଁ ।।
ଜ୍ଞାନୋପାର୍ଜନ ଭକ୍ତିପାଇଁ । ଭକ୍ତ୍ୟାପ୍ତି ନିତ୍ୟସୁଖ ପାଇଁ ।।"

ଭକ୍ତମାନେ ଭବବନ୍ଧନରୁ କିପରି ମୁକ୍ତ ରହିବେ ତାର ବାଟ ବତାଇଛନ୍ତି—

ମଥୁରାୟାଂ ନିବାସଶ୍ଚ ଶ୍ରୀରାଧାକୃଷ୍ଣ ପୂଜନଂ ।
ତନ୍ନାମକୀର୍ତ୍ତନଂ ଚୈବ ଶ୍ରାବୋ ଭାଗବତସ୍ୟଚ ।।
ସେବନଂ ବୈଷ୍ଣବାନାଂଚ ଧର୍ମାଣ୍ୟେତାନି ସନ୍ତତଃ ।
ଅନୁଷ୍ଠେୟାନି ଭକ୍ତେନ ଭବବନ୍ଧ ବିମୁକ୍ତୟେ ।।

କବି ତନ୍ତ୍ରଶାସ୍ତ୍ରର 'ଶକ୍ତି'ର ସଂଜ୍ଞା ନିରୂପଣ କରି ଲେଖିଛନ୍ତି—

"ସନ୍ଧିନୀ ଶ୍ରୀକୃଷ୍ଣସଚ୍ଛକ୍ତି । ଯେ ସମ୍ବିନାମ୍ନୀ ହେ ଚିଚ୍ଛକ୍ତି ।।
ଆନନ୍ଦ ଶକ୍ତିଟି ହ୍ଲାଦିନୀ । ସର୍ବ କାରଣୀ ଶକ୍ତି ତିନି ।।
ଚିଚ୍ଛକ୍ତି ଅନନ୍ତରଶକ୍ତି । ତଟସ୍ଥା ଅଟେ ଜୀବଶକ୍ତି ।।
ମାୟା ଅଟଇ ଭିନ୍ନା ଜଡ଼ା । ଭ୍ରମକାରିଣୀ ବଡ଼ କଡ଼ା ।।"

Digitized by PPRACHIN, SOA

କବି ବ୍ରହ୍ମାଙ୍କୁ ଅପୂଜିତ ବିଧାତା ବୋଲି କହିଛନ୍ତି । କାରଣ ବ୍ରହ୍ମା ଜଗତକୁ ସୃଷ୍ଟି କରିଛନ୍ତି, ଅଥଚ ନିଜ ପୂଜାପାଇଁ ପତ୍ରଟିଏ ମଧ୍ୟ ସୃଷ୍ଟି କରିପାରିଲେ ନାହିଁ । ସେ ଲେଖିଛନ୍ତି—

"ଥିବାରୁ ତୁଳସୀ ବିଲ୍ୱପତ୍ର
ପୂଜା ପାଉଛନ୍ତି ହରି ନିରଞ୍ଜନ ।
ପତ୍ରହୀନରୁ ବିଧି ଅପୂଜିତ
ହେଲେ ବିରଚି ସମଗ୍ର ଜଗତ ।
ନିଜ ପୂଜାପାଇଁ
ପତ୍ର ଗୋଟି ରଚି ପାରିଲେ ନାହିଁ ।।"

ଧାର୍ମିକ କବି ବନମ ଦେବ ବର୍ମା କହିଛନ୍ତି ଶ୍ରୀହରି ଚନ୍ଦନ, କୀର୍ତ୍ତନ ଓ ମହତମଙ୍କ ସୁଖ କି ଧନ ସୁଖ –

ଧନ ଲୋଭର ସୁଖକି । ଶ୍ରୀହରି ଚନ୍ଦନ ଲୋଭର ସୁଖକି । ପଦ ।
ମନଭଲେ ବୁଝ, ନାହିଁ କାହିଁକି । ଧନ ।
କ୍ଷୀର ଶର୍କରାନ୍ନ ଭୋଜନ ସୁଖକି ।
ନୀଳାଚଳ ନାମ କୀର୍ତ୍ତନ ସୁଖ କି । ଧନ । ୧ ।
ଦାର ପୁତ୍ର ଗୌର ସେବନ ସୁଖ କି ।
ଶ୍ରୀନରେଶ ଭକ୍ତ ମିଳନ ସୁଖ କି । ଧନ । ୨ ।
ଅମିର ପ୍ରପଞ୍ଚ ସେବନ ସୁଖକି
ସୁହିତ୍ୟରାଙ୍ଘ୍ରି ବନ୍ଦନ ସୁଖ କି । ଧନ । ୩ ।
ଶାଳ ଭୋଗ ମଞ୍ଚସ୍ପର୍ଶନ ସୁଖକି
ବନମାଳିଲେଶ ଗର୍ଜନ ସୁଖକି । ଧନ । ୪ ।

ଧାର୍ମିକ କବି ବନମ ଦେବ ବର୍ମା 'ଶ୍ରୀ ଚୈତନ୍ୟ ଶ୍ରେଷ୍ଠତ୍ୱ' ବୋଲି ଏକ କବିତା ଗୀତ ରଚନା ଅଷ୍ଟାଙ୍ଗ ଶୂନ୍ୟବାଣୀରେ ଲେଖିଛନ୍ତି—

ହେ ନବଦୀପ ଶଶାଙ୍କ ଗୌରାଙ୍ଗ । ଭକ୍ତହୃଦୟ ତାମରସ ଭୃଙ୍ଗ ।
ତୁମ୍ଭ ମହିମ କେହିଁ ଜାଣେ ଅନନ୍ତ । ନିମନ୍ତ୍ରିରେ ବକ୍ଷ ଶ୍ରେଷ୍ଠ ବୋଲନ୍ତି ।
ତାଙ୍କ ଅବତାର । ମାନଙ୍କେ ଗୁରୁ ରାମ କେଶଧର । ୧ ।
ଶ୍ରୀଙ୍କ ଶ୍ରୀରାମ ଯେତେବେ ଥିଲେ । ବିଶ୍ୱାମିତ୍ରଙ୍କ ଯଜ୍ଞକୁ ରଖିଲେ ।
ଶିଳାକୁ ସୁଶୀଳା ସ୍ୱରୂପ କରି । ସୁଗ୍ରୀବଙ୍କୁ ଦେଲେ କିଷ୍କିନ୍ଧ୍ୟାପୁରୀ ।
ପାଣିରେ ପଥର । ଭସାଇ ଧ୍ୱଂସିଲେ ଲଙ୍କାପୁର । ୨ ।
ବିଭୀଷଣଙ୍କୁ ଲଙ୍କା ରାଜ୍ୟ ଦେଇ । ସୀତାଙ୍କୁ ଅଗ୍ନି ପରୀକ୍ଷା କରାଇ ।

Digitized by PPRACHIN, SOA

ମରିଥିଲା ସୈନ୍ୟଙ୍କୁ ଜିଆଇଲେ । ମାରୁତିଙ୍କ ବ୍ରହ୍ମା ହେବୁ ବୋଇଲେ ।
ଦେଇ ଭୂମିଧନ । ତୋଷିଲେ ବହୁ ଦରିଦ୍ର ବ୍ରାହ୍ମଣ । ୩ ।
ଆବର ଅଯୋଧ୍ୟା ଚରାଚରଙ୍କୁ । ଦେଲେ ବାରେ ବୈକୁଣ୍ଠ ସ୍ଥାନକୁ ।
ସିନା ବିରଜାନଦୀଙ୍କ ଉଆଁର । ନ ପାରିଲେ ହେ ଚୈତନ୍ୟ ଗୋସାଇଁ
ପାପତୃଣାନଳ । ଆଶ୍ରିତ ପଙ୍କଜନକଳ୍ପ ସାଲ । ୪ ।
କହିବ କୃଷ୍ଣ କଲା କାର୍ଯ୍ୟମାନ । ଦେଖିଣ କଲେ କୋଳକ କାଞ୍ଚନ ।
ଯଶୋଦାନନ୍ଦଙ୍କୁ ଆନନ୍ଦୀ କରି । ଗୋପୀଙ୍କି ତୋଷିଲେ ନେଇ ଆବରି ।
କୁବୁଜାକୁ ହରି । କରୁଣାରେ କଲେ ଦିବ୍ୟ ସୁନ୍ଦରୀ । ୫ ।
ବନ୍ଧରୁ ମାତାପିତା ମୁକୁଳାଇ । ମଥୁରା ଉଗ୍ରସେନ କରେ ଦେଇ ।
ଗୁରୁପତ୍ନୀଙ୍କ ମଲା ପୁତ୍ର ଦେଲେ । ସୁଦାମା ଦରିଦ୍ରଙ୍କୁ ଧନୀ କଲେ ।
ପଣ୍ଡୁ କୁମାରଙ୍କୁ । ଦେଲେ ହସ୍ତିନାପୁର ସମ୍ପଦକୁ । ୬ ।
ମୁଚୁକୁନ୍ଦଙ୍କୁ ତପସ୍ୟା ବତାଇ । କାମ୍ୟ ବରମାନ ବନ୍ଧୁରେ ଦେଇ ।
ଉଦ୍ଧବଙ୍କୁ କହି ଯତନେ ଜ୍ଞାନ । କଲେ ଦୁଷ୍ଟନାଶ ଶିଷ୍ଟ ପାଳନ ।
ସେ କାହାକୁ ହେଲେ । ଗୋଲୋକେ ବାସ ଦେଇନପାରିଲେ ।।
ହେ ଦେବ ତୁମ୍ଭର ଦାସଜନଙ୍କୁ । ହେଲେ ଦେଇଛ ଗୋଲକ ବାସକୁ ।
ଏଣୁ ଅଟ ତୁମ୍ଭେ ସର୍ବ ଦେବେଶ । ତୁମ୍ଭ ପାଦ ପଦ୍ମେ ମୋହର ଆଶ ।
ବିକ୍ରମ ବନ୍ଦିତ । ମୋତେ କୃପାକରି ଖଣ୍ଡ ଦୁରିତ । ୭ ।

ଧାର୍ମିକ କବି ବିକ୍ରମ ଦେବ ବର୍ମା ଭକ୍ତ ଶିରୋମଣି ସାଧକ ପ୍ରବର ମହାତ୍ମା ତୁଳସୀ ଦାସଙ୍କର ହିନ୍ଦୀ ରାମାୟଣକୁ ଓଡ଼ିଆ ଭାଷାରେ ଅନୁବାଦ କଲେ । ଓଡ଼ିଆ ପାଠକମାନେ ବିଶେଷ ଉପକୃତ ହେବେ ଭାବି ଅନୁବାଦ କାର୍ଯ୍ୟରେ ଆଗେଇଥିଲେ । ମୂଳ ହିନ୍ଦୀ ପୁସ୍ତକକୁ ଚତୁର୍ଦ୍ଦଶାକ୍ଷରୀ କବିତା ଛନ୍ଦରେ କେତେକାଂଶ ଅନୁବାଦ କଲା ପରେ ଅନ୍ୟ ସ୍ଥାନରେ ସମ୍ପୂର୍ଣ୍ଣ ତୁଳସୀ ରାମାୟଣ ଓଡ଼ିଆରେ ପ୍ରକାଶ ପାଇଥିଲା । ତେଣୁ ବିକ୍ରମ ଦେବ ବର୍ମା ଅଧିକ ସମୟ ନଷ୍ଟ ନ କରି ଅନୁବାଦ କାର୍ଯ୍ୟ ସ୍ଥଗିତ ରଖିଥିଲେ । ସେ ଲେଖିଛନ୍ତି—

ତୁଳସୀ-ବିକ୍ରମ ସଙ୍ଗରେ । ସରଳ ଓଡ଼ିଆ ଭାଷାରେ ।।
ତୁଳସୀ ଦାସ ରାମାୟଣ । ଅନୁବାଦକୁ ମୁଁ ରଚନ ।।
କରିବାକୁ ସଙ୍କଳ୍ପି ଆଦ୍ୟ । କାଣ୍ଡ ରଚିଲି ହୋଇ ମୋଦୀ ।।
ଗୋଟିଏ ନଷ୍ଟି ସେ କାଳରେ । ଘଟିଲା ମୋର ନିବାସରେ ।।
ତାପରେ ରାମେଶ୍ୱର ଗଲି । ତେଣୁ ରଚନା ବନ୍ଦ କଲି ।।
ତା ଅନୁବାଦିତ ଅବର । ମୁଦ୍ରିତ ହୋଇଲା ଖବର ।।

Digitized by PPRACHIN, SOA

ସ୍ୱପୁରେ ପ୍ରବେଶି ଜାଣିଲି । ଇତର କାଣ୍ଡ ନ ରଚିଲି ॥
ମାତ୍ର ଯା ହୋଇଛି ଉଚିତ । ତାକୁ କୀଟାଦିରୁ ରକ୍ଷିତ ॥
କରିବା ବାଞ୍ଛାରେ ମୁଦ୍ରଣ । କରାଇ କଲି ପ୍ରକଟନ ॥
ସୁଧୀ ସମ୍ମତା ହେଲେ ଯିନା । ଉତ୍ତମା ମୋ ପଦ ରଚନା ॥
ଏପରି ବୋଲେ ସାଧୁ କର୍ମୀ । ବୀର-ବିକ୍ରମ ଦେବ ବର୍ମୀ ॥

ଧାର୍ମିକ କବି ତାଙ୍କର ଅନୁବାଦିତ ଅଂଶରୁ କୀଟ ଦଷ୍ଟ ଅଂଶକୁ ବାଦ ଦେଇ ଆଦିକାଣ୍ଡଟି କେବଳ ପ୍ରକାଶ କଲେ । ତାର ନାମ ରଖିଲେ 'ଶ୍ରୀତୁଳସୀ-ବିକ୍ରମ ରାମାୟଣ' । ଏ ପୁସ୍ତକ ଖଣ୍ଡି ତତ୍କାଳୀନ ମାଦ୍ରାଜ ଶିକ୍ଷା ବିଭାଗର ସ୍କୁଲ ସମୂହରେ ପାଠ୍ୟ ପୁସ୍ତକ ରୂପେ ନିର୍ବାଚିତ ହୋଇଥିଲା ।

ଧାର୍ମିକ କବି ଉକ୍ତ ପୁସ୍ତକର ଉତ୍କଳାନୁବାଦକୁ ପ୍ରଥମରୁ ସର୍ବଶକ୍ତିମାନ ନିର୍ଗୁଣ ନିରଞ୍ଜନଙ୍କ ପଦ-ପଙ୍କଜରେ ସମର୍ପି ଦେଇଛନ୍ତି । ଆଦିକାଣ୍ଡ ଆରମ୍ଭ କରି କବି ଲେଖିଛନ୍ତି—

"ଜୟ ଜୟ ଶ୍ରୀମଦୀଶ ନିଷ୍କଳ ସାକାର ।
ପରଂବ୍ରହ୍ମ ଜଗଦୀଶ ଚରାଚରାଧାର । ୧ ।
ସର୍ବମୟ ସର୍ବଶକ୍ତି ସର୍ବଜ୍ଞ ନିର୍ଗୁଣ ।
ନିଷ୍କଳଙ୍କ ନିର୍ବିକାର ନିତ୍ୟ ନିରଞ୍ଜନ । ୨ ।
ପ୍ରଜ୍ଞାନ ସ୍ୱରୂପ ସଚ୍ଚିଦାନନ୍ଦ ଅଚ୍ୟୁତ ।
ଅଭାବ ପୁରୁଷୋତ୍ତମ ଅନାଦି ଅନନ୍ତ । ୩ ।
ଅପର ବାଲ୍ମୀକ-ଶ୍ରୀତୁଳସୀ ଦାସ କୃତ ।
ରାମାୟଣ ହିନ୍ଦୀରେ ହୋଇଛି ପ୍ରକାଶିତ । ୪ ।
ମୋର ପୂର୍ବ ଭାଗ୍ୟରୁ ଉତ୍କଳ କବିବରେ ।
ତାର ଅନୁବାଦ କରି ନାହାନ୍ତି ସାଦରେ । ୫ ।
ତଦନୁବାଦ ମୁଁ କରି ସରଳ ଭାଷାରେ ।
ତୋ ପଦ ପଙ୍କଜେ ସମର୍ପିବାକୁ ବସୁରେଁ । ୬ ।
ହେ କୃପାସାଗର ମୋ ଏ ବାଞ୍ଛା ପୂର୍ଣ୍ଣକର ।
ମୋର ଅନୁବାଦ ପାରି ସର୍ବଜନାଦର । ୭ ।"
[ତୁଳସୀ-ବିକ୍ରମ ରାମାୟଣ—ଆଦିକାଣ୍ଡ]

ଧାର୍ମିକ କବି ବିକ୍ରମ ଦେବ ବର୍ମା ତାଙ୍କର ଆଦି କାଣ୍ଡରେ ସୀତା ବିବାହ ପରେ ରାମଚନ୍ଦ୍ର, ମିଥିଲାରୁ ସ୍ୱଗୃହ ପ୍ରତ୍ୟାବର୍ତ୍ତନ କରି ରାଜି ଯାପନ କରିଛନ୍ତି । ପ୍ରଭାତରୁ ଉଠି ଗୁରୁ, ବ୍ରାହ୍ମଣ, ଦେବତା, ପିତା ଓ ମାତାଙ୍କର ଆଶୀର୍ବାଦ ପାଇଁ ଯିବା

Digitized by PPRACHIN, SOA

ସମୟରେ ପ୍ରାଚୀନ ସଂସ୍କୃତି ଓ ପରମ୍ପରାର ତଥା ସୁନ୍ଦର ଧାର୍ମିକ ମନୋଭାବର ପରିଚୟ ଦେଇଛନ୍ତି—

"ପବିତ୍ର ପ୍ରଭାତ ଜାଣି ପ୍ରଜାଏ ଭୂନାଥ—
ଦର୍ଶନ ପାଇଁ ସିଂହଦ୍ୱାରେ ହେଲେ ଯୂଥ । ୧୭୮୧ ।
ତେବେ ଭ୍ରାତାଏ ଉଠି ସୁର, ଗୁରୁ, ବ୍ରାହ୍ମଣ ।
ମାତା ପିତାଙ୍କୁ ବନ୍ଦି ପାଇ ଆଶୀର୍ବଚନ । ୧୭୮୨ ।
ଆପେ ପୂତ ହେଲେ ଦେଇଁ ନିର୍ମଳ ଜଳେ ସ୍ନାନ ।
ସାରି ଶୁଚି ହୋଇଯାନ୍ତେ ପିତାଙ୍କ ଆହ୍ୱାନ । ୧୭୮୩ ।
ତାଙ୍କୁ ଦେଖି ସେ କୃଷ୍ଣାଇ ପାଖେ ବସାଇଲା ।
ସଭ୍ୟଗଣ ସ୍ନେହେ ଧନ୍ୟ ବୋଲି ଭାବିଲା । ୧୭୮୪ ।"
[ତୁଳସୀ ବିକ୍ରମ ରାମାୟଣ]

ଧାର୍ମିକ କବି ଏହି ଅନୁବାଦ କାର୍ଯ୍ୟଟି ଭକ୍ତିରେ କରିଛନ୍ତି ବୋଲି ସ୍ୱୀକାର କରିଛନ୍ତି । ସେ ପୁଣି ପାଠକମାନଙ୍କୁ ଅନୁରୋଧ କରିଛନ୍ତି ବହୁତ ସମୟ ଗାଢ଼ ନିଦ୍ରାରେ ଶୋଇ ସାରିଲଣି—ଏବେ ହେଲେ ଭବସାଗର ପାରି ହେବାପାଇଁ ଶ୍ରୀହରି ସ୍ମରଣ କର—

"ହରି ଭକ୍ତିରସେ ମାତ୍ର ଲୋଭାଗ୍ନି ଲଭଇ ।
ତାହା ଜାଣି ଭକ୍ତିରେ ଏହା ରଚିଲି ମୁହିଁ । ୧୭୦୬ ।
ଜନ୍ମତ ମଳଗ୍ରସିତ କାଳତ କଠିନ ।
ନିତ୍ୟ ସୁଖ ପାଇବାକୁ ନ ଦିଶେ ସାଧନ । ୧୭୦୭ ।
ଏତେ ଜାଣି ଯେ ଜନ କରେ ହରି ସ୍ମରଣ ।
ସେ ଅଟେ ଜ୍ଞାନ-ବାନ ଧନ୍ୟ ତାର ଜନନ । ୧୭୦୮ ।
ଆରେ ମନ ! ମହା ମୋହ ନିଶାନ୍ଧକାରରେ ।
ବହୁ ସମୟୁ ଯାଏ ଶୋଇଲୁଣି ଗାଢ଼ରେ । ୧୭୦୯ ।
ଏବେ ହେଲେ ତୁ ଚେତ ଗୁଡ଼ କପଟାଦିକ ।
ଭଜ ନିଷ୍ଠଲେ ପୁଣି ପ୍ରେମରେ ଶ୍ରୀହରିଙ୍କି । ୧୭୧୦ ।"

କବି ବିକ୍ରମ ଦେବ ପ୍ରାଚୀନ କବିଙ୍କ ପରି ରଚନାକାଳ ଦେବାକୁ ଭୁଲି ନାହାନ୍ତି । ଆଦିକାଣ୍ଡ ଶେଷରେ ସେ କହିଛନ୍ତି—

"ଶ୍ରୀତୁଳସୀ-ବିକ୍ରମ ରାମାୟଣ ବିରର ।
ଆଦିକାଣ୍ଡ ବିରଚିତ କୃପାରୁ ତୋହର । ୧୭୧୭ ।
ଶାଳିବାହାନ ଶକ ଶରବ୍ଧି ଗଜେନ୍ଦୁର ।
ଏ ଆଦିକାଣ୍ଡ ସମ୍ପୂର୍ଣ୍ଣ ହୋଇଲା ଶୁଭରେ । ୧୭୧୮ ।"

Digitized by PPRACHIN, SOA

ରଚନାକାଳ—ଇନ୍ଦୁ=ଚନ୍ଦ୍ର-୧, ଗଜ=ଅଷ୍ଟଗଜ-୮, ଅବ୍ଧି=ସମୁଦ୍ର-୪ ଏବଂ ଶର=୫ ଅର୍ଥାତ୍ ୧୮୪୫ ଶକାବ୍ଦ ବା ୧୯୨୩ ମସିହାରେ ଶ୍ରୀତୁଳସୀ-ବିକ୍ରମ ରାମାୟଣର ଆଦିକାଣ୍ଡ ସମ୍ପୂର୍ଣ୍ଣ କରିଥିଲେ ।

ଶ୍ରୀତୁଳସୀ-ବିକ୍ରମ ରାମାୟଣର ଆଦିକାଣ୍ଡ ଦୀର୍ଘ ଦୁଇଶତ ପୃଷ୍ଠାବ୍ୟାପୀ ଏକ ମୌଳିକ ରଚନା ପରି ଜଣାପଡ଼େ । ମୂଳ ହିନ୍ଦୀ ପୁସ୍ତକର ଓଡ଼ିଆ ଅନୁବାଦ ପାଠ କରି ସ୍ଥାନେ ସ୍ଥାନେ ମୌଳିକ ରଚନାର ମାଧୁର୍ଯ୍ୟକୁ ଅତିକ୍ରମ କରି ପାଠକ ତାର ଏକ ମନମତାଣିଆ ଭକ୍ତିରସରେ ଭାସି ଉଠେ ।

ଆଜିକାଲିର ଯୁବକ ଯୁବତୀମାନେ ଉଦ୍‌ଭ୍ରାନ୍ତ ହୋଇ ନିଜ ଧର୍ମକୁ ଭଲ ଭାବେ ନ ବୁଝି ଅନ୍ୟ ଧର୍ମକୁ ଗ୍ରହଣ କରୁଛନ୍ତି । ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି— 'ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।' ସେହିପରି ବିକ୍ରମଦେବ ବର୍ମା ତାଙ୍କର 'ପୁରାଣ ବୋଧ' ନାମକ ରଚନାରେ ପାଠକମାନଙ୍କୁ ଜଗଦୀଶଙ୍କର ପ୍ରେମପାତ୍ର ହେବାପାଇଁ ନିବେଦନ କରିଛନ୍ତି—ନିମ୍ନରେ ପୁରାଣବୋଧର ଅବିକଳ ନକଲ୍ ଦିଆଗଲା ।

"ପାଠକେ,

ଜଗତରେ ସମସ୍ତ ଧର୍ମମାନଙ୍କରେ ଆର୍ଯ୍ୟଧର୍ମମାତ୍ର ସର୍ବଜନାଚରଣୀୟ । ତହିଁ ଅଲିଙ୍ଗ ଜୀବାତ୍ମାର ଏବଂ ସର୍ବଙ୍ଗ ପରମାତ୍ମାର ସମ୍ବନ୍ଧ ବିଶଦରେ କଥିତ । ପରମାଣୁ-ଠାରୁ ମହତ୍ତ୍ୱପଦାର୍ଥ ଯାଏ ସକଳ ପଦାର୍ଥଚୟରେ ପରମାତ୍ମା ବିଦ୍ୟମାନ ହୋଇ-ଥିବାରୁ କୌଣସି ପଦାର୍ଥ ମଧ୍ୟ ନିନ୍ଦନୀୟ ନୁହେଁ ବୋଲି ଅପୌରୁଷେୟ ବେଦମାନଙ୍କରେ, ପ୍ରାଚୀନ ପୁରାଣମାନଙ୍କରେ ଏବଂ ଅର୍ବାଚୀନ କାବ୍ୟମାନଙ୍କରେ ବର୍ଣ୍ଣିତ । ମଧ୍ୟ ପଦାର୍ଥଭେଦ କେବଳ ବ୍ୟାବହାରିକ ମାତ୍ର ବୋଲି, ତାହା ପାରମାର୍ଥିକ ନୁହେଁ ବୋଲି, ଅଭେଦ ନିତ୍ୟ ବୋଲି ଏବଂ ଭେଦବୁଦ୍ଧି ଦୁଃଖର କାରଣ ବୋଲି ସୁସ୍ପଷ୍ଟରେ କୁହା ଯାଇଅଛି । କିନ୍ତୁ ଦୁଃଖର ବିଷୟ ଏହି ଯେ, ଅଦ୍ୟ ଭାରତୀୟ ଯୁବକମାନଙ୍କ ମଧ୍ୟରୁ କେତେଜଣ ସନାତନ ଧର୍ମତତ୍ତ୍ୱାନଭିଜ୍ଞ ଏବଂ ପରଧର୍ମ ବଚନ ଲାଳସ ହୋଇ ଅନ୍ୟ ଧର୍ମାବଲମ୍ବନ କରୁ ଅଛନ୍ତି । ସେମାନେ ଅଳ୍ପ ଶ୍ରମ ସ୍ୱୀକାର କରି ଆର୍ଯ୍ୟଧର୍ମର ବୈଶିଷ୍ଟ୍ୟକୁ ଏବଂ ଔଦାର୍ଯ୍ୟକୁ ଜାଣି ପାରିଲେ, ଗ୍ରହଣ କରିଥିବା ନବୀନ ଧର୍ମକୁ ପରିତ୍ୟାଗ କରି ପୁନଶ୍ଚ ଆର୍ଯ୍ୟଧର୍ମୀ ହେବେ, ନିଃସନ୍ଦେହ । ବିଷ୍ଣୁ-ପୁରାଣ—ତୃତୀୟାଂଶ ଅଷ୍ଟମାଧ୍ୟାୟର କେତୋଟି ଶ୍ଳୋକ ମାତ୍ର ଆର୍ଯ୍ୟ ଧର୍ମର ଉଦାହରଣ ରୂପେ ଅଧଃପ୍ରଦେଶରେ ଅଙ୍କିତ :—

Digitized by PPRACHIN, SOA

ପରାପବାଦଂ ପୈଶୁନ୍ୟ—
ମନୃତଞ୍ଚ ନ ଭାଷତେ ।
ଅନ୍ୟୁଦ୍‌ବେଗକରେ ଯଷ୍ଟ
ତୋଷ୍ୟତେ ତେନ କେଶବଃ ॥

ପରଦାର ପରଦ୍ରବ୍ୟ—
ପରହିଂସାସୁ ଲାଲସାଂ ।
ନ କରୋତି ପୁମାନ୍ ଭୂପ ।
ତୋଷ୍ୟତେ ତେନ କେଶବଃ ॥
ନ ତାଡ଼ୟତି ନୋ ହନ୍ତି
ପ୍ରାଣିନୋ ନାସଦାହତେ ।
ଯୋ ମନୁଷ୍ୟୋ ମନୁଷ୍ୟେନ୍ଦ୍ରଃ
ତୋଷ୍ୟତେ ତେନ କେଶବଃ ॥
ଦେବ ଦ୍ୱିଜ ଗୁରୁଣାଂ ଯଃ
ଶୁଶ୍ରୂଷାସୁ ସଦୋଦ୍ୟତଃ ।
ତୋଷ୍ୟତେ ତେନ ଗୋବିନ୍ଦଃ
ପୁରୁଷେଣ ନରେଶ୍ୱର ! ॥
ଯଥାତ୍ମନି ଚ ପୁତ୍ରେଷୁ
ସର୍ବଭୂତେଷୁ ଯସ୍ତଥା ।
ହିତକାମୋ ହରିସ୍ତେନ
ସର୍ବଦା ତୋଷ୍ୟତେ ଧ୍ରୁବମ୍ ॥
ଯସ୍ୟ ରାଗାଦିଦୋଷେଣ
ନ ଦୁଷ୍ଟଂ ନୃପ ! ମାନସମ୍ ।
ବିଶୁଦ୍ଧଚେତସା ବିଷ୍ଣୁ—
ସ୍ତୋଷ୍ୟତେ ତେନ ସର୍ବଦା ॥

ତାତ୍ପର୍ଯ୍ୟ—ଯେଉଁ ଜନ ପରନିନ୍ଦା କରେ ନାହିଁ, ଖଚ କହେ ନାହିଁ, ମିଛ ବୋଲେ ନାହିଁ, ପରକୁ ଆକୁଳ କରେ ନାହିଁ, ପରଦାରରେ ଏବଂ ପରଦ୍ରବ୍ୟରେ ଅଭିଳାଷ କରେ ନାହିଁ, ଜୀବ ହିଂସା କରେ ନାହିଁ, ପ୍ରାଣୀଙ୍କୁ କୌଣସି-ବଧ ବାଧା ଦିଏ ନାହିଁ, ପୂଜ୍ୟଜନଙ୍କ ଶୁଶ୍ରୂଷା କରେ, ନିଜର ଏବଂ ପୁତ୍ରର ହିତସାଧନ କରିବା ପରି ସକଳ ପ୍ରାଣୀଙ୍କ ହିତସାଧନ କରେ ଏବଂ ରାଗ ଦ୍ୱେଷାଦି ଦୂଷିତଚିତ୍ତ ନୋହି-ଥାଏ, ସେହି ମାତ୍ର ଜଗଦୀଶ ପ୍ରେମପାତ୍ର ହୁଏ । ଇତି ।

ଶ୍ରୀ ବିକ୍ରମ ଦେବ ବର୍ମା’’

Digitized by PPRACHIN, SOA

ଏକାଦଶ ପରିଚ୍ଛେଦ

ନାଟ୍ୟକାର ବିକ୍ରମ ଦେବ ବର୍ମା

ଓଡ଼ିଶାରେ ପ୍ରଥମ ଓଡ଼ିଆ ନାଟକ—'ବାବାଜୀ' (ଖ୍ରୀ. ୧୮୭୭) ଏବଂ ଦ୍ୱିତୀୟ ନାଟକ କାଞ୍ଚି କାବେରୀ (ଖ୍ରୀ ୧୮୮୦) ଯଥାକ୍ରମେ ଜଗମୋହନ ଲାଲ ଓ ରଙ୍ଗଲାଲ ବନ୍ଦୋପାଧ୍ୟାୟ ରଚନା କରିଥିଲେ । * ଊନବିଂଶ ଶତାବ୍ଦୀରେ ଯେଉଁମାନେ ନାଟକ ସୃଷ୍ଟି କରି ଯାଇଛନ୍ତି, ସେମାନଙ୍କ ମଧ୍ୟରୁ ବିକ୍ରମ ଦେବ ବର୍ମା ଥିଲେ ଜଣେ ପ୍ରତିଭାବାନ ସ୍ରଷ୍ଟା । ନାଟ୍ୟକାର ବିକ୍ରମ ଦେବ ବର୍ମା ତାଙ୍କର ଯୌବନାବସ୍ଥାରେ ଜଣେ ନାଟକପ୍ରିୟ ଥିଲେ । ସେ ସମୟରେ ତାଙ୍କର ଅଧିକାଂଶ ଲେଖା ପ୍ରାୟ ନାଟକ ଶ୍ରେଣୀଭୁକ୍ତ । ତାଙ୍କର ଗୀତିନାଟ୍ୟ 'ଶ୍ରୀରାଧାମାଧବ ନାଟକ' ଓଡ଼ିଆ ଭାଷାରେ ଖୁବ୍ ପ୍ରସିଦ୍ଧି ଲାଭ କରିଥିଲା । ଏହି ପୁସ୍ତକ ଖ୍ରୀ. ୧୮୯୭ରେ କଟକ ପ୍ରିଣ୍ଟିଂ କୋମ୍ପାନୀ ମୁଦ୍ରଣାଳୟରେ ମୁଦ୍ରିତ ହୋଇଥିଲା । ଏହା ଥିଲା ତାଙ୍କର ପ୍ରଥମ ଓଡ଼ିଆ ନାଟକ । ବ୍ୟାସକବି ଫକୀର ମୋହନ ସେନାପତି ତାଙ୍କର "ଉତ୍କଳ ଭ୍ରମଣ" କାବ୍ୟରେ ତାଙ୍କ ପୁସ୍ତକ ସମ୍ବନ୍ଧରେ ଲେଖିଛନ୍ତି—

"ଧନ୍ୟ ହେ ବିକ୍ରମ ଦେବ ପଣ୍ଡିତ ରତନ,
ମହାରାଜ ଜୟପୁର ଉତ୍କଳ ଭୂଷଣ ।
ତୁମ୍ଭର କବିତ୍ୱ—ରାଧାମାଧବ ନାଟକ,
ପଢ଼ି ଜ୍ଞାନ କରେ ମୋର ଜୀବନ ସାର୍ଥକ ।"
ବିଶାଖପଟ୍ଟଣ ମଧ୍ୟେ ତେଲିଙ୍ଗ ଦେଶରେ
ଛନ୍ତି, ଦେଶୀଲୋକ କେହି ନାହାନ୍ତି ପାଶରେ ।
ଓଡ଼ିଆ ପଢ଼ିବା ପାଇଁ ସମର୍ପିଛି ପ୍ରାଣ
ଧନ୍ୟ ଧନ୍ୟ ତୁମ୍ଭ ମାତୃଭାଷା ପ୍ରତି ଟାଣ ।

British Policy towards cultural institutions of Orissa—by R N. Das. Our Documentary Heritage Vol-IV (Some aspect of Cultural History of Orissa, Orissa State Archives, Bhubaneswer 1997. P. 85.

Digitized by PPRACHIN, SOA

ସଂସ୍କୃତ, ଉତ୍କଳ, ଆନ୍ଧ୍ର, କରଣି ଆସ୍ୱାଦ
ଛନ୍ଦ ଭାଷା ଭଲରୂପେ କରିଛ ଅଭ୍ୟାସ ।
ଆପଣ ବୋଲନ୍ତି ଶୁଣିଅଛୁ ପରସ୍ପର
ଆନ୍ଧ୍ରରୁ ଉତ୍କଳ କାବ୍ୟ ଅଟେ ଶ୍ରେଷ୍ଠତର । (ଉତ୍କଳ ଭ୍ରମଣ)
(ଫକୀର ମୋହନ ଗ୍ରନ୍ଥାବଳୀ ୧ମ)

ନାଟ୍ୟକାର ବିକ୍ରମ ଦେବ ବର୍ମା ଓଡ଼ିଆ ଭାଷାରେ 'ଶ୍ରୀରାଧାମାଧବ' ନାଟକ ପରେ ପରେ ତେଲୁଗୁ ସାହିତ୍ୟରେ ଆଉ ଦୁଇଖଣ୍ଡି ନାଟକ ଲେଖିଥିଲେ । ତାଙ୍କର ତେଲୁଗୁ ଭାଷାରେ "ଶ୍ରୀନିବାସ କଲ୍ୟାଣ" ନାମକ ନାଟକ ପାଞ୍ଚଅଙ୍କ ବିଶିଷ୍ଟ । ଏହାର ପ୍ରଥମ ସଂସ୍କରଣ ଖ୍ରୀ. ୧୮୯୯ରେ ପ୍ରକାଶିତ ହୋଇଥିଲା । ନାଟକରେ ବିଷ୍ଣୁ ଓ ଲକ୍ଷ୍ମୀଙ୍କ ମନାନ୍ତର ହୋଇ ପରଜନ୍ମରେ ବିଷ୍ଣୁ ଶ୍ରୀନିବାସ ନାମରେ ଓ ଲକ୍ଷ୍ମୀ ପଦ୍ମାବତୀ ନାମରେ ବିଭିନ୍ନ ସ୍ଥାନରେ ଜନ୍ମଗ୍ରହଣ କରି ଦୈବାତ୍ ସେମାନଙ୍କର ବିବାହ ଦ୍ୱାରା ପୁନର୍ମିଳନ ହୋଇଥିବା ବୃତ୍ତାନ୍ତ ସେହି ନାଟକରେ ସନ୍ନିବେଶିତ ହୋଇଛି ।

ତାଙ୍କର ତେଲୁଗୁ ଭାଷାରେ ଅନ୍ୟ ଏକ ନାଟକ "ମାନବତୀ ଚରିତମ୍" । ଏହାର ପ୍ରଥମ ସଂସ୍କରଣ ଖ୍ରୀ. ୧୯୦୫ରେ ପ୍ରକାଶିତ ହୋଇଥିଲା । ମାଦ୍ରାଜ ବିଶ୍ୱବିଦ୍ୟାଳୟ ୧୯୦୮ ଖ୍ରୀଷ୍ଟାବ୍ଦରେ ଏହି ପୁସ୍ତକଟିକୁ ତତ୍କାଳୀନ ଏଫ୍. ଏ. ଶ୍ରେଣୀରେ ପାଠ୍ୟପୁସ୍ତକ ରୂପେ ମଞ୍ଜୁରି ଦେଇଥିଲେ । କଳିଙ୍ଗ ଦେଶର ରାଜା ମାଧବ ବର୍ମାଙ୍କ ପୁତ୍ର ଗୋପାଳ ବର୍ମା ବିଭିନ୍ନ ଦେଶର ରାଜକନ୍ୟାମାନଙ୍କୁ ବିଭିନ୍ନ ପ୍ରଶ୍ନ ପଚାରି ନିଜ ପତ୍ନୀ ପାଇଁ ଉପଯୁକ୍ତା ମନୋନୀତ କରି ପାରିଥିଲେ । ଶେଷରେ କର୍ଣ୍ଣାଟ ଦେଶର କେଶବ ବର୍ମାଙ୍କ ପୁତ୍ରୀ ମାନବତୀଙ୍କୁ ବିବାହ କରିଥିଲେ । ମାନବତୀଙ୍କୁ ଜଣେ ଦୁଷ୍ଟ ଅପହରଣ କରି ନେଇଥିଲା । ମାନବତୀ ନିଜର ସାହସ ଓ ବୁଦ୍ଧି ବଳରେ ଦୁଷ୍ଟ ଅତ୍ୟାଚାରୀଠାରୁ ମୁକୁଳିଥିଲେ । ଅତ୍ୟାଚାରୀକୁ ଉପଯୁକ୍ତ ଦଣ୍ଡ ଦେଇ ପାତିବ୍ରତ୍ୟର ପ୍ରମାଣ ଦେଖାଇ ନିଜ ପତିଙ୍କୁ ଲାଭ କରିଥିଲେ । କର୍ଣ୍ଣାଟକର ରାଜକନ୍ୟା ମାନବତୀର ଚରିତ୍ର ଚିତ୍ରଣରେ ନାଟ୍ୟକାରଙ୍କ ଦକ୍ଷତା ନାଟକରେ ପରିସ୍ଫୁଟ ।

ବୁଦ୍ଧ ଚରିତ :

ଓଡ଼ିଆ ନାଟକ ମଧ୍ୟରେ ବୁଦ୍ଧ ଚରିତ ନାଟକଟି ତାଙ୍କର ମୌଳିକ ରଚନା । ସେଥିରେ ପ୍ରଥମେ ଦୁଇଟି ଶ୍ଳୋକ ଆବୃତ୍ତି ପରେ ସୂତ୍ରଧାର ଓ ମାରି ଦୁଇ ଭୂମିକାରେ ଅବତୀର୍ଣ୍ଣ । ଏହା ପ୍ରସ୍ତାବନା । ଏହା ପରେ ପ୍ରଥମାଙ୍କ ଆରମ୍ଭ । ସୂତ୍ରଧାର ପ୍ରସ୍ତାବନାରେ କହିଛି :—

Digitized by PPRACHIN, SOA

ଭରଦ୍ୱାଜ-ଗୋତ୍ର ପବିତ୍ର ଚରିତ୍ର
କୃଷ୍ଣଚନ୍ଦ୍ର ଦେବ ସୁତ
ଶ୍ରୀ ବିକ୍ରମ ଦେବ ବର୍ମା ଧରାଧିପ
ରଚିତ 'ବୁଦ୍ଧ ଚରିତ' ।

ଏହି ନାଟକଟି ଶାନ୍ତରସପ୍ରଧାନ । ନାଟକରେ ବୁଦ୍ଧଦେବ ହିତୋପଦେଶ ଦେଇଛନ୍ତି । ଏହା ବଡ଼ ତାତ୍ତ୍ୱିକ ହୋଇଛି । ନାଟକଟି ପାଞ୍ଚଅଙ୍କ ବିଶିଷ୍ଟ । ଏହା ଗୀତିନାଟ୍ୟ ଧର୍ମୀ ନାଟକ । ଏଥିରେ ଅଳଙ୍କାର ପ୍ରୟୋଗ, ସୁନିର୍ବାଚିତ ବିଷୟ ବିନ୍ୟାସ ସହ ବିଭିନ୍ନ ସ୍ଥଳରେ ରସପୂର୍ଣ୍ଣ ସଙ୍ଗୀତ ଦ୍ୱାରା ଏକ ମହନୀୟ କଳାକୃତିରେ ପରିଣତ ହୋଇ ପାରିଛି ।

ଶ୍ରୀ ଉତ୍କଳ କୁନ୍ଦମାଳା ନାଟକ :

ଏ ନାଟକ ବିକ୍ରମଦେବ ବର୍ମା ଜୟପୁରରେ ରାଜା ହେଲ ପରେ ଖ୍ରୀ. ୧୯୩୩ରେ ରଚନା କରିଥିଲେ । ନାଟ୍ୟକାର ପ୍ରଥମେ ଏହାର ଭୂମିକା ଲେଖିଛନ୍ତି, "ଏ ନାଟକର ଇତିବୃତ୍ତ ରାମାୟଣାନ୍ତର୍ଗତ ଉତ୍ତର କାଣ୍ଡର ଚରିତ୍ର ହୋଇଥିଲେ ହେଁ, ସୀତାଦେବୀ ରଚିତା କୁନ୍ଦମାଳା ଶ୍ରୀରାମରେ ପ୍ରଥମତଃ ଦର୍ଶିତା ହୋଇ ତନ୍ମାନସ ଜରୁଣାର୍ଦ୍ର କଲା କାରଣରୁ ଏହା "କୁନ୍ଦମାଳା" ନାମରେ ଅଭିହିତ । ଏହା ଅଧୁନା ଉତ୍କଳୀକୃତା ହୋଇ "ଉତ୍କଳ କୁନ୍ଦମାଳା" ନାମ ଧାରଣ କଲା ।

ଏ ନାଟକକୁ ସଂସ୍କୃତ ଭାଷାରେ ଅରାରାଳପୁର ନିବାସୀ (ଅଗ୍ରାଳପୁର) * ମନୀଷୀ ଦିଙ୍ଗନାଗ କବି ରଚିଲା ପରି ସୂତ୍ରଧାରଙ୍କରୁ ଜଣାଯାଏ । କିନ୍ତୁ ସେ ପୂର୍ବସ୍ଥିତ ପ୍ରଦେଶ ଏବଂ କବିକୁଳ ଗୋଷ୍ଠୀ ଅଗମ୍ୟଗୋଚର । କିଏ କିଏ ଦିଙ୍ଗ୍‌ନାଗଙ୍କୁ ବୌଦ୍ଧ ବୋଲନ୍ତି ।** ସେ ଅନ୍ୟ ବ୍ୟକ୍ତି ହୋଇଥିବ । ମାତ୍ର ସୂତ୍ରଧାର

---

* ଅଗ୍ରାଳପୁର—ବାଂଶୀ-ବୀଣା-ବାଦକ ବିକ୍ରମ ଦେବ—ଲେଖକ ପ୍ରାଧ୍ୟାପକ ଶରତ କୁମାର ମହାନ୍ତି । Souvenir—Vikram Deb College, Jeypore—Golden-Jubilee-1997ରେ ଦର୍ଶାଇଛନ୍ତି ।

** ଓଡ଼ିଶାରେ ବୌଦ୍ଧଧର୍ମ—ଡଃ ନବୀନ କୁମାର ସାହୁ ଓଡ଼ିଆ ସାହିତ୍ୟ ଏକାଡେମୀ ପୃ ୧୫

"ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀରେ ଶୈରଶୈଳ ଠାରେ ଆଚାର୍ଯ୍ୟ ଦିଙ୍ଗ୍‌ନାଗଙ୍କର ଆଶ୍ରମ ଥିଲ । ଦିଙ୍ଗ୍‌ନାଗ ମାଧ୍ୟମିକ ଦର୍ଶନ ନୁହେଁ ଯୋଗାଚାର ବିଜ୍ଞାନବାଦ ଦର୍ଶନର ଏକ ପ୍ରସିଦ୍ଧ ପଣ୍ଡିତ । ଧଉଳୀ ପାହାଡ଼ରୁ ଡେଲାଙ୍ଗ ନିକଟସ୍ଥ ବିଶ୍ୱନାଥ ମୁଣ୍ଡିଆ ପାହାଡ଼ ଯାଏ ଧାଡ଼ି ଧାଡ଼ି ହୋଇ ଅନେକ ଛୋଟ ପାହାଡ଼ ରହିଛି । ସେଗୁଡ଼ିକ ମଧ୍ୟରୁ ବିଶ୍ୱନାଥ ମୁଣ୍ଡିଆକୁ ଶୈର ଶୈଳ ସହିତ ଚିହ୍ନିତ କରାଯାଇଛି ।"

Digitized by PPRACHIN, SOA

ଦ୍ୱାରା ଗଣେଶ ପାଦ ରଜ ଏବଂ କପର୍ଦ୍ଦ ସ୍ତୁତ ହୋଇଥିବାରୁ ଏ ଦଙ୍ନାଗ କବି ଅର୍ହମତାବଲମ୍ବୀ ।

"ଅଦ୍ରେଃଶୃଙ୍ଗଂ ହରତପବନଃ କିଂସ୍ୱିଦତ୍ୟୁନ୍ମୁଖୀଭି-
ର୍ଦୃଷ୍ଟୋତ୍ସାହଶ୍ଚକିତଚକିତଂ ମୁଗ୍ଧସିଦ୍ଧାଙ୍ଗନାଭିଃ ।
ସ୍ଥାନାଦସ୍ମାତ୍ସରସନିଚୂଳାଦୁତ୍ପତୋଦଙ୍ମୁଖଃ ଖଂ
ଦଙ୍ନାଗାନାଂ ପଥି ପରିହରନ୍ ସ୍ଥୂଳ ହସ୍ତାବଲେପାନ୍ ।"

"ଏହି ପୂର୍ବମେଘ ଚତୁର୍ଦ୍ଦଶ ଶ୍ଳୋକର ଟୀକାରେ ଦଙ୍ନାଗ କବି କାଳିଦାସ ମହାକବିର ସମସାମୟିକ ବୋଲି ମହାମହୋପାଧ୍ୟାୟ କୋଳାଚଳ ମଲ୍ଲିନାଥ ସୂରିଙ୍କ ଦ୍ୱାରା ସୂଚିତ । କାଳିଦାସ ସମୟ ଏକ ପ୍ରକାର ନିଶ୍ଚିତ ହୋଇଥିବାରୁ ଏ କବିର ସମୟ ତାହା ମାନ ବୋଲିବାକୁ ହେବ । × × × ।

ଏ ନାଟକ ଏବଂ ଅନୁବାଦ ବିଧି ଉତ୍କଳ ଦେଶରେ ନୂତନ । ଏ ଅନୁବାଦ ବିବୁଧାନୁମୋଦିତ ହେବାପାଏ ସମ୍ଭବପର ବୋଲିଯାଇ ନ ପାରେ । ମୁଁ ମୁକ୍ତ କଣ୍ଠରେ ସ୍ୱୀକାର କରେ କି ଏ ନାଟକର ଗୁଣ ଦଙ୍ନାଗ କବିର, ଦୋଷ ମୋହର— ଏହା ନିଶ୍ଚୟ । ଇତି ।" ଏହି ନାଟକରେ ଛଅଟି ଅଙ୍କ ଅଛି । ଲକ୍ଷ୍ମଣ ସୀତାଦେବୀଙ୍କୁ ରଥରେ ନେଇ ବନବାସ ଯିବା ଘଟଣାରୁ ଆରମ୍ଭ ହୋଇ ଲବକୁଶଙ୍କର ରାଜ୍ୟା-ଭିଷେକ ପର୍ଯ୍ୟନ୍ତ ବର୍ଣ୍ଣିତ । ଏହି ନାଟକଟି ଦଙ୍ନାଗ କବିଙ୍କର ମୂଳ ସଂସ୍କୃତ ଭାଷାରୁ ଅନୂଦିତ ହେଲେ ମଧ୍ୟ ବିକ୍ରମ ଦେବଙ୍କର ମୌଳିକ ରଚନା ପରି ଜଣାପଡ଼େ ।

ନାଟ୍ୟକଳା

ନାଟ୍ୟକାର ବିକ୍ରମ ଦେବ ବର୍ମା ରୂପକ ଦଶବିଧ ଏବଂ ଉପରୂପକ ଅଷ୍ଟାଦଶ-ବିଧ ବୋଲି ବର୍ଣ୍ଣନା କରିଛନ୍ତି । 'ନାଟ୍ୟକଳା' ନାମକ ଏକ ରଚନା ନାଟ୍ୟକାରଙ୍କୁ ସାର୍ଥକ ନାଟ୍ୟକାର କରିପାରିଛି । ନାଟ୍ୟକଳାର ଅବିକଳ ନକଲ ଦିଆଗଲା—

"ନୃତ୍ତଂ ନୃତ୍ୟଂ ଚ ନାଟ୍ୟଂ ଚ ଲାସ୍ୟଂ ରାସ ଚ ତାଣ୍ଡବଂ" ଏହି ଷଡ଼ବିଧ ନର୍ତ୍ତନ ଭାରତରେ ପ୍ରସିଦ୍ଧ । ସାଧାରଣାଙ୍ଗିକାଭିନୟ ଯୁକ୍ତ—ନୃତ୍ତ । ଏହା ସଂକୀର୍ତ୍ତନ ମଣ୍ଡଳୀରେ ଦ୍ରଷ୍ଟବ୍ୟ । ବାଚକ—ବିଷ୍ଣନାଙ୍ଗିକାଭିନୟଯୁକ୍ତ—ନୃତ୍ୟ । ଏହା ବେଶ୍ୟାଦି ଜନଙ୍କଠାରେ ଦ୍ରଷ୍ଟବ୍ୟ । ଆଙ୍ଗିକ ବାଚକାଭିନୟଯୁକ୍ତ—ନାଟ୍ୟ । ଏହା ନାଟକାଦି ଦୃଶ୍ୟମାନଙ୍କରେ ଦ୍ରଷ୍ଟବ୍ୟ । ଯଷ୍ଟି କମ୍ବା ଲଗୁଡ଼ ବଜାଇ ନାଚିବା— ଲାସ୍ୟ । ଏହା ଗୋପାଳାଦିଙ୍କ ନାଚରେ ଦ୍ରଷ୍ଟବ୍ୟ । ବୃନ୍ଦାବନରେ ଶ୍ରୀକୃଷ୍ଣ କ୍ରୀଡ଼ା — ରାସ । ମହାଦେବ ନର୍ତ୍ତନ ତାଣ୍ଡବ । ତଣ୍ଡୁ ନାମକ ବ୍ୟକ୍ତିକି ମହାଦେବ ଶିଖାଇ-

Digitized by PPRACHIN, SOA

ଥିଲ ହେତୁରୁ ସେ ନର୍ତ୍ତନ ତାଣ୍ଡବ ନାମରେ ବିଖ୍ୟାତ । ନାଟ୍ୟ ନାଟକାକୃତିରେ ପରିଣତ । ନାଟକ ପ୍ରଭୃତିଙ୍କୁ ରୂପକ ବୋଲନ୍ତି । ନାଟ୍ୟକଳା ଶାସ୍ତ୍ରର ପ୍ରଥମାଗ୍ରଣୀ ଭରତ ମୁନି । ସେ ଶାସ୍ତ୍ରକୁ ଭଲେ ଚର୍ଚ୍ଚା କରି ପ୍ରସିଦ୍ଧି ଲଭିଲ ଗ୍ରନ୍ଥ—'ଦଶରୂପକ' । ତହିଁ ଦଶବିଧ ରୂପକ ପ୍ରଦର୍ଶନ ବର୍ଣ୍ଣିତ ।

ସେ ପୁସ୍ତକର ପ୍ରଥମ ଭାଗକୁ ବିଷ୍ଣୁ ପୁତ୍ର—ଧନଞ୍ଜୟ ଏବଂ ଦ୍ୱିତୀୟ ଭାଗକୁ ବିଷ୍ଣୁ ପୁତ୍ର—ଧନିକ ରଚି ଅଛନ୍ତି । ବୋଧହୁଏ ସେ ଭ୍ରାତୃଦ୍ୱୟ ମଧ୍ୟ ଭୋଜରାଜ ବିରଚିତ 'ସରସ୍ୱତୀ କଣ୍ଠାଭରଣ'ରେ, ମୁମ୍ମଟ ଭଟ୍ଟ ବିରଚିତ 'କାବ୍ୟ ପ୍ରକାଶ'ରେ, ଚନ୍ଦ୍ରଶେଖର ପୁତ୍ର—ବିଶ୍ୱନାଥ କବିରାଜ ବିରଚିତ 'ସାହିତ୍ୟ ଦର୍ପଣ'ରେ, ସାରଙ୍ଗ-ଦେବ ବିରଚିତ 'ସଙ୍ଗୀତ ରତ୍ନାକର'ରେ, ଦଣ୍ଡି ବିରଚିତ 'କାବ୍ୟାଦର୍ଶ'ରେ, ଅପ୍ପୟଦୀକ୍ଷିତ ବିରଚିତ 'କୁବଳୟାନନ୍ଦ'ରେ ଜଗନ୍ନାଥ ପଣ୍ଡିତ ବିରଚିତ 'ରସ-ଗଙ୍ଗାଧର'ରେ, ବିଦ୍ୟାନାଥ ବିରଚିତ 'ପ୍ରତାପରୁଦ୍ରୀୟ'ରେ, କବି କର୍ଣ୍ଣପୂରଙ୍କ ବିରଚିତ 'ଅଲଙ୍କାର କୌସ୍ତୁଭ'ରେ, ରୁଦ୍ରଭଟ୍ଟ ବିରଚିତ 'ଶୃଙ୍ଗାର ତିଳକ'ରେ, ଭାନୁଦତ୍ତ ବିରଚିତ 'ରସମଞ୍ଜରୀ'ରେ ଏବଂ 'ରସ ତରଙ୍ଗିଣୀ'ରେ ରୂପକର ଲକ୍ଷଣାଦି ଦ୍ରଷ୍ଟବ୍ୟ । ରୂପକର ଆଦର୍ଶ ସ୍ୱାଭାବିକ ପାତ୍ର ପୋଷଣ ଏବଂ ଭାବକୁ ଅଭିନୟ ଦ୍ୱାରା ପ୍ରକଟନ । ରୂପକ ଦଶବିଧ । ଉପରୂପକ ଅଷ୍ଟାଦଶବିଧ । ତନ୍ମଧ୍ୟରେ ରୂପକ ଉତ୍ତମ ।

୧ । ରୂପକରେ ନାଟକ—ନାଟକରେ ପାଞ୍ଚଠାରୁ ଦଶଯାଏ ଅଙ୍କ ବିଭାଗ । ତାର ଇତିବୃତ୍ତ ପୌରାଣିକ, ଚରିତାତ୍ମକ କିମ୍ବା କଳ୍ପିତ କିମ୍ବା ତତ୍ତ୍ୱସ୍ଥ ସମ୍ପର୍କ ହୋଇଥାଏ । ତାର ପ୍ରଧାନ ରସ ଶୃଙ୍ଗାର କିମ୍ବା ବୀର । ତହିଁ ପୁରୁଷ ପାତ୍ରସଂଖ୍ୟା ବେଶି । ନାଟକ ଦ୍ୱିବିଧ—ମଙ୍ଗଳାନ୍ତ ଏବଂ ବିଷାଦାନ୍ତ । ଭାରତୀୟ ନାଟକନିଚୟ ମଙ୍ଗଳାନ୍ତ ମାତ୍ର । ଉଦାହରଣ—'ଅଭିଜ୍ଞାନ ଶାକୁନ୍ତଳ', 'ବେଣୀ ସଂହାର' ପ୍ରଭୃତି ।

୨ । ପ୍ରକରଣ—ପ୍ରାୟଶ ନାଟକ ସଦୃଶ । ଏଥି ମଧ୍ୟମ ଶ୍ରେଣୀ ପାତ୍ରମାନେ ଥାନ୍ତି । ଇତିବୃତ୍ତ ମାନ୍ୟ-ମାନବଚରିତ । କଥନାୟକ ବ୍ରାହ୍ମଣ କିମ୍ବା ମନ୍ତ୍ରୀ କିମ୍ବା ବଣିକ୍ । କଥାନାୟିକା କୁଳବତୀ କିମ୍ବା ନାଟ୍ୟକଳା ପଣ୍ଡିତା ଏବଂ ସୁଗୁଣଯୁକ୍ତା ବେଶ୍ୟା । ଉଦାହରଣ—'ମୃଚ୍ଛକଟିକ' ଏବଂ 'ମାଳତୀମାଧବ' ।

୩ । ଭାଣ—ଏହା ଏକାଙ୍କ ଏବଂ ଏକପାତ୍ର ଯୁକ୍ତ । ବର୍ଣ୍ଣିତ ବିଷୟ ଶୃଙ୍ଗାର, ଯୁଦ୍ଧ, ପ୍ରତାରଣା, ନିନ୍ଦା ଏବଂ ରହସ୍ୟ । ଉଦାହରଣ—'ଶାରଦତିଳକ' ।

୪ । ବ୍ୟାୟୋଗ—ଏହା ଯୁଦ୍ଧ ସମ୍ବନ୍ଧ ନାଟ୍ୟ ପ୍ରଦର୍ଶନ । ଏଥି ସ୍ତ୍ରୀପାତ୍ରଶୂନ୍ୟ, ଏକାଙ୍କ, ଏକାଭିନୟ ଏବଂ ଏକ ଦିନର ପ୍ରଦର୍ଶନ । ନାୟକ ଅବତାର ପୁରୁଷ କିମ୍ବା ଯୁଦ୍ଧବୀର । ଉଦାହରଣ—ଧନଞ୍ଜୟବିଜୟ ।

Digitized by PPRACHIN, SOA

୫ । ସମବାକାର—ଏହାର ଇତିବୃତ୍ତି ପୌରାଣିକ । ଏଥି ଅଙ୍କ ତିନୋଟି ପ୍ରଥମାଙ୍କ ସାତେଡ଼ ଘଣ୍ଟା ହୋରାରେ ଏବଂ ତୃତୀୟାଙ୍କ ଦେଢ଼ ହୋରାରେ ପ୍ରଦର୍ଶିତ । କଥାରେ ପ୍ରାୟଶଃ ଦେବଦାନବଦ୍ୱନ୍ଦ୍ୱ ବର୍ଣ୍ଣିତ । ବହୁନାୟକ । ନାୟକ ସଂଖ୍ୟା—ବାର ମଧ୍ୟ ହୋଇପାରେ । ବୀରରସ ପ୍ରଧାନ । ଉଦାହରଣ—ଅମୃତ ମନ୍ଥନ ।

୬ । ଏହା ସମବାକାର ସଦୃଶ । କିନ୍ତୁ ଏହାର ପାତ୍ରପାତ୍ରୀ ଅତି ଭୟଙ୍କର । ଏଥି ଅଙ୍କ ଚତୁଷ୍ଟୟ । ନାୟକ ଦେବ, ଦାନବ କିମ୍ବା ରାକ୍ଷସ । ଅଶୁଭ ଭୟଙ୍କର ଦୃଶ୍ୟ । ଉଚ୍ଚାଟନ, ଶାପ ନାଶନ, ମାରଣାଦି ଏଥି କଥିତ । ଉଦାହରଣ—ତ୍ରିପୁର ଦହନ ।

୭ । ଈହାମୃଗ—ଏଥି ଅଙ୍କ ଚତୁଷ୍ଟୟ, ନାୟକ ଦେବ କିମ୍ବା ଅବତାର ପୁରୁଷ, ନାୟିକା ଦେବୀ । ପ୍ରଧାନ ରସ ଶୃଙ୍ଗାର ଏବଂ ହାସ୍ୟ । ଏଥି ମରଣ କଥିତ ହୁଏ ନାହିଁ । ଉଦାହରଣ—କୁସୁମଶେଖର ବିଜୟ ।

୮ । ଅଙ୍କ—ଏହା ଏକାଙ୍କ ଯୁକ୍ତ । ଏହାର ଭାଷା ସରଳ ଏବଂ ଇତିବୃତ୍ତ ସୁପରିଚିତ ହୋଇଥିବା ଆବଶ୍ୟକ । ନାୟକ ମାନବମାତ୍ର । ଉଦାହରଣ—ଶର୍ମିଷ୍ଠା ଯଯାତି ।

୯ । ବୀଥି—ଏହା ଭାଣ ସଦୃଶ, ଏକାଙ୍କଯୁକ୍ତ । ପାତ୍ରସଂଖ୍ୟା ଏକ କିମ୍ବା ଦୁଇ । ରସ ହାସ୍ୟମିଶ୍ରିତ ଶୃଙ୍ଗାର । ଉଦାହରଣ—ମୃଗୟା ।

୧୦ । ପ୍ରହସନ—ଏହା ହାସ୍ୟରସଯୁକ୍ତ ପଦ୍ୟବ୍ରାତ । ଏହାର ଇତିବୃତ୍ତ କଳ୍ପିତ । ନାୟକ ମୁନି, ବ୍ରାହ୍ମଣ, ନୃପ କିମ୍ବା ଚୈର । ପାତ୍ରଗଣ ବ୍ୟଭିଚାରୀ, ସ୍ନାନ-କୁଳୀନ, ପାଚକ ପ୍ରଭୃତି । ଏହା ନୀଚପାତ୍ର ବିଶିଷ୍ଟ ହୋଇଥିବାରୁ ଗ୍ରାମ୍ୟ ଭାଷାଯୁକ୍ତ । ଉଦାହରଣ—କୌତୁକ ସର୍ବସ୍ୱ ଏବଂ ହାସ୍ୟାର୍ଣ୍ଣବ ।

ଉପରୂପକ

୧ । ଉପରୂପକର ନାଟିକା ଏବଂ ପ୍ରକରଣିକା—ଏ ଦୁଇଟିର ଭେଦ କଥା—ବସ୍ତୁଗତରେ ମାତ୍ର । ପ୍ରତ୍ୟେକରେ ଅଙ୍କ ଚତୁଷ୍ଟୟ ଏବଂ ସ୍ତ୍ରୀ ପାତ୍ର ସଂଖ୍ୟା ବେଶି । ନାଟିକାର ଉଦାହରଣ—ରତ୍ନାବଳୀ ।

୨ । ତୋଟକ—ଏହା ପାଞ୍ଚ, ସାତ, ଆଠ କିମ୍ବା ନଅ ଅଙ୍କ ବିଶିଷ୍ଟ । ଏହାର ଇତିବୃତ୍ତ ଅର୍ଦ୍ଧ ମାନବ ଏବଂ ଅର୍ଦ୍ଧ ଦୈବ । ଉଦାହରଣ—ବିକ୍ରମୋର୍ବଶୀୟ ।

୩ । ଗୋଷ୍ଠୀ—ଏହା ଏକାଙ୍କ ଯୁକ୍ତ । ଏଥି ପୁରୁଷ ପାତ୍ର ସଂଖ୍ୟା ନଅ କିମ୍ବା ଦଶ, ସ୍ତ୍ରୀପାତ୍ର ସଂଖ୍ୟା ପାଞ୍ଚ କିମ୍ବା ଛଅ । ରସ ଶୃଙ୍ଗାର । ଉଦାହରଣ—ରୈବତ ମଦନିକା ।

Digitized by PPRACHIN, SOA

୪ । ସଟ୍ଟକ - ଏଥି ଅଙ୍କ ନାମ୍ନୀ ଶୂନ୍ୟ । ଇତିବୃତ୍ତ ବର୍ଣନ । ଭାଷା ବ୍ୟାବହାରିକ । ଉଦାହରଣ—କର୍ପୁର-ମଞ୍ଜରୀ ।

୫ । ନାଟ୍ୟରାସକ – ଏହା ଏକାଙ୍କଯୁକ୍ତ ଏବଂ ନର୍ତ୍ତନ ସଙ୍ଗୀତ ବିଶିଷ୍ଟ । ରସ—ହାସ୍ୟଶୃଙ୍ଗାର ମିଳନ । ଉଦାହରଣ — ନର୍ମବତୀ ଏବଂ ବିଳାସବତୀ ।

୬ । ପ୍ରସ୍ଥାନ — ଏହା ଅଙ୍କଯୁଗଯୁକ୍ତ । ଏହାର ଇତିବୃତ୍ତ ନାଟ୍ୟ ରାସକ ସଦୃଶ, କିନ୍ତୁ ପାତ୍ରଗଣ ଅଧମ ଶ୍ରେଣୀର । ନାୟିକା ପରିଚାରିକା ଏବଂ ନାୟକ ପରିଚାରକ । ତାଙ୍କ ମିତ୍ରଗଣ ଅନ୍ତ୍ୟଜାତିର । ଏଥି ସଙ୍ଗୀତ, ବାଦ୍ୟ ଏବଂ ନର୍ତ୍ତନ ପ୍ରାଧାନ୍ୟ । ଉଦାହରଣ — ଶୃଙ୍ଗାର ତିଳକ ।

୭ । ଉଲ୍ଲାପ୍ୟ — ଏହା ଏକାଙ୍କଯୁକ୍ତ ଏବଂ କଥୋପକଥନ ରୂପକ ସଙ୍ଗୀତ କଳିତ । ଏହାର ଇତିବୃତ୍ତ ପୌରାଣିକ । ଉଦାହରଣ — ଦେବୀ-ମହାଦେବ ।

୮ । କାବ୍ୟ — ଏହା ଶୃଙ୍ଗାର ଗାଥା ବିଶିଷ୍ଟ ହୋଇ ଏକାଙ୍କଯୁକ୍ତ । ଉଦାହରଣ—ଯାଦବୋଦୟ ।

୯ । ପ୍ରେଙ୍ଖଣ — ଏହା ଯୁଦ୍ଧ ବର୍ଣନ ବିଶିଷ୍ଟ ହୋଇ ଏକାଙ୍କଯୁକ୍ତ । ଉଦାହରଣ—ବାଳିବଧ ।

୧୦ । ରାସକ—ଏହା ହାସ୍ୟ କଥା କଳିତ ପାତ୍ର ପଞ୍ଚକଯୁତ ଏବଂ ଏକାଙ୍କ ଯୁକ୍ତ । ଏଥି ନାୟିକା ନାୟକ ମହତ ଏବଂ ନାୟିକା ଚତୁରା, ନାୟକ ଅଚତୁର । ଉଦାହରଣ—ଅନେକ ମୂର୍ଖ ।

୧୧ । ସଲ୍ଲାପକ—ଏଥି ତିନୋଟି କିମ୍ବା ଚାରୋଟି ଅଙ୍କ । ନାୟକ ମତାଭିମାନୀ ଏବଂ ଶାସ୍ତ୍ରୀୟ ମାର୍ଗଗ । ଏହାର ଇତିବୃତ୍ତ ପ୍ରତାରଣାଦ୍ରୋହ ଯୁଦ୍ଧାଦି କଳିତ । ଉଦାହରଣ—ମାୟା କପାଳିକା । ପ୍ରବୋଧଚନ୍ଦ୍ରୋଦୟକୁ ସଲ୍ଲାପକ ବୋଲାଯାଇପାରେ ।

୧୨ । ଶ୍ରୀଗଦିତ—ଏହା ଏକାଙ୍କଯୁକ୍ତ । ଏହାର ଇତିବୃତ୍ତ ମହାଲକ୍ଷ୍ମୀଙ୍କର କିମ୍ବା ମହାଲକ୍ଷ୍ମୀପର ପ୍ରବର୍ତ୍ତିବା ବ୍ୟକ୍ତିର ଚରିତ୍ର । ଏଥି ଗଦ୍ୟ ଏବଂ ସଙ୍ଗୀତ ସମଭାଗ । ଉଦାହରଣ—କ୍ରୀଡାରସାତଳା ।

୧୩ । ଶିଳ୍ପକ—ଏହା ଅଙ୍କ ଚତୁଷ୍ଟୟ ଯୁକ୍ତ । ଏହାର ନାୟକ ବ୍ରାହ୍ମଣ, ପ୍ରତିନାୟକ ଅନ୍ତ୍ୟଜ । ଦୃଶ୍ୟ ଶ୍ମଶାନ ବାଟିକାଦି । ରସ ଅଦ୍ଭୁତାଶ୍ରୟୀ ମାୟା-ମନ୍ତ୍ରାଦି ଏଥି ବର୍ଣିତ । ଉଦାହରଣ—କନକାବତୀ ମାଧବ ।

୧୪ । ବିଳାସିକା କିମ୍ବା ଲସିକା—ଏହା ଏକାଙ୍କ ଯୁକ୍ତ । ଏଥି ରସ ହାସ୍ୟ ମିଶ୍ରିତ ଶୃଙ୍ଗାର । ଉଦାହରଣ—ମୃଗୟା ।

Digitized by PPRACHIN, SOA

୧୫ । ଦୁର୍ମଲ୍ଲିକା—ଏହା ଅଙ୍କ ଚତୁଷ୍ଟୟଯୁକ୍ତ । ଏହାର ଇତିବୃତ୍ତ କଳ୍ପିତ ଏବଂ ହାସ୍ୟରସ ପୂରିତ । ଉଦାହରଣ– ବିନ୍ଦୁମତୀ ।

୧୬ । ପ୍ରକରଣିକା—ଏହା ନାଟିକାର ପ୍ରଭେଦ ମାତ୍ର । ଉଦାହରଣ— ମୃଗ୍ୟ ।

୧୭ । ହଲ୍ଲିଶ—ଏହା ଗୀତ ନର୍ତ୍ତନ କଳିତ ଏକାଙ୍କ ଯୁତ । ଏଥି ଗୋଟିଏ ମାତ୍ର ପୁରୁଷ ପାତ୍ର, ଆଠୋଟି କିମ୍ବା ଦଶଗୋଟି ସ୍ତ୍ରୀ ପାତ୍ର । ଉଦାହରଣ— କେଲୀରୈବତକ ।

୧୮ । ଭାଣିକ—ଏହା ଏକାଙ୍କ ଯୁକ୍ତ । ଏହାର ପ୍ରଧାନ ରସ ହାସ୍ୟ । ଉଦାହରଣ—ମୃଗ୍ୟ ।

ନାଟ୍ୟକାର ବିଜୟ ଦେବ ବର୍ମା ଯେ ନାଟ୍ୟକଳା ବିଷୟ ବିଭିନ୍ନ ଶାସ୍ତ୍ରର ଉଦାହରଣ ଦେଇ ଦର୍ଶାଇଛନ୍ତି ତାହା ନୁହେଁ, ନାଟକ ଓ ଉପନାଟକର ଶ୍ରେଣୀ ବିଭାଗ ବର୍ଣ୍ଣନା କରିଛନ୍ତି । ନାଟକରେ କିପରି ନାୟକ ବା ନାୟିକା ରହିବା ଉଚିତ ଏବଂ ସେମାନଙ୍କର ସାହାଯ୍ୟକାରୀ ଏବଂ ସାହାଯ୍ୟକାରିଣୀ କିପରି ହେବେ, ସେମାନଙ୍କର ଶ୍ରେଣୀ ବିଭାଗ ବିଷୟ ଏକ ପ୍ରବନ୍ଧରେ ସନ୍ନିବେଶିତ ହୋଇଛି । ‘ରୂପକର ନାୟିକା ନାୟକାଦି ବିବରଣ’ ବିଷୟର ଅବିକଳ ଉଦ୍ଧୃତ ନିମ୍ନରେ ଦିଆଗଲା ।

“୧ । ନାୟିକା ତ୍ରିବିଧ । ଯଥାଃ ସ୍ୱକୀୟା—ଯେ ସ୍ୱପତ୍ନୀ । ପରକୀୟା— ଯେ ପରର ପତ୍ନୀ କିମ୍ବା ପୁତ୍ରୀ । ସାମାନ୍ୟ — ଯେଉଁ ସ୍ତ୍ରୀ ନିଜେ ସ୍ୱତନ୍ତ୍ର ଜୀବନ ଯାପନ କରେ । ଏମାନେ ମୁଗ୍‌ଧା (ବାଳା) ପ୍ରୌଢ଼ା (ଯୁବତୀ); ପ୍ରଗଲ୍‌ଭା (ଯୌବନାତୀତା) ବୋଲି ତ୍ରିବିଧରେ ବିଭକ୍ତା । ଏମାନେ ଅବସ୍ଥା ଭେଦରେ ପୁଣି ଅଷ୍ଟବିଧ । ଯଥା: — ସ୍ୱାଧୀନପତିକା — ଯେ ପତିମାତ୍ର ସର୍ବସ୍ୱ ବୋଲି ଭାବେ । ବାସକସଜ୍ଜିକା—ଯେ ଅଳଙ୍କୃତ ହୋଇ ପତି ପାଇଁ ନିରେଖି ରହିଥାଏ । ବିରହୋ- ତ୍କଣ୍ଠିତା—ଯେ ପତି-ସନ୍ଦର୍ଶନ ବିହୀନରେ ଦୁଃଖିନୀ । ଖଣ୍ଡିତା—ଯେ ପତି ବିଶ୍ୱାଦ- ବିହୀନା ହେବା ଜାଣି ଦୁଃଖ ଲଭେ । କଳହାନ୍ତରିତା – ପରିହାସରେ କିମ୍ବା ଦମ୍ଭରେ ପତି ଅବଜ୍ଞା କରନ୍ତେ ଯେ ଦୁଃଖିନୀ କିମ୍ବା କୋପିନୀ । ବିପ୍ରଲବ୍‌ଧା — ପତିକଥିର ଏଡ଼ି କଥିତ ସମୟରେ ନ ଆସିଲେ, ଯେ ହତାଶା ହୁଏ । ପ୍ରୋଷିତ ଭର୍ତ୍ତୃକା — ଯାହାର ପତି ପରଦେଶରେ ଥାଏ । ଅଭିସାରିକା — ଯେ ପତିକି ଡକାଏ । କିମ୍ବା ପତି ସମାଗମ ନିମନ୍ତେ ଯାଏ ।

୨ । ନାୟିକାର ସାହାଯ୍ୟକାରିଣୀ ବ୍ୟକ୍ତି ଦୁଇଜଣ—ଯଥା — ସଖୀ— ଯେ ବାଲ୍ୟରୁ ନାୟିକା ସହିତ ପୋଷିତା ହୋଇ ନାୟିକାର ମର୍ମଜ୍ଞା । ଚେଟୀ— ଦାସୀ ।

Digitized by PPRACHIN, SOA

୩ । ନାୟକ ଚତୁର୍ବିଧ । ଯଥା: — ଧୀରୋଦାତ୍ତ — ଯେ ଉନ୍ନତ ଭାବ, କାର୍ଯ୍ୟନିଷ୍ଠଳାଭ୍ର ଏବଂ ମନୋବଳ ଯୁକ୍ତ ହୁଏ । ଉଦାହରଣ—ଶ୍ରୀରାମ । ଧୀର ଲଳିତ—ଯେ ଦନ୍ତୋର୍ଷୀ, ହାସ୍ୟପ୍ରିୟ ଏବଂ ମୈତ୍ରୀଯୁକ୍ତ—ଉଦାହରଣ ଶ୍ରୀକୃଷ୍ଣ । ଧୀରଶାନ୍ତ—ଯେ ଶାନ୍ତ, ଦାନ୍ତ ଏବଂ ସୁଶୀଳ । ଉଦାହରଣ—ଜନକ । ଧୀରୋ- ଦ୍ଧତ—ଯେ ଆବେଶପର ଏବଂ ଅଶାନ୍ତଗୁଣାନ୍ୱିତ । ଉଦାହରଣ—ରାବଣ ।

୪ । ନାୟକର ସାହାଯ୍ୟକର ବ୍ୟକ୍ତି ଗୃଣଜଣ । ଯଥା: — ପୀଠମର୍ଦ୍ଦ—ଯେ ନାୟକର ପ୍ରାଣମିତ୍ର ହୋଇ ତାହାର ରହସ୍ୟ ଗୋପନ କରେ । ସେ କୌଣସି ଚରିତରେ ଉପନାୟକ ହୋଇଥାଏ — ଉଦାହରଣ — ମାଲତୀ ମାଧବ ନାଟକର ମକରନ୍ଦ । ବିଦୂଷକ—ଯେ ନାୟକର ସ୍ନେହୀ, ହାସ୍ୟପ୍ରିୟ । ନାୟକ ଚିତ୍ତରଞ୍ଜକ ଏବଂ ଅମାୟିକ । ବିଟ—ଯେ ଲଳିତ ଭାବଯୁକ୍ତ ହୋଇ ଯେ ବେଶ୍ୟାଙ୍କର କାମ୍ବା ପୁରୁଷଙ୍କର ସାହାଯ୍ୟ କରେ । ଚେଟ — ଦାସ । କେତେକ କଥାରେ ପ୍ରତିନାୟକ କଥିତ । ସେ ଦୁଷ୍ଟ ସ୍ୱଭାବଯୁକ୍ତ । ଉଦାହରଣ—ଶ୍ରୀରାମଙ୍କ ପ୍ରତିନାୟକ ରାବଣ ଏବଂ ଯୁଧିଷ୍ଠିରଙ୍କ ପ୍ରତିନାୟକ ଦୁର୍ଯ୍ୟୋଧନ ।

୫ । ନାୟିକାଙ୍କ ଚେଷ୍ଟାବଳୀ — ଯଥା: ହାବ — ଭ୍ରୂନେତ୍ରାଦି ବିକାରରୁ ଅଳ୍ପରେ ପ୍ରକଟିତ ହେବା । ଭାବ — ମନୋବିକାର । ହେଳା — ଭ୍ରୂନେତ୍ରାଦି ବିକାରରୁ ସ୍ପଷ୍ଟରେ ପ୍ରକଟିତ ହେବା ମନୋବିକାର । ଲୀଳା — ପ୍ରେମାଧିକ୍ୟରୁ ବେଶ ଭୂଷଣାଦିରେ ପ୍ରିୟର ଜବା ସଖୀର ଅନୁକରଣକରଣ । ବିଳାସ — ବଚନରେ, ଲୋଚନରେ ଏବଂ ଚେଷ୍ଟାରେ କାମେଚ୍ଛା ପ୍ରକଟନ । ବିଚ୍ଛିତ୍ତି — ବସ୍ତ୍ରଭୂଷଣାଦ୍ୟ- ଲଙ୍କାର ଊଣା ହୋଇଥିବାରୁ ମନେ ଗ୍ଲାନି ଜାତ ହୋଇଥିଲେ ହେଁ, ସୌନ୍ଦର୍ଯ୍ୟକୁ ପ୍ରକଟିବା । ବିଭ୍ରମ — ବଚନ ଭୂଷଣ ବିପର୍ଯ୍ୟାଦିକରୂପକ ଚେଷ୍ଟା (ସମ୍ଭ୍ରମ ହୋଇ ଗୋଟିଏ କହିବାର ବଦଳରେ ଅନ୍ୟ ଗୋଟିଏ କହିବା । ଏକ ଥାନର ଅଳଙ୍କାରକୁ ଆନ ଥାନରେ ଧାରଣ କରିବା) । କିଲି କିଞ୍ଚିତ — ରୋଷାଶ୍ରୁହର୍ଷଭୀତାଦିମିଶ୍ରିତ ଚେଷ୍ଟା । ମୋଟ୍ଟାୟିତ — ପ୍ରିୟର କଥାଦିରେ ନିଜ ମାନସିକଲଗ୍ନ ହୋଇଥିବା ବିଷୟ ଜଣାଇବା କର୍ଣ୍ଣକଣ୍ଡୁୟନାଦି ଚେଷ୍ଟା । କୁଟ୍ଟମିତ — ହୃଦୟରେ ଆନନ୍ଦ ପୂରିଥିଲେ ହେଁ, ଦନ୍ତରେ ଓଷ୍ଠପୀଡ଼ନାଦିରେ କୋପାଭିନୟ କରଣ । ବିକୃତ— ଲଜ୍ଜା ବଶ୍ରୁ ମନୋଭାବ ଗୋପନ କରଣ । ଲଳିତ — ସୁକୁମାରତ୍ୱରୁ ଘଟିବା ଅଙ୍ଗ ବିନ୍ୟାସରୂପକ ଚେଷ୍ଟା । ଇତି ।

ଶ୍ରୀ ବିକ୍ରମଦେବ ବର୍ମା''

Digitized by PPRACHIN, SOA

ଦ୍ୱାଦଶ ପରିଚ୍ଛେଦ

ଗଦ୍ୟ ସାହିତ୍ୟରେ ବିକ୍ରମ ଦେବ ବର୍ମା

ସଂସ୍କୃତସମ୍ପନ୍ନ ପ୍ରାଚୀନ ସାହିତ୍ୟିକ ବିକ୍ରମ ଦେବ ବର୍ମା ସଂସ୍କୃତ ସାହିତ୍ୟ ସୂତ୍ରକୁ ଅବଲମ୍ବନ କରି ଗଦ୍ୟ ସାହିତ୍ୟ ରଚନା କରିଛନ୍ତି । ଗଦ୍ୟ ସାହିତ୍ୟରେ ଶବ୍ଦ ପ୍ରୟୋଗ ଓ ଭାଷାଭାବ ବ୍ୟକ୍ତ କରିବା କ୍ଷେତ୍ରରେ ସେ ଥିଲେ ରକ୍ଷଣଶୀଳ । ତାଙ୍କ ମତରେ ସାହିତ୍ୟ ସୂତ୍ରକୁ ଅବଲମ୍ବନ କଲେ ଯାଇଁ ସାହିତ୍ୟ ସମୃଦ୍ଧ ହେବ; ତା ନ ହେଲେ ସମାଜ ଦୁର୍ନୀତିରେ ବୁଡ଼ି ରହିବ । ଗଦ୍ୟ ସାହିତ୍ୟରେ ତାଙ୍କର ଅନେକଗୁଡ଼ିଏ ପ୍ରବନ୍ଧ ଏବଂ କ୍ଷୁଦ୍ରଗଳ୍ପ ଅଛି । ତାଙ୍କର କ୍ଷୁଦ୍ର ଗଳ୍ପ ଗୁଡ଼ିକର ବିଶେଷତ୍ୱ ହେଲା ଗଳ୍ପସ୍ଥିତ ସ୍ଥାନର ନାମଗୁଡ଼ିକ କାଳ୍ପନିକ ନୁହେଁ; ଏବଂ ତାର ଭୌଗୋଳିକ ପରିବେଶ ବର୍ଣ୍ଣନା ସହିତ ନାୟକ ନାୟିକାମାନେ ମଧ୍ୟ ପରିଚିତ ନାମରେ ନାମିତ ଅଟନ୍ତି । ଇତିହାସ ଦୃଷ୍ଟିରୁ ତାଙ୍କର ଗଦ୍ୟ ସାହିତ୍ୟର କ୍ରମବିକାଶ ପ୍ରଣିଧାନ ଯୋଗ୍ୟ । ତାଙ୍କର "ମାଲ୍ଲେ ଚରିତ୍ର" କ୍ଷୁଦ୍ର ଗଳ୍ପର ଅବିକଳ ନକଲ ନିମ୍ନରେ ଉଦ୍ଧୃତ ହେଲା ।

୧ । ମାଲେ ଚରିତ୍ର :

ମୋଗଲଙ୍କ ଦୁଷ୍କର୍ମ କରି ପତିତ ହେଉଥିଲା ଆର୍ଯ୍ୟମତକୁ ଏବଂ ଆର୍ଯ୍ୟ ଦେଶକୁ ଉଦ୍ଧରିବା ପାଇଁ ବଦ୍ଧକଙ୍କଣ ହୋଇଥିଲା ମହାରାଷ୍ଟ୍ରର ରାଷ୍ଟ୍ରପତି ଶିବାଜୀ ନାମତ ଜାଣିବା ଅକ୍ଷରସ୍ୟ ଭାରତରେ ଶୂନ୍ୟ । ସେ ମହାବୀରନଗରୀର ଶର୍ବସ୍ୱ-ପ୍ରହରୀ — ତାନାଜୀ । ସେ ନିଜ କାର୍ଯ୍ୟରେ ସର୍ବଦା ଅପ୍ରମତ୍ତ । ସେ ଏକ ନିଶାରେ ଶରୀରମସ୍ତୁ ବଣ୍ଡୁ ପବ୍ଲ ଅଳପ ଆଳସ୍ୟ ହୋଇ ପୀଠରେ ବସି ଆଖି ବୁଜିଲା; କିନ୍ତୁ ଜ୍ଞାନଶୂନ୍ୟ ହୋଇ ନଥିଲା ।

କେତେକ ଦୂରରୁ ପଦଧ୍ୱନି ତାର ଦୃଷ୍ଟି ଗୋଚର ହେଲା । ପରେ ତାହା ତାର ସମୀପବର୍ତ୍ତୀ ହୋଇ ଅଗ୍ରସର ହେବା ମଧ୍ୟ ଶ୍ରୁତ ହେଲା ହେତୁରୁ ସେ ଆଖି ମେଲି ଦେଖିଲା ଯେ ଜନୈକ ବାଳକ ନିଶାକର କରରେ ଝୁଲୁଥିଲା; କ୍ଷୁଦ୍ର ଖଡ଼୍ଗକର ହୋଇ ନରପତି ନଗରାଭିମୁଖେ ଗମନ କରୁଅଛି । ସେ ସେ ଦୃଶ୍ୟ ଦେଖି ବିସ୍ମିତ ଏବଂ ଚକିତ ହୋଇ "ଏ ସାହସିକ ବାଳକଟି । ବୁଝାଯାଉ ଏହାର ଉଦ୍ଦେଶ୍ୟ" ବୋଲି ଗୁପତେ ତାକୁ ଅନୁସରିଲା । କାର୍ଯ୍ୟାପେକ୍ଷାପର ସେ ବାଳକ ପଛକୁ ନ ଦେଖି ତର ତର ହୋଇ ରାଜଭବନରେ ପ୍ରବେଶି ଦର୍ଗ୍ରରେ

Digitized by PPRACHIN, SOA

ବଖଗୃହରେ ଖୋଜି ଖୋଜି ଗୋଟିଏ କକ୍ଷରେ ପହଞ୍ଚିଲେ । ସେ ପ୍ରକୋଷ୍ଠ ବିଶାଳ । ପ୍ରତ୍ୟେକ ଭିତ୍ତି ଗବାକ୍ଷ ଏବଂ ବାତ୍ର ଚନ୍ଦ୍ରପଟ୍ଟ ଯୁକ୍ତ । ଉତ୍ତର ଗବାକ୍ଷ ନିକଟରେ ଗୋଟିଏ ତକ୍ତା । ତା ଉପରେ ସୁଗନ୍ଧ ସୁଶୀତଳ ଜଳଯୁକ୍ତ ଜଳପାତ୍ର ଏବଂ ପାନ ପାତ୍ର । ଦକ୍ଷିଣ ଗବାକ୍ଷ ନିକଟରେ ହଂସ ତୁଳୀକ ତଳ୍ପଯୁକ୍ତ ସୁନ୍ଦର ପର୍ଯ୍ୟଙ୍କ । ଚନ୍ଦ୍ର କିରଣ ଏବଂ ମଳୟ ପବନ ଝରକା ବାଟେ ପ୍ରବେଶି ଶୀତଳ କରୁଥାନ୍ତେ ସେ ତଳ୍ପରେ ଶିବାଜୀ ସୁନିଦ୍ରିତ ।

ସେ ବାଳକ ମନେ ମନେ ତତ୍ସମୀପବର୍ତ୍ତୀ ହୋଇ ଏବଂ ମୌର୍ଯ୍ୟିକ ବନ୍ଧ ଖଡ୍ଗଯୁକ୍ତ ହସ୍ତକୁ ଉତ୍ତୋଳନ କରନ୍ତେ, ପଛେ ଥିଲ ତାନାଜି ତା ହାତକୁ ମୋଡ଼ି ଖଣ୍ଡାକୁ ଛଡ଼ାଇ ନେଇ···"ଆରେ···ହନ୍ତକ । କେତେଦିନରୁ ଏହା ପାଞ୍ଚିଥିଲୁ" ବୋଲିଲା । ହନ୍ତକ ଶବ୍ଦ କାନେ ପଡ଼ନ୍ତେ, ଶିବାଜି ଚେଇଁ ଉଠି ବସି ତାନାଜିଙ୍କୁ ଦେଖି—"ଏ କଅଣ" ବୋଲି ପଚାରିଲେ । ତାନାଜି—ମହାରାଜ ! ଏ ପାପିଷ୍ଠ ବାଳକ ଏ ଖଣ୍ଡାରେ ପ୍ରଭୁଙ୍କୁ ହାଣିବାକୁ ଉଦ୍ୟତ ହେଲା । ଶିବାଜି—"ବାଳକ ! ତୁ କିଏ ?" ବାଳକ—"ମୁଁ କ୍ଷତ୍ରିୟ; ମୋ ନା ମାଲେ—ମହାରାଜ ।"

ଶିବାଜି—"ତୋ କର୍ମଫଳକୁ ଜାଣୁକି ?' ବାଳକ—"ଜାଣେ ମହାରାଜ ।" ଶିବାଜି—"କଣ ଜାଣୁ ?" ବାଳକ—"ଧରା ହେଲେ ମୃତ ।" ଶିବାଜି—"ତାହା ଜାଣି ପୁଣି ମୋତେ ବଧିବାକୁ ଆସିଲୁ କାହିଁକି ? ତୋ ଜୀବନ ତିକ୍ତ ହେଲା କି ?" ବାଳକ—"ତିକ୍ତମାତ୍ର ନୁହେଁ, ବିଷ ହୋଇଛି ମହାରାଜ ।" ଶିବାଜି—(ବାଳକ ବିରକ୍ତିରେ ବିସ୍ମିତ ହୋଇ) "ବାଳକ ! ତୋ ଜନନୀ ଜନକ କିଏ ? ତୁ ବାଳକ ହୋଇ ମଧ୍ୟ ଜୀବନରେ ବିରକ୍ତ ହୋଇଅଛୁ କାହିଁକି ? ତାର କାରଣ ?"

ବାଳକ—"ମୋ ବୃଦ୍ଧାମାତା ନିର୍ଦ୍ଧନାବଧି ନିରାହାର ଏବଂ ରୋଗ ପୀଡ଼ିତା । ସେ ଆଜି କିବା କାଲିକି ମରିବ । ସେ ମଲେ ମୁଁ ଜୀଇଁ ରହିବି କାହିଁକି ?" ଶିବାଜି—"ତୋ ମାତା ମୋତେ ମାରିବାକୁ କହିଲା କି ?" ବାଳକ—"ସେ କହିନାହିଁ—ମୋ ଅନ୍ତରାତ୍ମା ।" ଶିବାଜି—"କାରଣ ?"

ବାଳକ—"ଆମ୍ଭ କଷ୍ଟକାରକ ତୁମ୍ଭେ । ତାହା ତୁମ୍ଭର ଅଗୋଚର ପରା ! ଶୁଣନ୍ତୁ । ତୁମ୍ଭ ସେନାନୀ ହୋଇ ଅନେକ ବାର ଜୟୀହୋଇ ଯୁଦ୍ଧରେ ତୁମ୍ଭ ଜୀବନ ରକ୍ଷଣ ପାଇଁ ନିଜ ଜୀବନ ଦେଲା ସୋମାଜୀ ମୋର ବାପ । ତା ମାଇପ ଏବଂ ପୁଅ ଖାଦକ ଏବଂ ଖଦକ ଦୂର ହେଲେ । ମଧ୍ୟ ମାଇପ ରୋଗିଣୀ ହୋଇ ପାନେ ଔଷଧ ପାଇ ପାରିଲା ନାହିଁ । ମୁଁ ତ ହେଲି ବାଳୁତ—"

ଶିବାଜି—(ମ୍ଳାନ ସ୍ୱଗତ) (ସୋ···ମା···ଜୀ । ମୋ ପ୍ରାଣରକ୍ଷକ ସୋମାଜୀ । ତାର ପୁତ୍ର ମୋର ମାରକ !! ତାର କାରଣ ମୋର କୃତଘ୍ନତାର ଫଳ) "ବାଳକ । ମୋତେ ମାରି ସୁଖୀ ହେବୁ କେମନ୍ତ ?"

Digitized by PPRACHIN, SOA

ବାଳକ—(କେତେକ୍ଷଣ ମୌନୀ ହୋଇ, ପ୍ରକାଶେ) "ହୁଅନ୍ତୁ—ମହାରାଜ ! ମୁଁ ତୁମ୍ଭଙ୍କୁ ମାରିଥିଲେ, ମୋତେ ଏଠାକୁ ପଠାଇଲା ସୁଭାଗ୍ୟ ଗୁରୁର ଅନୁଗ୍ରହରୁ ମୁଁ ଧନ୍ୟ ହୋଇ ପାରନ୍ତି ।" ଶିବାଜୀ—(କେତେକ୍ଷଣ ନୀରବରେ ରହି ଏବଂ ରୋଷ କଷାୟିତ ନେତ୍ର ହୋଇ) "ମାଳେ ! ମରିବାକୁ ପ୍ରସ୍ତୁତ ହୁଅ । ଏ ମହାରାଷ୍ଟ୍ର ରାଷ୍ଟ୍ର ଜ୍ୟୋତିକୁ ଲିଭାଇ ଦେଶକୁ ଅରାଜକ କରିବାକୁ ହେଲେ—ତୋର ଅନ୍ୟଗତି ନାହିଁ ।" ବାଳକ—"ମହାରାଜ ! ତୁମ୍ଭ ଆଦେଶ ପାଳିତ ହେଉ । କ୍ଷତ୍ରିୟ ଜୀବନରେ ମରଣ ପରମ୍ପରା ସମାନ । କିନ୍ତୁ…"

ଶିବାଜୀ—"କିନ୍ତୁ କଅଣ ?" ବାଳକ—"ମରଣ-ଶଯ୍ୟାଶାୟିନୀ ହୋଇଥିବା ମୋ ବୃଦ୍ଧା ଜନନୀଙ୍କୁ ଥରେ ଦେଖି ଆସିବି ଏତିକି ମାତ୍ର ମୋ ବାଞ୍ଛା।" ଶିବାଜୀ—"ତୋ କଥା ବିଶ୍ୱାସଯୋଗ୍ୟ କି ?" ବାଳକ—"ମହାରାଜ, ମୁଁ କ୍ଷତ୍ରିୟ ପୁତ୍ର । ବଚନକୁ ଅନ୍ୟଥା କରିବା କ୍ଷତ୍ର ଧର୍ମ ନୁହେଁ । କାଲିକି ଅବଶ୍ୟ ଆସି ତୁମ୍ଭଙ୍କୁ ଭେଟିବି ।"

ଶିବାଜୀ—(କେତେକ୍ଷଣ ମୌନୀ ହୋଇ) "ଅଚ୍ଛା ଯାଇ ଆସେ ।" ସେ ବାଳକ ଅନୁଜ୍ଞାତ ହୋଇ ଯାଇ ପରଦିନ ଶିବାଜୀ ବିଶ୍ରାମସଦନରେ ଥିଲା ସମୟରେ ତତ୍ସମ୍ମୁଖେ ହାଜର ହେଲା । ତାକୁ ଦେଖିଲା ମାତ୍ରେ ନିଜ ଗୁରୁ ରାମ ଦାସ କଥିତ ଗୋ ବ୍ୟାଘ୍ର ଚରିତ୍ର ଶିବାଜୀଙ୍କର ସ୍ମୃତ ହେଲା । ତାହା ଏହିକି—(ବର୍ଣ୍ଣିତ)

ଏବେ ମୂର ଶିବାଜୀ ଭାବିଲେ ଯେ, ପଶୁମାନେ ମଧ୍ୟ ନୀତିଯୁକ୍ତ ବୋଲି ଜଣାଇବା ପାଇଁ ଏ ଗଳ୍ପ କଳ୍ପିତ । କିନ୍ତୁ ସେ ନୀତିକି ଏ ବାଳକ ଅକ୍ଷରେ ଅକ୍ଷରେ ପାଳି ଦେଖାଇଲା ।

ବାଳକ—"ମହାରାଜ ! ମୋ ଶରୀର ତୁମ୍ଭର ଅଧୀନ । ଏହାକୁ ଯଥେଚ୍ଛାନୁରୂପେ କରିପାର ।"

ଶିବାଜୀ—"ମାଳେ ! ତୋର ଶରୀର ମୋର ଅଧୀନ ନୁହେଁ । ଆଜିଠାରୁ ମୋର ଶରୀର ତୋର ଅଧୀନ । ତୋ ପରି ଉତ୍ତମ କ୍ଷତ୍ରିୟର ପ୍ରାଣ ହରଣ ଗୋଟିଏ ଦିବ୍ୟ ରତ୍ନର ନାଶ କାରଣ ମାତ୍ର । ମଧ୍ୟ ସେ ପାପବଶୁଁ ଏ ରାଷ୍ଟ୍ରଭଙ୍ଗ ଘଟିପାରେ । ତୋତେ ମୋ ଅଙ୍ଗ ରକ୍ଷକ ରୂପେ ଅଦ୍ୟ ନିଯୁକ୍ତ କଲି । ତୁ ମୋ ଅଙ୍ଗରକ୍ଷକ ହୋଇ ଦେଶୋନ୍ନତି କରଣରେ ତତ୍ପର ହୋଇଥା ।"

ମାଳେ ବେଳରେ ପଡ଼ିବାକୁ ଥିଲା ଖଣ୍ଡା ସୁଭାଗ୍ୟ ରାୟ ବେଳରେ ପଡ଼ିଲା ।

'ମାଳେ ଚରିତ୍ର'ରେ ଲେଖକ ମୁଖ୍ୟ ଚରିତ୍ର କ୍ଷତ୍ରିୟ ଏବଂ ଐତିହାସିକ ନାମ 'ଶିବାଜୀଙ୍କୁ' ନେଇଛନ୍ତି । କଥୋପକଥନ ଛଳରେ ମୃତ୍ୟୁ ଦିବ୍ୟ ଏକ ସତ୍ୟକୁ

Digitized by PPRACHIN, SOA

ଉଜ୍ଜ୍ୱଳତର । ଜଣେ କ୍ଷତ୍ରିୟ କପଟର ଏକ ନିଷ୍ଠୁର ମୃତ୍ୟୁ ବରିପାରେ ତାହା ଦର୍ଶାଇଛନ୍ତି । ଏଥିରେ ଅଭିମାନ ଏବଂ ପ୍ରତିଦାନର ଫଳ ପାଇଁ ଶିବାଜୀଙ୍କୁ ଉତ୍ତରଦାୟୀ କରିଛନ୍ତି । ଶିବାଜୀଙ୍କର ଅଜାଣନ୍ତରେ କୃତଘ୍ନତାର ଫଳ ସ୍ୱରୂପ ମାଲେ ନିଷ୍ଠୁର ମୃତ୍ୟୁ ବରିଛନ୍ତି । ଏହି ଲେଖାରେ ଦୁଃଖ, ଦୁର୍ଦ୍ଦଶା, ଅନୁତାପର ନିଚ୍ଛକ ଚିତ୍ର ପରିସ୍ଫୁଟ । ବାଳକ କହନ୍ତି, "ତୁମ୍ଭ ସେନାନୀ ହୋଇ ଅନେକବାର ଜୟୀ ହୋଇ ଯୁଦ୍ଧରେ ତୁମ୍ଭ ଜୀବନ ରକ୍ଷଣ ପାଇଁ ନିଜ ଜୀବନ ଦେଲା ମୋ ମାମୁଁ ମୋର ବାପ । ତା' ମାଇପ ଏବଂ ପୁଅ ଖାଦଳ ଏବଂ ଖଦଳ ଦୂର ହେଲେ । ମଧ୍ୟ ମାଇପ ରୋଗିଣୀ ହୋଇ ପାନେ ଔଷଧ ପାଇ ପାରିଲା ନାହିଁ । ମୁଁ ତ ହେଲି ବାଳୁତ—"

ଏଥିରେ କେତେ ଗାଉଁଲି ଶବ୍ଦ, ଯଥା—ଅନପ, ହେତରୁ, ଗୁପଚେ, ତକ୍ତା, ମାଇପ, ଖାଦଳ, ଖଦଳ, ଓଷଦ ଯଥାସ୍ଥାନରେ ପ୍ରୟୋଗ ହୋଇଅଛି । ମାଲେ ମୁହଁରେ ଶିବାଜୀଙ୍କୁ କ୍ଷତ୍ରିୟର ଧର୍ମ ବର୍ଣ୍ଣନା — "ମହାରାଜ ! ମୁଁ କ୍ଷତ୍ରିୟର ପୁଅ । ବଚନକୁ ଅନ୍ୟଥା କରିବ କ୍ଷାତ୍ର ଧର୍ମ ନୁହେଁ ।" ଗୁରୁ ରାମଦାସଙ୍କ ଗୋ-ବ୍ୟାଘ୍ର ଚରିତ ଶିବାଜୀ ସ୍ମରଣ କରନ୍ତି ଯେ "ପଶୁମାନେ ମଧ୍ୟ ମିତଭୁକ୍ ବୋଲି ଜଣାଇବା ପାଇଁ ଏ ଗଳ୍ପ କଳ୍ପିତ ।" ନେହରୁପରି ଲେଖକ ବଙ୍କିମ ଦେବ ବର୍ମା ମିତସମ୍ମତ ଶିକ୍ଷାପ୍ରଦ ମଧ୍ୟକଷ୍ଟ ବିଷୟ 'ମାଲେ ବୟନ'ରେ ଅବତାରଣା କରିଛନ୍ତି ।

୬ । ଗୋଟୀର ଘରକରଣି :

"ସ୍ୱାମୀ ଏବଂ ଗ୍ରନ୍ଥକାର ନାମ ଅନ୍ତଃପ୍ରବେଶ କରି ଜାତି କାହାରେ ମାନ୍ଦ ଜାତ ଯୋଦ୍ଧ କ୍ଷେତ୍ରଆରେ ଏବଂ ସାମାନ୍ୟ ଜାତିରେ ମଧ୍ୟ ଜନ୍ମଇ ବୋଲିବା ବିଷୟ ଦର୍ଶାଇବାକୁ ପର ଗୋଟୀ ଜୟପୁର ଅନ୍ତଃସ୍ଥିତ ରଣାପଲ୍ଲୀର ଏକ କୁଡ଼ିଆରେ 'ରଣା' କୁଳଜ ମାଳତୀ ମାଧବଙ୍କ ପ୍ରତିବିମ୍ବ ରୂପେ କଳ୍ପିତ । ରଣାଶବ୍ଦ ଅପଭ୍ରଂଶ ରୂପେ ପରିଣତ । ଗୋଟୀ ଶବ୍ଦ ଗୌଣଶବ୍ଦ, ରଣା ଜାତିମାନେ ପୂର୍ବେ କ୍ଷତ୍ରିୟ ଧର୍ମକୁ ଅବଲମ୍ବି ପଦାତିଭୁକ୍ତ ହୋଇ ଜୀବିକା ଉପାର୍ଜନ କରୁଥିଲେ । କାଳପରିବର୍ତ୍ତନ ବଶତଃ ସେମାନେ ବର୍ତ୍ତମାନ ହଳିଆ କିମ୍ବା ମୂଲିଆ ହୋଇଅଛନ୍ତି । ସେମାନେ ଅତ୍ୟ ଲଙ୍ଗଳକୁ କିମ୍ବା ହାତଲକୁ ଧରୁଥିଲେ ହେଁ ତାହାଙ୍କ ବିବାଦ ସମୟରେ ତରବାରି ଏବଂ ଢାଲ ଧରୁଥିବାରୁ ସେମାନେ ପୂର୍ବେ ପଦାତିବର୍ଗାନ୍ତର୍ଗତ ହୋଇଥିଲା ସତ୍ୟ ସୂଚିତ । ମାଳତୀ-ମାଧବ ଦୁହେଁ ମୂଲିଆ । ଗୋଟୀ ଅତି ସୁନ୍ଦରୀ. ତାହାର ଅଗ୍ରଳ କୁନ୍ତଳ ମତ୍ତଭୃଙ୍ଗକୁଳକୁ ନିନ୍ଦଇ । ଭାଳ ଅଷ୍ଟମୀ ଶଶୀ ସଦୃଶ ନାକ ଚମ୍ପକ ପରି, ନୟନ କୁବଳୟ ଦଳ ତୁଲ୍ୟ, ଅଧରୋଷ୍ଠ କାନ୍ତି ପ୍ରବାଳକୁ ଜିଣେ, ହାତର ବରଣ ବାରବାନ ସୁନା, ନାକରେ ଲାଲଝଣ୍ଟି ଦଣ୍ଡି, କାନରେ ଲେଳା, ଗଳାରେ କଉପୋହଳା ମାଳି; ହାତରେ ଗୁରପଟ କଳାକାଚ ଛଡ଼ା ଆନ ଆଭରଣ ଶରୀରରେ ଶୂନ୍ୟ । "ଅଳଙ୍କାର ସୁନ୍ଦରାଙ୍ଗର ଅନାବଶ୍ୟକ" ବୋଲିବା 'ଲେକୋକ୍ତି ତା'ଠାରେ

Digitized by PPRACHIN, SOA

ପ୍ରତ୍ୟକ୍ଷ । ଯୌବନ ତା' ଅପଘନକୁ ସୁନ୍ଦରତର କଲା, ତାକୁ ଦେଖିଲେ ପୁରୁଷ ଦୃଷ୍ଟି ଛଡ଼ା ଯାଉ; ସ୍ତ୍ରୀ ଦୃଷ୍ଟି ମଧ୍ୟ ଫେରିଯିବା କଷ୍ଟକର । ତା' ମାଆ ଏବଂ ବାପା ବାସ୍ତବିକ ଦର୍ଶୁ ତା'ହାତରେ ମୂଲିଆ କର୍ମ କରାନ୍ତୁ ନାହିଁ ।

ବିଶ୍ୱ ଭଗବତବାଦୀଙ୍କର ପ୍ରଧାନ କର୍ତ୍ତବ୍ୟ କାର୍ଯ୍ୟ, ମଧ୍ୟ କନ୍ୟାପାଳନ ଭାର ପିତାଠାରୁ ମାତାର ଗୁରୁତର, ଅତଏବ ମାଳତୀ ଗୋପୀର ପରିଣୟ ପାଇଁ ମାଧବଙ୍କୁ ନିତି ଅନୁରୋଧ କରନ୍ତେ ପ୍ରାରମ୍ଭିଲା । ମାଧବ ବହୁ ଅନ୍ୱେଷଣ କରି ପରିଶେଷରେ ଜୟପୁର ସନ୍ନିକଟସ୍ଥିତ ଜୟନଗର ନିବାସୀ ଦାମୋଦରକୁ ସ୍ଥିର କଲା । ଜୟ ନଗରରେ ପୂର୍ବେ ଜୈନମାନେ ବାସ କରୁଥିଲା କାରଣରୁ ତାହା ଜୈନ ନଗର ନାମରେ ଖ୍ୟାତ ହୋଇଥିଲା । ସେମାନେ ତାଙ୍କୁ ତ୍ୟାଗ କରି ଗଲାପରେ ତାହା ନକାରଦ୍ୱୟ ଲୁପ୍ତ ହୋଇ ଜୈନ୍ନଗର ନାମରେ ବ୍ୟବହୃତ ହେଲା, ତାହା ଅଦ୍ୟ ଜୟନଗର ନାମରେ ଖ୍ୟାତ ।

ଦାମୋଦରର ବାପ ତାକୁ "ଦାମୋଦର" ବୋଲି ନାମ କରଣ କରିଥିଲେ ହେଁ, ଲୋକେ ସୁଖୋଚ୍ଚାରଣ ଲାଳସା ବଶରୁଁ ଏବଂ ସେ ମୂଲିଆ କର୍ମ କରୁଥିଲା ହେତୁରୁ ତାକୁ 'ଦାମା' ବୋଲନ୍ତି । ଅତଏବ ଲୋକମତକୁ ଅନୁସରି ଆମ୍ଭେ ମଧ୍ୟ ତାକୁ ଦାମା ବୋଲୁଅଛୁଁ ।

ଦାମା ମାତାପିତୃହୀନ ହୋଇ ଏକାକୀ ତାହାର ଦେହ କ୍ଷୀଣ କିବା ଦୀନ ନୋହି ଡାକୁଡ଼ ପରି ହଳକ । ତା'ର ବୟସ ବାଇଶ । ଉହାର ବରଣ ଶ୍ୟାମଳ । ସେ ଜୟପୁରର ଏକ ଗୁଡ଼ କଳରେ କାମ କରି ଦିନକେ ଦଶଅଣା ମୂଲ ପାଇ ଆପଣାର କୁଡ଼ିଆରେ ନିଜ କରେ ପଚନ କରି ଖାଇ ସର୍ବପେକ୍ଷା ବଳକା କାଳ କାଟୁଥାଏ । ସେ ସାଧ୍ୟାନୁରୂପେ ପରୋପକାର କରଣରେ ରତ । ତାକୁ ଝିଅ ଦେବାକୁ ମାଳତୀ ମାଧବ ନିଶ୍ଚୟ କଲେ । ଗୋପୀ-ଦାମାଙ୍କ ବିବାହ ହେଲା । ଗୋପୀ ପତି ସଦନକୁ ପ୍ରେରିତା । ସେ ମାଇପ-ଘଇତାଙ୍କ ଦେହ ଭିନ୍ନ ହୋଇଥିଲେ ହେଁ ପ୍ରାଣମନ ଏକ । ଦାମା ମଧ୍ୟ ଗୋପୀ ହାତରେ ମୂଲିଆ କାମ କରାଏ ନାହିଁ । ଗୋପୀ ଗୁଣବତୀ ହୋଇଥିଲା କାରଣରୁ ଧବାନୀତ ଧନରେ ଗୃହକୃତ୍ୟ ଚଳାଏ । ସେ କାଳେ ଜୟପୁର ଦେଶରେ "କଣ୍ଟ୍ରୋଲ" ନ ଥିଲା କାରଣରୁ ଦିନକେ ଦଶ ଅଣାରେ ଦୁଇପ୍ରାଣୀ ବଞ୍ଚିଯାଉ ଥିଲେ । ଗୋପୀ ମଧ୍ୟ ପରୋପକାରରତା, ତେଣୁ ସେ ଦୁହେଁ ସମଗ୍ର ରଣାପଲ୍ଲୀ ଏବଂ ଜୟନଗର ବାସୀଙ୍କ ପ୍ରେମ ଭାଜନ । ଦାମା ସକାଳେ ପେଜଭାତ ମୁଠାଏ ଖାଇ କାର୍ଯ୍ୟକରିବାକୁ ଯାଏ । ତାକୁ ମଧ୍ୟାହ୍ନ ସମୟରେ ଗୋପୀ ମାଣ୍ଡିଆ ଜାଉ ନେଇ ଦେଇ ଆସେ । ମୂଲିଆମାନଙ୍କରେ କେତେ ଜଣ ପଲକ ନ ପକାଇ ତାକୁ ଗୃଧି ରହନ୍ତି । ଆଉ କେତେ ଜଣ ଆଖି ଠାରନ୍ତି । କିନ୍ତୁ ଗୋପୀ ସେ ସବୁ ଲକ୍ଷ କରେ ନାହିଁ ।

Digitized by PPRACHIN, SOA

ଏପରି ଦୁଇ ବରଷ ବିତିଗଲା ପରେ ଗୋଷ୍ଠୀ ପୁଅଟିଏ ପାଇଲା । ତେବେ ଦେଶର ଦୁର୍ଭାଗ୍ୟ ବଶରୁ କନ୍ତ୍ରାର ପଡ଼ିଲା । ସବୁ ଜିନିଷର ଦାମ ବଢ଼ିଲା ମାତ୍ର ମୂଲିଆଙ୍କ ମୂଲ ବଢ଼ିଲା ନାହିଁ । ଅତଏବ ଦାମାର ଅର୍ଜନ ଧନରେ ତିନିପ୍ରାଣୀ ବଞ୍ଚିବା ଅସାଧ୍ୟ ହେଲା । ତେଣୁ ଦିନେ ଗୋଷ୍ଠୀ ଦାମାର ମୁହଁକୁ ଅନାଇଁ କହିଲା କି—ମୋ ମାଆ-ବାପାଙ୍କ ଘରରୁ ଆସି ତୁମ ପୀରତିରୁ ମୁଁ ଆଜଯାଏ ମୂଲିଆଣୀ ହୋଇ ନାହିଁ । ମାତ୍ର ଏବେ ମୂଲିଆଣୀ ନୋହିଲେ ବଞ୍ଚି ପାରିବା ନାହିଁ । ମୋ ମାଆ ମୂଲିଆଣି, ସାଇପଡ଼ିଶା ମାଇପେ ମୂଲିଆଣୀ । ଏଣୁ ମୁଁ ମୂଲିଆଣୀ ହେବା ଅପସନ୍ଦ ନୁହେଁ । ମାତ୍ର ନିପଟ କୁଲିଆଣୀ ହୋଇ ଦିନକୁଲି ଅରଜିବାକୁ ଇଚ୍ଛା କରେ ନାହିଁ । ମାତ୍ର କୌଣସି ଭଲଲୋକ ଘରେ ପୋଇଲୀ ହୋଇ ରହି ମାସିକ ବେତନ ଅରଜିବ । ଗୋଷ୍ଠୀ ମୁହଁରୁ ଏତେ ଶୁଣି ଦାମା କେତେକ୍ଷଣ ନୀରବ ହୋଇ ଲମ୍ବା ନିଶ୍ୱାସଟିଏ ଛାଡ଼ି "ହଁ" କଲା ।

ନାରାୟଣ ସାନ୍ତରା ଜୟପୁରର ପ୍ରଧାନ ଜାଗିରଦାର ଏବଂ ସାହୁ । 'ସାନ୍ତରା' ସାମନ୍ତରାଜ ଶବ୍ଦଭବ । ତଦ୍‌ବଂଶଜମାନେ ପୂର୍ବେ ଜୟପୁରାଧୀଶ୍ୱରଙ୍କର ମନ୍ତ୍ରୀ କିମ୍ବା ସେନାନୀ ହୋଇ ପ୍ରସିଦ୍ଧି ଲଭିଥିଲେ । ନାରାୟଣ ସାନ୍ତରାଙ୍କ ପତ୍ନୀ ପାର୍ବତୀ । ସେ ରୂପବତୀ ଏବଂ ଗୁଣବତୀ । ସେ ଦମ୍ପତିଙ୍କର ପୁତ୍ରୀ ଦମୟନ୍ତୀ । ତା ବୟସ ଦୁଇ । ଗୋଷ୍ଠୀ ସାନ୍ତରା ଘରେ ଦାସୀ କାର୍ଯ୍ୟରେ ନିଯୁକ୍ତ ହୋଇ ମାସିକ ପାଞ୍ଚଟଙ୍କା ବେତନ ପାଏ । ସେ ସୂର୍ଯ୍ୟୋଦୟ ପୂର୍ବରୁ ଉଠି ସଦନ ସମ୍ମାର୍ଜନାଦି କାର୍ଯ୍ୟ କରି ଦମୟନ୍ତୀକୁ ଖୀର ଦେଇ ପାଇଟିକି ପଠାଇ ପୁଅକୁ କାଖେଇ ଆପଣାର ପୋଇଲୀ ପାଇଟି କରିବାକୁ ଯାଏ । ଦାମା ଜାଉ ଧରି ଚାଉଳ କଳକୁ ଯାଉଥିଲା କାରଣରୁ ଗୋଷ୍ଠୀର ଜାଉ ନେଇ ଦେଇ ଆସୁଥିଲା କାର୍ଯ୍ୟ ବନ୍ଦ ହେଲା । ସେ ସାନ୍ତରାଘର କାମ ଭଲେ କରି ମଧ୍ୟାହ୍ନ ପରେ ନିଜ କୁଡ଼ିଆକୁ ଯାଉଥାଏ । ସେ ଅଳସୀ ନୋହି କାର୍ଯ୍ୟ କରି ଅରଜୁଥିଲା ବେତନରୁ ଏବଂ ଦାମା ଅରଜୁଥିବା କୁଲିରୁ; ମଧ୍ୟ ପାର୍ବତୀ ସଦୟା ହୋଇ କଦବା ଦେଉଥିଲା ଚାଉଳ ମୁଠାଏ ଏବଂ ପୁରୁଣା ଖଦିପଟେ ବଳରୁ ସେମାନେ ଏକଧା ବଞ୍ଚୁଥିଲେ ।

ଏକ ଦିନେ ସାନ୍ତରାଣୀ ଆପଣା ବାଡ଼ିରେ ସ୍ନାନ କରୁଥିଲା ସମୟରେ ତା ବେକରୁ ସୁନାଧାନମାଳି ଛିଡ଼ି ପଡ଼ିଲା । ତାହା ସାନ୍ତରାଣୀର ଅଗୋଚର । ଗୋଷ୍ଠୀ ତାକୁ ଲଭି ସାନ୍ତରାଣୀକି ସମର୍ପିଲା । ଆଉ ଏକ ଦିନେ ସାନ୍ତରାଣୀ ଝିଅ ପଡ଼ିଶା ଘର ଝିଅର ବେକରେ ଥିଲା କାଚ ମାଳିକି ଛିଣ୍ଡାଇ ଫିଙ୍ଗି ଦିଅନ୍ତେ ସେ ତା ବେକରେ ଥିଲା ସୁନା କଣ୍ଠିମାଳିକି ଛିଣ୍ଡାଇ ଫିଙ୍ଗିଦେଲା । ସେ ସମାଚାର ବାଳିକାଠାରୁ ଜାଣି ଗୋଷ୍ଠୀ ଯାଇଁ ଖୋଜି ସେ ମାଳି ସାନ୍ତରାଣୀଙ୍କି ସମର୍ପିଲା ।

Digitized by PPRACHIN, SOA

କଣ୍ଟ୍ରୋଲବର୍ଣ୍ଣ ଧାନ୍ୟାଦାୟ ପରିମାଣ କମିଲା କାରଣରୁ ଧାନକଳ ମାଲିକ କଳ ବନ୍ଦ କରିବାକୁ ବାଧ ହେଲେ । ତେଣୁ ଦାମା କାର୍ଯ୍ୟଶୂନ୍ୟ ହୁଅନ୍ତେ ସେ ଦମ୍ପତି ନିଜ ସଞ୍ଚିତ ସ୍ୱଳ୍ପ ଧନରେ ଖାଦ୍ୟଦ୍ରବ୍ୟ କିଣି ଦୈନିକ ଏକଦାଶନ ଆରମ୍ଭିଲେ । କେତୋଟି ଦିନରେ ସେ ଧନଶୂନ୍ୟ ହୁଅନ୍ତେ ଉପବାସକରିଣ ପଡ଼ିଲେ । ଗୋଷ୍ଠ ମାଗିବାକୁ କୁଣ୍ଠିତ ହୋଇ ସାନ୍ତାଣୀର ଅଜ୍ଞାତରେ ଭଣ୍ଡାରରୁ ଏକସେର ଚାଉଳ ଅପଣା ଅଣ୍ଟିରେ ଧରି ଘରକୁ ଗଲା । ଘରେ ପ୍ରବେଶିଲା ମାତ୍ରେ ତାର ମନରେ ଏହି ଭାବ ଜାତ ହେଲା—କଲି କଣ ? ସାନ୍ତାଣୀଙ୍କି ନ ମାଗି ତାଙ୍କ ଅଜଣାରେ ତାଙ୍କ ଘରୁ ଏ ଚାଉଳ ଆଣିଲି । ମୂଲ୍ୟ ଅଧିକ ହେଲେ ହେଁ, ଊଣା ହେଲେ ହେଁ ପଦାର୍ଥ ପଦାର୍ଥତ । ତାକୁ ପରଘରୁ ପରର ଅଜଣାରେ ଆଣିବା ଚୋରି । ତେଣୁ ମୁଁ ନିଶ୍ଚେ ଚୋରଣୀ । ଚୋର ରାଜଦଣ୍ଡରୁ ମୁକୁଳି ପାରଲେ ହେଁ, ଯମଦଣ୍ଡରୁ ମୁକୁଳି ପାରେ ନାହିଁ । ମୁଁ ଏ ପାପରୁ ନରକ ଭୋଗିବାକୁ ହେବ । ଏବେ କଣ କରିବ ? (କେତେକ୍ଷଣ ମୌନରେ ରହି) ଏ ଚାଉଳ ନେଇ ସାନ୍ତାଣୀଙ୍କି ଦେଇ ତାଙ୍କ ପାଦଧରି କ୍ଷମା ମାଗିବ । ସେ କ୍ଷମା କଲେ ନରକରେ ପଡ଼ିବ ନାହିଁ । (କେତେକ୍ଷଣ ଚିନ୍ତା) ସେପରି କଲେ ମୋ ଘଇତା ଆଉ ପୁଅ ଉପାସରେ ଚୂର୍ଣ୍ଣ ଚୂର୍ଣ୍ଣା ହେବେ । ସେ ପାପ ମୋତେ ଲାଗିବ । କୂଅ ଆଗେ, ଗାତ ପଛେ । କଣ କରିବା ଭଲ ? (କ୍ଷଣେ ଭାବି) । ଏପରି କରିବ ଏ ଚାଉଳରୁ ଅଧେ ରାନ୍ଧି ଘଇତାକୁ ଆଉ ପୁଅକୁ ଖୁଆଇବ । ମୁଁ ଖାଇବ ନାହିଁ । ବାକି ଅଧେକ କାଲିକ ନେଇ ସାନ୍ତାଣୀଙ୍କି ସମର୍ପି ତାଙ୍କ ପାଦଧରି କ୍ଷମା ମାଗିବ ।

ପରଦିନ ପ୍ରାତଃ କାଳରେ ଗୋଷ୍ଠ ବଳିଥିଲା ଅଧେକ ଚାଉଳକୁ କାନରେ ବାନ୍ଧିନେଇ ଭାବିଥିଲାପରି କଲା । ଦୟାର୍ଦ୍ର ହୃଦୟା ସାନ୍ତାଣୀ ବୋଲିଲେ କି ଏ ଚାଉଳ ମାଫକ ନୁହେଁ, ଆଉ ମାଣେ କିବା ଦୁଇମାଣ ଚାଉଳ ନେ । ଆଜଠାରୁ ତୋ ମାସିକ ବେତନ ଦଶଟଙ୍କା କରିଗଲା ।

ସାନ୍ତ ସକଳ ବିଷୟ ଅବଗତ ହୋଇ ବୋଲିଲେ କି ଉପଯୁକ୍ତ ବ୍ୟକ୍ତି ବନ୍ଧନରୁ ମୋର ଗୃହର କ୍ଷତି ଘଟୁଅଛି । ଦାମା ମୋ ଗୃହର ରକ୍ଷଣାବେକ୍ଷଣ କରୁ, ତାକୁ ମାସିକ ବେତନ କୋଡ଼ିଏ ଟଙ୍କା ଦେଉଥିବ ।

ଗୋଷ୍ଠ ଏବଂ ଦାମା ତିରିଶ ଟଙ୍କା ମାସିକ ବେତନ ଲଭି ସାନ୍ତଙ୍କ କାର୍ଯ୍ୟାଳି ସୁଦକ୍ଷତା ସହିତରେ କରି ସୁଖରେ କାଳଯାପନ କରୁ ଅଛନ୍ତି । ଇତି ।

କଟକ ପୁର
୨୨ । ୮ । ୪୮

ଶ୍ରୀ ବିକ୍ରମଦେବ ବର୍ମା”

Digitized by PPRACHIN, SOA

ଗଳ୍ପଟିର ନାମ "ଗୋଷ୍ଠିର ଘରକରଣୀ" ଯଥାର୍ଥ ହୋଇଛି । ଏହା ତତ୍‌କାଳୀନ ସମାଜର ଏକ ଚିତ୍ର । ଏହି ଗଳ୍ପରେ ଐତିହାସିକ, ଭୌଗୋଳିକ, ସାମାଜିକ, ଅର୍ଥନୈତିକ ଚିତ୍ର ଅତି ପ୍ରାଞ୍ଜଳ ଭାବରେ ବିଦ୍ୟମାନ । ନାୟକ-ନାୟିକାମାନେ ଅତି ଉତ୍ତମ ଏବଂ କ୍ଷତ୍ରିୟ ବଂଶଜ । ସାମାଜିକ ଚିତ୍ରରେ ଦେଶ, କାଳ, ପାତ୍ର ବିଚାର ଅତ୍ୟନ୍ତ ଉପଯୁକ୍ତ । ଏହି ଗଳ୍ପରେ ସୁଖ ଦୁଃଖ ଅନୁତାପ, ପାପ ପୁଣ୍ୟର ବିଚାର, ରାଜଦଣ୍ଡ-ଯମଦଣ୍ଡ, ଏବଂ ଶିକ୍ଷା ସହିତ ଉତ୍ତମ ମାନର ବିଚାର ବିଦ୍ୟମାନ । ଐତିହାସିକ ଓ ଭୌଗୋଳିକ ଚିତ୍ରରେ ଜୟନଗରର ନାମକରଣ ଜୈନନଗରରୁ ଆସିଛି ବୋଲି ଦର୍ଶାଯାଇଛି । 'ରଣ୍ଡାପଲ୍ଲୀ' ଗ୍ରାମଟି ବର୍ତ୍ତମାନ ମଧ୍ୟ ଜୟପୁର ସହରରୁ ସାତ କିଲୋମିଟର ଦୂରରେ ଅବସ୍ଥିତ ଏବଂ ରଣାମାନେ ସେଠାରେ ଅଦ୍ୟାପି ବାସ କରୁଛନ୍ତି । ଏହା ଜୟପୁର ଅଞ୍ଚଳ ମାଟିର ମଣିଷର ଅନ୍ତର ଫୁଟା କାହାଣୀ ।

ରଣାମାନଙ୍କ ବିଷୟ ଟିପ୍ପଣୀ ଦେବାକୁ ଯାଇ ଲେଖକ କହିଛନ୍ତି, "ରଣାମାନେ ଅଦ୍ୟ ଲଙ୍ଗଳକୁ କିବା ସାବଳକୁ ଧରୁଥିଲେ ହେଁ ତାହାଙ୍କ ବିବାଦ ସମୟରେ ତରବାଲ ଏବଂ ଖଣ୍ଡା ଧରୁ ଥିବାରୁ ସେମାନେ ପୂର୍ବେ ପଦାତି-ବର୍ଗାନ୍ତର୍ଗତ ହୋଇଥିଲେ ସତ୍ୟ ସୂଚିତ ।" ସେହିପରି "ନାରାୟଣ ସାନ୍ତରା ଜୟପୁରର ପ୍ରଧାନ ଜାଗିରଦାର ଏବଂ ସାହୁ । 'ସାନ୍ତରା' ସାମନ୍ତରାଜ ଶବ୍ଦଜ । ତଦ୍‌ବଂଶଜମାନେ ପୂର୍ବେ ଜୟପୁରାଧୀଶ୍ୱରଙ୍କର ମନ୍ତ୍ରୀ କିମ୍ବା ସେନାନୀ ହୋଇ ପ୍ରସିଦ୍ଧି ଲଭିଥିଲେ ।" ସେହିପରି ଲୋକୋକ୍ତିରେ "ଅଳଙ୍କାର ସୁନ୍ଦରୀଙ୍କର ଅନାବଶ୍ୟକ", "କୂର୍ଦ୍ଦି ଆଗେ ଗାତ ପଛେ" ପ୍ରଭୃତି ସ୍ଥାନ କାଳ ପାତ୍ର ନେଇ ଉପଯୁକ୍ତ ଭାବେ ବ୍ୟବହୃତ ହୋଇଛି ।

ଅର୍ଥନୈତିକ ଚିତ୍ରରେ "ଦାସୀ କାର୍ଯ୍ୟରେ ନିଯୁକ୍ତ ହୋଇ ମାସିକ ପାଞ୍ଚଟଙ୍କା ବେତନ ପାଏ ।" "ଗୃହୀଳ କଲରେ କାମ କରି ଦିନକେ ଦଶଅଣା ମୂଲ ପାଏ ।" "କାଳ୍ପାର ପଡ଼ିଲା । ସବୁ ଜିନିଷର ଦାମ ବଢ଼ିଲା ମାତ୍ର ମୂଲିଆଙ୍କ ମୂଲ ବଢ଼ିଲା ନାହିଁ ।" "ଦାମା କାର୍ଯ୍ୟ ଶୂନ୍ୟ ହୁଅନ୍ତେ ସେ ଦମ୍ପତି ନିଜ ସଦନ ସ୍ଥିତ ସ୍ୱଳ୍ପ ଧନରେ ଖାଦ୍ୟଦ୍ରବ୍ୟ କିଣି ଦୈନିକ ଏକବାରାଶନ ଆରମ୍ଭିଲେ ।" ଏହିପରି ସେମାନଙ୍କ ରୋଜଗାର ସହିତ ଦୈନନ୍ଦିନ ଜୀବନ ନିର୍ବାହର ଧାରା ତୁଳନା କରା-ଯାଇଛି ।

ଲେଖକ ଗଳ୍ପରେ ଗୋଷ୍ଠିର ସୌନ୍ଦର୍ଯ୍ୟ ବର୍ଣ୍ଣନାରେ ସୁନ୍ଦର ଉପମା ଦେଇଛନ୍ତି — "ଗୋଷ୍ଠି ଅତି ସୁନ୍ଦରୀ, ତାହାର ଅରାଳ କୁନ୍ତଳ ମତ୍ତଭୃଙ୍ଗ କୁଳକୁ ନିନ୍ଦଇ, ଭାଳ ଅଷ୍ଟମୀ ଶଶୀ ସଦୃଶ, ନାକ ଚମ୍ପକ ପରି, ନୟନ କୁବଳୟ ଦଳ

Digitized by PPRACHIN, SOA

ଗୁଲ୍ଲା, ଅଂଟେଷ୍ଟ କାନ୍ତି ପ୍ରବାଳକୁ ଜଣେ, ହଳଦିର ବରଣ ବାରବାନି ସୁନା, ନାକରେ ଲଲଟଣ୍ଡି ଦଣ୍ଡି, କାନରେ ଲୋଳି, ଗଳାରେ କଉ ଗୋହଲାମାଳି, ହାତରେ ଗୁଣପଟ କଳାକାଚ ଛଡ଼ା ଆନ ଆଭରଣ ଶରୀରରେ ଶୂନ୍ୟ ।" ସେହିପରି "ହାମାର ଦେହ କ୍ଷୀଣ କବା ପୀନ ନୋହି ତାକୁଡ଼ି ପର ସଲଖ । ହଳଦିର ବରଣ ଶ୍ୟାମଳ" । ଗାଉଁଲି ଶବ୍ଦ ଯଥା — ପାଇଟି, ମାଇପ ଘଇତା, ପିରତ, ଗେଲ, ଅରକ୍ଷିତା, ଲଭ୍ଭ ପ୍ରଭୃତି ବିଦ୍ୟମାନ । ଲେଖକ କପଣ ଅନାବିଳ ଦୟା ପ୍ରଦର୍ଶନ କରିଅଛନ୍ତି ତାର ଗଳ୍ପ ଏପରି 'ଦୟାର୍ଦ୍ର ହୃଦୟା ସାନ୍ତ୍ୱଣୀ ବୋଇଲେ କି ଏ ଗୃହଲ ମାନଙ୍କ ବୁଝେଁ, ଏଉ ମାନେ କବା ହୁଇମାଣେ ଗୃହଳ ନେ । ଆଜଠାରୁ ମାସିକ ବେତନ ଦଶଟଙ୍କା କରାଗଲା" । ଗଳ୍ପଟି ଅତି ଶିକ୍ଷଣୀୟ ହୋଇଛି । ସମାଜରେ ଦୟା, କ୍ଷମା, କୃପା, ମହାନୁଭବତା ପ୍ରଭୃତି ସଦ୍‌ଗୁଣ କପରି ବୃଦ୍ଧିଲାଭ କରିବ, ଲେଖକ ତାର ସମ୍ୟକ୍ ଦିଗ୍‌ଦର୍ଶନ ଦେଇଛନ୍ତି ।

ସେହିପରି ଲେଖକ ତାଙ୍କର "ଗୁଣବତୀ ପତ୍ନୀ" ଗଳ୍ପରେ ବୋହୂ ହୀରାମଣିର ନିଷ୍ଠାଙ୍କ ଚରିତ୍ରର ସୁନ୍ଦର ଅବତାରଣା କରିଛନ୍ତି । ଏଥିରେ ଲକ୍ଷ୍ମୀପୁର ଅଞ୍ଚଳର ଏକ ମଧ୍ୟବିତ୍ତ ଗୃହସ୍ଥ ନାରାୟଣ ନାୟକର ପୁତ୍ର ପୂର୍ଣ୍ଣଚନ୍ଦ୍ର ପି. ସି. ରାଓ ରୂପେ ବାଙ୍କୀ-ପାଟଣାରେ ମଦ, ବେଶ୍ୟାସକ୍ତ ହୋଇ ପୁଣି ପତ୍ନୀ ଯୋଗୁଁ କୁଅଭ୍ୟାସ ପରିତ୍ୟାଗ କରିଛି — ତାର ସୁନ୍ଦର ଚିତ୍ର ପ୍ରଦତ୍ତ ହୋଇଛି ।

ଗଦ୍ୟ ସାହିତ୍ୟରେ ଅନେକ ପ୍ରବନ୍ଧ ଏବଂ କ୍ଷୁଦ୍ର ଗଳ୍ପ ଯଥା ଆଶ୍ୱିନ ପୂର୍ଣ୍ଣିମା, ଶରତ, ବାହନ, ପୁରୁଣା ଗଳ୍ପରେ 'ପାଟଣା'ର ପ୍ରାଚୀନ ନାମ 'ପାଟଳୀ-ପୁତ୍ର' କମ୍ବା 'ପାଟଳୀ ପୁତ୍ରକ', ପଞ୍ଚାଶ୍ୱ ତତ୍ତ୍ୱ, ସାଙ୍ଖ୍ୟ ଦର୍ଶନ, ଇତିହାସ ଲେଖକଙ୍କ ଜଣାଣ, ବଳ, କର୍ମ, ଚକାସ୍ତ୍ରା, ତଙ୍ଗର ଦେଇଙ୍କ ଚିନ୍ତା, ବାନର ଜାତି, ଗୁରୁ, ମୋ କବିତା, ଫାଲ୍‌ଗୁନ ଶୁକ୍ଳ ଚତୁର୍ଦ୍ଦଶୀ ଏବଂ ପୂର୍ଣ୍ଣିମା, ହେରାପଞ୍ଚମୀ, ଜଳେ ରାଜାଦାନଂ, ଗାନ୍ଧାରୀ ଏକାଦଶୀ, ମୈତ୍ରୀ, ଚନ୍ଦ୍ରହାସ ଚରିତ, ପାପ ପରିଣାମ, 'ମତ', ପୁରୁଷୋତ୍ତମ ଗୃହୁଣ୍ଡି, ଗୋବରିଆ, ସୁଲକ୍ଷଣା, ଲଳିତା, ନନ ଗାଙ୍ଗେ ନଜେ ପଡ଼େ, ବାଳିକା ବିବାହ, ଭୂତଭୟ, ଅଙ୍ଗହୀନ ଅନ୍ନକଷ୍ଟୀ ଅଷ୍ଟୈଶ୍ୱର୍ଯ୍ୟଶାଳୀ, କାଦମ୍ବରୀ କଥାସାର "ଭେଦ କେବଳ ପହାଳିରେ — ଜଣା ନ ଯାଏ ତାହା କ୍ଷୀରେ", ଗ୍ରୀକ୍ ପୁରାଣ କଥା, ରାଜାଶ୍ରମ୍ଭ ବିଧାନ, ଆର୍ଯ୍ୟ ବିବାହାତଙ୍କ, ଭଣ୍ଡଧର୍ମୀ ପ୍ରଭୃତି ପ୍ରକାଶ ପାଇଅଛି । ଓଡ଼ିଶାର ଦକ୍ଷିଣାଞ୍ଚଳରେ ଗଦ୍ୟ ସାହିତ୍ୟର କ୍ରମ-ବିକାଶର ଇତିହାସ କଲେ ସେଗୁଡ଼ିକ ପ୍ରଣିଧାନ ଯୋଗ୍ୟ ।

ବ୍ୟାସକବି ଫକୀର ମୋହନ ସେନାପତି ଓଡ଼ିଆ କ୍ଷୁଦ୍ର ଗଳ୍ପର ଜନକ । ତାଙ୍କ ପରେ ଅନେକ ସାହିତ୍ୟକାର ଗଳ୍ପ ରଚନା କରି ଓଡ଼ିଆ ଗଦ୍ୟ ସାହିତ୍ୟକୁ ସମୃଦ୍ଧ କରିଛନ୍ତି । ସେମାନଙ୍କ ମଧ୍ୟରୁ ଗଦ୍ୟ ସାହିତ୍ୟର ସାଧକ ବିକ୍ରମ ଦେବ ବର୍ମା

Digitized by PPRACHIN, SOA

ଅନ୍ୟତମ । ଅଧ୍ୟାପକ କିଶୋର ଚନ୍ଦ୍ର ଦାସ ତାଙ୍କ ବିଷୟରେ ଟିପ୍ପଣୀ ଦେଇ ଲେଖିଛନ୍ତି, "ସେ ପ୍ରକୃତରେ ଥିଲେ ଜୀବନର ରୂପକାର, ବ୍ୟଥା, ବେଦନା, ହାସ୍ୟ ଓ ପୁଲକର ଚିତ୍ରକର । ତାଙ୍କ ଗଳ୍ପଗୁଡ଼ିକ ବର୍ଣ୍ଣନାଧର୍ମୀ ଉପଦେଶାତ୍ମକ ଏକ ଏକ ସାର୍ଥକ ସୃଷ୍ଟି । ସ୍ରଷ୍ଟା ବଞ୍ଚିରହେ ତାର ସୃଷ୍ଟିର ଚିରନ୍ତନ ଆବେଦନ ଓ ଶିଳ୍ପ ଗୌରବ ପାଇଁ । ଏ ଦୃଷ୍ଟିରୁ ମହାରାଜା ବିକ୍ରମ ଦେବ ଓଡ଼ିଆ ଗଳ୍ପ ସାହିତ୍ୟରେ ନିଶ୍ଚିତ ଭାବରେ ଏକ ମର୍ଯ୍ୟାଦାବନ୍ତ ସ୍ଥାନର ଅଧିକାରୀ ।" ※

※ କଥାଶିଳ୍ପୀ ବିକ୍ରମ ଦେବ ବର୍ମା — ଅଧ୍ୟାପକ କିଶୋର ଚନ୍ଦ୍ର ଦାସ, Souvenir—Vikram Deb College, Jeypore—Golden Jubilee-1997.

Digitized by PPRACHIN, SOA

ତ୍ରୟୋଦଶ ପରିଚ୍ଛେଦ

ସାହିତ୍ୟସମ୍ରାଟ ବିକ୍ରମ ଦେବ ବର୍ମା

ସାହିତ୍ୟସମ୍ରାଟ ମହାରାଜ ରାଜର୍ଷି ବିକ୍ରମ ଦେବ ବର୍ମା ପଚାଶତ ବୟସପରେ ମଧ୍ୟ ସାହିତ୍ୟ ସାଧନାରେ ବ୍ରତୀ ଥିଲେ । ତାଙ୍କର ଲେଖା ପରିପକ୍ୱ, ଉନ୍ନତ ଏବଂ ଭାବ ସମ୍ପଦରେ ସମୃଦ୍ଧ । ତାଙ୍କ ରାଜସଭା ସଦାସର୍ବଦା ସାହିତ୍ୟ ଆଲୋଚନାରେ ମୁଖରିତ । ପଞ୍ଚସ୍ତରି ବୟସପରେ ସେ ତିନୋଟି ବିରାଟ ଗ୍ରନ୍ଥ ଲେଖିଥିଲେ । ସେ ତିନଖଣ୍ଡ ଆଧ୍ୟାତ୍ମିକ ଗ୍ରନ୍ଥ । ୧–"ପୁରନ୍ଦର ଦାସୀ ଚରିତ" ନାମରେ ହରି କଥା ଲିଖିତ ହୋଇଛି । ତାହା ଗଦ୍ୟ, ପଦ୍ୟ ଏବଂ ସଙ୍ଗୀତ ବିଶିଷ୍ଟ । ୨–"କଳା-ପୂର୍ଣ୍ଣୋଦୟ" ନାମକ ଏକ ତେଲୁଗୁ ଭାଷାର ଗ୍ରନ୍ଥର ଓଡ଼ିଆ ଗଦ୍ୟାନୁବାଦ । ୩–ମହାତ୍ମା ତୁଳସୀ ଦାସ ବିରଚିତ "ବିନୟ ପତ୍ରିକା"ର ପଦ୍ୟାନୁବାଦ । ଏ ଗ୍ରନ୍ଥତ୍ରୟୀ ବର୍ତ୍ତମାନ ଦୁଷ୍ପ୍ରାପ୍ୟ ।

ଖ୍ରୀ ୧୯୩୭ରେ କବିଶେଖର ଚନ୍ଦ୍ରମଣି ମହାନ୍ତି ଉକ୍ତ ଗ୍ରନ୍ଥତ୍ରୟୀ ବିଷୟରେ ଲେଖିଛନ୍ତି, "ଏହି ତିନଖଣ୍ଡ ଗ୍ରନ୍ଥ ପ୍ରକାଶିତ ହେଲେ ତାହା ଉତ୍କଳ ସାହିତ୍ୟ ଭଣ୍ଡାରରେ ସ୍ଥାୟୀ ରତ୍ନ ହୋଇ ରହିବ । ତାଙ୍କର ଏ ଦାନ ଓଡ଼ିଆ ଜାତି ପାସୋରିବ ନାହିଁ । ଜରାଜୀର୍ଣ୍ଣଶୀର୍ଣ୍ଣ କଳେବରରେ ସେ ଏଭଳି ବିରାଟ ଗ୍ର ଲେଖିବାକୁ ସାହସୀ ହୁଅନ୍ତି, ତାଙ୍କର ଅସୀମ ସାହସର କଥା ଚିନ୍ତାକଲେ ମସ୍ତକ ବିଘୂର୍ଣ୍ଣିତ ହୋଇଯାଏ । ଏଭଳି ନିଷ୍ଠାପର ସାହିତ୍ୟ ଯୋଗୀ ଉତ୍କଳରେ ଅଛନ୍ତି, ଏହା ଦେଶ ଏବଂ ଜାତି ପକ୍ଷରେ ଗର୍ବର କାରଣ ନୁହେଁକି ? ସାହିତ୍ୟ ସେବା ସହଜ ବ୍ୟାପାର ନୁହେଁ । କୃଷକ ମାଟି ସଙ୍ଗେ ମାଟି ହେବାପରି ସାହିତ୍ୟ ସେବକକୁ ଜୀବନଟାଯାକ ଚିନ୍ତାରେ ମିଶି ଚିନ୍ତା ହୋଇ ରହିବାକୁ ହୁଏ ।" *

ସାହିତ୍ୟ ସମ୍ରାଟ ବିକ୍ରମ ଦେବ ବର୍ମା କହୁଥିଲେ, "ମନୋଭାବକୁ କବିତା-କାରରେ ପ୍ରକାଶ କଲାବେଳେ ସ୍ଥାନେ ସ୍ଥାନେ ବଡ଼ ହରବର ହେବାକୁ ହୁଏ । ଭାବ ପ୍ରକାଶର ଉପଯୁକ୍ତ ଶବ୍ଦ ନ ମିଳିଲେ ବାରୁ ବାରୁ ଗଳଦ୍‌ଘର୍ମ ହେବାକୁ ପଡ଼େ । ତେତେବେଳେ ପ୍ରସବ ବେଦନା ପରି ଯନ୍ତ୍ରଣାରେ ଛଟପଟ ହେବାକୁ ହୁଏ; ମାତ୍ର ତାହା ପୂରଣ ହୋଇଗଲେ, ଅର୍ଥାତ୍ ଭାବପ୍ରକାଶ ଭଳି ଉପଯୁକ୍ତ ଶବ୍ଦ

---

* ଜୟପୁର—କବିଶେଖର ଚନ୍ଦ୍ରମଣି ମହାନ୍ତି

Digitized by PPRACHIN, SOA

ମିଳିଗଲେ ଠିକ୍ ପୁତ୍ର ଲାଭପରି ସୁଖ ଏବଂ ଆନନ୍ଦ ଅନୁଭୂତ ହୁଏ ।" ବାସ୍ତବରେ ତାଙ୍କର ସାହିତ୍ୟ ସାଧନା, ଗଭୀର ଚିନ୍ତାଶକ୍ତି, ଉଚ୍ଚକୋଟିର କଳ୍ପନା ଓ ଅନୁଭୂତି ଏହି ଉକ୍ତିରୁ ହିଁ ଅନୁଭୂତ ହୁଏ ।

'ସାହିତ୍ୟ-ସମ୍ରାଟ' ଉପାଧି .

ରାଜକବି ବିକ୍ରମ ଦେବ ବର୍ମାଙ୍କର ତେଲୁଗୁ ସାହିତ୍ୟ ଓ ଓଡ଼ିଆ ସାହିତ୍ୟରେ ଅସାଧାରଣ ପାଣ୍ଡିତ୍ୟ ଥିଲା । ତାଙ୍କର ଏହି ଅସାଧାରଣ ସାହିତ୍ୟିକ ପ୍ରତିଭା ଏବଂ ପାଣ୍ଡିତ୍ୟରେ ମୁଗ୍ଧ ହୋଇ "ଆନ୍ଧ୍ର ଭାରତୀତୀର୍ଥ ସମାଜ" ଖ୍ରୀ. ୧୯୩୩ରେ ତାଙ୍କୁ 'ସାହିତ୍ୟ-ସମ୍ରାଟ' ଉପାଧିରେ ଭୂଷିତ କରିଥିଲା । ଓଡ଼ିଆ ରାଜକବି ବିକ୍ରମ ଦେବ ବର୍ମାଙ୍କୁ ଆନ୍ଧ୍ର ସମାଜ ତରଫରୁ ଏହିପରି ଉପାଧି ପ୍ରଦାନ ଓଡ଼ିଆ ଜାତି ପକ୍ଷରେ କମ୍ ଗୌରବର ବିଷୟ ନୁହେଁ । ତାଙ୍କର ଏହି ସମ୍ମାନରେ ଓଡ଼ିଆ ଜାତି ସମ୍ମାନିତ ଓ ଗର୍ବିତ ।

ବିଶାଖାପାଟଣାରେ 'ଆନ୍ଧ୍ର ଭାରତୀତୀର୍ଥ' ବୋଲି ଗୋଟିଏ ସମାଜ ଥିଲା । ସେଥିରେ ଆନ୍ଧ୍ର, ଓଡ଼ିଶା, ହିନ୍ଦୁସ୍ଥାନୀ, ଇଂରେଜ, ଜର୍ମାନୀ, ଇଟାଲୀ ପ୍ରଭୃତି ଦେଶ ବିଦେଶର ବିଶିଷ୍ଟ ପଣ୍ଡିତମାନେ ସମାଜର ସଭ୍ୟ ଥିଲେ । ମହାରାଜା ବିକ୍ରମ ଦେବ ବର୍ମା ସେହି ସମାଜରେ କୁଳପତି ବା ଚାନସେଲର୍ ଥିଲେ । ସଭାର ବାର୍ଷିକ ଉତ୍ସବରେ ପଣ୍ଡିତମାନଙ୍କୁ ପରୀକ୍ଷା କରାଯାଇ ଉପଯୁକ୍ତ ଉପାଧି ପ୍ରଦତ୍ତ ହେଉଥିଲା । ସାହିତ୍ୟ ସମ୍ରାଟ ଉପାଧିର ସନନ୍ଦ ନିମ୍ନରେ ଉଦ୍ଧୃତ ହେଲା—

The Andhra (Bharati Tirtha) Research University is pleased to grant this Diploma of Lord of Letters Sahitya Samrat Honoris Causa in the faculty of Sahitya to Rajah Shri Shri Shri Vikram Deb Varma, Moharaja of Jeypore as a mark of recognition, by this University Corporation of duly attested attainments in Sanskrit, Telugu, Oriya and Hindi Literatures and distinguished services to this University as Kulapathi (Chancellor) in Promotion of our ideals and educational and cultural Programmes and Researches.

Given under our pads and the seal of the University this day the sixth of the month of May of the year 1933.

Chancellor—General

Digitized by PPRACHIN, SOA

ସାହିତ୍ୟର ଧାରା :

ସାହିତ୍ୟ ସମ୍ରାଟ ବ୍ରଜମୋହନ ବର୍ମା ଯୌବନରେ ଲେଖା, ଯାହା ସାହିତ୍ୟ ଧାରାରେ କଣ୍ଟକିତ ହେଉ, ତାହା ସେ ଗ୍ରହଣ ନ ଥିଲେ । ସାହିତ୍ୟ ଲେଖାର ସ୍ରୋତ ବା ଧାରା ମାଧ୍ୟମରେ ଉତ୍କୃଷ୍ଟ ସାହିତ୍ୟ ରଚନା କଲେ ଯାଇଁ ସମାଜ ସମୃଦ୍ଧିଶାଳୀ ହେବ । ତା ନ ହେଲେ ସମାଜ ଦୁର୍ନୀତିରେ ବୁଡ଼ି ରହିବ ବୋଲି ସତର୍କ କରି ଦେଇଛନ୍ତି । ତାଙ୍କର ନିମ୍ନୋକ୍ତ ରଚନାବଳୀରୁ ସାହିତ୍ୟର ଧାରା ଉପରେ କଡ଼ା ନିର୍ଦ୍ଦେଶ ସୂଚିତ ହୁଏ ।

୧ । ବର୍ତ୍ତମାନ ଗଳ୍ପ ଲେଖାର ରୀତି ନାହିଁ :

ଏବେ ଗଳ୍ପମାନ କେଉଁ ଉଦ୍ଦେଶ୍ୟରେ ବାହାରୁ ଅଛନ୍ତି ଏବଂ କେଉଁ ଉପକାର କରୁଅଛନ୍ତି ତାହା ସୁବୋଧତ ।

ପ୍ରାଚୀନ ଚରିତମାନଙ୍କରେ କମ୍ବା ଗଳ୍ପମାନଙ୍କରେ ନୀତି କହିବା କିଛି ଦେଖାଯାଏ । କିନ୍ତୁ ଏବେ ଗଳ୍ପମାନଙ୍କର ସାଉତ୍ତ ଧରି ଖୋଜିଲେ ହେଁ ନୀତି ସନ୍ଧାନ ନାହିଁ । ସେତିକି ମାତ୍ର ନୁହେଁ — ଦୁର୍ନୀତି ଭରତ ହୋଇଥାଏ । ପ୍ରଧାନତଃ ଏବେ ଗଳ୍ପମାନଙ୍କ ନାୟିକା ନାୟକେ "ଭଉଣୀ ଭଜ" ରୂପେ ଅବତରି ପରିଶେଷରେ "ମାଇପ ଘଇତା" ହୁଅନ୍ତି । ଏହା ଅତି ଜଘନ୍ୟ କାର୍ଯ୍ୟ ନୁହେଁ କି ? ଏହା ବାମାଗ୍ରନ୍ଥଙ୍କ ନୀତିରୁ ଗୃହୀତ ପରି । କି ପୁରୁଷୋତ୍ତମ କ୍ଷେତ୍ରର ବଡ଼ ଦେଉଳ ବେଢ଼ା ଉପରେ ଥିବା "ଦୁର୍ଗାମାଧବ"ଙ୍କ ଠାରୁ ଶିକ୍ଷିତ ପରି ।

ଆଶାକରେ ଦୃଷ୍ୟ ଚରିତମାନ ଏଣିକି ପ୍ରକାଶିତ ନୋହି ନୀତିକଳିତ ଏବଂ ରମଣୀୟ୍ୟାରମ୍ଭୋପସଂହାର ଯୁତ ଚରିତମାନ ମାତ୍ର ପ୍ରକାଶ ପାଇବ । ଇତି ।

୨ । କଥା କଥୁମ :

ଓଡ଼ିଶା ପ୍ରଦେଶର ଦକ୍ଷିଣ ଦିଗ୍ ଭାଗରେ ଜୟପୁର ଅବସ୍ଥିତ । ସେଠା ନବ୍ୟ ସଭ୍ୟତ୍ୱ ଅଦ୍ଭୁତ ପୂର୍ଣ୍ଣାଙ୍ଗ ଧାରଣ କରି ନ ଥିବାରୁ ତାହା ଅନୁନ୍ନତ ସ୍ଥାନ ବୋଲି ନବ୍ୟ ସଭ୍ୟଙ୍କ ମତ । ସେଠାରେ ଶ୍ରୀରବର ସିଂହଙ୍କ ନିବାସ । ସେ ଯୁବକ । ଓଡ଼ିଆ, ତେଲୁଗୁ, ବଙ୍ଗ ଏବଂ ଅଙ୍ଗ୍ଲଭାଷାମାନଙ୍କରେ ତାହାଙ୍କ ଜ୍ଞାନ ବିଦ୍ୟମାନ । ତାଙ୍କର ନିଷ୍କର ଗ୍ରାମରୁ ବାର୍ଷିକ ଅଂଶୁ ପ୍ରାୟଶଃ ଗୁଣ ହଜାର ଟଙ୍କା ଲବ୍ଧ ହେବାରୁ ସେ ନିଶ୍ଚିନ୍ତ ହୋଇ ପଠନରେ ଏବଂ କଥା ଲେଖନରେ କାଳ-ଯାପନ କରନ୍ତି । ତାହାଙ୍କ କୁଟୁମ୍ବ କଳତ୍ର ମାତ୍ର । ସେ ସାଧ୍ୱୀର ନାମ ହେମଲତା ଦେବୀ । ସେ ରୂପବତୀ, ଗୁଣବତୀ ଏବଂ ବିଦ୍ୟାବତୀ । ସଂସ୍କୃତରେ ଏବଂ ଓଡ଼ିଆରେ ସେ ସତୀର ପାଣ୍ଡିତ୍ୟ ପ୍ରଶଂସନୀୟ । ଏକ ସନ୍ଧ୍ୟା ପ୍ରଥମ ପ୍ରହରରେ ଶ୍ରୀରବର ଉତ୍କଳ ସମାଜ ପାଠାଗାରରୁ ନିଜ ସଦନରେ ପ୍ରବେଶି ନିଜ ଜାୟାକୁ ଉଦ୍ଦେଶି — "ହେମ ! 'ନବ୍ୟ

Digitized by PPRACHIN, SOA

ସାହିତ୍ୟ' ପତ୍ରିକାରେ ମୋ ଗଳ୍ପର ସମାଲୋଚନା ବାହାରି ଅଛି । ସମାଲୋଚକ ମୋ ଗଳ୍ପର ଇତିବୃତ୍ତିକୁ, ସନ୍ଦର୍ଭଗୁଡ଼ିକୁ ଏବଂ ମାଧୁର୍ଯ୍ୟକୁ ଭୂରି ପ୍ରଶଂସା କରି ଅଛନ୍ତି ।''

ହେମଲତା ପଚାରିଲେ, ''ସେ ତୁମ୍ଭ ବନ୍ଧୁ କି ? ଏବଂ ତାଙ୍କ ନାମ କିସ ?'' ''ସେ ମୋ ବନ୍ଧୁ ନୁହନ୍ତି । ତାଙ୍କ ନାମ 'ଗ୍ରଃ. ମିଃ' ବୋଲି ଲେଖିଛନ୍ତି ।'' ''ସେ ଦୁଇ ଅକ୍ଷରରୁ ତାଙ୍କ ନାମ ଠଉରେଇ ପାରିବ କି ?'' ବୋଲି ହେମଲତା ପଚାରିଲେ ।

ହୀରାବର କହିଲେ, ''ମୁଁ ପାରିବି ନାହିଁ । ସମାଲୋଚକ ସମ୍ବନ୍ଧେ ଚର୍ଚ୍ଚା କାହିଁକି ?'' ହେମଲତା କହିଲେ, ''କେବଳ ଜାଣିବାକୁ ମାତ୍ର ।'' ସେ ତୁମ୍ଭ ବନ୍ଧୁ ନୋହିଥିଲେ ନିର୍ମତ୍ସର ହୋଇଥିବେ । ସମତ୍ସର ହୋଇଥିଲେ ନିନ୍ଦା କରିଥା'ନ୍ତେ ।''

ହୀରାବର କହିଲେ, ''ନା ସେପରି ଭାବିବା ଅନୁଚିତ । ରଚନା ଭଲ ହୋଇଥିଲେ ଭଲ ବୋଲି; ମନ୍ଦ ହୋଇଥିଲେ ମନ୍ଦ ବୋଲି ସମାଲୋଚକ ପ୍ରକାଶ କରେ ।''

ହେମଲତା କହିଲେ, ''ପ୍ରକୃତ ସମାଲୋଚକ ମାତ୍ର ସେପରି କରେ । ଅଦ୍ୟ ଲେଖନୀ ଧାରକ କବି; ପତ୍ରିକା ପ୍ରଚାରକ ସମାଲୋଚକ । ଆପଣା ଆନନ ସଦୃଶେ ଆଦର୍ଶେ, କବି ଦୋଷ ସଦୃଶେ ବୁଧ ବିମର୍ଶେ । ପଣ୍ଡିତ ସମାଲୋଚକ ମାତ୍ର ପ୍ରକୃତ ସମାଲୋଚକ । ସେପରି ସମାଲୋଚକର ସମାଲୋଚନା ମାତ୍ର ସାହିତ୍ୟ ମଙ୍ଗଳ କାରକ । ସମାଲୋଚନା କରିବା ଅମ୍ଭ ପଣ୍ଡିତଙ୍କର ମଧ୍ୟ ଅଗୋଚର । ତାକୁ ଆଙ୍ଗ୍ଲ ପଣ୍ଡିତଙ୍କଠାରୁ ଶିଖିବା ସମୁଚିତ । ସମାଲୋଚନାରେ ଗୁଣ ଏବଂ ଦୋଷ ବିଶଦ ରୂପେ କଥିତ ହେବା ନ୍ୟାଯ୍ୟ ।''

ହୀରାବର କହିଲେ, ''ଆଧୁନିକ କବିଙ୍କୁ କେବଳ ଲେଖନୀ ଧାରକ ବୋଲିବା ଅନୁଚିତ । ସେମାନେ ନବ ନବ ଭାବ ପ୍ରକାଶନ୍ତି, ନୂତନ ନୂତନ ଛନ୍ଦ-ମାନଙ୍କରେ ପଦ୍ୟ ଲେଖନ୍ତି; ନୂଆ ନୂଆ ପଦ ଗଢ଼ି ଭାଷାକୁ ବଢ଼ାଉ ଅଛନ୍ତି; ଗଳ୍ପ ଲେଖାର ବାଟ ଫିଟାଇ ଅଛନ୍ତି । ଦେଶରେ ନବ୍ୟ ସଭ୍ୟତାର ସହିତରେ ନବ୍ୟ ସାହିତ୍ୟ ବୃଦ୍ଧି ପାଉଅଛି ।''

ହେମଲତା କହିଲେ, ''ଅଦ୍ୟ ପ୍ରକୃତ କବିମାନେ ନାହାନ୍ତି ବୋଲି ମୋ ଆଶୟ ନୁହେଁ । ସେମାନଙ୍କର ନାମ ଗୋଟିଏ ହାତର ଅଙ୍ଗୁଠିମାନଙ୍କରେ ଗଣିତ କରିଯାଇ ପାରେ । କିନ୍ତୁ କବିମ୍ମନ୍ୟଙ୍କ ସଂଖ୍ୟା ବର୍ଷା କାଳର ଛତାକ ପରି ବର୍ଦ୍ଧିତ ହୋଇଅଛି । ସେମାନଙ୍କର ଭାଷାଜ୍ଞାନ ତ ଆଦୌ ନାହିଁ, ଶାସ୍ତ୍ର ଜ୍ଞାନ କେଉଁଠାରୁ ଆସିବ ? ଅତଏବ ନବ ସଭ୍ୟଙ୍କର ଆହାର ବ୍ୟବହାର ନିୟମ ଶୂନ୍ୟ ହୋଇଥିବା ପରି ସେମାନଙ୍କର ଭାଷା ନିୟମ ଶୂନ୍ୟ । ସେମାନେ ସନ୍ଦର୍ଭ ଗୁଡ଼ିକ ମୁଣ୍ଡହିଁ ଜାଣନ୍ତି ନାହିଁ । ତାହାଙ୍କ କବିତା ଅର୍ଥବିରହିତ ପଦବ୍ରଜରେ ପୂର୍ଣ୍ଣ ହୋଇ ଉତ୍କଳ ଭାରତୀଙ୍କ

Digitized by PPRACHIN, SOA

ଘୋଷଣା କରୁଅଛି । ସେମାନେ ପରଙ୍କ ଭାବ ଅନୁକରଣ କରିବାକୁ ଯାଇ, ତାକୁ ଭଲେ କରି ନ ପାରିବାରୁ ତାହାଙ୍କ ଭାବ ଅଭାବ ହେଉଅଛି ।

ବିବିଧ ଛନ୍ଦୋବଦ୍ଧ ପଦ୍ୟବୃନ୍ଦ ଓଡ଼ିଆରେ ବିଦ୍ୟମାନ । ସେହି ଛନ୍ଦମାନଙ୍କୁ ଅବଲମ୍ବି ସରସରେ ପଦ୍ୟ ରଚନା ଯଥେଷ୍ଟ । ତାହା ବୋଲି ନୂତନ ଛନ୍ଦରେ ପଦ୍ୟ ରଚନା ନିଷିଦ୍ଧ ନୁହେଁ । ମାତ୍ର ତାହାର ଗଠନ କର୍ଣ୍ଣପ୍ରିୟ ହୋଇଥିବା ଅତ୍ୟାବଶ୍ୟକ ।

"ବିନାୟକଂ ପ୍ରକୁର୍ବାଣଃ ରଚୟାମାସ ବାନରଂ" (ଦେଉଁ ଗଢ଼ୁ ଗଢ଼ୁ ମାଙ୍କଡ଼) ପରି କରିବା ଅସମୀଚୀନ । ଅନ୍ତ୍ୟାନୁପ୍ରାସ କର୍ଣ୍ଣପ୍ରିୟକର । କେତେକ ଅଙ୍ଗ୍ଳ ପଦ୍ୟାନୁକରଣରେ ଓଡ଼ିଆ ପଦ୍ୟର ପ୍ରଥମ ତୃତୀୟ ଓ ଦ୍ୱିତୀୟ ଚତୁର୍ଥ ଚରଣ-ମାନଙ୍କରେ ଅନୁପ୍ରାସ ମେଳି ରହିଲେ, ସେ ପଦ୍ୟ ଓଡ଼ିଆଙ୍କ କର୍ଣ୍ଣପ୍ରିୟ ହୋଇ ପାରିବ ନାହିଁ । ପ୍ରତ୍ୟେକ ବିଷୟ ପରଙ୍କଠାରୁ ଗ୍ରହଣ କରିବା ଅସଙ୍ଗତ । ସଂସ୍କୃତ ପଦ୍ୟାଳିରେ ଏବଂ ଅଙ୍ଗ୍ଳ ପଦ୍ୟାଳିରେ ଗୁରୁ ଲଘୁ ନିୟମ ଥାଏ କିନ୍ତୁ ଓଡ଼ିଆ, ବଙ୍ଗ ଏବଂ ହିନ୍ଦି ଭାଷା ପଦ୍ୟମାନଙ୍କରେ ସେ ନିୟମ ଥାଏ ନାହିଁ । ଉକ୍ତ ଭାଷାମାନଙ୍କ ପଦ୍ୟ-ପାଦବ୍ରାତରେ ବର୍ଣ୍ଣସାମ୍ୟମାତ୍ର ରହେ ।

ତେମନ୍ତ ଆମ୍ଭେ ଓଡ଼ିଆରେ ଅମିତ୍ରାକ୍ଷର ପଦ୍ୟ ରଚନାରେ ବାହାଦୁରି କିସ ? ମିଲ୍‌ଟନ ପ୍ରଭୃତି କେତେକ ଅଙ୍ଗ୍ଳ କବିବରେ ଅମିତ୍ରାକ୍ଷର ପଦ୍ୟ ରଚିଲେ । ପରେ ମୈକେଲ ଦତ୍ତ ପ୍ରଭୃତି ବଙ୍ଗ କବିମାନେ ତାଙ୍କୁ ଅନୁକରଣ କଲେ । ତାହା ଦେଖି ଅନୁକରଣଶୀଳ — ଓଡ଼ିଆ କବିମାନେ ଅମିତ୍ରାକ୍ଷର ପଦ୍ୟମାନଙ୍କୁ ରଚିଲେ ଏବଂ ରଚୁ ଅଛନ୍ତି । ଏହା କେବଳ "ଗତାନୁଗତିକୋ ଲୋକଃ" ମାତ୍ର । ମୁଁ କହୁଛି କି କ୍ରିୟା ପରେ କର୍ତ୍ତା ଏବଂ ବିଶେଷ୍ୟ ପରେ ବିଶେଷଣ ସନ୍ନିବେଶ କରି ଗୋଟିଏ ଶଠି ଲେଖି, ଚଉଦ ଚଉଦ ଅକ୍ଷରଙ୍କ ପରେ ଗୋଟିଏ ଗୋଟିଏ ଗାର କାଟିଦେଲେ, ସେ ଶଠି ରମ୍ୟାମିତ୍ରାକ୍ଷର ପଦ୍ୟଯୁକ୍ତ ହେବ ।

ଗଳ୍ପ ଆବାଳ ବୃଦ୍ଧ ପ୍ରୀତିକର । ତାହା ତୁମ୍ଭମାନଙ୍କ ସୃଷ୍ଟ ନୁହେଁ । ଶିଶୁଙ୍କ ମାତୃଦୁଗ୍ଧ ପରି ଗଳ୍ପଙ୍କ ମାତୃଦୁଗ୍ଧ ଅମୃତ ଅଟେ । ଜନନୀ ଗଳ୍ପ କହିଲେ, ପିଲାର ରୋଦନ ବନ୍ଦ ହୁଏ ; ଜନନୀର ଗଳ୍ପ ଶୁଣି ପିଲା ହଇରାଣ ନ କରି ଖାଏ — ଏବଂ ଶୋଏ । ମୋ ମା' କେତେଗୁଡ଼ିଏ ଗଳ୍ପ ମୋତେ କହିଅଛନ୍ତି । ତୁମ୍ଭ ମାତାଙ୍କ ମୁଖରୁ ତୁମ୍ଭେ ମଧ୍ୟ କେତେଗୁଡ଼ିଏ ଗଳ୍ପ ଶୁଣିଥିବ । ଦୁଃଖର ବିଷୟ ଏହି ଯେ ନବ୍ୟ ସଭ୍ୟାମାନେ ଦେଶୋଦ୍ଧାରଣ କରଣରେ ବ୍ୟସ୍ତ ହୋଇ ଆପଣା ପିଲାଙ୍କୁ ଗଳ୍ପ କହିବା ପାଇଁ ସମୟ ଲଭି ପାରୁନାହାନ୍ତି ।"

ମନେ ହସି ବୀରବର କହିଲେ, "ଏବେ ଜଣାଗଲା ଯେ ସବୁ ବାହାଦୁରି ତୁମ୍ଭମାନଙ୍କର ମାତ୍ର ; ଆଉ କାହାରି ନାହିଁ ପୁରୁଷଙ୍କର ।"

Digitized by PPRACHIN, SOA

ହେମଲତା କହିଲେ, "କେତେଗୁଡ଼ିଏ ଆଥାନ୍ତେ, କିଛି ହିଁ ନାହିଁ ବୋଲି ପାରିବ କି ? ତୁମ୍ଭମାନଙ୍କ କଥାରେ "ବହ୍ୱାରମ୍ଭୋ ଲଘୁକ୍ରିୟା ।" ଆରମ୍ଭର ପୁଷ୍ଟି ଅନ୍ତରେ ନ ଥାଇ ତାହା ମୂଷିକ ଲାଙ୍ଗୁଳାକୃତି ଧାରଣ କରିଥାଏ । ମଧ୍ୟ ତାହା ଉଦ୍ଦେଶ୍ୟ ବିହୀନ, ସନ୍ଦର୍ଭଶୃଙ୍ଖଳିହୀନ, ନୀତି ବିବର୍ଜିତ ଏବଂ ଦୁଷ୍ଟ ଶବ୍ଦାନ୍ୱିତ ହୋଇଥାଏ ।"

ନୀରବର କହିଲେ, "ଦୁଷ୍ଟ ଶବ୍ଦ ପ୍ରୟୋଗ ଅବଶ୍ୟ ଦୂଷ୍ୟ ଅଟେ । କିନ୍ତୁ ଜାଣିବା ଉଚିତ ଯେ ଗଳ୍ପ ନୀତିଶାସ୍ତ୍ର ନୁହେଁ । ନୀତିବିଦ୍ଧ କଥା କେତୋଟି ଥାଇପାରେ । କିନ୍ତୁ ପ୍ରତ୍ୟେକ କଥାକୁ ନୀତି ଶୃଙ୍ଖଳାବଦ୍ଧ କରିବାକୁ ଯତ୍ନ କଲେ, କଥା କୁସୁମ ପ୍ରସ୍ଫୁଟିତ ହୋଇ ନ ପାରେ ; ବରଂ ସୌନ୍ଦର୍ଯ୍ୟଭ୍ରଷ୍ଟ ହୁଏ । କଥାର ପ୍ରୟୋଜନ ଆନନ୍ଦ । ତାହା କେବଳ ନୀତିପୂର୍ଣ୍ଣ ହେବା ଆବଶ୍ୟକ ବୋଲି ଅରସିକେ କହି ପାରନ୍ତି । କଥା ରଚନା ଏକ କଳା ମାତ୍ର ।"

ହେମଲତା କହିଲେ, "ଗଳ୍ପ ନୀତିପୂର୍ଣ୍ଣ ହେବା ଅନାବଶ୍ୟକ । କିନ୍ତୁ ତାହା ଦୁର୍ନୀତି ସୂଚକ ନୋହିଥିବା ବିଧେୟ । ବହୁତ ଗଳ୍ପମାନଙ୍କରେ ଦୁର୍ନୀତି ସୂଚିତ ହୋଇ ସେଗୁଡ଼ିକ ଗୃହିଣୀ ଗୃହସ୍ଥଙ୍କ ପଠନର ଅଯୋଗ୍ୟ ହୋଇ ଅଛନ୍ତି ; ଏବଂ ଜାତିର ଅହିତ କରୁଅଛନ୍ତି । ଆହୁ କେତେକ ଗଳ୍ପ ଏପରି ଲିଖିତ ଯେ ପଠନାନ୍ତେ ଭାବିବାକୁ ତହିଁ କିଛିହିଁ ନ ଥାଏ । ସର୍ବଦା କବିତ୍ୱ ଶ୍ରବଣ ମନନ ନିଦିଧ୍ୟାସନ ଯୋଗ୍ୟ ହୋଇଥିବା ବିଧେୟ ।"

ନୀରବର ପଚାରିଲେ, "ଆଜ୍ଞା, କହନ୍ତୁ, ସବୁ ଗଳ୍ପ କିପରି ଥିବା ଆବଶ୍ୟକ ?"

ହେମଲତା କହିଲେ, "କେବଳ ଗଳ୍ପମାନ ନୁହେଁ, ପ୍ରତ୍ୟେକ ରଚନା କୁସୁମ ସଦୃଶ ହୋଇଥିବା ନ୍ୟାୟସଙ୍ଗତ । ଯେପରି କୁସୁମର ଆକାର, ବର୍ଣ୍ଣ, ମାର୍ଦ୍ଦବ, ପରିମଳ ଏବଂ ମକରନ୍ଦ ଚିତ୍ତାକର୍ଷକ, ସେପରି ରଚନାର କଳ୍ପନା ବୋଲିବା ଆକାର, ବର୍ଣ୍ଣନା ବୋଲିବା ବର୍ଣ୍ଣ, ଶୈଳୀ ବୋଲିବା ମାର୍ଦ୍ଦବ, ରସ ବୋଲିବା ପରିମଳ ଏବଂ ନୀତି ବୋଲିବା ମକରନ୍ଦ ଚିତ୍ତାକର୍ଷକ ହୋଇଥିବା ସମୁଚିତ ।

ଶୃଙ୍ଗାର ରସ ଏବଂ ହାସ୍ୟ ରସ ଆନନ୍ଦପ୍ରଦ ହୋଇଥିଲେ ହେଁ, ସେ ଦୁଇଟି କଞ୍ଚା ନୋହିଥିବା ବିଧେୟ । ସ୍ୱର୍ଣ୍ଣ ସ୍ୱତଃ ସୁନ୍ଦର । ତାହା ଅଲଙ୍କାର କରାଗଲେ, ସୁନ୍ଦରତର ହୁଏ । ସେହିପରି ସୁଲଳିତ ପଦବ୍ରାତ ସ୍ୱୟଂ ମନୋହର । ତାହା ଯଥାଯୋଗ୍ୟରେ ପ୍ରୟୋଗ କରାଗଲେ, ମନୋହରତର ହୁଏ । ରଚନା ଉତ୍ତମ ହୋଇଥିଲେ, ତାହା ଚିରସ୍ଥାୟୀ ହୋଇ ରହେ; ମଧ୍ୟ ଅନ୍ୟ ଭାଷାମାନଙ୍କରେ ଅନୁବାଦିତ ହୋଇ ପାରେ । ଅନ୍ୟଥା ହୋଇଥିଲେ ତାହା କାଗଜି କୁସୁମ ସଦୃଶ

Digitized by PPRACHIN, SOA

ହୁଏ । କବିତା ପରିପକ୍ୱକୁ ସରସ ହୃଦୟ ମାତ୍ର ଜାଣିପାରେ । ତାହା ଜାଣି ସୂକ୍ତ କବି କହି ଅଛନ୍ତି —

"ଶ୍ରୋତରି ଜ୍ଞାତରି ପ୍ରାପ୍ତେ ଶ୍ଳୋକଃ ଶ୍ଳୋକତ୍ୱମାପ୍ନୁୟାତ୍ ।
ଶ୍ରୋତର୍ଯ୍ୟଜ୍ଞାତରି ପ୍ରାପ୍ତେ ଲକାରସ୍ତତ୍ର ଲୁପ୍ୟତେ ।"

(ଏ ଶ୍ଳୋକର ଅର୍ଥ — ଶ୍ରୋତା ଯେବେ ଜ୍ଞାତା ହୁଅନ୍ତି, ତେବେ ଶ୍ଳୋକର ମର୍ଯ୍ୟାଦା ବା ଗୌରବ ଅକ୍ଷୁଣ୍ଣ ରହେ; ଶ୍ରୋତା ଯେବେ ଜ୍ଞାତା ନ ହୁଅନ୍ତି ତେବେ 'ଶ୍ଳୋକ' ଶବ୍ଦରୁ ଲକାର ଲୁପ୍ତ ହୋଇ ତାହା 'ଶୋକ'ରେ ପରିଣତ ହୁଏ; ଅର୍ଥାତ୍ ଶ୍ଳୋକର ଗୌରବ ବା ମର୍ଯ୍ୟାଦା ନଷ୍ଟ ହୁଏ ।)"

ଖାରବେଳ କହିଲେ, "ହେମ ! ତୁମ୍ଭର ଉପଦେଶ ଯୋଗ୍ୟ ଏବଂ ଗ୍ରାହ୍ୟ ।"

୩ । ଦୁଷ୍ଟ କାବ୍ୟାନୁବାଦ :

ଅର୍ବାଚୀନ ଲେଖକମାନଙ୍କ ଲେଖାରେ ପ୍ରାୟଶଃ ବୈଶିଷ୍ଟ୍ୟ, ନୂତନତ୍ୱ ଏବଂ ସନ୍ଦର୍ଭଶୁଦ୍ଧି ନ ଥାଏ — ମଧ୍ୟ ଅନୁକରଣ ପରିଲକ୍ଷିତ ହୁଏ । ଯାହା ନୂତନ, ତାହା ପ୍ରାୟଶଃ ମିଥ୍ୟା ବୋଧକ ନୋହି ଗର୍ହିତ ହୋଇଥାଏ । ଅନୁକରଣ ସମୀଚୀନ ହୋଇ-ଥିଲେ ନିନ୍ଦନୀୟ ନୁହେଁ । ଉତ୍ତମ ବିଷୟର ଅନୁବାଦ ପ୍ରଶଂସନୀୟ ଏବଂ ବାଞ୍ଛନୀୟ । ଅଧୁନା ତେଲୁଗୁର ଏବଂ ଓଡ଼ିଆର ଲେଖକେ ଆଙ୍ଗ୍ଲ ଏବଂ ବଙ୍ଗାଳି ପୁସ୍ତକର ଅନୁବାଦ କରୁଅଛନ୍ତି । ଦୁଃଖର ବିଷୟ ଏହି ଯେ ଓଡ଼ିଆ ଲେଖକଙ୍କ ମଧ୍ୟରୁ କେତେ ଜଣ ବଙ୍ଗ ଭାଷାକୁ ଓଡ଼ିଆ କରୁଅଛନ୍ତି । ବିଷୟ ମାତ୍ର ଅନୁବାଦିତ ହେବା ସମୁଚିତ, କିନ୍ତୁ ଭାଷା ନୁହେଁ ।

ଦ୍ୱିଜେନ୍ଦ୍ରଲାଲ ରାୟ ରଚିତ 'ଅହଲ୍ୟା'ର ତେଲୁଗୁ ଅନୁବାଦକୁ ଦେଖି ପାରିଲି । 'ଅହଲ୍ୟା' ବୋଲନ୍ତେ ଏକବାର କର୍ଷିତ ହେବା ଭୂମି । 'ଅହଲ୍ୟା' ବୋଲନ୍ତେ କର୍ଷିତ ନୋହିବା ଭୂମି । ଏହି ଅର୍ଥରେ ମାତ୍ର ଅହଲ୍ୟା ଏବଂ ଇନ୍ଦ୍ର ସମ୍ବନ୍ଧ ବେଦରେ କଥିତ, ସେହି ଅକର୍ଷିତ ଭୂମି — ଅହଲ୍ୟାକୁ ଗୌତମ ଋଷି ପତ୍ନୀ କରି, ସେ ଅଜ୍ଞାତରେ ଇନ୍ଦ୍ର ସମ୍ପର୍କ କଳ୍ପନା ପୁରାଣ କଥିତ । ଦ୍ୱିଜେନ୍ଦ୍ରଲାଲ ରଚିତ 'ଅହଲ୍ୟା'ରେ ସେହି ଅହଲ୍ୟା ନାୟିକା ଏବଂ ଇନ୍ଦ୍ର ନାୟକ ।

ଅତ୍ୟନ୍ତ ଶୋଚନୀୟ ବିଷୟ ଏହି ଯେ, ସେ ନାୟିକା ଋଷି ପତ୍ନୀ — ଗୁଣଯୁକ୍ତା ନୋହି କାମୁକୀ, ନିର୍ଲଜ୍ଜା, ପୁତ୍ର ଘାତିନୀ ଏବଂ ଉପପତି ଗାମିନୀ ହୋଇ-ଅଛି । ସେ ନାୟକ ଦେବଗୁଣ ବିବର୍ଜିତ ହୋଇ କାମୁକ, ଅସତ୍ୟବାଦୀ, ବିଶ୍ୱାସ ଘାତକ ଏବଂ ଧୀରୋଦ୍ଧତ ହୋଇଅଛି । ଏପରି ନାୟିକା ନାୟକଙ୍କୁ ଗ୍ରହଣ କରି କାବ୍ୟ ରଚିବା ଅତ୍ୟନ୍ତ ଗର୍ହିତ । ମହାକବି କାଳିଦାସ ଦୁଷ୍ୟନ୍ତଙ୍କୁ ଧୀରୋଦାତ୍ତ କରିବା ନିମନ୍ତେ ଅବଲମ୍ବିଲ ପ୍ରଥା ତଦ୍ରଚିତ ନାଟକରୁ ସୁବିଦିତ ।

Digitized by PPRACHIN, SOA

କିଏ କହି ପାରନ୍ତି ଯେ, ଦ୍ୱିଜେନ୍ଦ୍ର ଲାଲ କବି ମାନଙ୍କ ପୂର୍ବ ନିୟମ ନିଗଳ-ବଦ୍ଧ ନୁହେଁ, ସେ ନିରଙ୍କୁଶ ଏବଂ ପ୍ରପଞ୍ଚ ସ୍ୱଭାବଜ୍ଞ; ତାର ବର୍ଣ୍ଣନା ସ୍ୱଭାବୋକ୍ତି ମାତ୍ର । ଯେପରି ହେଲେ ସେ କବି କାଳିଦାସର ଅନେକୈା ପୁଂଶ୍ଚଳୀକ ନାୟିକା ଏବଂ ଅନେକ ଗୁଣ୍ଡାଙ୍କୁ ନାୟକ କରି କାବ୍ୟ ରଚିଥିଲେ, ସମସ୍ତଙ୍କ ହୋଇଥାନ୍ତା ପରି ! କିନ୍ତୁ ପୁରାଣ ଋଷିପତ୍ନୀଙ୍କ ନାୟିକା ଏବଂ ଦେବରାଜଙ୍କୁ ନାୟକ କରି ସେପରି ଦୁଷ୍ଟ କାବ୍ୟ ରଚିବା ନିତାନ୍ତ ନିନ୍ଦନୀୟ ଅଟେ ।

ଆଧୁନିକ ଲେଖକ ମହାଶୟମାନଙ୍କୁ ମୋର ବିନୀତାନୁରୋଧ ଏହି ଯେ, ସେମାନେ ଉପରି କଥିତ ଦୁଷ୍ଟ କାବ୍ୟପରି କାବ୍ୟମାନଙ୍କର ଅନୁବାଦ କରି ସାହିତ୍ୟର ଏବଂ ଦେଶର କ୍ଷତି କରନ୍ତୁ ନାହିଁ । ଇତି ।"

ସାହିତ୍ୟ ସମ୍ରାଟ ବିକ୍ରମ ଦେବ ବର୍ମାଙ୍କର ସାହିତ୍ୟର ଧାରା ବିଷୟରେ ତିନିଗୋଟି ଉଦାହରଣ ସନ୍ନିବେଶିତ ହୋଇ ଆଲୋଚନା କରାଗଲା । ପ୍ରଥମଟି ଗଳ୍ପଲେଖା, ଦ୍ୱିତୀୟଟି କଥା ନିୟମ ଏବଂ ତୃତୀୟଟି ଅନୁବାଦ ସାହିତ୍ୟ ବିଷୟରେ । ତାଙ୍କର କବିତା ଲେଖାର ଧାରା ବିଷୟରେ ଗୋଟିଏ ରଚନା 'ମୋ କବିତା' ବିଷୟରେ ତାର ଅବିକଳ ନକଲ କରାଗଲା —

୪ । ମୋ କବିତା :

ମୁଁ ମୋ ବଂଶ ଗୁରୁତ୍ୱରୁ, ପାଣ୍ଡିତ୍ୟ ଗୁରୁତ୍ୱରୁ କିମ୍ବା ଧନ ଗୁରୁତ୍ୱରୁ ଲୋକ ବିଦିତ ହୋଇ ପାରିଲି ନାହିଁ । ଯେପରି ହେଉ ନାମ କମାଇବା ତ ଆବଶ୍ୟକ । "ଯେନକେନ-ପ୍ରକାରେଣ ପ୍ରସିଦ୍ଧଃ ପୁରୁଷୋ ଭବେତ୍" । ସେ ହେତୁରୁ ପ୍ରସିଦ୍ଧି ଲଭିବା ପାଇଁ କବି ହେଲି । ପୂର୍ବ କବିଗଣ ଅନୁସରିଲା ମାର୍ଗକୁ ଅନୁସରିବା ଶକ୍ତି ମୋର ଲେଶ ମାତ୍ର ହିଁ ନାହିଁ । ଥିଲେ ହେଁ ତାହା ଆଧୁନିକ ଲୋକଙ୍କୁ ରୁଚିବ ନାହିଁ । ଲୋକଙ୍କୁ ନ ରୁଚିଲେ, ମୋ ନାମ ପ୍ରସିଦ୍ଧ ହେବା ଅସମ୍ଭବ ।

ପ୍ରପଞ୍ଚ ପରିବର୍ତ୍ତନଶୀଳ । ଏବେ କାଳରେ, ନୀତରେ, ଗତିରେ, ମତିରେ, ଆଚାରରେ, ବ୍ୟବହାରରେ ଏବଂ ସକଳ ବିଷୟରେ ପରିବର୍ତ୍ତନ ଘଟିଅଛି । ତାହା କବିତାରେ ମଧ୍ୟ ଘଟିବା ସମୁଚିତ । ଅତଏବ ପରିବର୍ତ୍ତିତ କବିତା ରଚି କବିପ୍ରବର ବୋଲାଇବି ।

ପୂର୍ବ କବିମାନେ କବିତା କନ୍ୟାକୁ ଅକ୍ଷର ନିୟମ, ପଦାନ୍ତ ନିୟମ, ରାଗ, ବାଣୀ ପ୍ରଭୃତି ବିବିଧ ପାଶମାନଙ୍କରେ ବାନ୍ଧି, ସମାସମାନଙ୍କରେ ଛନ୍ଦି ଏବଂ ଅନାବଶ୍ୟକାଳଙ୍କାରମାନ ଗୁନ୍ଥି ତା ସ୍ୱେଚ୍ଛା ବିହାରକୁ ରୁନ୍ଧି ତାକୁ ପଦ୍ୟନାମ ଦେଇ ପଣ୍ଡିତମାନେ ମାତ୍ର ବୁଝି ପାରିବା ପରି ଜାତ କରୁଥିଲେ । ମଧ୍ୟ କବିମାନଙ୍କ ମଧ୍ୟରେ କେତେକଜଣ ଗଦ୍ୟ ରଚନା ଆରମ୍ଭି, ବାଣ, ଦଣ୍ଡି ପ୍ରଭୃତି କବିଙ୍କ ଗଦ୍ୟ

Digitized by PPRACHIN, SOA

ରଚନା ପୂର୍ବ କବିଙ୍କ ପଦ୍ୟ ରଚନା ଠାରୁ ନ୍ୟୂନ ନୋହି ଥିବାରୁ ତନ୍ମାର୍ଗକୁ ଅନୁସର ନ ପାରି କେତେକ ଆଙ୍ଗ୍ଲ କବିଙ୍କ ମାର୍ଗକୁ ଅନୁସରି ଗଦ୍ୟ ରଚି ଅଛନ୍ତି ।

"ଗଦ୍ୟ ପଦ୍ୟାତ୍ମକଂ କାବ୍ୟଂ" ବୋଲିବା ବାକ୍ୟକୁ ଗ୍ରହଣ କରି କେତେଜଣ ଗଦ୍ୟ ରଚି, କେତେଜଣ ପଦ୍ୟ ରଚି, ଏବଂ ଆଉ କେତେଜଣ ଗଦ୍ୟପଦ୍ୟ ମିଶାଇ ରଚି କାବ୍ୟନାମ ଦେଅନ୍ତି । ମୁଁ ଗଦ୍ୟ ପଦ୍ୟ ରଚି ମୋ ପ୍ରତ୍ୟେକତା ଦେଖାଉଛି । ଗଦ୍ୟ ପଦ୍ୟ ନାମ କେବେ କାହାଙ୍କର ବୁଝିବାକୁ ମେଳେମାନେ ମିଲ୍‌ଟନ ପ୍ରଭୃତି କବିଙ୍କ ଅନୁସର ଚଉଦ ଅକ୍ଷର ପଦ୍ୟ ଅମିତ୍ରାକ୍ଷରରେ ଲେଖନ୍ତି, ତାହା ତାଙ୍କର ସୁବୋଧ । ଓଡ଼ିଆର ପୂର୍ବ କବିମାନେ ପଦ୍ୟପାଦମାନଙ୍କ ଅକ୍ଷର ସାମ୍ୟ ଏବଂ ପଦାନ୍ତ ମୈତ୍ରୀ ରଖିଥିଲେ । କିନ୍ତୁ ମୋ ଗଦ୍ୟ ପଦ୍ୟରେ ସେ ନିୟମ ଦୃଢ଼ ଶ୍ଳଥ । ଗଦ୍ୟାକାରରେ କେତୋଟି ଧାଡ଼ି ଲେଖି ପ୍ରତ୍ୟେକ ନଅ ଅକ୍ଷର ପରେ, ଏଗାର ଅକ୍ଷର ପରେ, ବାର ଅକ୍ଷର ପରେ କିମ୍ବା ଚଉଦ ଅକ୍ଷର ପରେ ଗୋଟିଏ ଛେଦ କିମ୍ବା ଗାର କାଟିଲେ, ତାହା ଗଦ୍ୟପଦ୍ୟ ହେବ । ପଦାନ୍ତ ମୈତ୍ରୀ ତ୍ୟାଜ୍ୟ । ପଦରେ ଅଙ୍କଭାଗରେ ଏକ କିବା ଦୁଇ ଅକ୍ଷର ଅଧିକ କିମ୍ବା ଊଣା ହୋଇ ରହି ପାରିବ । ଅଧିକ ଥିଲେ ଦ୍ରୁତ ଚଳନେ ଏବଂ ଊଣ ଥିଲେ ମନ୍ଦ ଗତିରେ-ଉଚ୍ଚାରିବାକୁ ହେବ ।

ପୂର୍ବ କବିଙ୍କ ମଧ୍ୟରେ କେତେକଙ୍କ କବିତାର୍ଥ ପଣ୍ଡିତ ଗୋଚର ମାତ୍ର । ସେପରି କବିତାକୁ ପାମରେ ନିନ୍ଦନ୍ତି । ପାମର ବୋଧ କବିତାକୁ ପଣ୍ଡିତେ ପ୍ରଶଂସନ୍ତି ନାହିଁ । କେତେଜଣ ଶବ୍ଦାଳଙ୍କାରମାନଙ୍କୁ ଇଚ୍ଛା କରନ୍ତି । ଆଉ କେତେଜଣ ଅର୍ଥାଳଙ୍କାରମାନଙ୍କୁ ବାଞ୍ଛନ୍ତି । ଛନ୍ଦଜ୍ଞଙ୍କର ହୃଦୟ ଭାବଶୂନ୍ୟ ଛନ୍ଦଜ୍ଞର ହୃଦୟ ଭାବପୂର୍ଣ୍ଣ ହେବା ସମ୍ଭବପର । ସମସ୍ତଙ୍କୁ ଏକବିଧରେ ତୁଷ୍ଟ କିମ୍ବା ଅତୁଷ୍ଟ କରି-ପାରିବା କବିତା ମାତ୍ର କବିତା ।

ଗତିଚର ପଦାର୍ଥରେ ସ୍ଥିତ ଜନସାଧାରଣରେ, ବ୍ୟଙ୍ଗ ବିକଳାଙ୍ଗରେ, ଲିଙ୍ଗ ଶିବାଳୟରେ, ବିଭକ୍ତ ନାସ୍ତିକରେ, ପ୍ରତ୍ୟୟ ଦମ୍ପତିଙ୍କଠାରେ, ବଚନ ଏବଂ ବାକ୍ୟ ଅମୂକ ଠାରେ, ସନ୍ଧି ଯୁଗ ଯୁଗ ମଧ୍ୟରେ ଅର୍ଥ ଧନୀଠାରେ, ପାକ ମହାନଦରେ, ରମ୍ୟା ଶୟନାଗାରରେ, ରସ ରସାଳରେ, ଧ୍ୱନି କରତାଳୀରେ, ଅଳଙ୍କାର ନାରୀଙ୍କରେ, ସମାସ କାଳରେ, ଭାବ ଜନ ହୃଦୟରେ, ରାଗ ପ୍ରିୟା ପ୍ରିୟଙ୍କ ଠାରେ ଏବଂ ପାଦ ଏବଂ ପଦ ଜନ୍ତୁଙ୍କ ଠାରେ ବିଦ୍ୟମାନ ହୋଇଥିଲେ ହେଁ ପୂର୍ବ କବିମାନେ ସେଗୁଡ଼ିକ ନିଜ କବିତା ସ୍ୱନ୍ତରେ ଗୁନ୍ଥିବା ନିତାନ୍ତ ଗର୍ହିତ । ତେଣୁ ସେ ସବୁ ମୋ କବିତାରେ ବର୍ଜିତ ।

ଅନୁକରଣ ଜନସୁଲଭ ହୋଇଥିବାରୁ କେତେକ ଅଧୁନିକ ଜନେ କେତେକ ଅଙ୍ଗ୍ଲକବିଙ୍କ ମାର୍ଗକୁ ଅନୁସରି ନିଜ ପଦ୍ୟମାନଙ୍କର ପ୍ରଥମ ଦ୍ୱିତୀୟ ପାଦଦ୍ୱୟରେ ଏବଂ

Digitized by PPRACHIN, SOA

ଦ୍ୱିତୀୟ ଚତୁର୍ଥ ପାଦ ଦ୍ୱୟରେ ମୈତ୍ରୀ ରଖନ୍ତି । କିନ୍ତୁ ମୋ ପଦ୍ୟରେ ମୈତ୍ରୀ ଆଦୌ ରହିବ ନାହିଁ । ଅଥବା ରହିଲେ ତାହା ପ୍ରଥମ ଚତୁର୍ଥ ପାଦରେ ମାତ୍ର ରହି ପାରିବ ।

ପୂର୍ବେ ସ୍ୱଜାତିରେ ବାନ୍ଧବ୍ୟ ନଥି ଯାଉଥିଲା ପରି ପୂର୍ବ କବି କବିତାରେ ତତ୍ସମ ତଦ୍ଭବ ସ୍ୱଦେଶୀୟ ପଦମାନ ମାତ୍ର ବ୍ୟବହୃତ । ଆଧୁନିକ ଜନେ ଜଗତର ସବୁ ଜାତିମାନଙ୍କୁ ମିଶାଇ ଗୋଟିଏ ଜାତି ମାନ୍ୟ କରିବା ପାଇଁ ପ୍ରଯତ୍ନ କରି ବିବିଧ ଜାତି ବାନ୍ଧବ୍ୟ କରୁଥିବାରୁ ଆଧୁନିକ କବିତା ଭାଷା ପଦାଳିରେ ଏବଂ ଛନ୍ଦରେ ରଚିତା ହେବା ଅନୁଚିତ ନୁହେଁ ।

କେତେକ ଲୋକେ ବୋଲନ୍ତି ଯେ, ପୂର୍ବ କବି କବିତା ସାକର୍ ପରି ରୁଚ୍ୟା; ଆଧୁନିକ କବି କବିତା ଅଲଣା ସନ୍ତୁନାଦର ଅରୁଚ୍ୟା । ମାତ୍ର ମୋ କବିତା ସ୍ୱଦେଶୀୟ, ବିଦେଶୀୟ, ମିତ୍ରଦେଶୀୟ ଏବଂ ଶତ୍ରୁଦେଶୀୟ ଭକ୍ଷ୍ୟ ଭୂଷା ଗତି ଯତି ମୀନ ଛନ୍ଦଯୁକ୍ତା ହୋଇ ବେଶର ତିଅଣ ପରି ସମସ୍ତଙ୍କର ଆଦର ପାତ୍ରୀ ହେବ ।

ଚରିତ୍ର ଆରମ୍ଭୋପସଂହାର ଏକାକୃତ ଧାରଣ କରି ମୂଷଳ ପରି ଥିବା ଅସମୀଚୀନ । ତାହା ସନ୍ଦର୍ଭ ଶୁଦ୍ଧି ବିହୀନ ହୋଇ ମୂଷିକ ଲାଙ୍ଗୁଳାକାର ଧାରଣ କରିବା ସମୀଚୀନ ।

ପୂର୍ବ କବିମାନେ ବିଜ୍ଞ ବ୍ୟବହାରସିଦ୍ଧ ପଦମାନଙ୍କୁ ମାତ୍ର ବ୍ୟାକରଣୋଦ୍ଦିଷ୍ଟ ବିଧାରେ ପ୍ରୟୋଗ କରିଅଛନ୍ତି । ଉଦାହରଣ — "ଅରଣ୍ୟାନୀଭିସ୍ଥାବନ୍ତଃ" । ଏହାର ଅର୍ଥ ମହାରଣ୍ୟ କିବା ନିବିଡ଼ ବନ ଭୟୂର୍ ଝଣି । ନିବିଡ଼ ବନାର୍ଥରେ ଅରଣ୍ୟାନୀ ବୋଲି ମାତ୍ର ପ୍ରୟୋଗ କରିବା ନିଜ ଦକ୍ଷତାର ନ୍ୟୂନତା ଭାବି ମୁଁ ଅରଣ୍ୟାନୀ ବିନିମୟରେ ବନାନୀ କିବା କାନନାନୀ ବୋଲି ବ୍ୟବହାର କରିବ ।

ଜଗଦୀଶ ଜଗତରେ ସୃଷ୍ଟି ସ୍ଥିତି ଲୟକାରକ ହେବାପରି କବି ଶବ୍ଦର ସୃଷ୍ଟି ସ୍ଥିତି ଲୟକାରକ ବୋଲି ମଦୁଦ୍ଦେଶ । କବିର ଶକ୍ତିମାତ୍ର ନୁହେଁ; ଦୃଷ୍ଟି ମଧ୍ୟ ଲୋକାତୀତ ।

"ଭୂରେ ଭୁବରେ ସ୍ୱର୍ଗରେ ନିଜ ଜ୍ଞାନ ବଳେ ।
ରବି ନ ଦେଖିବା ଦ୍ରବ୍ୟ କବି ଦେଖେ ଭଲେ ॥"

Digitized by PPRACHIN, SOA

ଚତୁର୍ଦ୍ଦଶ ପରିଚ୍ଛେଦ

ବିଶାଖାପାଟଣାରେ ବିକ୍ରମ ଦେବ ବର୍ମା

ବିକ୍ରମ ଦେବ ବର୍ମା ଖ୍ରୀ. ୧୮୮୫ ରୁ ୧୯୩୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ବିଶାଖାପାଟଣାରେ ବାସ କରୁଥିଲେ । ପୂର୍ବ ଅନୁଚ୍ଛେଦ ମାନଙ୍କରେ 'ମାଡ଼ଗୋଲ'ରେ ଥିବା ସମୟରେ ବିକ୍ରମ ଦେବ ବର୍ମାଙ୍କ ଆତ୍ମପରିଚୟ ଓ ପାରିବାରିକ ଜୀବନୀ ବର୍ଣ୍ଣିତ ହୋଇଅଛି । ତାଙ୍କର ବାଲ୍ୟଜୀବନ ଓ ପ୍ରାରମ୍ଭିକ ଜୀବନ କିପରି ଦୁଃଖପୂର୍ଣ୍ଣ ଥିଲା ଏବଂ ତାର ପରବର୍ତ୍ତୀ ଜୀବନ କିପରି କଟାଇଥିଲେ ତାହା ଆଲୋଚ୍ୟ ବିଷୟ । ବିଶାଖାପାଟଣାରେ ଅବସ୍ଥାନ କାଳରେ ବିକ୍ରମ ଦେବ ଦୁଇଟି ବିଶେଷ ଗୁଣ ନେଇ ଲୋକମାନଙ୍କ ପାଖରେ ପରିଚିତ ଥିଲେ । ସାହିତ୍ୟ ସାଧନା ଓ ଦେଶ ମିଶ୍ରଣ ଦିଗରେ ସେ ଯେପରି କାର୍ଯ୍ୟ କରିଯାଇଛନ୍ତି, ତାହା ଅବିସ୍ମରଣୀୟ ।

ତେଲୁଗୁ ରାଜ୍ୟରେ ରହି ମଧ୍ୟ ତାଙ୍କର ଓଡ଼ିଆ ସ୍ୱାଭିମାନ ଓ ଓଡ଼ିଆ ପ୍ରୀତି ଅତୁଟ ଥିଲା । ସେ କାହାରିଠାରୁ ଶିକ୍ଷା କରି ପଣ୍ଡିତ ବା ଗୁଣୀ ହୋଇ ନ ଥିଲେ । ନିଜର ଅଧ୍ୟବସାୟ ହିଁ ତାଙ୍କ ଶିକ୍ଷାର ମୂଳଉତ୍ସ । ସେ ପ୍ରଥମେ ଓଡ଼ିଆ ଭାଷାରେ ଛୋଟ ଛୋଟ କବିତା ଲେଖୁଥିଲେ । ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ଦୁର୍ଗତି ଦେଖି ନିଜ ମାତୃଭାଷାର ବିଶେଷ ଉନ୍ନତି କରିବାପାଇଁ ସେ ଚେଷ୍ଟିତ ଥିଲେ ।

ସେ ସମୟରେ ବିଶାଖାପାଟଣାରେ "ଜଗନ୍ମିତ୍ର ସମାଜ" ନାମରେ ଏକ ସମାଜ ଥିଲା । ପ୍ରଥମେ ତାର ଜଣେ ସଭ୍ୟ ରହି ପରେ ପରେ ସେ ତାର ସର୍ବୋଚ୍ଚ କର୍ତ୍ତା ହୋଇଥିଲେ । ଜଗନ୍ମିତ୍ର ସମାଜର ଗୋଟିଏ ସ୍ଥାୟୀ ରଙ୍ଗମଞ୍ଚ ସେ ନିର୍ମାଣ କରାଇଥିଲେ । ସେହି ରଙ୍ଗମଞ୍ଚର ନାମ ରଖିଥିଲେ—"ଜଗନ୍ମିତ୍ର ହଲ ।" ପ୍ରଥମେ ପ୍ରଥମେ ସେହି ରଙ୍ଗମଞ୍ଚରେ ତେଲୁଗୁ ନାଟକମାନ ଅଭିନୀତ ହେଲା । ବିକ୍ରମ ଦେବ ବର୍ମା ପ୍ରଥମେ ଗୋଟିଏ ଓଡ଼ିଆ ଦଳ ଗଠନ କରି ଓଡ଼ିଆ ନାଟକର ଅଭିନୟ ଆରମ୍ଭ କରିଥିଲେ । ସେ ପ୍ରଥମେ ଗୋଟିଏ ଓଡ଼ିଆ ନାଟକ "ସଙ୍ଗୀତ ଶ୍ରୀରାଧାମାଧବ" ଲେଖି ଏହି ରଙ୍ଗମଞ୍ଚରେ ଅଭିନୟ କରାଇଥିଲେ । ଏହା ତାଙ୍କର ପ୍ରଥମ ଓଡ଼ିଆ ନାଟକ ଲେଖା ।

ଓଡ଼ିଆ ନାଟକଟିର ସଫଳ ଅଭିନୟ ଦେଖି ଓଡ଼ିଆ ଓ ଅଣଓଡ଼ିଆ ସମସ୍ତେ ଭୂରି ଭୂରି ପ୍ରଶଂସା କରିଥିଲେ । ସେଥିରେ ତାଙ୍କର ଖ୍ୟାତି, ପ୍ରତିପତ୍ତି ଓ ଯଶ ବିସ୍ତାରିତ ହୋଇଥିଲା । ଏହି ନାଟକରେ ରାଧିକାଙ୍କର ମାନଭଞ୍ଜନ ବୃତ୍ତାନ୍ତ ସୁନ୍ଦରଭାବେ ବର୍ଣ୍ଣିତ ହୋଇଅଛି । ପାତ୍ର ପାତ୍ରୀମାନଙ୍କର ସଂସ୍କୃତ ଭାଷାରେ କଥୋପକଥନ ଏହି ନାଟକର ବିଶେଷତ୍ୱ । ଏହି ନାଟକଟି ପୁନଃ ପୁନଃ ଅଭିନୀତ

Digitized by PPRACHIN, SOA

ହୋଇ ସୁପ୍ରତିଷ୍ଠା ଲାଭ କରିଛି । ସେଥିପାଇଁ ବ୍ୟାସକବି ଫକୀର ମୋହନ ସେନାପତି ତାଙ୍କର "ଉତ୍କଳ ଭ୍ରମଣ" କାବ୍ୟରେ ଲେଖିଛନ୍ତି, "ଧନ୍ୟ ହେ ବିକ୍ରମ ଦେବ ପଣ୍ଡିତ ରତନ, ମହାରାଜ ଜୟପୁର ଉତ୍କଳ ଭୂଷଣ । ତୁମ୍ଭର କବିତ୍ୱ—ରାଧାମାଧବ ନାଟକ, ପଢ଼ି ଜ୍ଞାନ କରେ ମୋର ଜୀବନ ସାର୍ଥକ ।"

ଏହି ଜଗନ୍ନିଜ ସମାଜ ଦ୍ୱାରା ସେ ତେଲୁଗୁମାନଙ୍କ ମଧ୍ୟରେ ବିଶେଷ ଭାବେ ପରିଚିତ ଥିଲେ । ସ୍ଥାୟୀ ରଙ୍ଗମଞ୍ଚ 'ଜଗନ୍ନିଜ ହଲ୍' ପ୍ରତିଷ୍ଠା ପାଇଁ ପ୍ରାୟ ଦଶହଜାର ଟଙ୍କା ସେ ସମୟରେ ଖର୍ଚ୍ଚକରି ଆନୁଷଙ୍ଗିକ ମଞ୍ଚ ଉପକରଣ କ୍ରୟ କରିଥିଲେ । ସେଠାରେ ସ୍ୱ-ଲିଖିତ ତେଲୁଗୁ ନାଟକ "ଶ୍ରୀନିବାସ କଲ୍ୟାଣ ନାଟକ", "କୃଷ୍ଣାର୍ଜ୍ଜୁନ ଚରିତମ୍" ଓ "ମାନବତୀ ଚରିତମ୍" ଅଭିନୀତ ହୋଇ ଅତି ପ୍ରଶଂସିତ ହୋଇଥିଲା । କିନ୍ତୁ ଅତ୍ୟନ୍ତ ଦୁଃଖର ବିଷୟ ଉକ୍ତ ରଙ୍ଗାଳୟଟି ଖ୍ରୀ. ୧୯୨୩ରେ ପ୍ରବଳ ଘୂର୍ଣ୍ଣିବାତ୍ୟାରେ ଅତ୍ୟନ୍ତ କ୍ଷତଗ୍ରସ୍ତ ହୋଇଥିଲା ।

ବିଶାଖାପାଟଣାରେ ବିକ୍ରମ ଦେବ ଅନ୍ୟ ଏକ ଅନୁଷ୍ଠାନ "ଶ୍ରୀରାମଲୀଳା" ସ୍ଥାପନ କରିଥିଲେ । ସେଥିରେ ରାମଚନ୍ଦ୍ରଙ୍କ ଜନ୍ମଠାରୁ ରାବଣର ମୃତ୍ୟୁ ପର୍ଯ୍ୟନ୍ତ ସମସ୍ତ ଘଟଣା ନାଟକ ଆକାରରେ ଅଭିନୀତ ହେଉଥିଲା । ଏହି ନାଟକ ଶ୍ରୀରାମଲୀଳା ନାମରେ ଅଭିହିତ । ନାଟକ ଆରମ୍ଭରେ ପ୍ରଥମେ ସ୍ୱରଚିତ 'ଶ୍ରୀରାମ-ସ୍ତବମ୍' ଆରମ୍ଭ କରାଯାଏ ।

ଓଁମିତ୍ୟକ୍ଷରରୂପାୟ ଜ୍ଞାନାତୀତସ୍ୱରୂପିଣେ ।
ନିଷ୍କଳଙ୍କ-ଚରିତାୟ ଶ୍ରୀରାମାୟ ନମୋନମଃ । ୧ ।
ରାଜୀବ-ସଦନେତ୍ରାୟ ଋଷିଚିତ୍ତ-ବିହାରିଣେ ।
ମହୋଦଧିଖରୀରାୟ ଶ୍ରୀରାମାୟ ନମୋନମଃ । ୨ ।
ମାରକୋଟିମନୋଜ୍ଞାୟ କାର୍ମୁକାସ୍ତ୍ରଗ ଧାରିଣେ ।
ଗୃହୀତପୀତଚେଲାୟ ଶ୍ରୀରାମାୟ ନମୋନମଃ । ୩ ।
ଯଜ୍ଞେଶ୍ୱରାୟ ଯଜ୍ଞାୟ କୌଶଲ୍ୟାନନ୍ଦଦାୟିନେ ।
ସୁବ୍ରହ୍ମଣ୍ୟ-ପ୍ରଦୀପାୟ ଶ୍ରୀରାମାୟ ନମୋନମଃ । ୪ ।
ନକ୍ତଞ୍ଚରବନାଶାୟ ଜାନକୀ ମୋଦକାରିଣେ ।
ନୀଳେନ୍ଦୀବରବର୍ଣ୍ଣାୟ ଶ୍ରୀରାମାୟ ନମୋନମଃ । ୫ ।
ମୋହାନ୍ଧକାର-ସୂର୍ଯ୍ୟାୟ ମୁନିମୋହନ-ମୂର୍ତ୍ତୟେ ।
ଧରଣୀନାଥ ନାଥାୟ ଶ୍ରୀରାମାୟ ନମୋନମଃ । ୬ ।
ରାମାସ୍ତବମିଦଂ ଦିବ୍ୟଂ ପାପଘ୍ନଂ ମଙ୍ଗଳପ୍ରଦମ୍ ।
ରଚିତଂ ଭକ୍ତି ଭାବେନ ବିକ୍ରମେଶ୍ୱରବର୍ମଣା । ୭ ।
ଇତି ଶ୍ରୀରାମସ୍ତବଂ ସମ୍ପୂର୍ଣ୍ଣଂ ।।"

Digitized by PPRACHIN, SOA

ଓଡ଼ିଆ ସମାଜ :

ବିକ୍ରମ ଦେବ ବର୍ମା ତେଲୁଗୁ ଲୋକଙ୍କ ମଧ୍ୟରେ ଖୁବ୍ ପରିଚିତ ଥିଲେ । ସେ ଜଗନ୍ନାଥ ସମାଜ ଓ ରଙ୍ଗମଞ୍ଚରୁ ବିଶେଷ ଖ୍ୟାତି ଅର୍ଜନ କଲା ପରେ ନିଜ ମାତୃଭାଷା ବିଶେଷ କରି ସ୍ଥାନୀୟ ଓଡ଼ିଆମାନଙ୍କର ଦୁରବସ୍ଥା ଦୂରକରିବା ପାଇଁ ଭିଶାଖାପାଟଣା ଠାରେ ଗୋଟିଏ ଓଡ଼ିଆ ସମାଜ ଗଠନ କଲେ । ସେ ସମୟରେ ସେଠାରେ ଅନେକ ଓଡ଼ିଆ ଘର ଓ ନିକଟବର୍ତ୍ତୀ ଅଲ୍ଲିପୁର ଗ୍ରାମରେ ପଚିଶଟି କରିଣ ଘର ଥିଲା । କରଣମାନେ ଓଡ଼ିଆ ସଂସ୍କୃତି ବଜାୟ ରଖିବାପାଇଁ ନିଜ ମଧ୍ୟରେ ଏକ ଶିକ୍ଷାକରଣ ସମିତି ଗଠନ କରିଥିଲେ । ସେ ସମିତିଟି ଅଚଳ ହୋଇ ପଡ଼ିଲା । ବିକ୍ରମ ଦେବ ବର୍ମା ତାକୁ ଭାଙ୍ଗି ଏକ ସ୍ଥାୟୀ 'ଓଡ଼ିଆ ସମାଜ' ଗଠନ କଲେ ଏବଂ ସେ ନିଜେ ତାର ସ୍ଥାୟୀ ସଭାପତି ହେଲେ ।

ଓଡ଼ିଆ ସମାଜ ଦ୍ୱାରା ସେ ଅଞ୍ଚଳରେ ଅନେକ ଗଠନମୂଳକ କାର୍ଯ୍ୟ ହୋଇପାରିଥିଲା । ଏହାଦ୍ୱାରା ସେ ଅଞ୍ଚଳର ଓଡ଼ିଆମାନଙ୍କ ପ୍ରାଣରେ ଏକ ନୂତନ ପ୍ରେରଣା ଓ ସ୍ପନ୍ଦନ ଖେଳିଗଲା । ଓଡ଼ିଆଭାଷା ଓ ଓଡ଼ିଆ ଦେଶମିଶ୍ରଣ ଆନ୍ଦୋଳନରେ ଏହି ଓଡ଼ିଆ ସମାଜ ଏକ ବିଶେଷ ଭୂମିକା ଗ୍ରହଣ କରିଥିଲା । ବିକ୍ରମ ଦେବ ବର୍ମା ଓଡ଼ିଆ ସମାଜର ସଭାପତି ରୂପେ ଜଣେ ଆଦର୍ଶ ନେତାର କର୍ତ୍ତବ୍ୟ ସମ୍ପାଦନ କରିଥିଲେ । ସେ ସରକାର, ଜିଲ୍ଲାବୋର୍ଡ଼, ମ୍ୟୁନିସିପାଲିଟି ଓ ଅନ୍ୟାନ୍ୟ ହାକିମ-ମାନଙ୍କୁ ସେଠାକାର ଓଡ଼ିଆମାନଙ୍କ ଅଭାବ ଅସୁବିଧା ଦୂରକରିବା ପାଇଁ ଯାହା ଯାହା ଲେଖିଛନ୍ତି ତାହାସବୁ ତାଙ୍କର ଦେଶସେବା ଓ ସ୍ୱଜାତି ପ୍ରୀତିର ଏକ ନିଖୁଣ ଦସ୍ତାବିଜ । ସେ ଅଞ୍ଚଳରେ ଓଡ଼ିଆମାନେ ଧରକାଣ୍ଡ ସ୍ୱୀକାର ପାଇବା ଅସମ୍ଭବ ହେଲେ ମଧ୍ୟ ବିକ୍ରମ ଦେବ ବର୍ମାଙ୍କ ଲେଖା ଲେଖିରେ ଅନେକ ସ୍ୱୀକାର ପାଇଥିଲେ । ଯୁକ୍ତିଯୁକ୍ତ ଓ ଯୁକ୍ତିସଙ୍ଗତ ନ୍ୟାଯ୍ୟ ଜାତୀୟ ଦାବି ଉପସ୍ଥାପନ କରିବାକୁ ସେ କେବେ ପଶ୍ଚାତ୍ପଦ ହୋଇ ନାହାନ୍ତି । ତାଙ୍କର ଧୈର୍ଯ୍ୟ, ସଦ୍‌ଗୁଣ ଓ ସତ୍ସାହସ ଯୋଗୁଁ ସେ ସରକାରଙ୍କର ପ୍ରଶଂସାର ପାତ୍ର ହୋଇଥିଲେ ।

ତତ୍କାଳୀନ ମାଡ୍ରାଜ ପ୍ରଦେଶରେ ଥାଇ ମଧ୍ୟ ଏହି ଓଡ଼ିଆ ସମାଜ ତାଙ୍କୁ ଓଡ଼ିଶାରେ ବିଶେଷ ଭାବେ ପରିଚିତ କରାଇପାରି ଥିଲା । ତାଙ୍କ ଗୁଣ ଗରିମାର ପରିଚୟ ପାଇ କବିବର ରାଧାନାଥ ରାୟ ଏବଂ ବ୍ୟାସକବି ଫକୀରମୋହନ ସେନାପତି ପ୍ରଭୃତି ତାଙ୍କ ପ୍ରତି ଆକୃଷ୍ଟ ହୋଇଥିଲେ । ସେଥିପାଇଁ ବ୍ୟାସକବି ତାଙ୍କର ଉତ୍କଳ ଭ୍ରମଣରେ ଲେଖିଛନ୍ତି—

"ଏହିପରି ଜଣେ ଯେବେ ଥାଆନ୍ତେ ଉତ୍ତରେ
ବୁଲୁଥାନ୍ତି ମୁହିଁ ହାତ ପକାଇ ନିଶରେ ॥"

Digitized by PPRACHIN, SOA

ଏହି ଓଡ଼ିଆ ସମାଜ ତତ୍କାଳୀନ ମାନ୍ଦ୍ରାଜ ଲାଇବ୍ରେରୀ ଆକ୍ଟ ଅନୁସାରେ ରେଜିଷ୍ଟ୍ରି ହୋଇଥିଲା । ଏହି ଅନୁଷ୍ଠାନ ବିକ୍ରମ ଦେବ ବର୍ମାଙ୍କ ପ୍ରଚେଷ୍ଟା ଯୋଗୁଁ ବାର୍ଷିକ ପଚିଶ ଟଙ୍କା ମାନ୍ଦ୍ରାଜ ସରକାର ଓ ସ୍ଥାନୀୟ ମ୍ୟୁନିସିପାଲିଟିରୁ ପାଉଥିଲା । ସମସ୍ତ ଓଡ଼ିଆ ଛାତ୍ର ଏବଂ ବିଶାଖାପାଟଣା ଓ ଗଞ୍ଜାମ ଅଞ୍ଚଳରୁ ଯେଉଁ ଓଡ଼ିଆ ଛାତ୍ରମାନେ ସେଠାରେ ଅଧ୍ୟୟନ କରୁଥିଲେ ସେମାନଙ୍କ ପାଇଁ ଓଡ଼ିଆ ସମାଜର ଲାଇବ୍ରେରୀ ସଦାସର୍ବଦା ଉନ୍ମୁକ୍ତ ଥିଲା । ବିକ୍ରମ ଦେବ ବର୍ମା ସ୍ୱହସ୍ତରୁ ଅର୍ଥ ସାହାଯ୍ୟ କରି କେତେକ ଗରିବ ଓଡ଼ିଆ ଛାତ୍ରଙ୍କୁ ଉଚ୍ଚ ଶିକ୍ଷିତ କରିଥିଲେ । ସେମାନେ ଓଡ଼ିଆ ସମାଜ ଲାଇବ୍ରେରୀରୁ ପୁସ୍ତକ ଓ ପତ୍ର ପତ୍ରିକା ମାଗଣାରେ ପାଉଥିଲେ । ଗଞ୍ଜାମ ଓ ଜୟପୁର ଅଞ୍ଚଳରୁ ସାମୟିକ ଭାବେ ଆସୁଥିବା ବିଶିଷ୍ଟ ଓଡ଼ିଆମାନେ ଏହି ଓଡ଼ିଆ ସମାଜ ଗୃହରେ ଆଶ୍ରୟ ନେଉଥିଲେ ।

ଅନରାରୀ ମାଜିଷ୍ଟ୍ରେଟ୍ :

ବିକ୍ରମ ଦେବ ବର୍ମାଙ୍କର ରାଜଭକ୍ତି, ପାଣ୍ଡିତ୍ୟ ଓ ରାଜନୀତି କ୍ଷେତ୍ରରେ ବିଶେଷ ଅନୁଭୂତି ଥିବାରୁ ମାନ୍ଦ୍ରାଜ ସରକାର ଖ୍ରୀ. ୧୯୧୪ରେ ତାଙ୍କୁ ବିଶାଖାପାଟଣାର ପ୍ରଥମ ଶ୍ରେଣୀ ବେଞ୍ଚ ମାଜିଷ୍ଟ୍ରେଟ ପଦରେ ମନୋନୀତ କରିଥିଲେ । ସେ ଦୀର୍ଘ ପାଞ୍ଚବର୍ଷକାଳ ସେହି କାର୍ଯ୍ୟ ଦକ୍ଷତାର ସହ ସମ୍ପନ୍ନ କରିଥିଲେ । ସେଥିପାଇଁ ସେ ସରକାରଙ୍କର ତଥା ଜନ ସାଧାରଣଙ୍କର ପ୍ରଶଂସା ଭାଜନ ହୋଇଥିଲେ । ପାଞ୍ଚବର୍ଷ ପରେ ପୁଣି ତାଙ୍କୁ ସେହି ପଦ ଯାଚ୍ଞା କରିବାରୁ ସେ ବିନମ୍ରତାର ସହିତ ଅସମ୍ମତି ପ୍ରକାଶ କରିଥିଲେ । ଆଉ ଅଧିକ ଦିନ ସେହି କାର୍ଯ୍ୟ କଲେ ନରକରେ ପଡ଼ିଯିବ ବୋଲି ରହସ୍ୟରେ କହୁଥିଲେ । ତାଙ୍କ ଅନୁଭୂତିରୁ ସେ କହୁଥିଲେ, —

"ପଢ଼ାମୂର୍ଖେ ଅପଢ଼ାମୂର୍ଖେ ପୂରିଛନ୍ତି ଦେଶରେ
ପଢ଼ାମୂର୍ଖେ ମାନ ଦେଶର ହାକିମର ନିକଟରେ ।"

ତାଙ୍କ ବିଷୟରେ କବିଶେଖର ଚନ୍ଦ୍ରମଣି ମହାନ୍ତି କହିଛନ୍ତି — "ପଦ, ପ୍ରାଧାନ୍ୟ, ପରମାୟୁ — ଏହି ତିନୋଟି ପ୍ରକାର ଶବ୍ଦ ସଂସାରରେ ବଡ଼ ପ୍ରିୟ । ତାହା ତ୍ୟାଗ କରିବାକୁ କେହି ଇଚ୍ଛା କରେ ନାହିଁ, ବରଂ ତାହା ପାଇବା ପାଇଁ ନାନା ପ୍ରକାରେ କୃତ୍ରିମ ଉପାୟ ଅବଲମ୍ବିତ ହୁଏ । ବର୍ତ୍ତମାନ ଯୁଗରେ ଭୋଟ ଭିକାରୀ ଦଳର ଅଭୂତ ଲୀଳା ସେଥିର ସୁସ୍ପଷ୍ଟ ପ୍ରମାଣ । ଉପାଧି ପାଇଁ ବାର ଲୋକଙ୍କ ଗୋଡ଼ରେ ତେଲ ମର୍ଦ୍ଦନ କରିବାକୁ ଅନେକ ଉପାଧିଧାରୀମାନେ ତିଳେ-ମାତ୍ର ଲଜ୍ଜା ବୋଧ କରନ୍ତି ନାହିଁ । ଅଧିକନ୍ତୁ ଉପାଧିଦେବତା ପାଦରେ ଆତ୍ମ-ସମ୍ମାନକୁ ବଳି ଦିଅନ୍ତି, ସତେ ଯେପରି ତାହାଙ୍କୁ ନେଇ ସ୍ୱର୍ଗରେ ଇନ୍ଦ୍ରାସନରେ ବସାଇଦେବ । । ରାଜସେବା ଏବଂ ଦେଶସେବା ଅବଶ୍ୟ କର୍ତ୍ତବ୍ୟ;

Digitized by PPRACHIN, SOA

ମାନ୍ଦ ଉପାଧି ପାଇଁ ମହତ୍ତ୍ୱ ହରାଇବା ବଡ଼ ଅସୁନ୍ଦର କଥା । ବିକ୍ରମ ଦେବଙ୍କ ପର ବିନା ଯାଚଞ୍ଚାରେ ଯେ ରାଜସେବାର ସୌଭାଗ୍ୟ ପ୍ରାପ୍ତ ହୁଏ ସେ ଧନ୍ୟ ।"

ଜୀବେ ଦୟା :

ସେ ଅନରାରି ମାଜିଷ୍ଟ୍ରେଟ୍ଙ୍କ ପାଇଁ ଦରଖାସ୍ତ କରି ନ ଥିଲେ । ମାନ୍ଦ୍ରାଜ ସରକାର ତାଙ୍କର ଗୁଣର ପୁରସ୍କାର ସ୍ୱରୂପ ତାଙ୍କୁ ଯାଚିକରି ସମ୍ମାନ ଦେଇଥିଲେ । ସେ ଡିଷ୍ଟ୍ରିକ୍ଟ ବୋର୍ଡ ଓ ମ୍ୟୁନିସିପାଲିଟି ଛଡ଼ା ଆଉ ସବୁଥିରେ ଅନରାରି କାର୍ଯ୍ୟ କରିଛନ୍ତି । ସ୍ଥାନୀୟ ଜିଲାବୋର୍ଡ ଓ ମ୍ୟୁନିସିପାଲିଟିର ମନୋନୀତ ସଭ୍ୟ ହେବା ପାଇଁ ମାନ୍ଦ୍ରାଜ ସରକାର ତାଙ୍କୁ ଏକାଧିକ ବାର ଅନୁରୋଧ କରିଥିଲେ । ସେ କହୁଥିଲେ ଯେ, ଡିଷ୍ଟ୍ରିକ୍ଟ ବୋର୍ଡରେ କାଞ୍ଜିହାଉସ ଇଜାରା ଦେବା ପ୍ରଥା ଅଛି । ସେଥିରେ ପଶୁକୁଳରେ ବଡ଼ କଷ୍ଟ ହୁଏ । ମ୍ୟୁନିସିପାଲିଟିରେ କଂସେଇଖାନା ରଖାଯାଇ ସେଥିରୁ ବାର୍ଷିକ ରାଜସ୍ୱ ଆଦାୟ ହେଉଛି । ତାକୁ ଉଠାଇ ନଦେଲେ ସେ ସଭ୍ୟ ହୋଇ ପାରିବେ ନାହିଁ । ନିରୀହ ଜୀବପ୍ରତି ତାଙ୍କର ଦୟା ଥିଲା ଏଥିରୁ ସ୍ପଷ୍ଟ ଅନୁମିତ ହୁଏ । ବିକ୍ରମଦେବଙ୍କ ହୃଦୟ ଖାଲି ମନୁଷ୍ୟ ଦୁଃଖରେ କାନ୍ଦେ ନାହିଁ ଇତର ପ୍ରାଣୀ ପଶୁପକ୍ଷୀଙ୍କ ଦୁଃଖରେ ମଧ୍ୟ କାନ୍ଦି ଉଠୁଥିଲା । ଏଭଳି ନିର୍ଭୀକ ଉତ୍ତର ଦେବାରେ କେତେଜଣ ଦେଖାଯାନ୍ତି ?

ବିକ୍ରମ ଦେବ ବର୍ମା ମାଂସ ଭକ୍ଷଣ କରୁ ନ ଥିଲେ । ସେ କହୁଥିଲେ "ଘାସ ପତ୍ର ଖାଇ ମୃଗ ମାଂସ ବଢ଼ାଉଛି ତାକୁ ତୁମେ ଖାଇ ତୁମ ମାଂସ ବଢ଼ାଇବ ?"

"ଖାଇ ପତ୍ର ଘାସ ପୋଷିବାରୁ ମାଂସ
ମୃଗ ବଦାଶତା ଜନ ।
ମାଂସ ଖାଇ ଭଲେ ମାଂସ ବଢ଼ାଇଲେ
କିସ ଭୋଗିବଟି ଜନ ।"

ଜୀବହିଂସା ନିବାରଣୀ ସଂଘ :

ବିକ୍ରମଦେବ ବର୍ମା ନିରାମିଷ ଭୋଜନ ପ୍ରତି ବିଶେଷ ଜୋର ଦେଉଥିଲେ । ତାଙ୍କର ସର୍ବଜୀବ ପ୍ରତି ଦୟା ଓ ଧର୍ମଭାବ ବାଲ୍ୟକାଳରୁ ହିଁ ବିକଶିତ ହୋଇଥିଲା । ନିଜର ବତୋପନୟନ ସମୟରେ ନିମନ୍ତ୍ରିତ ଭଦ୍ରବ୍ୟକ୍ତିଙ୍କ ଆହାର ପାଇଁ ପକ୍ଷୀ ଓ ଜୀବନ୍ତ ମାଛ ସଂଗୃହୀତ ହୋଇଥିଲା । ଏହା ଜାଣିପାରି ସେ କହିଥିଲେ, ଆଜି ମୋ ଜୀବନରେ ଗୋଟିଏ ଉତ୍ସବର ଦିନ । ଏହି ଶୁଭଦିନରେ ଏତେ ଗୁଡ଼ାଏ ନିରୀହ ଜୀବନକୁ ହତ୍ୟାକରି ମୁଁ କି ସୁଖ ଭୋଗ କରିବି ? ସେଗୁଡ଼ିକୁ ଛାଡ଼ି ନ ଦେଲେ ମୁଁ ବ୍ରତ ହେବ ନାହିଁ ।"(ତାଙ୍କର ପ୍ରତିଜ୍ଞା ଭଙ୍ଗ ହେଲା ନାହିଁ । ପକ୍ଷୀ ଓ ଜନ୍ତୁ ଗୁଡ଼ିକ ଛାଡ଼ି ଦେଲା ପରେ ଯାଇ ସେ ବ୍ରତ ବେଦୀରେ ବସିଥିଲେ ।)

Digitized by PPRACHIN, SOA

ବିଶାଖାପାଟଣାରେ ଏକ 'ଜୀବହିଂସା ନିବାରଣୀ ସଙ୍ଘ' ସେ ଗଢ଼ିଥିଲେ । ଏବଂ ସେ ନିଜେ ସେହି ସଙ୍ଘର ପ୍ରତିଷ୍ଠାତା ଓ ପ୍ରଧାନ ପୃଷ୍ଠପୋଷକ ହୋଇଥିଲେ । ବିଶେଷତଃ ବ୍ରାହ୍ମଣମାନେ ଯଦି ମାଂସ ଭକ୍ଷଣ କରୁଥିବେ ସେ ରାଗି ଉଠୁଥିଲେ । ସେ କହୁଥିଲେ—

"ଯେଉଁ ଦେଶେ ବିପ୍ରମାନେ ଆମିଷ ଭୁଞ୍ଜନ୍ତି ।
ସେ ଦେଶେ ଦେବୀଏ କିନ୍ତୁ ବଳିକି ଲଭନ୍ତି ।।"

ବଳିପ୍ରଥା

ବିକ୍ରମଦେବ ବର୍ମା ବଳିପ୍ରଥା ବନ୍ଦ କରିବାପାଇଁ ଆନ୍ଦୋଳନ ଚଳାଇ ଥିଲେ । ସେ ବଳିର ତାତ୍ତ୍ୱିକ ବ୍ୟାଖ୍ୟା କରିଯାଇଛନ୍ତି । ତାଙ୍କର 'ବଳି' ବିଷୟରେ ଏକ ରଚନା ନିମ୍ନରେ ଉଦ୍ଧୃତ ହେଲା—

ବଳି :

ବଲ୍ୟନ୍ତ୍ୟନେନ ବଲିଃ — ବଲ ପ୍ରାଣନେ (ଏହା ଦ୍ୱାରା ଜୀଅନ୍ତି) ବୋଲି ବଳି ଶବ୍ଦର ନିର୍ବଚନ । ଅତଏବ 'ବଳି' ପଦ ପୂଜାର୍ଥ ଦତ୍ତ ପଦାର୍ଥ ଠାରେ ଏବଂ ପ୍ରଭୁଙ୍କୁ ଦେବା ଭେଟଠାରେ ପର୍ଯ୍ୟାୟରେ ବ୍ୟବହୃତ ହୁଏ ।

ଭୂତ ବୋଲନ୍ତେ ପ୍ରାଣୀ ଏବଂ ପିଶାଚ । ସେମାନଙ୍କ ନିମିତ୍ତ ଦତ୍ତ ଖାଦ୍ୟ ଦ୍ରବ୍ୟ "ଭୂତ ବଳି" ବୋଲିଯାଏ । କିନ୍ତୁ "ନରବଳି", "ଛାଗବଳି" ପ୍ରଭୃତି ପଦମାନଙ୍କୁ ଉପର୍ଯ୍ୟୁକ୍ତ ବିଧିରେ ଅନ୍ୱୟ ନ କରି "ନରମାନେ କିମ୍ବା ଛାଗାଦିଙ୍କି ବଳି ରୂପେ ଦେବା" ନରୂବା "ନରମାନଙ୍କୁ କିମ୍ବା ଛାଗାଦିଙ୍କି ବଳିରୂପେ ଦେବା" ବୋଲି ଅନ୍ୱୟ କରାଯାଉଥିବା କାରଣ ସେପରି କ୍ରୂରାଚାର ଏତଦ୍ଦେଶରେ ସମ୍ଭବିବା ମାତ୍ର ।

ଏ ଦେଶାରଣ୍ୟ ପ୍ରଦେଶମାନଙ୍କରେ ବାସ କରୁଥିବା କନ୍ଧମାନଙ୍କର ପ୍ରଧାନ ଦେବ ସୂର୍ଯ୍ୟ ଏବଂ ପ୍ରଧାନ ଦେବୀ ଭୂଦେବୀ । ଫସଲ ଭଲେ ପାଚିବା ନିମିତ୍ତ ଏବଂ ବସନ୍ତାଦି ଦୁଷ୍ଟ ରୋଗୋତ୍ପନ୍ନ ସମୟରେ ତଚ୍ଛାନ୍ତି ନିମିତ୍ତ ଭୂଦେବୀଙ୍କ ଉଦ୍ଦେଶ୍ୟ କରି କନ୍ଧମାନେ "ମେରିଆ" (ନରବଳି) ଦେଉଥିଲେ । "ମେରିଆ" ନିମିତ୍ତ ସମ୍ପାଦିତ ପୁରୁଷ ବ୍ୟକ୍ତି "ଜେନା" ପଦବାଚ୍ୟ ହେଉଥିଲା । "ମେରିଆ" ନିମିତ୍ତ ସଂଗୃହୀତ ବ୍ୟକ୍ତିଙ୍କ ବୟୋନିର୍ଣ୍ଣୟ କିମ୍ବା ଲିଙ୍ଗଭେଦ ନ ରହି, ମାନବ ମାତ୍ରକେ ପାତ୍ର ହେଉଥିଲେ । ସେମାନେ କେବେ କେବେ ହୃତ ହେଉଥିଲେ ହେଁ, ସାଧାରଣତଃ କ୍ରୀତ ହେଉଥିଲେ । ଏକ ମେରିଆର ମୂଲ୍ୟ ପାଞ୍ଚଶ ଠାରୁ ଦୁଇଶ ଟଙ୍କା ପର୍ଯ୍ୟନ୍ତ ହେଉଥିଲା । "ମେରିଆ" ପୂଜା ବିଧାନ ବର୍ଣ୍ଣିବା ଏଠାରେ ଅନାବଶ୍ୟକ । ତନ୍ନିମିତ୍ତ ଆନୀତ ବ୍ୟକ୍ତିମାନେ ଭଲେ ପୋଷିତ ହୋଇ ପରେ ଛେଦିତ ହେଉଥିଲେ

Digitized by PPRACHIN, SOA

ବୋଲି କହିଲେ ଭେଳ ଅଟେ । ମେଜର କାମ୍ପବେଲଙ୍କ ବିଜ୍ଞାପନରୁ ବିଦିତ ହୁଏ ଯେ, ସନ୍ ୧୮୪୧ ଜାନୁୟାରୀ ୮ ତାରିଖ ଅମାବାସ୍ୟା ଦିନ ପ୍ରାୟ ୨୪୦ ବ୍ୟକ୍ତି ବଳି ଦିଆ ଯାଉଥିଲେ ଏବଂ ୧୮୫୬-୫୭ ବର୍ଷ ମଧ୍ୟରେ ୭୧୭ ଜଣ ପୁରୁଷ ଏବଂ ୭୮୦ ଜଣ ସ୍ତ୍ରୀ ଉକ୍ତ ମେଜରଙ୍କ ପ୍ରଯତ୍ନରୁ ଶମନ ସଦନକୁ ପ୍ରେରିତ ନୋହି ବଞ୍ଚିଥିଲେ । କନ୍ଧମାନେ ଅଦ୍ୟ "ମେରିଆ" ପରିତ୍ୟାଗ କରିଥିଲେ ହେଁ ବୃଷ, ମହିଷ, ମେଷାଦି ପଶୁଙ୍କୁ ଏବଂ କୁକ୍କୁଟାଦି ପକ୍ଷୀଙ୍କୁ ବଳିରୂପେ ଦେବା ଛାଡ଼ି ନାହାନ୍ତି । ହାୟ ! ସେମାନେ ତ ଅନାଗରିକ ଏବଂ ବିଦ୍ୟାଗନ୍ଧ ବିହୀନ, ତାଙ୍କ କଥା ଛାଡ଼ । ନାଗରିକ ପୁଣି ବିଦ୍ୟାବିଶାରଦ ହୋଇଥିବା ଅଗ୍ରକୂଳଜମାନେ ଏବଂ ଅବନୀପାଳମାନେ ଜ୍ଞାନହୀନ ହୋଇ ସ୍ୱୀୟ ହୃଦୟରୁ କରୁଣା ରସକୁ ଦୂର କରି ଶକ୍ତିପୂଜା ଛଳରେ ଅଗଣିତ ପଶୁଗଣଙ୍କ ଅନ୍ତକ ନିଶାନ୍ତକୁ ପଠାଇ ଦେଉଥିବା ଅତ୍ୟନ୍ତ ଶୋଚନୀୟ ବିଷୟ ନୁହେଁ କି ?

ରାମେଶ୍ୱର ପର୍ବତ ବର୍ଦ୍ଧନୀ, ମଧୁରାର ମୀନାକ୍ଷୀ, କାଞ୍ଚୀର କାମାକ୍ଷୀ, କାଶୀର ବିଶାଳାକ୍ଷୀ ଏବଂ ଅନ୍ନପୂର୍ଣ୍ଣା, ଗୟାର ସର୍ବମଙ୍ଗଳା ପ୍ରଭୃତି ପ୍ରଧାନ ଦେବତାମାନେ ଜନ୍ତୁବଳି ଗ୍ରହଣ କରନ୍ତି ନାହିଁ । କିନ୍ତୁ କାଶୀକ୍ଷେତ୍ରରେ ଗୌଡ଼ ବିପ୍ରାର୍ଚ୍ଚିତା ଦୁର୍ଗା, କଲିକତାରେ ବଙ୍ଗ ବିପ୍ରାର୍ଚ୍ଚିତା କାଳୀ, ପୁରୁଷୋତ୍ତମ କ୍ଷେତ୍ରରେ ଉତ୍କଳ ବିପ୍ରାର୍ଚ୍ଚିତା ବିମଳା ପ୍ରଭୃତି କେତେକ ଦେବୀ ମାତ୍ର ଜନ୍ତୁବଳି ଗ୍ରହଣ କରନ୍ତି । ତତ୍କାରଣ ସୁସ୍ପଷ୍ଟ ହୁଏ କି, ଯେଉଁ ଦେଶର ଭୂସୁରମାନେ ଆମିଷାଶନ କରନ୍ତି ସେହି ଦେଶର ଦେବୀମାନେ ମାତ୍ର ଜନ୍ତୁବଳି ଗ୍ରହଣ କରନ୍ତି ।

ଜନ୍ତୁହିଂସନ ଦୁରାଗ୍ରହ ଏ ଦେଶରେ କେବେ କିପରି ଜାତ ହେଲା ? ଏ ବିଷୟ ଏଠାରେ ଅଳ୍ପ ଆଲୋଚନା କରିବା ଉଚିତ । କୁହାଯାଇ ନ ପାରେ ଯେ ଅନାଦି ବେଦ ମନ୍ତ୍ର ଋକ୍ ବା ସଂହିତାରେ ପ୍ରାଣୀହିଂସନ କଥିତ ହୋଇଅଛି । କିନ୍ତୁ ବ୍ରାହ୍ମଣମାନଙ୍କରେ ତାହା ଠାବେ ଠାବେ ପରିଲକ୍ଷିତ ହୁଏ । ଅଶ୍ୱଲାୟନ ବୌଧାୟନାପସ୍ତମ୍ବ କାତ୍ୟାୟନ ଦ୍ରାହ୍ୟାୟନ ଗୋଭିଲାଦି ଶ୍ରୌତ ସୂତ୍ରମାନଙ୍କରେ ପଶୁହିଂସନ ସହିତ ଯଜ୍ଞ ବିଧାନ କଥିତ ହୋଇଥିବାରୁ, ପଶୁହିଂସନ ଯଜ୍ଞମାନଙ୍କରେ ମାତ୍ର ବିହିତ ବୋଲି ଏବଂ ତଦ୍‌ଭିନ୍ନ କାର୍ଯ୍ୟମାନଙ୍କରେ ନିଷିଦ୍ଧ ବୋଲି ଜୈମିନି ନିଜ ମୀମାଂସା ଶାସ୍ତ୍ରରେ ସିଦ୍ଧାନ୍ତ କଲେ । ଅତଏବ ପ୍ରାଚୀନାର୍ଯ୍ୟମାନେ ଯଜ୍ଞ କର୍ମରେ ମାତ୍ର ପଶୁହିଂସା କରି ଯଜ୍ଞ ଶେଷ ମାଂସକୁ ମାତ୍ର ଭକ୍ଷଣ କରୁଥିଲେ, ମଧ୍ୟ ନିଜୋଦର ପୋଷଣ ନିମିତ୍ତ କିମ୍ବା ଜିହ୍ୱା ପରିତୋଷଣ ନିମିତ୍ତ ଜୀବମାରଣ କରୁଥିଲା ବ୍ୟକ୍ତିଙ୍କି 'କ୍ରବ୍ୟାଦ' ବୋଲି ଏବଂ "କୌଣପ" ବୋଲି ତିରସ୍କାର କରୁଥିଲେ 'କ୍ରବ୍ୟାଦ' ବୋଲନ୍ତେ ମାଂସ ଭକ୍ଷକ । କୌଣପ ବୋଲନ୍ତେ ଶବ-ଭକ୍ଷକ । ଯଜ୍ଞମାନଙ୍କୁ ଦୂଷଣ ତୃଙ୍କ ପରିତ୍ୟାଗ କଲା ବ୍ୟକ୍ତିମାନେ ଅନାର୍ଯ୍ୟ । ସେମାନେ ଆଧୁନିକ ଗ୍ରାମ

Digitized by PPRACHIN, SOA

ଦେବତା ଦାସଙ୍କ ପରି ନିଜ ଦେବତାମାନଙ୍କୁ ଜନ୍ତୁବଳି ଦେଇ ମାଂସ ଭକ୍ଷଣ କରୁଥାନ୍ତି । ସେମାନଙ୍କୁ 'ଦସ୍ୟୁ' ବୋଲି ଏବଂ 'ଦାସ' ବୋଲି ଆର୍ଯ୍ୟମାନେ ଘୃଣା କରୁଥିଲେ । ସେମାନଙ୍କ ସହିତରେ ଆର୍ଯ୍ୟମାନଙ୍କର ଘୋର ସମର ଅନେକବାର ହେଉଥିଲା ।

ମାଂସାଶନ ପ୍ରଲୋଭନ କାରଣରୁ ପଶ୍ୱାଗାଦି ବିଶସନ ଯୁକ୍ତ ଯଜ୍ଞ ଗୋମେଧାଦିରୁ କ୍ରମଶଃ ପରେ ହସ୍ତ ମୋଷାକାରକୁ ବଢ଼ି, ପରିଶେଷରେ ଭୟଙ୍କର ନରମେଧ ରୂପକୁ ଧାରଣ କଲା । ନରମେଧ ବୃତ୍ତାନ୍ତ ଐତରେୟାଦି ଶ୍ରୌତ ସୂତ୍ର-ମାନଙ୍କରେ ଏବଂ ଶ୍ରୀମଦ୍ରାମାୟଣାନ୍ତର୍ଗତ ଶୁନଃଶେଫୋପାଖ୍ୟାନରେ ବିଶଦ ରୂପରେ ବର୍ଣ୍ଣିତ । ଶୁନଃଶେଫ ମୁକ୍ତ ହେଲା କାଳରୁ ନରବିଶସନ ବନ୍ଦ ହେଲା । ଅତଏବ ନରମେଧରେ ଏକାଦଶ ଜପ୍ତକୁ ଯୂପ ନିକଟରେ ଶାୟିତ କରାଇ ନାରାୟଣ ସୂକ୍ତ ପଠନାନ୍ତର ପଠାଇ ଦେବା ପ୍ରଥା ଅପ୍ରସ୍ତୁତ କରିଅଛନ୍ତି ।

ଆର୍ଯ୍ୟମାନଙ୍କର ଯଜ୍ଞକର୍ମ ଅଭିବୃଦ୍ଧି ଲଭିଥିଲା ପରି ଅନାର୍ଯ୍ୟମାନଙ୍କର ପୂଜା ବଳିକର୍ମ ସମୁନ୍ନତ ପାଇଥିଲା । ତାହା ପକ୍ଷୀବଳିରୁ ପଶୁବଳି, ପଶୁବଳିରୁ ମନୁଷ୍ୟ ବଳି ହୋଇଥିଲା ।

ଯଜ୍ଞ ବହୁବ୍ୟୟ ପ୍ରୟାସ ସାଧ୍ୟ ଅଟଇ ହେତୁ କାରଣରୁ ପରି ଆର୍ଯ୍ୟଙ୍କ ସ୍ମୃତି କର୍ତ୍ତାମାନେ ପିତୃ କାର୍ଯ୍ୟରେ ଏବଂ ଅତିଥି ସତ୍କାରରେ ମାଂସ ଭକ୍ଷଣ କର୍ତ୍ତବ୍ୟ ବୋଇଲେ ଆର୍ଯ୍ୟଙ୍କ ପରି ଯଜ୍ଞଚର୍ଯ୍ୟ କରିବାରେ ଅସମର୍ଥ ଏବଂ ଅନାର୍ଯ୍ୟଙ୍କ ପରି କ୍ଷୁଦ୍ରାର୍ଚ୍ଚନ କରିବାରେ ଅନିଚ୍ଛୁକ ତାନ୍ତ୍ରିକମାନେ ବାମାଚାର କୌଳାଚାର ପ୍ରଥା ଉଦ୍ଭାବନ କରି ଜୀବହିଂସା ବୃଦ୍ଧି କଲେ । ଜନ୍ତୁ ସନ୍ତତିରେ ଉତ୍ତମ ଜୀବ ହେବା ମାନବକୁ ପରିତ୍ୟାଗ କରିବା ଅନୁଚିତ ବୋଲି ଭାବି ପରି ତାନ୍ତ୍ରିକମାନେ ନିଜ ଦେବତାଙ୍କୁ ନରବଳି ପୂଜା ସମର୍ପଣ କରୁଥିଲେ ।

ଉକ୍ତ ପ୍ରାନ୍ତରେ ଏତଦ୍ଦେଶରେ ପ୍ରାଣୀ ପୀଡ଼ନ ବୃଦ୍ଧିହୋଇ ପାପଭାର ବଢ଼ିଲା । ତେବେ କୃପା ପାରାବାର—ଜଗଦୀଶ୍ୱର ପ୍ରେରଣାରେ ବୁଦ୍ଧଦେବ ପବିତ୍ର ଭାରତରେ ଜାତ ହୋଇ ଜୀବମାରଣ ନିବାରଣ ପ୍ରଧାନ ସାଧନ ଯଜ୍ଞ ଯଜନ ଦୂରୀ-କରଣ ବୋଲି ସ୍ଥିରକରି, ତତ୍ପରିତ୍ୟାଗ କରିବା ଲାଗି ଦେଶବାସୀଙ୍କି ଉପଦେଶ ଦେଲେ । ସେ ମହାତ୍ମାଙ୍କ ବୋଧନ ମହିମାରୁ ହିଂସାଦେବୀ କେତେକାଳ ନତମସ୍ତା ହୋଇ ରହି ପୁନଶ୍ଚ ମସ୍ତକ ଟେକିବାକୁ ଆରମ୍ଭିଲା । ତତ୍ପରେ ଜନ୍ମିଲେ ଅଶୋକ ବର୍ଦ୍ଧନ ମହାରାଜା "ଅହିଂସା ପରମୋଧର୍ମଃ" ବୋଲିବା ବାକ୍ୟରେ ସମ୍ପୂର୍ଣ୍ଣ ବିଶ୍ୱାସୀ ହୋଇ ଅନେକୋପାୟ ପ୍ରୟୋଗ କରି ହିଂସାଦେବୀକି ପାତାଳ କରିଥିଲେ । ବୋଧହୁଏ ସେହି ସମୟରେ ଶ୍ଳୋକ :—

Digitized by PPRACHIN, SOA

"ଅଶ୍ୱାଲମ୍ଭଂ ଗବାଲମ୍ଭଂ ସନ୍ୟାସ ପଲ ପୈତୃକଂ ।
ଦେବରାଚ ସୁତୋତ୍ପତ୍ତିଂ କଲୌ ପଞ୍ଚ ବିବର୍ଜୟେତ୍ ॥"

ବୋଲିବା ଶ୍ଳୋକଟିର ଆଦିତ୍ୟ ପୁରାଣରେ ଉଦ୍ଧୃତ ହୋଇଥିଲା । ଅଶୋକ ବର୍ଦ୍ଧନ ସ୍ୱର୍ଗାରୋହଣ କଲା ଉତ୍ତାରୁ ଏ ଦେଶ ପୁନଶ୍ଚ ହିଂସାଦେବୀର ରଙ୍ଗସ୍ଥଳ ହେଲା ।

ପାଠକ ମହାଶୟ, ଏପରି ଏତଦ୍ଦେଶୀୟ ଜନ୍ତୁ ହିଂସନ ଦୁରାଗ୍ରହର ଉତ୍ପତ୍ତିକି ଆମ୍ଭେମାନେ ଜାଣି ପାରିଲୁ । ଏହା ସୁବିଦିତ ଅଟଇ ଯେ ଜନ୍ତୁର ଜୀବନ ସୁକରେ ହୃତ ହୋଇପାରେ; କିନ୍ତୁ ତାହା ଦତ୍ତ ହୋଇପାରେ ନାହିଁ । ବର୍ତ୍ତମାନ ପ୍ରଚଳିତ ପ୍ରଥାରେ ଜୀବନ ନାଶନ ପ୍ରତ୍ୟକ୍ଷ ଏବଂ ଦେବତା ପ୍ରୀଣନ ଅପ୍ରତ୍ୟକ୍ଷ । ପ୍ରକୃତ ରୂପିଣୀ ଶକ୍ତି ସଚରାଚର ଜଗତର ଜନନୀ ହୋଇଥିବାରୁ ସେ ନିଜ ସନ୍ତାନ ବଧରେ ସନ୍ତୁଷ୍ଟା ହୁଏ ବୋଲି ଭାବିବା ଅସମଞ୍ଜସ । ଜ୍ଞାନବିନା ମୁକ୍ତି ନାହିଁ । ଅଦ୍ୟ ଆମ୍ଭମାନଙ୍କ ଜ୍ଞାନ ଦିନାଦିନାଭିବୃଦ୍ଧି ପାଉଅଛି । ଜ୍ଞାନୀମାନେ ସମସ୍ତେ ହିଂସାକୁ ଘୃଣା କରନ୍ତି । ଅତଏବ ଆମ୍ଭେ "ଜନ୍ତୁବଳି" ପଦର ଅନ୍ୱୟ "ଜନ୍ତୁମାନଙ୍କ ନିମିତ୍ତ ଦିଆଯିବା ଆହାର ପଦାର୍ଥ" ବୋଲି ସ୍ଥିର କରି, ହିଂସାକୁ ପରିହରି ଏବଂ କରୁଣା ରସକୁ ସ୍ୱକୀୟ ହୃଦୟରେ ଭରି ଜୀବନ ଚରିତାର୍ଥ କରିବା । ଇତି ।"

ଶିକ୍ଷା :

ଶିକ୍ଷା ବିଭାଗ ପ୍ରତି ବିକ୍ରମଦେବ ବର୍ମାଙ୍କର ବିଶେଷ ଶ୍ରଦ୍ଧା ଥିଲା । ସେ ସଂସ୍କୃତ, ଓଡ଼ିଆ ଓ ତେଲୁଗୁ ସାହିତ୍ୟରେ ବିଶେଷ ଦକ୍ଷତା ଲାଭ କରିଥିବାରୁ ତାଙ୍କୁ ତିନି ଭାଷାର ବିଶେଷଜ୍ଞ କମିଟି ଓ ସଭାସମିତିରେ ଯୋଗ ଦେବାକୁ ପଡୁଥିଲା । ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର ତେଲୁଗୁ ପାଠ୍ୟପୁସ୍ତକ ନିର୍ବାଚନ କମିଟିର ସେ ଜଣେ ବିଶିଷ୍ଟ ସଭ୍ୟ ଥିଲେ । ଦୀର୍ଘ ଖ୍ରିବର୍ଷ ଧରି ସେ ଉକ୍ତ କାର୍ଯ୍ୟ ସୁଚାରୁ ରୂପେ ସମ୍ପନ୍ନ କରିଥିବାରୁ ବିଶେଷ ପ୍ରଶଂସା ଭାଜନ ହୋଇଥିଲେ । ସେ ଏଲିମେଣ୍ଟାରି ଓ ସେକେଣ୍ଡାରି ଶିକ୍ଷା ସମିତିର ଜଣେ ସ୍ଥାୟୀ ସଭ୍ୟ ହୋଇଥିଲେ । ସେ ଓଡ଼ିଶା ଅଞ୍ଚଳର ଶିକ୍ଷା ବିଭାଗରେ କାର୍ଯ୍ୟ କରିବାର ସୁଯୋଗ ପାଇ ନ ଥିଲେ ମଧ୍ୟ ୧୯୨୮ ଖ୍ରୀଷ୍ଟାବ୍ଦରେ ପାଟଣାଠାରେ ବସିଥିବା ଓଡ଼ିଆ ଭାଷା ଅନୁସନ୍ଧାନ କମିଟିରେ ଯୋଗଦାନ କରି ନିଜର ଅଭିମତ ଯଥାଯଥ ରୂପେ ପ୍ରକାଶ କରିଥିଲେ ।

ବିଶାଖାପାଟଣାଠାରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ .

ଓଡ଼ିଆ ହୋଇ ମଧ୍ୟ ବିଶାଖାପାଟଣାରେ ରହୁ ଥିବାରୁ ତାଙ୍କୁ ତେଲଗୁ ବୋଲି ଆନ୍ଧ୍ର ଲୋକମାନେ ଭାବୁଥିଲେ । ସେ ତେଲୁଗୁ କବି, ପଣ୍ଡିତ ଓ ସାହିତ୍ୟକଙ୍କ ଠାରେ ବିଶେଷ ରୂପେ ପରିଚିତ ଥିଲେ । ତେଲୁଗୁ ସାହିତ୍ୟରେ ତାଙ୍କର ବିଶେଷ

Digitized by PPRACHIN, SOA

ଦକ୍ଷତା ଥିବାରୁ ବିଭିନ୍ନ ତେଲୁଗୁ ଭାଷା ଓ ସାହିତ୍ୟ ସମ୍ମିଳନୀରେ ସେ ଯୋଗ ଦେଉଥିଲେ । ସେ ଏକାଧିକ ଥର ଆନ୍ଧ୍ର ଜାତୀୟ ଓ ସାହିତ୍ୟିକ ସମ୍ମିଳନୀରେ ସଭାପତି ଆସନ ଅଳଂକୃତ କରି ଆନ୍ଧ୍ରମାନଙ୍କର ସାହିତ୍ୟର ଉନ୍ନତି ଦିଗରେ ବିଶେଷ ସାହାଯ୍ୟ କରିଥିଲେ । ଖ୍ରୀ. ୧୯୦୩ରେ ବିଶାଖାପାଟଣାରେ ଅନୁଷ୍ଠିତ ହୋଇଥିବା ପ୍ରଥମ ଆନ୍ଧ୍ର ଜିଲ୍ଲା ସମ୍ମିଳନୀର କାର୍ଯ୍ୟ ନିର୍ବାହିକା ସମିତିର ସଭାପତି ହୋଇଥିଲେ । ପରେ ଖ୍ରୀ. ୧୯୧୭ରେ ବିଶାଖାପାଟଣାରେ ହୋଇଥିବା ବିଶେଷ ଜିଲ୍ଲା ସମ୍ମିଳନୀର କାର୍ଯ୍ୟ ନିର୍ବାହିକା ସମିତିର ସଭାପତି ହୋଇଥିଲେ । ଖ୍ରୀ. ୧୯୨୩ରେ ଗୋଦାବରୀ ଜିଲ୍ଲାସ୍ଥ 'ତୁନି' ଗ୍ରାମରେ ହୋଇଥିବା "ଆନ୍ଧ୍ର ସାହିତ୍ୟ ପରିଷଦ୍"ର ଦ୍ୱାଦଶ ବାର୍ଷିକ ଅଧିବେଶନରେ ସଭାପତିତ୍ୱ କରିଥିଲେ । ଖ୍ରୀ. ୧୯୨୮ରେ ପାରଳାଖେମଣ୍ଡି ନିକଟସ୍ଥ ଇତିହାସ ପ୍ରସିଦ୍ଧ ମୁଖଲିଙ୍ଗମ୍ ଠାରେ ହୋଇଥିବା ଐତିହାସିକ ସଭାର କାର୍ଯ୍ୟ ନିର୍ବାହିକା ସମିତିର ସଭାପତି ହୋଇଥିଲେ । ତାଙ୍କର ଅଭିଭାଷଣ ଐତିହାସିକ ଗବେଷଣାପୂର୍ଣ୍ଣ ଏବଂ ସାରଗର୍ଭକ ହୋଇଥିଲା ।

ଓଡ଼ିଶାରେ ଜାତୀୟ ସଭା ଉତ୍କଳ ସମ୍ମିଳନୀର ପ୍ରତ୍ୟେକ ଅଧିବେଶନରେ ପ୍ରଥମରୁ ଶେଷ ପର୍ଯ୍ୟନ୍ତ ବିକ୍ରମ ଦେବ ବର୍ମା ଯୋଗ ଦେଇଥିଲେ ଏବଂ ପାରଳାଖେମଣ୍ଡି ଠାରେ ବସିଥିବା ଦଶମ ସମ୍ମିଳନୀର ବାର୍ଷିକ ଅଧିବେଶନରେ ସଭାପତିତ୍ୱ କରିଥିଲେ । ସେ ବିଷୟ ପୂର୍ବ ଅନୁଚ୍ଛେଦରେ ବର୍ଣ୍ଣନା କରାଯାଇଛି ।

ଫିଲପ୍ ଡଫ୍ କମିଶନ

ମଣ୍ଟେଗୁ-ଚେମସ୍‌ଫୋର୍ଡ ରିପୋର୍ଟ ପ୍ରକାଶନ ପରେ ଋଷିକୁଲ୍ୟା ନଦୀର ଦକ୍ଷିଣ ପାର୍ଶ୍ୱରୁ 'ମୃତ୍ୟୁରେ ମେଦିନୀ ଦେବ ନାହିଁ' ବୋଲି ମାନ୍ଦ୍ରାଜ ସରକାର ଯାହା ଘୋଷଣା କଲେ ତାହା ସମଗ୍ର ଦେଶରେ ଆଲୋଡ଼ନ ସୃଷ୍ଟି କରିଥିଲା । ଖ୍ରୀ.୧୯୨୪ରେ ବ୍ରିଟିଶ ସରକାର ମାନ୍ଦ୍ରାଜ ଶାସନାଧୀନ ଓଡ଼ିଆ ଲୋକଙ୍କର ମତାମତ ସଂଗ୍ରହ କରି ରିପୋର୍ଟ ଦେବା ପାଇଁ ଓଡ଼ିଶାର ତତ୍କାଳୀନ ପଲିଟିକାଲ ଏଜେଣ୍ଟ ସି. ଏଲ୍. ଫିଲିପ, ଆଇ. ସି. ଏସ୍ ଏବଂ ବିଶାଖାପାଟଣାର କଲେକ୍ଟର ଏଚ. ସି ଡଫ୍, ଆଇ. ସି. ଏସ୍.ଙ୍କୁ ନେଇ ଏକ କମିଶନ ଗଠନ କଲେ । ଏହି ଅନୁସନ୍ଧାନ କମିଟି ମୁଖ୍ୟତଃ ଗଞ୍ଜାମ ଓ ଜୟପୁର ଅଞ୍ଚଳ ପାଇଁ ଉଦ୍ଦିଷ୍ଟ ଥିବା ଯୋଗୁଁ ଏ ସବୁ ଅଞ୍ଚଳ ସମ୍ପର୍କରେ ମାନ୍ଦ୍ରାଜ ସରକାର ଯେଉଁ ଭୁଲ ତଥ୍ୟ ଉପସ୍ଥାପନ କରୁଥିଲେ, ତାହା ସ୍ପଷ୍ଟ ହୋଇଯିବା ଆଶା କରାଯାଉଥିଲା ।

ମାନ୍ଦ୍ରାଜ ସରକାର ଯୁକ୍ତି ବାଢ଼ୁଥିଲେ ଯେ, "ମାନ୍ଦ୍ରାଜ ଭଳି ଏକ ଉନ୍ନତ, ପ୍ରଗତିଶୀଳ ପ୍ରଦେଶରୁ କୌଣସି ଲୋକ ଅନୁନ୍ନତ ବିହାର-ଓଡ଼ିଶା କିମ୍ବା ଅର୍ଥାଭାବ ପୀଡ଼ିତ ଓଡ଼ିଶା ଅଞ୍ଚଳରେ ରହିବାକୁ ଆଦୌ ଇଚ୍ଛା କରନ୍ତି ନାହିଁ । ଏପରି ଅନିଚ୍ଛୁକ

Digitized by PPRACHIN, SOA

ଲୋକଙ୍କୁ ବାଧ୍ୟ କରିବା ଅନ୍ୟାୟ ।" ପ୍ରଭାବଶାଳୀ ତେଲେଙ୍ଗାମାନେ ମାନ୍ଦ୍ରାଜ ସରକାରୀ କଳରେ ଥାଇ ଏଭଳି ମିଥ୍ୟା ଯୁକ୍ତି ବାଢ଼ୁଥିବା ଯୋଗୁଁ ରାଜଧାନୀ ଠାରୁ ବହୁ ଦୂରରେ ଥିବା ଦୁର୍ବଳ ଓଡ଼ିଆମାନଙ୍କର ଯୁକ୍ତିଯୁକ୍ତ ଦାବି ଜମା ସ୍ୱୀକୃତି କିଛି ପ୍ରଭାବ ପକାଇ ପାରୁ ନଥିଲା । ଫିଲିପ-ଡଫ୍ କମିଶନ ଗଠନ ମାନ୍ଦ୍ରାଜ ଅଞ୍ଚଳରେ ଥିବା ଓଡ଼ିଆମାନଙ୍କ ମଧ୍ୟରେ ଆନନ୍ଦ ଉତ୍ସାହ ଭରି ଦେଇଥିଲା । ଏହି କମିଶନ ଜରିଆରେ ତଥ୍ୟାସତ୍ୟ ପ୍ରମାଣିତ ହେବା ଆଶା କରାଯାଉଥିଲା ।

ଫିଲିପ-ଡଫ୍ କମିଶନ ଗଠନ ଓଡ଼ିଆ ଆନ୍ଦୋଳନ ଇତିହାସରେ ଏକ ଉଲ୍ଲେଖନୀୟ ଘଟଣା ବୋଲି ବିବେଚନା କରାଯାଉଥିଲା । ଏହି କମିଶନ ଖ୍ରୀ. ୧୯୨୪ ନଭେମ୍ବର ତୃତୀୟ ତାରିଖଠାରୁ ଡିସେମ୍ବର ଏକବିଂଶ ତାରିଖ ମଧ୍ୟରେ ଗଞ୍ଜାମ ଓ ଜୟପୁର ଅଞ୍ଚଳର ବିଭିନ୍ନ ସ୍ଥାନ ବୁଲି ଜନମତ ସଂଗ୍ରହ କରୁଥିଲେ । ସେତେବେଳେ ଜୟପୁର ଜମିଦାରୀ ଅଞ୍ଚଳ ଭିଶାଖାପାଟଣା ଜିଲ୍ଲା ଅଧୀନରେ ଥିଲା । ବିକ୍ରମ ଦେବ ବର୍ମା ଭିଶାଖାପାଟଣା ଓଡ଼ିଆ ସମାଜ ପକ୍ଷରୁ ସେହି କମିଶନ ନିକଟରେ ଦୃଢ଼ଭାବରେ ଦେଶମିଶ୍ରଣ ସପକ୍ଷରେ ମତ ବ୍ୟକ୍ତ କରିଥିଲେ । ସେ ନିଜେ ସାକ୍ଷ୍ୟ ଦେବା ସଙ୍ଗେ ସଙ୍ଗେ ସେହି ଜିଲ୍ଲାର ବିଭିନ୍ନ ସ୍ଥାନରୁ କେତେଜଣ ବିଶିଷ୍ଟ ଓଡ଼ିଆ-ମାନଙ୍କୁ ନେଇ କମିଶନ ନିକଟରେ ଗୋଟିଏ ଡେପୁଟେସନ ଦେଇଥିଲେ । ଉକ୍ତ ଡେପୁଟେସନ ଖୁବ୍ ଶକ୍ତିଶାଳୀ ଭାବରେ ଲିଖିତ ହୋଇଥିଲା । ସଦସ୍ୟମାନେ ଦୃଢ଼ ଭାବରେ ଦେଶ ମିଶ୍ରଣର ଦାବି ଉପସ୍ଥାପନ କରିଥିଲେ ।

ସାରଦା ଆଇନ :

ବାଲ୍ୟ ବିବାହ ନିରୋଧ ଆଇନ ବା ସାରଦା ଆଇନ ଜାରିହେବା ପୂର୍ବରୁ ସେ ସମ୍ବନ୍ଧରେ ମତ ସଂଗ୍ରହ କରିବାକୁ ସରକାର ଖ୍ରୀ. ୧୯୨୯ରେ ଏକ କମିଟୀ (ସାରଦା ଆଇନ କମିଟୀ) ବସାଇଥିଲେ । ସେତେବେଳେ ଆମ ଦେଶରେ ଶିଶୁମାନଙ୍କୁ ଅତି ଅଳ୍ପ ବୟସରେ ବିବାହ କରାଉଥିଲେ । ସେଥିରେ ଦେଶବାସୀଙ୍କର ଆୟୁ ଯେପରି କ୍ରମଶଃ କ୍ଷୀଣ ହେଉଛି, ତାହା ଉପଲବ୍ଧି କରି ସେ ବାଲ୍ୟ ବିବାହ ନିରୋଧ ବିରୋଧରେ ମତ ଦେଇଥିଲେ । କାରଣ ଭାରତ ସରକାର ପରି ଭିନ୍ନ ଧର୍ମାବଲମ୍ବୀ ବିଜାତୀୟ ସରକାରଙ୍କ ଦ୍ୱାରା ଆମ ଦେଶର କୌଣସି ସାମାଜିକ କୁସଂସ୍କାର ବିରୋଧରେ ଆଇନ ପ୍ରଣୟନ କରିବା ତାଙ୍କର ମତ ନ ଥିଲା । ତାଙ୍କ ମତରେ କନ୍ୟାମାନଙ୍କୁ ୧୦ ଜମା ୧୨ ବର୍ଷରେ ବିବାହ କରିବା ଉଚିତ । ୧୪ ଜମା ୧୫ ବର୍ଷ ବୟସରେ ତାଙ୍କର ଗର୍ଭାଧାନ ହେବା ଯୁକ୍ତିଯୁକ୍ତ ; କାରଣ ସେ ବୟସରେ ସେମାନେ ସ୍ୱାମୀ ସହବାସର ଯୋଗ୍ୟା ହୋଇଥାନ୍ତି ।

Digitized by PPRACHIN, SOA

ଶାରଦା ଆଇନ ବିଷୟରେ ବିକ୍ରମ ଦେବ ବର୍ମା ଏକ ଉତ୍ତମ କ୍ଷୁଦ୍ର ନାଟକ (ଏକାଙ୍କିକା) ରଚନା କରିଥିଲେ । ସେହି ନାଟକର ନାମ ହେଲା "ଆର୍ଯ୍ୟ ବିବାହାତଙ୍କ" । ତାହା ଏହିପରି—

"ନବ୍ୟସଭ୍ୟ—କିଶୋର ଚନ୍ଦ୍ର ପାଢ଼ି ପୂର୍ବ ଦିଗରୁ ଏବଂ ସନାତନ ଧର୍ମୀ ବାସୁଦେବ ନନ୍ଦ ପଶ୍ଚିମ ଦିଗରୁ ପ୍ରବେଶ କଲେ । ବାସୁଦେବ ପୂର୍ବାଗ୍ରହପରାୟଣ ମଧ୍ୟ ଶ୍ରୁତି ସ୍ମୃତିଜ୍ଞ । କିନ୍ତୁ ଆଙ୍ଗ୍ଲବିଦ୍ୟାବିହୀନ ହୋଇଥିବାରୁ ଲୋକ-ଜ୍ଞାନଶୂନ୍ୟ । ଆର୍ଯ୍ୟସଘର ଉପକାରକ — ଶାରଦା ଆଇନକୁ ଏ ନିନ୍ଦାକରେ । ତାର ଝିଅର ବିଭା ନିକଟବର୍ତ୍ତୀ । ତେଣୁ ସେ ଚିନ୍ତିତ ।

କିଶୋର ବାସୁଙ୍କୁ ପଚାରିଲେ, "ତମ ଝିଅକୁ ଦଶବର୍ଷ ମାତ୍ର । ଆପଣ ଶାରଦା ଆଇନ ଭୁଲିଗଲେ କି ? ସେ ଆଇନ ପ୍ରଭାବରୁ ଏଣିକି ବାଳବିଧବା ଦେଖାଯିବେ ନାହିଁ । ତାହା ନାରୀଙ୍କ ମଙ୍ଗଳକର ନୁହେଁ କି ?

ବାସୁ—ବାବୁ ! ଦୃଷ୍ଟିହୀନ ନୟନ ନିମୀଳିତ ହୋଇଥିଲେ କି ? ଉନ୍ମୀଳିତ ହୋଇଥିଲେ କି ? ବାଳିକା ପ୍ରାୟଶଃ ଚତୁର୍ଦ୍ଦଶ ବର୍ଷ ବୟସ୍କା ହେବାଯାଏ ବିଧବା ହୋଇଥିଲେ କି ? ବିଧବା ନୋହିଥିଲେ କି ? ତାର ବୈଧବ୍ୟ କଷ୍ଟ ଚଉଦ ବର୍ଷ ବୟସ ପରେ ମାତ୍ର ଜ୍ଞାତ ହୁଏ । ଏଣିକି ବାଳ ବିଧବାଏ ଦେଖା ନ ଗଲେ ହେଁ, ଚଉଦ ବର୍ଷ ବୟସର ଏବଂ ତଦୂର୍ଦ୍ଧ୍ୱର ବିଧବାମାନେ ତ ଅବଶ୍ୟ ଦେଖା ଯିବେ । ସେ ଆଇନ ଦ୍ୱାରା ନାରୀଙ୍କ ମଙ୍ଗଳ ସାଧିତ ହେବ କିପରି ? ତାହା ଅନାବଶ୍ୟକ, ଅବାଞ୍ଛନୀୟ ଏବଂ ଅଶାସ୍ତ୍ରୀୟ ବୋଲି ଅଦ୍ଭୁତ ଅନେକ ଯୁକ୍ତିଦ୍ୱାରା ପ୍ରତିପାଦନ କରି ପାରିବି । କିନ୍ତୁ ତାହାତ ନିର୍ଦ୍ଧାରିତ ହେଲାଣି । ତତ୍ସମ୍ବନ୍ଧେ ବଚନବ୍ୟୟ ନିଷ୍ପ୍ରୟୋଜନ ମାତ୍ର । ଆପଣ ଭଲେ ଜାଣନ୍ତୁ — ତାହା ନାରୀ ମଙ୍ଗଳ କାରକ ନୁହେଁ, ମାତ୍ର ସନାତନ ଧର୍ମ ଧ୍ୱଂସକ ଅଟେ । × × × । କିଶୋର — ତାହା ହେଲେ ଆପଣ ଦଶବର୍ଷୀୟା କନ୍ୟା ବିଭା କରିବାକୁ ଉଦ୍ୟତ କିପରି ? ଶାରଦା ଆଇନରେ କନ୍ୟାର ବୟସ ଅନ୍ୟୂନ ଚଉଦବର୍ଷ ବୋଲି ସୁସ୍ପଷ୍ଟରେ ନିର୍ଦ୍ଧାରିତ ହୋଇଅଛି ତ । ତାହା ଆପଣଙ୍କର ଅଜ୍ଞାତ କି ? × × × । ବାସୁ — ଆପଣ ବିଲାତରେ ପାଠ ପଢ଼ି ଆସିଥିବାରୁ ଆପଣଙ୍କ ଲୋକଜ୍ଞାନ ଅତ୍ୟଧିକ ହୋଇଥାଇ ପାରେ । କିନ୍ତୁ ମାନବର ଆବଶ୍ୟକ ସମସ୍ତ ଜ୍ଞାନ ଲୋକଜ୍ଞାନରେ ମାତ୍ର ପରିସମାପ୍ତି ହୁଏ ନାହିଁ । ଲୋକଜ୍ଞାନକୁ ବଳି ବୈଦିକ ଜ୍ଞାନ ବିଦ୍ୟମାନ । ତାହା ଲୋକଜ୍ଞାନର ଅପ୍ରାପ୍ୟ ଆଧ୍ୟାତ୍ମିକ ଜ୍ଞାନକୁ ଲାଭ କରେ । ତାକୁ ଧର୍ମ କିମ୍ବା ମତଜ୍ଞାନ ବୋଲନ୍ତି । ସେ ଜ୍ଞାନଦ୍ରଷ୍ଟା ଦୃଷ୍ଟିରେ ଶାରଦା ଆଇନକୁ ଦେଖି ଯଥାସାଧ୍ୟ ଶାସନାନୁସାରୀ ହେବା ଅନୁଚିତ ।

Digitized by PPRACHIN, SOA

କିଶୋର— (ଆଶ୍ଚର୍ଯ୍ୟରେ) ତାହା କିପରି ?

ବାପୁ—ଆମ୍ଭେମାନେ ବିବାହ ସମ୍ବନ୍ଧେ ବାଧହୋଇ ଅନୁସରିବା ଶାସନ ଅଦ୍ୟ ଦୁଇଟି । ପ୍ରଥମଟି ତ୍ରିଲୋକଙ୍କ ଋଷିଗଣ ଶାସନ । ଦ୍ୱିତୀୟଟି ନବ୍ୟସଭ୍ୟ କୃତ ଶାସନ । ପ୍ରଥମଟିର ନାମ ସ୍ମୃତି । ଦ୍ୱିତୀୟଟିର ନାମ ଶାରଦା ଆଇନ । ପ୍ରଥମଟି ଦୈବ ଶାସନ ଦ୍ୱିତୀୟଟି ରାଜ ଶାସନ । ଅତଏବ ଉକ୍ତ ଶାସନ ଦ୍ୱୟ ଆମ୍ଭମାନଙ୍କ ଶିରୋଧାର୍ଯ୍ୟ । କିନ୍ତୁ ଦୁଃଖର ବିଷୟ ଏହି ଯେ, ଉକ୍ତ ଶାସନ ଦ୍ୱୟ ପରସ୍ପର ବିରୋଧୀ । ପ୍ରଥମଟି ଶାସଇ ଯେ, ଦଶବର୍ଷରୁ ଅଧିକା ବୟସ୍କକୁ ବିବାହ କରିବାକୁ ହେବ ନାହିଁ । ସେପରି କଲେ ଯମଦଣ୍ଡ ଲଭ୍ୟ ହେବ । ଦ୍ୱିତୀୟଟି ଶାସଇ ଯେ ଚଉଦ ବର୍ଷରୁ ନ୍ୟୂନ ବୟସ୍କାଙ୍କୁ ବିବାହ କରିବାକୁ ହେବ ନାହିଁ; ସେପରି କଲେ ରାଜଦଣ୍ଡ ଲଭ୍ୟ ହେବ । ଏ ପରିସ୍ଥିତିରେ ଶାସନ ଉଭୟାନୁବର୍ତ୍ତୀ ହେବା ମୁହିଁ ଯମଦଣ୍ଡରୁ ଏବଂ ରାଜଦଣ୍ଡରୁ ରକ୍ଷା ପାଇବା ପାଇଁ ଦଶମ ବର୍ଷୀୟା କନ୍ୟାର ବିଭା କରିବାକୁ ବ୍ୟଗ୍ର ହେଉଅଛି । ଏବେ ଆପଣେ ଭଲେ ଜାଣିଲେ ତ ?

କିଶୋର — × × × । ଆପଣ ଯମଦଣ୍ଡରୁ ବଞ୍ଚିତ ହୋଇ ପାରନ୍ତି କିନ୍ତୁ ରାଜଦଣ୍ଡରୁ ବଞ୍ଚିତ ହେବେ କିପରି ?

ବାପୁ — ଦଶବର୍ଷ ବୟସ୍କା ବିଭା କରିବା ସର୍ବତ୍ର ରାଜଶାସନ ବିରୁଦ୍ଧ ନୁହେଁ । ସେ ଶାସନାନୁସାରେ ଚଉଦ ବର୍ଷରୁ ନ୍ୟୂନ ବୟସ୍କାର ବିଭା ବ୍ରିଟିଶ ଭାରତରେ ମାତ୍ର କରିବାକୁ ହେବ ନାହିଁ । କିନ୍ତୁ ଅନ୍ୟତ୍ର କରିବାକୁ ହେବ । ଆପଣ ଶାରଦା ଆଇନକୁ ଭଲେ ପଢ଼ି ନାହାନ୍ତି ।

କିଶୋର — (ବ୍ୟଗ୍ରରେ) ଆପଣ ଝିଅଙ୍କ ବିଭା ଅନ୍ୟ ସ୍ଥାନରେ କରିବେ ?

ବାପୁ — ଆଉ କଅଣ କରିବି ? ସନାତନ ପ୍ରଥା ରକ୍ଷଣ ନିମିତ୍ତ ବର୍ତ୍ତମାନ ଅନ୍ୟସ୍ଥାନ ମାତ୍ର ଶରଣ । ପରସ୍ପର ବିରୁଦ୍ଧ ଶାସନଦ୍ୱୟ ମଧ୍ୟରେ ରହି ପୀଡ଼ା ପାଉଥିବା ସନାତନଧର୍ମୀମାନେ ଆଧୁନିକ ପରିଷଦ୍‌ଭ୍ୟମାନଙ୍କୁ ଅତି ଦୀନ ଭାବରେ ପ୍ରାର୍ଥନା କଲେ ସୁଦ୍ଧା ତାଙ୍କ ନିବେଦନ ଅରଣ୍ୟ ରୋଦନରେ ପରିଣତ ହେଲା । ବରଂ ତାଙ୍କ ଉପରେ ଦଣ୍ଡଯୁକ୍ତ ଶାସନ ପ୍ରୟୋଗ କରାଗଲା । ସେମାନେ କନ୍ୟାଙ୍କ ବିଭା ଭାବନା କରିବା ମାତ୍ରେ ଏକ ଦିଗରେ ଯମଦୂତ, ଅନ୍ୟ ଦିଗରେ ରାଜଦୂତ ଡରାଇବାକୁ ଆରମ୍ଭିଲେ । ଶାସନବଦ୍ଧ ସନାତନଧର୍ମୀମାନେ ଗତି ବିହୀନ ହୋଇ ଦୀନବାନ୍ଧବ ମାଧବଙ୍କୁ ପ୍ରାର୍ଥନା କରନ୍ତେ, ସେମାନଙ୍କ ଅନ୍ତରାତ୍ମା କହିଲା ଯେ, "ଅନ୍ୟତ୍ର ଶରଣଂ ବ୍ରଜ" । ଅତଏବ ଅନ୍ତରାତ୍ମା ଦେଶାନୁସାରେ ମୋ ଝିଅର ବିଭା ଫ୍ରାନସ୍ ପ୍ରଭୃତି ପାଳିତ ଚନ୍ଦନନଗରରେ କରିବି । ସେଠାରେ ବିଭାକରି ପ୍ରୋକ୍ତ ଦଣ୍ଡଦ୍ୱୟରୁ ବଞ୍ଚିତ ହେବି । × × × ।"

Digitized by PPRACHIN, SOA

ଉପରୋକ୍ତ ନାଟକଟିରେ ଶାରଦା ଆଇନ ଏବଂ ଏହା କିପରି ଫ୍ରେଞ୍ଚ ଶାସନାଧୀନ ଚନ୍ଦନନଗରରେ ପ୍ରଭାବ ନାହିଁ । ପୁଙ୍ଖାନୁପୁଙ୍ଖ ଭାବେ ବର୍ଣ୍ଣିତ ହୋଇଅଛି ।

ଶ୍ରମ କମିଶନ :

ଖ୍ରୀ. ୧୯୨୯ରେ ଭାରତ ସରକାର ଏହି ଦେଶର କୃଷକମାନଙ୍କ ଉନ୍ନତି ପାଇଁ ଏକ କୃଷକ କମିଶନ ବା "ରୟାଲ୍ କମିଶନ ଅନ ଲେବର" ବସାଇଥିଲେ । ଆସାମର ଚା' ବଗିଚାଗୁଡ଼ିକ ଧନୀ ଗୋରାଙ୍କ ସମ୍ପତ୍ତି । ସେଠାରେ ଶସ୍ତାରେ ମୂଲିଆ ନ ମିଳିବାରୁ ଆମ ଦେଶରୁ ଲୋକମାନଙ୍କୁ ନେଇ ସେଠାରେ ବଗିଚାରେ କୁଲିକାମ କରାଉଥିଲେ । ସେଥିପାଇଁ ସ୍ଥାନେ ସ୍ଥାନେ କୁଲି ସଂଗ୍ରହ କେନ୍ଦ୍ର (ଆସାମ ଲେବର ଡିପୋ) ସ୍ଥାପିତ ହୋଇଥିଲା । ସେଥିମଧ୍ୟରୁ ଜୟପୁର ନିକଟସ୍ଥ କୋରାପୁଟ, ପାର୍ବତୀପୁର ଓ ପାରଳାଖେମଣ୍ଡି ଅଞ୍ଚଳ ପ୍ରଧାନ । ଏହି ବିଷୟରେ ଭାରତ ସରକାର ଗୋରା ଚା' ବଗିଚା ମାଲିକମାନଙ୍କୁ ବିଶେଷ ସାହାଯ୍ୟ କରୁଥିବାର ଜାଣି ବିକ୍ରମ ଦେବ ବର୍ମା ତାର ବିରୋଧରେ ପ୍ରତିବାଦ କରିଥିଲେ । ଲୋକମାନେ ଯେତେ ଗରିବ ହୁଅନ୍ତୁ ସେମାନେ ଆମ ଦେଶର ସମ୍ପତ୍ତି । ପ୍ରତିବର୍ଷ ବହୁ ଲୋକ ବିଦେଶକୁ ଚାଲି ଯିବାରୁ ଏ ଦେଶର ଜନସଂଖ୍ୟା ଊଣା ହୋଇ ଯାଉଅଛି; ସେଥିପ୍ରତି ସେ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସାଇମନ କମିଶନ :

ମଣ୍ଟେଗୁ-ଚେମସ୍‌ଫୋର୍ଡଙ୍କ ରିପୋର୍ଟ ପ୍ରକାରେ ଭାରତର ଶାସନ ସଂସ୍କାର ପାଇଁ ଯେଉଁ ବ୍ୟବସ୍ଥା କରା ଯାଇଥିଲା, ତାହାକୁ ଭାରତୀୟ ଜାତୀୟ କଂଗ୍ରେସ ବିରୋଧ କରିବା ଯୋଗୁଁ ଶାସନ ପଦ୍ଧତିର ପୁନଃ ସଂଶୋଧନ ଅନୁଧ୍ୟାନ ପାଇଁ ଖ୍ରୀ. ୧୯୨୭ ନଭେମ୍ବର ୭ ତାରିଖରେ ସାଇମନ (ସାର୍ ଜନ୍ ସାଇମନ)ଙ୍କ ଅଧ୍ୟକ୍ଷତାରେ 'ସାଇମନ କମିଶନ' ଗଠିତ ହୋଇଥିଲା । ଏହି କମିଶନରେ କୌଣସି ଭାରତୀୟ ସଭ୍ୟଙ୍କୁ ନିଆଯାଇ ନ ଥିବା ଯୋଗୁଁ ଏହି କମିଶନକୁ 'ଜାତୀୟ କଂଗ୍ରେସ' ବିରୋଧ କରୁଥିଲା । କିନ୍ତୁ 'ଉତ୍କଳ ସମ୍ମିଳନୀ' ଏହି କମିଶନକୁ ସ୍ୱାଗତ କରିଥିଲେ । ବ୍ରହ୍ମପୁର ଠାରେ ଅନୁଷ୍ଠିତ ଏକ ସଭାରେ ପାରଳାଖେମଣ୍ଡି ରାଜା କୃଷ୍ଣଚନ୍ଦ୍ର ଗଜପତି କହିଥିଲେ, "ଓଡ଼ିଶାର ବିଚ୍ଛିନ୍ନାଞ୍ଚଳଗୁଡ଼ିକୁ ଏକତ୍ରିତ କରି ବିହାର-ଓଡ଼ିଶାରେ ଯୁକ୍ତ କରିବା ଦାବି ହେଉଥିବାବେଳେ ସେହି ପ୍ରାଦେଶିକ ସରକାରଠାରୁ ସମର୍ଥନ ମିଳୁଥିଲା । କିନ୍ତୁ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରି ଗଢ଼ିବା ପାଇଁ ଆନ୍ଦୋଳନ ହେବାରୁ ବିହାରୀମାନେ ଆମର ଶତ୍ରୁ ହୋଇଗଲେ । ରାଜେନ୍ଦ୍ର ପ୍ରସାଦଙ୍କ ଭଳି ବିହାରର କଂଗ୍ରେସ ନେତା, ପଟ୍ଟାଭି ସୀତାରାମେୟାଙ୍କ ଭଳି ମାନ୍ଦ୍ରାଜର

Digitized by PPRACHIN, SOA

ତେଲଙ୍ଗା ନେତା କଂଗ୍ରେସରେ ଉଚ୍ଚ ସ୍ତରରେ ରହିଥିଲେ ମଧ୍ୟ ଓଡ଼ିଆଙ୍କ ଦୁଃଖ ଦୂରାଇବା ଦୂରେ ଥାଉ ନ୍ୟାଯ୍ୟ ଦାବୀକୁ ମଧ୍ୟ ଏଡ଼ାଇ ଦେଇ ପ୍ରତିକ୍ରିୟାମୂଳକ କୌଶଳ ବିସ୍ତାର କରନ୍ତନ୍ତି । ଏ ଯୁଗଧର୍ମ ନୁହନ୍ତି— ସ୍ୱାର୍ଥପରତା । ତେଣୁ ନିଜ ଶକ୍ତିର ବୃଦ୍ଧିରେ ନିଜ ସ୍ୱାର୍ଥ ସାଧନ ପାଇଁ ସାନମାନଙ୍କୁ ବରୋଧ କଲେ ଓଡ଼ିଆ ଜାତିର କ୍ଷତି ହେବ ।”

ସାଇମନ କମିଶନ ଗଠନ ପୂର୍ବରୁ ଫିଲିପ୍-ଡଫ୍ କମିଶନ ‘ଉତ୍କଳ ଦେଶ ମିଶ୍ରଣ’ ସମ୍ବନ୍ଧରେ ଅନୁକୂଳ ମତ ପ୍ରକାଶ କରିଥିଲେ । କିନ୍ତୁ ସାଇମନ କମିଶନଙ୍କ ଡ୍ରାଫ୍ଟ ରିପୋର୍ଟରେ ଓଡ଼ିଆମାନଙ୍କ ଦାବିର ସମ୍ପୂର୍ଣ୍ଣ ସପକ୍ଷରେ ମତ ଦେଲେ ନାହିଁ । ତେଣୁ ବିଦେଶମାନେ ବର୍ମୀ ଦେ ରିପୋର୍ଟରେ ପ୍ରତିକ୍ରିୟା ପ୍ରକାଶ କରି ନିମ୍ନଲିଖିତ ମତ ପ୍ରକାଶ କରିଥିଲେ ।

“Madras Oriyas and the Simon Commission

The recommendation for a boundary Commission along with a few words of symrathy in the Report of the Simon Commission seems to have caught the imagination of some of our friends. The readers have to realise that the problem of the Oriyas is quite distinct and serarate from the larger one of a federation of India on the basis of linguistic provinces. The object though desirable can not be one for. immediate realisation. In this first place a language like Malayalam may not require a province unless the question of the inclusion of her States like Cochin and Travancore also in the federation is solved. The Assamese, after the amalgamation of Bengalee population in the Burma valley in Assam may not be able to stand-for a province. Sindh has to be eternally spoon-fed by the Federal Government. Orissa with her 1½ crores of people can not be kept waiting till the proposed Commission sits and decides the general question, no one knows when. Again political leaders in India may not welcome such a commission before the basic political relations between India and England are decided.The proposal to consititute a commission is thus uncalled for under the present conditions and circumstances.

Digitized by PPRACHIN, SOA

Still Recommendations !

We have long passed the stage of recommendations. The readers of Blue Books from 1902 to 1905 will see that the Government of Lord Curzon made their recommendations after a long and elaborate enquiry. The coronation despatches of 1911 speak of the grave injustice done to Orissa and resulted only in creating confusion worse confounded by adding the present political Orissa Division to the newly created province of Bihar and Orissa. The Mont-Ford Report made a special recommedation to the reformed Government to take early action regarding Orissa and Bihar as an urgent and immediate case for their consideration. Agitation from the people has been continuous, persistent, vigorous and spread all over the Oriya speaking tracts. Public opinion on this question was so strong that the Government of India was obliged to appoint the Phillip—Duff Commission for a detailed enquiry. The Government of Orissa deputed a special officer for the collection of the further materials. The Simon Commission appointed a sub-committee to made detailed proposals on this question. Why then a fresh enquiry and the question made a part of the general one of the creation of provinces in India on a language basis ? This to say the least, is only an ettempt to hood-wink public opinion on the plea of an enquiry.

For the Enquiry

The Sub-Committee of Simon Commission seems to have tackled the question neither properly nor fairly so far as their recommendations relate to the Oriya speaking tracts of Madras. No reason was assigned why the Vizag. Agency as also the Taluks of Sompeta, Parlakimidi and Tekkali in Ganjam are to be excluded from the proposed Oriya province. From a reply given to Sriman Biswanath

Digitized by PPRACHIN, SOA

Das Mahasay to a series of his interpellations, the Government of Madras admitted that figures of Vizagapatam Agency have not been called for, by the Commission and that they had to furnish only such information as was required by them. These prove beyond doubt that the Sub-Committee has not at all considered the necessity of the inclusion of Vizag Agency in the new Oriya Province. In my article published in the "East coast" as also in the Dailies of Madras, I have clearly shown from official reports how the Vizag Agency is predominantly Oriya a fact recognised by the Government in all its reports and publications. Oriyas form the majority of the population in the Agency. Oriya has been the court language and the language taught to the Khonds ever since the British occupation of the Agency. Again Khonds have all their kinsmen in the adjoining Oriya tributary States and British areas of Orissa. I have quoted Mr. Macpherson and other special officers deputed to the Khond area with their findings that the Oriyas even in the fifties of the last century had as close and intimate a relation with the Khonds as they have today. Some military authorities were also quoted in my letter showing the strategic importance of this proposal. Regrettable therefore, that the inclusion of this extensive and important area should have altogether been omitted by a set of gentlemen who called themselves responsible and earnest.

Importance of the area and view of the Andhras

The Oriya portion of Vizagapatam Agency consists of about 12000 (twelve thousand) square miles surrounded on three sides by the Oriya speaking tracts of the Orissa Division, by the Oriya Agency tracts of Ganjam and the Tributary States of Orissa. This vast area is being connected with the Railway system connecting the Central Provinces with the sea board at Vizagapatam. The Agency with its vast area of forests, fertile plains and the mineral wealth is bound to play an important part in the economic

Digitized by PPRACHIN, SOA

history at any province to which it may be attached. If this vast area is to be added to the Andhra province to be you not only decide the entire Khond and Savera population between two provinces, but also undo all the work done during a period of 100 years of British rules and leave a big discontented minority community of Oriyas in the Andhra country which will neither add to their peaceful growth nor be conducive to a peaceful administration with this view the Andhra leaders never claimed the Vizag Agency for inclusion in the proposed Andhra province. This is seen from the pamphlet published by the Andhra Provincial Committee as also from the written and oral evidence of the Andhra representatives before the Joint Select committee of both Houses of parliament on the Government of India Bill of 1919. Let not any one, therefore, be deceived by the recommendation of the Simon Commission so far as Orissa is concerned. We can not allow scattered limb of Orissa to be turn as under in the way proposed by a commission which never waited to solve the problem. The proper course for the Oriyas, therefore is not to accept the recommendations, unless the Oriya speaking tracts of the Vizagapatam Agency are included in the proposed Oriya province.

Vizagapatam
15. 1. 30 } Sree Vikrama Deo Varma"

ବ୍ରିଟିସ ସରକାରଙ୍କଠାରୁ ସମ୍ମାନ :

ଖ୍ରୀ. ୧୮୮୫ଠାରୁ ୧୯୧୧ ଖ୍ରୀଷ୍ଟାବ୍ଦ ମଧ୍ୟରେ ବିକ୍ରମ ଦେବ ବର୍ମା ମାଡ଼ୁଗୁଲରୁ ଆସି ବିଶାଖାପାଟଣାରେ ସ୍ଥାୟୀ ବାସିନ୍ଦା ହୋଇ ରହିବା ସମୟରେ ଅନେକ ଦେଶହିତକର କାର୍ଯ୍ୟ କରିଥିଲେ । ସେ କାର୍ଯ୍ୟର ସମୀକ୍ଷା କରି ତତ୍କାଳୀନ ଭାରତ ସରକାର ବିକ୍ରମ ଦେବ ବର୍ମାଙ୍କୁ ଯେଉଁ ସନନ୍ଦ (ସାର୍ଟିଫିକେଟ) ଦେଇଥିଲେ ତାହା ନିମ୍ନରେ ଉଦ୍ଧାର କରାଗଲା—

Digitized by PPRACHIN, SOA

ସାର୍ଟିଫିକେଟ

Madras
12th December 1911

By Command of His Excellency the Viceroy and Governor-General-in-Council, this Certificate is presented in the name of his most gracious Majesty, King George-V, Emperor of India on the occasion of his Majesty's coronation Darbar at Delhi.

To

M. R. Ry Sri Vikram Deo Varma Garu, Son of Sri Krishna Deo Garu in recognition of his Charities and encouragement of scholarship.

Sd /- A. Stewart
Ag. Chief Secretary to the
Govt. of Madras

Digitized by PPRACHIN, SOA

ପଞ୍ଚଦଶ ପରିଚ୍ଛେଦ

ନନ୍ଦପୁର ରାଜବଂଶ

ନନ୍ଦପୁର ରାଜ୍ୟ ପ୍ରାଚୀନ କାଳରେ ପୁରାତନ ଆଟବିକ ରାଜ୍ୟର ଅଂଶ ବିଶେଷ ଥିଲା । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଅଶୋକ ଧଉଳି ପାହାଡ଼ର ସ୍ୱତନ୍ତ୍ର ଶିଳାଲେଖରେ ଉଲ୍ଲେଖ କରିଛନ୍ତି ଯେ ଆଟବିକ ରାଜ୍ୟ ସେ ଜୟକରି ପାରିନଥିଲେ । କିନ୍ତୁ ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀରେ ଏହି ରାଜ୍ୟ ମହାମେଘବାହନ ଖାରବେଳଙ୍କ ରାଜ୍ୟର ଅନ୍ତର୍ଗତ ଥିଲା । ଏହାକୁ 'ବିଦ୍ୟାଧର ରାଜ୍ୟ' ‡ ଆଖ୍ୟା ଦିଆଯାଉଥିଲା । ଏହା ତାଙ୍କର ଉଦୟଗିରିର ହାତୀଗୁମ୍ଫା ଶିଳାଲେଖରୁ ଜଣାଯାଏ । ସେଥିରେ ଆହୁରି ଉଲ୍ଲେଖ ଅଛି ଯେ ଏହି ରାଜ୍ୟର ସୈନ୍ୟମାନଙ୍କ ସାହାଯ୍ୟରେ ସେ 'ରଥିକା' ଓ 'ଭୋଜକ' ଦୁଇଟି ରାଜ୍ୟ ଜୟକରିଥିଲେ ।

ଜୟପୁର ପୁରାଣ ପ୍ରସିଦ୍ଧ ନନ୍ଦ ରାଜାଙ୍କର ନିଷାଦ ରାଜ୍ୟ ଥିବାର କିମ୍ବଦନ୍ତୀ କହେ । ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ କୋରାପୁଟ—ବସ୍ତର ମଧ୍ୟରେ ନଳରାଜା ଭବଦତ୍ତ ବର୍ମନ ଏକ ଶକ୍ତିଶାଳୀ ରାଜ୍ୟ ପ୍ରତିଷ୍ଠା କରିଥିଲେ । ଏହି ନଳ ରାଜ୍ୟର ରାଜଧାନୀର ନା ହେଉଛି 'ପୁଷ୍କରି' । ବର୍ତ୍ତମାନ ଉମରକୋଟ ଓ କୋଡ଼ିଙ୍ଗା ଥାନା ମଧ୍ୟବର୍ତ୍ତୀ 'ପୋଡ଼ାଗଡ଼'ଠାରେ ଏକ ଶିଳାଲେଖରୁ ଏହା ଉପଲବ୍ଧ । ସମ୍ଭବତଃ ଏହି ପୋଡ଼ାଗଡ଼ ହିଁ ନଳ ରାଜ୍ୟର ରାଜଧାନୀ ପୁଷ୍କରି । ଚାଲୁକ୍ୟ ରାଜା କୀର୍ତ୍ତିବର୍ମନ ନଳ ରାଜାଙ୍କୁ ପରାସ୍ତ କରି ତାଙ୍କର ରାଜଧାନୀ ପୋଡ଼ି ଛାରଖାର କରି ଦେଇଥିଲେ ସୁତରାଂ ପୁଷ୍କରୀ ରାଜଧାନୀ ଗଡ଼କୁ ପୋଡ଼ାଗଡ଼ କହି ତା'ର ସ୍ମୃତିଚାରଣ କରାଯାଉଛି । ଉମରକୋଟ—ନବରଙ୍ଗପୁର ରାସ୍ତାର ଦକ୍ଷିଣ ପାର୍ଶ୍ୱରେ କେଶରୀ ବେଡ଼ା ଗ୍ରାମ ଅବସ୍ଥିତ । ସେଠାରୁ ପ୍ରାପ୍ତ ଏକ ତାମ୍ରଶାସନରୁ ⁕ ଜଣାଯାଏ ଯେ ନଳରାଜା ଭବଦତ୍ତଙ୍କ ପୁତ୍ର ଅର୍ଥପତି ରାଜା ଏହାକୁ ଦାନ କରିଥିଲେ । ପୋଡ଼ାଗଡ଼ ଶିଳାଲେଖରୁ ଜଣାଯାଏ ଏହା ସ୍କନ୍ଦ ବର୍ମନଙ୍କ ସମୟର । ସ୍କନ୍ଦ ବର୍ମନ ହେଉଛନ୍ତି

---

‡ ପ୍ରାଚୀନ ଉତ୍କଳ—ପ୍ରଥମ ଭାଗ—ପୃ. ୨୩୫

⁕ Kesharibeda Plates of Arthapati (Ep. Ind. Vol XXVII-PP. 12-16)

Digitized by PPRACHIN, SOA

ଅର୍ଥପତି ବର୍ମନଙ୍କ ଅନୁଜ । ପୂର୍ବେ ନଳ ରାଜ୍ୟ ଏକ ଶକ୍ତିଶାଳୀ ରାଜ୍ୟ ଥିଲା ଏବଂ ତାହା ନନ୍ଦପୁର ରାଜ୍ୟଠାରୁ ଆକାରରେ ବୃହତ୍ତର ।

ନନ୍ଦପୁରକୁ ନଳରାଜାଙ୍କ ପରେ ମାଠର ବଂଶ ଓ ପୂର୍ବ ଗଙ୍ଗ ବଂଶୀୟ ରାଜାମାନେ ଶାସନ କରୁଥିଲେ । ସୋମବଂଶୀ ରାଜାମାନେ ଖ୍ରୀ ୧୦୨୩ ପର୍ଯ୍ୟନ୍ତ ତ୍ରିକଳିଙ୍ଗ ରାଜ୍ୟ ଅଧିକାର କରିଥିବାର ଦାବି କରନ୍ତି । ଖ୍ରୀ ୧୦୨୩ରେ ଚୋଳରାଜା ରାଜେନ୍ଦ୍ର ଚୋଳଙ୍କ ଅଭିଯାନ ପରେ ତ୍ରିକଳିଙ୍ଗ ଚକ୍ରକ ନାଗ ବଂଶର ରାଜା ଓ ତାଙ୍କର ସାମନ୍ତ ତେଲୁଗୁ-ଚୋଡ଼ଙ୍କ ଅଧୀନରେ ରହିଥିଲା । କଳଚୁରି-ମାନେ ଏହାର କିଛି ଅଂଶ ଶାସନ କରୁଥିଲେ । ତ୍ରୟୋଦଶ ଶତାବ୍ଦୀରେ ଚକ୍ରକ ନାଗ ରାଜ୍ୟର ଦକ୍ଷିଣ-ପୂର୍ବ ଅଂଶ ଓଡ଼ାଡ଼ିର ମତ୍ସ୍ୟ ବଂଶଙ୍କ ଶାସନାଧୀନ ହେଲା ।

ଚତୁର୍ଦ୍ଦଶ ଶତାବ୍ଦୀର ମଧ୍ୟଭାଗରେ ଶିଳା ବଂଶର ଏକ ଶାଖା ହୈହୟ-ମାନଙ୍କ ଅତ୍ୟାଚାର ସହି ନ ପାରି ନାଗପୁର ନିକଟସ୍ଥ ନନ୍ଦୀବର୍ଦ୍ଧନ ରାଜଧାନୀ ପରିତ୍ୟାଗ କରି କୋରାପୁଟ ଜିଲ୍ଲା ପଟାଙ୍ଗିଠାରେ ଏକ ନୂତନ ରାଜଧାନୀ ସ୍ଥାପନ କରି ରାଜ୍ୟ ଶାସନ କଲେ । ତତ୍କାଳୀନ ଗଙ୍ଗବଂଶର ଶାସକଙ୍କର ସହଯୋଗରେ ଏହା ସମ୍ଭବ ହୋଇଥିଲା । ସମ୍ଭବତଃ ଦୀର୍ଘ ସମୟ ଧରି ଯେଉଁ ଗଙ୍ଗ-କଳଚୁରି ଯୁଦ୍ଧ ଚାଲିଥିଲା ସେଥିରେ ଏମାନେ ଗଙ୍ଗବଂଶର ପକ୍ଷ ସମର୍ଥନ କରିଥିବେ କିମ୍ବା ଗଙ୍ଗମାନେ କଳଚୁରିମାନଙ୍କ ପରମ ଶତ୍ରୁ ଶିଳାବଂଶୀଙ୍କୁ କଳଚୁରି ରାଜ୍ୟର ସୀମାରେ ରଖିଲେ ସୀମାନ୍ତ ସୁରକ୍ଷା ରହିବ ବୋଲି ଅନୁଭବ କରିଥିବେ । ଶିଳା ବଂଶର ଏହି ନୂତନ ରାଜଧାନୀର ନାମ ଦେଲେ ନନ୍ଦପୁର ଏବଂ ତତ୍‌ସଂଲଗ୍ନ ଝରଣାର ନାମ ଦେଲେ ତାଙ୍କ ବଂଶର ନାମ ଅନୁସାରେ ଶିଳାନଦୀ ।

ଶିଳା ବଂଶର ପ୍ରଥମ ରାଜା ଗଙ୍ଗରାଜୁ ଚତୁର୍ଦ୍ଦଶ ଶତାବ୍ଦୀର ମଧ୍ୟ ଭାଗରେ ଏହି ରାଜ୍ୟଟି ସ୍ଥାପନ କରିଥିଲେ । ସମ୍ଭବତଃ ଗଙ୍ଗରାଜୁ ଗଙ୍ଗରାଜା ୨ୟ ଭାନୁଦେବଙ୍କ ସମୟରେ ଗଙ୍ଗ ସେନାବାହିନୀର ସେନାପତି ଆସନ ଅଲଙ୍କୃତ କରିଥିଲେ । ଖ୍ରୀ. ୧୩୨୦ରେ ଗ୍ୟାସ ଉଦ୍ଦିନ ତୋଗଲକ ଦିଲ୍ଲୀର ସୁଲତାନ ହୋଇଥିଲେ ଏବଂ ତା'ର ପରବର୍ତ୍ତି ତାଙ୍କର ପୁତ୍ର ଉଲୁଘ ଖାଁଙ୍କୁ ଓ୍ୟାରଙ୍ଗଲ ଓ ତେଲିଙ୍ଗାନା ପଠାଇ ସେ ରାଜ୍ୟଦ୍ୱୟ ଅଧିକାର କରିଥିଲେ । ସେ ସମୟରେ ପାର୍ବତ୍ୟ ରାଜ୍ୟ ରକ୍ଷା ପାଇଁ ଗଙ୍ଗରାଜୁଙ୍କୁ ନନ୍ଦପୁର ଅଞ୍ଚଳର ରାଜ୍ୟ ଦେଇଥିଲେ । ଖ୍ରୀ. ୧୩୫୨ରେ ତାଙ୍କର ମୃତ୍ୟୁ ହୋଇଥିଲା ।

ତାଙ୍କ ପୁତ୍ର ପ୍ରଥମ ବିଶ୍ୱନାଥ ରାଜୁ (ଖ୍ରୀ. ୧୩୫୩–୧୩୭୦) ପର୍ଯ୍ୟନ୍ତ ନନ୍ଦପୁରରେ ରାଜପଣ କରୁଥିଲେ । ସେ ଗଙ୍ଗରାଜା ତୃତୀୟ ଭାନୁଦେବଙ୍କ ସାମନ୍ତ ରାଜା ଥିଲେ । ତାଙ୍କ ସ୍ତ୍ରୀ ଅକ୍କେମା ଦେବୀଙ୍କ ଗର୍ଭରୁ ଭୈରବ ରାଜ ନାମକ ପୁତ୍ର ଜନ୍ମ ଗ୍ରହଣ କରିଥିଲେ ।

Digitized by PPRACHIN, SOA

ଭୈରବ ରାଜ (ଖ୍ରୀ. ୧୩୭୦ରୁ ୧୩୯୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ) ରାଜତ୍ୱ କରିଥିଲେ । ଏହି ସମୟରେ ଗଙ୍ଗବଂଶର ନରପତି ୪ର୍ଥ ନରସିଂହ ଦେବ (ଖ୍ରୀ. ୧୩୭୮-୧୪୧୪ ଖ୍ରୀଷ୍ଟାବ୍ଦ) ଚତୁର୍ଦ୍ଦଶ ଶତାବ୍ଦୀର ଶେଷ ଭାଗରେ ଦକ୍ଷିଣରେ ରେଡ୍ଡିମାନଙ୍କର ଆକ୍ରମଣରେ ଅସ୍ଥିର ହୋଇ ପଡ଼ିଥିଲେ । ସିଂହାଚଳର ଶିଳାଲେଖମାନଙ୍କରୁ ଜଣାଯାଏ ଯେ, ଖ୍ରୀ. ୧୩୭୫ରେ ରାଜମହେନ୍ଦ୍ରୀର ଅନ୍ନାଭେମା ରେଡ୍ଡି ୪ର୍ଥ ନରସିଂହ ଦେବଙ୍କୁ ପରାସ୍ତ କରିଥିଲେ ଏବଂ ଖ୍ରୀ. ୧୩୮୬ରେ ଅନ୍ନାଭେମାଙ୍କ ଉତ୍ତରାଧିକାରୀ କୁମାରଗିରି ନରସିଂହ ଦେବ (୪ର୍ଥ)ଙ୍କୁ ପରାସ୍ତ କରିଥିଲେ । ସେତେବେଳେ ସିଂହାଚଳକୁ ରେଡ୍ଡିମାନେ ଅଧିକାର କଲେ ମଧ୍ୟ ୪ର୍ଥ ନରସିଂହ ଦେବ ତାଙ୍କର ଅଧିକାର ଛାଡ଼ି ନ ଥିଲେ । ଓଡ଼ାଡ଼ିର ମତ୍ସ୍ୟ ବଂଶ ରାଜା ବୀର ଅର୍ଜ୍ଜୁନ ଦେବ ସେତେବେଳେ 'ଗୋଟିବଡ଼ା' ଗ୍ରାମ ରାଜମହେନ୍ଦ୍ରୀର ରେଡ୍ଡିମାନଙ୍କୁ ସେମାନଙ୍କ ସଙ୍ଗେ ଉତ୍ତମ ସମ୍ପର୍କ ନିମିତ୍ତ ପ୍ରଦାନ କରିଥିଲେ । ସମ୍ଭବତଃ ଓଡ଼ାଡ଼ି (VADDADI) ରାଜ୍ୟ କିଛି ସମୟ ପାଇଁ ରେଡ୍ଡିମାନଙ୍କ ଅଧିକାରକୁ ଚାଲିଯାଇଥିଲା । ସିଂହାଚଳର ଏକ ଶିଳାଲେଖରୁ ଜଣାଯାଏ ଖ୍ରୀ ୧୩୯୧ରେ ନରସିଂହ ଦେବ ସେ ଅଞ୍ଚଳକୁ ପୁନଃ ଅଧିକାର କରିଥିଲେ । ସମ୍ଭବତଃ ବୀର ଅର୍ଜ୍ଜୁନଙ୍କ ପୁତ୍ର ପ୍ରତାପ ଅର୍ଜ୍ଜୁନ ଖ୍ରୀ. ୧୩୯୧ ପର୍ଯ୍ୟନ୍ତ ରେଡ୍ଡିଙ୍କ ସଙ୍ଗେ ଯୁଦ୍ଧ କରି ସୀମା ସୁରକ୍ଷା କରି ପାରିଥିଲେ । ତାଙ୍କ ସହିତ ନନ୍ଦପୁରର ଭୈରବ ଦେବ ଯୁଦ୍ଧ କରୁଥିଲେ । ରାଜଧାନୀ ନନ୍ଦପୁର ଓଡ଼ାଡ଼ି ରାଜ୍ୟକୁ ଲାଗି ଥିବାରୁ ଭୈରବ ଦେବ ତାଙ୍କର ରାଜଧାନୀ ଭୈରବସିଂହ-ପୁରର ପାହାଡ଼କୁ ଘୁଞ୍ଚାଇ ନେଇଥିଲେ । ସେଠାରେ ଆକ୍ରମଣ ହେବା ଏତେ ସହଜ ନୁହେଁ । ଭୈରବସିଂହ ପାହାଡ଼ ଉପରେ ଏବେ ମଧ୍ୟ ରାଣୀଗେଡ଼ା ଗ୍ରାମ ତା'ର ସାକ୍ଷ୍ୟ ବହନ କରୁଛି । ଏହା ଏକ ପାହାଡ଼ ଦୁର୍ଗ । ସେଠାରେ ଶତ୍ରୁମାନଙ୍କ-ଠାରୁ ରକ୍ଷାପାଇବା ପାଇଁ ବିଶେଷ ସୁବିଧା ଅଛି । ଆବଶ୍ୟକ ସ୍ଥଳେ ସେଠାରୁ କଳାହାଣ୍ଡି, କାଶୀପୁର, ନବରଙ୍ଗପୁର ଓ କୋରାପୁଟ କିମ୍ବା ଜୟପୁରକୁ ସହଜରେ ପଳାଇଯାଇ ହୁଏ ।

ଭୈରବ ରାଜଙ୍କ ପୁତ୍ର ବାସ୍ତାରାଜ ବା ଦ୍ୱିତୀୟ ବିଶ୍ୱନାଥ ରାଜ ଖ୍ରୀ ୧୩୯୭ରୁ ୧୪୨୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ) ରାଜପଣ କରୁଥିଲେ । * ଖ୍ରୀ. ୧୩୯୬ରେ ବାସ୍ତାରାଜଙ୍କର ଗୋଟିଏ ଶିଳାଲେଖ ସୀମାଞ୍ଚଳ ମନ୍ଦିରରୁ ଆବିଷ୍କୃତ ହୋଇଛି । ସମ୍ଭବତଃ ୨ୟ ବିଶ୍ୱନାଥ ରାଜଙ୍କ ପୂର୍ବ ନାମ ବାସ୍ତା ରାଜ ଥିଲା । ସେ ଓଡ଼ାଡ଼ି (Vaddadi)ର ରାଜା ମତ୍ସ୍ୟବଂଶର ପ୍ରତାପ ଅର୍ଜ୍ଜୁନଙ୍କର ପ୍ରପୌତ୍ରୀ ଜୟନ୍ତ ରାଜଙ୍କ କନ୍ୟା ସିଙ୍ଗାମାଙ୍କ ପାଣିଗ୍ରହଣ କରିଥିଲେ । ଏହି ବିବାହରେ ଶିଳାବଂଶ ଏବଂ ମତ୍ସ୍ୟବଂଶଙ୍କ ମଧ୍ୟରେ

---

* S. I. I. No. 1065 42nd niche of Simhachal Temple—P. 207.

Digitized by PPRACHIN, SOA

ବନ୍ଧୁତା ବଢ଼ିଗଲା । ଖ୍ରୀ. ୧୩୨୭ରେ ବିଶ୍ୱନାଥ ରାଜାଙ୍କ ସହଧର୍ମିଣୀ ସିଙ୍ଗାମାଙ୍କର ଦୁଇଟି ଦାନ ଶ୍ରୀକୂର୍ମ ମନ୍ଦିରରେ ଥିବା ଶିଳାଲେଖରୁ ଜଣାପଡ଼େ ।

ବିଶ୍ୱନାଥ ରାଜାଙ୍କ ପରେ ତାଙ୍କ ପୁତ୍ର ପ୍ରତାପ ଗଙ୍ଗ ରାଜ (ଖ୍ରୀ. ୧୪୨୭ରୁ ୧୪୪୩ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ) ରାଜପଣ କରୁଥିଲେ । ଏହି ପ୍ରତାପ ଗଙ୍ଗରାଜ ଶିଳା ବଂଶର ଶେଷରାଜା । ସେ ଜଣେ ପ୍ରତାପଶାଳୀ ରାଜା ଥିଲେ । ମତ୍ସ୍ୟବଂଶର ପ୍ରତାପ ଅର୍ଜ୍ଜୁନଙ୍କ ଦୁଇ ନାତି, ମତ୍ସ୍ୟ ବଂଶୀୟ ନାତି ସିଙ୍ଗାରାଜ ଓ ଶିଳାବଂଶୀୟ ନାତି ପ୍ରତାପ ଗଙ୍ଗ ରାଜ ମିଳିତ ଭାବେ ଅନ୍ଧ୍ର ପ୍ରଦେଶର କଳମ୍ବି (ବବିଲି) ତାଲୁକରେ 'କମ୍ପାନା' ବୋଲି ଗୋଟିଏ ଗ୍ରାମ ଦାନ କରିଥିବା ତାମ୍ରପତ୍ରମୂର୍ତ୍ତି ※ । ୧୪୨୭ ଖ୍ରୀଷ୍ଟାବ୍ଦରେ ପ୍ରତାପ ଗଙ୍ଗରାଜଙ୍କର ଦୁଇଟି ଶିଳାଲେଖ ସିଂହାଚଳ ମନ୍ଦିରରୁ ଆବିଷ୍କୃତ ହୋଇଛି । ʊ ପ୍ରଥମଟିରେ ଓଡ଼ାଡ଼ିର ମତ୍ସ୍ୟବଂଶ ଏବଂ ନନ୍ଦପୁରର ଶିଳାବଂଶ ମଧ୍ୟରେ ଥିବା ବୈବାହିକ ସମ୍ବନ୍ଧ ସ୍ଥାପିତ ହୋଇଥିବା ବିଷୟ ଉଲ୍ଲେଖ ଅଛି ଏବଂ ଅନ୍ୟଟିରେ ରାଜମାତା ସିଙ୍ଗାମାଙ୍କର ମନ୍ଦିରକୁ ଅଖଣ୍ଡ ଦୀପ ଦାନ ବିଷୟ ମଧ୍ୟ ଉଲ୍ଲିଖିତ ।

ଶିଳାବଂଶ ରାଜାମାନେ ନୃସିଂହ, ନାରାୟଣ ଏବଂ ଶିବ ଶକ୍ତିଙ୍କ ପୂଜା ଆରାଧନା କରୁଥିଲେ ମଧ୍ୟ ଜୈନଧର୍ମକୁ ପ୍ରାଧାନ୍ୟ ଦେଉଥିଲେ । ତାଙ୍କ ସମୟରେ ନନ୍ଦପୁର ଅଞ୍ଚଳରେ ଜୈନ ମନ୍ଦିରମାନ ଗଢ଼ି ଉଠିଥିଲା । ଶିଳାବଂଶର ରାଜାମାନେ ନନ୍ଦପୁରରେ ଥିବା ବତିଶ ସିଂହାସନ ଆରୋହଣ କରି ତାଙ୍କର ପୂର୍ବ ପୁରୁଷ ଉଜ୍ଜୟିନୀର ବିକ୍ରମାଦିତ୍ୟଙ୍କ ସ୍ମୃତିଚାରଣ କରୁଥିଲେ । ବତିଶ ସିଂହାସନର ପ୍ରାଚୀନ ଭଗ୍ନ ସିଂହାସନ ଅଦ୍ୟାପି ବିଦ୍ୟମାନ । ନନ୍ଦପୁର ଠାରୁ ୬.୦ କି.ମି. ଦୂର ପାଙ୍ଗିଡ଼ି ପାହାଡ଼ ନିକଟବର୍ତ୍ତୀ ସୁଆଇ (ସୁବାଇ) ଠାରେ ଥିବା ଜୀର୍ଣ୍ଣଶୀର୍ଣ୍ଣ ଚତୁଷ୍କୋଣ ବିଶିଷ୍ଟ ଭଗ୍ନ ଜୈନବିହାର ଏକ ଜୈନ ସାଧନା ପୀଠର ସ୍ମୃତି ବହନ କରି ପଡ଼ି ରହିଛି । ‡ ସେଠାରେ ଥିବା କ୍ଷୁଦ୍ର କ୍ଷୁଦ୍ର ମନ୍ଦିର ମଧ୍ୟରୁ କେବଳ ଦୁଇଟି ଅକ୍ଷୁଣ୍ଣ ଅବସ୍ଥାରେ ରହିଛି । ରିରଥ ଶୈଳୀରେ ନିର୍ମିତ ପ୍ରତ୍ୟେକ ମନ୍ଦିରର ନିମ୍ନ ଚୂଡ଼ାରେ ଆମଳକ ଅଛି, ମୁଖଶାଳା ନାହିଁ । ବୋରିଗୁମ୍ମା ବ୍ଲକ ଅଧୀନସ୍ଥ ଭୈରବସିଂହପୁରଠାରେ

※ Gegetteer P. 56.

ʊ S. I. I. No. 950 28th niche of Simhachal Temple—P. 207

‡ ଜୈନଧର୍ମ ଓ ସଂସ୍କୃତି — ଅଶୋକ କୁମାର ରଥ—ପୃ ୧୯୫ ।
Early Stone Temples of Orissa-Vidya Dehejsa-P.103

Digitized by PPRACHIN, SOA

ଭଗ୍ନ ଭୈରବ ଗଡ଼ରେ ଥିବା ପାର୍ଶ୍ୱନାଥଙ୍କ ମୂର୍ତ୍ତି ଏବଂ ତାଙ୍କର ଶାସନଦେବୀଙ୍କ * ମୂର୍ତ୍ତି ଭୈରବ ରାଜାଙ୍କର ଅସ୍ଥାୟୀ ରାଜଧାନୀର ସ୍ମୃତି ବହନ କରେ । ସେଠାରେ ସେ ଏକ ଜଗନ୍ନାଥ ମନ୍ଦିର ନିର୍ମାଣ କରିଥିବା ଜଣାଯାଏ । ସେ ମନ୍ଦିରଟି ଭାଙ୍ଗି ଯିବାରୁ ଏକ ନୂତନ ମନ୍ଦିର ନିର୍ମାଣ କରି ଯାଇଛି । ଭୈରବସିଂହପୁରଠାରୁ ଋଷଭନାଥ, ଅଜିତନାଥ, ମହାବୀର, ଅମ୍ବିକା ଓ ଅନ୍ୟାନ୍ୟ ଶାସନ ଦେବୀର ୨୧ଟି ଜୈନ ମୂର୍ତ୍ତି ଉଦ୍ଧାର କରି ଯାଇଛି । ଏହା ନିକଟସ୍ଥ ଗୈରୀମାଲ, ନାଙ୍ଗାଁ, କାମତା, କୁମୁଲି ଗ୍ରାମରେ ମଧ୍ୟ ଅନେକ ଜୈନ ମୂର୍ତ୍ତି ବିଦ୍ୟମାନ । ନନ୍ଦପୁରରୁ ଅଳ୍ପ ଦୂର ଅର୍ଥାତ୍ କୋଲାବ ନଦୀର ବାମ ତୀରବର୍ତ୍ତୀ କେଚଲା ଗ୍ରାମରେ ୧୦ ମିଟର ଉଚ୍ଚ ବିଶିଷ୍ଟ ଏକ ଜୈନ ମନ୍ଦିର ଅଦ୍ୟାପି ବିଦ୍ୟମାନ । ବର୍ତ୍ତମାନ ଏହି ସ୍ଥାନଟି ଅପର କୋଲାବ ଜଳଭଣ୍ଡାର ମଧ୍ୟରେ ଅବସ୍ଥିତ । ବୋରିଗୁମ୍ମା ଓ ଜୟପୁର ପୁରୁଣା ଗଡ଼ରେ ମଧ୍ୟ ଅନେକ ଜୈନମୂର୍ତ୍ତି ବିଦ୍ୟମାନ ।

ପ୍ରତାପ ଗଙ୍ଗରାଜ ଶିଳାବଂଶର ଶେଷ ରାଜା । ଖ୍ରୀ ୧୪୪୩ରେ ତାଙ୍କ ମୃତ୍ୟୁ ପରେ ସୂର୍ଯ୍ୟବଂଶ ରାଜା ବିନାୟକ ଦେବ ରାଜ୍ୟର ଶାସନ ଭାର ଗ୍ରହଣ କଲେ । କେତେକ ଐତିହାସିକ ବିନାୟକ ଦେବଙ୍କର ବଂଶ ପରିଚୟ ସମ୍ବନ୍ଧରେ ଭିନ୍ନ ମତ ପୋଷଣ କରନ୍ତି । କେତେକ ତାଙ୍କୁ ଚନ୍ଦ୍ରବଂଶୀୟ କହୁଥିଲା ବେଳେ ଅଧିକାଂଶ ଗବେଷକ ତାଙ୍କୁ ସୂର୍ଯ୍ୟବଂଶର ସମ୍ରାଟରୂପେ ଗ୍ରହଣ କରିଛନ୍ତି । ଜୟପୁର ରାଜବଂଶର ପ୍ରତିଷ୍ଠାତା ବିନାୟକ ଦେବ ଶିଳାବଂଶର ଶେଷରାଜା ପ୍ରତାପଗଙ୍ଗ ରାଜାଙ୍କ କନ୍ୟାଙ୍କୁ ବିବାହ କରି ଯୌତୁକ ସ୍ୱରୂପ ନନ୍ଦପୁର ରାଜ୍ୟ ପାଇଥିବାର ଜଣାଯାଏ ।

ଜୟପୁର ରାଜ ବଂଶାବଳୀରୁ ଜଣାଯାଏ ଯେ, ବିନାୟକ ଦେବ କାଶ୍ମୀର ରାଜା କନକ ସେନ ବା କଙ୍କସେନଙ୍କର ତ୍ରୟସ୍ତ୍ରିଂଶ ବଂଶଧର । ତାଙ୍କ ପିତାଙ୍କ ନାମ କୁମ୍ଭରାଜ ଦେବ । ସେ ତାଙ୍କ ପିତାଙ୍କର ଦ୍ୱିତୀୟ ପୁତ୍ର । ସିଂହାସନ ପାଇଁ ଭ୍ରାତୃ-ବିବାଦ ଉପୁଜିବାରୁ ବିନାୟକ ଦେବ ତୀର୍ଥ ଭ୍ରମଣରେ ଆସିଥିଲେ । ସେ ଅପୁତ୍ରିକ ରାଜା ପ୍ରତାପଗଙ୍ଗ ରାଜାଙ୍କର କନ୍ୟାଙ୍କୁ ବିବାହ କରିଥିଲେ । ଖ୍ରୀ ୧୪୩୫ରେ ପ୍ରତାପଗଙ୍ଗ ରାଜା ତାଙ୍କର ଏକମାତ୍ର ଦୁହିତା ଲୀଳାବତୀଙ୍କୁ ସାଥିରେ ନେଇ ଶ୍ରୀ ଜଗନ୍ନାଥ ଦର୍ଶନ ପାଇଁ ଶ୍ରୀକ୍ଷେତ୍ର ପୁରୀକୁ ଯାଇଥିଲେ । ଗଜପତି ସୂର୍ଯ୍ୟ ବଂଶର ରାଜପୁତ୍ର ବିନାୟକ ଦେବଙ୍କ ପ୍ରତି ପ୍ରତାପଗଙ୍ଗଙ୍କ ଶୁଭ ଦୃଷ୍ଟି ଶ୍ରୀକ୍ଷେତ୍ର ମଧ୍ୟରେ ପଡ଼ିଥିଲା । ଏଣୁ ନନ୍ଦପୁର ରାଜଜେମା ଲୀଳାବତୀଙ୍କ ସହିତ ବିନାୟକ ଦେବଙ୍କର

---

* ଶ୍ରୀ ଜଗନ୍ନାଥ ସଂସ୍କୃତି — ଓଡ଼ିଶା କଲଚରାଲ ଫୋରମ ଭୁବନେଶ୍ୱର ପୃ ୩୦ ।
ଶ୍ରୀ ଜଗନ୍ନାଥ ସଂସ୍କୃତିର କ୍ରମବିକାଶ — କେଦାରନାଥ ମହାପାତ୍ର ।

Digitized by PPRACHIN, SOA

ସ୍ତ୍ରୀଉପଢୌକସ୍ୱ ଉତ୍କଳର ତତ୍କାଳୀନ ଗଜପତି ମହାରାଜାଙ୍କ ଅନୁମତି କ୍ରମେ ନନ୍ଦପୁର ଠାରେ ସମ୍ପାଦିତ ହୋଇଥିଲା । ✲

ଅଷ୍ଟାଦଶ ଶତାବ୍ଦୀର କବି ଗଙ୍ଗାଧର ରଥ ଯିଏ କି 'ଗଙ୍ଗ ବଂଶାନୁଚରିତମ୍' ଲେଖିଥିଲେ, ତାଙ୍କ ମତାନୁସାରେ ଗଙ୍ଗ ବଂଶର ଶେଷ ରାଜା ଚତୁର୍ଥ ଭାନୁଦେବଙ୍କ ଜ୍ୟେଷ୍ଠ ପୁତ୍ର ସୂର୍ଯ୍ୟ ବଂଶ ରାଜା କପିଳେନ୍ଦ୍ର ଦେବଙ୍କଦ୍ୱାରା ରାଜ୍ୟଚ୍ୟୁତ ହୋଇ ବାରଣାସୀ କଟକ ପରିତ୍ୟାଗ କରି ଦକ୍ଷିଣ ଦିଗକୁ ପଳାୟନ କଲେ ଏବଂ ଗୁଣ୍ଡୁପୁର ନିକଟସ୍ଥ ଗୁଡାରୀ ଜଙ୍ଗଲରେ ରାଜଧାନୀ ସ୍ଥାପନ କଲେ । ସେ ନନ୍ଦପୁର ରାଜ୍ୟ ଅଧିକାର କରିଥିଲେ ।

'ସର୍କିଟ କମିଟି ରିପୋର୍ଟ ୧୭୮୪' ଅନୁସାରେ କୋରାପୁଟ, ଓଡ଼ିଶା ଡିଷ୍ଟ୍ରିକ୍ଟ ଗେଜେଟିୟର ପୃଷ୍ଠା ୫୮ରେ ପ୍ରକାଶିତ ହୋଇଛି । ତାହା ନିମ୍ନରେ ପ୍ରଦାନ କରାଗଲା —"Rama Chandra Deo, Rajah of Nandapuram, is descended of a Rajah formerly a servant and a favourite to an ancient king of Jagannath and sovereign of these northern circars, who gave him a daughter in marriage and bestowed this fewdatory principality upon him". It was about 1435 A. D. that the plain lands of Orissa and Northern Circars passed from the sway of the Ganga dynasty to that of the Suryavansi Gajapati kings. As the change of dynasty occurs almost contemporaneously in Nandapur and as this new line of kings were obviously of Oriya descent, it is not unlikely that the Nandapur kingdom was conferred by Kapileswar Deva, the first Suryavansi Gajapati, to one of the scions on his family as a mark of favour."

ଖ୍ରୀ. ୧୭୮୪ର ସର୍କିଟ କମିଟି ରିପୋର୍ଟ ଅନୁସାରେ ନନ୍ଦପୁର ସୂର୍ଯ୍ୟ ବଂଶର ପ୍ରତିଷ୍ଠାତା ବିନାୟକ ଦେବ ପ୍ରଥମେ କପିଳେନ୍ଦ୍ର ଦେବଙ୍କ ସେନାବାହିନୀର ଜଣେ ବିଶ୍ୱସ୍ତ ରାଜକର୍ମଚାରୀ ଥିଲେ । ଉତ୍କଳ ଇତିହାସର ଲେଖକ ପଣ୍ଡିତ କୃପାସିନ୍ଧୁ ମିଶ୍ରଙ୍କ ମତରେ

✲ ଶ୍ରୀମତୀ ବାସନ୍ତୀ ସିଂହ—କୋରାପୁଟ ଇତିହାସରେ ଶ୍ରୀଜଗନ୍ନାଥ ଓ ଶ୍ରୀଗୁଣ୍ଡିଚା—'ନମିତା'— ପଞ୍ଚମ ବର୍ଷ—୧୯୮୭ ଜୁନ-ଜୁଲାଇ ଶ୍ରୀଗୁଣ୍ଡିଚା ବାର୍ତ୍ତୋତ୍ସାଙ୍କ—ସମ୍ପାଦନା—ଶ୍ରୀ ହରିହର ବାହିନୀପତି । ପୃ-୧୦,

Digitized by PPRACHIN, SOA

"ପ୍ରତାପରୁଦ୍ର ଦେବଙ୍କର ଜଣେ ପୁତ୍ର ବିନାୟକ ଦେବ ବା ଭୀମଦେବ ଶୈଳ ବଂଶର ଶେଷ ରାଜାଙ୍କ କନ୍ୟାଙ୍କୁ ବିବାହ କରି ଜୟପୁରର ରାଜା ହେଲେ ।" ✻ କିନ୍ତୁ ତାହା ଠିକ୍ ନୁହେଁ ।

ଇତିହାସରୁ ଜଣାଯାଏ କପିଳେନ୍ଦ୍ର ଦେବ ଗଙ୍ଗ ବଂଶର ଶେଷ ରାଜା ୪ର୍ଥ ଭାନୁଦେବଙ୍କର ଜଣେ ସେନାପତି ଥିଲେ । ‡ ଭାନୁଦେବ ଦାକ୍ଷିଣାତ୍ୟର ରେଡ୍ଡିମାନଙ୍କ ସଙ୍ଗେ ଯୁଦ୍ଧରତ ଥିବା ସମୟରେ କପିଳେନ୍ଦ୍ର ରାଜସିଂହାସନରେ ବସିଥିଲେ । ସେତେବେଳେ ନନ୍ଦପୁର ରାଜା ଗଙ୍ଗ ଏବଂ ମତ୍ସ୍ୟ ରାଜାମାନଙ୍କ ସହିତ ମିଶି ବିଦ୍ରୋହ କରିଥିଲେ । "Many of the feudatory chief of Orissa challenged the authority of the new ruler and asserted their independence. × × ×. Among the rebel chiefs whom Kapilendra subdued were the Gangas of Khimandi, Silavamsis of Nandapur, Matsyas of Oddadi and Vishnu Vardhana Chakravartins of Panchadharka. The subjugation of these chiefs was accomplished by A D 1443." Ω

ଅନ୍ଧ୍ର ବିଶ୍ୱବିଦ୍ୟାଳୟର ପ୍ରଫେସର ଡଃ କେ. ସୁନ୍ଦରମ୍ଙ୍କ ମତରେ — "The Matsyas of Oddadi and the Chalukyas of Elamanchi bowed before his might and accepted his authority. The lesser dynasties like the Surabhis of Jantarunadu and the Silavamsa kings of Nandapura perished in the course of his campaign. The

---

✻ ଉତ୍କଳ ଇତିହାସ—ପଣ୍ଡିତ କୃପାସିନ୍ଧୁ ମିଶ୍ର ପୃ. ୧୮୭

‡ ସେନାପତି ରାଜବଂଶ—ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ—ଓଡ଼ିଶାର ପ୍ରତ୍ନତତ୍ତ୍ୱ ଓ ଅନ୍ୟାନ୍ୟ ପ୍ରବନ୍ଧ ୧ମ ଭାଗ—ପୃ. ୪୦୭

Indian History and Culture—
B.S.L. Hanumantha Rao P. 289
& K. Basaveswara Rao.

Ω History of Orissa—Dr. N. K. Sahu, Dr. P. K. Mishra, Dr. J. K. Sahu P. 222.

Digitized by PPRACHIN, SOA

territory was administered by officers directly under his supervision." ❊

ଖ୍ରୀ. ୧୪୪୩ରେ କପିଳେନ୍ଦ୍ର ଦେବଙ୍କର ପ୍ରଥମ ଶିଳାଲେଖ ସିଂହାଚଳ ମନ୍ଦିରରେ ଥିବା ଜଣାପଡ଼େ । କପିଳେନ୍ଦ୍ର ଦେବ ଖ୍ରୀ ୧୪୩୫ ଠାରୁ ୧୪୪୩ ମସିହା ମଧ୍ୟରେ ନନ୍ଦପୁର ରାଜ୍ୟ, ଦାକ୍ଷିଣାତ୍ୟର ଗଙ୍ଗ ଅଧୀନସ୍ଥ ଜମିଦାର ଓ ସାମନ୍ତ ରାଜାମାନଙ୍କ ବିଦ୍ରୋହ ଦମନ କରିଥିଲେ । ସେଥିମଧ୍ୟରେ ଶିଳାବଂଶର ଶେଷରାଜା ପ୍ରତାପ ଗଙ୍ଗରାଜ ମଧ୍ୟ ଥିଲେ । ସମ୍ଭବତଃ ଖ୍ରୀ. ୧୪୪୩ରେ କପିଳେନ୍ଦ୍ରଙ୍କର ଅନୁରକ୍ତ ବିନାୟକ ଦେବଙ୍କୁ ନନ୍ଦପୁରର ରାଜା ରୂପେ ପ୍ରତିଷ୍ଠା କରିଥିଲେ ଏବଂ ସେ ପ୍ରତାପ ଗଙ୍ଗରାଜଙ୍କ କନ୍ୟା ଲୀଳାବତୀଙ୍କୁ ବିବାହ କରିଥିଲେ ।

ସୂର୍ଯ୍ୟବଂଶୀ ରାଜା ବିନାୟକ ଦେବ ପ୍ରଥମେ ଶାନ୍ତିରେ ରହି ପାରିଲେ ନାହିଁ । କେତେକ କର୍ମଚାରୀ ଏବଂ ପ୍ରଜା ତାଙ୍କର ରାଜପଦକୁ ସ୍ୱୀକାର କଲେ ନାହିଁ । ତେଣୁ ତାଙ୍କୁ ରାଜ୍ୟ ଛାଡ଼ିବାକୁ ପଡ଼ିଥିଲା । ଲବଣିଆ ନାମକ ଜଣେ ବଞ୍ଜାର ବଣିକ ସେତେବେଳେ ବଳଦ ଓ ଗଧଙ୍କ ପିଠିରେ ଲୁଣ, ହଳଦୀ ପ୍ରଭୃତି ବ୍ୟବସାୟ କରୁଥିଲେ । ପରିଶେଷରେ ସେ ବିନାୟକ ଦେବଙ୍କୁ ଦଶ ହଜାର ବଳଦ ଏବଂ ଚାରି ହଜାର ଲସ୍କର ସାହାଯ୍ୟ ପ୍ରଦାନ କଲେ । ଏହି ବଳଦମାନେ ବୋଧହୁଏ ଅସ୍ତ୍ରଶସ୍ତ୍ର ଏବଂ ସୈନ୍ୟ ବିଭାଗର ଖାଦ୍ୟ ଏବଂ ବ୍ୟବହାର୍ଯ୍ୟ ପଦାର୍ଥ ବହନ କରୁଥିଲେ । ବିନାୟକ ଦେବ ବଣିକ ଲବଣିଆ ସାହାଯ୍ୟରେ ନନ୍ଦପୁର ରାଜ୍ୟର ଦୁଷ୍ଟ ମେଳିଆ-ମାନଙ୍କୁ ଦମନ କରି ରାଜ୍ୟରେ ଶାନ୍ତି ପ୍ରତିଷ୍ଠା କଲେ । ଏହି ବିଜୟର ସ୍ମୃତି ଚିହ୍ନ ଓ ବଣିକ ବନ୍ଧୁଙ୍କ ପ୍ରତି କୃତଜ୍ଞତାର ନିଦର୍ଶନ ସ୍ୱରୂପ, ସେହି ଦିନଠାରୁ ଗୋବର୍ଦ୍ଧନ ଚକ୍ର (ଗୋରୁ ପଘା) ରାଜଚିହ୍ନ ରୂପେ ପ୍ରଚଳିତ ହେଲା ।

ସୂର୍ଯ୍ୟ ବଂଶର ପ୍ରତିଷ୍ଠାତା ବିନାୟକ ଦେବ (ଖ୍ରୀ. ୧୪୪୩-୧୪୭୬) ୩୪ ବର୍ଷ ସୁରୁରୁ ରୂପେ ରାଜ୍ୟ ଶାସନ କରିଥିଲେ । ସେ ମାଡ଼ଗୁଳ, ଗୋଲକୁଣ୍ଡା, ଛିପି ଏବଂ ଗୁଣ୍ଡପୁର ପ୍ରଭୃତି ରାଜ୍ୟ ଜୟକରି ସେମାନଙ୍କଠାରୁ କର ଗ୍ରହଣ କରୁଥିଲେ । ସେତେବେଳେ ସେ ସୂର୍ଯ୍ୟ ବଂଶୀ ରାଜା କପିଳେନ୍ଦ୍ର ଦେବଙ୍କର ସାମନ୍ତ ରାଜା ରୂପେ ରହି ରାଜ୍ୟ ବିସ୍ତାର କରିଥିଲେ । ତାଙ୍କ ରାଜ୍ୟ ପୂର୍ବରେ ସିକାକୋଲ, ନାଗାବଳୀ ନଦୀ; ଦକ୍ଷିଣରେ କାମ୍ବାମୋଟୁ, ସର୍ବସିଦ୍ଧି ରାୟବାର; ପଶ୍ଚିମରେ ବସ୍ତର ରାଜ୍ୟର ଭାସ୍କର ନଦୀ; ଉତ୍ତରରେ କଳାହାଣ୍ଡିର ବୁଢ଼ାଲିଙ୍ଗ, ବଡ଼ଖେମୁଣ୍ଡୀ ନିକଟସ୍ଥ ଘଣ୍ଟାଗୁଡ଼ା ଏବଂ ପାରଳାଖେମୁଣ୍ଡିର ଗୁମାଗଡ଼ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ସେ ତାଙ୍କର

❊ The Simhachalam Temple—Dr. K. Sundaram

Digitized by PPRACHIN, SOA

ରାଜଧାନୀ ନନ୍ଦପୁରରେ, ବହୁ ଅର୍ଥ ବ୍ୟୟରେ ମଦେଶ୍ୱର ଶିବଙ୍କର ମନ୍ଦିର ନିର୍ମାଣ କରିଥିଲେ । ସେ ଖ୍ରୀ ୧୪୭୬ରେ ଇହଲୀଳା ସମ୍ବରଣ କଲେ ।

ବିନାୟକ ଦେବଙ୍କ ପରେ ତାଙ୍କର ସୁଯୋଗ୍ୟ ପୁତ୍ର ବିଜୟ ଚନ୍ଦ୍ର ଦେବ (ଖ୍ରୀ. ୧୪୭୬ରୁ ୧୫୧୦ ପର୍ଯ୍ୟନ୍ତ) ୬୭ ବର୍ଷ ବୟସରେ ନନ୍ଦପୁର ସିଂହାସନରେ ଅଭିଷିକ୍ତ ହେଲେ । ଏଠାରେ ସ୍ମରଣ କରାଯାଇ ପାରେ ଯେ ସୂର୍ଯ୍ୟବଂଶୀ ଗଜପତି ରାଜା ପୁରୁଷୋତ୍ତମ ଦେବ ଖ୍ରୀ ୧୪୬୮ରେ ରାଜସିଂହାସନ ଆରୋହଣ କଲେ ମଧ୍ୟ ତାଙ୍କ ଜ୍ୟେଷ୍ଠ ଭ୍ରାତା ହମ୍ବିର ଦେବଙ୍କ ବିଦ୍ରୋହର ପରିଣତି ସ୍ୱରୂପ ନିଜ ରାଜ୍ୟ ଦୁଇ ଭାଗରେ ବିଭକ୍ତ ହୋଇଗଲା । ଖ୍ରୀ. ୧୪୭୬ ମସିହା ପର୍ଯ୍ୟନ୍ତ ରାଜ୍ୟର ଦକ୍ଷିଣ ଭାଗ ହମ୍ବିର ଦେବଙ୍କ ଶାସନରେ ଥିଲା । ସମ୍ଭବତଃ ଖ୍ରୀ. ୧୪୭୬ରେ ପୁରୁଷୋତ୍ତମ ଦେବ ଦାକ୍ଷିଣାତ୍ୟର ଶାସନଭାର ହାତକୁ ନେବା ସଙ୍ଗେ ସଙ୍ଗେ ତାଙ୍କର ସାମନ୍ତ ରାଜା ରୂପେ ବିଜୟ ଚନ୍ଦ୍ରଙ୍କୁ ନନ୍ଦପୁର ସିଂହାସନରେ ବସାଇଲେ । * ତା'ପରେ ପରେ କାଞ୍ଚିଅଭିଯାନ ବେଳେ ବିଜୟ ଚନ୍ଦ୍ର ସେନାପତି ରୂପେ ଲଢ଼ିଥିଲେ । ଏବଂ କାଞ୍ଚି ଅଭିଯାନରୁ ଫେରିବା ସମୟରେ ଦଉଡ଼ାଠାରୁ 'ସୁବର୍ଣ୍ଣ କନକ ଦୁର୍ଗା' ଏବଂ ପାଷାଣର ବଲ୍ଲଭ ନାରାୟଣ ମୂର୍ତ୍ତି ଆଣି ନନ୍ଦପୁର ରାଜ ନଅର ପରିସର ମଧ୍ୟରେ ପ୍ରତିଷ୍ଠା କରିଥିଲେ । ସେ ୭୧ ବର୍ଷ ବୟସରେ ଖ୍ରୀ ୧୫୧୦ରେ ସ୍ୱର୍ଗାରୋହଣ କଲେ ।

ବିଜୟ ଚନ୍ଦ୍ର ଦେବଙ୍କ ପୁତ୍ର ଭୈରବ ଦେବ ପିତାଙ୍କ ଅନ୍ତେ (ଖ୍ରୀ. ୧୫୧୦ରୁ ୧୫୨୭ ପର୍ଯ୍ୟନ୍ତ) ରାଜ୍ୟ ଶାସନ କରିଥିଲେ । ସେ ପ୍ରତାପରୁଦ୍ର ଦେବଙ୍କର ସାମନ୍ତ ରାଜା ଥିଲେ । ଧନୁର୍ବିଦ୍ୟାରେ ତାଙ୍କର ଅସାଧାରଣ ପାରଦର୍ଶିତା ଥିଲା । ନିଜ ରାଜ୍ୟର ବୋବିଲି ଗଡ଼ଠାରେ 'ଭୈରବ ସାଗର' † ନିର୍ମାଣ କରିଥିଲେ । ସେ ଖ୍ରୀ ୧୫୧୬ରେ କୋଣ୍ଡାପଲ୍ଲିଠାରେ ଯୁଦ୍ଧ କରୁଥିବା ସମୟରେ ବିଜୟନଗର କୃଷ୍ଣଦେବ ରାୟଙ୍କ ଦ୍ୱାରା ଆକ୍ରମଣର ଶୀକାର ହୋଇଥିଲେ । ତାଙ୍କର ୪୦ ବର୍ଷରେ ଖ୍ରୀ. ୧୫୨୭ରେ ମୃତ୍ୟୁ ହୋଇଥିଲା ।

ଭୈରବ ଦେବଙ୍କ ପରେ ତାଙ୍କ ପୁତ୍ର ବିଶ୍ୱନାଥ ଦେବ (ଖ୍ରୀ. ୧୫୨୭ରୁ ୧୫୭୧ ପର୍ଯ୍ୟନ୍ତ) ମାତ୍ର ୧୮ ବର୍ଷ ବୟସରେ ପୈତୃକ ରାଜ୍ୟରେ ଅଭିଷିକ୍ତ ହେଲେ । ସେ ପ୍ରତାପରୁଦ୍ରଙ୍କ ସାମନ୍ତ ରାଜା ଥିଲେ । ବିଜୟନଗରର କୃଷ୍ଣଦେବ ରାୟ ଓ ଗୋଲକୁଣ୍ଡା ସୁଲତାନଙ୍କ ଘନ ଘନ ଆକ୍ରମଣ ଫଳରେ ନିଜ ରାଜଧାନୀ ନନ୍ଦପୁରରୁ ରାୟଗଡାକୁ ସ୍ଥାନାନ୍ତରିତ କରି ସେଠାରେ ନାଗାବଳୀ ନଦୀ କୂଳରେ ଏକ ମନ୍ଦିର

* Simhachalam Temple—Dr. K. Sundaram P. 23-24.

† ଭୈରବ ସାଗର—ବର୍ତ୍ତମାନ ଆନ୍ଧ୍ର ପ୍ରଦେଶର ବବିଲି ତାଲୁକ ଶ୍ରୀକାକୁଲମ ଜିଲ୍ଲାରେ ଅବସ୍ଥିତ ।

Digitized by PPRACHIN, SOA

ଏବଂ ମଝି ଘରଅଣୀ ମନ୍ଦିର ନିର୍ମାଣ କରାଇଥିଲେ । ସେ ପ୍ରଥମେ ଶୈବ ଥିଲେ ମଧ୍ୟ ପରେ ଶ୍ରୀ ଚୈତନ୍ୟଙ୍କ ପ୍ରଭାବରେ ବୈଷ୍ଣବ ହୋଇଥିଲେ । ସେ ତାଙ୍କ ନାମରେ ବିଶ୍ୱନାଥପୁର ଶାସନ ପ୍ରତିଷ୍ଠା କରି ସେଠାରେ ଗୋପୀନାଥ ଓ ବ୍ରଜରାଣୀ ମୂର୍ତ୍ତି ସ୍ଥାପନ କରିଥିଲେ ।

ବିଶ୍ୱନାଥ ଦେବଙ୍କର ଏକଶତ ରାଣୀ ଥିଲେ । ତାଙ୍କର ଏକ କନ୍ୟା ପାଟଣାର ଚୌହାନ ରାଜା ହମୀର ଦେବଙ୍କୁ ବିବାହ କରିଥିଲେ । ଗଜପତି ରାଜା ପ୍ରତାପରୁଦ୍ର ଦେବଙ୍କ ମୃତ୍ୟୁ (ଖ୍ରୀ. ୧୫୪୦) ପରେ ସେ ନିଜକୁ ସ୍ୱାଧୀନ ଭାବରେ ନୂତନ ଗଜପତି ରୂପେ ଘୋଷଣା କଲେ । କିନ୍ତୁ ଭୋଇ ବଂଶର ରାଜା ଗୋବିନ୍ଦ ବିଦ୍ୟାଧରଙ୍କୁ ସାମନ୍ତ ରାଜା ବୋଲି ସ୍ୱୀକାର କରିଥିଲେ । ଖ୍ରୀ. ୧୫୭୧ରେ ୭୨ ବର୍ଷ ବୟସରେ ସେ ଇହଲୀଳା ସମ୍ବରଣ କଲେ ।

ବିଶ୍ୱନାଥ ଦେବଙ୍କ ପୁତ୍ର ବଳରାମ ଦେବ (ଖ୍ରୀ. ୧୫୭୧—୧୫୯୭) ୩୧ ବର୍ଷ ବୟସରେ ରାଜ ଗାଦିରେ ବସି ୨୭ ବର୍ଷ ରାଜତ୍ୱ କରିଥିଲେ । ସେ ଗୋଲକୋଣ୍ଡାର ସୁଲତାନ ରଫତ ଖାଁଙ୍କ ସହିତ ମିତ୍ରତା ସ୍ଥାପନ କରି ତାଙ୍କର କରଦ ରାଜା ରୂପେ ନିଜ ରାଜ୍ୟ ଶାସନ କଲେ । ଏହି ସମୟରେ ପାଟଣାର ବିଧବା ରାଜମାତା ଆସି ନନ୍ଦପୁର ରାଜ୍ୟରେ ଭାଇଙ୍କ ପାଖରେ ଆଶ୍ରୟ ନେଇଥିଲେ । ※ ସେ ୧୫୯୭ ଖ୍ରୀଷ୍ଟାବ୍ଦରେ ମୃତ୍ୟୁ ମୁଖରେ ପଡ଼ିଥିଲେ ।

ବଳରାମ ଦେବଙ୍କ ପରେ ତାଙ୍କ ପୁତ୍ର ଯଶୋବନ୍ତ ଦେବ (ଖ୍ରୀ. ୧୫୯୭-୧୬୧୦) ୧୬ ବର୍ଷ ବୟସରେ ସିଂହାସନ ଆରୋହଣ କରିଥିଲେ । ତାଙ୍କ ଅମଳରେ ଏକାଦିକ୍ରମେ ତିନିବର୍ଷ ଅନାବୃଷ୍ଟି ଯୋଗୁଁ ମରୁଡ଼ି ପଡ଼ିଥିଲା । ସେହି ଦାରୁଣ ଦୁର୍ଭିକ୍ଷ ଯୋଗୁଁ ରାଜ୍ୟରେ ବିଶେଷ ଭାବେ ଲୋକକ୍ଷୟ ଘଟିଥିଲା । ଖ୍ରୀ. ୧୬୦୫ରେ ଆକବରଙ୍କ ମୃତ୍ୟୁ ପରେ ସେ ଗୋଲକୁଣ୍ଡା ରାଜାଙ୍କ ସଙ୍ଗେ କାସିମକୋଟା ଠାରେ ଯୁଦ୍ଧ କରି ଖ୍ରୀ. ୧୬୧୦ରେ ରାଜ୍ୟ ହରାଇଲେ ।

ନେକ୍ନାମ ଖାଁଙ୍କର ସହାୟତାରେ କୃଷ୍ଣଚନ୍ଦ୍ର ଦେବ (ଖ୍ରୀ. ୧୬୧୦ରୁ ୧୬୪୮) ସିଂହାସନ ଆରୋହଣ କଲେ । ପାଟଣାର ରାଜା ପ୍ରତାପରୁଦ୍ର ଦେବ (ଖ୍ରୀ ୧୬୦୦-୧୬୨୦)ଙ୍କ ପୁତ୍ର ଗୋପାଳ ରାଏ ଭ୍ରାତୃବିବାଦ କାରଣରୁ ପାଟଣା ରାଜ୍ୟ ତ୍ୟାଗକରି ନନ୍ଦପୁର ରାଜ୍ୟକୁ ଆସି ସେନାପତି ରୂପେ ନିଯୁକ୍ତ ହୋଇଥିଲେ । ମୃତ୍ୟୁ ପୂର୍ବରୁ ଭାଗ ସ୍ୱରୂପ ଲାଭ କରିଥିବା ପିତାଙ୍କ ପ୍ରଦତ୍ତ ଖଡ଼ିଆଳର ତିନିଗୋଟି ଗଡ଼ରେ (ଖୋଲଗଡ଼, ଗୁଡ଼ାଗଡ଼, କୁମୁନାଗଡ଼) ସେ ରାଜପଣ କଲେ । † କୁମୁନାଗଡ଼କୁ ରାଜଧାନୀ କରି

※ Orissa District Gazetteers—Bolangir.

† ଖଡ଼ିଆଳର ଇତିହାସ — ଶ୍ରୀମତୀ ରାଜଶ୍ରୀ ଦେବୀ, ଯୁବରାଣୀ ସାହେବା, ଖଡ଼ିଆଳ, କଳାହାଣ୍ଡି ।

Digitized by PPRACHIN, SOA

ସେ ଖଡ଼ିଆଳ ରାଜ୍ୟ ଶାସନ କଲେ । ନନ୍ଦପୁର ରାଜା କୃଷ୍ଣଚନ୍ଦ୍ର ଦେବଙ୍କ କନ୍ୟାଙ୍କୁ ବିବାହ କରିବା ପରେ ନନ୍ଦପୁର ରାଜ୍ୟରେ ମିଶି ରହିଥିବା ଖଡ଼ିଆଳ ରାଜ୍ୟର ଅବଶିଷ୍ଟ ଅଂଶ ତାଙ୍କୁ ଯୌତୁକ ସ୍ୱରୂପ ମିଳିଥିଲା ।

କୃଷ୍ଣଚନ୍ଦ୍ର ଦେବଙ୍କର ପୁତ୍ର ନଥିବାରୁ ଯଶୋବନ୍ତ ଦେବଙ୍କ ପୁତ୍ର ବୀର ବିକ୍ରମ ଦେବ (୧୬୪୮ରୁ ୧୬୬୯) ରାଜ୍ୟ ଶାସନ କରିଥିଲେ । ସେ ଖ୍ରୀ. ୧୬୫୦ରେ ନିଜର ରାଜଧାନୀ ନନ୍ଦପୁରରୁ ଉଠାଇ ଆଣି, 'ଜୟପୁର' ଠାରେ ସ୍ଥାପନ କଲେ । ଜ୍ୟୋତିଷଙ୍କ ଗଣନା ଅନୁସାରେ କ୍ଷତ୍ରିୟଙ୍କ ପାଇଁ ଜୟପୁର ଅନୁକୂଳ । ଏଣିକି ରାଜ୍ୟର ନାମ ନନ୍ଦପୁର ପରିବର୍ତ୍ତେ ଜୟପୁର ହେଲା ।

ହାଇଦ୍ରାବାଦ ନିଜାମ ତାଙ୍କୁ ବୀର ବିକ୍ରମ ଦେବ ଉପାଧିରେ ଭୂଷିତ କରି ଏକ ତାମ୍ର ଫଳକ ଏବଂ ଛତ୍ରୁଆଳ ଉପହାର ସ୍ୱରୂପ ପ୍ରଦାନ କରିଥିଲେ ।

ବୀର ବିକ୍ରମ ଦେବଙ୍କ ପୁତ୍ର କୃଷ୍ଣଚନ୍ଦ୍ର ଦେବ (ଖ୍ରୀ ୧୬୬୯ରୁ ୧୬୭୨) ୩୯ ବର୍ଷ ବୟସରେ ସିଂହାସନ ଆରୋହଣ କରିଥିଲେ । ତାଙ୍କ ସମୟରେ ବୋବିଲି, ଦେଉପଲ୍ଲୀ, ରେକାପଲ୍ଲୀ, ମରୁଆ ମୁଠା ଓ କଟଙ୍ଗୀ ମୁଠା ଠାରେ ଜମିଦାରମାନେ ସ୍ଥାପିତ ହେଲେ । ସେ ଜୟପୁର ବାହାରେ ରାଜ୍ୟ ଜୟକରି ରାଜ୍ୟ ବୃଦ୍ଧି କରିଥିଲେ । ସେ ବେଳର୍ଯ୍ୟାଡ଼ାରୁ ବିଜ୍ୟ ହଟାଇଥିବା ପଶ୍ଚପନ୍ତ ପରିବାରଙ୍କୁ ନିଜସ୍ୱ ନଗର ଅଞ୍ଚଳରେ ବସବାସ କରାଇଥିଲେ । ତାଙ୍କୁ କମୁଲି ଓ ଗୁଣ୍ଡୁରେଜ ମୋକ୍ଷ ରୂପେ ଦାନ କରିଥିଲେ । ସେ ମାତ୍ର ତିନିବର୍ଷ ରାଜତ୍ୱ କରି ୧୬୭୨ରେ ଇହଲୀଳା ସମ୍ବରଣ କଲେ ।

ତାଙ୍କ ପୁତ୍ର ବିଶ୍ୱମ୍ଭର ଦେବ-୧ମ (ଖ୍ରୀ. ୧୬୭୨ରୁ ୧୬୭୬) ୨୪ ବର୍ଷ ବୟସରେ ରାଜ ସିଂହାସନ ଅଳଙ୍କୃତ କରିଥିଲେ । ସେ ମାତ୍ର ୪ ବର୍ଷ ରାଜତ୍ୱ କରି ଅଧିକାଂଶ ରାଜାମାନଙ୍କୁ ତାଙ୍କ ଅଧୀନସ୍ଥ କରି ପାରିଥିଲେ । ପେଦାପେଦମ୍, ରାମଭଦ୍ରପୁର, ମାକୁଆ ତାଲୁକା, ଛତ୍ରପୁର, କୁରୁପାମ, ମେରଙ୍ଗି, ପାଲେମୁଠା, ପାଲକୋଣ୍ଡା, ବୀରକୋଟ, ସାଉଁରପେଣ୍ଡା, ପୋରାମ୍ବୁ, ରେଙ୍ଗବାଲସା, ଅଣ୍ଡ୍ରାମୁଠା, କୋଡ଼ୁରୁ ତାଲୁକା, ଶମ୍ବାମୁକଣ୍ଡାପଲ୍ଲୀ, କଳାହାଣ୍ଡି, ନୂଆଗଡ଼ ଓ ଖଡ଼ିଆଳ ପ୍ରଭୃତିର ଜମିଦାରମାନେ ତାଙ୍କର ଅଧୀନସ୍ଥ ହେଲେ । ଚିକାକୋଲ ନବାବ ତାଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ । ତାଙ୍କୁ ଓଡ଼ିଆମାନେ ସମ୍ବର ଦେଓ (Sumbar Dus) ଆଖ୍ୟା ଦେଇଥିଲେ । ବର୍ତ୍ତମାନର ଅନ୍ଧ୍ର ପ୍ରଦେଶର ଶ୍ରୀକାକୁଲମ୍ ଜିଲ୍ଲା ଏବଂ ବିଶାଖାପାଟଣା ଜିଲ୍ଲା ତାଙ୍କର କରଗତ ହୋଇଥିଲା । ତାଙ୍କୁ ସାମନ୍ତବାଦର ଜନକ (Father of Feudal system) ରୂପେ ନାମିତ କରାଯାଏ ।

Digitized by PPRACHIN, SOA

ତାଙ୍କର ଦେହାନ୍ତ ପରେ କ୍ରମାନ୍ୱୟରେ ଅନ୍ୟ ତିନିରାଜା, ଯଥା: ମଲ୍ଲିକ ମର୍ଦ୍ଦନ କୃଷ୍ଣଦେବ (ଖ୍ରୀ ୧୬୭୬-୧୬୮୧), ହରିଦେବ (ଖ୍ରୀ ୧୬୮୧-୧୬୮୪) ଏବଂ ବଳରାମ ଦେବ (୨ୟ) (ଖ୍ରୀ ୧୬୮୪ ୧୬୮୬) ରାଜତ୍ୱ କରିଥିଲେ। ମଲ୍ଲିକମର୍ଦ୍ଦନ କୃଷ୍ଣଦେବଙ୍କ ସମୟରେ ଫରାସୀମାନଙ୍କୁ ଯୁଦ୍ଧରେ ପରାସ୍ତ କରି ୧୪ଟି ଦେଶୀ କମାଣ ଜବତ କରିଥିଲେ। ଏହା ଜୟପୁର ରାଜପ୍ରାସାଦରେ ଅଦ୍ୟାବଧି ବିଦ୍ୟମାନ। ଅନ୍ୟ ରାଜା-ମାନଙ୍କ ସମୟରେ ବିଶେଷ ଘଟଣା କିଛି ନାହିଁ।

ରାଜାମାନେ ଅପୁତ୍ରିକ ଥିବାରୁ ବଳରାମ ଦେବ ୨ୟ ଗୁଣୁପୁରରୁ ପିତାଙ୍କର ଭ୍ରାତୃପୌତ୍ର ରଘୁନାଥ କୃଷ୍ଣ ଦେବଙ୍କୁ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିଥିଲେ। ରଘୁନାଥ କୃଷ୍ଣ ଦେବ (ଖ୍ରୀ. ୧୬୮୬-୧୭୦୮) ୧୬ ବର୍ଷ ବୟସରେ ସିଂହାସନ ଆରୋହଣ କଲେ। ତାଙ୍କୁ ସାନକୃଷ୍ଣ ବୋଲି କୁହା ଯାଉଥିଲା। ସେ ଥିଲେ ଜଣେ ଶକ୍ତିଶାଳୀ ରଜା। ବିଷ୍ଣୁକଟକ ଓ ମେରଙ୍ଗର ରାଜାଦ୍ୱୟ ଜୟପୁର ରାଜାଙ୍କ ଅଧୀନରେ ଜମିଦାର ଭାବେ ରହିଲେ। ସେ ଖ୍ରୀ. ୧୭୦୮ରେ ଇହଲୀଳା ସମ୍ବରଣ କଲେ।

ରଘୁନାଥ କୃଷ୍ଣ ଦେବଙ୍କ ପରେ ତାଙ୍କ ପୁତ୍ର ରାମଚନ୍ଦ୍ର ଦେବ-୧ମ (ଖ୍ରୀ. ୧୭୦୮ରୁ ୧୭୧୧) ସିଂହାସନ ଆରୋହଣ କଲେ। ସେ ମାଢଂବାଲସାକୁ ଜମିଦାରୀର ମାନ୍ୟତା ଦେଲେ। ସନ୍ଦୀହାନ ବ୍ୟକ୍ତିତ୍ୱ ସମ୍ପନ୍ନ ବିଜୟରାମ ରାଜୁଙ୍କୁ ଦେୱାନ ରୂପେ ନିଯୁକ୍ତ ଦେଇ ସେ ଏକ ମହାବଡ଼ ଭୁଲ କରି ବସିଲେ। ସେ ଉପକୂଳ ଅଞ୍ଚଳର ଜମିଦାରମାନଙ୍କ ସଙ୍ଗେ ମିଶି ନନ୍ଦପୁରର ଅନେକ ଅଞ୍ଚଳ ଜବରଦଖଲ କରିଥିଲେ। ତାଙ୍କ ଭାଇ ବଳରାମ ଦେବ ନାରାୟଣପୁର ପାଟଣାରେ ତାଙ୍କ ସହ ଯୁଦ୍ଧ କଲେ। ମାତ୍ର ୩ ବର୍ଷ ଶାସନ କରିବା ପରେ ତାଙ୍କର ମୃତ୍ୟୁ ହୋଇଥିଲା।

ବଳରାମ ଦେବ-୩ୟ (ଖ୍ରୀ ୧୭୧୧-୧୭୧୨) ଭାଇଙ୍କ ମୃତ୍ୟୁ ପରେ ରାଜ୍ୟଭାର ଗ୍ରହଣ କଲେ। ବିଧିର ବିଡ଼ମ୍ବନା, ମାତ୍ର ଦୁଇବର୍ଷ ରାଜତ୍ୱ ପରେ ତାଙ୍କର ୨୪ ବର୍ଷ ବୟସରେ ମୃତ୍ୟୁ ହେଲା। ତାଙ୍କ ସମୟରେ କଳାହାଣ୍ଡି, ଖଡ଼ିଆଳ ଓ ନୂଆଗଡ଼ର ଜମିଦାରମାନେ ସ୍ୱତନ୍ତ୍ର ହେଲେ।

ବଳରାମ ଦେବଙ୍କ ପରେ ତାଙ୍କ ଭାଇ ବିଶ୍ୱମ୍ଭର ଦେବ-୨ୟ (୧୭୧୨ରୁ ୧୭୫୨) ସିଂହାସନ ଆରୋହଣ କଲେ। ସେ ବହୁ ବିବାହ କରିଥିଲେ। ବୈଷ୍ଣବ ଧର୍ମ ପ୍ରତି ସେ ଆକୃଷ୍ଟ ହୋଇଥିଲେ। ସେ ମଧ୍ୟ ଥିଲେ ଭଗବତୀଙ୍କର ନିଷ୍ଠାପର ଉପାସକ। ସେ ଉଗ୍ରତାରା ସନ୍ତ ଆଶ୍ରୟରେ ସାନ କନକଦୁର୍ଗାଙ୍କୁ ପ୍ରତିଷ୍ଠା କରିଥିଲେ। ମରହଟ୍ଟା ଏବଂ ମୁସଲମାନଙ୍କ ଘନ ଘନ ଆକ୍ରମଣ ଯୋଗୁଁ ସେ ଖ୍ରୀ. ୧୭୧୨ରେ ନିଜ ରାଜଧାନୀକୁ ଜୟପୁରରୁ ନାରାୟଣପାଟଣାକୁ ସ୍ଥାନାନ୍ତରିତ କରିଥିଲେ। ମରହଟ୍ଟା-ମାନଙ୍କ ଆକ୍ରମଣ ଦମନରେ ରଜା ବିଶ୍ୱମ୍ଭର ଦେବ ହାଇଦ୍ରାବାଦ ନିଜାମ

Digitized by PPRACHIN, SOA

ଆମ୍‌ସଂଜାହାନ୍‌ଙ୍କୁ ସାହାଯ୍ୟ କରିଥିବାରୁ ସେ ତାଙ୍କୁ 'ଝାଡ଼ଖଣ୍ଡ ବାଦଶାହ' ଉପାଧି ପ୍ରଦାନ କଲେ । ※ ତାଙ୍କ ସମୟରେ ଝଞ୍ଜାବତୀ ନଦୀ ଉପରେ ଏକ ବୃହତ୍ ପୋଲ ନିର୍ମିତ ହୋଇଥିଲା । ସେ ୩୯ ବର୍ଷ ରାଜତ୍ୱ କରି ଖ୍ରୀ. ୧୬୫୨ରେ ମୃତ୍ୟୁ ମୁଖରେ ପଡ଼ିଥିଲେ । ତାଙ୍କର ଅନେକ ରାଣୀ ଚିତାଗ୍ନିରେ ଝାସ ଦେଇ ସତୀ ହୋଇଥିଲେ । ପୁରୁଣା ଗଡ଼ ମଧ୍ୟରେ ଅବସ୍ଥିତ ସ୍ଥାନଟିକୁ ସତୀ ଗର୍ଭ ବା ସତୀ ତୀର୍ଥ ବୋଲି କୁହାଯାଏ ।

ଦ୍ୱିତୀୟ ବିଶ୍ୱମ୍ଭର ଦେବଙ୍କ ପରେ ତାଙ୍କ ବୈମାତ୍ରେୟ ଭାଇ ଲଲକୃଷ୍ଣ ଦେବ (ଖ୍ରୀ. ୧୬୫୨ରୁ ୧୬୫୮) ୪୭ ବର୍ଷ ବୟସରେ ସିଂହାସନ ଆରୋହଣ କଲେ । କଲ୍ୟାଣସିଂହପୁରରେ ରହି ଛଅ ବର୍ଷ ରାଜତ୍ୱ କଲେ । ସେ ନିଜ ନାମ ଅନୁସାରେ ଚପ୍ରେ-ପଲ୍ଲୀ ଇଲାକା ଗୁଡ଼ଲଡ଼ା ଶାସନରେ ଲାଲ-ତେରୁଗୁ ନାମକ ବିଖ୍ୟାତ ପୁଷ୍କରଣୀ ଖୋଳାଇଲେ । ତାଙ୍କ ସାନଭାଇ ବିକ୍ରମ ବିଜୟନଗରର ରାଜା ବିଜୟରାମ ରାଜୁଙ୍କ ସହାୟତାରେ ତାଙ୍କୁ ଗାଦିଚ୍ୟୁତ କରିଥିଲେ । ସାହାଯ୍ୟର ପ୍ରତିଦାନ ସ୍ୱରୂପ ମାଡ଼ଗୁଲ ଓ ସାଲୁରର କେତେକ ଅଂଶ ବିଜୟରାମ ରାଜୁଙ୍କୁ ଦେଇଥିଲେ ।

ପ୍ରଥମ ବିକ୍ରମ ଦେବ (ଖ୍ରୀ. ୧୬୫୮ରୁ ୧୬୮୧) ଭାଇଙ୍କ ମୃତ୍ୟୁ ପରେ ସିଂହାସନ ଅଳଂକୃତ କରିଥିଲେ । ସେ କଳାହାଣ୍ଡି ରାଜା ତୃତୀୟ ରାଇସିଂହ ଦେଓଙ୍କ ଭଉଣୀଙ୍କୁ ବିବାହ କରିଥିଲେ । ତାଙ୍କର ରାଜଧାନୀକୁ ଖ୍ରୀ. ୧୬୫୮ରେ ସେ ନାରାୟଣ ପାଟଣାରୁ ଜୟପୁରକୁ ଉଠାଇ ଆଣିଥିଲେ । ବିଜୟରାମ ରାଜୁ ମାଡ଼ଗୁଲ ଓ ସାଲୁର ବିକ୍ରମ ଦେବଙ୍କୁ ଫେରାଇ ନେଇଥିଲେ । ସେଥିପାଇଁ ତାଙ୍କୁ ୪୦ ହଜାର ଟଙ୍କା ଦେବାକୁ ପଡ଼ିଥିଲା । ପ୍ରଥମ ବିକ୍ରମ ଦେବଙ୍କ ସମୟରେ ଫରାସୀ ଯୁଦ୍ଧ ଓ ମରହଟ୍ଟା ସମର ଉଲ୍ଲେଖଯୋଗ୍ୟ ଘଟଣା । ଜଗନ୍ନାଥ ପାତ୍ର ତାଙ୍କର ସୁଦକ୍ଷ ମନ୍ତ୍ରୀ ଥିଲେ । ତାଙ୍କ ନାମରେ ଜଗନ୍ନାଥପୁର ଶାସନ ପ୍ରତିଷ୍ଠା ହୋଇଥିଲା । ମୁରୁଜଙ୍ଗ ଗ୍ରାମର ଅନେକ ପ୍ରଜାଙ୍କୁ ଶାଢ଼ୀ ଦାନ ଦେଇଥିଲେ । ଖ୍ରୀ. ୧୭୬୫ରେ ଇଂରେଜମାନେ ଦିଲ୍ଲୀର ମୋଗଲମାନଙ୍କଠାରୁ ସମସ୍ତ ଅଧିକାର ପାଇଲେ । ସେହି ଦିନଠାରୁ ଦେଶର ଜମାବନ୍ଦୀ ନବାବଙ୍କ ପରିବର୍ତ୍ତେ ବ୍ରିଟିଶମାନଙ୍କୁ ହାଆଗଲା । ଖ୍ରୀ. ୧୭୬୯ରେ ଇଷ୍ଟ ଇଣ୍ଡିଆ କମ୍ପାନୀ ବିଶାଖାପାଟଣା ବନ୍ଦରକୁ ଜିଲ୍ଲାର ମାନ୍ୟତା ଦେଇଥିଲେ । ଖ୍ରୀ. ୧୭୭୫ରେ ବ୍ରିଟିସ ସୈନ୍ୟମାନେ ଜୟପୁରକୁ ଅଧିକାର କଲେ ।

※ (୧) 'ଝାଡ଼ଖଣ୍ଡ ବାଦଶା' ଉପାଧି ବଂଶାନୁକ୍ରମେ ପରବର୍ତ୍ତୀ ରାଜାମାନେ ବ୍ୟବହାର କରୁଥିଲେ ।

(୨) ଝାଡ଼ଖଣ୍ଡ ଓ କିଶୋର ଚନ୍ଦ୍ରାନନ୍ଦ ଚମ୍ପୁର ଝାଡ଼ଖଣ୍ଡ — ଶ୍ରୀ ଉଦୟ-ନାରାୟଣ ପାଢ଼ୀ—କୋଣାର୍କ — ୬୩ତମ ସଂଖ୍ୟା-୧୯୮୭-ପୃ ୨୧ ।

Digitized by PPRACHIN, SOA

ପ୍ରଥମ ବିକ୍ରମ ଦେବଙ୍କ ସମୟରେ ଏକ ବିଶେଷ ଘଟଣା ହେଲା ବସ୍ତର ରାଜ୍ୟର କୋଟପାଡ଼ ପରଗଣା ଖ୍ରୀ. ୧୭୭୮ରେ ଜୟପୁର ରାଜ୍ୟ ସଙ୍ଗେ ମିଶ୍ରଣ । ଖ୍ରୀ. ୧୭୭୭-୭୮ରେ ବସ୍ତର ରାଜା ଦରିୟାଓ ସିଂହ ଦେବ ଏବଂ ତାଙ୍କ ଭାଇ ଦଳଗଞ୍ଜନ ସିଂହ ଲାଲଙ୍କ ମଧ୍ୟରେ ମନାନ୍ତର ହେଲା । ସେ ରାଜ୍ୟରେ ପ୍ରଜାମାନଙ୍କୁ ମେଳି କରି ବିଦ୍ରୋହ କରିବାରୁ ଦରିଦେୟାଲ ସିଂହଦେବ ପ୍ରଥମ ବିକ୍ରମଦେବଙ୍କ ସାହାଯ୍ୟପ୍ରାର୍ଥୀ ହେଲେ । ତେଣୁ ଜୟପୁର ରାଜା ବସ୍ତରର ବିଦ୍ରୋହ ଦମନ କରି ଦରିଦୟାଲ ସିଂହଦେବଙ୍କୁ ରାଜ୍ୟରେ ପ୍ରତିଷ୍ଠିତ କରିଥିଲେ । ବନ୍ଧୁ ପ୍ରୀତିର ନିଦର୍ଶନ ସ୍ୱରୂପ କୋଟପାଡ଼ ପରଗଣା ବିକ୍ରମ ଦେବଙ୍କୁ ପ୍ରଦାନ କରାଗଲା ।

ସେହି ସମୟରେ ବସ୍ତରର ବିରାଟ ପତାକା ଜୟପୁରର କନକଦୁର୍ଗାଙ୍କ ବିଜେ ପ୍ରତିମାଙ୍କର ସମ୍ମୁଖରେ ଆଡ଼ମ୍ବର ସହକାରେ ଆଗେ ଆଗେ ଗଲେ । ସେହି ପତାକା ଦଶହରା ଉତ୍ସବକୁ ଯିବା ସମୟରେ ଜୟପୁରର ଗୁରିଖଣ୍ଡ ଗ୍ରାମର ଲୋକେ ତାକୁ ଜଗାରଖା କରିବା ନିମିତ୍ତ ଜାୟଗିର (ଜାଗିର) ଭୋଗ କରନ୍ତି । କୋଟପାଡ଼ ପାଞ୍ଚଗୋଟି ଦୁର୍ଗର ସମଷ୍ଟି । ସେଗୁଡ଼ିକ ହେଲା — କୋଟପାଡ଼, ଚୁରୁଚୁଲା, ପତ୍ରଗଡ଼, ଡମରକୋଟ ଏବଂ ରାମଗଡ଼ । ବର୍ତ୍ତମାନ ଦୁର୍ଗଗୁଡ଼ିକର ଭଗ୍ନାବଶେଷ ରହିଛି ।

ବିକ୍ରମ ଦେବ (୧ମ)ଙ୍କ ପୁତ୍ର ଦ୍ୱିତୀୟ ରାମଚନ୍ଦ୍ର ଦେବ (ଖ୍ରୀ. ୧୭୮୧ରୁ ୧୮୨୫) ଖ୍ରୀ. ୧୭୮୧ରେ ସିଂହାସନ ଆରୋହଣ କରିଥିଲେ ମଧ୍ୟ ଖ୍ରୀ. ୧୭୭୯ରୁ ପିତାଙ୍କ ଆଦେଶ ଅନୁସାରେ ରାଜକାର୍ଯ୍ୟ ପରିଚାଳନା କରୁଥିଲେ । ସେ ନାଗପୁର ରାଜାଙ୍କ ଠାରୁ ଅନେକ ହସ୍ତୀ ପୁରସ୍କାର ପାଇଥିଲେ । ତାଙ୍କର ପୁରୁଖା ମନ୍ତ୍ରୀଙ୍କ ନାମରେ 'ଜଗନ୍ନାଥ ସାଗର' ଖୋଳାଇଲେ । ଏବଂ ମନ୍ତ୍ରୀଙ୍କ ଭାଇ ନୀଳକଣ୍ଠ ପାତ୍ରଙ୍କ ତତ୍ତ୍ୱାବଧାନରେ ଖୋଳା ଯାଇଥିବା ପୁଷ୍କରିଣୀକୁ 'ନୀଳକଣ୍ଠ ସାଗର' ନାମରେ ନାମିତ କରିଥିଲେ । ଜଗନ୍ନାଥ ସାଗର ଉତ୍ତର ପଶ୍ଚିମରେ 'ମେଘମାଳ ତୋଟା' ଏବଂ ଅନ୍ୟ ଗୋଟିଏ 'ଅନ୍ଧାର ତୋଟା' ନାମରେ ଦୁଇଟି ଆମ୍ବତୋଟା ଲଗାଇଥିଲେ । ଦ୍ୱିତୀୟ ରାମଚନ୍ଦ୍ର ନାରାୟଣପାଟଣାରୁ ବଲ୍ଲଭ ନାରାୟଣ ଏବଂ ନନ୍ଦପୁରରୁ ବଡ଼ କନକ ଦୁର୍ଗାଙ୍କୁ ଆଣି ଜୟପୁର ଦୁର୍ଗରେ ପ୍ରତିଷ୍ଠା କରାଇଲେ । ଖ୍ରୀ. ୧୭୯୪ରେ ଇଷ୍ଟ ଇଣ୍ଡିଆ କମ୍ପାନୀ ସହିତ ବିଜୟ ନଗର ରାଜା ଚିନା ବିଜୟ ରାଜୁଙ୍କର * ଯୁଦ୍ଧ ହୋଇଥିଲା । ସେଥିରେ ବିଜୟନଗର ରାଜା ନିହତ ହୋଇଥିଲେ । ଦ୍ୱିତୀୟ ରାମଚନ୍ଦ୍ର ଦେବ ବିଜୟନଗର ରାଜାଙ୍କୁ ଏହି ଯୁଦ୍ଧରେ ସାହାଯ୍ୟ କରି ନଥିବାରୁ ପୁରସ୍କାର ସ୍ୱରୂପ ଖ୍ରୀ. ୧୮୦୩ରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଜୟପୁର ରାଜାଙ୍କୁ ବାର୍ଷିକ ୨୫ ହଜାର ଟଙ୍କା ରାଜସ୍ୱରେ ଚିରସ୍ଥାୟୀ ସନନ୍ଦ ଦେଲେ ।

* ଚିନା ବିଜୟ ରାଜୁ — Simh chala Temple-P.

Digitized by PPRACHIN, SOA

ରାମଚନ୍ଦ୍ର ଦେବ ୪୭ ବର୍ଷ ରାଜତ୍ୱ କରି ଖ୍ରୀ. ୧୮୨୫ରେ ଇହଲୀଳା ସାଙ୍ଗ କଲେ । ତାଙ୍କର ତୃତୀୟ ରାଣୀ ତାଙ୍କୁ ଅନୁଗମନ କରି ସତୀ ହୋଇଥିଲେ ।

ରାମଚନ୍ଦ୍ର (୨ୟ)ଙ୍କ ପୁତ୍ର ତୃତୀୟ ବିକ୍ରମ ଦେବ (ଖ୍ରୀ. ୧୮୨୫ରୁ ୧୮୬୦) ସିଂହାସନ ଆରୋହଣ କଲେ । ତାଙ୍କ ସମୟରେ ଗୁପ୍ତେଶ୍ୱର ଗୁମ୍ଫାର ଦ୍ୱାର ବୃହଦାକାର କରା ଯାଇଥିଲା । ସେ ଜୟପୁରରେ ବୈଷ୍ଣବ ଧର୍ମ ପ୍ରଚାରକ ଚୈତନ୍ୟ ଦେବଙ୍କ ମୂର୍ତ୍ତି ପ୍ରତିଷ୍ଠା କରିଥିଲେ । ଜାମୁମୁଣ୍ଡା ଗ୍ରାମରୁ ଶ୍ରୀ ଭଗବତୀ ଦେବୀଙ୍କ ମୂର୍ତ୍ତି ଆଣି ଜୟପୁରରେ ସ୍ଥାପନ କରିଥିଲେ । ଦ୍ୱିତୀୟ ବିକ୍ରମ ଦେବ ଏକ ପଶୁଶାଳାରେ ହାତୀ, ଘୋଡ଼ା, ଗଣ୍ଡା, ଗୟଳ ପ୍ରଭୃତି ବିଭିନ୍ନ ପଶୁ ପକ୍ଷୀ ପୋଷିଥିଲେ । ଚନ୍ଦନ ଯାତ୍ରା ଓ ଦୋଳ ଯାତ୍ରା ଅତି ଆଡ଼ମ୍ବର ସହକାରେ ପାଳନ କରା ଯାଉଥିଲା । ବିକ୍ରମ ଦେବଙ୍କର ଦୁଇ ପୁତ୍ର, ରାମଚନ୍ଦ୍ର ଓ କୃଷ୍ଣଚନ୍ଦ୍ର । ସେ ୩୫ ବର୍ଷ ରାଜତ୍ୱ କରି ଖ୍ରୀ. ୧୮୬୦ରେ ଦେହତ୍ୟାଗ କଲେ ।

ତୃତୀୟ ରାମଚନ୍ଦ୍ର ଦେବ (୧୮୬୦-୧୮୮୯) ସିଂହାସନ ଆରୋହଣ କରିଥିଲେ । ତାଙ୍କ ସମୟରେ ମାଲକାନଗିରି ଇଲାକାର 'ରମ୍ପା' ନାମକ ସ୍ଥାନରେ ଗୋଟିଏ ଯୁଦ୍ଧ ହୋଇଥିଲା । ସେଥିପାଇଁ ସରକାରଙ୍କ ଠାରୁ ମେଡାଲ ଏବଂ କେତେକ ପୁରସ୍କାର ପାଇଥିଲେ । ଧର୍ମପରାୟଣ ରାଜା — ଗୟା, ପ୍ରୟାଗ, କାଶୀ, ମଥୁରା, ବୃନ୍ଦାବନ ପ୍ରଭୃତି ତୀର୍ଥାଟନ କରି ବହୁ ଦାନଧର୍ମ କରିଥିଲେ । ତାଙ୍କ ସମୟରେ କେତେକ ବିଶିଷ୍ଟ ପଣ୍ଡିତ, ଗଣ୍ୟମାନ୍ୟ ବ୍ୟକ୍ତି ଓ ଅନେକ ମୁସଲମାନ ଆସି ଜୟପୁରରେ ବସବାସ କରିଥିଲେ ।

କନିଷ୍ଠ ପୁତ୍ର କୃଷ୍ଣଚନ୍ଦ୍ର ଦେବଙ୍କ ବିଷୟରେ ପୂର୍ବରୁ ଆଲୋଚନା କରାଯାଇଛି । ସେ ଖ୍ରୀ. ୧୮୬୭ ବେଳକୁ ଶ୍ରୀକୂର୍ମ କ୍ଷେତ୍ରରେ ଥିବା କଥା ସେଠାକାର ଏକ ଶିଳାଲେଖରୁ ଜଣାଯାଏ । ସେହି ଶିଳା ଲିପିରେ ଲେଖାଅଛି —

"୧୭୮୮ ଶାଳୀବାହନ ଶକ ସମ୍ବତ୍ସରେ କ୍ରୋଧନ ନାମ ସମ୍ବତ୍ସର ଆଶ୍ୱିନ ଶୁକ୍ଳ ପୌର୍ଣ୍ଣମୀ ବୁଧବାରେ ସ୍ୱର୍ଗୀୟ ଜୟପୁର ଜମିଦାର ବିକ୍ରମ ଦେବଙ୍କ ଦ୍ୱିତୀୟ ପୁତ୍ର ଶ୍ରୀ କୃଷ୍ଣଚନ୍ଦ୍ର ଦେବ ମହାରାଜ ଶ୍ରୀ ଶ୍ରୀ କୂର୍ମନାଥ ଦେବ ଶ୍ରୀଚରଣ ସନ୍ନିଧାନରେ ଉପସ୍ଥିତ ପୂର୍ବକ ସେବା କରୁଅଛନ୍ତି ।"

ତୃତୀୟ ରାମଚନ୍ଦ୍ର ଦେବଙ୍କ ଦେହାନ୍ତ ବେଳକୁ ତାଙ୍କର ପୁତ୍ର ନାବାଳକ ଥିଲେ । ତେଣୁ ରାଜ୍ୟ ଖ୍ରୀ. ୧୮୮୯ରୁ ୧୮୯୫ ପର୍ଯ୍ୟନ୍ତ କୋର୍ଟ ଅଫ୍ ୱାର୍ଡସ୍ ଅଧୀନରେ ରହିଥିଲା ।

Digitized by PPRACHIN, SOA

ତୃତୀୟ ବିକ୍ରମ ଦେବ (ଖ୍ରୀ. ୧୮୮୯ରୁ ୧୯୨୦) ସାବାଳକ ହେବା ପରେ ଖ୍ରୀ. ୧୮୯୫ରେ ୨୧ ବର୍ଷ ବୟସରେ ରାଜ୍ୟଭାର ଗ୍ରହଣ କଲେ । ତାଙ୍କ ସମୟରେ ସାଲୁରରୁ ଜୟପୁର ରାସ୍ତା ନିର୍ମିତ ହୋଇଥିଲା । ସେ ମାଡ଼ଗୁଲର ଅର୍ଦ୍ଧେକ ବିକ୍ରି ଖର୍ଦ୍ଦି ସୂତ୍ରେ ଖ୍ରୀ. ୧୯୧୦ରେ ଲାଭ କରିଥିଲେ । ତାଙ୍କ ସମୟରେ ଜୟପୁରର ସୂର୍ଯ୍ୟମହଲ ନିର୍ମିତ ହୋଇଥିଲା । ତାଙ୍କ ଦ୍ୱାରା ଇନ୍ଦ୍ରାବତୀ ନଦୀ ଉପରେ ପୋଲ ନିର୍ମିତ ହୋଇଥିଲା । ବ୍ରିଟିଶ ସରକାର ତାଙ୍କୁ K. C. I. E. ଉପାଧିରେ ଭୂଷିତ କରିଥିଲେ ।

ତୃତୀୟ ବିକ୍ରମ ଦେବଙ୍କ ପରେ ତାଙ୍କ ପୁତ୍ର ଚତୁର୍ଥ ରାମଚନ୍ଦ୍ର ଦେବ (ଖ୍ରୀ. ୧୯୨୦ରୁ ୧୯୩୧) ସିଂହାସନ ଆରୋହଣ କଲେ । ସେ ଏକାଧିକ ଥର ଭାରତର ଅନେକ ତୀର୍ଥ ଭ୍ରମଣ କରିଥିଲେ । ଶେଷଥର ପବିତ୍ର ଗଙ୍ଗା-ଯମୁନାର ସଙ୍ଗମ ତୀର୍ଥ ପ୍ରୟାଗ ଧାମରେ ଖ୍ରୀ. ୧୯୩୧ରେ ତାଙ୍କର ତିରୋଧାନ ହେଲା । ତାଙ୍କ ସମୟରେ ଗ୍ରାମ୍ୟ ନାୟକମାନଙ୍କ ନିର୍ବାଚନ ଏକ ବିଶେଷ ଘଟଣା ।

ଚତୁର୍ଥ ବିକ୍ରମ ଦେବ (ଖ୍ରୀ. ୧୯୩୧ରୁ ୧୯୫୧) ସୂର୍ଯ୍ୟବଂଶର ଶେଷରାଜା ।

Digitized by PPRACHIN, SOA

ଷୋଡ଼ଶ ପରିଚ୍ଛେଦ

ଜୟପୁରର ମହାରାଜା ବିକ୍ରମ ଦେବ ବର୍ମା

ଜୟପୁର ଏକ ଇତିହାସ ପ୍ରସିଦ୍ଧ ଓଡ଼ିଆ ରାଜ୍ୟ । ଏହି ରାଜ୍ୟର ପୂର୍ବର ନାମ ନନ୍ଦପୁର । ନନ୍ଦପୁର ପ୍ରାଚୀନ ରାଜ୍ୟ ବିଷୟରେ ପୂର୍ବରୁ ଆଲୋଚିତ ହୋଇଛି । ଏହାର ରାଜଧାନୀ ନନ୍ଦପୁର ପ୍ରଥମେ ହାଲୁର ଘାଟୀ ଅଞ୍ଚଳରେ ଅବସ୍ଥିତ ପଟାଙ୍ଗୀ-ଠାରୁ ପ୍ରାୟ ୧୬ କିଲୋମିଟର ଦୂରରେ ଥିଲା । ଏହି ରାଜଧାନୀ ପ୍ରଥମେ ୧୬୫୦ରେ ଜୟପୁର, ଖ୍ରୀ ୧୭୧୧ରେ ନାରାୟଣ ପାଟଣା ଏବଂ ଶେଷରେ ଖ୍ରୀ. ୧୭୫୮ରେ ପୁଣି ଜୟପୁର ଠାରେ ସ୍ଥାୟୀ ଭାବରେ ପ୍ରତିଷ୍ଠିତ ହେଲା । ଏହା ପୂର୍ବରୁ ନନ୍ଦପୁର ଥିଲା ଏକ କ୍ଷୁଦ୍ର ରାଜ୍ୟ । ପରେ ଅନେକ ରାଜ୍ୟ, ଅଧିକାର ସୂତ୍ରରେ ଆସି ଏହା ସହିତ ମିଶି ତାର କଳେବର ବୃଦ୍ଧି କଲା । ସମ୍ଭବତଃ ସେହି ବିଜୟର ସ୍ମୃତି ସ୍ୱରୂପ ରାଜ୍ୟ ଏବଂ ରାଜଧାନୀର ନାମ ଜୟପୁର ହେଲା । ବର୍ତ୍ତମାନ 'ଜଗନ୍ନାଥ ସାଗର'ର ଦକ୍ଷିଣ ଦିଗରେ ଅବସ୍ଥିତ ଏକ ଗ୍ରାମର ନାମ ଜଇନଗର ବା ଜୟନଗର ବା ଜୈନନଗର । ଏହି ଅଞ୍ଚଳରେ ଅନେକଗୁଡ଼ିଏ ଜୈନ କୀର୍ତ୍ତି ବିଦ୍ୟମାନ ଥିବାରୁ ଜୈନମାନେ ବହୁ ସଂଖ୍ୟାରେ ବାସ କରୁଥିବାର ସୂଚନା ମିଳେ । ତେଣୁ ସେଥିପାଇଁ ତାର ନାମ ଜୈନନଗର ବା ଜୟନଗର ହୋଇଛି । ଆଉ କେତେକଙ୍କ ମତରେ ଏହି ଜୟନଗର ନାମରୁ ରାଜଧାନୀର ନାମ ଜୟପୁର ହୋଇଛି । ସେତେବେଳେ ଜୟପୁର ରାଜ୍ୟର କ୍ଷେତ୍ରଫଳ ତେର ହଜାର ବର୍ଗ ମାଇଲ ବା ୩୩୬୭୯ ବର୍ଗ କିଲୋମିଟର ଥିଲା । ଲୋକ ସଂଖ୍ୟା ଥିଲା ଦଶ ଲକ୍ଷରୁ ଅଧିକ ।

ସେତେବେଳେ ଓଡ଼ିଆ ଏବଂ ଓଡ଼ିଆଭାଷୀ ଆଦିମ ଜାତିର ସଂଖ୍ୟା ଶତକଡ଼ା ୯୬ ଜଣ । ତେଲୁଗୁ ଓ ମୁସଲମାନ ପ୍ରଭୃତି ଜାତିର ସଂଖ୍ୟା ଶତକଡ଼ା ଚାରିଜଣ ମାତ୍ର । ସେମାନେ ଚାକିରି ଓ ବ୍ୟବସାୟ ସୂତ୍ରରେ ଆସି ରହି ଯାଇଥିଲେ । ଏହି ରାଜ୍ୟର ଆୟ ପ୍ରାୟ ୨୦ ଲକ୍ଷ ଟଙ୍କା । ପ୍ରଜା ତାହାର ଉତ୍ପନ୍ନ ଶସ୍ୟରୁ ଅତି ଅଳ୍ପ ଅଂଶ ମାତ୍ର ରାଜକର ରୂପେ ପ୍ରଦାନ କରୁଥିଲା । ରାଜ୍ୟର ଅଧିକାଂଶ ଆୟ ବନ୍ୟ ବିଭାଗରୁ ଆସେ ।

୧୯୩୧ ଖ୍ରୀଷ୍ଟାବ୍ଦ ଫେବୃୟାରୀ ୨୦ ତାରିଖ ଦିନଟି ଜୟପୁର ପାଇଁ ଥିଲା ଏକ ଅଶୁଭ ଦିନ । ଜୟପୁର ମହାରାଜା ଚତୁର୍ଥ ରାମଚନ୍ଦ୍ର ଦେବ ତୀର୍ଥ ଭ୍ରମଣରେ

Digitized by PPRACHIN, SOA

ଯାଇଥିଲେ । ପବିତ୍ର ପ୍ରୟାଗ ଧାମରେ ତାଙ୍କର ଏହି ଦିନ ମହାପ୍ରୟାଣ ଘଟିଲା । ଚତୁର୍ଥ ରାମଚନ୍ଦ୍ର ଦେବ ନିଃସନ୍ତାନ ଥିଲେ । ତାଙ୍କ ମୃତ୍ୟୁ ପରେ ଏ ରାଜ୍ୟର ରାଜା କିଏ ହେବେ ସେ ବିଷୟରେ ବ୍ରିଟିଶ ସରକାର ଆଲୋଚନା କରି ଖ୍ରୀ. ୧୯୩୧ ଜୁନ ମାସ ପାଞ୍ଚ ତାରିଖରେ ବିକ୍ରମ ଦେବ ବର୍ମାଙ୍କୁ ଉପଯୁକ୍ତ ଉତ୍ତରାଧିକାରୀ ରୂପେ ମନୋନୀତ କରିଥିଲେ ।

ବଂଶାବଳୀ

୨ୟ ବିକ୍ରମ ଦେବ (ଖ୍ରୀ. ୧୮୨୫—୧୮୬୦)

ତୃତୀୟ ରାମଚନ୍ଦ୍ର ଦେବ (ଖ୍ରୀ. ୧୮୬୦—୧୮୮୯) — କୃଷ୍ଣଚନ୍ଦ୍ର ଦେବ

ତୃତୀୟ ବିକ୍ରମ ଦେବ (ଖ୍ରୀ. ୧୮୮୯—୧୯୨୦) — ବିକ୍ରମ ଦେବ ବର୍ମା

ଚତୁର୍ଥ ରାମଚନ୍ଦ୍ର ଦେବ (ଖ୍ରୀ. ୧୯୨୦—୧୯୩୧)

ଚତୁର୍ଥ ବିକ୍ରମ ଦେବ (ଖ୍ରୀ. ୧୯୩୧—୧୯୫୧)

ଜୟପୁର ରାଜବଂଶର ବଂଶଧର ରାଜା ୨ୟ ବିକ୍ରମ ଦେବ ଖ୍ରୀ. ୧୮୨୫ରୁ ଖ୍ରୀ. ୧୮୬୦ ପର୍ଯ୍ୟନ୍ତ ଜୟପୁରରେ ରାଜତ୍ୱ କରୁଥିଲେ । ସେହି ରାଜା କବି ସମ୍ରାଟ ବିକ୍ରମ ଦେବ ବର୍ମାଙ୍କର ପିତାମହ । ୧୮୬୦ ଖ୍ରୀଷ୍ଟାବ୍ଦରେ ମହାରାଜା ଦ୍ୱିତୀୟ ବିକ୍ରମ ଦେବଙ୍କ ମୃତ୍ୟୁ ପରେ ତାଙ୍କର ଜ୍ୟେଷ୍ଠପୁତ୍ର ତୃତୀୟ ରାମଚନ୍ଦ୍ର ଦେବ ଖ୍ରୀ. ୧୮୬୦ରେ ଜୟପୁର ସିଂହାସନରେ ଅଭିଷିକ୍ତ ହେଲେ । କୃଷ୍ଣଚନ୍ଦ୍ର ଦେବଙ୍କର ବଡ଼ ଭାଇଙ୍କ ସଙ୍ଗେ ମନାନ୍ତର ଯୋଗୁଁ କିପରି ଯାଇ ପ୍ରଥମେ ପଟ୍ଟଡାଲ ପେଟା ପରେ ନଗରୀକଟକରେ ଅବସ୍ଥାନ କଲେ ତାହା ପୂର୍ବରୁ ବର୍ଣ୍ଣିତ ହୋଇଛି । ତୃତୀୟ ରାମଚନ୍ଦ୍ରଙ୍କ ପରେ ତୃତୀୟ ବିକ୍ରମଦେବ ଏବଂ ତାଙ୍କ ପରେ ଚତୁର୍ଥ ରାମଚନ୍ଦ୍ର ଦେବଙ୍କ ରାଜ୍ୟ ଶାସନ ବିଷୟ ବର୍ଣ୍ଣିତ ହୋଇଛି ।

ଅଭିଷେକ ଉତ୍ସବ :

ଜୟପୁର ରାଜ୍ୟାଧୀଶ୍ୱର ରୂପେ ଖ୍ରୀ. ୧୯୩୧ ଜୁନ ପାଞ୍ଚ ତାରିଖରେ ବିକ୍ରମ ଦେବ ବର୍ମା ମାହେନ୍ଦ୍ର ମୁହୂର୍ତ୍ତରେ ରାଜସିଂହାସନରେ ଅଭିଷିକ୍ତ ହେଲେ । ପାରମ୍ପରିକ ରୀତିରେ ଏକ ବର୍ଣ୍ଣାଢ଼୍ୟ ଉତ୍ସବ ଜୟପୁର ରାଜନଅରରେ ଅନୁଷ୍ଠିତ ହୋଇଥିଲା ।

Digitized by PPRACHIN, SOA

ସେ ଦିନ ଜୟପୁର ନଗରୀ ଅପୂର୍ବ ଶୋଭା ଧାରଣ କରି ସ୍ୱପ୍ନପୁରୀରେ ପରିଣତ ହୋଇ-ଥିଲା । ଚତୁର୍ଥ ବିକ୍ରମ ଦେବ ରୂପେ ସେ ଜୟପୁର ସିଂହାସନ ଆରୋହଣ କରିଥିଲେ ।

ତା'ପରଦିନ ଦରବାର ବସିଲା । ରାଜ୍ୟର ସମସ୍ତ ଅଞ୍ଚଳରୁ ହଜାର ହଜାର ଲୋକ ନୂତନ ରାଜାଙ୍କୁ ଅଭିବାଦନ ଜଣାଇବାକୁ ଆସିଥିଲେ । ଅଶ୍ୱ, ହସ୍ତୀବୃନ୍ଦ ଅମୂଲ୍ୟ ସାଜସଜ୍ଜାରେ ମଣ୍ଡିତ ହୋଇ ଉତ୍ସବର ସୌନ୍ଦର୍ଯ୍ୟ ବୃଦ୍ଧି କରୁଥିଲେ । ସ୍ୱତନ୍ତ୍ର ଭାବେ ନିମନ୍ତ୍ରିତ ଅନ୍ୟାନ୍ୟ ରାଜ ପରିବାରର ବହୁ ବିଶିଷ୍ଟ ବ୍ୟକ୍ତି, ସ୍ୱଦେଶୀ, ବିଦେଶୀ, ନାନା ଶ୍ରେଣୀର ଲୋକେ ସମବେତ ହୋଇଥିଲେ । ଆବଶ୍ୟକ ରାଜ-କର୍ମଚାରୀ ନିଯୁକ୍ତି ସମୟରେ ରାଜ୍ୟର ଶିକ୍ଷିତ ଓଡ଼ିଆ ପ୍ରଜାଙ୍କ ବିଷୟ ପ୍ରଥମେ ବିଚାର କରିବେ ବୋଲି ମହାରାଜା ଦରବାରରେ ଘୋଷଣା କରିଥିଲେ ।

ରାଜ୍ୟ ଶାସନ :

ମହାରାଜା ବିକ୍ରମ ଦେବ ବର୍ମା ସିଂହାସନ ଆରୋହଣ କରି ସବୁ ପ୍ରଥମେ ରାଜ୍ୟର ତଥା ପ୍ରଜାମାନଙ୍କର ଅଭାବ ଅସୁବିଧା ପ୍ରତି ଦୃଷ୍ଟି ଦେଇଥିଲେ । ସେ ପ୍ରଜା-ମାନଙ୍କର ହିତ ଦୃଷ୍ଟିରୁ କେତେକ କଠୋର ଆଇନକୁ ସରଳ କରିଥିଲେ । କେତେକ କାର୍ଯ୍ୟର ଧାରା ପରିବର୍ତ୍ତନ କଲେ । ରାଜ୍ୟ ଶାସନରେ ସଂସ୍କାର ଆଣିଲେ । ପ୍ରଜାପୀଡ଼ାଦାୟକ କେତେକ ନିୟମ ଏକାବେଳେ ଉଠାଇ ଦେଇଥିଲେ ।

ପୂର୍ବେ ରାଜ ଦର୍ଶନ କିମ୍ବା ହାରଗୁହାରି ଜଣାଇବା ପାଇଁ ରାଜାଙ୍କ ପାଖକୁ ଆସିଲେ ସଙ୍ଗରେ ଭେଟି ସ୍ୱରୂପ କୌଣସି ପଦାର୍ଥ ବା ଅର୍ଥ ଆଣିବାକୁ ପଡ଼ୁଥିଲା । ମହାରାଜା ବିକ୍ରମ ଦେବ ବର୍ମା ସେ ପ୍ରଥାର ଉଚ୍ଛେଦ କରିଥିଲେ । ପ୍ରଜା ତା'ର ଭଲ ମନ୍ଦ ଗୁହାରି କରିବାକୁ ଆସିବ, ସେଥିପାଇଁ ତାକୁ କର ଦେବାକୁ ହେବ, ଏ ପ୍ରଥା ନ୍ୟାୟାନୁମୋଦିତ ନୁହେଁ ବୋଲି ତାଙ୍କର ହୃଦ୍‌ବୋଧ ହୋଇଥିଲା ।

ସିଂହାସନ ଆରୋହଣ ପରେ ସେ ତାଙ୍କର ନୂତନ ନଅରର ନିର୍ମାଣ କଲେ । ଧର୍ମରେ ମହାରାଜାଙ୍କର ଏକାଗ୍ର ନିଷ୍ଠା ଯୋଗୁଁ ସେ କେତେକ ମନ୍ଦିର ନିର୍ମାଣ କରାଇ ଥିଲେ । ଶାସ୍ତ୍ରଚର୍ଚ୍ଚା, ପଣ୍ଡିତ ପ୍ରୀତି, ଦାନ ଧର୍ମ, ଦେଶ ସେବା, ପରୋପକାର, ଗରିବ ଛାତ୍ରଙ୍କୁ ଶିକ୍ଷା ବିଷୟରେ ସହାୟତା ପ୍ରଦାନ, ସାହିତ୍ୟ ଆଲୋଚନା ଏବଂ ସତ୍ ସାହିତ୍ୟ ସୃଷ୍ଟି ଦିଗରେ ସେ ପ୍ରୋତ୍ସାହନ ଦେଉଥିଲେ ।

ଲେଖକ ଚିନ୍ତାମଣି ମହାନ୍ତି ମହାରାଜାଙ୍କର ରାଜ୍ୟ ଶାସନର ତୃତୀୟ ବର୍ଷରେ ଜୟପୁରକୁ ଆସିଥିଲେ । ସେ ନିଜର ଅନୁଭୂତି 'ଜୟପୁର' ପୁସ୍ତକରେ ପ୍ରକାଶ କରିଛନ୍ତି । ମହାରାଜାଙ୍କ ବିଷୟରେ ସେ ଲେଖିଛନ୍ତି, "ମହାରାଜା ବିକ୍ରମ ଦେବ ବର୍ମା ହରିସ୍ୱାମୀଙ୍କର ବରପୁତ୍ର, ପୁଣି କମଳା ମାତାଙ୍କର ଅଙ୍କ ମଣ୍ଡନ କରିଅଛନ୍ତି । ଉଭୟ ମାତାଙ୍କଠାରୁ ସେ ଦୁଇଟି ରାଜ୍ୟ ପ୍ରାପ୍ତ ହୋଇଅଛନ୍ତି । ଗୋଟିଏ ଜୟପୁର ରାଜ୍ୟ,

Digitized by PPRACHIN, SOA

ଅନ୍ୟଟି ସାରସ୍ୱତ ରାଜ୍ୟ । ଗୋଟିଏ ପାର୍ଥିବ, ଅନ୍ୟଟି ଜ୍ୟୋତିର୍ମୟ ଶାଶ୍ୱତ ରାଜ୍ୟ । ତାଙ୍କର ମୃତ୍ତିକା ରାଜ୍ୟଠାରୁ ସାରସ୍ୱତ ରାଜ୍ୟ ମଧ୍ୟ ବିପୁଳ ବିସ୍ତୃତ । ସାହିତ୍ୟ ସାଧନାର କ୍ଷେତ୍ର ସୀମାଜ୍ଞାତ ନ ହେଲେ ହେଁ ବିରାଟ । ଦୁଇ ମାତାଙ୍କଠାରୁ ସମାନ ଭାବରେ ସ୍ନେହ ଲାଭ କରି ସେ ଲକ୍ଷ୍ମୀ ସରସ୍ୱତୀଙ୍କ ବିରୋଧ ଅପବାଦର ବ୍ୟର୍ଥତା ପ୍ରମାଣ କରିଅଛନ୍ତି । ସେ ଉତ୍କଳର ବିକ୍ରମାଦିତ୍ୟ, ତାଙ୍କର ଯଶ, ଗୁଣ, ପ୍ରତିଭାର ସୌରଭରେ ଆକୃଷ୍ଟ ହୋଇ ସ୍ୱଦେଶୀ ବିଦେଶୀ ଅନେକ କବି, ପଣ୍ଡିତ, ଦାର୍ଶନିକ ପ୍ରଭୃତି ଜୟପୁରରେ ସମାଗତ ହେଲେ । ଜୟପୁର ଉତ୍କର୍ଷିମାର ସୌଭାଗ୍ୟ ଲାଭ କଲା ।" ପ୍ରକୃତରେ ଯେଉଁ ରାଜ୍ୟର ରାଜା ଏଭଳି ଗୁଣୀ, ସୁବିବେକବାନ୍, ଦୟାଳୁ, ସେ ରାଜ୍ୟ ଧନ୍ୟ ଏବଂ ସେ ରାଜ୍ୟର ପ୍ରଜା ଧନ୍ୟ ।

ସାହିତ୍ୟ

ମହାରାଜା ବିକ୍ରମ ଦେବ ବର୍ମାଙ୍କ ରାଜସଭା ଥିଲା ସାହିତ୍ୟାଲୋଚନାରେ ସତତ ମୁଖରିତ । ଉପସ୍ଥିତ ବିଦ୍ୱାନ ମଣ୍ଡଳୀ ସହ ସାହିତ୍ୟାଲୋଚନାରେ ବ୍ୟସ୍ତ ଥାଇ ମଧ୍ୟ ରାଜକର୍ମଚାରୀମାନଙ୍କୁ ଶାସନକାର୍ଯ୍ୟ ଦିଗ୍‌ଦର୍ଶନ ସେ ଦେଉଥିଲେ । ଏକ ସମୟରେ ବହୁ ସମସ୍ୟାର ସମାଧାନ କରିବାରେ ତାଙ୍କ ମଧ୍ୟରେ ବ୍ୟସ୍ତତା ପ୍ରକାଶିତ ହେଉ ନ ଥିଲା । ସେ ରାଜ୍ୟ ପାଳନର ଗୁରୁଦାୟିତ୍ୱ ମଧ୍ୟରେ "ବୃଦ୍ଧ ଚରିତ" ନାଟକଟି ରଚନା କରିପାରିଥିଲେ । ଏ ସମ୍ପର୍କରେ ପୂର୍ବେ ଆଲୋଚନା କରାଯାଇଛି ।

'ବୃଦ୍ଧ ଚରିତ' ପରେ ମହାରାଜାଙ୍କର ଉତ୍କଳ ସାହିତ୍ୟକୁ ମହାନ୍ ଦାନ ହେଲା, 'ଉତ୍କଳ କୁନ୍ଦମାଳା' । 'କୁନ୍ଦମାଳା' ଖଣ୍ଡିଏ ସଂସ୍କୃତ କାବ୍ୟ । କେଉଁ କାଳର ପୁରୁଣା ତାଳପତ୍ରରେ ଲିଖିତ କୀଟଦଷ୍ଟ ପୋଥିରୁ ଏହି ଅମୂଲ୍ୟ ସାରସ୍ୱତ ସମ୍ପତ୍ତିକୁ ଉଦ୍ଧାର କରି ବିକ୍ରମ ଦେବ ବର୍ମା ଧନ୍ୟବାଦର ପାତ୍ର ହୋଇଛନ୍ତି । ରାମାୟଣର ବିଷୟବସ୍ତୁ ହିଁ ଏହି ପୁସ୍ତକର ବର୍ଣ୍ଣିତ ବିଷୟ । ସଂସ୍କୃତରେ ଏପରି ଏକ ଅମୂଲ୍ୟ କାବ୍ୟ ଅଛି ବୋଲି ବୋଧହୁଏ ଅନେକ ଲୋକଙ୍କର ଧାରଣା ନ ଥିବ । ସେ ମଧ୍ୟ ସଂସ୍କୃତ କୁନ୍ଦମାଳା ଗ୍ରନ୍ଥର ଉତ୍କଳାନୁବାଦ କରି ଉତ୍କଳ ସାହିତ୍ୟକୁ ଦାନ କରିଅଛନ୍ତି । ଏହା ଅନୂଦିତ ଗ୍ରନ୍ଥ ହେଲେ ମଧ୍ୟ ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ ଏବଂ ବୈଚିତ୍ର୍ୟରେ ମୂଳ ଗ୍ରନ୍ଥଠାରୁ କମ୍ ନୁହେଁ । ଏହି ପୁସ୍ତକଟି ସୂକ୍ଷ୍ମ କାବ୍ୟ କଳାରେ ପରିପୂର୍ଣ୍ଣ । ରସ, ଯମକ, ଅନୁପ୍ରାସ ଯଥାସ୍ଥାନରେ ସନ୍ନିବେଶିତ ହୋଇଅଛି ।

ମହାରାଜା ବିକ୍ରମ ଦେବ ବର୍ମା ଅନେକଗୁଡ଼ିଏ ଗଦ୍ୟ, ପଦ୍ୟ, ପ୍ରବନ୍ଧ ଲେଖି ମାସିକ, ସାପ୍ତାହିକ ଓ ଦୈନିକ ପତ୍ରପତ୍ରିକାରେ ପ୍ରକାଶ କରୁଥିଲେ । ତାଙ୍କର ରଚନାବଳୀ ତତ୍କାଳୀନ ଉତ୍କଳ ସାହିତ୍ୟ, ସହକାର, ରସଚକ୍ର, ନବଭାରତ, ଶିଶିର, ନବୀନ, ଦୈନିକ ଆଶା ଓ ଇଂରେଜୀ ଦୈନିକ ନିଉ ଓଡ଼ିଶା ପ୍ରଭୃତି ଉତ୍କଳର ପ୍ରସିଦ୍ଧ ପତ୍ରପତ୍ରିକାରେ ପ୍ରକାଶିତ ହେଉଥିଲା । ତାଙ୍କର ଅସାଧାରଣ

Digitized by PPRACHIN, SOA

ସାହିତ୍ୟିକ ପ୍ରତିଭା ଏବଂ ପାଣ୍ଡିତ୍ୟରେ ମୁଗ୍ଧ ହୋଇ "ଆନ୍ଧ୍ର ଭାରତୀ ତୀର୍ଥ ସମାଜ" ଖ୍ରୀ. ୧୯୩୩ରେ ତାଙ୍କୁ 'ସାହିତ୍ୟ ସମ୍ରାଟ' ଉପାଧିରେ ଅଳଂକୃତ କରିଥିଲା ।

ସାର୍ବଜନୀନ ଶିକ୍ଷା ଓ ସାହିତ୍ୟର ଉନ୍ନତି ପାଇଁ ଆନ୍ଧ୍ର ବିଶ୍ୱବିଦ୍ୟାଳୟକୁ ବାର୍ଷିକ ଏକ ଲକ୍ଷ ଟଙ୍କା ସେ ଦାନ କରୁଥିଲେ । ଏଭଳି ଦାନ ସେତେବେଳେ ଓଡ଼ିଶାରେ ଦୁର୍ଲ୍ଲଭ ଥିଲା । ସତ୍ ସାହିତ୍ୟ ପ୍ରଚାର ପାଇଁ ସେ ଅନେକ ସାହାଯ୍ୟ କରିଥିଲେ । ସାହିତ୍ୟୋନ୍ନତି ପାଇଁ ସେ ପାଠାଗାରକୁ ଅର୍ଥ ଏବଂ ପୁସ୍ତକ ସାହାଯ୍ୟ କରିଥିଲେ । ନବରଙ୍ଗପୁର ପାଠାଗାର ନିର୍ମାଣ ପାଇଁ ସେତେବେଳେ ସେ ଏକ ସହସ୍ର ମୁଦ୍ରା ଦାନ କରିଥିଲେ । ପଣ୍ଡିତ ନୀଳକଣ୍ଠ ଦାସଙ୍କ ସମ୍ପାଦିତ 'ନବଭାରତ' ମାସିକ ପତ୍ର ତାଙ୍କର ଦାନରେ ପ୍ରତିଷ୍ଠିତ । ଏହାର ପରିଚାଳନା ପାଇଁ ସେ ପାଞ୍ଚ ହଜାର ଟଙ୍କା ଦାନ କରିଥିଲେ । ଡାକ୍ତର ମୁଞ୍ଜେଙ୍କ ହିନ୍ଦୁ ସୈନିକ ଶିକ୍ଷାଶାଳା ପାଇଁ ତିନି ହଜାର ଟଙ୍କା ଏବଂ ବିଶ୍ୱକବି ରବୀନ୍ଦ୍ରନାଥଙ୍କ ଶାନ୍ତି ନିକେତନକୁ ପାଞ୍ଚ ହଜାର ଟଙ୍କା ଦାନ କରିଥିଲେ । ବାଣପୁର ହାଇସ୍କୁଲକୁ ସେ ଦୁଇ ହଜାର ଟଙ୍କା ଦାନ କରିଥିଲେ ।

ପୂର୍ଣ୍ଣଚନ୍ଦ୍ର ଭାଷାକୋଷ :

ମହାରାଜା ବିକ୍ରମ ଦେବ ବର୍ମା "ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ"ର ପଞ୍ଚମ ଖଣ୍ଡର ମୁଦ୍ରଣ ନିକାଶେ ଦଶ ହଜାର ଟଙ୍କା ଦାନ କରିଥିଲେ । ଏ ସମ୍ବନ୍ଧରେ ସେତେବେଳର 'ସତ୍ୟ ସମାଚାର' ପତ୍ରିକାର ୯୮ଶ ସଂଖ୍ୟା ପଞ୍ଚମ ଭାଗରେ ଲେଖାଅଛି—

"ଜୟପୁର ମାନନୀୟ ରାଜା ଶ୍ରୀ ବିକ୍ରମ ଦେବ ବର୍ମା 'ସାହିତ୍ୟ ସମ୍ରାଟ' ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷର ଜଣେ ବିଶିଷ୍ଟ ପୃଷ୍ଠପୋଷକ ଅଟନ୍ତି । ଜୟପୁର ରାଜଗାଦି ଅଧିକାର କରିବା ପୂର୍ବରୁ ଭାଷାକୋଷ ପ୍ରତି ବିହାର-ଓଡ଼ିଶା ସରକାରଙ୍କ ଦୃଷ୍ଟି ରାଜାସାହେବ ପ୍ରଥମେ ଆକର୍ଷଣ କରିଥିଲେ । ଜୟପୁର ଅଞ୍ଚଳ ପ୍ରଚଳିତ ବହୁଶତ ଓଡ଼ିଆ ପ୍ରାଦେଶିକ ଶବ୍ଦ ରାଜାସାହେବ ନିଜେ ସରକାରଙ୍କୁ ଯୋଗାଇ ଅଛନ୍ତି । ଭାଷାକୋଷର ବିଶିଷ୍ଟ ପୃଷ୍ଠପୋଷକ ରୂପେ ତାଙ୍କର ପ୍ରତିକୃତି ପ୍ରଥମ ଖଣ୍ଡରେ ପ୍ରକାଶିତ ହୋଇଥିଲା ଓ ଚତୁର୍ଥ ଖଣ୍ଡ ତାଙ୍କ ନାମରେ ଉତ୍ସୃଷ୍ଟ ହୋଇଅଛି । ଭାଷାକୋଷର ପଞ୍ଚମ ଖଣ୍ଡର ମୁଦ୍ରଣାଦି ବ୍ୟୟ ନିର୍ବାହାର୍ଥ ସେ ବିଶିଷ୍ଟ ଭାବରେ ଅର୍ଥ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତ ହୋଇଥିଲେ । ଆନନ୍ଦର ବିଷୟ ଯେ, ରାଜାସାହେବ ଉକ୍ତ ପ୍ରତିଶ୍ରୁତି ରକ୍ଷା କରି ଭାଷାକୋଷର ପଞ୍ଚମ ଖଣ୍ଡର ପ୍ରକାଶାର୍ଥ ବର୍ତ୍ତମାନ ଛ' ହଜାର ଟଙ୍କା ନଗଦ ଦେଇଅଛନ୍ତି ଓ ଭାଷାକୋଷର ପରବର୍ତ୍ତୀ ଖଣ୍ଡମାନଙ୍କ ସମାପ୍ତ ପୂର୍ବରୁ ଆଉ ଚାରି ହଜାର ଟଙ୍କା ସାହାଯ୍ୟ ଦେବାକୁ ଆଶା ଦେଇଅଛନ୍ତି । ଜୟପୁର ରାଜାସାହେବଙ୍କ ଏହି ଉଦାର ଦାନ ପାଇଁ

Digitized by PPRACHIN, SOA

ଆମ୍ଭେମାନେ ତାଙ୍କୁ କୃତଜ୍ଞତା ଅର୍ପଣ କରୁଅଛୁ । ରାଜା ସାହେବ ମୁକ୍ତ ହସ୍ତ ହୋଇ ନ ଥିଲେ ଭାଷାକୋଷର ପଞ୍ଚମ ଖଣ୍ଡର ମୁଦ୍ରଣ କର୍ମ ତେର ପଡ଼ିଯାଇଥାନ୍ତା ।”

"ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ”ର ଚତୁର୍ଥ ଖଣ୍ଡ ମହାରାଜା ବିକ୍ରମ ଦେବ ବର୍ମାଙ୍କ ଅର୍ଥାନୁକୂଲ୍ୟରେ ପ୍ରକାଶିତ । ଭାଷାକୋଷର ସଂଗ୍ରାହକ ସୁପ୍ରସିଦ୍ଧ ସାହିତ୍ୟିକ ଗୋପାଳ ଚନ୍ଦ୍ର ପ୍ରହରାଜ, ବି. ଏଲ୍. ତାଙ୍କ ଉପହାର ପତ୍ରରେ ଲେଖିଛନ୍ତି—

"The fourth of Purna Chandra Oriya Vasakosa is dedicated with kind permission to Sahitya Samrat Raja Vikramadeva Varma, Raja Saheb, Jeypore Estate, District-Vizag. who is rightly looked upon as the Vikramaditya of Utkal, whose burning patriotism has impelled him to devite himself to life long service in the cause of the Oriya nation with a rare tenacity of purpose, who has during the last forty years identified himself with the movement for the unification of the Oriya speaking tracts whose Catholic Munificence in the cause of education and for the all round progress of the Oriya nation has made him the pride and glory of ten millions of Oriyas, who is himself a great poet and author of renown and who has been a staunch and active supporter of this laxicon.

CUTTACK JUNE 1934	In grateful regard by his humble admirer The Compiler

"ଯେଉଁ ଉଦାରଚେତା ମହାମନୀଷୀ ଉତ୍କଳ ସାହିତ୍ୟାକାଶରେ ସମ୍ପ୍ରତି ଶାରଦ ସୁଧାଂଶୁ ରୂପେ ବିରାଜିତ ରହି ଉତ୍କଳ କବିହୃଦ କୈରବ କୁଳକୁ ବିକଶିତ କରିଅଛନ୍ତି, ଖଣ୍ଡବିଖଣ୍ଡ ମାତୃଭୂମିର ଏକୀକରଣ କଳ୍ପନାରେ ଯେ ଗତ ୪୦ ବର୍ଷ ହେଲା ଆତ୍ମାପ୍ରାଣ ନିଯୋଗ କରିଅଛନ୍ତି, ଯାହାଙ୍କର ଉଦାର ହୃଦୟ ଓ ପ୍ରଶସ୍ତ ଦାନର ପୂର୍ଣ୍ଣ ନିଦର୍ଶନ ସମସାମୟିକ ଉତ୍କଳର ଜାତୀୟ ଇତିହାସରେ ସ୍ୱର୍ଣ୍ଣବର୍ଣ୍ଣା-

Digitized by PPRACHIN, SOA

ବଳୀରେ ରକ୍ଷିତ ହୋଇ ରହିବ, ରାଜଶ୍ରୀ ଲାଭ ପୂର୍ବେ ଯାହାଙ୍କଠାରୁ ଅକିଞ୍ଚନ ସଂଗ୍ରାହକ ଏହି ଭାଷାକୋଷର ସଂକଳନ ପାଇଁ ଯଥେଷ୍ଟ ଉତ୍ସାହ ଲାଭ କରି ଧନ୍ୟଂମନ୍ୟ ହୋଇଅଛି, ଭାରତବିଶ୍ରୁତକୀର୍ତ୍ତି ବିକ୍ରମାଦିତ୍ୟକଳ୍ପ ଉତ୍କଳ ସାହିତ୍ୟ ସମ୍ରାଟ ବିଶାଖପତ୍ତନ ଅନ୍ତର୍ଗତ ଜୟପୁର ରାଜ୍ୟାଧୀଶ୍ୱର ମହାରାଜା ଶ୍ରୀ ଶ୍ରୀ ଶ୍ରୀ ବିକ୍ରମ ଦେବ ବର୍ମା ମହୋଦୟଙ୍କ ମହନୀୟ କରକମଳରେ ତାଙ୍କର ସାନୁଗ୍ରହ ଅନୁମତି ସହି ଭାଷା କୋଷର ଚତୁର୍ଥ ଖଣ୍ଡ ଅର୍ପିତ ହେଲା ।”

ସେ ସଦ୍‌ଗ୍ରନ୍ଥ ପ୍ରକାଶନ ପାଇଁ ଅକୁଣ୍ଠ ଚିତ୍ତରେ ଦାନ କରୁଥିଲେ । ସେ କବିଶେଖର ଚନ୍ଦ୍ରାମଣି ମହାନ୍ତଙ୍କ ଗ୍ରନ୍ଥାବଳୀର ପ୍ରଧାନ ପୃଷ୍ଠପୋଷକ । ନୀଳକଣ୍ଠ ଦାଶଙ୍କ ‘ନବଭାରତ’କୁ ତାଙ୍କର ଦାନ ଅତୁଳନୀୟ । ସେ ବୈକୁଣ୍ଠନାଥ ପଟ୍ଟନାୟକଙ୍କ କବିତା ବହି ଓ ଲକ୍ଷ୍ମୀନାରାୟଣ ସାହୁଙ୍କ Hill Tribes of Jeypore ତାଙ୍କର ନିଜ ଖର୍ଚ୍ଚରେ ଛପାଇଥିଲେ । ସେ ତେଲୁଗୁ ପଣ୍ଡିତମାନଙ୍କୁ ସହସ୍ର ସହସ୍ର ଟଙ୍କା ଦାନ କରିଥିଲେ । ତାଙ୍କର ଅନ୍ଧ୍ର ସାହିତ୍ୟକୁ ଅମୂଲ୍ୟ ଦାନ “କୃଷ୍ଣାର୍ଜ୍ଜୁନ ଚରିତମ୍” କାବ୍ୟ ଏବଂ “ମାନବତୀ ଚରିତମ୍” ନାଟକ ଯାହା ଆନ୍ଧ୍ର ବିଶ୍ୱବିଦ୍ୟାଳୟ କଲେଜ ଗୁଡ଼ିକରେ ପାଠ୍ୟ ।

ସେ ମେଡିକାଲ ଶିକ୍ଷା ପାଇଁ କଟକ ମେଡିକାଲ କଲେଜକୁ ୧ ଲକ୍ଷ ୩୦ ହଜାର ଟଙ୍କା ଅକୁଣ୍ଠରେ ଦାନ କରିଥିଲେ ଏବଂ ତାଙ୍କର ବିଶାଖାପାଟଣାର କିଙ୍ଗ୍ସ ଚିକିତ୍ସାଳୟ ପାଇଁ ଦାନ ମଧ୍ୟ ଅତୁଳନୀୟ । Industrial Museum ଏବଂ ଆନ୍ଧ୍ର ରଙ୍ଗମଞ୍ଚ ତାଙ୍କର ଅକ୍ଷୟ କୀର୍ତ୍ତି ।

ମହାରାଣୀ :

ଜୟପୁରାଧୀଶ୍ୱର ମହାରାଣୀ ସ୍ୱାରଦେବୀ ପଟ୍ଟମହାଦେବୀ ମହାରାଜ ବିକ୍ରମ ଦେବ ବର୍ମାଙ୍କର ଉପଯୁକ୍ତ ସହଧର୍ମିଣୀ । ତାଙ୍କ ବିଷୟରେ ପୂର୍ବରୁ ବର୍ଣ୍ଣିତ ହୋଇଅଛି । ମହାରାଣୀ ସ୍ୱାରଦେବୀ ପାଟଣାର ଚୌହାନ ବଂଶଜା । ସେ ବଲାଙ୍ଗୀର ପାଟଣା ରାଜ୍ୟର ତତ୍‌କାଳୀନ ମହାରାଜାଙ୍କର ପିତୃବ୍ୟପୁତ୍ର ନରକାର ସିଂହଦେବଙ୍କ କନ୍ୟା । ଚୌହାନ ରାଜବଂଶ ବତ୍ସସ ଗୋତ୍ରୀୟ କୁଳୀନ କ୍ଷତ୍ରିୟ । ଜୟପୁର ରାଜବଂଶ ସୂର୍ଯ୍ୟବଂଶୀୟ ଭରଦ୍ୱାଜ ଗୋତ୍ରୀୟ ବିଶୁଦ୍ଧ କ୍ଷତ୍ରିୟ । କଥାରେ ଅଛି ‘ଦୁହିତା ଦୁଇ କୁଳକୁ ହିତା’ । ଚୌହାନ ବଂଶର କନ୍ୟା ସୂର୍ଯ୍ୟବଂଶର ବୋହୂ ହୋଇ ସୂର୍ଯ୍ୟବଂଶକୁ ଆଲୋକିତ କରିଛନ୍ତି । ତାଙ୍କର ପିତୃକୁଳ ଓ ପତିକୁଳ ଉଭୟ ପବିତ୍ର ଏବଂ ପ୍ରାଚୀନ ।

ପତି ଯେଉଁପରି ତପସ୍ୱୀ, ପତ୍ନୀ ସେହିପରି ତପସ୍ୱିନୀ । ସ୍ୱାର ଦେବୀ ଧର୍ମାନୁଷ୍ଠାନରେ ସ୍ୱାମୀଙ୍କର ଉତ୍ତରସାଧିକା । ଓଷା, ବାର, ପୂଜେଇ, ବ୍ରତ, ପୂଜା ପର୍ବରେ

Digitized by PPRACHIN, SOA

ଅଧିକାଂଶ ଦିନ ତାଙ୍କର ଉପବାସରେ ବ୍ୟୟିତ ହୁଏ । ସେ ରାଜରାଣୀ ହୋଇ ମଧ୍ୟ ସେବାଦାସୀ ପରି ନିଜକୁ ଭାବୁଥିଲେ । ଯେପରି ରାଜମହିଷୀ କୁଳରେ ପ୍ରାତଃସ୍ମରଣୀୟା ସୀତା, ସାବିତ୍ରୀ, ଦମୟନ୍ତୀ ପ୍ରଭୃତି ଜନ୍ମଲାଭ କରିଥିଲେ, ସେହିପରି ସ୍ୱର୍ଣ୍ଣଦେବୀ ରାଜମହିଷୀ ହୋଇ ଉଚ୍ଚାଦର୍ଶ ପ୍ରଦର୍ଶନ କରିଯାଇଅଛନ୍ତି । ସେ ନିଜ ହାତରେ ସ୍ୱାମୀସେବା ନ କଲେ ତୃପ୍ତ ହୁଅନ୍ତି ନାହିଁ । ଏହା ବ୍ୟତୀତ ସେ ଅନେକ ଦେବ-ଦେବୀଙ୍କ ପୂଜା କରୁଥିଲେ । ଦାସଦାସୀମାନଙ୍କୁ ପୁତ୍ରକନ୍ୟା ପରି ସ୍ନେହ କରୁଥିଲେ । ସେମାନଙ୍କୁ ଦିନେ ହେଲେ ପଦେ କଟୁ କଥା କହୁନାହାନ୍ତି ।

ମହାରାଣୀ ସ୍ୱର୍ଣ୍ଣଦେବୀ ପ୍ରତ୍ୟହ ମହାଲକ୍ଷ୍ମୀ ଓ ଦୁର୍ଗା ଦେବୀଙ୍କର ପୂଜା ନିଷ୍ଠାର ସହ କରନ୍ତି । ପ୍ରତି ରବିବାର ଦିନ ମହାରାଣୀ ସୂର୍ଯ୍ୟପୂଜା କରନ୍ତି । ସେ ଦିନରେ ଥରେ ମାତ୍ର ହବିଷାନ୍ନ ଭୋଜନ କରନ୍ତି । ସେ ଶିକ୍ଷିତା, ଓଡ଼ିଆ ଓ ତେଲୁଗୁ ଭାଷାରେ ତାଙ୍କର ଉତ୍ତମ ପ୍ରବେଶ ଥିଲା । ସେ ପୁରାଣ ଧର୍ମଗ୍ରନ୍ଥ ଅଧ୍ୟୟନ କରନ୍ତି । ସେ ଚବିଶ ଏକାଦଶୀ ବ୍ରତ ପାଳନ କରୁଥିଲେ ।

ମହାରାଜା ବିକ୍ରମ ଦେବ ବର୍ମାଙ୍କ ଅମଳରେ ପ୍ରଜାମାନେ ସୁଖରେ ବସବାସ କରୁଥିଲେ । ତାଙ୍କର ନ୍ୟାୟ ବିଚାରରେ ପ୍ରଜା ଓ କର୍ମଚାରୀ ସମସ୍ତେ ସନ୍ତୁଷ୍ଟ । ତାଙ୍କର ନୀତିବାକ୍ୟଗୁଡ଼ିକ ବହୁତ ଉପାଦେୟ—

ଜନକ ଉପନୟନ କର ଭୟ-ତ୍ରାତା ।
ଅନ୍ନଦ ଉପାଧ୍ୟାୟ ଏ ପାଞ୍ଚଜଣ ପିତା ॥

ଜନନୀ ଜ୍ୟେଷ୍ଠଜ-ପତ୍ନୀ କଳତ୍ରର ମାତା ।
ଗୁରୁପତ୍ନୀ ନୃପପତ୍ନୀ ଏ ଅଟନ୍ତି ମାତା ॥

ଅନାଥ ପ୍ରେତ ସଂସ୍କାର ଦରିଦ୍ରରେ ଦାନ ।
ଆର୍ତ୍ତିରକ୍ଷଣ ଏ ଚାରି ଯଜ୍ଞର ସମାନ ॥

ଦୁଷ୍ଟା ଭାର୍ଯ୍ୟା କୁଟ ମିତ୍ର ସର୍ପାନ୍ବିତ ପୁର ।
ଅବଶୀଭୂତ ଭୃତ୍ୟ ପ୍ରାଣ ନାଶ କର ॥

ମିତ୍ରଧନ ଜଳାଶୟ ପଣ୍ଡିତ ବୈଦ୍ୟମାନ ।
ଜନପଦ ହୁଏ ନାହିଁ ବାସଯୋଗ୍ୟ ସ୍ଥାନ ॥

ବେଦ ପଠନର ଫଳ ଅଗ୍ନି କାର୍ଯ୍ୟ ଜାଣ ।
ଧନ ସମ୍ପାଦନ ଫଳ ଭୋଗ ଏବଂ ଦାନ ॥

ଦାର ଗ୍ରହଣର ଫଳ ସନ୍ତାନୋତ୍ପାଦନ ।
ଶାସ୍ତ୍ର ପଠନର ଫଳ ସଚ୍ଚରିତ୍ରାଚରଣ ॥

Digitized by PPRACHIN, SOA

ମୂଢ଼ ଗୃହେ ଗ୍ରାମଣୀ ସ୍ୱଗ୍ରାମେ ଧଗ୍ୱବର ।
ସ୍ୱଦେଶେ ଧୀର ସର୍ବତ୍ର ପୂଜିତ ନକର ॥

ନଖି ଦନ୍ତ ଶୃଙ୍ଗି ଲଜ୍ଜାହୀନା ବିଦ୍ୟାଯୁତ ।
ଦୁର୍ଜନ ସର୍ବତ୍ର ତ୍ୟାଜ୍ୟ ହେବା ସମୁଚିତ ॥

ମାତୃହୀନ ଶିଶୁପ୍ରାଣ କଳତ୍ର ରହିତ ।
ଯୌବନ ଶାନ୍ତ ବିହୀନ ତପ ବ୍ୟର୍ଥ ସତ ॥

ମଣ୍ଡନକୁ ବସ୍ତ୍ର ଜନ ଚିତ୍ତକ ସୁଗୁଣ ।
ସ୍ତ୍ରୀ କି ଲଜ୍ଜା ବ୍ୟଞ୍ଜନକୁ ଲବଣ ପ୍ରଧାନ ॥

ଗୁଣବତୀ କାନ୍ତା ଶିଶୁ ମୃଦୁଲ ବଚନ ।
ପ୍ରୀତି ପ୍ରଦତ୍ତ ଭୋଜନ ଅମୃତ ସମାନ ॥

ଦାରିଦ୍ର୍ୟ ବାର୍ଦ୍ଧକ୍ୟ ଚୌର୍ଯ୍ୟ ଭିକ୍ଷା ରୋଗ ଋଣ ।
ବାର୍ଦ୍ଧକ୍ୟେ ଯୁବତୀ ଭାର୍ଯ୍ୟା ଉଚ୍ଛିଷ୍ଟ ଭୋଜନ ॥

ଏ ଆଠୋଟି ଅଷ୍ଟ କଷ୍ଟ ବୋଲି ମର୍ତ୍ତ୍ୟେ ଖ୍ୟାତ ।
ଏମାନଙ୍କରୁ ବର୍ଜିତ ନର ପୁଣ୍ୟବନ୍ତ ॥

ମଶା ମାଛି ଝିଙ୍କ ବେଶ୍ୟା ଭିକ୍ଷୁକ ମୂଷିକ ।
କରଗ୍ରାହୀ ଚୋର ନରମାନଙ୍କ ପୀଡ଼କ ॥

ସତୀ ଭାର୍ଯ୍ୟା କୀର୍ତ୍ତିଯୁକ୍ତ ସୁତ ହିତକର ।
କ୍ଷୀଣ କଷ୍ଟହର ମିତ୍ର ବିଶ୍ୱସ୍ତ କିଙ୍କର ॥

ଆବଶ୍ୟକ ବିତ୍ତ କ୍ଷୀର ସମ୍ପଦ ଗୋ-ବ୍ରାତ ।
ଉର୍ବର କ୍ଷେତ୍ର ଏ ଆଠ ଅଷ୍ଟୈଶ୍ୱର୍ଯ୍ୟ ସତ ॥

ଧନୀ କୁଟୁମ୍ବରେ ପ୍ରଭୁ ସଭାରେ ଅଧ୍ୟକ୍ଷ ।
ବନ୍ଧୁ ବାନ୍ଧବ ଦୃଷ୍ଟିରେ ଅଟେ ଅତି ଦକ୍ଷ ॥

କବି ବିକ୍ରମ ଦେବ ବର୍ମା ମୁକୁଟମଣ୍ଡିତ ସମ୍ରାଟ ହୋଇ ମଧ୍ୟ ସାଧାରଣ ଜୀବନରେ ଅତି ନମ୍ର ଓ ବିନୟୀ ହୋଇ ନିରାଡ଼ମ୍ବର ଜୀବନଯାପନ କରୁଥିଲେ । ସେ କହୁଥିଲେ, ଯେ ସଦାପବିତ୍ର ତାର ଅଭିଷେକ କଣ ଦରକାର—

"ପରମ ପବିତ୍ରକୁ ଅଭିଷେକ କାହିଁକି ?
ଦିଗ୍‌ବସନକୁ କିମ୍ପା ବସ୍ତ୍ର ଯୁଗ୍ମ ।
ପଙ୍କ ନାଶକୁ ପଙ୍କସୁନ୍ନ କି ହେତୁରୁ ।
ଭସ୍ମ ଲେପକୁ କିମ୍ପା ମଳୟଗନ୍ଧ ।

Digitized by PPRACHIN, SOA

ବ୍ୟୋମକେଶଙ୍କୁ ପୁଷ୍ପ ନଚମ୍ପ କ ହେତୁରୁ ।
ଧୂପ କର୍ପାଇ ଶ୍ମଶାନ ଗୃହକୁ ।
ଦୀପ ଜାଳିକି ବହ୍ନି ସୂର୍ଯ୍ୟେନ୍ଦୁ ନେତ୍ରକୁ ।
ବିଷ-ଭକ୍ଷକଙ୍କୁ କର୍ପା ମିଷ୍ଟ ଭୋଜ୍ୟ
ଈଶପାଦ ନୀରଜରେ ଭକ୍ତ କଳିତ ।
ମାନସର ସମର୍ପଣ ମାତ୍ର ସମୁପଯୁକ୍ତ ।
ଦମୂପଚ୍ଚର ସମାରୋହ ଅନୁପଯୁକ୍ତ ।
ପଣ୍ଡିତେ ଚିତ୍ତରେ ଭଲେ ଯାଜନ କର ।”

କବି ବିକ୍ରମ ଦେବ ବର୍ମା ଜଣେ ସ୍ୱଦେଶପ୍ରେମୀ । ସେ ତାଙ୍କର ନିଜ ଜନ୍ମ-ଭୂମି କପରି ମନୋହର ତାହା ଦର୍ଶାଇଛନ୍ତି ।

“ସେ ଭାରତ ଆମ୍ଭର । ପ୍ରପଞ୍ଚବର । ପ ।
ଧରଣୀରେ ଯେ ନନ୍ଦନ । ଯହିଁ ଆମ୍ଭେ ଖଗଗଣ ।
ଅଭାବ କର ଖଣ୍ଡନ । ସୁଖେ କରୁ ବିହରଣ । ୧ ।
ଦେଶ ରକ୍ଷଣ ନିମିତ୍ତ । ଦ୍ୱାସ୍ଥ ପରି ଅବିରତ ।
ଉତ୍ତରେ ଥିବା ଉନ୍ନତ । ହିମାଳୟ ଗିରିଯୁତ । ୨ ।
ଦକ୍ଷିଣ ମହାସାଗର । ପୂର୍ବାପରୋପସାଗର ।
ବାହୁଯୁଗେ ନିରନ୍ତର । ଆଲିଙ୍ଗି ଥିବା ଭୂସ୍ଥଳ । ୩ ।
ଭାଗୀରଥୀ ଗୋଦାବରୀ । କୃଷ୍ଣା ଯମୁନା କାବେରୀ ।
ପ୍ରଭୃତି ନଦୀଙ୍କ ବାରି । ଯହିଁ ଶସ୍ୟ ଦିଏ ଭରି । ୪ ।
ଯେ ସର୍ବଧର୍ମୀ ସୋଦର । ଭାବେ ଥିବା ପାଇଁ ପୁର ।
ପ୍ରିୟ ଯେ ଶ୍ରୀ ବିକ୍ରମର । ଜନ୍ମସ୍ଥାନ ମନୋହର । ୫ ।”

ସ୍ୱଦେଶପ୍ରେମୀ ବିକ୍ରମ ଦେବ ବର୍ମା ତାଙ୍କର ନିଜ ରାଜ୍ୟର ପ୍ରଜାମାନଙ୍କୁ ଠିକ୍ ଭାବରେ ଜାଣିଥିଲେ । ସେମାନଙ୍କ ଭିତରେ ଥିବା ଦେଶଭକ୍ତ ଓ ଦେଶଦ୍ରୋହୀ-ମାନଙ୍କ ବିଷୟରେ ତାଙ୍କର ଠିକ୍ ଧାରଣା ଥିଲା ।

“କେତେ ଦେଶଭକ୍ତ ଦ୍ୱିଭାବେ ବିଭକ୍ତ
ନରମ ଚରମ ପନ୍ଥୀ
ଉଦାସୀନ କେତେ ଦେଶଦ୍ରୋହୀ କେତେ
ଏ ଦେଶେ ଏବେ ଅଛନ୍ତି ।”

Digitized by PPRACHIN, SOA

ବିକ୍ରମ ଦେବ ବର୍ମାଙ୍କ ଅନ୍ତିମ ଜୀବନ :

ବିକ୍ରମ ଦେବ ବର୍ମା, ନିଜ ଜାମାତା କୁମାର ବିଦ୍ୟାଧର ସିଂହଦେଓଙ୍କର କନିଷ୍ଠ ପୁତ୍ର "ରାମକୃଷ୍ଣ ଦେବ"ଙ୍କୁ ଖ୍ରୀ ୧୯୩୫ରେ ପୋଷ୍ୟପୁତ୍ର ରୂପେ ଗ୍ରହଣ କରିଥିଲେ । ମହାରାଜା ତାଙ୍କର ଶେଷ ଜୀବନ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ଥିଲେ । ଏପରିକି ୮୦ ବର୍ଷ ବୟସରେ କଟକଠାରେ, ଉତ୍କଳ ବିଶ୍ୱବିଦ୍ୟାଳୟର ୧୯୪୯ ମସିହାର ସମାବର୍ତ୍ତନ ଉତ୍ସବରେ ଏକ ସାରଗର୍ଭକ ଦୀକ୍ଷାନ୍ତ ଭାଷଣ ଦେଇଥିଲେ । ଏହା ଥିଲା ତାଙ୍କ ଜୀବନର ଶେଷ ଭାଷଣ । ମହାରାଜା ବିକ୍ରମ ଦେବ ବର୍ମା ୮୨ ବର୍ଷ ବୟସରେ ଖ୍ରୀ. ୧୯୫୧ ଏପ୍ରିଲ ୧୪ ତାରିଖରେ ଇହଲୀଳା ସମ୍ବରଣ କଲେ । ମୃତ୍ୟୁ ବେଳକୁ ପୋଷ୍ୟପୁତ୍ର ରାମକୃଷ୍ଣ ଦେବ ନାବାଳକ ଥିବାରୁ, ଜୟପୁର ରାଜ୍ୟ କୋର୍ଟ ଅଫ୍ ୱାର୍ଡସ ଅଧୀନରେ ରହିଲା । ଖ୍ରୀ. ୧୯୫୨ରେ କୋର୍ଟ୍ ଅଫ୍ ୱାର୍ଡସ ଉଠିଗଲା ଏବଂ ଜୟପୁର ଜମିଦାରୀକୁ ଓଡ଼ିଶା ସରକାରଙ୍କ ହସ୍ତରେ ଅର୍ପଣ କରିଥିଲେ । ପ୍ରାଚୀନ ନନ୍ଦପୁର ତଥା ଆଧୁନିକ ଜୟପୁର ରାଜ୍ୟର ଶେଷ ମହାରାଜା ରୂପେ ଗୌରବ ଅର୍ଜନ କରିଛନ୍ତି ସୂର୍ଯ୍ୟବଂଶର ମହାରାଜା ବିକ୍ରମ ଦେବ ବର୍ମା ।

Digitized by PPRACHIN, SOA

ସହାୟକ ଗ୍ରନ୍ଥସୂଚୀ

୧ । ଶ୍ରୀ ବିକ୍ରମ ଦେବ ବର୍ମା ରଚନାବଳୀ, ପ୍ରଥମ ଭାଗ, ପ୍ରଥମ ସଂସ୍କରଣ ।

୨ । ଶ୍ରୀ ବିକ୍ରମ ଦେବ ବର୍ମା ରଚନାବଳୀ, ଦ୍ୱିତୀୟ ଭାଗ, ପ୍ରଥମ ସଂସ୍କରଣ ।

୩ । ଜୟପୁର—କବିଶେଖର ଚିନ୍ତାମଣି ମହାନ୍ତି
(କୋରାପୁଟ ଶାଖାର ଶ୍ରୀକ୍ଷେତ୍ର ସଂସ୍ଥା ପ୍ରକାଶିତ) ।

୪ । ସାହିତ୍ୟ ସମ୍ରାଟ ବିକ୍ରମ ଦେବ ବର୍ମା—ପଦ୍ମଚରଣ ସାହୁ, ପ୍ରଥମ ସଂସ୍କରଣ, ୧୯୯୫ । (ପ୍ରକାଶକ—ଆଶା ପୁସ୍ତକାଳୟ, ବ୍ରହ୍ମପୁର-୧)

୫ । ଓଡ଼ିଶାରେ ବୌଦ୍ଧଧର୍ମ—ଡଃ ନବୀନ କୁମାର ସାହୁ, ଓଡ଼ିଶା ସାହିତ୍ୟ ଏକାଡେମୀ ।

୬ । ଓଡ଼ିଶାର ପ୍ରତ୍ନତତ୍ତ୍ୱ ଓ ଅନ୍ୟାନ୍ୟ ପ୍ରବନ୍ଧ—୧ମ ଭାଗ,
ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ।

୭ । ଶତାବ୍ଦୀ ପୁରୁଷ କୃଷ୍ଣଚନ୍ଦ୍ର ଗଜପତି—ପଦ୍ମଚରଣ ସାହୁ,
ପ୍ରଥମ ସଂସ୍କରଣ, ୧୯୯୨ ।

୮ । ଜୈନ ଧର୍ମ ଓ ସଂସ୍କୃତି—ଅଶୋକ କୁମାର ରଥ, ପ୍ରଥମ ସଂସ୍କରଣ, ୧୯୯୧ ।

୯ । ପ୍ରାଚୀନ ଉତ୍କଳ, ପ୍ରଥମ ଭାଗ—ଜଗବନ୍ଧୁ ସିଂହ ।

୧୦ । ଶ୍ରୀ ଜଗନ୍ନାଥ ସଂସ୍କୃତି—ଓଡ଼ିଶା କଲଚରାଲ୍ ଫୋରମ, ଭୁବନେଶ୍ୱର ।

୧୧ । ଉତ୍କଳ ଇତିହାସ – ପଣ୍ଡିତ କୃପାସିନ୍ଧୁ ମିଶ୍ର ।

୧୨ । ଖଡ଼ିଆଳର ଇତିହାସ— ଶ୍ରୀମତୀ ରାଜଶ୍ରୀ ଦେବୀ ।

1. Orissa District Gazetters, Koraput.

2. Orissa District Gazetters, Bolangir
by N. Senapati and N. K. Sahu.

3. Orissa District Gazetters, Kalahandi,
by N. Senapati and N. K. Sahu

4. Indian History and Culture, Vol.-I,
B.S.L. Hanumanth Rao & K. Basaveswar Rao.

5. The Simhachalam Temple—Dr. K. Sundaram,
A publication of the Simhachalam Devasthanam

Digitized by PPRACHIN, SOA

6. Our Documentary Heritage, Vol.-IV, Orissa State Archives, Bhubaneswar, 1997.
   Some aspects of Cultural History of Orissa, (British policy towards cultural institutions of Orissa—by R. N. Dash).
7. Early Stone Temples of Orissa—Vidya Dehegia.
8. Temples of Mukhalingam—by Douglas Barrett.
9. History of Orissa—Dr. N. K. Sahu, Dr. P. K. Mishra, Dr. J. K. Sahu.
10. Souvenir—Vikram Dev College, Jeypore, Golden Jubilee—1997.

ନିର୍ମାଲ୍ୟ—ଜଗନ୍ନାଥ ମିଶନ ମୁଖପତ୍ର—ପଞ୍ଚମ ବର୍ଷ, ୧୯୮୭, ଶ୍ରୀଗୁଣ୍ଡିଚା ବିଶେଷାଙ୍କ । କୋରାପୁଟ ଇତିହାସରେ ଶ୍ରୀଜଗନ୍ନାଥ ଓ ଶ୍ରୀଗୁଣ୍ଡିଚା—
ଶ୍ରୀମତୀ ବାସନ୍ତୀ ସିଂହ ।

କୋଣାର୍କ—ନିଖିଳ ଉତ୍କଳ ଲେଖକ ସମ୍ମିଳନୀ ବିଶେଷାଙ୍କ, ଓଡ଼ିଶା ସାହିତ୍ୟ ଏକାଡେମୀ, ୯୧ତମ ସଂଖ୍ୟା, ଡିସେମ୍ବର ୧୯୯୩ ।

Digitized by PPRACHIN, SOA



ନନ୍ଦପୁର ରାଜ୍ୟ
ଦଣ୍ଡପୁର-କୋରାପୁଟ
ନନ୍ଦପୁର
କୋରାପୁଟ
ଜୟପୁର
ପାର୍ବତୀପୁର
ବବିଲି
ସାଲୁର
ପଟାଙ୍ଗୀ
ମାଥିଲି
ମାଲକାନଗିରି
ମୋଟୁ
ପାଡେରୁ
ମାଡୁଗୁଲ
ବିଶାଖାପାଟନା
ବିଜୟନଗର
ଶ୍ରୀକାକୁଳମ
ଗୁଣପୁର
ରାୟଗଡା
ବିଷମକଟକ
କାଶୀପୁର
ଦଶମନ୍ତପୁର
ଲକ୍ଷ୍ମୀପୁର
ନାରାୟଣପାଟଣା
ପାରଳାଖେମୁଣ୍ଡି
ନଉରଙ୍ଗପୁର
କୋଟପାଡ
ଉମରକୋଟ
ରାମପୁର
ନରଲା
ଭବାନୀପାଟଣା
ଅମ୍ବାଡୋଳା
ବୋରିଗୁମା
ବୈପାରୀଗୁଡ଼ା
ଦନ୍ତେଗିରି
ବାଲିମେଲା
କାଲିମେଲା
ରାୟପୁର